

'ରାମାୟଣ'
ସାଇପଲ୍ଲବୀଙ୍କୁ କ୍ୟାରିୟରର ସବୁଠୁ ଅଧିକ ଫି'
▶ପୃଷ୍ଠା-୧୨ ଦେଖନ୍ତୁ...

• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-42 ◆WEDNESDAY ◆5 AUGUST 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୪ ◆ସଂଖ୍ୟା-୪୨ ◆ବୁଧବାର ◆୫ ଅଗଷ୍ଟ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ଉଦୟନିଧି ଷ୍ଟାଲିନ୍‌ଙ୍କୁ ଗିରଫ ପରେ ଛାଡ଼ିଲା ପୁଲିସ୍

■ଚେନ୍ନାଇ, ୪।୮ (ଏଜେନ୍ସି): ତାମିଲନାଡୁର ଚର୍ଚ୍ଚିତ ଅଭିନେତ୍ରୀ ତ୍ରିଶାଙ୍କ ବିରୋଧରେ ଅଶାଳୀନ ମନ୍ତବ୍ୟ ଦେବା ଅଭିଯୋଗରେ ଡିଏମକେ ନେତା ଉଦୟନିଧି ଷ୍ଟାଲିନଙ୍କୁ ପୁଲିସ ଗିରଫ କରିଛି। ମଙ୍ଗଳବାର ତାଙ୍କ ବିରୋଧରେ ମାମଲା ରୁଜୁ ହେବାର କିଛି ସମୟ ମଧ୍ୟରେ ଚେନ୍ନଇ ପୁଲିସ ତାଙ୍କ ବାସଭବନ ବାହାରୁ ତାଙ୍କୁ ହେପାଜତକୁ ନେଇଥିଲା। ତେବେ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ତାଙ୍କୁ ଜାମିନ୍‌ରେ ଛାଡ଼ି ଦିଆଯାଇଛି। କାବେରୀ ନଦୀ ବିବାଦକୁ ନେଇ ଆୟୋଜିତ ଏକ ପ୍ରତିବାଦ ସଭାରେ ଉଦୟନିଧି



ଅଭିନେତ୍ରୀ ତ୍ରିଶାଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ ଅଭିଯୋଗ

ଷ୍ଟାଲିନ୍ ଭାଷଣ ଦେଉଥିଲେ। ଏହି ସମୟରେ ସେ ମୁଖ୍ୟମନ୍ତ୍ରୀ ବିଜୟଙ୍କ ସରକାରକୁ ସମାଲୋଚନା କରିବା ସହ ଅଭିନେତ୍ରୀ ତ୍ରିଶାଙ୍କ ସମ୍ପର୍କରେ ଏକ ଦ୍ୱିଅର୍ଥବୋଧକ ମନ୍ତବ୍ୟ ଦେଇଥିଲେ। ଏହି ଘଟଣାକୁ ଅଭିନେତ୍ରୀଙ୍କ ପ୍ରତି ଅତ୍ୟନ୍ତ ଅପମାନଜନକ ବୋଲି ବିବେଚନା କରାଯାଉଛି। ବିଭିନ୍ନ ରାଜନୈତିକ ଦଳ ଉଦୟନିଧିଙ୍କ ମନ୍ତବ୍ୟର ତୀବ୍ର ସମାଲୋଚନା କରିଛନ୍ତି। କିନ୍ତୁ ସେ କୌଣସି ଅଶାଳୀନ ମନ୍ତବ୍ୟ ଦେଇ ନାହାନ୍ତି ବୋଲି ଉଦୟନିଧି କହିଛନ୍ତି। ତେବେ ହାଇକୋର୍ଟରେ ଏହି ମାମଲା ପହଞ୍ଚିବା ▶ପୃଷ୍ଠା-୧୦

## ତୃଣମୂଳ କଂଗ୍ରେସ ବିଦ୍ରୋହୀ ଗୋଷ୍ଠୀରେ ଫାଟ

■ ନୂଆଦିଲ୍ଲୀ, ୪।୮ (ଏଜେନ୍ସି): ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ରୁ ଅଲଗା ହୋଇ ପୃଥକ ଗୋଷ୍ଠୀ ଗଠନ କରିବା ସହିତ ଏନ୍‌ସିପିଆଇରେ ସାମିଲ ହୋଇଥିବା ୨୦ ଜଣିଆ ସାଂସଦ ଗୋଷ୍ଠୀ ମଧ୍ୟରେ ଫାଟ ସୃଷ୍ଟି ହୋଇଛି। ଗୋଷ୍ଠୀର ତିନି ଜଣ ସାଂସଦ ଏନ୍‌ଡିଏ ବୈଠକକୁ ଯିବାଲାଗି ମନାକରି ଦେଇଛନ୍ତି। ସେମାନେ ଏନ୍‌ଡିଏ କିମ୍ବା ବିଜେପି ସହିତ ନାହାନ୍ତି ବୋଲି ସ୍ପଷ୍ଟ କରିଛନ୍ତି। ଆଜି ଏଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଏନ୍‌ଡିଏର ସାପ୍ତାହିକ

ଏନ୍‌ଡିଏ ବୈଠକରେ ଯୋଗଦେବାକୁ ମନାକଲେ ୩ ସାଂସଦ

'ମଙ୍ଗଳ ମିଳନ' ବୈଠକ ହୋଇଥିଲା। ଏଥିରେ ଅନ୍ୟ ସମସ୍ତ ଟିଏମସି ବିଦ୍ରୋହୀ ସାଂସଦ ସାମିଲ ହୋଇଥିଲେ ମଧ୍ୟ ଗୋଷ୍ଠୀର ତିନି ଜଣ ସାଂସଦ ଯିବାକୁ ମନା କରିଦେଇଥିଲେ। ଏହି ସାଂସଦ ହେଲେ ଖଲିଲୁର ରହେମାନ, ଅବୁ ତାହିର ଖାନ ଏବଂ ୟୁସୁଫ୍ ପଠାନ। ଗତ ଜୁଲାଇ ୨୮ ରେ ଅନୁଷ୍ଠିତ ଏଭଳି ବୈଠକକୁ ମଧ୍ୟ ସେମାନେ ଯାଇନଥିଲେ। ଏସଂପର୍କରେ ସଫେଇ ଦେଇ ମୁର୍ଶିଦାବାଦ ସାଂସଦ ତାହିର ଖାନ୍ କହିଛନ୍ତି ଯେ, ଆମେ ଏନଡିଏ ସହିତ ନାହୁଁ, କି ବିଜେପିରେ ମଧ୍ୟ ଯୋଗ ▶ପୃଷ୍ଠା-୧୦

ମେଳି ବାନ୍ଧିଛନ୍ତି ଚୀନ, ପାକିସ୍ତାନ

# ଭାରତ ସୀମାରେ ସମରସଜ୍ଜା

### ଷ୍ଟିଲ୍‌ଥ ଜେଟ୍, ଅତ୍ୟାଧୁନିକ ତୋପ ମୁତୟନ ■ ସ୍ଥିତି ଉପରେ ନଜର ରହିଛି: ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ

■ ନୂଆଦିଲ୍ଲୀ, ୪।୮ (ଏଜେନ୍ସି): ଭାରତର ଉତ୍ତର ଓ ପଶ୍ଚିମ ଉଭୟ ସୀମାରେ ଚୀନ ଏବଂ ପାକିସ୍ତାନର ବର୍ଦ୍ଧିତ ସାମରିକ ଗତିବିଧି ଦେଶର ସୁରକ୍ଷା ପାଇଁ ଏକ ନୂତନ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଉପଗ୍ରହରୁ ମିଳିଥିବା ଚିତ୍ର ଅନୁଯାୟୀ, ଚୀନ ଭାରତ ସୀମା ନିକଟରେ ଅତିକମରେ ୧୭ଟି ଜେ-୨୦ 'ମାଇଟି ଡ୍ରାଗନ' ଷ୍ଟିଲ୍‌ଥ ଯୁଦ୍ଧ ବିମାନ ମୁତୟନ କରିଛି। ଅନ୍ୟପଟେ, ପାକିସ୍ତାନ ମଧ୍ୟ ଚୀନଠାରୁ କିଣିଥିବା ୨୫୦ଟି ଏସ୍‌ଏଚ୍-୧୫ ସ୍ୱୟଂଚାଳିତ ହାଉିଜର୍ ତୋପ ଭାରତୀୟ ସୀମାରେ ମୁତୟନ କରିଥିବା ଜଣାପଡ଼ିଛି। ଏହି ଦୁଇ ପଡ଼ୋଶୀ ଦେଶର ଏଭଳି ଗତିବିଧି ସନ୍ଦେହଜନକ ପରିସ୍ଥିତି ସୃଷ୍ଟି କରିଛି। ତେବେ ଭାରତ ସରକାର ଏସଂପର୍କରେ ସଜାଗ ଅଛନ୍ତି ଏବଂ ଯେକୌଣସି ପରିସ୍ଥିତିର ମୁକାବିଲା ଲାଗି ସଂପୂର୍ଣ୍ଣ ରୂପେ ପ୍ରସ୍ତୁତ ବୋଲି କହିଛନ୍ତି।

ଉପଗ୍ରହ ଚିତ୍ରରୁ ସ୍ପଷ୍ଟ ହୋଇଛି ଯେ ଚୀନ ଜୁନ୍ ଶେଷ ଏବଂ ଜୁଲାଇ ପ୍ରଥମ ସପ୍ତାହ ମଧ୍ୟରେ ୨ଟି ପ୍ରମୁଖ ବାୟୁସେନା ଘାଟିରେ ଏହି ଅତ୍ୟାଧୁନିକ ବିମାନଗୁଡ଼ିକୁ ମୁତୟନ କରିଛି। ସିନଜିଆଙ୍ଗର ହୋଟାନ ଏୟାରବେସରେ ୭ଟି ଏବଂ ତିବ୍ବତର ଦାମସୁଙ୍ଗ ଏୟାରବେସରେ ୪ଟି ଜେ-୨୦ ବିମାନ ଦେଖିବାକୁ ମିଳିଛି। ଏହି ବିମାନଗୁଡ଼ିକୁ ଭାରତ ଆଡ଼କୁ ଲକ୍ଷ୍ୟ କରି ମୁତୟନ କରାଯାଇଛି। ହୋଟାନ ବେସ୍ ଲଦାଖର ଦୌଲତ ବେଗ



ଓଲ୍ଡିଠାରୁ ମାତ୍ର ୨୪୫ କିଲୋମିଟର ଦୂରରେ ଅବସ୍ଥିତ। ଏହି ଜେ-୨୦ ବିମାନଗୁଡ଼ିକର ବିଶେଷତ୍ୱ ହେଉଛି ଏହାର ଷ୍ଟିଲ୍‌ଥ ଗୁଣ। ଏହା ରାଡାର୍ ନଜରରୁ ବଞ୍ଚି ଶତ୍ରୁପକ୍ଷର ଆକାଶମାର୍ଗରେ ପ୍ରବେଶ କରିପାରେ। ଭାରତ ପାଖରେ ବର୍ତ୍ତମାନ ରାଫେଲ ଭଳି ଶକ୍ତିଶାଳୀ ବିମାନ ଥିଲେ ହେଁ, ଏହା ଷ୍ଟିଲ୍‌ଥ ନୁହେଁ। ଭାରତର ନିଜସ୍ୱ ଷ୍ଟିଲ୍‌ଥ ବିମାନ ଏଏମ୍‌ସିଏ ନିର୍ମାଣ ପାଇଁ ଅତିକମରେ ଆହୁରି ୧୦ ବର୍ଷ ସମୟ ଲାଗିବ ବୋଲି ଅନୁମାନ କରାଯାଉଛି।

ସେହିଭଳି ବାୟୁସେନା ସହିତ ସ୍ଥଳଭାଗରେ ମଧ୍ୟ ପାକିସ୍ତାନ ନିଜର ଶକ୍ତି ବୃଦ୍ଧି କରୁଛି। ଚୀନରୁ ଆମଦାନୀ ହୋଇଥିବା ୨୫୦ଟି ଏସ୍‌ଏଚ୍-୧୫ ତୋପକୁ ପାକିସ୍ତାନ ଭାରତୀୟ ସୀମାର ଗୁଜରାନୱାଲା, ସିଆଲକୋଟ ଏବଂ ଜେଲମ୍‌ପୁର ଜଙ୍ଗଲ ସେକ୍ଟରରେ ମୁତୟନ କରିଛି। ଏହି ୧୫୫ ମିଲିମିଟରର ତୋପଗୁଡ଼ିକ ପ୍ରାୟ ୫୦ କିଲୋମିଟରରୁ ଅଧିକ ଦୂରତା ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିବାରେ ସକ୍ଷମ। ଏହି ମୁତୟନ ବିଶେଷ କରି ଭାରତର ପଞ୍ଜାବ ଓ ଜାମ୍ମୁ-କାଶ୍ମୀର ସୀମା ନିକଟରେ କରାଯାଇଛି।

ସେପଟେ ଏହି ଘଟଣା ଉପରେ ପ୍ରତିକ୍ରିୟା ରଖି ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପ୍ରବକ୍ତା ରଣଧୀର ଜୈସୱାଲ କହିଛନ୍ତି ଯେ, 'ଦେଶର ଜାତୀୟ ସ୍ୱାର୍ଥ ରକ୍ଷା ପାଇଁ ଯାହା କିଛି ଆବଶ୍ୟକ, ଭାରତ ସେସବୁ କରିବ'। ସେ ଆହୁରି ମଧ୍ୟ କହିଛନ୍ତି ଯେ, ସୀମାପାର ଆତଙ୍କବାଦକୁ ରୋକିବା ପାଇଁ ଭାରତ ସବୁବେଳେ ସତର୍କ ଅଛି ଏବଂ ପୂର୍ବରୁ ଅପରେସନ ସିନ୍ଦୂର ମାଧ୍ୟମରେ ପାକିସ୍ତାନକୁ ଉପଯୁକ୍ତ ଜବାବ ଦିଆଯାଇଛି। ନିଜର ପ୍ରତିରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଭାରତ ମଧ୍ୟ କାର୍ଯ୍ୟ କରୁଛି। ଭାରତୀୟ ସେନା ପକ୍ଷରୁ ଏମ୍୭୭୭ ଅଲଟ୍ରା-ଲାଇଟ୍ ହାଉିଜର୍, କେ-୨ ବଜ୍ର ଏବଂ ସ୍ୱଦେଶୀ ଧନୁଷ ତୋପଗୁଡ଼ିକୁ ସେନାରେ ସାମିଲ କରାଯାଇଛି। ଏହା ବ୍ୟତୀତ ଭାରତ ନିଜସ୍ୱ 'ମାଉଣ୍ଟେଡ୍ ଗନ୍ ସିଷ୍ଟମ୍'ର ବିକାଶ କରୁଛି ଯାହା ଚୀନର ଏସ୍‌ଏଚ୍-୧୫ ଭଳି ପ୍ରଭାବଶାଳୀ ହେବ। ଚୀନ ଓ ପାକିସ୍ତାନ ମଧ୍ୟରେ ବଢ଼ୁଥିବା ସାମରିକ ସହଯୋଗ ଭାରତ ପାଇଁ 'ଦୁ-ଫ୍ରଣ୍ଟ ୱାର୍' ବା ଦ୍ୱିମୁଖୀ ଯୁଦ୍ଧର ପରିସ୍ଥିତି ସୃଷ୍ଟି କରିପାରେ। ତଥାପି, ଭାରତ ନିଜର ସୀମା ସୁରକ୍ଷା ପ୍ରତି ଅତ୍ୟନ୍ତ ସତର୍କ ରହିଛି ଏବଂ ଆବଶ୍ୟକ ପଡ଼ିଲେ ଯେକୌଣସି ପରିସ୍ଥିତିର ମୁକାବିଲା କରିବାକୁ ପ୍ରସ୍ତୁତ ବୋଲି ସ୍ପଷ୍ଟ କରିଛି।

## ଇ-୨୦ ପେଟ୍ରୋଲକୁ ବିରୋଧ

### ପ୍ରଧାନମନ୍ତ୍ରୀ ଆବାସ ଅଭିମୁଖେ କେଜ୍ରିୱାଲଙ୍କ ପଦଯାତ୍ରାକୁ ଅଟକାଇଲା ପୁଲିସ



■ ନୂଆଦିଲ୍ଲୀ, ୪।୮ (ଏଜେନ୍ସି): ଇ-୨୦ ପେଟ୍ରୋଲ ସମସ୍ୟାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଲକ୍ଷାଧିକ ଜନସାଧାରଣଙ୍କ ସାକ୍ଷରିତ ଆବେଦନ ପତ୍ର ପ୍ରଦାନ କରିବାକୁ ଯାଉଥିବା ଆମ ଆଦମୀ ପାର୍ଟି (ଆପ୍) ସଂଯୋଜକ ଅରବିନ୍ଦ କେଜ୍ରିୱାଲଙ୍କୁ ମଙ୍ଗଳବାର ଦିଲ୍ଲୀ ପୁଲିସ ଅଧାବାଟରେ ଅଟକାଇଛି। ପ୍ରାୟ ୧୦୦ ଜଣ ସମର୍ଥକଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ବାସଭବନ ଅଭିମୁଖେ ଶାନ୍ତିପୂର୍ଣ୍ଣ ପଦଯାତ୍ରା କରୁଥିବା ବେଳେ ପୁଲିସ ତାଙ୍କୁ ଅଟକାଇଥିଲା। କେଜ୍ରିୱାଲ କହିଥିଲେ, 'ଆମେ ଆତଙ୍କବାଦୀ ନୁହେଁ। ଆମେ ଇ-୨୦ ଇନ୍ଧନ ସମସ୍ୟା ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିବାକୁ ଚାହୁଁଛୁ।'

ଆପ୍ ନେତା ସୌରଭ ଭରଦ୍ୱାଜଙ୍କ ଅନୁଯାୟୀ, ଦେଶର ପ୍ରାୟ ୨ ଲକ୍ଷ ୩୩ ହଜାରରୁ ଅଧିକ ଲୋକ ଇ-୨୦ ପେଟ୍ରୋଲ ବିରୋଧରେ ଏହି ଆବେଦନ ପତ୍ରରେ ସ୍ୱାକ୍ଷର କରିଛନ୍ତି। କେଜ୍ରିୱାଲ ଦାବି କରିଛନ୍ତି ଯେ, ଇ-୨୦ ବ୍ୟବହାର ଯୋଗୁଁ ଗାଡ଼ିଗୁଡ଼ିକରେ ବିଭିନ୍ନ ଯାନ୍ତ୍ରିକ ସମସ୍ୟା ଦେଖାଦେଉଛି। ଗତ ମାସରେ ସେ ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ ପାଇଁ ଅନୁମତି ମାଗି ଏକ ପତ୍ର ଲେଖିଥିଲେ ମଧ୍ୟ କୌଣସି ଉତ୍ତର ନମିଳିବାରୁ ସେ ବ୍ୟକ୍ତିଗତ ଭାବେ ଏହି ପିଟିସନ ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଥିଲେ। ପେଟ୍ରୋଲ ପମ୍ପଗୁଡ଼ିକରେ ଶୁଦ୍ଧ ପେଟ୍ରୋଲ ଏବଂ ଇ-୨୦ ଇନ୍ଧନ ମଧ୍ୟରୁ ଯେକୌଣସି ଗୋଟିଏକୁ ▶ପୃଷ୍ଠା-୧୦

### ବଦଳିବ ଓଡ଼ିଶା ବିପର୍ଯ୍ୟୟ ପ୍ରଶମନ ବାହିନୀର ନାଁ

## ଓଡ୍ରାଫ୍ ହେବ ଏସ୍‌ଡିଆର୍‌ଏଫ୍

■ ଭୁବନେଶ୍ୱର, ୪।୮ (ସମିସ): ଓଡ଼ିଶା ବିପର୍ଯ୍ୟୟ ପ୍ରଶମନ ବାହିନୀ (ଓଡ୍ରାଫ) ର ନାମ ବଦଳାଇବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ବାହିନୀକୁ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବାହିନୀ/ ଷ୍ଟେଟ୍ ଡିଜାଷ୍ଟର୍ ରେସପନ୍ସ ଫୋର୍ସ୍ (ଏସ୍‌ଡିଆର୍‌ଏଫ୍) ଭାବେ ନାମିତ କରାଯିବ। ଏହାକୁ ବିପର୍ଯ୍ୟୟ ମୁକାବିଲା ପାଇଁ ଏକ ସମ୍ପୂର୍ଣ୍ଣ ସମର୍ପିତ ବାହିନୀରେ ପରିଣତ କରିବା ଦିଗରେ ପର୍ଯ୍ୟାୟକ୍ରମେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିବା ସହ ରାଜସ୍ୱ ବିଭାଗ ଆଜି ଏନେଇ ଏକ ସୂଚନା ଦେଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ



ଗଠନ ହେବ ସ୍ୱତନ୍ତ୍ର ବାଟାଲିୟନ, ପରିଚାଳନା ପାଇଁ ସ୍ୱତନ୍ତ୍ର ଅଧିକାରୀ

ଏସ୍‌ଡିଆର୍‌ଏଫ୍ ଭାବେ ଓଡ୍ରାଫ୍ ପାଇଁ ଜାରି ହେବ ନୂତନ ଏସ୍‌ଓପି

ଅଧ୍ୟକ୍ଷତାରେ ବସିଥିବା ବୈଠକରେ ଓଡ୍ରାଫ ପାଇଁ ସ୍ୱତନ୍ତ୍ର ବାଟାଲିଅନ୍ ଗଠନ ସହିତ ଏହାର ନେତୃତ୍ୱ ଓ ପରିଚାଳନା ପାଇଁ ଜଣେ ସ୍ୱତନ୍ତ୍ର ଅଧିକାରୀ ନିଯୁକ୍ତ କରିବାକୁ ନିଷ୍ପତ୍ତି ହୋଇଛି। ୧୯୯୯ ମସିହା ମହାବାତ୍ୟା ପରେ ବିପର୍ଯ୍ୟୟ ସମୟରେ ଓଡ଼ିଶା ସାମ୍ନା କରିଥିବା ବଡ଼ ବିପଦ ଓ ଏହାର ସ୍ଥାୟୀ ମୁକାବିଲା ପାଇଁ ଓଡ୍ରାଫର ପରିକଳ୍ପନା କରାଯାଇଥିଲା। ▶ପୃଷ୍ଠା-୧୦

## ବୈଧ ବୀମା ନ ଥିଲେ ମିଳିବନି ପେଟ୍ରୋଲ

■ନୂଆଦିଲ୍ଲୀ, ୪।୮ (ଏଜେନ୍ସି): ବୈଧ ବୀମା ନଥିଲେ କୌଣସି ଗାଡ଼ିକୁ ପେଟ୍ରୋଲ/ଡିଜେଲ ଦିଆନି। ସୁପ୍ରିମ କୋର୍ଟ ଆଜି କେନ୍ଦ୍ର ସରକାରଙ୍କୁ ଏଭଳି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ଭାରତୀୟ ରାସ୍ତାରେ ଗଡ଼ୁଥିବା ପ୍ରାୟ ୫୬ ପ୍ରତିଶତ (୧୭.୫ କୋଟି) ଗାଡ଼ିର ବୀମା ନାହିଁ ବୋଲି ସରକାରୀ ରିପୋର୍ଟ ମିଳିବା ପରେ ଏଥିରେ ଉଦ୍‌ବେଗ ପ୍ରକାଶ କରି ସର୍ବୋଚ୍ଚ ଅଦାଲତ ଏଭଳି ନିର୍ଦ୍ଦେଶ ଦେଇ କହିଛନ୍ତି ଯେ କେନ୍ଦ୍ର ସରକାର ଏ ସଂପର୍କରେ ତୁରନ୍ତ ପାଇଲଟ ପ୍ରକଳ୍ପ ଆରମ୍ଭ କରନ୍ତୁ। ବୈଧ ବୀମା ନ ଥିଲେ ପେଟ୍ରୋଲ ପମ୍ପରେ ଗାଡ଼ିଗୁଡ଼ିକୁ ତେଲ ମିଳିବ ନାହିଁ। ଦୁର୍ଘଟଣା ସଂକ୍ରାନ୍ତ ମାମଲାର ଶୁଣାଣି ବେଳେ ଜଷ୍ଟିସ ସଞ୍ଜୟ କାରୋଲ ଏବଂ ▶ପୃଷ୍ଠା-୧୦

ରାଜ୍ୟ ସରକାରଙ୍କୁ ଏଲ୍‌ନିନୋ ଚିନ୍ତା

## ବନ୍ଦହେବ ଜଳ ବିଦ୍ୟୁତ୍ ଉତ୍ପାଦନ

■ ଭୁବନେଶ୍ୱର, ୪।୮ (ସମିସ): ଏଲ୍‌ନିନୋର ସମ୍ଭାବ୍ୟ ପ୍ରଭାବକୁ ନେଇ ପାଣିପାଗ ବିଜ୍ଞାନୀ ଓ କୃଷି ବିଶେଷଜ୍ଞମାନେ ବିଭିନ୍ନ ପ୍ରକାରର ଆକଳନ କରୁଥିବା ବେଳେ ସରକାରୀ ସ୍ତରରେ ଏହାର ମୁକାବିଲା ପାଇଁ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ ହେଉଛି। ଏହିକ୍ରମରେ ରାଜ୍ୟ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଜଳଭଣ୍ଡାରଗୁଡ଼ିକରେ ଜଳସ୍ତର କମିଲେ ଏଣିକି ଜଳବିଦ୍ୟୁତ୍ ଉତ୍ପାଦନ ବନ୍ଦ ରହିବ। ଏହାବଦଳରେ ପାନୀୟ ଜଳ ଏବଂ ଜଳସେଚନକୁ ପ୍ରାଧାନ୍ୟ ଦିଆଯିବ। ଗତ ୨୦ ତାରିଖରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏନେଇ ଗୁରୁତ୍ୱାରୋପ କରିଥିଲେ। ସେହି ଅନୁଯାୟୀ ଜଳସମ୍ପଦ ବିଭାଗ ପକ୍ଷରୁ ବିଭାଗୀୟ

◆ ପାନୀୟଜଳ ଓ ଜଳସେଚନକୁ ଦିଆଯିବ ପ୍ରାଥମିକତା
◆ ଜଳଭଣ୍ଡାର ଉପରେ ରଖାଯିବ ୨୪ ଘଣ୍ଟିଆ ନଜର



ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ଚିଠି ଲେଖାଯାଇ ଆବଶ୍ୟକ ନିର୍ଦ୍ଦେଶ ଜାରି କରାଯାଇଛି। ସୂଚନା ଅନୁଯାୟୀ, ଗତ ୨୦ ତାରିଖରେ ଏ ସଂକ୍ରାନ୍ତରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀ ରାଜ୍ୟର ଜଳ ସୁରକ୍ଷାକୁ ଗୁରୁତର ସହ ଅନୁଧ୍ୟାନ କରିଥିଲେ। ମୁଖ୍ୟମନ୍ତ୍ରୀ ମତ ଦେଇଥିଲେ ଯେ ପାନୀୟ ଜଳ ଯୋଗାଣ ଏବଂ କୃଷି ଜଳସେଚନର ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତାକୁ ସମ୍ପୂର୍ଣ୍ଣ ରୂପେ ପୂରଣ କରିବା ପାଇଁ ପର୍ଯ୍ୟାପ୍ତ ଜଳ ସଂରକ୍ଷଣ କରିବା ଅତ୍ୟନ୍ତ ଜରୁରୀ ଏବଂ ସର୍ବୋଚ୍ଚ ଅଟେ। ସେହି ଅନୁସାରେ ଯଦି କୌଣସି ଜଳଭଣ୍ଡାରରେ ଜଳସ୍ତର ଏହି ଅଗ୍ରାଧିକାରଗୁଡ଼ିକୁ ସୁରକ୍ଷିତ ରଖିବା ପାଇଁ ଆବଶ୍ୟକ ସୀମାଠାରୁ କମ୍ ଥିବାର ଜଣାପଡ଼େ, ତେବେ ତତକ୍ଷଣାତ୍ ବିଦ୍ୟୁତ୍ ଉତ୍ପାଦନ ବନ୍ଦ କରାଯିବା ଉଚିତ୍ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି। ବିଭାଗର ନିର୍ଦ୍ଦେଶ ଅନୁଯାୟୀ ▶ପୃଷ୍ଠା-୧୦

## ଧାରା ଶ୍ରାବଣରେ ଖରା-ବର୍ଷାର ଲୁଚକାଳି

■ ଭୁବନେଶ୍ୱର, ୪।୮ (ସମିସ): ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଓ ଆନ୍ଧ୍ର ଉପକୂଳରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହା ପ୍ରଭାବରେ ରାଜ୍ୟର କିଛି କିଛି ସ୍ଥାନରେ ବର୍ଷା ଜାରି ରହିଛି। ମଙ୍ଗଳବାର ପୂର୍ବାହ୍ନ ପର୍ଯ୍ୟନ୍ତ ରାଜ୍ୟର ଅନେକ ସ୍ଥାନରେ ପ୍ରବଳ ଖରା ସାଙ୍ଗକୁ ଗରମ ଗୁଳୁଗୁଳି ଲାଗି ରହିଥିଲା। ତେବେ ଅପରାହ୍ନ ପରେ ପାଗରେ ପରିବର୍ତ୍ତନ ଆସିବା ସହ ଅନେକ ସ୍ଥାନରେ ବର୍ଷା ହୋଇଛି। ତାଳଚେରରେ ସର୍ବାଧିକ ୮୦ ମିମି ବର୍ଷା ହୋଇଥିବା ବେଳେ ଚିଲିକାଗଡ଼ରେ ୩୫, ସୁନ୍ଦରଗଡ଼ ୪୧, ଖାରସୁଗୁଡ଼ା ୨୬, ଅନୁଗୁଳ ୩୦ ଓ ଭୁବନେଶ୍ୱରରେ ୧୮ ମିମି ବର୍ଷା ରେକର୍ଡ ହୋଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ବୁଧବାର ମଧ୍ୟ ରାଜ୍ୟର ଅନେକ ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା

ଆନ୍ଧ୍ର ଉପକୂଳରେ ଘୂର୍ଣ୍ଣିବଳୟ ସକ୍ରିୟ; ୮ ତାରିଖ ଯାଏଁ ବର୍ଷା

ରହିଛି। ମୟୂରଭଞ୍ଜରେ ବର୍ଷାର ପ୍ରଭାବ ସବୁଠୁ ଅଧିକ ରହିବ। ଅନ୍ୟ କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଓ ସ୍ଥାନେ ସ୍ଥାନେ ଭାରି ବର୍ଷା ହୋଇପାରେ।

ଏବେ ରାଜ୍ୟରେ ଦୁର୍ବଳ ମୌସୁମୀ ପ୍ରବାହ ହେତୁ ଉପକୂଳ ଓଡ଼ିଶାରେ ଗୁଳୁଗୁଳିର ପ୍ରଭାବ ଅଧିକ ରହୁଛି। ମୌସୁମୀ ନିମ୍ନଚାପ ରେଖା ତାର ସାଧାରଣ ଅବସ୍ଥାନ ଠାରୁ ଉତ୍ତରରେ ରହୁଥିବାରୁ ରାଜ୍ୟ ଉପରେ ମୌସୁମୀ ପ୍ରବାହ ଦୁର୍ବଳ ସହ ଉପକୂଳ ଓଡ଼ିଶା ସମେତ ବିଭିନ୍ନ ଅଞ୍ଚଳରେ ଗୁଳୁଗୁଳି ଲାଗିରହିଛି। ବଙ୍ଗୋପସାଗରରୁ ପ୍ରଚୁର ଜଳୀୟବାଷ୍ପପୂର୍ଣ୍ଣ ବାୟୁର ପ୍ରବାହ ବଢ଼ିବା ପରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ପାଇଁ ପାଗ ଅନୁକୂଳ ରହୁଛି। ଏଭଳି ସ୍ଥିତି ୮ ତାରିଖ ପର୍ଯ୍ୟନ୍ତ ଜାରି ରହିବା ସହ ଏହା ପରେ ଏକ ଲଘୁଚାପ ▶ପୃଷ୍ଠା-୧୦

ସର୍ବହରା ଚାଷୀକୁଳ

## ବନ୍ୟା ଧୋଇନେଲା ବର୍ଷକର ଆହାର

■ ଭଦ୍ରକ,୪।୮ (ଉମାକାନ୍ତ ମହାପାତ୍ର): ଭଦ୍ରକ ଜିଲ୍ଲାରେ ବୈତରଣୀ ଓ ସାଳନ୍ଦୀ ନଦୀର ବନ୍ୟା ପ୍ରକୋପ ଅମିଛି। ସବୁ ନଦୀର ଜଳ ବିପଦ ସଙ୍କେତ ତଳେ ପ୍ରବାହିତ ହେଉଛି; ହେଲେ ବନ୍ୟା ଉଜାଡ଼ି ଦେଇଛି ସୁନାର ଫସଲ, ଭାଙ୍ଗିଦେଇଛି ଚାଷୀଙ୍କ ଅଣ୍ଟା। କଥାରେ ଅଛି, ଚାଷ ଡୁବିଲେ ବରଷେ, ଭୋଟର ଡୁବିଲେ ୫ ବରଷ। ଚାଷୀ ଏ ବର୍ଷ ବଡ଼ ଆଶା ନେଇ ବିଲରେ ସରକାରଙ୍କ ପ୍ରଦତ୍ତ ବିହନ ନେଇ ତଳି ରୋଇଥିଲା, ସେଥିରେ ସାର ପ୍ରୟୋଗ କରିଥିଲା। ଧାନ ଗଛ ବି ବହୁତ ଭଲ ହୋଇଥିଲା। ଧାନ ଫଳିଲେ କିଏ ଝିଅ ବାହାଘର କରିବାର ସ୍ୱପ୍ନ ତ କିଏ ପକ୍କା ଘର କରିବାର ସ୍ୱପ୍ନ ଦେଖିଥିଲା। କିଏ ଜାଣିଥିଲା ତା' ଭାଗ୍ୟରେ ଏ ବର୍ଷ ଏପରି ଦୁର୍ଦ୍ଦିନ ଆସିବ। ଭାଙ୍ଗିରୁଜି ଚୂରମାର୍ କରିଦେବ ବର୍ଷକର ସ୍ୱପ୍ନ।



ଚଳିତ ବନ୍ୟାରେ ଭଦ୍ରକ ଜିଲ୍ଲାର ୭ଟି ଯାକ ବ୍ଲକରେ ବ୍ୟାପକ କ୍ଷତି ହୋଇଛି। ଆଜି ପର୍ଯ୍ୟନ୍ତ ଅନେକ ଅଞ୍ଚଳ ପାଣି ଘେରରେ ଅଛି। ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକ ବନ୍ଦ ଅଛି। ସବୁଦିନେ ଉଠିଆ ମୁଣ୍ଡ ରହିବାରୁ ଛୁଆର ଅଧିକ ଆସିବା

ପାଣିରେ ବୁଡ଼ିରହି ପଚିଗଲାଣି ଧାନଚଳି; ଧାନି ବେଉଷଣ ପାଇଁ ସମୟ ନାହିଁ
ଭଦ୍ରକ ଜିଲ୍ଲାର ୭ଟି ବ୍ଲକ୍‌ର ୨୯୩୩ ହେକ୍ଟର ଜମିରେ ପରିବା ଚାଷ କ୍ଷତିଗ୍ରସ୍ତ

ଫଳରେ ସମୁଦ୍ର ବନ୍ୟା ପାଣି ଟାଣିପାରୁ ନାହିଁ। ଫଳରେ ଚାଷ ଜମିରେ ଆଜି ବି ପ୍ରବଳ ପାଣି ଜମି ରହିଛି। ଧାନ ତଳି ଏପର୍ଯ୍ୟନ୍ତ ପାଣିରେ ବୁଡ଼ି ରହିଥିବାରୁ ତାହା ସମ୍ପୂର୍ଣ୍ଣ ପଚି ମାଟିରେ ମିଶିଯାଇଥିବା ଆଶଙ୍କା ବଢ଼ିଛି। ▶ପୃଷ୍ଠା-୧୦



## ସ୍ୱର୍ଗଦ୍ୱାରରେ କାଠ ଅଭାବ
# ଦାହ ପାଇଁ ଅପେକ୍ଷା କଲା ଶବ

ପୁରୀ,୪।୮ (ସମିସ)

ଦୀଘବର୍ଷ ଧରି ସ୍ୱର୍ଗଦ୍ୱାରରେ ଯେଉଁ ଘଟଣା କେବେ ଦେଖିବାକୁ ମିଳି ନ ଥିଲା ତାହା ଏବେ ଦେଖିବାକୁ ମିଳିଲା। ସ୍ୱର୍ଗଦ୍ୱାରରେ କାଠ ଅଭାବ ଯୋଗୁଁ ଦାହ ପାଇଁ ଅପେକ୍ଷା କଲା ଶବ। ଗୋଟିଏ କି ଦୁଇଟି ନୁହେଁ ୧୦ରୁ ଊର୍ଦ୍ଧ୍ୱ ମୃତଦେହ କାଠକୁ ଅପେକ୍ଷା କରି ରହିଲେ। ଶେଷରେ କାଠ ପହଞ୍ଚିବା ପରେ ଦାହ କରାଗଲା। ଏଭଳି ଅଭାବନୀୟ ଘଟଣା ସ୍ୱର୍ଗଦ୍ୱାର ସେବା ସମିତିର ପରିଚାଳନା ଦକ୍ଷତା ଉପରକୁ ଅଙ୍ଗୁଳି ଉଠାଇଛି। ଅନ୍ୟପକ୍ଷରେ ଏହାକୁ ନେଇ ମୃତଦେହ ଆଣି ଆସିଥିବା ସମ୍ପର୍କୀୟମାନେ ଗଭୀର ଉଦ୍‌ବେଗ ପ୍ରକାଶ କରିବା ସହ ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସ୍ୱର୍ଗଦ୍ୱାରରେ କାଠ ସମସ୍ୟା ଆଗକୁ ଆହୁରି ଉତ୍କଟ ରୂପ ଧାରଣ କରିବ। ତେଣୁ ଏହାର ସମାଧାନ ପାଇଁ କେବେଠୁ ସ୍ୱର୍ଗଦ୍ୱାରରେ କାଠଯୁକ୍ତ ଯାନ୍ତ୍ରିକ ବ୍ୟବସ୍ଥା ଲାଗୁ ହେବ ତାକୁ ନେଇ ଉଠିଛି ପ୍ରଶ୍ନ?

ବିଶ୍ୱାସ ରହିଛି ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ କଲେ ଦିବଂଗତ ଆତ୍ମାର ମୋକ୍ଷପ୍ରାପ୍ତି ହୁଏ। ଏହି ବିଶ୍ୱାସକୁ ଆଧାର କରି ଅନେକ ଲୋକ ନିଜ ଆତ୍ମୀୟସ୍ୱଜନଙ୍କ ଅନ୍ତିମ ସଂସ୍କାର ସ୍ୱର୍ଗଦ୍ୱାରରେ କରିବାକୁ ଇଚ୍ଛା କରିଥା'ନ୍ତି। ତେବେ ଏହାରି ମଧ୍ୟରେ ସ୍ୱର୍ଗଦ୍ୱାରରେ ବଢ଼ିବାରେ ଲାଗିଛି ମୃତଦେହ ସଂଖ୍ୟା। ଗତ କିଛିବର୍ଷ ମଧ୍ୟରେ ଏହି ସଂଖ୍ୟା ପ୍ରାୟ ଦୁଇଗୁଣ ବୃଦ୍ଧି ଘଟିଛି। ସ୍ୱର୍ଗଦ୍ୱାର ନୂଆ ରୂପ ପାଇବା ପରେ ଦୈନିକ ପ୍ରାୟ ୯୦ରୁ ୧୦୦ ମୃତଦେହ ଆସୁଛି। ଦିନେ ଦିନେ ସଂଖ୍ୟା ମଧ୍ୟ ୧୦୦ରୁ ୧୨୦ରେ ପହଞ୍ଚି ଯାଉଛି। ଏପରିକି, ବାହା ରାଜ୍ୟରୁ ମଧ୍ୟ ଶବ ଆସୁଛି ସ୍ୱର୍ଗଦ୍ୱାର। ଗତ ୬ ଦିନର ପରିସଂଖ୍ୟାନ ଦେଖିଲେ ଜୁଲାଇ ୨୯ ତାରିଖରେ ୯୧ ମୃତଦେହ ଆସିଥିବାବେଳେ ୩୦ରେ ୯୨ଟି, ୩୧ରେ ୮୦ଟି, ଅଗଷ୍ଟ ୧ରେ ୧୧୦ଟି, ୨ରେ ୧୧୨ ଏବଂ ୩ ତାରିଖରେ ୯୮ ମୃତଦେହ ଆସିଥିଲା। ସୋମବାର ବିଳମ୍ବିତ ରାତିରୁ କାଠର ଅଭାବ ଦେଖାଦେଇଥିଲା। ଭୋରୁ ଆସୁଥିବା ଶବ ଦାହ କରିବା ପାଇଁ ଆଉ କାଠ ମିଳି ନ ଥିଲା। ପୂର୍ବାହ୍ନ ସାଢ଼େ ୯ଟା ସୁଦ୍ଧା ୧୦ରୁ ଊର୍ଦ୍ଧ୍ୱ ମୃତଦେହକୁ ସେମିତି ରଖାଯାଇଥିଲା। ପୂର୍ବାହ୍ନ ପ୍ରାୟ ୧୦ଟା ସୁଦ୍ଧା କାଠ ପହଞ୍ଚିବା ପରେ ଦାହ କାର୍ଯ୍ୟ ପୁଣି ସ୍ୱାଭାବିକ ହୋଇଥିଲା।

ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେଉଁଭଳି ଭାବେ ସ୍ୱର୍ଗଦ୍ୱାରକୁ ମୃତଦେହ ସଂଖ୍ୟା ବଢୁଛି ସେହି ଧାରାରେ ଆବଶ୍ୟକ ପରିମାଣର ଝାଉଁ କାଠ ସ୍ୱର୍ଗଦ୍ୱାରକୁ ଆସୁନାହିଁ। ଝାଉଁ ଜଙ୍ଗଲ ପରିମାଣ ଦିନକୁ ଦିନ ହ୍ରାସ ପାଇବା ମଧ୍ୟ ଏହି କାଠ ସଙ୍କଟର ଅନ୍ୟ ଏକ ପ୍ରମୁଖ କାରଣ। ତେବେ ଏହି କାଠ ସଂକଟ ପାଇଁ ମଙ୍ଗଳବାର ସ୍ୱର୍ଗଦ୍ୱାରରେ ଏଭଳି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଥିଲା। ଏବେ ଦୈନିକ ୯୦ରୁ ୧୦୦ ମୃତଦେହ ଦାହ ହେଉଛି। ସ୍ୱର୍ଗଦ୍ୱାର ଦାହ ପ୍ରକ୍ରିୟା ପାଇଁ କାଠ ଯୋଗାଣର ଦାୟିତ୍ୱ 'ଓଡ଼ିଶା ବନ ଉନ୍ନୟନ ନିଗମ' କାନ୍ଧରେ ନ୍ୟସ୍ତ ରହିଛି। ଏବେ ଗୋଟିଏ ଦାହ ପିଛା ପ୍ରାୟ ୧ କ୍ୱିଣ୍ଟାଲ ୮୦ କିଲୋଗ୍ରାମ୍ କାଠ ଯୋଗାଇ ଦିଆଯାଉଛି। ସେହିପରି କେତେକ ଦାହରେ ଅତିରିକ୍ତ କାଠର ମଧ୍ୟ ଆବଶ୍ୟକତା ପଡୁଛି। ସେହି ହିସାବକୁ ଦେଖିଲେ ଏବେ ସ୍ୱର୍ଗଦ୍ୱାର ପାଇଁ ଦୈନିକ ୧୫ରୁ ୨୦ ଟନ୍ କାଠର ଆବଶ୍ୟକତା ପଡୁଛି। ସେହି ଅନୁପାତରେ ମାସକୁ ପ୍ରାୟ ୫୦୦ ଟନ୍‌ରୁ ଊର୍ଦ୍ଧ୍ୱ କାଠ ଦରକାର ହେଉଥିବାବେଳେ ସେହି ପରିମାଣର କାଠ ଯୋଗାଇବା ସମ୍ଭବ ହେଉନି।

ବଡ଼ କଥା ହେଉଛି ସ୍ୱର୍ଗଦ୍ୱାରକୁ କାଠ ଅଭାବର ସମସ୍ୟା ଆଗକୁ ଆହୁରି ଅଧିକ ଉତ୍କଟ ରୂପ ଧାରଣ କରିବ। କାରଣ ସ୍ୱର୍ଗଦ୍ୱାରରେ ଶବଦାହ ପାଇଁ କେବଳ ଝାଉଁ କାଠ ବ୍ୟବହାରର ପରମ୍ପରା ରହିଆସିଛି। କିନ୍ତୁ ପୂର୍ବରୁ ଯେଉଁ ପରିମାଣର କାଠ ଉପଲବ୍ଧ ହେଉଥିଲା ଏବେ ତାହା ହେଉନାହିଁ। ଏହାର ବିକଳ୍ପ ଭାବେ ସ୍ୱର୍ଗଦ୍ୱାର ସେବା ସମିତି ଉଡ୍ ବେସ୍ଡ କ୍ରିମେଶନ ମେସିନ ବ୍ୟବହାର କରିବ ବୋଲି ପ୍ରାୟ ଦେଢ଼ବର୍ଷ ହେବ ନିଷ୍ପତ୍ତି ନେଇଛି। କିନ୍ତୁ ସମିତି କାଠ ସମସ୍ୟାକୁ ଏତେଟା ଗୁରୁତର ଭାବେ ନେଉ ନ ଥିବାରୁ ମଙ୍ଗଳବାର ସ୍ୱର୍ଗଦ୍ୱାରରେ ଦାହ ପାଇଁ ଶବକୁ ଅପେକ୍ଷା କରିବାକୁ ପଡ଼ିଲା। ତେଣୁ ସମିତି ଏହାକୁ ବେଶ୍ ଗମ୍ଭୀରତାର ସହ ବିଚାର କରି କାଠଯୁକ୍ତ ଯାନ୍ତ୍ରିକ ବ୍ୟବସ୍ଥା ଶୀଘ୍ର ଲାଗୁ କରିବା ଦରକାର ବୋଲି ବୁଦ୍ଧିଜୀବୀ ମତ ରଖିଛନ୍ତି। ଏହି ବ୍ୟବସ୍ଥା ଲାଗୁ ହେଲେ ବର୍ତ୍ତମାନ ଗୋଟିଏ ଦାହରେ ଯେତେ କାଠ ଲାଗୁଛି ତାହାର ଅଧା କାଠରେ ଶେଷକୃତ୍ୟ ସମ୍ପନ୍ନ ହୋଇଯିବ। ଉଚ୍ଚ ତାପମାତ୍ରା ଦାହ ଏବଂ ବାୟୁ ଶୋଧନ ଫିଲ୍ଟର ଯୋଗୁଁ ଧୂଆଁ କମିଯିବ। ସହରାଞ୍ଚଳରେ ଗଛକଟା ଓ ବାୟୁ ପ୍ରଦୂଷଣ ବଢୁଥିବା ସମୟରେ ଏଭଳି ବ୍ୟବସ୍ଥା ଏକ ବିକଳ୍ପ ହୋଇପାରିବ ବୋଲି ପରିବେଶବିତ୍‌ମାନେ କହୁଛନ୍ତି। କାଠ ଅଭାବ ସମ୍ପର୍କରେ ସ୍ୱର୍ଗଦ୍ୱାର ସେବା ସମିତି ଆବାହକ ସମ୍ପାଦକ ତଥା ଉପଜିଲ୍ଲାପାଳ ରାଜକିଶୋର ଜେନାଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।



**ଆଗକୁ କାଠ ସମସ୍ୟା ଆହୁରି ବଢ଼ିବ**

**କେବେଠୁ ଲାଗୁ ହେବ କାଠଯୁକ୍ତ ଯାନ୍ତ୍ରିକ ବ୍ୟବସ୍ଥା?**

## ହୋଟେଲ ନାଁରେ ନକଲି ନିଯୁକ୍ତି ପତ୍ର
# ୨ ହାଉସ୍ କିପିଙ୍ଗ୍ କର୍ମଚାରୀ ଗିରଫ



ପୁରୀ,୪।୮ (ସମିସ): ପୁରୀ ବଳିଆପଣ୍ଡା ଥାନା ଅନ୍ତର୍ଗତ ସିପସରୁବାଲିର ହୋଟେଲ ସେଭେନ୍ ହିଲ୍ସ ଲେଜର ଆଣ୍ଡ ରିସୋର୍ଟ୍ସ ନାଁରେ ନକଲି ନିଯୁକ୍ତି ପତ୍ର ଦେଇ ଏବଂ ରୁମ୍ ବୁକିଂ ନାଁରେ ଠକେଇ କରୁଥିବା ଅଭିଯୋଗରେ ହୋଟେଲର ଦୁଇ ଜଣ ହାଉସ୍‌କିପିଂ କର୍ମଚାରୀଙ୍କୁ ପୁଲିସ ଗିରଫ କରିଛି। ହୋଟେଲର ମ୍ୟାନେଜର କେ. ଧନଞ୍ଜୟ ରାଓ ଦେଇଥିବା ଅଭିଯୋଗ ଅନୁଯାୟୀ, ଗତ ୨ ତାରିଖରେ ମନୋରଞ୍ଜନ କାଣ୍ଡି ହୋଟେଲର ଏଚ୍‌ଆର୍ ମ୍ୟାନେଜରଙ୍କ ନିକଟକୁ ଚାକିରି ଖୋଜି ଆସିଥିଲେ। ତାଙ୍କ ନିକଟରେ ଥିବା ନିଯୁକ୍ତି ପତ୍ର ଯାଞ୍ଚ କରିବା ପରେ ଜଣାପଡ଼ିଥିଲା ଯେ ତାହା ସମ୍ପୂର୍ଣ୍ଣ ନକଲି ଏବଂ ହୋଟେଲ କିମ୍ବା କୌଣସି ଅଧିକୃତ ଅଧିକାରୀଙ୍କ ଦ୍ୱାରା ଜାରି ହୋଇନାହିଁ। ଜେରା ବେଳେ ମନୋରଞ୍ଜନ କହିଥିଲେ ଯେ, ହୋଟେଲର ହାଉସ୍‌କିପିଂ ବିଭାଗର ଦୁଇ କର୍ମଚାରୀ ଦେବଜିତ୍ ମଣ୍ଡଳ (୨୫) ଏବଂ ନୟନ ରାୟ (୨୫) ତାଙ୍କୁ ଏହି ନକଲି ନିଯୁକ୍ତି ପତ୍ର ଦେଇଥିଲେ। ଏଥିପାଇଁ ସେ ଦୁଇ ଜଣଙ୍କୁ ୨,୨୫୦ ଟଙ୍କା କମିସନ ମଧ୍ୟ ଦେଇଥିଲେ। ତଦନ୍ତ ବେଳେ ଆହୁରି ଜଣାପଡ଼ିଛି ଯେ, ଅଭିଯୁକ୍ତଦ୍ୱୟ ହୋଟେଲ ନାଁରେ ବିଭିନ୍ନ ଇ-ମେଲ୍ ଆଇଡି ତିଆରି କରି ରୁମ୍ ବୁକିଂ ଏବଂ ଚାକିରି ଦେବା ନାଁରେ ଅନେକ ଗ୍ରାହକଙ୍କୁ ଠକି ଆସୁଥିଲେ। ସେମାନେ ହୋଟେଲର ଏଚ୍‌ଆର୍ ବିଭାଗ ହୋଇଥିବା ପରି ଅଭିନୟ କରୁଥିଲେ। ଏ ନେଇ ବାଲିଆପଣ୍ଡା ଥାନାରେ ଏକ ମାମଲା (ନଂ.୧୯୩/୨୬) ରୁଜୁ କରାଯାଇ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଠକେଇ ରାକେଟ୍‌ରେ ଆଉ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ ପୁଲିସ ତଦନ୍ତ ଜାରି ରଖିଛି।

# ମାଟିଆପଡ଼ା ଆର୍‌ଆଇ ଅଫିସକୁ ସଂଯୋଗ ହେଲା ବିଦ୍ୟୁତ୍

ପୁରୀ, ୪।୮ (ସମିସ): ଶେଷରେ ମାଟିଆପଡ଼ା ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) କାର୍ଯ୍ୟାଳୟକୁ ବିଦ୍ୟୁତ୍ ସଂଯୋଗ ହେଲା। ୩ ମାସ ହେଲା ଆର୍‌ଆଇ ଅଫିସରେ ବିଜୁଳି ନାହିଁ। ଅଫିସର କର୍ମଚାରୀମାନେ ଅଫିସ ବାରଣ୍ଡାରେ କାମ କରୁଛନ୍ତି। ଘରୁ ଲାପ୍‌ଟପ୍ ଚାର୍ଜ କରି ଆଣୁଛନ୍ତି। ଯଦି ଚାର୍ଜ ସରିଯାଉଛି ପୁଣି ଦୌଡ଼ି ଯାଇ ଆଖପାଖରୁ ଚାର୍ଜ କରି ଆଣି କାମ କରୁଛନ୍ତି। କାମ ପାଇଁ ଆସୁଥିବା ଲୋକେ ଖରା, ବର୍ଷାରେ ଠିଆ ହେଉଛନ୍ତି ବୋଲି ଖବର ପ୍ରକାଶ ପରେ ଆର୍‌ଆଇ ଅଫିସ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ପରେ ଆର୍‌ଆଇ ଅଫିସ ପକ୍ଷରୁ ବକେୟା ବିଦ୍ୟୁତ୍ ବିଲ୍ ପୈଠ କରାଯିବା ପରେ ମଙ୍ଗଳବାର ବିଦ୍ୟୁତ୍ ସଂଯୋଗ ଦିଆଯାଇଛି। ଫଳରେ ଆର୍‌ଆଇ ଅଫିସକୁ ଆସୁଥିବା ଲୋକେ ମଧ୍ୟ ଖୁସିବ୍ୟକ୍ତ କରିଛନ୍ତି। ନିର୍ମାଣ କାମ ଚାଲିଥିବାବେଳେ ହୁକ ପକେଇ ଠିକାଦାର କାମ କରୁଥିଲେ। ତାଙ୍କୁ ବିଜୁଳି ବିଭାଗ ଧରିବାରୁ ମୋଟା ଅଙ୍କର ଜରିମାନା ପକେଇ ବିଦ୍ୟୁତ୍ ସଂଯୋଗ କାଟି ଦେଇଥିଲେ। ଏହି ଟଙ୍କା ପୈଠ ହୋଇ ନ ଥିବାରୁ ସାଧାରଣ ଜନତା ହଇରାଣ ହେଉଥିଲେ। ଏହାକୁ ନେଇ ପୁରୀ ଜିଲ୍ଲା ଆମ୍ ଆଦ୍‌ମୀ ପାର୍ଟି (ଆପ୍) ଉଦ୍‌ବେଗ ପ୍ରକାଶ କରିଥିଲା। ଆପ୍ ପୁରୀ ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି ୭ ଦିନ ଭିତରେ ଯଦି ଏହାର ସମାଧାନ ନ ହୁଏ ତେବେ ଆପ୍ ବୁଲିବୁଲି ଦାଣ୍ଡରେ ଡୋନେସନ ମାଗି ବିଲ୍ ପୈଠ କରିବ ବୋଲି କହିଥିଲେ। ହେଲେ ମଙ୍ଗଳବାର ଆର୍‌ଆଇ ଅଫିସକୁ ବିଦ୍ୟୁତ୍ ସଂଯୋଗ ଦିଆଯାଇଛି ବୋଲି ଆପ୍ ସଭାପତି ଶ୍ରୀ ମହାନ୍ତି କହିଛନ୍ତି।

# ଜ୍ଞାନ ପ୍ରକାଶର ଦଶମ ବାର୍ଷିକ ଉତ୍ସବ



ପୁରୀ, ୪।୮ (ସମିସ): କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଶ୍ରୀସଦାଶିବ ପରିସରରେ ବୌଦ୍ଧ ଜିଲ୍ଲାର ଭାଷା, ସଂସ୍କୃତି ଓ ଶିକ୍ଷାଭିତ୍ତିକ ପତ୍ରିକା ଜ୍ଞାନ ପ୍ରକାଶର ଦଶମ ବାର୍ଷିକ ଉତ୍ସବ ତଥା ଜାତୀୟ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଜ୍ଞାନ ପ୍ରକାଶର ପ୍ରତିଷ୍ଠାତା ଜ୍ଞାନଚାନ୍ଦ ଶତପଥୀ, ସମ୍ପାଦକ ଡ. ସରୋଜ କୁମାର ସାହୁ, ରାଜ୍ୟ ମୁଖ୍ୟ ଅମ୍ବିକା ସ୍ୱାଇଁ, ପ୍ରତିଷ୍ଠିତ ଓଡ଼ିଶାର ଜଣାଶୁଣା କଣ୍ଠଶିଳ୍ପୀ ଶୈଳଭାମା ମହାପାତ୍ର, ଶିକ୍ଷାବିତ୍ ରଞ୍ଜନ କୁମାର ଦାଶ, ଶିକ୍ଷାବିତ୍ ନୀତିଶ ସିହ୍ନା ଏବଂ ପୁରୀ ଜିଲ୍ଲା ଜ୍ଞାନ ପ୍ରକାଶ ମୁଖ୍ୟ ଅଜୟ କୁମାର ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶିକ୍ଷା, ଭାଷା ଓ ସଂସ୍କୃତିକୁ ପ୍ରଚାରପ୍ରସାର ଦିଗରେ ଜ୍ଞାନ ପ୍ରକାଶ କାର୍ଯ୍ୟ କରୁଥିବା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସାରା ଦେଶରେ ଜ୍ଞାନ ପ୍ରକାଶ କିପରି କାର୍ଯ୍ୟକ୍ରମ ହାତକୁ ନେଇଛି ଆଲୋଚନାରେ ସ୍ଥାନ ପାଇଥିଲା। ପ୍ରାରମ୍ଭରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ବସନ୍ତ କୁମାର ସାହୁ ଅନୁଷ୍ଠାନର ଲକ୍ଷ୍ୟ ଓ ଉଦ୍ଦେଶ୍ୟକୁ ଉପସ୍ଥାପିତ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ପ୍ରତାପ ରଞ୍ଜନ ମହାନ୍ତି, ସତ୍ୟନାରାୟଣ ସାହୁ, ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ଶିବ ନାରାୟଣ ଭଞ୍ଜ, ମନୋରଞ୍ଜନ ତ୍ରିପାଠୀ ଓ ଜ୍ୟୋତି ପ୍ରକାଶ ମହାରଣା। ଦେଶରେ ଶିକ୍ଷା ଓ ସମାଜସେବାରେ ସମର୍ପିତ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅତିଥିମାନେ ଜ୍ଞାନ ପ୍ରକାଶ ବାର୍ଷିକ ପତ୍ରିକାକୁ ଲୋକାର୍ପଣ କରିଥିଲେ। ବିଭିନ୍ନ ରାଜ୍ୟର ଶିଶୁ କଳାକାରଙ୍କ ଦ୍ୱାରା ଓଡ଼ିଶୀ, ବିହୁ, ଛଉ, ସମ୍ବଲପୁରୀ ନୃତ୍ୟ, ରାଜସ୍ଥାନର ଧୁଡୁକି ବାଦ୍ୟ, ରବୀନ୍ଦ୍ର ସଙ୍ଗୀତ ଆଦି ପ୍ରଦର୍ଶନ କରାଯାଇଥିଲା। ଏହି ଜାତୀୟ ସମ୍ମିଳନୀରେ ଦେଶର ୧୫ଟି ରାଜ୍ୟରୁ ପ୍ରତିନିଧି, ଓଡ଼ିଶାର ୩୦ ଜିଲ୍ଲାର ଜିଲ୍ଲା ମୁଖ୍ୟ ପ୍ରତିନିଧି ସହିତ ୪୦୦ରୁ ଊର୍ଦ୍ଧ୍ୱ ଅଂଶ ଗ୍ରହଣ କରିଥିଲେ। ଶେଷରେ ପୁରୀ ଜିଲ୍ଲା ମୁଖ୍ୟ ଅଜୟ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଚନ୍ଦନପୁର କାଳିଆ ହତ୍ୟା ମାମଲା
# ୩ ଗିରଫ; ଭାର୍ଗବୀ ନଦୀରୁ କଟୁରି ଜବତ

ପୁରୀ,୪।୮ (ସମିସ)

ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗତ ଜୁଲାଇ ୩୧ ତାରିଖ ରାତିରେ ଚନ୍ଦନପୁର ଥାନା ଅନ୍ତର୍ଗତ ଦାମୋଦରପୁର ଗାଁର କାଳିଆ ମଲ୍ଲିକ (୩୫)ଙ୍କୁ କିଛି ଦୁର୍ବୃତ୍ତ ହତ୍ୟା କରିଥିଲେ। ଚନ୍ଦନପୁର ପୁଲିସ ଅଭିଯୁକ୍ତଙ୍କୁ କାବୁ କରିବାରେ ସଫଳ ହୋଇଛି। ଏହି ହତ୍ୟା ଘଟଣାରେ ପୁଲିସ ୩ ଜଣଙ୍କୁ ଗିରଫ କରିଥିବାବେଳେ ଏଥିରେ ସମ୍ପୃକ୍ତ ଜଣେ ନାବାଳିକାକୁ ଧରି ବ୍ରହ୍ମପୁରସ୍ଥିତ ଜେଜେବି(ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡ)କୁ ପଠାଇଛି ବୋଲି ମଙ୍ଗଳବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ପ୍ରତୀକ୍ ସିଂ ସୂଚନା ଦେଇଛନ୍ତି। ସେ କହିଛନ୍ତି, ପୂର୍ବରୁ ଅଭିଯୁକ୍ତ ଛବିମନ୍ୟୁ ଦାସ(୪୧) ଏବଂ ଜଣେ ନାବାଳିକାକୁ ପୁଲିସ କାବୁ କରିଥିଲା। ନାବାଳିକା ଜଣକ ଛବିମନ୍ୟୁଙ୍କୁ କାଳିଆଙ୍କ ଗତିବିଧି ସମ୍ପର୍କରେ ସୂଚନା ଦେଉଥିଲେ। ତେବେ ସୋମବାର ବଳଙ୍ଗା ଏବଂ ଚିଲପାଟଣା ଅଞ୍ଚଳରୁ ଦୁଇ ଅଭିଯୁକ୍ତ ସୋମନାଥ ନାୟକ(୩୨) ଏବଂ ଅମିତାଭ ଦାସ(୩୭)ଙ୍କୁ ପୁଲିସ ଗିରଫ କରିଥିଲା।



**ଅଭିଯୁକ୍ତଙ୍କୁ ସୂଚନା ଦେଉଥିବା ନାବାଳିକା ହେଲା କାବୁ**

ଉଭୟଙ୍କୁ ଘଟଣାସ୍ଥଳକୁ ନେଇ ପୁଲିସ ହତ୍ୟା ଘଟଣାର ସିନ୍ ରିକ୍ରିଏସନ କରିଥିଲା। ଅଭିଯୁକ୍ତଙ୍କ ନିକଟରୁ ଗୋଟିଏ ମୋବାଇଲ୍ ଫୋନ୍ ଏବଂ ହତ୍ୟାକାଣ୍ଡରେ ବ୍ୟବହାର ହୋଇଥିବା କଟୁରିକୁ ଭାର୍ଗବୀ ନଦୀରୁ ଉଦ୍ଧାର କରାଯାଇଛି। ସାମ୍ବାଦିକ ସମ୍ମିଳନୀ ପରେ ପୁଲିସ ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

ପୁଲିସ ସୂଚନା ଅନୁଯାୟୀ, ମୃତକ କାଳିଆ ସହ ସୋମନାଥ ପୂର୍ବରୁ ପରିଚିତ ଥିଲେ। ଉଭୟ ନିଶାଖୋର୍ ଥିଲେ। ହତ୍ୟାକାଣ୍ଡର ଦୁଇଦିନ ପୂର୍ବରୁ ନିଶାସକ୍ତ ଅବସ୍ଥାରେ କାଳିଆ କୌଣସି କାରଣକୁ ନେଇ ସୋମନାଥ ସହ ଗଣ୍ଡଗୋଳ କରି ତାଙ୍କୁ ମାଡ଼ ମାରିଥିଲେ। ତେଣୁ ସୋମନାଥ କାଳିଆଙ୍କୁ ହତ୍ୟା କରି ପ୍ରତିଶୋଧ ନେବା ପାଇଁ ଯୋଜନା କରି ଅନ୍ୟ ୨ଜଣଙ୍କୁ ଏଥିରେ ସାମିଲ୍ କରିଥିଲା। କାଳିଆଙ୍କ ଗତିବିଧି ସମ୍ପର୍କରେ ସୂଚନା ପାଇବା ପାଇଁ ଦାମୋଦରପୁର ରାସ୍ତା ପାର୍ଶ୍ୱରେ ରହୁଥିବା ଏକ ନାବାଳିକା ଝିଅକୁ ଏଥିରେ ସାମିଲ୍ କରିଥିଲେ। ନାବାଳିକାର ସୂଚନା ଅନୁଯାୟୀ, ରାତି ୯ଟା ୩୦ରୁ ୧୦ଟା ମଧ୍ୟରେ କାଳିଆ ନିଶାସକ୍ତ ଅବସ୍ଥାରେ ଗାଳିଗୁଲଜ କରି ବୁଲୁଥିବାବେଳେ ୩ ଅଭିଯୁକ୍ତ ପଇଡ଼ ହଣା କଟୁରି ଧରି ଗୋଡ଼ାଇଥିଲେ। କାଳିଆ ଜୀବନ ବଞ୍ଚାଇବାକୁ ଏକ ସରୁ ଗଳିରେ ପଶି ଯାଇଥିବାବେଳେ ସଟର ଲାଗିଥିବା ଏକ ଦୋକାନ ନିକଟରେ ପଡ଼ିଯାଇଥିଲା।

ସେଠାରେ ୩ଜଣ କାଳିଆଙ୍କ ବେକ ଏବଂ ଗୋଡ଼କୁ ଚୋଟ ମାରି ଚାଲିଥିଲେ। ପରେ କୌଣସି ପ୍ରକାରେ କାଳିଆ ଉଠି ମାତ୍ର ୨୦ ମିଟର ଆସି ରାସ୍ତାରେ ପଡ଼ି ଯାଇଥିଲେ। ସେଠାରେ ଅଭିଯୁକ୍ତମାନେ ପୁନର୍ବାର ହାଣି ଫେରାର୍ ହୋଇଯାଇଥିଲେ। ଏ ନେଇ କାଳିଆର ଭାଇ ରମେଶ ମଲ୍ଲିକ ଅଭିଯୁକ୍ତଙ୍କ ବିରୋଧରେ ଚନ୍ଦନପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ୪ ଦିନ ମଧ୍ୟରେ ଅଭିଯୁକ୍ତମାନଙ୍କୁ ବିଭିନ୍ନ ସ୍ଥାନରୁ କାବୁ କରିବା ସହ ଗିରଫ କରି କୋର୍ଟ ଚାଲାଣ କରିଛି।

# ପୁରୀରୁ ବିସ୍ତାରିତ ହେଉଛି ଆନ୍ତଃରାଜ୍ୟ ବସ୍ ସେବା

ପୁରୀ,୪।୮ (ସମିସ): ଆଞ୍ଚଳିକ ଓ ଆନ୍ତଃରାଜ୍ୟ ସଂଯୋଗକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ ଓଏସ୍‌ଆର୍‌ଟିସି ପୁରୀରୁ ଆସାନସୋଲ, ଅଯୋଧ୍ୟା, ଉଜ୍ଜୟିନୀ, ଭିଲାଇ, କୋଲକାତା, ବେଙ୍ଗାଲୁରୁ ଏବଂ ବିଜୟୱାଡ଼ା ପରି ପ୍ରମୁଖ ଗନ୍ତବ୍ୟସ୍ଥଳଗୁଡ଼ିକୁ ସିଧାସଳଖ ବସ୍ ସେବା ଯୋଗାଇ ଦେଉଛି। ଫଳରେ ଏହା ଯାତ୍ରୀମାନଙ୍କ ପାଇଁ ଅଧିକ ସୁବିଧା ହେଉଛି। ଏହି ସେବା ମାଧ୍ୟମରେ ଯାତ୍ରୀମାନେ ସୁରକ୍ଷିତ, ଆରାମଦାୟକ ଓ ନିର୍ଭରଯୋଗ୍ୟ ଯାତ୍ରା ସହିତ ବିଭିନ୍ନ ରାଜ୍ୟର ପ୍ରମୁଖ ସହରଗୁଡ଼ିକ ସହ ନିରବଚ୍ଛିନ୍ନ ଗମନାଗମନର ସୁବିଧା ପାଇପାରୁଛନ୍ତି। ଏହା ଦ୍ୱାରା ପାରସ୍ପରିକ ସହଯୋଗ, ସଦ୍‌ଭାବନା ଓ ଭାଇଚାରା ସୃଷ୍ଟିର ଲକ୍ଷ୍ୟ ରଖାଯାଇଛି ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ବିଶ୍ୱବିଦ୍ୟାଳୟରେ ବୃକ୍ଷ ପୂଜନ ଓ ବୃକ୍ଷ ରୋପଣ



ପୁରୀ,୪।୮ (ସମିସ): ଅନ୍ନପୂର୍ଣ୍ଣା ଚାରିଟେବୁଲ ଟ୍ରଷ୍ଟ, ପୁରୀ ଆନୁକୂଲ୍ୟରେ ସ୍ଥାନୀୟ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପରିସରରେ ପରିବେଶ ପ୍ରକୃତିର ସୁରକ୍ଷାକୁ ଦୃଷ୍ଟିରେ ରଖି ବୃକ୍ଷ ପୂଜନ ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ମହାପାତ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଓ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ତଥା ପ୍ରଫେସରମାନେ ଯୋଗଦେଇଥିଲେ। ଟ୍ରଷ୍ଟର ପ୍ରତିଷ୍ଠାତା ତଥା ସଭାପତି ଡ. ପ୍ରମୋଦ କୁମାର ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରିବା ପରେ ନିଗମାନନ୍ଦ ସାରସ୍ୱତ ଆଶ୍ରମର ଅଧ୍ୟକ୍ଷ ପୂଜ୍ୟ ସ୍ୱାମୀ ଡ. ଶଙ୍କରାନନ୍ଦ ସରସ୍ୱତୀ ବୃକ୍ଷ ପୂଜନ କରିଥିଲେ। 'ଏକ ପେଡ୍ ମା କେ ନାମ୍ ପେ' ଆଧାରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶ୍ରୀମନ୍ଦିର ପୁରୋହିତ ତଥା ପରିଚାଳନା କମିଟି ସଦସ୍ୟ ଡ. ସିଦ୍ଧେଶ୍ୱର ମହାପାତ୍ର, ବିଶିଷ୍ଟ ସାହିତ୍ୟିକା ଲୋପାମୁଦ୍ରା ମହାନ୍ତି, ଡ. ଦେବପ୍ରସାଦ ଦାସ, ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ଦୋଳମଣ୍ଡପ ସାହି ସମ୍ପାଦକ ଅନନ୍ତ ତିଆଡ଼ି, ପୂର୍ବତନ ପ୍ରଧାନଶିକ୍ଷକ ବିଶ୍ୱନାଥ ବେହେରା, ବରିଷ୍ଠ ସେବାୟତ ପୂର୍ଣ୍ଣଚନ୍ଦ୍ର ଗୋଛିକାର, ତରୁଣ କବି ଦାମୋଦର ପରିଡ଼ା, ସମାଜସେବୀ ପଠାଣି ଜେନା, ପ୍ରହଲ୍ଲାଦ ପରିଡ଼ା, ପ୍ରତାପ ଦାସ, ବିଶିଷ୍ଟ ଲେଖକ ହରିଶଙ୍କର ମିଶ୍ର, ସବିତା ଦାସ, ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ପ୍ରଜ୍ଞାଶ୍ରୀ ପ୍ରିୟମ୍ବଦା, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ପୁଲିସ ଅଧିକାରୀ ପ୍ରଦୀପ ଦଳାଇ, ଅମୂଲ୍ୟ ପରିଡ଼ା, ସ୍ଥିତପ୍ରଜ୍ଞା ଜେନା, ପ୍ରତାପ ଚନ୍ଦ୍ର ଦାସ, ଦୀନବନ୍ଧୁ ନାୟକ, ଲକ୍ଷ୍ମୀଧର ବାରିକ, ଅଧ୍ୟାପକ ଚନ୍ଦନ କୁମାର ମିଶ୍ର, ଅଧ୍ୟାପିକା ସସ୍ମିତା ବନ୍ଦର ନାୟକ, ସମାଜସେବୀ ଅରବିନ୍ଦ ଦଳାଇ, ଟ୍ରଷ୍ଟର ସମ୍ପାଦିକା ଅନ୍ନପୂର୍ଣ୍ଣା ପାଣି କାର୍ଯ୍ୟକ୍ରମକୁ ସଞ୍ଚାଳନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଣ୍ଟି ସ୍ନାଚିଂ ଅଭିଯାନରେ ପୁଲିସର ସଫଳତା
# ୧୭୫ ଗିରଫ; ୩୦୪ ମୋବାଇଲ୍ ଜବତ

ପୁରୀ,୪।୮ (ସମିସ):

ରଥଯାତ୍ରା ଅବସରରେ ପୁରୀରେ ଲକ୍ଷ ଲକ୍ଷ ଭକ୍ତ ଓ ପର୍ଯ୍ୟଟକଙ୍କ ସମାଗମ ହୋଇଥାଏ। ସେମାନଙ୍କ ସୁରକ୍ଷା, ଶାନ୍ତିଶୃଙ୍ଖଳା ରକ୍ଷା ଏବଂ ଅପରାଧ ନିୟନ୍ତ୍ରଣକୁ ସର୍ବାଧିକ ପ୍ରାଥମିକତା ଦେଇ ପୁରୀ ପୁଲିସ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରିଥିଲା। ଏସ୍‌ପି ପ୍ରତୀକ୍ ସିଂଙ୍କ ନେତୃତ୍ୱରେ ଜିଲ୍ଲାର ସମସ୍ତ ଥାନା, ସାଇବର ପୁଲିସ ଥାନାର ସମନ୍ୱିତ ପ୍ରୟାସରେ ଏକ ସ୍ୱତନ୍ତ୍ର ଆଣ୍ଟି ସ୍ନାଚିଂ ଟିମ୍ ଗଠନ କରାଯାଇଥିଲା। ରଥଯାତ୍ରା ସମୟରେ ଜନଗହଳିପୂର୍ଣ୍ଣ ସ୍ଥାନ, ବଡ଼ଦାଣ୍ଡ, ଶ୍ରୀମନ୍ଦିର ପରିସର, ବସ୍‌ଷ୍ଟାଣ୍ଡ, ସମୁଦ୍ରକୂଳ ଏବଂ ଅନ୍ୟାନ୍ୟ ସମ୍ବେଦନଶୀଳ ସ୍ଥାନରେ ଏହି ଟିମ୍ ସାଦା ପୋଷାକରେ କଡ଼ା ନଜର ରଖିଥିଲେ। ଫଳସ୍ୱରୂପ ୧୭୫ ଜଣ ସ୍ନାଚରଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ଏହି ଅଭିଯାନ ସମୟରେ ୩୦୪ଟି ହଜିଯାଇଥିବା ମୋବାଇଲ୍ ଫୋନ୍ ଉଦ୍ଧାର କରାଯାଇଛି। ଏଥିସହ ବହୁ ସୁନା ଅଳଙ୍କାର, ନଗଦ ଅର୍ଥ, ପର୍ସ, ପରିଚୟପତ୍ର ଓ ଅନ୍ୟାନ୍ୟ ବହୁମୂଲ୍ୟ ସାମଗ୍ରୀ ମଧ୍ୟ ଉଦ୍ଧାର କରାଯାଇଛି। ସମସ୍ତ ଉଦ୍ଧାର ସାମଗ୍ରୀକୁ ଯାଞ୍ଚ ପରେ ପ୍ରକୃତ ମାଲିକଙ୍କୁ ପର୍ଯ୍ୟାୟକ୍ରମେ ଫେରସ୍ତ କରାଯାଉଛି ବୋଲି ମଙ୍ଗଳବାର ଟାଉନ୍ ଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ଶ୍ରୀ ସିଂ ସୂଚନା ଦେଇଛନ୍ତି।

**ମିସିଂ ମୋବାଇଲ୍ ମେଳା; ପ୍ରକୃତ ମାଲିକଙ୍କୁ ସାମଗ୍ରୀ ଫେରସ୍ତ**



ଏହି ଅବସରରେ ଆୟୋଜିତ 'ମିସିଂ ମୋବାଇଲ୍ ମେଳା' ମାଧ୍ୟମରେ ବହୁ ଜଣଙ୍କୁ ସେମାନଙ୍କର ହଜିଯାଇଥିବା ମୋବାଇଲ୍ ଫୋନ୍ ହସ୍ତାନ୍ତର କରାଯାଇଛି। ସେମାନେ ପୁରୀ ପୁଲିସର ତ୍ୱରିତ କାର୍ଯ୍ୟକୁ ପ୍ରଶଂସା କରିଛନ୍ତି। ରଥଯାତ୍ରା ସମୟରେ ପ୍ରଯୁକ୍ତିର ସଦୁପଯୋଗ କରି ସମସ୍ତ ଥାନାର ସମନ୍ୱିତ କାର୍ଯ୍ୟ ଫଳରେ ଅଭିଯୁକ୍ତଙ୍କୁ ଶୀଘ୍ର ଚିହ୍ନଟ କରି ଗିରଫ କରିବା ସମ୍ଭବ ହୋଇଥିଲା। ତେବେ ଯଦି କାହାର ମୋବାଇଲ୍ ଫୋନ୍ ହଜିଯାଇଛି ଏବଂ ସେ ଏପର୍ଯ୍ୟନ୍ତ ଅଭିଯୋଗ ଦାଖଲ କରିନାହାନ୍ତି କିମ୍ବା ନିଜର ମୋବାଇଲ୍ ଫେରି ପାଇନାହାନ୍ତି, ତେବେ ପୁରୀ ପୁଲିସର 'ସହାୟକ' ହ୍ୱାଟ୍ସଆପ୍ ଚାର୍ଟବୋଟ୍ (୮୭୬୩୧୯୯୪୦୦) ମାଧ୍ୟମରେ ସହଜରେ ନିଜର ଅଭିଯୋଗ ପଞ୍ଜୀକରଣ କରନ୍ତୁ। ଏହି ସେବା ମାଧ୍ୟମରେ ଘରେ ବସି ମୋବାଇଲ୍ ହଜିବା ସମ୍ପର୍କିତ ଅଭିଯୋଗ ଦାଖଲ କରାଯାଇପାରିବ। ରଥଯାତ୍ରା-୨୦୨୬ରେ ଏହି ସଫଳତା କେବଳ ଅପରାଧୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନର ଉଦାହରଣ ନୁହେଁ, ବରଂ ସିଟିଜେନ୍ ଫାଷ୍ଟ ନୀତିକୁ ଆଧାର କରି ପୁଲିସର ଜନମୁଖୀ କାର୍ଯ୍ୟଧାରାର ମଧ୍ୟ ପ୍ରତିଫଳନ। ହଜିଯାଇଥିବା ସାମଗ୍ରୀକୁ ପ୍ରକୃତ ମାଲିକଙ୍କୁ ଫେରାଇବା ମାଧ୍ୟମରେ ପୁଲିସ ପ୍ରତି ସାଧାରଣ ଲୋକଙ୍କ ବିଶ୍ୱାସ ଆହୁରି ସୁଦୃଢ଼ ହୋଇଛି। ଆଗାମୀ ଦିନରେ ମଧ୍ୟ ପୁଲିସ ଜନସାଧାରଣଙ୍କ ସୁରକ୍ଷା, ଅପରାଧ ନିୟନ୍ତ୍ରଣ ଏବଂ ଦ୍ରୁତ ଜନସେବା ପ୍ରଦାନ ପାଇଁ ସମାନ ନିଷ୍ଠା ଓ ଦାୟିତ୍ୱବୋଧ ସହ କାର୍ଯ୍ୟ କରିବ ବୋଲି ଏସ୍‌ପି ଶ୍ରୀ ସିଂ କହିଛନ୍ତି।

# ଆବାସ ଯୋଜନାରେ ଅନିୟମିତତା, ଯୋଗ୍ୟଙ୍କୁ ଅଣଦେଖା

ଢେଙ୍କାନାଳ,୪।୮ (ସମିସ)



ଢେଙ୍କାନାଳ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରେ ଆବାସ ଯୋଜନାରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଗତ ତିନିଦିନ ହେଲା ଗଣମାଧ୍ୟମରେ କିଛି ବିଭ୍ରାନ୍ତିକର ଭିଡିଓ ଖାଦ୍ୟ ଯୋଗାଣ ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର ଏବଂ ତାଙ୍କର ସମର୍ଥକଙ୍କର ସାମାଜିକ ଗଣମାଧ୍ୟମରେ ଘୂରିବୁଲୁଛି। ସଦର ନିର୍ବାଚନମଣ୍ଡଳୀର କାଇମାଟି ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଲାଞ୍ଚ କାରବାର ନେଇ ଜଣେ ମହିଳା କର୍ମଚାରୀ, ପିଇଓ ଓ ସଦର ବିଡିଓଙ୍କୁ ସର୍ବସାଧାରଣରେ ଅସମ୍ମାନ ଘଟଣାକୁ ନେଇ କର୍ମଚାରୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଲାଞ୍ଚ କାରବାର ହେଉଥିବା ଅଭିଯୋଗ ହେଉଥିବାବେଳେ ପ୍ରକୃତ ହିତାଧିକାରୀ ଏଥିରୁ ବଞ୍ଚିତ ହୋଇଛନ୍ତି। ଏହି ଲାଞ୍ଚ କାରବାରକୁ ନେଇ ପିଇଓଙ୍କୁ ସେହି ସ୍ଥାନରୁ ଅନ୍ୟତ୍ର ବଦଳି କରିବା ଘଟଣାକୁ ନେଇ ଏଠାରେ କର୍ମଚାରୀ ଓ ମନ୍ତ୍ରୀଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଛି। ମନ୍ତ୍ରୀ ଯେଉଁ ବଦଳି ନିର୍ଦ୍ଦେଶ ଦେଇଛନ୍ତି ତାହା କୌଣସି ଗଣମାଧ୍ୟମରେ ପ୍ରକାଶ ପାଇନଥିବା ସହ ସରକାରୀ ଗେଜେଟ୍ ପ୍ରକାଶ ପାଇନାହିଁ। ତା' ଛଡ଼ା ମନ୍ତ୍ରୀ କହିଛନ୍ତି ଯେ ସରପଞ୍ଚମାନେ ବି ଟଙ୍କା ଲାଞ୍ଚ ନେଇଛନ୍ତି। ସରପଞ୍ଚ ସଂଘ ମଧ୍ୟ ପାଲଟା ପ୍ରଶ୍ନ କରିଛି ଯେ ଦୁଇ ବର୍ଷ ମଧ୍ୟରେ ସରକାର କେବେ ଆବାସ ଯୋଜନାରେ ଘର ଦେଲେ ଯେ ସେମାନେ ଲାଞ୍ଚ ନେଲେ। କାଇମାଟି ପଞ୍ଚାୟତରେ ନିର୍ବାଚିତ ସରପଞ୍ଚ ଅନାସ୍ଥା ପ୍ରସ୍ତାବ ଭୋଟରେ ପଦ ହରାଇବା ପରେ ସେ ବିଜେପିରେ ଯୋଗଦେଇ ବାହାରେ ରହୁଛନ୍ତି ଏବଂ ସେଠାରେ ସେହି ବିଜେପିର ନାଏବ ସରପଞ୍ଚ ପଦ ସମ୍ଭାଳିଛନ୍ତି। ଏଠି ପ୍ରଶ୍ନ ଉଠୁଛି ସେଠାରେ ଛାୟା ସରପଞ୍ଚ ବା ମନ୍ତ୍ରୀଙ୍କ ପ୍ରତିନିଧି କିଏ। ଲାଞ୍ଚ ନେଉଥିବା ଅଧିକାରୀ ବା ବ୍ୟକ୍ତିବିଶେଷଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ କାହିଁକି ନିଆଯାଇ ନାହିଁ। ନା ସରକାରୀ କର୍ମଚାରୀଙ୍କ ଉପରେ ଚାପ ପ୍ରୟୋଗ କରି ସେଥିରୁ ଭାଗ ବସାଇବାକୁ ମନ୍ତ୍ରୀ ପ୍ରୟାସ କରିଛନ୍ତି ବୋଲି ପ୍ରଶ୍ନବାଚୀ ସୃଟେ ହୋଇଛି। ଯଦି ମନ୍ତ୍ରୀ ପ୍ରକୃତରେ ସ୍ୱଚ୍ଛତା ପାଇଁ କର୍ମୀମାନଙ୍କୁ ଧରି ତଦନ୍ତ କରୁଥିଲେ ତେବେ ସେହି ପଞ୍ଚାୟତରେ ଅନେକ ଲୋକ ତାଲିକାରୁ ବାଦ୍ ପଡିଛନ୍ତି କିପରି। କାଇମାଟି ପଞ୍ଚାୟତ ଆଛନ୍ଦ ଗ୍ରାମର ନରୋତ୍ତମ ପ୍ରଧାନ ୫ ବର୍ଷ ହେଲା ଗୋଟିଏ କୁଡିଆ ଘରେ ବିପଦ ସଙ୍କୁଳ ଅବସ୍ଥାରେ ରହୁଛନ୍ତି। ସେଠାରେ ହାତୀ ବାରହା ତଥା ଅନ୍ୟ ଲଙ୍ଗଲୀ ପଶୁମାନଙ୍କର ଉପଦ୍ରବ ରହିଛି। ମନ୍ତ୍ରୀଙ୍କର କୌଣସି କର୍ମୀ ତାଙ୍କ ଘର ଦେଖାଇଲେ ନାହିଁ କାହିଁକି ବୋଲି ପ୍ରଶ୍ନ ଉଠିଛି। ନରୋତ୍ତମ ପ୍ରଧାନଙ୍କ ପରି ଅନେକ ଲୋକ ଲାଞ୍ଚ ଟଙ୍କା ଦେଇପାରୁ ନଥିବାରୁ ଘର ପାଇ ନଥିବା ଅଭିଯୋଗ ହେଉଛି। ଯଦି ନାମ ପ୍ରକାଶ କରିବ ଘର କାଟି ଦିଆଯିବାକୁ ଧମକ ଦିଆଯାଉଛି। ଯେଉଁ ବିଜେପି କେନ୍ଦ୍ର ସରକାର ୨୦୨୨ ଭିତରେ ସମସ୍ତ ବାସହୀନ ମାନଙ୍କୁ ଆବାସ ଯୋଗାଇ ଦିଆଯିବ ବୋଲି କହିଥିଲା ଦୀର୍ଘ ୪ ବର୍ଷ ବିତିଯାଇଥିଲେ ମଧ୍ୟ ହୋଇପାରିଲାନି ନାହିଁ। ଏଥିରେ ବିଜେପିର ପରିବା ପଣିଆ ପଦାରେ ପଡିଛି । ଆମ୍ ଆଦମୀ ପାର୍ଟି ଦାବି କରିଛି ଯେ ମନ୍ତ୍ରୀ ତଥା ବଜେପିର ଯେଉଁ କର୍ମୀମାନେ ମହିଳା କର୍ମଚାରୀ, ପିଇଓଙ୍କୁ ସର୍ବସାଧାରଣରେ ଉଚ୍ଚ ସ୍ୱରରେ ଧମକାଇଛନ୍ତି ସେମାନଙ୍କ ବିରୋଧରେ ଜିଲ୍ଲା ପ୍ରଶାସନ ତରଫରୁ ସଦର ଥାନାରେ ଏଫଆଇଆର କରାଯାଇ ତଦନ୍ତ କରାଯାଉ। ତେବେ ମନ୍ତ୍ରୀ ଯଦି ସଚ୍ଚୋଟ ଏହାର ବିଧିବଦ୍ଧ ତଦନ୍ତ କରାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ଦାବି ହେଉଛି। ଏ ନେଇ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସଭାପତି ପଙ୍କଜ ନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜିତେନ୍ଦ୍ର ବେହେରା, ଜିଲ୍ଲା କୋଷାଧ୍ୟକ୍ଷ କବି ଜ୍ୟୋତି ନିରଞ୍ଜନ ପତି, ସଦର ନିର୍ବାଚନ ମଣ୍ଡଳୀ ସଭାପତି ଚିତ୍ତରଞ୍ଜନ ପାଣି, ନଗର ଉପସଭାପତି ବିଜୟ କୁମାର ଦାସ, ସଦସ୍ୟ ଯୁଧିଷ୍ଠିର ଦାସ, ନିରଦ ଚନ୍ଦ୍ର ବାରିକ, ଜୟନ୍ତ ଦାସ ଓ ଗୋବିନ୍ଦ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

## ବିକଶିତ ଭାରତରେ ନିଶାମୁକ୍ତ ଯୁବକ ସଂକଳ୍ପ

ଖଜୁରିଆକଟା,୪।୮ (ସମିସ) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଭିଡିଓ କନଫରେନ୍ସିଂ ମାଧ୍ୟମରେ ସମଗ୍ର ଦେଶରେ ନିଶା ମୁକ୍ତ ଯୁବକ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖଜୁରୀଆକଟାସ୍ଥିତ ହିନ୍ଦୋଳ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀଙ୍କ ଉପସ୍ଥିତିରେ କାର୍ଯ୍ୟନିର୍ବାହୀ ଅଧିକାରୀ ବ୍ରଜକିଶୋର ବେହେରାଙ୍କ ନେତୃତ୍ୱରେ ମହାବିଦ୍ୟାଳୟର ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମ ହୋଇଛି । ଏଥିରେ ପ୍ରଧାନମନ୍ତ୍ରୀ ଦେଶର ସମସ୍ତ ଯୁବକମାନଙ୍କୁ ନିଶା ମୁକ୍ତ ଦେଶ ଗଠନ ଦିଗରେ ସଂକଳ୍ପ ନେବା ଓ ବିକଶିତ ଭାରତର ଲକ୍ଷ୍ୟକୁ ସାକାର କରିବା ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ। ଏହାପରେ ସମସ୍ତ ସ୍ୱେଚ୍ଛାସେବୀମାନେ ଦେଶକୁ ନିଶାମୁକ୍ତ କରିବା ପାଇଁ ଶପଥ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଇଂରାଜୀ ଅଧ୍ୟାପକ ଦିଲ୍ଲୀପ କୁମାର ଗଡ଼ନାୟକ, ମାନସ କୁମାର ସାହୁ, ପ୍ରିତମ କୁମାର ଜେନାମଣି,ସତ୍ୟବ୍ରତ ଜେନାମଣି, ସୁବ୍ରତ ଜେନାମଣି, ବି କେ ସିଂହ ପ୍ରମୁଖ ସହଯୋଗ କରିଥିଲେ।

## ହିନ୍ଦୋଳ କଲେଜର ପୁରାତନ ଛାତ୍ରଙ୍କ ବନ୍ଧୁମିଳନ

ଖଜୁରିଆକଟା,୪।୮ (ସମିସ) : ଓଡ଼ାପଡ଼ା ବ୍ଲକ୍ ଏକଘରିଆ ସ୍ଥିତ ଭକ୍ତକବି ଦୀନକୃଷ୍ଣ ଦାସ ଙ୍କ ସାଧନା ପୀଠ ଶରଣ ଶ୍ରୀକ୍ଷେତ୍ର ପରିସର ମଧ୍ୟରେ ଖଜୁରିଆକଟା ସ୍ଥିତ ହିନ୍ଦୋଳ ମହାବିଦ୍ୟାଳୟ ୧୯୯୮ ବ୍ୟାଚ ର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ବର୍ଷ ପରେ ସମସ୍ତେ ଏକାଠି ହୋଇ ନିଜ ନିଜ ମଧ୍ୟରେ ଖୁସି ବାଣ୍ଟିଥିଲେ। ଏହା ସହିତ ଶରଣ ଶ୍ରୀକ୍ଷେତ୍ର ପରିସର ମଧ୍ୟରେ ସଫେଇ କାର୍ଯ୍ୟ କରିବା ସହିତ ବୃକ୍ଷ ରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମ କୁ ପୂର୍ଣ୍ଣ ସାହୁ, ଅକ୍ଷୟ ମହାଭୋଇ,ଆଦିତ୍ୟ ରାଉତ,ମମତା ବେହେରା,ନିଳମଣି ବେହେରା,ସରୋଜ ସାମଲ,ସମିର ପତି,ମିତା,ଜିତା,ଲକି ଓ କୁନା ପରିଚାଳନା କରୁଥିବା ବେଳେ ଅନ୍ୟ ମାନେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ପରିବାର ସାମିଲ ହୋଇଥିଲେ।

## ଧାର୍ଯ୍ୟ ସମୟ ପୂର୍ବରୁ ଫୋନ୍ ସେବା ବନ୍ଦ ଅଭିଯୋଗ

ଢେଙ୍କାନାଳ,୪।୮ (ସମିସ) : ଫୋନ୍ ରିଚାର୍ଜର ଗୋଟିଏ ମାସ ପୂରଣ ହେବାର ୪ରୁ୫ଦିନ ପରେ ଫୋନ୍‌କୁ ବନ୍ଦ କରିଦେବା ବିରୋଧରେ ବିକେଏମ୍‌ୟୁ ଜିଲ୍ଲା ପରିଷଦ ସମ୍ପାଦକ ରବି ରଥ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀଙ୍କୁ ଏକ ଲିଖିତ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ଯେଉଁ ମୋବାଇଲ୍ ସେବା ପ୍ରଦାନକାରୀ କମ୍ପାନୀ ଫୋନ୍ ରିଚାର୍ଜ କରୁଛନ୍ତି ତାହା ଗୋଟିଏ ମାସ ପୂରିବା ମାତ୍ରେ କଥାହେବା ବନ୍ଦ କରିଦେଉଛନ୍ତି। ଯାହା ଫଳରେ ଗରିବ ଲୋକମାନେ ସେମାନଙ୍କର କାର୍ଯ୍ୟରେ ବ୍ୟାଘାତ ସୃଷ୍ଟି ହେଉଛି। ସରକାରଙ୍କର ସୁବିଧା ସୁଯୋଗ ପାଇବାରୁ ବଞ୍ଚିତ ହେଉଛନ୍ତି। ଏପରିସ୍ଥଳେ ବର୍ଷକୁ ୪ ମାସ ପାଇଁ ଫୋନ୍ ଚଳାଚଳ ବ୍ୟବସ୍ଥା କରାଯିବା ଜରୁରୀ ବୋଲି ଶ୍ରୀ ରଥ ପ୍ରକାଶ କରିଛନ୍ତି। ଯେଉଁମାନେ ଫୋନ୍‌ରେ ରିଚାର୍ଜ କରୁନାହାନ୍ତି ସେମାନେ ଅନ୍ତତଃ ଇନ୍-କମିଙ୍ଗ୍ ସୁବିଧା ପାଇବା ଦରକାର ବୋଲି ଦାବି କରିଛନ୍ତି। ଅନ୍ୟ ଜଣେ ଫୋନ୍ କଲେ କଥାବାର୍ତ୍ତା ହୋଇପାରିବେ। ଯେତେବେଳେ ସଂପୃକ୍ତ ବ୍ୟକ୍ତିଙ୍କର ଆବଶ୍ୟକ ପଡିବ ସେ ରିଚାର୍ଜ କରିବେ ବୋଲି ଶ୍ରୀ ରଥ କହିଛନ୍ତି। କମ୍ପାନୀ ଗୁଡିକର ଏଭଳି କାର୍ଯ୍ୟକଳାପକୁ ବିରୋଧ କରି ଶ୍ରୀ ରଥ କହିଛନ୍ତି ଯେ, ଏହା ଉପରେ ତଦନ୍ତ କରି ସମସ୍ୟାର ସମାଧାନ ପୂର୍ବକ ଫୋନ୍ କମ୍ପାନୀଗୁଡ଼ିକୁ ଆଦେଶ ଦେବା ନିମନ୍ତେ ଜିଲ୍ଲାପାଳଙ୍କ ପାଖରେ ଏକ ଅଭିଯୋଗ ପତ୍ର ଦାଖଲ କରିଛନ୍ତି।

## ସ୍ୱାଧୀନତା ଦିବସ ପାଇଁ ଉପଖଣ୍ଡସ୍ତରୀୟ ପ୍ରସ୍ତୁତି ବୈଠକ

ଖଜୁରିଆକଟା,୪।୮ (ସମିସ) : ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡସ୍ତରୀୟ ୮୦ତମ ସ୍ୱାଧୀନତା ଦିବସ ଉପଲକ୍ଷେ ପ୍ରଶାସନର ଏକ ପ୍ରସ୍ତୁତି ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି। ହିନ୍ଦୋଳ ତହସିଲ ଅଫିସ ସଭାଗୃହଠାରେ ଉପଜିଲ୍ଲାପାଳ ପ୍ରଭାସ ବେଉରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କିପରି ଶାନ୍ତିଶୃଙ୍ଖଳାର ସହିତ ଏହି ଦିବସ ପାଳନ କରାଯିବ ସେ ନେଇ ବିଷଦ ଆଲୋଚନା ହୋଇଥିଲା। ଏହି ବୈଠକରେ ଡେପୁଟି କଲେକ୍ଟର ବିଶ୍ୱଜିତ ରାଉତ ସଭା ପରିଚାଳନା କରିବା ସହ ପୂର୍ବବିବରଣୀ ପାଠ କରିଥିଲେ। ତହସିଲଦାର ଦିଲ୍ଲୀପ ସେଠୀ, ଥାନା ଭାରପ୍ରାପ୍ତ ଅଧିକାରିଣୀ ମମତା ସାମନ୍ତରାୟ, ଏନ୍‌ଏସି ଅଧ୍ୟକ୍ଷ କେଶବ ପ୍ରଧାନ, ନିର୍ବାହୀ ଅଧିକାରୀ ରାଜୀବ ଲୋଚନ ବେହେରା, ଉପଖଣ୍ଡ ମୁଖ୍ୟ ଚିକିତ୍ସାଧିକାରୀ ସୁଧାଂଶୁ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ।

## ଖଙ୍କିରା ଉଚ୍ଚ ବିଦ୍ୟାଳୟରେ ପ୍ରଥମ ଅଭିଭାବକ ବୈଠକ

ଗଁଦିଆ,୪।୮ (ସମିସ): ଢେଙ୍କାନାଳ ଶିକ୍ଷା ଜିଲ୍ଲା ସରକାରୀ ଉଚ୍ଚ ବିଦ୍ୟାଳୟ ଖଙ୍କିରାରେ ପ୍ରଥମ ଅଭିଭାବକ ବୈଠକ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ଶିକ୍ଷାର ଗୁଣାତ୍ମକ ବିକାଶ ପାଇଁ ରାଜ୍ୟ ସରକାରଙ୍କର ଏହା ଏକ ପ୍ରୟାସ ବୋଲି ପ୍ରଧାନ ଶିକ୍ଷୟିତ୍ରୀ ସୁମତି ନାଏକ ସ୍ୱାଗତ ଭାଷଣରେ ମତାମତ ଦେଇଥିଲେ। ଶିଶୁ ଶିକ୍ଷାର ଉନ୍ନତି ସ୍ୱଚ୍ଛତା ରକ୍ଷା, ପିଲାମାନଙ୍କର ବୌଦ୍ଧିକ ଓ ମାନସିକ ତଥା ସ୍ୱାସ୍ଥ୍ୟ ଅବସ୍ଥାର ବିକାଶ, ଭାରତ ବିକାଶ ଅଭିଯାନ, ବୃକ୍ଷରୋପଣ ସାଇବର ଠକେଇ ଓ ମୋବାଇଲର କମ ବ୍ୟବହାର ଶିକ୍ଷାର୍ଥୀଙ୍କ ପାଇଁ,ବୃତି ବାଛିବା ସହିତ ଗୁଣାତ୍ମକ ବିକାଶ ଧାରା ଘରେ ଘରେ ତ୍ରିରଙ୍ଗା, ନିଶାମୁକ୍ତ ଭାରତ ଗଠନ ଦିଗରେ ସମସ୍ତେ ଦାୟିତବାନ ହେବାପାଇଁ ପ୍ରଧାନ ଶିକ୍ଷୟିତ୍ରୀ ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ସଂଘମିତ୍ରା ସାମଲ, ସାଇଶ୍ରୀ ବାରିକ, ସୁମିତ୍ରା ରାଉଳ, ଆହୁତି ପଣ୍ଡିତ, ଅଞ୍ଜଳି ବ୍ରହ୍ମ, ଇପସୀତା ସାହୁ, ଓମ୍‌ପ୍ରଭା ବାରିକ, ନିରୁପମା ସାହୁଙ୍କ ସହିତ ଶିକ୍ଷକ ପୀତାମ୍ବର ଦଳେଇ, ଶିବଶମ୍ଭୁ ଜେନା, କାନୁନ ଦାସ ଯୋଗଦାନ କରିବା ସହ ବହୁ ଅଭିଭାବକ ଯୋଗ ଦେଇଥିଲେ।

## ପରିବେଶ ସଚେତନତା ବାର୍ତ୍ତାଦେଲେ ପରିବେଶବିତ୍

ଗଁଦିଆ,୪।୮ (ସମିସ): ଢେଙ୍କାନାଳ ଜିଲ୍ଲାର ବିଶିଷ୍ଟ ପରିବେଶବିତ୍ ତଥା ଶିକ୍ଷାବିତ୍ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସେବାନିବୃତ୍ତ ପ୍ରଧାନଶିକ୍ଷକ ବ୍ରାହ୍ମଣୀ ଦେବୀ ମନ୍ଦିର ପରିସରରେ ଚତୁର୍ଥ ପର୍ଯ୍ୟାୟ ଚାରା ରୋପଣ କରି ସମସ୍ତଙ୍କୁ ବାର୍ତ୍ତା ପ୍ରଦାନ କରିଛନ୍ତି "ବୃକ୍ଷ ଆମର ଜୀବନ' ବୃକ୍ଷ ଆମକୁ ଅମ୍ଳଜାନ, ଫଳ, ଛାୟା, ଔଷଧ, ଯୋଗାଇବା ସହିତ ବୃଷ୍ଟିପାତରେ ସହାୟତା ପ୍ରଦାନ କରୁଛି। ଏଣୁ ବିଶିଷ୍ଟ ପରିବେଶବିତ୍ ଶ୍ରୀ ସାହୁ ଗତ ଜୁଲାଇ ୪ ତାରିଖରେ ଷଡ଼ଙ୍ଗୀ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବେଛାପୁରି ମୌଜା କବିତାରେ ଥିବା ଅଧିଷ୍ଠାତ୍ରୀ ଦେବୀ ମା ବ୍ରାହ୍ମଣୀ ଦେବୀଙ୍କ ମନ୍ଦିର ପରିସରରେ ଚତୁର୍ଥ ପର୍ଯ୍ୟାୟ ଚାରା ରୋପଣ କରି ବୃକ୍ଷ ହିଁ ଜୀବନ ବୋଲି ମତବ୍ୟକ୍ତ କରି ସମସ୍ତଙ୍କୁ ଚାରା ରୋପଣ କରିବା ପାଇଁ ବିନମ୍ର ନିବେଦନ କରିଛନ୍ତି।

## ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଚାରାରୋପଣ

ଖଜୁରିଆକଟା,୪।୮ (ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ନୂତନ ପରିଚାଳନା କମିଟି ଓ ଅଭିଭାବକ ବୈଠକ ସ୍କୁଲ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ନୂତନ ପରିଚାଳନା କମିଟି ସଭାପତି ପ୍ରଦ୍ୟୁମ୍ନ ବେହେରାଙ୍କ ଅଧ୍ୟକ୍ଷତାରେ ପ୍ରଧାନଶିକ୍ଷକ ସଭା ପରିଚାଳନା ସହିତ ପୂର୍ବ ବିବରଣୀ ପାଠ କରିବାସହ ନୂତନ କମିଟି ତଥା ଅଭିଭାବକଙ୍କୁ ସ୍ୱାଗତ କରିଥିଲେ। ଏଥିସହ ସ୍କୁଲର ବିଭିନ୍ନ ସମସ୍ୟା, ଶିକ୍ଷା, ଶୃଙ୍ଖଳା, ଛାତ୍ରଛାତ୍ରୀ ଉପସ୍ଥାପନା, ଉତ୍ତମ ପରୀକ୍ଷାଫଳ, ଶିକ୍ଷକ ଏବଂ ବିଦ୍ୟାର୍ଥୀଙ୍କ ସୁରକ୍ଷା, ପରିମଳ, ଶିକ୍ଷକ କର୍ମଚାରୀ ଅଭାବଜନିତ ସମସ୍ୟା ସମ୍ପର୍କରେ ଆଲୋଚନା ସହିତ ଏହାର ପ୍ରତିକାର ନିମନ୍ତେ ପଦକ୍ଷେପ ନେବାପାଇଁ ଆଜି ବୈଠକରେ ସର୍ବସମ୍ମତ ଭାବରେ ମତ ଗୃହୀତ ହୋଇଥିଲା। ଶେଷରେ "ମା ପାଇଁ ଗଛ ଟିଏ' କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଶେଷରେ ବୃକ୍ଷରୋପଣ କରାଯାଇ ସମାଜକୁ ସଚେତନତା ବାର୍ତ୍ତା ଦିଆଯାଇଥିଲା। ଏହି ବୈଠକରେ ଉପସଭାପତି ବୈଜୟନ୍ତୀ ବିଶ୍ୱାଳ, ପରିଚାଳନା କମିଟିର ସମସ୍ତ ସଦସ୍ୟ ସଦସ୍ୟା, ବହୁସଂଖ୍ୟକ ଅଭିଭାବକଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ, କର୍ମଚାରୀ ବୃନ୍ଦ ଯୋଗ ଦେଇଥିବାବେଳେ ଶିକ୍ଷକ ଦୀପ୍ତିରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଇଆଇଏମ୍‌ସିରେ ଓଡ଼ିଆ ସାମ୍ବାଦିକତା ଦିବସ

ଢେଙ୍କାନାଳ,୪।୮ (ସମିସ): ଭାରତୀୟ ଜନସଞ୍ଚାର ସଂସ୍ଥାନ ପରିସରରେ ଓଡ଼ିଆ ସାମ୍ବାଦିକତା ଦିବସ ଉତ୍ସାହପୂର୍ଣ୍ଣ ପରିବେଶରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିରୂପେ ଯୋଗଦେଇ ରତନ ନାୟକ କହିଲେ ମୁଦ୍ରିତ ଗଣମାଧ୍ୟମର ଚାହିଦା ସବୁଦିନେ ରହିଛି ଏବଂ ଆଗକୁ ମଧ୍ୟ ରହିବ। ଓଡ଼ିଆ ଗଣମାଧ୍ୟମ ଏବଂ ବିଶେଷକରି ଉତ୍କଳ ଦୀପିକାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ନ'ଅଙ୍କ ଦୁର୍ଭିକ୍ଷର ବିଭୀଷିକା ଉପରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା, ଓଡ଼ିଆ ଭାଷା ଆନ୍ଦୋଳନ ଏବଂ ସ୍ୱାଧୀନତା ସଂଗ୍ରାମରେ 'ଉତ୍କଳ ଦୀପିକା' ସମ୍ବାଦପତ୍ର ଜନମତ ସୃଷ୍ଟି କରିବାରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ସମ୍ପାଦନ କରିଥିଲା। ଏହି ଅବସରରେ ସଂସ୍ଥାନର ଅଧ୍ୟାପକ, ଅଧ୍ୟାପିକା ଏବଂ ଓଡ଼ିଆ ଏବଂ ଇଂରାଜୀ ସାମ୍ବାଦିକତା, କର୍ପୋରେଟ ଯୋଗାଯୋଗ ଓ ବ୍ରାଣ୍ଡ ମ୍ୟାନେଜମେଣ୍ଟ ଏବଂ ମିଡିଆ ବିଭାଗ ଛାତ୍ରଛାତ୍ରୀ



ଉପସ୍ଥିତ ଥିଲେ। ଓଡ଼ିଆ ଅଧ୍ୟାପିକା ଡ. ଚିରସ୍ରୋତା ଜେନା ଓଡ଼ିଆ ସାମ୍ବାଦିକତାର ଗୌରବମୟ ପରମ୍ପରା, ବର୍ତ୍ତମାନର ଚ୍ୟାଲେଞ୍ଜ ଓ ଭବିଷ୍ୟତର ସମ୍ଭାବନା ଉପରେ ମତ ବିନିମୟ କରିଥିଲେ। ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ଉତ୍କଳ ଦୀପିକାର ପ୍ରଥମ ପ୍ରକାଶନ ଦିବସକୁ ଓଡ଼ିଆ ସାମ୍ବାଦିକତା ଦିବସ ରୂପେ ଆଇଆଇଏମସି ଢେଙ୍କାନାଳରେ ପାଳନ କରାଯାଇଥିଲା। ସଂସ୍ଥାନର ଲାଇବ୍ରେରିଆନ ଶୁଭଙ୍କରୀ ଦାସ ଏହି ଦିବସର ମହତ୍ୱ ଉପରେ ମତ ଉପସ୍ଥାପନା କରିଥିଲେ। ଇଂରାଜୀ ବିଭାଗ ଅଧ୍ୟାପକ ଡ. ବିରଞ୍ଚି ନାରାୟଣ ସେଠ ମଞ୍ଚ ପରିଚାଳନା କରିବା ସହ ବୃତ୍ତିଗତ ଆଚରଣ ଓ ଓଡ଼ିଆ ସାମ୍ବାଦିକତା ଜାତୀୟସ୍ତରରେ ଟେକ୍ନୋଲୋଜି ସହ ଆଗେଇ ଚାଲିଛି ବୋଲି ମତବ୍ୟକ୍ତ କରିଥିଲେ।

## କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଓ ଇକାର୍ଡା ପକ୍ଷରୁ ହରଡ଼ ବିହନ ବଣ୍ଟନ

ଢେଙ୍କାନାଳ,୪।୮ (ସମିସ) : ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଓ ଇକାର୍ଡାର ମିଳିତ ଆନୁକୂଲ୍ୟରେ ସଦର ବ୍ଲକ ନୂଆଗାଁ ପଞ୍ଚାୟତରେ ଦକ୍ଷତା ବିକାଶ ଓ କୃଷି ସାମଗ୍ରୀ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକ୍ ସହକାରୀ କୃଷି ଅଧିକାରିଣୀ ବନଜା ନାୟକ, ଗ୍ରାମ୍ୟ କୃଷି ଅଧିକାରିଣୀ ପ୍ରତିମା ବେହେରା, ସରପଞ୍ଚ ସନ୍ତୋଷ ଭୁୟାଁ ପ୍ରଶିକ୍ଷଣ ଦେଇଥିଲେ। ଇକାର୍ଡା ଅନୁଷ୍ଠାନର ଜିଲ୍ଲା ସଂଯୋଜକ ଆଶିଷ ଜେନା ସରକାରଙ୍କ ଏହି କାର୍ଯ୍ୟକ୍ରମ ସମ୍ବନ୍ଧରେ ଆଲୋଚନା କରିଥିଲେ। ବ୍ଲକ ସଂଯୋଜକ ଆଶୀର୍ବାଦ ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ନୂଆଗାଁ ଗ୍ରାମରେ ୨୫ ଜଣ ଅଗ୍ରଣୀ ଚାଷୀଙ୍କୁ ଉନ୍ନତି କୃଷି ପଦ୍ଧତି, ବିଲୁପ୍ତପ୍ରାୟ ଫସଲ ସଂରକ୍ଷଣ ଏବଂ ସ୍ଥାୟୀ କୃଷି ପ୍ରଣାଳୀ ସମ୍ପର୍କରେ ସଚେତନ କରାଯିବ ସହ ହରଡ ବିହନ ବଣ୍ଟନ କରାଯାଇଥିଲା। ଇକାର୍ଡା ଅନୁଷ୍ଠାନର ଏହି ଅଭିନବ ପ୍ରୟାସକୁ ସାଧାରଣରେ ପ୍ରଶଂସା କରାଯାଇଛି।

## ଜଙ୍ଗଲ ଆଇନ ସମ୍ପର୍କିତ ସଚେତନତା କର୍ମଶାଳା

ଢେଙ୍କାନାଳ,୪।୮ (ସମିସ) : ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଢେଙ୍କାନାଳ ବନଖଣ୍ଡ ବିଭାଗ ଆନୁକୂଲ୍ୟରେ ଜଙ୍ଗଲ ଆଇନ ଓ ବନ୍ୟଜନ୍ତୁ ସୁରକ୍ଷା ଆଇନ ସମ୍ପର୍କିତ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଛି। ଏଥିରେ ଜିଲ୍ଲା ବନଖଣ୍ଡ ଅଧିକାରୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ରାଜ୍ୟ ଅଭିଯୋଜନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଦୀପ୍ତି ରଞ୍ଜନ କାନୁନ୍‌ଗୋ ଜଙ୍ଗଲ୍ ଓ ବନ୍ୟଜନ୍ତୁ ସୁରକ୍ଷା ଆଇନର ତଦନ୍ତ ପ୍ରକ୍ରିୟାରେ ରହୁଥିବା ତ୍ରୁଟି ବିଚ୍ୟୁତି ତଥା ଅଦାଲତରେ ସରକାରୀ ଓକିଲ କିପରି ମାମଲାକୁ ସଠିକ ପରିଚାଳନା କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। କର୍ମଶାଳାକୁ ଜିଲ୍ଲା ଦୌରାଜଜ ପ୍ରଣବ ରାଉତରାୟ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ଚିଫ ଜୁଡିସିଆଲ ମାଜିଷ୍ଟ୍ରେଟ ଛାୟାକାନ୍ତ ଦାସ ଜଙ୍ଗଲ ଆଇନ ଓ ବନ୍ୟଜନ୍ତୁ ସୁରକ୍ଷା ଆଇନ ତଦନ୍ତ ସମୟରେ ଏବଂ କୋର୍ଟରେ ମାମଲା ପରିଚାଳନା ଉପରେ ଗୁରୁତ୍ୱ ଦେବା ଉପରେ ପରାମର୍ଶ ଦେଇଥିଲେ। ବନଖଣ୍ଡ ଅଧିକାରୀ ଲଳିତ ପାତ୍ର ଯୋଗଦେଇ ହାତୀ ମୃତ୍ୟୁ ଦିଗରେ ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ଢେଙ୍କାନାଳ ଏବଂ ଅନୁଗୋଳ ଜିଲା ଅଭିଯୋଜନ ନିର୍ଦ୍ଦେଶାଳୟ ଉପ ନିର୍ଦ୍ଦେଶକ ଗଣେଶ ବେହେରା କର୍ମଶାଳାର ଉଦ୍ଦେଶ୍ୟ ଏବଂ ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଢେଙ୍କାନାଳ ଚିଫ ଡିଫେନ୍ସ କାଉନସିଲର ଦିପ୍ତୀଶ ପ୍ରସାଦ ପଟ୍ଟନାୟକ, ପ୍ରଶିକ୍ଷକ ଆଇନଜୀବୀ ଅଶୋକ ପଟ୍ଟନାୟକ ତଦନ୍ତର ବିଭିନ୍ନ ଦିଗ ବାବଦରେ ଆଲୋଚନା କରିଥିଲେ। ଏସିଏଫ୍ ନିନେନ୍ଦୁ ଜଳପତି, ପବ୍ଲିକ ପ୍ରୋସିକ୍ୟୁଟର ସୀତାକାନ୍ତ ଦାସ, ଅଭିଯୋଜନ ନିର୍ଦ୍ଦେଶାଳୟର ସହ ନିର୍ଦ୍ଦେଶିକା ମଧୁସ୍ମିତା ଦାସ, ଏପିପି ଶାଶ୍ୱତ ଜେନା, ଏପିପି ହରିହର ମହାରଣା, ସାଇବର ସେଲ୍‌ର ଡିପିଓ ଶ୍ରୀକ୍ରିଷ୍ଣା ଭୋଇ ପ୍ରମୁଖ ଯୋଗଦେଇ ଥିଲେ। ପ୍ରଶ୍ନୋତ୍ତର ଆଲୋଚନାରେ ଜିପି ନବକିଶୋର ଗୁରୁ ଭାଗ ନେଇଥିଲେ। ଗଣେଶ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଟାଟା ଷ୍ଟିଲ୍ ପକ୍ଷରୁ ସ୍ୱାସ୍ଥ୍ୟ ସଂକ୍ରାନ୍ତ ଜିଲ୍ଲାସ୍ତରୀୟ ସମନ୍ୱୟ ବୈଠକ

ଢେଙ୍କାନାଳ,୪।୮ (ସମିସ) : ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ପକ୍ଷରୁ ଅନୁଗୋଳ ଓ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସହଯୋଗରେ ମେରାମଣ୍ଡଳୀସ୍ଥିତ ଶିବ ଇମ୍ପିରିଆଲଠାରେ ବାହକଜନିତ ରୋଗ ନିୟନ୍ତ୍ରଣ ପାଇଁ ଏକ ଜିଲ୍ଲାସ୍ତରୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅନୁଗୋଳ ସିଡିଏମ୍‌ଓ ଡା. ମଦନ ମୋହନ ପ୍ରଧାନ, ଏଡିପିଏଚ୍‌ଓ ଡା. ହିମାଂଶୁ ଶେଖର ହେମ୍ବ୍ରମ, ଏଡିପିଏଚ୍‌ଓ ଡା. ପୂର୍ଣ୍ଣିମା ଉଦ୍‌ଗାତା, ଜିଲ୍ଲା ଭିବିଡି କନ୍‌ସଲ୍‌ଟାଣ୍ଟ କବିର ସ୍ୱାଇଁ, ଅଞ୍ଚଳୀୟ କୀଟତତ୍ତ୍ୱ ବିଶେଷଜ୍ଞ ପ୍ରେମାଞ୍ଜନ ପଣ୍ଡା ଏବଂ ଟାଟା ଷ୍ଟିଲ୍ ଫାଉଣ୍ଡେସନର ପବ୍ଲିକ୍ ହେଲ୍‌ଥ ଲିଡ୍ ନିଳିମା ତିର୍କୀଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ, ଟିଏସ୍‌ଏଫ୍‌ର ପବ୍ଲିକ୍ ହେଲ୍‌ଥ ଟିମ୍ ସଦସ୍ୟ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶାରୁ ମ୍ୟାଲେରିଆ ନିରାକରଣ କ୍ଷେତ୍ରରେ ଡାକ୍ତର ମଦନ ମୋହନ ପ୍ରଧାନଙ୍କ ଉଲ୍ଲେଖନୀୟ ଅବଦାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଦୁର୍ଗମ ଅଞ୍ଚଳରେ ମ୍ୟାଲେରିଆ ନିରାକରଣ କାର୍ଯ୍ୟକ୍ରମର ମୁଖ୍ୟ ପୁରୋଧା ଭାବେ ପରିଚିତ ଡାକ୍ତର ପ୍ରଧାନ, ଭାରତର ଅନ୍ୟତମ ସଫଳ ମ୍ୟାଲେରିଆ ନିୟନ୍ତ୍ରଣ କାର୍ଯ୍ୟକ୍ରମର ପରିକଳ୍ପନା ଓ କାର୍ଯ୍ୟକାରିତାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଯାହାଫଳରେ ଓଡ଼ିଶାରେ, ବିଶେଷକରି ଦୁର୍ଗମ ଆଦିବାସୀ ଅଞ୍ଚଳରେ, ମ୍ୟାଲେରିଆ ରୋଗୀଙ୍କ ସଂଖ୍ୟା କମିବା ସହ ମୃତ୍ୟୁ ସଂଖ୍ୟା ଯଥେଷ୍ଟ ହ୍ରାସ ପାଇଥିଲା। ଏହି ବୈଠକରେ ଅନୁଗୋଳ ଓ ଢେଙ୍କାନାଳ ଜିଲ୍ଲାର ବର୍ତ୍ତମାନର ଜୀବାଣୁ ବାହକ ରୋଗ ସ୍ଥିତି ସମ୍ପର୍କରେ ସମୀକ୍ଷା କରାଯିବା ସହ ଏହାର ମୁକାବିଲା ଲାଗି ପ୍ରସ୍ତୁତି, ସର୍ଭେଲାନ୍ସ, ପ୍ରତିରୋଧ ଏବଂ ଜନସାଧାରଣଙ୍କ ଭାଗିଦାରୀ ବୃଦ୍ଧି କରିବା ପାଇଁ ଆଲୋଚନା କରାଯାଇଥିଲା। ମ୍ୟାଲେରିଆ, ଡେଙ୍ଗୁ, ଚିକନ୍‌ଗୁନିଆ ଭଳି ମଶାବାହକ ରୋଗର ନିରାକରଣ ପାଇଁ ସ୍ୱାସ୍ଥ୍ୟ ବିଭାଗ, ସ୍ଥାନୀୟ ପ୍ରଶାସନ, ସହଯୋଗୀ ସଂସ୍ଥା ଓ ଜନସାଧାରଣଙ୍କ ମଧ୍ୟରେ ସମନ୍ୱୟ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଠିକ୍ ସମୟରେ ସର୍ବେକ୍ଷଣ, ଶୀଘ୍ର ରୋଗ ଚିହ୍ନଟ ଓ ଚିକିତ୍ସା, ପରିବେଶ ପରିଷ୍କାର-ପରିଚ୍ଛନ୍ନତା, ମଶା ବଂଶବୃଦ୍ଧି ରୋକିବା ଏବଂ ନିରନ୍ତର ସଚେତନତା ସୃଷ୍ଟି କରିବା ଉପରେ ବିଶେଷ ଆଲୋଚନା ହୋଇଥିଲା। ଏହିଭଳି କାର୍ଯ୍ୟକ୍ରମ ଆୟୋଜନ କରି ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ଓ ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନ ମିଳିତ ଭାବେ ଅନୁଗୋଳ ଓ ଢେଙ୍କାନାଳ ଜିଲ୍ଲାରେ ଏକ ସୁସ୍ଥ ଓ ନିରାପଦ ପରିବେଶ ଗଢ଼ିତୋଳିବା ପାଇଁ ସଙ୍କଳ୍ପ ନେଇଥିଲେ।

## ସନ୍ଥପୁରରେ ପାଚିକା ଓ ସହାୟିକାଙ୍କ କ୍ଲଷ୍ଟରସ୍ତରୀୟ ତାଲିମ ଶିବିର

ଗଁଦିଆ,୪।୮ (ସମିସ) : ଢେଙ୍କାନାଳ ଜିଲ୍ଲାର ଗଁଦିଆ ବ୍ଲକ ଅନ୍ତର୍ଗତ ସନ୍ଥପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ପାଚିକା ତଥା ସହାୟିକାଙ୍କ କ୍ଲଷ୍ଟର ସ୍ତରୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସୁନିତା ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସିଆରସିସି ଛାୟା ପ୍ରକାଶ ବେହେରା ତାଲିମର ସଂଯୋଜନା କରିବା ସହ ପାଚିକା ଓ ସହାୟିକାଙ୍କ ଦାୟିତ୍ୱ, ବ୍ୟକ୍ତିଗତ ପରିଛନ୍ନତା, ଆଦର୍ଶ ରନ୍ଧନ ପ୍ରଣାଳୀ, ରୋଷେଇ ଶାଳାର ସ୍ୱଚ୍ଛତା, ଜୀବାଣୁ ନିୟନ୍ତ୍ରଣ, ଆବର୍ଜନା ପରିଚାଳନା, ଖାଦ୍ୟ ଚାଖିବା ଓ ସୁରକ୍ଷିତ ପରିବେଷଣ ସମ୍ପର୍କରେ ବିସ୍ତୃତ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସନ୍ଥପୁର କ୍ଲଷ୍ଟର ଅଧୀନସ୍ଥ ବିଭିନ୍ନ ବିଦ୍ୟାଳୟର ପାଚିକା ଓ ସହାୟିକାମାନେ ଏଥିରେ ଯୋଗଦେଇ ଉପକୃତ ହେବା ସହ ମାନପତ୍ର ପ୍ରାପ୍ତ କରିଛନ୍ତି । ଶେଷରେ ଶିକ୍ଷକ ତଥା ପ୍ରକୃତି ବନ୍ଧୁ ମନୋଜ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ଶିକ୍ଷକ ସଞ୍ଜୟ କୁମାର ଜେନା, ମନୋଜ କୁମାର ବଳିୟାର ସିଂହ ଏବଂ କର୍ମଚାରୀ ହେମନ୍ତ କୁମାର ନାୟକ ସହଯୋଗ କରିଥିଲେ।

## ବାବା ଆଖଣ୍ଡଳମଣିଙ୍କ ପୀଠରେ ପୂଜାର୍ଚ୍ଚନା

ଢେଙ୍କାନାଳ,୪।୮ (ସମିସ) : ସ୍ଥାନୀୟ ଭାଗୀରଥି ସାଗର କୂଳରେ ଅବସ୍ଥିତ ବାବା ଆଖଣ୍ଡଳମଣିଙ୍କ ପୀଠରେ ଶ୍ରାବଣ ମାସର ପ୍ରଥମ ସୋମବାର ଅବସରରେ ଭକ୍ତିମୟ ପରିବେଶ ମଧ୍ୟରେ ବିଶେଷ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଛି। ପ୍ରଭାତରୁ ମଙ୍ଗଳ ଆଳତି, ମହାସ୍ନାନ, ବେଲପତ୍ର ଅର୍ପଣ, ବିଭିନ୍ନ ପ୍ରକାରର ପୁଷ୍ପ ଓ ଭୋଗ ଲାଗି ସହ ବିଧିବଦ୍ଧ ଭାବେ ବାବାଙ୍କ ନୀତିକାନ୍ତି ସମ୍ପନ୍ନ କରାଯାଇଥିଲା। ମଧ୍ୟାହ୍ନରେ ଅନ୍ନଧୂପ ନୀତି ପରେ ସନ୍ଧ୍ୟାରେ ଆଳତି ଓ ଘର୍ଷଣୀ ନୀତି ସହ ବାବାଙ୍କୁ ମନୋରମ ମେଳା ବେଶରେ ସଜାଯାଇଥିଲା। ଏହି ଅବସରରେ ଚୁଡ଼ା ଘଷା ଓ ପଣା ଭୋଗ ଲାଗି କରାଯାଇଥିଲା। ପୂଜକ ତୁଷାର ରଞ୍ଜନ ମିଶ୍ର ଓ ବିଭୂତି ଭୂଷଣ ପଣ୍ଡା ବିଧିବଦ୍ଧ ଭାବେ ସମସ୍ତ ପୂଜାର୍ଚ୍ଚନା ସମ୍ପନ୍ନ କରିଥିଲେ। ଶ୍ରାବଣ ମାସରେ ବାବାଙ୍କ ଦର୍ଶନ ପାଇଁ ବହୁ ସଂଖ୍ୟାରେ ଭକ୍ତଙ୍କ ସମାଗମ ହୋଇଥିଲା।

## ନନ୍ଦିନୀ ଦେବୀଙ୍କ ବିଂଶତମ ଶ୍ରାଦ୍ଧବାର୍ଷିକୀ

ଢେଙ୍କାନାଳ,୪।୮ (ସମିସ) : ସ୍ଥାନୀୟ କଣ୍ଟାନାଳୀ ବାଇପାସ୍ ଛକ ନିକଟସ୍ଥ ନନ୍ଦିନୀ ଦେବୀ ବଧିର ଓ ଦୃଷ୍ଟିହୀନ ବିଦ୍ୟାଳୟ ପରିସର ମଧ୍ୟରେ ଥିବା ନନ୍ଦିନୀ ଦେବୀଙ୍କ ପୂର୍ଣ୍ଣାବୟବ ପ୍ରତିକୃତିରେ ଅକ୍ଷମ କଲ୍ୟାଣ ସମିତି ପକ୍ଷରୁ ଏହାର ସଭାପତି ପ୍ରଦ୍ୟୁମ୍ନ ରଥ, ସହ-ସଂପାଦକ ପ୍ରଦୀପ କୁମାର ଧଳ ଓ ସକ୍ରିୟ ସଭ୍ୟ ଆଇନ୍‌ଜୀବୀ କୃଷ୍ଣଚନ୍ଦ୍ର ଦ୍ୱିବେଦୀ ପ୍ରମୁଖ ପୁଷ୍ପମାଲ୍ୟାର୍ପଣ ଓ ଧୂପଦାନ କରିଥିଲେ। ଏହି ଅବସରରେ ଉପସ୍ଥିତ ଥିବା ବଧିର ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ସମିତି ପକ୍ଷରୁ ଜିଲାବି ବଣ୍ଟନ କରାଯାଇଥିଲା। ବଧିର ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସମରେନ୍ଦ୍ର ସାହୁ, ଶିକ୍ଷକ ଚନ୍ଦ୍ରକାନ୍ତ ପଣ୍ଡା ଓ ସରୋଜ ସାମଲ ଏବଂ ଚତୁର୍ଥ ଶ୍ରେଣୀ କର୍ମଚାରୀ ପ୍ରକାଶ ପାଣିଗ୍ରାହୀ ଓ ଆଲୋକ ମିଶ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# କର୍ମଚାରୀଙ୍କୁ ସୁରକ୍ଷା ଦାବିରେ କଲମଛାଡ଼ ଆନ୍ଦୋଳନ

ଢେଙ୍କାନାଳ,୪।୮ (ସମିସ)

ସଦର ବ୍ଲକ ଅନ୍ତର୍ଗତ କାଇମାଟି ଗ୍ରାମପଞ୍ଚାୟତର ଗହମଖୁଣ୍ଟି ଗ୍ରାମରେ ମହିଳା ପିଇଓ ଏବଂ ବିଡିଓଙ୍କୁ ଦୁର୍ବ୍ୟବହାର କରିଥିବା ଘଟଣାକୁ ନେଇ କର୍ମଚାରୀମାନେ କଲମଛାଡ଼ ଆନ୍ଦୋଳନ କରିଥିବାର ଜଣାପଡିଛି । ସରକାରୀ କର୍ମଚାରୀମାନଙ୍କୁ ସୁରକ୍ଷା ଦାବୀକୁ ନେଇ ସଦର ବ୍ଲକ କାର୍ଯ୍ୟାଳୟ ପରିସରରେ କର୍ମଚାରୀମାନେ ଏହି ଧାରଣା ଦେଇ ନ୍ୟାୟ ନମିଳିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରଖିଛନ୍ତି। ଏହି ଧାରଣା ଅବ୍ୟାହତ ରହିବ ବୋଲି କର୍ମଚାରୀମାନେ ଚେତାବନୀ ଦେଇଛନ୍ତି । ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏବଂ କେତେକ ଦଳୀୟ କର୍ମଚାରୀଙ୍କ



ସମେତ ଅନ୍ୟ କର୍ମୀମାନେ ମହିଳା ପିଇଓ ଏବଂ ବିଡିଓଙ୍କୁ ଦୁର୍ବ୍ୟବହାର କରିଥିବା ଘଟଣାକୁ ନେଇ ଏହି କଲମଛାଡ ଆନ୍ଦୋଳନ ଜାରି ରଖିଛନ୍ତି। ଦାବିଗୁଡ଼ିକ ମଧ୍ୟରେ ସରକାରୀ କର୍ମଚାରୀମାନଙ୍କ ସୁରକ୍ଷା, ଦୁର୍ବ୍ୟବହାର କରିଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ, କର୍ମକ୍ଷେତ୍ରରେ ରାଜନୈତିକ ଚାପର ଦୁରିକରଣ, ମିଥ୍ୟା ଆରୋପ ବିରୁଦ୍ଧରେ ସଠିକ ତଦନ୍ତ, ମହିଳା ପିଇଓଙ୍କୁ ଅସମ୍ମାନ କରିଥିବା ଦଳୀୟ କର୍ମୀଙ୍କ କ୍ଷମାପ୍ରାର୍ଥନା ଦାବୀରେ ସଦର ବ୍ଲକର ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ, ଏଡିଇଓ ଏବଂ ଜିଆରଏସ କର୍ମଚାରୀମାନେ ଏହି ଆନ୍ଦୋଳନ ଚଳାଇଛନ୍ତି । ଏଠାରେ ସୂଚନା ଯୋଗ୍ୟ ଯେ ସର୍ବସମ୍ମୁଖରେ ବିଡିଓଙ୍କୁ ବଦଳି କରିବା ଏବଂ ଜଣେ ମହିଳା ପିଇଓଙ୍କୁ ଚୁପ ବୋଲି କହିବାର ଭିଡିଓ ବେଶ୍ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା।

## ଜଳବନ୍ଦୀରେ ପ୍ରାଣୀ ସମ୍ପଦ; ସୁରକ୍ଷା ଦାବି



ବଲାଙ୍ଗିର,୪।୮ (ସମିସ): ମାଗୁରବେଡା ଲୋୟର ସୁକତେଲ ଡ୍ୟାମ୍ ଦ୍ୱାରା ମଣିଷ ବିସ୍ଥାପିତ ହୋଇଛନ୍ତି। .ଷ ଜମି ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। .ଷୀଙ୍କ ହକ୍ ପାଇଁ ବିଭିନ୍ନ ସମୟରେ ବିରାଟ ଆନ୍ଦୋଳନ ହୋଇଛି। ଏବେ ଡ୍ୟାମ୍‌ରେ ପାଣି ରହିଥିବାରୁ ଜୀବଜନ୍ତୁ ରାସ୍ତାରେ ବୁଲୁଛନ୍ତି। ଜଙ୍ଗଲ ନଷ୍ଟ ହୋଇଯିବାରୁ ଏମାନଙ୍କର ଆଶ୍ରୟ ସ୍ଥଳ ନାହିଁ। ବାର୍ହା, କୁଟୁରା, ଠେକୁଆ, ମୟୂର ଇତ୍ୟାଦିକୁ ଲୋୟର ସୁକତେଲ ଡ୍ୟାମ୍ ପାଖରେ ଦେଖିବାକୁ ମିଳୁଛି। ଏମାନଙ୍କ ସୁରକ୍ଷା ପାଇଁ ଆଜି ଦେବାଳୟ ଐତିହ୍ୟ ସୁରକ୍ଷା କମିଟି ବଲାଙ୍ଗିର ଡିଏଫ୍‌ଓଙ୍କ କାର୍ଯ୍ୟାଳୟରେ ଏକ ଦାବିପତ୍ର ପ୍ରଦାନ କରିଛି। ଏସିଏଫ୍ ମାନସ ରଂଜନ ବେହେରା ଦାବିପତ୍ର ଗ୍ରହଣ କରିଛନ୍ତି। କମିଟି ୪ଟି ପ୍ରସ୍ତାବ ଦେଇଛି। ଜଳବନ୍ଦୀ ହୋଇ ରହିଥିବା ଜୀବଜନ୍ତୁଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଉ। ଲୋୟର ସୁକତେଲ ଡ୍ୟାମ୍ .ରି ପାଶ୍ୱର୍ରେ ସଚେତନତା ବୋର୍ଡ ଲଗାଯାଉ। ଜାତୀୟ ପକ୍ଷୀ ମୟୁର ଓ ବିଭିନ୍ନ ପ୍ରଜାତିର ପକ୍ଷୀଙ୍କ ପାଇଁ କରିଡର ନିର୍ମାଣ କରାଯାଉ। ବେଧଡକ ଶିକାର କରୁଥିବା ଶିକାରୀଙ୍କୁ ଧରାଯାଉ। ଏକ ସଚେତନା ସଭା ମଧ୍ୟ କରାଯାଉ ବୋଲି ଦାବିପତ୍ରରେ ଦିଆଯାଇଛି। ସଭାପତି ଜୟକୃଷ୍ଣ ମିଶ୍ରଙ୍କ ନେତୃତ୍ୱରେ ସଂପାଦକ ପ୍ରଶାନ୍ତ ମହାକୁର, ଅର୍ଜୁନ ସାହୁ, ସହ ସଂପାଦକ ଶମ୍ଭୁ ପ୍ରସାଦ ଶତପଥୀ, କୋଷାଧ୍ୟକ୍ଷ ଭବାନୀଶଙ୍କର ଭୋଇ, ରିଣ୍ଟୁ ସାହୁ, ସତ୍ୟନାରାୟଣ ତ୍ରିପାଠି ପ୍ରମୁଖ ଏହି ଦାବିପତ୍ର ଦେଇଥିଲେ।

## ଅଭିଭାବକ-ଶିକ୍ଷକ ବୈଠକ



ଖପ୍ରାଖୋଲ,୪।୮ (ସମିସ): ସ୍ଥାନୀୟ ଖପ୍ରାଖୋଲ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଅଭିଭାବକ-ଶିକ୍ଷକ-ବିଦ୍ୟାଳୟ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଇସ୍ୱାଲ ସୁନାଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ, ଶିକ୍ଷୟତ୍ରୀମାନେ ଛାତ୍ରଛାତ୍ରୀଙ୍କ ଶାରୀରିକ, ମାନସିକ, ଶିକ୍ଷା ଓ ସୁରକ୍ଷାକୁ ନେଇ ଅଭିଭାବକମାନଙ୍କୁ ବୁଝାଇ ଥିଲେ। ଏହା ସହିତ ବର୍ତ୍ତମାନ ସମୟରେ ମୋବାଇଲ ବ୍ୟବହାର କରିବା ଦ୍ୱାରା ଛାତ୍ରଛାତ୍ରୀଙ୍କ ମାନସିକ ଓ ଶାରୀରିକ ବିକାଶର ଅଧୋପତନ ଘଟୁଛି। ଏଣୁ ଛାତ୍ରଛାତ୍ରୀଙ୍କୁ ମୋବାଇଲ ବ୍ୟବହାରରୁ କିପରି ନିବୃତ୍ତ କରି ପାରିବେ ସେ ନେଇ ଅଭିଭାବକ ଅଭିଭାବିକାଙ୍କୁ ଶିକ୍ଷକ, ଶିକ୍ଷୟତ୍ରୀ ବୁଝାଇ ଥିଲେ। ଏହି ଅବସରରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ସହ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନରେନ୍ଦ୍ର ଭୋଇ ଉପସ୍ଥିତ ଥିଲେ।

## ଶିକ୍ଷା କେବଳ ପରୀକ୍ଷାରେ ସଫଳତା ପାଇଁ ନୁହେଁ



ଲୋଇସିଂହା,୪।୮ (ସମିସ): ବୁର୍ଡାସ୍ଥିତ ପ୍ରଶାନ୍ତି ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ମଙ୍ଗଳବାର +୨ କଳା ଓ ବିଜ୍ଞାନ ବିଭାଗର ପ୍ରଥମ ବର୍ଷ ଛାତ୍ରୀମାନଙ୍କୁ ସ୍ୱାଗତ କରାଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ଓ ଅଧ୍ୟକ୍ଷ ଆଦିକନ୍ଦ ଡାଙ୍ଗ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି କାର୍ଯ୍ୟକ୍ରମରେ ଲୋଇସିଂହା ଏସ୍‌ବିଆଇର ଶାଖା ପରିଚାଳକ ଶାଳିନୀ କୁଲୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷା କେବଳ ପରୀକ୍ଷାରେ ସଫଳତା ପାଇଁ ନୁହେଁ। ଜଣେ ସୁନାଗରିକ ଭାବେ ଗଢ଼ିଉଠିବାର ମୂଳ ଆଧାର ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ନୀତାରାଣୀ ପୁଟେଲ, ରଞ୍ଜିତା ପଧାନ, ଶାଳିନୀ ସାଗର, ରାହେଲ କୁମ୍ଭାର, ପ୍ରିୟଙ୍କା ଚୌଧୁରୀ, ପ୍ରଭାସିନୀ ବେହେରା ଏବଂ ଦିବ୍ୟାଂଶୁ ମିଶ୍ର ପ୍ରମୁଖ ନୂତନ ଛାତ୍ରୀମାନଙ୍କୁ ସ୍ୱାଗତ ଜଣାଇଥିଲେ। ଶେଷରେ ଯୁକ୍ତ୨ ଦ୍ୱିତୀୟ ବର୍ଷର ଛାତ୍ରୀ ଶୁଭଶ୍ରୀ ବିଶି ଧନ୍ୟବାଦ ଅର୍ପଣ କରିଥିଲେ।

## ସହଜରେ ଋଣ ଦେବାର ପ୍ରଲୋଭନ ଦେଖାଇ ଠକେଇ




ବଲାଙ୍ଗିର,୪।୮ (ସମିସ): ସହଜରେ ଅନଲାଇନ୍ ଋଣ ପ୍ରଲୋଭନ ଦେଖାଇ ଲୋକଙ୍କୁ ଠକିବା ଅଭିଯୋଗରେ ପୁଇଁତଲା ପୁଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଉଛି ଖଇରମାଳ ଗ୍ରାମର ଅଞ୍ଜନ ନାଗ (୩୬)। ଲୋକଙ୍କୁ ସହଜରେ ଋଣ ମଞ୍ଜୁର କରାଇଦେବାର ପ୍ରତିଶ୍ରୁତି ଦେଇ ସେ ଆଧାର, ପ୍ୟାନ୍, ବ୍ୟାଙ୍କ ଖାତା ସମ୍ବନ୍ଧୀୟ ସୂଚନା ଓ ଓଟିପି ହାସଲ କରୁଥିଲା। ପରେ ସେହି ସୂଚନା ବ୍ୟବହାର କରି ଅନଲାଇନ୍‌ରେ ଋଣ ଆବେଦନ କରି ହଡପ କରିଥିବା ଅଭିଯୋଗ ହୋଇଥିଲା। ଏନେଇ ପୁଇଁତଲା ଥାନାରେ ମାମଲା ରୁଜୁ କରି ପୁଲିସ ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ପୁଲିସ ସାକ୍ଷୀଙ୍କ ବୟାନ ରେକର୍ଡ କରିବା ସହ ବିଭିନ୍ନ ଦସ୍ତାବିଜ ଓ ଡିଜିଟାଲ ପ୍ରମାଣ ସଂଗ୍ରହ କରିଥିଲା। ପରେ ତା ଘରେ ଚଢ଼ଉ କରି ପୁଲିସ ୧୫ଟି ଏଟିଏମ୍ କାର୍ଡ, ୭ଟି ବ୍ୟାଙ୍କ ପାସ୍‌ବୁକ୍, ୨ଟି ଚେକ୍ ବୁକ୍ ସମେତ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଦଲିଲ ଜବତ କରିଛି। ତେବେ ମାମଲାର ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ ସଞ୍ଜୟ ରାଉତରାୟ ସୂଚନା ଦେଇଛନ୍ତି।

### ଚର୍ଚ୍ଚାରେ ବୁଣାକାର ସୁରୁବାବୁ ମେହେର

# ସମ୍ବଲପୁରୀ ବାନ୍ଧ ଶାଢ଼ୀରେ ସମ୍ବିଧାନର ୨୨ ଭାଷା

ବୌଦ୍ଧ, ୪।୮ (ସମିସ)



- ଶାଢ଼ୀର ନାମ ରଖାଯାଇଛି 'ଭାଷା ବନ୍ଧନ'
- ଆଞ୍ଚଳରେ ଜାତୀୟ ସ୍ଲୋଗାନ 'ସତ୍ୟମେବ ଜୟତେ'
- ୨ ମାସ ଧରି ପରିବାରର ସମସ୍ତେ ଦିନରାତି ପରିଶ୍ରମ କରିଛନ୍ତି
- ସ୍ୱାଧୀନତା ଦିବସ ଅବସରରେ ରାଷ୍ଟ୍ରପତିଙ୍କ ନିକଟକୁ ପଠାଇବାକୁ ଲକ୍ଷ୍ୟ

ବୌଦ୍ଧ ଜିଲ୍ଲା ବାଉଁଶୁଣୀ ପଞ୍ଚାୟତ ବଉଦିଆପଡ଼ା ଗ୍ରାମର ପ୍ରତିଭାବାନ ବୁଣାକାର ସୁରୁବାବୁ ମେହେର ନିଜର କଳାନୈପୁଣ୍ୟ ବଳରେ ଏକ ବିରଳ କୀର୍ତ୍ତି ସ୍ଥାପନ କରିଛନ୍ତି। ଭାରତର ସମ୍ବିଧାନ ଦ୍ୱାରା ମାନ୍ୟତା ପ୍ରାପ୍ତ ୨୨ଟି ଭାଷାକୁ ସୂକ୍ଷ୍ମ ସୂତାରେ ସୁନ୍ଦର ଭାବେ ଖଞ୍ଜି ସେ ଏକ ସ୍ୱତନ୍ତ୍ର ଶାଢ଼ୀ ତିଆରି କରିଛନ୍ତି। ଶାଢ଼ୀର ନାମ ରଖାଯାଇଛି ଭାଷା ବନ୍ଧନ। ତନ୍ତର ପ୍ରତିଟି ସୂତାରେ ଓଡ଼ିଆ, ଆସାମୀ, ବଙ୍ଗାଳୀ, ଗୁଜରାଟୀ, ହିନ୍ଦୀ, କନ୍ନଡ, କାଶ୍ମୀରୀ, କୋଙ୍କଣୀ, ମାଲାୟଲମ୍, ମଣିପୁରୀ, ମରାଠୀ, ନେପାଳୀ, ପଞ୍ଜାବୀ, ସଂସ୍କୃତ, ସିନ୍ଧି, ତାମିଲ, ତେଲୁଗୁ, ଉର୍ଦ୍ଦୁ, ବୋଡୋ, ସାନ୍ତାଳୀ, ମୈଥିଳୀ ଓ ଡୋଗ୍ରୀ ଭଳି ୨୨ଟି ଭାଷାର ଅକ୍ଷରକୁ ଅତି ନିପୁଣ ଭାବେ ବୁଣାଯାଇଛି। କେବଳ ସେତିକି ନୁହେଁ; ଶାଢ଼ୀର ଆଞ୍ଚଳରେ ଜାତୀୟ ସ୍ଲୋଗାନ 'ସତ୍ୟମେବ ଜୟତେ' ସ୍ଥାନ ପାଇଛି। ଦୀର୍ଘ ୨ ମାସ ଧରି ପରିବାରର ସମସ୍ତେ ଦିନରାତି ପରିଶ୍ରମ କରି ଏହି 'ଭାଷା ବନ୍ଧନ' ଶାଢ଼ୀ ପ୍ରସ୍ତୁତ କରିଥିବା ପରିବାର ସୂତ୍ରରୁ ପ୍ରକାଶ। ଏହି ଶାଢ଼ୀକୁ ଆଗାମୀ ସ୍ୱାଧୀନତା ଦିବସ ଅବସରରେ ରାଷ୍ଟ୍ରପତିଙ୍କ ନିକଟକୁ ପଠାଇବାକୁ ଲକ୍ଷ୍ୟ ରଖିଥିବା ସୁରୁବାବୁ କହିଛନ୍ତି। ସୁରୁବାବୁଙ୍କ ଏହି କାର୍ଯ୍ୟ ପଛରେ ରହିଛି ଏକ ଦେଶପ୍ରେମର ପ୍ରେରଣା। ତାଙ୍କ ପିତା ସ୍ୱର୍ଗତ ବିଷ୍ଣୁ ଚରଣ ମେହେର ଜଣେ ସ୍ୱାଧୀନତା ସଂଗ୍ରାମୀ ଥିଲେ। ସେ ବୌଦ୍ଧ ଗଡ଼ଜାତ ଆନ୍ଦୋଳନ ସମୟରେ ଏକ ସଂଗଠନ କରି ରାଜତନ୍ତ୍ରର କୁ-ଶାସନ ସମ୍ବନ୍ଧରେ ବାର୍ତ୍ତା ପ୍ରଚାର କରୁଥିବାରୁ ତାଙ୍କୁ ୧୯୪୭ ମସିହା ନଭେମ୍ବର ୯ ତାରିଖରେ ଗିରଫ କରି ଜେଲ୍ ଦଣ୍ଡ ଦିଆଯାଇଥିଲା। ପିତାଙ୍କ ସେହି ନିଃସ୍ୱାର୍ଥପର ସେବା, ଦେଶପ୍ରେମ ଓ ସତ୍ୟାଗ୍ରହର ଆଦର୍ଶକୁ ଅନୁସରଣ କରି ସେ କଳା ମାଧ୍ୟମରେ ଦେଶକୁ ଏକତାର ବାର୍ତ୍ତା ଦେବା ପାଇଁ ଏହି ପ୍ରୟାସ କରିଛନ୍ତି।

### ● ଏନ୍‌ଏଚ୍-୪୯ ସଂପ୍ରସାରଣ ପ୍ରସଙ୍ଗ

## ଜମି ଅଧିଗ୍ରହଣ ସକାଶେ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ

- ପ୍ରଥମ ପର୍ଯ୍ୟାୟରେ ୬୦ହେକ୍ଟରରୁ ଅଧିକ ଜମି ଅଧିଗ୍ରହଣ ହେବ
- ୨୧ ଦିନ ମଧ୍ୟରେ ଆପତ୍ତି ଦାଖଲ ସୁଯୋଗ

ଇବଥର୍ମାଲ,୪।୮ (ସମିସ): ଝାରସୁଗୁଡ଼ା ଜିଲ୍ଲା ଦେଇ ଝାରସୁଗୁଡ଼ା-କନକତୋରାରୁ ଛତିଶଗଡ଼କୁ ସଂଯୋଗ କରୁଥିବା ଜାତୀୟ ରାଜପଥ-୪୯ ଲୋକଙ୍କ ପାଇଁ ମରଣଯନ୍ତା ସାଜିଛି। ଏହାର ସଂପ୍ରସାରଣ ସକାଶେ ନିଷ୍ପତ୍ତି ହୋଇଛି। ଏହି ରାଜପଥରୁ ଦୁର୍ଘଟଣା କମାଇବା, ଗମନାଗମନ ସୁଗମ କରିବା ସକାଶେ ଏହାକୁ ୪ ଲେନ୍ କରାଯିବ। ଜୁଲାଇ ୨୭ରେ ଏଥିଲାଗି ଗେଜେଟ ବିଜ୍ଞପ୍ତି ପ୍ରକାଶ ପାଇଛି। ସେହି ଅନୁଯାୟୀ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ଭାରତ ସରକାରଙ୍କ ପକ୍ଷରୁ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ପ୍ରକଳ୍ପ ପାଇଁ ଜାତୀୟ ରାଜପଥ ଆଇନ୍ ୧୯୫୬ର ୩ଏ(୧) ଅନୁଯାୟୀ ଏସଓ-୪୧୪୩(ଇ) ଓ ଏସଓ -୪୧୪୬(ଇ) ୨ଟି ରାଜପତ୍ର ବିଜ୍ଞପ୍ତି ପ୍ରକାଶ ପାଇଛି। ଗେଜେଟ୍ ବିଜ୍ଞପ୍ତି ଅନୁଯାୟୀ ଝାରସୁଗୁଡ଼ା ଜିଲ୍ଲା ଲଖନପୁର ତହସିଲ ଓ ଝାରସୁଗୁଡ଼ା ତହସିଲ ଅଧୀନରେ ମୋଟ ୬୦.୨୫୭୭ ହେକ୍ଟର (ପ୍ରାୟ ୧୪୮.୮୯ ଏକର) ଜମି ଅଧିଗ୍ରହଣ କରାଯିବ। ଏହି ଜମିରେ ବ୍ୟକ୍ତିଗତ ଚାଷଜମି, ଘରବାଡ଼ି, ବାହାଲ, ମାଲ, ଆଠ, ବେର୍ନା, ସରକାରୀ ଜମି, ରାସ୍ତା, ନଦୀ, ଜଙ୍ଗଲ ଓ ଅନ୍ୟାନ୍ୟ କିସମ ଜମି ଅଛି। ଲଖନପୁର ତହସିଲ ଅଧୀନରେ ୫୨.୧୦୦ କିମି ରାସ୍ତା ପ୍ରଶସ୍ତୀକରଣ ପାଇଁ ତହସିଲ ଅଧୀନ ବାଜିମାତ, କଦମଘାଟ, ରେଙ୍ଗୋଲି, ତେଲେନ, ସାଗରପାଲି, କଦମଡିହି, କୁଟୁରାପାଲି ଓ ଡୁଡଗାଁ ଗ୍ରାମରୁ ୨୪.୪୯୬ ହେକ୍ଟର ଜମି ଅଧିଗ୍ରହଣ କରାଯିବ। ଏଥିଲାଗି ଲଖନପୁର ତହସିଲଦାରଙ୍କୁ ନିଯୁକ୍ତି କରାଯାଇଛି। ସେହିପରି ଦ୍ୱିତୀୟ ପ୍ୟାକେଜରେ ୫୨.୧୦୦ରୁ ୫୯.୭୧୯ କିଲୋମିଟର ସକାଶେ ଝାରସୁଗୁଡ଼ା ତହସିଲ ଅଧୀନ ବୁଡିପଦର, ଜୁନାନୀମୁଣ୍ଡା, ଆମଦରହ, ବ୍ରଜରାଜନଗର ଟାଉନ ୟୁନିଟ୍ -୨ ଓ ବ୍ରଜରାଜନଗର ଟାଉନ ୟୁନିଟ୍ -୩ ଅଞ୍ଚଳରୁ ୩୫.୭୬୧ ହେକ୍ଟର ଜମି ଅଧିଗ୍ରହଣ କରାଯିବ। ଏଥିରେ ଝାରସୁଗୁଡ଼ା ତହସିଲଦାର କ୍ଷମତାପ୍ରାପ୍ତ ଅଧିକାରୀ ଭାବେ କାର୍ଯ୍ୟ କରିବେ। ଜାତୀୟ ରାଜପଥ ଅଧିନିୟମ ୧୯୫୬ର ଧାରା ୩(ଗ) ଅନୁଯାୟୀ ଏହି ଜମି ଅଧିଗ୍ରହଣ ଦ୍ୱାରା ପ୍ରଭାବିତ କିମ୍ବା ସଂପୃକ୍ତ ଯେକୌଣସି ବ୍ୟକ୍ତି ବିଜ୍ଞପ୍ତି ପ୍ରକାଶନର ୨୧ ଦିନ ମଧ୍ୟରେ ଲିଖିତ ଭାବେ ଲଖନପୁର ଅଞ୍ଚଳର ଲୋକେ ଲଖନପୁର ତହସିଲଦାର ଓ ଝାରସୁଗୁଡ଼ା ଅଞ୍ଚଳର ଲୋକେ ଝାରସୁଗୁଡ଼ା ତହସିଲଦାରଙ୍କ ପାଖରେ ଆପତ୍ତି ଅଭିଯୋଗ ଦାଖଲ କରି ପାରିବେ।

### ● ଜିଲ୍ଲାସ୍ତରୀୟ ବିଶ୍ୱ ସ୍ତନପାନ୍ୟ ଦିବସ

## ୬ ମାସ ପର୍ଯ୍ୟନ୍ତ ପିଲାଙ୍କୁ କେବଳ ମା' କ୍ଷୀର ଦେବା ଗୁରୁତ୍ୱପୂର୍ଣ୍ଣ



ବୌଦ୍ଧ, ୪।୮ (ସମିସ): ମା କ୍ଷୀର ଶିଶୁ ପାଇଁ ସବୁଠୁ ଭଲ ଖାଦ୍ୟ; ଯାହାକି ଶିଶୁର ପୋଷଣରେ ସାହାଯ୍ୟ କରେ। ମା' କ୍ଷୀରକୁ ଶିଶୁ ସହଜରେ ହଜମ କରିପାରେ। ଶିଶୁର ମାନସିକ, ଶାରୀରିକ ଓ ବୌଦ୍ଧିକ ଅଭିବୃଦ୍ଧି ଠିକ୍ ହୋଇଥାଏ। ସ୍ତନ୍ୟପାନ ଦ୍ୱାର ମା' ଓ ଶିଶୁ ମଧ୍ୟରେ ସଂପର୍କ ନିବିଡ ହୋଇଥାଏ; ଯାହାକି ଭବିଷ୍ୟତରେ ଶିଶୁର ମାନସିକ ଉନ୍ନତିରେ ସାହାଯ୍ୟ କରିଥାଏ। ଜନ୍ମରୁ ୬ମାସ ପର୍ଯ୍ୟନ୍ତ ପିଲାଙ୍କୁ ଉବାକ୍ଷୀର ନ ଦେଇ କେବଳ ମା' କ୍ଷୀର ଦେବା ଗୁରୁତ୍ୱପୂର୍ଣ୍ଣ। ବୌଦ୍ଧ ଜିଲ୍ଲା ସ୍ୱାସ୍ଥ୍ୟ ସମିତିର ତାଲିମ୍ କେନ୍ଦ୍ରଠାରେ ଜିଲ୍ଲାସ୍ତରୀୟ ବିଶ୍ୱ ସ୍ତନପାନ୍ୟ ଦିବସ ପାଳନ ଅବସରରେ ଅତିଥିଗଣ ଏହି ପରାମର୍ଶ ଦେଇଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହେନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସନ୍ତୋଷ ତ୍ରିପାଠୀ, ଏଡିଏମଓ ଭଞ୍ଜକିଶୋର ରାମଚନ୍ଦ୍ର ଦେଓ ହେମ୍ବ୍ରମ, ଏଡିପିଏଚଓ ସାନ୍ତା ନିବେଦିତା, ଡାକ୍ତର ଏସ୍‌କେ ମେହେର, ଡାକ୍ତର ବିଭୁତି ଭୂଷଣ ଦଳାଇ, ଜିଲ୍ଲା ସ୍ୱାସ୍ଥ୍ୟ ମିଶନର ଡିପିଏମ୍ ଗିରିଜା ପ୍ରସାଦ ମିଶ୍ର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଏଏନଏମ ତାଲିମ୍ କେନ୍ଦ୍ରର ଛାତ୍ରୀ ଓ ଆଶା କର୍ମୀ ଓ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ଦହ୍ୟା ଉଚ୍ଚ ବିଦ୍ୟାଳୟରେ ଅଭିଭାବକ-ଶିକ୍ଷକ ବୈଠକ



ମନମୁଣ୍ଡା,୪।୮ (ସମିସ): ବୌଦ୍ଧ ବ୍ଲକ୍ ଦହ୍ୟା ପିଏମଶ୍ରୀ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଅଭିଭାବକ-ଶିକ୍ଷକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ ରାଜଲକ୍ଷ୍ମୀ ସ୍ୱାଇଁ ଏଥିରେ ଅଧ୍ୟକ୍ଷତା କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ନିତ୍ୟ ମେଣ୍ଡିଲିଙ୍କ ସମେତ ସମସ୍ତ ସଭ୍ୟସଭ୍ୟାଙ୍କୁ ନେଇ ପ୍ରଥମ ଅଭିଭାବକ ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ ପ୍ରଥମେ ସମସ୍ତ ଅଭିଭାବକଙ୍କୁ ସ୍ୱାଗତ ଜଣାଇଥିଲେ। ବିଦ୍ୟାଳୟ ଶିକ୍ଷାର ଗୁଣାତ୍ମକ ବିକାଶ ପାଇଁ ରାଜ୍ୟ ସରକାରଙ୍କର ଏହା ଏକ ଅଭିନବ ପ୍ରୟାସ ବୋଲି କହିଥିଲେ। ଏହି ବୈଠକରେ ୨୦୦ରୁ ଅଧିକ ଅଭିଭାବକ ଯୋଗ ଦେଇଥିଲେ। ବିଦ୍ୟାଳୟ ବାହାରେ ଥିବା ଓ ଅଧାରୁ ପାଠ ଛାଡୁଥିବା ପିଲାଙ୍କୁ ଶିକ୍ଷାର ମୂଳ ସ୍ରୋତରେ ସାମିଲ କରି ନାମ ଲେଖା ହାର ବୃଦ୍ଧି କରିବା ପାଇଁ ଆଲୋଚନା ହୋଇଥିଲା। ତାହା ସହିତ ନିଶାମୁକ୍ତ ଭାରତ ଅଭିଯାନ, ବିକଶିତ ଭାରତର ପରିଚୟ, ମା ପାଇଁ ଗଛଟିଏ ୩.୦, ସ୍ୱଚ୍ଛତା ପକ୍ଷ ପାଳନ, ସୁରଭି -୨୦୨୬, ଡିଜିଟାଲ ଦୁନିଆରେ ପିଲାଙ୍କ ସୁରକ୍ଷାରେ ଅଭିଭାବକଙ୍କ ଭୂମିକା, ବୃତ୍ତି ମାର୍ଗଦର୍ଶନ ଓ ଭବିଷ୍ୟତ ଯୋଜନାରେ ପିତାମାତାଙ୍କ ଭୂମିକା ଓ ସହଭାଗିତା କାହିଁକି ଗୁରୁତ୍ୱପୂର୍ଣ୍ଣ ଇତ୍ୟାଦି ବିଷୟରେ ଆଲୋଚନା ହୋଇଥିଲା।

## ବିଜେଡି ପ୍ରତିନିଧିମଣ୍ଡଳୀର ବନ୍ୟାଞ୍ଚଳ ପରିଦର୍ଶନ



ହରଭଙ୍ଗା, ୪।୮ (ସମିସ): ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଛନ୍ତି। ପୂର୍ବତନ ମନ୍ତ୍ରୀ ତଥା ବୌଦ୍ଧ ଜିଲ୍ଲା ବିଜୁ ଜନତା ଦଳ (ବିଜେଡି) ସଭାପତି ପ୍ରଦୀପ ଅମାତଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ହରଭଙ୍ଗା, କୁସଙ୍ଗ, କୁମାରୀ, ଧଳପୁର ଏବଂ ପାଣିଘରା ପ୍ରଭୃତି ବିଭିନ୍ନ ବନ୍ୟାଞ୍ଚଳ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ବନ୍ୟା ଯୋଗୁଁ ସୃଷ୍ଟି ହୋଇଥିବା କ୍ଷୟକ୍ଷତିର ଆକଳନ କରିଛନ୍ତି। ପ୍ରଭାବିତ ଲୋକଙ୍କ ଦୁଃଖସୁଖ ବୁଝିଛନ୍ତି। ଗସ୍ତ ସମୟରେ ପୂର୍ବତନ ମନ୍ତ୍ରୀ ଶ୍ରୀ ଅମାତ ଏବଂ ଦଳୀୟ ପ୍ରତିନିଧିମାନେ କ୍ଷତିଗ୍ରସ୍ତ ଚାଷୀମାନଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ। ବନ୍ୟାଜଳରେ ଧାନ ଫସଲ ସମେତ ବ୍ୟାପକ କୃଷି ଜମି ନଷ୍ଟ ହୋଇଛି। ଚାଷୀମାନେ କିପରି ପ୍ରଭାବିତ ହୋଇଛନ୍ତି ସେ ସମ୍ପର୍କରେ ସେମାନେ ପଚାରି ବୁଝିଥିଲେ। ଏଥିସହ ସରକାରଙ୍କ ତରଫରୁ ବନ୍ୟାକ୍ଷତି ପାଇଁ ଦିଆଯାଉଥିବା ସହାୟତା ଏବଂ ରିଲିଫ୍ ପାଣ୍ଠି ବଣ୍ଟନ ବ୍ୟବସ୍ଥା ନେଇ ଲୋକମାନଙ୍କ ସହ ଆଲୋଚନା ହୋଇଥିଲା। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ଲୋକମାନେ ବନ୍ୟାର ସ୍ଥାୟୀ ପ୍ରତିକାର ଦିଗରେ ଦୃଷ୍ଟି ଦେବାକୁ ପୂର୍ବତନ ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ମହାନଦୀ ଓ ଏହାର ଶାଖା ନଦୀଗୁଡ଼ିକରେ ପ୍ରତିବର୍ଷ ଆସୁଥିବା ବନ୍ୟାରୁ ରକ୍ଷା ପାଇବା ପାଇଁ କୁମାରୀଠାରୁ ଧଳପୁର ପର୍ଯ୍ୟନ୍ତ ଏକ ପଥର ଆଡିବନ୍ଧ ନିର୍ମାଣ କରିବାକୁ ଲୋକମାନେ ଦୃଢ଼ ଦାବି ଜଣାଇଥିଲେ। ଏହାଦ୍ୱାରା ବନ୍ୟାଜଳ ଗାଁ ଓ ଚାଷଜମି ଭିତରକୁ ପଶିବ ନାହିଁ ଏବଂ ଜୀବନଜୀବିକା ସୁରକ୍ଷିତ ରହିବ ବୋଲି ସେମାନେ ମତବ୍ୟକ୍ତ କରିଥିଲେ। ଲୋକମାନଙ୍କ ଏହି ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଓ ଦାବିକୁ ଗ୍ରହଣ କରି ଶ୍ରୀ ଅମାତ ଏହାର ସମାଧାନ ପାଇଁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯିବ ଏବଂ ରାଜ୍ୟ ସରକାରଙ୍କୁ ଦାବି ଉପସ୍ଥାପନ କରାଯିବ ବୋଲି କହିଛନ୍ତି। ଏହି ବନ୍ୟାଞ୍ଚଳ ଗସ୍ତ ଏବଂ ଲୋକସଂପର୍କ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମ୍ୟୁନିସିପାଲଟି ଚେୟାରମ୍ୟାନ ମୃତ୍ୟୁଞ୍ଜୟ ମିଶ୍ର, ସୁବୋଧ ପ୍ରଧାନ, ପ୍ରଦୀପ ସାହୁ, ଅବକାଶ ସାହୁ, ଜିଲ୍ଲା ପରିଚ୍ଛେଦ ଅଧ୍ୟକ୍ଷ ପ୍ରଭାସିନି ଦାସ, ଜିଲ୍ଲା ପରିଷଦ ସଭ୍ୟା ଜିତୁ ମିଶ୍ର, ତ୍ରିବିକ୍ରମ ମହାକୁଡ, ବ୍ଲକ୍ ବିଜେଡି ସଭପତି ପଙ୍କଜ ସାହୁ ପ୍ରମୁଖ ବହୁ ସ୍ଥାନୀୟ ବିଜେଡି ନେତା ଓ କର୍ମକର୍ତ୍ତା ସାମିଲ ରହି ପରିସ୍ଥିତି ତଦାରଖ କରିଥିଲେ।

## ଜେଏନ୍‌ଭି ଷଷ୍ଠ ଶ୍ରେଣୀ ପ୍ରବେଶିକା ପରୀକ୍ଷା ତାରିଖ ଘୁଞ୍ଚିଲା

ତରଭା,୪।୮ (ସମିସ): ସୋନପୁର ଜିଲ୍ଲା ତରଭା ପିଏମଶ୍ରୀ ଜବାହର ନବୋଦୟ ବିଦ୍ୟାଳୟରେ ୨୦୨୭-୨୮ ଶିକ୍ଷାବର୍ଷ ପାଇଁ ଷଷ୍ଠ ଶ୍ରେଣୀର ନାମାଙ୍କନ ନିମନ୍ତେ ଆବେଦନ କରିବାର ଶେଷ ତାରିଖ ଘୁଞ୍ଚିଛି। ଅଗଷ୍ଟ ୭ ତାରିଖ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ନିଶିକାନ୍ତ କେଶବ ସାମକଁୱର ଏହି ସୂଚନା ଦେଇଛନ୍ତି। ଆଗ୍ରହୀ ଯୋଗ୍ୟ ଛାତ୍ରଛାତ୍ରୀ ନବୋଦୟର କିମ୍ବା କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦର ୱେବସାଇଟକୁ ଯାଇ ନିଃଶୁଳ୍କ ଆବେଦନ କରିପାରିବେ ବୋଲି ଅଧ୍ୟକ୍ଷ କହିଛନ୍ତି।

## ସମସ୍ୟାରେ ୧୫୭ ବର୍ଷର ପୁରୁଣା ପ୍ରାଥମିକ ବିଦ୍ୟାଳୟ

ହରଭଙ୍ଗା,୪।୮ (ସମିସ): ଗଡଜାତ ଅମଳର ବହୁ ପୁରାତନ ତଥା ୧୫୭ ବର୍ଷର ପୁରୁଣା ହରଭଙ୍ଗା ପ୍ରାଥମିକ ବିଦ୍ୟାଳୟ ଆଜି ଜରାଜର୍ଜ୍ଜ ଅବସ୍ଥାରେ ରହିଛି। ଏହାର କୋଠା ବିପଦ ସଂକୁଳ ହୋଇ ପଡିଛି। ବିଧାୟକ ସରୋଜ ପ୍ରଧାନ ଓ ଜିଲ୍ଲାପାଳ ବିଭୁତିଭୂଷଣ ନାୟକ ଏହି ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ବିଦ୍ୟାଳୟ କୋଠା ଦେଖି ବିଧାୟକ କ୍ଷୋଭ ପ୍ରକାଶ କରିଥିଲେ। ତୁରନ୍ତ ଏ ନେଇ ଆବଶକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ହରଭଙ୍ଗାରେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ କର୍ଯ୍ୟକ୍ଷମ କରିବା ସହ ଏ ଦିଗରେ ପଦକ୍ଷେପ ନେବାକୁ ଜିଲ୍ଲାପାଳଙ୍କୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ।

# ଭଙ୍ଗାରୁଜା, ଡ୍ରାଇଭରଙ୍କୁ ଆକ୍ରମଣରୁ ମୁଖ୍ୟମନ୍ତ୍ରୀ ବସ୍ ସେବା ବନ୍ଦ

ତରଭା,୪।୮ (ସମିସ)

- ଧରା ପଡ଼ି ନାହାନ୍ତି ଅପରାଧୀ, ପୁଲିସ କହୁଛି ଅଭିଯୁକ୍ତ ଫେରାର୍
- ଆନ୍ଦୋଳନରେ ୪ ମୁଖ୍ୟମନ୍ତ୍ରୀ ବସ୍ କର୍ମଚାରୀ
- ସବୁ ବସ୍ ତରଭା ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଛିଡା ହୋଇଛି

ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକର ଏକ ମୁଖ୍ୟମନ୍ତ୍ରୀ ବସ୍ ଉପରେ ଆକ୍ରମଣ କରି ଭଙ୍ଗାରୁଜା କରାଯାଇଛି। ବସ୍‌ର ଡ୍ରାଇଭରଙ୍କୁ ମରଣାନ୍ତକ ଆକ୍ରମଣ କରି ଲହୁଲୁହାଣ କରାଯାଇଛି। ଏହି ଘଟଣାର ପ୍ରତିବାଦରେ ସୋମବାରଠାରୁ ତରଭା ବ୍ଲକରେ ମୁଖ୍ୟମନ୍ତ୍ରୀ ବସ୍ ସେବା ବନ୍ଦ ହୋଇଛି। ତରଭା ବ୍ଲକ୍ ତରଫରୁ ବସ୍ ସେବା ପାଇଁ ନିୟୋଜିତ ହୋଇଥିବା ମୁଖ୍ୟମନ୍ତ୍ରୀ ବସ୍ (ନମ୍ବର ଓଡି ୦୩ ୧୪ ୯୯୮୭) ଅର୍ଦ୍ଧାରୁ ତରଭା ଫେରୁଥିଲା। ଏହି ସମୟରେ ବଘିଆ ଗ୍ରାମ ନିକଟରେ ବସ୍ ଅଟକାଇ ୪ଜଣ ବ୍ୟକ୍ତି ଲାଠି ଧରି ଅତର୍କିତ ଆକ୍ରମଣ କରିଥିଲେ। ବସ୍‌ର କାଚ ଭଙ୍ଗାରୁଜା କରି ଡ୍ରାଇଭର୍ ନୟନ ମହାଣାଙ୍କ ଉଭୟ ହାତକୁ ଆକ୍ରମଣ କରିଥିଲେ। ଆକ୍ରମଣରେ ଡ୍ରାଇଭରଙ୍କ ହାତ ଫାଟି ଲହୁଲୁହାଣ ହୋଇଥିଲା। ଅବସ୍ଥା ଗୁରୁତର ହେବାରୁ ଡ୍ରାଇଭରଙ୍କୁ ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପୂର୍ବ ଶତ୍ରୁତାକୁ ନେଇ ଏହି ଆକ୍ରମଣ ହୋଇଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଏ ସଂକ୍ରାନ୍ତରେ ତରଭା ଥାନାରେ ଏକ ମାମଲା ରୁଜୁ ହୋଇଛି। ତଦନ୍ତ ଜାରି ରହିଥିବା ଆଇଆଇସି ଡୋଲାମଣି ନାଏକ ପ୍ରକାଶ କରିଛନ୍ତି। ଘଟଣା ଘଟିବାର ୪୮ ଘଣ୍ଟା ଅତିବାହିତ ହୋଇଯାଇଥିଲେ ସୁଦ୍ଧା କୌଣସି ଅପରାଧୀ ଧରା ପଡି ନ ଥିବା ଜଣାପଡ଼ିଛି। ଏହାର ପ୍ରତିବାଦରେ ତରଭା ବ୍ଲକରେ ସମସ୍ତ ୪ଟି ମୁଖ୍ୟମନ୍ତ୍ରୀ ବସ୍‌ର କର୍ମଚାରୀ କାର୍ଯ୍ୟରେ ଯୋଗ ନ ଦେବାରୁ ବସ୍ ଚଳାଚଳ ବନ୍ଦ ରହିଛି। ସମସ୍ତ ବସ୍ ତରଭା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଛିଡା ହୋଇଛି। ବସ୍ କର୍ମଚାରୀ ଷ୍ଟିଅରିଂ ଛାଡ଼ ଆନ୍ଦୋଳନରେ ଅଛନ୍ତି ଏଥିଯୋଗୁଁ ବସ୍ ଉପରେ ନିର୍ଭର କରୁଥିବା ଜନସାଧାରଣ ତଥା ଛାତ୍ରଛାତ୍ରୀ ହଇରାଣ ହେଉଛନ୍ତି। ଏ ନେଇ ଆଇଆଇସି ଶ୍ରୀ ନାଏକଙ୍କୁ ପଚାରିବାରୁ ଘଟଣାରେ ସମ୍ପୃକ୍ତ ବ୍ୟକ୍ତିମାନେ ଫେରାର ମାରିଛନ୍ତି। ଖୁବ୍ ଶୀଘ୍ର ଧରା ପଡିବେ ବୋଲି କହିଛନ୍ତି।

## ଡୁଙ୍ଗୁରିପାଲି କଂଗ୍ରେସ ପକ୍ଷରୁ ବିଏଲ୍‌ଏ -୨ର ପ୍ରଶିକ୍ଷଣ ଶିବିର




ଡୁଙ୍ଗୁରିପାଲି,୪।୮ (ସମିସ): ସୁବର୍ଣ୍ଣପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ଡୁଙ୍ଗୁରିପାଲି ବ୍ଲକ କଂଗ୍ରେସ ଦଳର ବୁଥ୍ ଲେଭେଲ୍ ଏଜେଣ୍ଟ (ବିଏଲଲ-୨) ମାନଙ୍କ ପାଇଁ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ଚିତ୍ତରଞ୍ଜନ ମିଶ୍ରଙ୍କ ସଭାପତିତ୍ୱରେ ଆରଏମସିଠାରେ ଏହା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟ କଂଗ୍ରେସ ମିଡ଼ିଆ ସେଲ୍‌ର ଅରବିନ୍ଦ ମିଶ୍ର ଯୋଗ ଦଇଥିବା ବେଳେ ସମ୍ମାନିତ ଅତିଥିଭାବେ ରାଜ୍ୟ କଂଗ୍ରେସ ଯୁବ ମୋର୍ଚ୍ଚା ଉପସଭାପତି ଗଣେଶ ସାହୁ, ଜିଲ୍ଲା ସଭାପତି ବିନୋଦ ପାତ୍ର ଯୋଗ ଦେଇଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ଚଉବର୍ଗ ଭୋଇ, ଶ୍ୟାମ ସୁନ୍ଦର ଭୋଇ, ଭୀଷ୍ମଦେବ ମଲ୍ଲିକ, ଜଗନ୍ନାଥ ତ୍ରିବେଦୀ, ବାଳକୃଷ୍ଣ ଦଣ୍ଡସେନା, ସୁଧୀର ଚନ୍ଦ୍ର ପଧାନ, ପାଣ୍ଡବ ତ୍ରିପାଠୀ, ବୀରେନ୍ଦ୍ର ଯୁଆଡ଼ି, ସୁରୁବାବୁ ନନ୍ଦ, ବରୁଣ ସାହୁ, ଜୟଦେବ ବରିହା, ଯୁଧିଷ୍ଠିର ବାଗର୍ତ୍ତି, ନୀଳମଣି ଯାଦବ, ରାଜେନ୍ଦ୍ର ନାଏକ, ବିଭୁତି ଚୂହାନ ପ୍ରମୁଖ ଉପସ୍ଥିତ ଥିଲେ।

# ଯାଞ୍ଚବେଳେ ଜାତୀୟ ରାଜପଥରେ ଦୁର୍ଘଟଣା

## ପ୍ରତିବାଦରେ ଟ୍ରକ ଚାଳକଙ୍କ ରାସ୍ତା ଅବରୋଧ

ସୋହେଲା,୪।୮ (ସମିସ)



ଏଠାରୁ ପ୍ରାୟ ୬କିମି ଦୂର ଜାତୀୟ ରାଜପଥ ଉପରେ ମଙ୍ଗଳବାର ଅପରାହ୍ନରେ ମଧୁପୁର ଛକ ନିକଟରେ ବରଗଡ଼ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଯାତାୟାତ କରୁଥିବା ମାଲ ବୋଝେଇ ଟ୍ରକର କାଗଜପତ୍ର ଯାଞ୍ଚ କରାଯାଉଥିଲା। ପରିବହନ ବିଭାଗ କର୍ମଚାରୀମାନେ ମଧୁପୁର ଛକ ନିକଟରେ ବୁଲାଣି ଥିବା ରାସ୍ତା ପାଖରେ ଯାହାକି ହଠାତ ଟ୍ରକ ଚାଳକମାନଙ୍କୁ ଦେଖାଯିବ ନାହିଁ ସେପରି ସ୍ଥାନରେ ରହି ଆସୁଥିବା ଟ୍ରକମାନଙ୍କୁ ଅଟକାଉଥିଲେ। ଦିନ ପ୍ରାୟ ଗୋଟାଏ ବେଳେ ରାୟପୁର ପଟୁ ଆସୁଥିବା ଏକ ଟ୍ରେଲର (ନଂ. ସିଜି୧୫ଡିଏକ୍ସ ୦୭୩୧)କୁ ପରିବହନ ବିଭାଗର କର୍ମଚାରୀ ରାସ୍ତା ଉପରକୁ ଆସି ଚିରାଚରିତ ଢଙ୍ଗରେ ହଠାତ୍ ଅଟକାଇଥିଲେ। ବୁଲାଣି ରାସ୍ତା ହୋଇଥିବାରୁ ଚାଳକ ରାସ୍ତା ଉପରେ ହଠାତ ପରିବହନ ବିଭାଗ

**ଘଟଣାସ୍ଥଳରୁ ଛାଡ଼ି ପଳାଇଲେ ପରିବହନ ବିଭାଗ କର୍ମଚାରୀ**

କର୍ମଚାରୀଙ୍କୁ ଦେଖି ବ୍ରେକ ଦେଇଥିଲେ। ଫଳରେ ଗାଡ଼ି ଭାରସାମ୍ୟ ହରାଇ ରାସ୍ତା ମଝିରେ ଥିବା ଡିଭାଇଡ଼ରକୁ ଲାଗି ରହିଥିବା ଡ୍ରେନ ଭିତରେ ପଶିଯାଇଥିଲା। ଟ୍ରକ ଦୁର୍ଘଟଣା ହେବା ଦେଖି ରାସ୍ତାରେ ଟ୍ରକ ଅଟକାଉଥିବା ପରିବହନ ବିଭାଗ କର୍ମଚାରୀମାନେ ଚମ୍ପଟ ମାରିଥିଲେ। ରାସ୍ତାରେ ଯାଉଥିବା ଟ୍ରକ ଚାଳକମାନେ ପରିବହନ ବିଭାଗ କର୍ମଚାରୀଙ୍କ ଏତାଦୃଶ କାର୍ଯ୍ୟର ପ୍ରତିବାଦ କରି ରାସ୍ତା ଉପରେ ଟ୍ରକ ରଖି ଉଭୟ ପଟ ରାସ୍ତାକୁ ଅବରୋଧ କରିଥିଲେ। ଫଳରେ ଦୀର୍ଘସମୟ ଧରି ଜାତୀୟ ରାଜପଥରେ ଯାନବାହନ ଚଳାଚଳ ବନ୍ଦ ରହିଥିଲା। ପରେ ଖବର ପାଇ ସୋହେଲା ଥାନା ଅଧିକାରୀ ହରିଶଙ୍କର ଭୋଇ ପୁଲିସ କର୍ମଚାରୀଙ୍କ ସହିତ ଘଟଣାସ୍ଥଳକୁ ଯାଇ ଟ୍ରକ ଚାଳକମାନଙ୍କୁ ବୁଝାସୁଝା କରିବା ପରେ ସେମାନେ ରାସ୍ତାରୁ ହଟିଥିଲେ ଓ ଯାତାୟାତ ସ୍ୱାଭାବିକ ହୋଇଥିଲା।

# ଭୁକ୍ତାପ୍ରକାଶପୁର ମୁଖ୍ୟରାସ୍ତା ପାଲଟିଛି ଜଳାଶୟ; ବଢ଼ୁଛି ଦୁର୍ଘଟଣା



ଅମ୍ବାଭୋନା,୪।୮ (ସମିସ): ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଭୁକ୍ତାପ୍ରକାଶପୁର ମୁଖ୍ୟ ରାସ୍ତାରେ ବର୍ଷାପାଣି ଜମି ଜଳାଶୟ ପାଲଟିଥିବାବେଳେ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଅଞ୍ଚଳବାସୀ ପୂର୍ତ୍ତ ବିଭାଗ ଓ ଜିଲ୍ଲା ପ୍ରଶାସନଙ୍କ ତୁରନ୍ତ ହସ୍ତକ୍ଷେପ ଦାବି କରିଛନ୍ତି। ଓଡ଼ିଶା-ଛତିଶଗଡ଼ ସୀମାନ୍ତକୁ ସଂଯୋଗ କରୁଥିବା ଏହି ମୁଖ୍ୟ ସଡ଼କ ଦେଇ ପ୍ରତିଦିନ ଶହ ଶହ ଯାନବାହନ ଚଳାଚଳ କରୁଛି। କିନ୍ତୁ ବିଭିନ୍ନ ସ୍ଥାନରେ ରାସ୍ତାପାଖର୍ ଧୋଇଯାଇ ଗଭୀର ଖାଲ ସୃଷ୍ଟି ହୋଇଥିବା ସହ ସଂକୀର୍ଣ୍ଣ ହୋଇପଡ଼ିଛି। ବର୍ଷା ପାଣି ଭରି ରହିଥିବାରୁ ଗାଡ଼ି ଚାଳକ ଜାଣି ନପାରି ଦୁର୍ଘଟଣାର ଶିକାର ହେଉଛନ୍ତି। ଭୁକ୍ତା ଅଞ୍ଚଳ ବରଗଡ଼, ସୋହେଲା ସମେତ ଛତିଶଗଡ଼ର ରାୟଗଡ଼ ଓ ସାରଙ୍ଗଡ଼ ଅଞ୍ଚଳ ସହ ସିଧାସଳଖ ସଂଯୋଗ ସ୍ଥାପନ କରୁଥିବାରୁ ଏହି ରାସ୍ତାର ଗୁରୁତ୍ୱ ଅଧିକ। ଭୁକ୍ତା ଏକ ପ୍ରମୁଖ ବାଣିଜ୍ୟିକ କେନ୍ଦ୍ର ହୋଇଥିବା ସହ ଏଠାରେ ସ୍କୁଲ, କଲେଜ, ବ୍ୟାଙ୍କ, ବ୍ଲକ କାର୍ଯ୍ୟାଳୟ, ଆର୍‌ଆଇ କାର୍ଯ୍ୟାଳୟ ଓ ବ୍ଲକ ମୁଖ୍ୟ ଚିକିତ୍ସାଳୟ ମଧ୍ୟ ରହିଛି। ଫଳରେ ପ୍ରତିଦିନ ହଜାର ହଜାର ଲୋକ ଏହି ରାସ୍ତା ଦେଇ ଯାଆସ କରିଥାନ୍ତି। ଅଞ୍ଚଳବାସୀଙ୍କ କହିବା ଅନୁସାରେ, ବାରମ୍ବାର ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ସମସ୍ୟା ଉଠାଯାଇଥିଲେ ବି ସୁଫଳ ମିଳିନାହିଁ। ତେଣୁ ପୂର୍ତ୍ତ ବିଭାଗ ତୁରନ୍ତ ରାସ୍ତାର ମରାମତି, ଜଳ ନିଷ୍କାସନ ବ୍ୟବସ୍ଥା ଓ ପ୍ରଶସ୍ତିକରଣ କାମ ଆରମ୍ଭ କରିବାକୁ ଦାବି କରିଛନ୍ତି। ନଚେତ୍ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# ହଷ୍ଟେଲ ସମ୍ମୁଖ ପାଲଟିଛି ଜଳାଶୟ



ଝାରବନ୍ଧ,୪।୮ (ସମିସ): ଝାରବନ୍ଧ ବ୍ଲକର ବଳିଢ଼ିପା ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ହଷ୍ଟେଲ ସମ୍ମୁଖ ଲଗାଣ ବର୍ଷା ପରେ ପାଣି ଜମି ଜଳାଶୟର ଭ୍ରମ ସୃଷ୍ଟି କରୁଛି। ଏନେଇ ଛାତ୍ରଛାତ୍ରୀଙ୍କ ସୁରକ୍ଷା, ସ୍ୱାସ୍ଥ୍ୟ ଓ ଦୈନନ୍ଦିନ ଚଳପ୍ରଚଳ ପ୍ରତି ଗୁରୁତର ଆଶଙ୍କା ସୃଷ୍ଟି ହୋଇଛି। ସ୍ଥାନୀୟ ସୂତ୍ରରୁ ଜଣାପଡ଼ିଛି ଯେ, ହଷ୍ଟେଲ ନିର୍ମାଣ ସମୟରେ ସମ୍ମୁଖ ଭାଗରୁ ମାଟି ଉଠାଇ ପରିସର ଭିତରେ ଭରାଯାଇଥିଲା। ଫଳରେ ସେହି ସ୍ଥାନ ଗଭୀର ହୋଇଯିବା ସହ ବର୍ଷା ହେଲେ ପାଣି ଜମୁଛି। ଜଳ ନିଷ୍କାସନର ସ୍ଥାୟୀ ବ୍ୟବସ୍ଥା ନଥିବାରୁ ବର୍ଷା ଛାଡ଼ିଯିବା ପରେ ମଧ୍ୟ ଦୀର୍ଘଦିନ ଧରି ପାଣି ଜମି ରହୁଛି।

# ବନ୍ୟା ପୀଡ଼ିତଙ୍କୁ ରିଲିଫ୍ ସାମଗ୍ରୀ ବଣ୍ଟନ



ବରଗଡ଼,୪।୮ (ସମିସ): ବନ୍ୟା ପ୍ରପୀଡ଼ିତ ଚକରକେନ୍ଦ ଅଞ୍ଚଳରେ ଇନର ହ୍ୱିଲ୍ କ୍ଲବ୍ ଅଫ୍ ବରଗଡ଼ ସେଣ୍ଟ୍ରାଲ ରିଲିଫ୍ ବଣ୍ଟନ କରାଯାଇଛି। ବନ୍ୟା ପ୍ରଭାବିତଙ୍କୁ ମଶାରି ଓ ବିସ୍କୁଟ ପ୍ୟାକେଟ ବଣ୍ଟନ କରାଯାଇଥିଲା। କ୍ଲବ୍‌ର ସଭାପତି ଗୀତାଞ୍ଜଳି ମେହେର, ଉପ ସଭାପତି ପୁଷ୍ପାଞ୍ଜଳି ସୁବୁଦ୍ଧି, ସମ୍ପାଦକ କିରନ ସୁର ଜାଲ, ପୂର୍ବତନ ସଭାପତି ରିନା ଜିନ୍ଦଲଙ୍କ ସମେତ ବହୁ ସଦସ୍ୟ ଓ ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମରେ ସାମିଲ ଥିଲେ।

# ଶିକ୍ଷକ ଚନ୍ଦ୍ରଶେଖର ଭୋଇଙ୍କ ପରଲୋକ



ପଦ୍ମପୁର,୪।୮ (ସମିସ): ପଦ୍ମପୁରର ଆଦର୍ଶ ପ୍ରଧାନ ଶିକ୍ଷକ ତଥା ଚିତ୍ରଶିଳ୍ପୀ ଚନ୍ଦ୍ରଶେଖର ଭୋଇଙ୍କ ୮୭ ବର୍ଷ ବୟସରେ ତାଙ୍କ ପଦ୍ମପୁରସ୍ଥିତ ବାସଭବନରେ ପରଲୋକ ଘଟିଛି। ପଦ୍ମପୁର ଲକ୍ଷ୍ମୀନାରାୟଣ ସ୍ୱର୍ଗଦ୍ୱାରଠାରେ ପୁତ୍ର ଅନନ୍ତ ଓ ସୁଶାନ୍ତ ସହ ବିଶିଷ୍ଟ ଶତାଧିକ ବ୍ୟକ୍ତିମାନଙ୍କ ଉପସ୍ଥିତିରେ ତାଙ୍କ ଜ୍ୟେଷ୍ଠପୁତ୍ର ରବି ମୁଖାଗ୍ନି ଦେଇଥିଲେ।

# ବର୍ଷାପବନରେ ଜିନ୍ଦଲ ରାଇସ୍ ଓ ତେଲ ମିଲ୍ କ୍ଷତିଗ୍ରସ୍ତ





ବରଗଡ଼, ୪।୮ (ସମିସ): ଲଗାଣ ବର୍ଷା ଓ ଝଡ଼ ତୋଫାନ ଯୋଗୁଁ ବରଗଡ଼ ଜିଲ୍ଲାର ବିଭିନ୍ନ ସ୍ଥାନରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ଏଥିରେ ଚକରକେନ୍ଦ ନିକଟସ୍ଥ ଜିନ୍ଦଲ ରାଇସ୍ ମିଲ ଓ ତେଲ ମିଲ୍‌ର ବ୍ୟାପକ କ୍ଷୟକ୍ଷତି ଘଟିଛି। ମିଲର ବିଭିନ୍ନ ଭିତ୍ତିଭୂମି, ଯନ୍ତ୍ରପାତି ଓ ସଂରକ୍ଷିତ ସାମଗ୍ରୀ କ୍ଷତିଗ୍ରସ୍ତ ହୋଇଥିବା ମିଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। କ୍ଷୟକ୍ଷତିର ତାଲିକା ପ୍ରସ୍ତୁତ କରି ସରକାରୀ ସହାୟତା ପାଇଁ ମିଲ୍ କର୍ତ୍ତୃପକ୍ଷ ଦାବି କରିଛନ୍ତି। କ୍ଷୟକ୍ଷତିର ସଠିକ୍ ଆକଳନ ପାଇଁ ସମ୍ପୃକ୍ତ ବିଭାଗ ପକ୍ଷରୁ ତଦନ୍ତ କରାଯିବାକୁ ଦାବି କରାଯାଇଛି।

# ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂଙ୍କୁ ଶ୍ରଦ୍ଧାଞ୍ଜଳି



ସୋହେଲା,୪।୮ (ସମିସ): ସୋହେଲା ବ୍ଲକ ତବଡ଼ା ପଞ୍ଚାୟତରେ ବିଜୁ ଯୁବ ଜନତା ଦଳ ପକ୍ଷରୁ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ସୁଶାନ୍ତ ସିଂହଙ୍କ ଅକାଳ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ତବଡା ପଞ୍ଚାୟତର ବିଜୁ ଯୁବ ଜନତା ଦଳର ମହିଳାକର୍ମୀ ଓ ସମାଜସେବୀ କବିତା ସୁନା, ବିଭୂତି ସାହୁ, ବନିସ ସୁନା, ବୁଲୁ ପଧାନ, ମହେନ୍ଦ୍ର ମଟାରୀ, ଜ୍ୟୋତିର୍ମୟୀ ତରିଆଙ୍କ ସମେତ ବିଜେଡି କର୍ମୀ, ତବଡା ଗ୍ରାମର ବରିଷ୍ଠ ନାଗରିକ ଉପସ୍ଥିତ ରହି ସ୍ୱର୍ଗତ ସୁଶାନ୍ତ ସିଂହଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନବିଜ୍ଞାନ ମେଳା

ବରଗଡ଼,୪।୮ (ସମିସ): ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବରଗଡ଼ ଓଡିଆ ବିଭାଗରେ ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ କମଗାଁ ଉଚ୍ଚ ବିଦ୍ୟାଳୟର ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଲାବଣ୍ୟବତୀ ସାହୁ, ପରିଚାଳନା ସମିତିର ସଦସ୍ୟା ବିଷ୍ଣୁପ୍ରିୟା ବେହେରା, ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ବିଭୁ ପ୍ରସାଦ ମହାପାତ୍ର, ତନୁଜା ପାଢ଼ୀ, ମୀନକେତନ ଦାଶ, ସମ୍ମାନନୀୟ ବିଚାରକ ମଣ୍ଡଳୀ ଉପସ୍ଥିତ ଥିଲେ। ମୋଟ ୧୭୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିବାବେଳେ ୩୭ ଜଣ ବିଚାରକ ମୂଲ୍ୟାଙ୍କନ କରିଥିଲେ। ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଡ. ମଳୟ ଦେବତା (ପୂର୍ବଛାତ୍ର ତଥା ସିନର୍ଜିର ଆସିଷ୍ଟାଣ୍ଟ ପ୍ରଫେସର), ସୁଶ୍ରୀ ସୀମାରାଣୀ ବେହେରା (ପୂର୍ବଛାତ୍ରୀ ତଥା ନିର୍ବାହୀ ଯନ୍ତ୍ରୀ ହୀରାକୁଦ ନଦୀବନ୍ଧ), ସୁଶ୍ରୀ ନିହାରିକା ଦେବତା (ପୂର୍ବଛାତ୍ରୀ ତଥା ପଦାର୍ଥ ବିଜ୍ଞାନର ଅଧ୍ୟାପିକା ପଞ୍ଚାୟତ ମହାବିଦ୍ୟାଳୟ, ବରଗଡ଼), କୋଷାଧ୍ୟକ୍ଷ ସାନନ୍ଦ କର୍ମୀ,ଗୌରୀଶଙ୍କର ପଣ୍ଡା, ସହ ପ୍ରଧାନ ଆଚାର୍ଯ୍ୟ ସତ୍ୟାନନ୍ଦ ବାରିକ ଉପସ୍ଥିତ ଥିଲେ।

**● ସମ୍ବଲପୁରୀ ଭାଷା ମାନ୍ୟତା ଦାବିରେ ଆମରଣ ଅନଶନ**

# ସୁଶାନ୍ତଙ୍କୁ ସମର୍ଥନ ଜଣାଇଲେ ପୂର୍ବତନ ବିଧାୟକ




ବରଗଡ଼,୪।୮ (ସମିସ): ବରଗଡ଼ ଗାନ୍ଧୀଛକରେ ସମ୍ବଲପୁରୀ ଭାଷାକୁ ସମ୍ବିଧାନର ଅଷ୍ଟମ ସୂଚୀରେ ସାମିଲ ଦାବିରେ ଆମରଣ ଅନଶନରେ ବସିଥିବା ସଂଗ୍ରାମୀ ସୁଶାନ୍ତ ମିଶ୍ରଙ୍କୁ ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ ସମର୍ଥନ ଜଣାଇଛନ୍ତି। ଗତ ଅଗଷ୍ଟ ୧ ତାରିଖ ସମ୍ବଲପୁରୀ ଦିନଠାରୁ ଅନଶନରେ ବସିଥିବା ସୁଶାନ୍ତଙ୍କ ଦାବିକୁ ଯୁକ୍ତିଯୁକ୍ତ ବୋଲି ଉଲ୍ଲେଖ କରି ପୂର୍ବତନ ବିଧାୟକ ଶ୍ରୀ ସରକାର ଏହାକୁ ମାନି ନିଅନ୍ତୁ ବୋଲି କହିଥିଲେ। ବିଗତ ସରକାର ସମୟରେ ଗଠିତ ହୋଇଥିବା ପଶ୍ଚିମ ଓଡ଼ିଶା ବିକାଶ ପରିଷଦକୁ ରାଜ୍ୟ ବିଜେପି ସରକାର ସ୍ଥାଣୁ କରିଦେଇଥିବା ବେଳେ ୨ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପଡ଼ିରହିଛି। ତେବେ ମାତ୍ର କାଁ ଭାଁ ପ୍ରକଳ୍ପ ମଞ୍ଜୁରୀ ପ୍ରଦାନ କରି ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ବିକାଶ ପ୍ରକ୍ରିୟାକୁ ଠପ୍ କରି ଦେଇ ଦକ୍ଷିଣ ଓଡ଼ିଶା ଉତ୍ତର ଓଡ଼ିଶା ପରିଷଦ ଗଠନ ଯୋଜନା ହାସ୍ୟାସ୍ପଦ ବୋଲି ଉଲ୍ଲେଖ କରିଥିଲେ। ଏହି ଅବସରରେ ବିଜେଡି ଜିଲ୍ଲା ସଭାପତି ସୁଶାନ୍ତ ମହାପାତ୍ର, ପୌରାଧ୍ୟକ୍ଷା କଳ୍ପନା ମାଝି, ଉପାଧ୍ୟକ୍ଷ ରାଜେଶ ଅଗ୍ରୱାଲ, ବ୍ଲକ ବିଜେଡି ସଭାପତି ପ୍ରଫୁଲ୍ଲ କୁମାର ନାଏକ, କିଶୋର ମିଶ୍ର, କାଉନସିଲର ରେବତୀ ନାଏକ, ଉମା ଚରଣ ରାଉତ୍‌ଙ୍କ ସମେତ ଅବିନାଶ ମଲ୍ଲିକ, ଏମ ଡି ଜମୀର, ସମୀର ବାରିକ ପ୍ରମୁଖ ଅନଶନ ସ୍ଥଳରେ ପହଞ୍ଚି ସମର୍ଥନ ଜଣାଇଥିଲେ।

# ଡଃ ରମେଶ ଚନ୍ଦ୍ର ମାଝିଙ୍କ ଜୟନ୍ତୀ ଓ ପୁସ୍ତକ ଉନ୍ମୋଚନ



ବରଗଡ଼,୪।୮ (ସମିସ): ଆଜି ସ୍ଥାନୀୟ ଗାନ୍ଧୀସ୍ମୃତି ପାଠାଗାର ସମ୍ମିଳନୀ କକ୍ଷରେ ବିଶିଷ୍ଟ ଶିକ୍ଷାବିତ୍ ଓ ସାରସ୍ୱତ ସାଧକ ସ୍ୱର୍ଗତ ଡଃ ରମେଶ ଚନ୍ଦ୍ର ମାଝିଙ୍କ ୮୭ତମ ଜୟନ୍ତୀ ଓ "ସାଗ୍ ଅଫ ଦି ଗ୍ରେସଫୁଲ ରାମାୟଣ' ଇଂରାଜୀ ପୁସ୍ତକ ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି। ସର୍ଦ୍ଦାର ପ୍ରିତମ ସିଂଙ୍କ ସଂଯୋଜନାରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଅଧକ୍ଷ ଆୟୁଷ୍ମନ୍ତ ଷଡ଼ଙ୍ଗୀ ଯୋଗଦାନ କରି ସ୍ୱର୍ଗତ ମାଝିଙ୍କ ସାରସ୍ୱତ ସୃଷ୍ଟିର ଆଲୋଚନା କରିଥିଲେ। ଅନୁବାଦକ ଡଃ ଗୋବର୍ଦ୍ଧନ ସାହୁ ଅନୁବାଦକୀୟ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ପୁସ୍ତକକୁ ଅଧ୍ୟାପକ ମାନଭଞ୍ଜନ ପାଣିଗ୍ରାହୀ ସମୀକ୍ଷା କରିଥିଲେ। ସଭାପତି ଭାବେ ତରଣୀସେନ ବୁଧିଆ ସଭାପତିତ୍ୱ ଅଭିଭାଷଣ ପ୍ରଦାନ କରିଥିଲେ। ଏ ଅବସରରେ ଅନୁବାଦକ ଡଃ ଗୋବର୍ଦ୍ଧନ ସାହୁଙ୍କୁ ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ପୂର୍ବରୁ ଅଧ୍ୟାପିକା ସୁନନ୍ଦିନୀ ଦାଶ ସ୍ୱାଗତ ସଂଗୀତ ପରିବେଷଣ କରିଥିବା ବେଳେ କପିଳ ବାଗ ମନ୍ତ୍ର ଉଚ୍ଚାରଣ କରିଥିଲେ। ରମେଶ ଚନ୍ଦ୍ର ମାଝି ସ୍ମୃତି କମିଟିର ସଂପାଦକ ଡଃ ଶେଷନ ବିଶି ସଂପାଦକୀୟ ବିବରଣୀ, ଅତିଥି ପରିଚୟ ପ୍ରଦାନ ସହ ଧନ୍ୟବାଦ ଅର୍ପଣ କରିଥିଲେ।

**● ଏଡିଇଓଙ୍କ ଉପସ୍ଥିତିରେ ଅଭିଭାବକ ବୈଠକ**

# ୭ ଦିନ ଭିତରେ ଶିକ୍ଷକ ନିଯୁକ୍ତି ପ୍ରତିଶ୍ରୁତି



ଝାରବନ୍ଧ,୪।୮ (ସମିସ): ଝାରବନ୍ଧ ବ୍ଲକ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଅମଠିରେ ଅଭିଭାବକ, ଶିକ୍ଷକ-ଶିକ୍ଷୟିତ୍ରୀ ଓ ବିଦ୍ୟାଳୟ ପରିଚାଳନା କମିଟି (ଏସ୍‌ଏମ୍‌ସି)ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବରଗଡ଼ର ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବିନୟ ପ୍ରକାଶ ସୟ ଯୋଗଦେଇ ଅଭିଭାଷଣ ରଖିଥିଲେ। ତାଙ୍କ ସହ ଝାରବନ୍ଧ ବ୍ଲକର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦୟାନିଧି କୈବର୍ତ୍ତ ଏବଂ ବୈତାଲି କ୍ଲଷ୍ଟରର ସିଆରସିସି ଦିବସ କୁମାର ସାହୁ ମଧ୍ୟ ଉପସ୍ଥିତ ଥିଲେ। ବୈଠକରେ ଅଭିଭାବକମାନଙ୍କ ପକ୍ଷରୁ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଫକୀରୁଦ୍ଦିନ ଖାନ୍ ଦୀର୍ଘଦିନ ଧରି ଲାଗି ରହିଥିବା ଶିକ୍ଷକ ଅଭାବ ସମ୍ପର୍କରେ ଦାବିପତ୍ର ପ୍ରଦାନ କରିଥିଲେ। ଜବାବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସୟ ଆସନ୍ତା ୭ ଦିନ ମଧ୍ୟରେ ଶିକ୍ଷକ ନିଯୁକ୍ତି ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ବିଦ୍ୟାଳୟର ଛାତ୍ରୀ ତଥା ଶିଶୁ ସାମ୍ବାଦିକ ପୁନମ ନାଏକ ବିଦ୍ୟାଳୟର ରୋଷେଇ ଗୃହ ସମେତ ଅନ୍ୟାନ୍ୟ ଭିତ୍ତିଭୂମିଗତ ସମସ୍ୟା ସମ୍ପର୍କରେ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପ୍ରଧାନ ଶିକ୍ଷକ ଅଶ୍ୱିନୀ ଭୋଇ ଧନ୍ୟବାଦ ଜଣାଇଥିଲେ।

## ଗୌରୀଶଙ୍କର ମନ୍ଦିରରେ ରୁଦ୍ରାଭିଷେକ

ବରଗଡ଼,୪।୮ (ସମିସ): ବରଗଡ଼ ଷ୍ଟେଟବ୍ୟାଙ୍କ ପଛପଟେ ଥିବା ଗୌରୀଶଙ୍କର ମନ୍ଦିରରେ ପ୍ରତିବର୍ଷ ଶ୍ରାବଣ ମାସରେ ମାସସାରା ରୁଦ୍ରାଭିଷେକ ଓ ମହାଦେବଙ୍କ ପୂଜାର୍ଚ୍ଚନା ହୋଇଥାଏ। ଚଳିତ ବର୍ଷ ମଧ୍ୟ ରୁଦ୍ରାଭିଷେକ ହେଉଥିବାରୁ ଭକ୍ତଙ୍କ ଭିଡ଼ ଜମୁଛି। ମୁଖ୍ୟ ପଣ୍ଡିତ କିଶୋର ଚନ୍ଦ୍ର ଦାଶ ଏବଂ ତାଙ୍କ ସହଯୋଗୀ ପଣ୍ଡିତ ପିଙ୍କୁ ଦାଶ, ପଣ୍ଡିତ ପ୍ରବୀଣ ଦାଶ, ପଣ୍ଡିତ ପ୍ରତ୍ୟୁଷ ପାଣ୍ଡିଆ, ପଣ୍ଡିତ ରାଜେନ୍ଦ୍ର ତ୍ରିପାଠୀ, ହିରଧର ମାହାପାତ୍ର ଆଦି ପଣ୍ଡିତମାନେ ଶ୍ରାବଣୀ ପୂଜା କରିଆସୁଛନ୍ତି।

# ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠା ଦିବସ



ପଦ୍ମପୁର,୪।୮ (ସମିସ): ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପଦ୍ମପୁରର ୬୦ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଅବସରରେ ନାରୀଶିକ୍ଷା ପାଇଁ ନଗର ପରିକ୍ରମା କରାଯାଇଥିଲା। ଅନୁଷ୍ଠିତ ସଭାରେ ବିଦ୍ୟାଳୟର କର୍ଯ୍ୟକାରୀ ପ୍ରଧାନ ଶିକ୍ଷକ ଗୋପାଳଜୀ ପ୍ରସାଦ ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ସ୍ୱତନ୍ତ୍ର ବିକାଶ ପରିଷଦର ଅଧକ୍ଷ ଗୋବର୍ଦ୍ଧନ ଭୁଏ ଯୋଗଦେଇ ଶିକ୍ଷା ମାଧ୍ୟମରେ ନାରୀ ସଶକ୍ତିକରଣ ଓ ଚରିତ୍ର ଗଠନର ଆବଶ୍ୟକତା ଉପରେ ମତବ୍ୟକ୍ତ କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ବରଗଡ଼ ଜିଲ୍ଲା ଶିକ୍ଷା ଅଧିକାରୀ ସରୋଜ କୁମାର ଭୁଏ ଯୋଗଦେଇ ଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ। ରାଜବୋଡାସମ୍ବର୍ ବ୍ଲକ ଶିକ୍ଷା ଅଧିକାରୀ ଲୋକନାଥ ଭୋଇ, ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ପହଣ୍ଡି ବିଜୟ ମେହେର, ଗୋବିନ୍ଦ ପ୍ରସାଦ ଅଗ୍ରୱାଲ, ନିରୋଜ ଦୋରା, ପ୍ରେମାନନ୍ଦ ବେହେରାଙ୍କ ସହ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ସଦସ୍ୟା, ଅଭିଭାବକ ଓ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ସଭାରେ ବିଦ୍ୟାଳୟର ଛଅ ଦଶନ୍ଧିର ଗୌରବମୟ ଇତିହାସ ଓ ବିଭିନ୍ନ କ୍ଷେତ୍ରରେ ସଫଳତା ସହିତ ପିଏମ୍‌ଶ୍ରୀ ଯୋଜନା ଅଧୀନରେ ହୋଇଥିବା ବିକାଶମୂଳକ କାର୍ଯ୍ୟ ଉପରେ ଆଲୋକପାତ କରାଯାଇଥିଲା।

# ସଂସ୍କାର ଇଣ୍ଟରନ୍ୟାସନାଲ ସ୍କୁଲରେ ଓରିଏଣ୍ଟେସନ କାର୍ଯ୍ୟକ୍ରମ



ବରଗଡ଼,୪।୮ (ସମିସ): ବରଗଡ଼ ସଂସ୍କାର ଇଣ୍ଟରନ୍ୟାସନାଲ ସ୍କୁଲର ପ୍ରି-ପ୍ରାଇମେରୀ ବିଭାଗ ପକ୍ଷରୁ ନୂଆ ଆସିଥିବା ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକଙ୍କ ପାଇଁ ଏକ ଓରିଏଣ୍ଟେସନ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା ବିଦ୍ୟାଳୟର ଶିକ୍ଷାଦାନ ପ୍ରଣାଳୀ, ନୂତନ ପାଠ୍ୟକ୍ରମ, ମୂଲ୍ୟାଙ୍କନ ବ୍ୟବସ୍ଥା ଏବଂ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶ ପାଇଁ କରାଯାଉଥିବା ବିଭିନ୍ନ ପ୍ରୟାସ ସମ୍ପର୍କରେ ଅଭିଭାବକଙ୍କୁ ଅବଗତ କରାଇବା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଚେୟାରମ୍ୟାନ ସୁମନ ସାୱଡ଼ିଆ, ସାପଲିଙ୍ଗ୍ସ ଚେୟାରପର୍ସନ ମମତା ଅଗ୍ରୱାଲ, ନିର୍ଦ୍ଦେଶକ ଅଜିତ ପଟ୍ଟନାୟକ, ପ୍ରଧାନଶିକ୍ଷକ କରଣ ସାହୁ, ନିର୍ଦ୍ଦେଶକ ସିଦ୍ଧାର୍ଥ ସାୱଡ଼ିଆ, ଶ୍ରଦ୍ଧା ସାୱଡ଼ିଆ, ପ୍ରି-ପ୍ରାଇମେରୀ ସମନ୍ୱୟକ ମଧୁମିତା ସରାଫ ଏବଂ ସିସିଏ ସମନ୍ୱୟକ ବଂଶିତା ଗ୍ରୋଭରଙ୍କ ସମେତ ବିଦ୍ୟାଳୟର ଅନ୍ୟାନ୍ୟ ଶିକ୍ଷକ-ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଅନ୍ୱେଷା ବିଶ୍ୱାଳ ପରିଚାଳନା କରିଥିଲେ।

# ବିଦ୍ୟୁତ୍ ବିଭାଗର ଦୁଇ କର୍ମଚାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

ପଦ୍ମପୁର,୪।୮ (ସମିସ): ପଦ୍ମପୁର ସ୍ଥିତ ବିଦ୍ୟୁତ୍ ବିଭାଗ ପ୍ରାଙ୍ଗଣରେ ଦୁଇ ବରିଷ୍ଠ କର୍ମଚାରୀ ସୁରେନ୍ଦ୍ର କୁମାର ଦୋରା ଓ ମୁନସୀ ଗଡତିଆଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସଭାରେ ୱେଷ୍ଟ ଇଲେକ୍ଟ୍ରିକାଲ ଡିଭିଜନ-୧ର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୁଜିତ ବେହେରା, ଉପଖଣ୍ଡ ବିଭାଗୀୟ ଅଧିକାରୀ ସନ୍ଦୀପ ଭୋଇ ଓ ସେକ୍ସନ ମ୍ୟାନେଜର କରବାବୁ ଉପସ୍ଥିତ ରହି ଅବସରପ୍ରାପ୍ତ କର୍ମଚାରୀଙ୍କ ସେବାକୁ ଉଚ୍ଚ ପ୍ରଶଂସା କରିଥିଲେ। ମୁଖ୍ୟ ଅତିଥି ଭାବେ ୱେଷ୍ଟର୍ନ ଓଡ଼ିଶା ବିଦ୍ୟୁତ୍ କର୍ମଚାରୀ ମହାସଂଘ, ସମ୍ବଲପୁରର ସାଧାରଣ ସମ୍ପାଦକ ଲଳିତ କୁମାର ପଟ୍ଟନାୟକ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ଦୁଇ କର୍ମଚାରୀଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ, ସ୍ମାରକ ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା।

# ବିଲ୍‌ଡରଙ୍କ ବିରୋଧରେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ସୋସାଇଟି ବାସିନ୍ଦା

ବରଗଡ,୪।୮ (ସମିସ)



ବରଗଡ଼ ସ୍ଥିତ ହରି ଓମ୍ ସୋସାଇଟି ବାସିନ୍ଦା ଅର୍ଜୁନ ରିଏଲଟରର ମାଲିକ ଚପାତି ଅର୍ଜୁନ ରାଓଙ୍କ ବିରୋଧରେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଜମି ଓ ଫ୍ଲାଟ ବିକ୍ରିବେଳେ ପ୍ରତ୍ୟେକ ଘରମାଲିକଙ୍କଠାରୁ ରାସ୍ତା ଓ ଡ୍ରେନ ପାଇଁ ୧ ଲକ୍ଷ ଟଙ୍କା ଲେଖାଏଁ ନେଇଥିବା ବେଳେ ଆଜି ପର୍ଯ୍ୟନ୍ତ ତାହା ପୂରଣ କରି ନାହାନ୍ତି। ଫ୍ଲାଟର ଉପରେ ବିନା ଅନୁମତିରେ ନିଜ ପାଇଁ ପଞ୍ଚମ ମହଲା ତିଆରି କରି ପରେ ଜଣେ ତଥାକଥିତ ବାବାଙ୍କୁ ଭଡ଼ା ଦେଇଛନ୍ତି। ବର୍ତ୍ତମାନ ମଲ୍ଲିକାର୍ଜୁନ ଭୁବନେଶ୍ୱରରେ ରହୁଛନ୍ତି ଓ ତାଙ୍କ ଅନୁପସ୍ଥିତିରେ ତାଙ୍କ ଭାଇ ଚନ୍ଦ୍ରଶେଖର ରାଓ ବୁଝାବୁଝି କରୁଛନ୍ତି। ସେ ସୋସାଇଟି ବାସିନ୍ଦାଙ୍କୁ ବିଭିନ୍ନ ସମୟରେ ହଇରାଣ କରୁଛନ୍ତି। ହରି ଓମ୍ ସୋସାଇଟି ପକ୍ଷରୁ ଓରେରା କୋର୍ଟରେ ମାମଲା ରୁଜୁ କରାଯାଇଥିବାବେଳେ ମାନ୍ୟବର ଅଦାଲତ ସୋସାଇଟି ସପକ୍ଷରେ ରାୟ ଦେବା ସହ ବରଗଡ଼ ସିଭିଲ କୋର୍ଟ ମଧ୍ୟ ତପୋବନ ଆଶ୍ରମ ପାଇଁ ରାସ୍ତା ଉପରେ ରହିତାଦେଶ ଜାରି କରିଛନ୍ତି। ତପୋବନ ନାମକ ଏକ ଅନୁଷ୍ଠାନ କରି ତାହାକୁ ଏକ ସ୍କିଲ ଟ୍ରେନିଂ ସେଣ୍ଟରକୁ ଲକ୍ଷାଧିକ ଟଙ୍କାରେ ଭଡ଼ା ଦେଇଛନ୍ତି। ପ୍ରତ୍ୟହ ଶହ ଶହ ଗାଡ଼ି ଯିବା ସହ ଅନେକ ଅସାମାଜିକ ବ୍ୟକ୍ତିଙ୍କର ପ୍ରବେଶ ହେଉଛି। ଯେଉଁଥିପାଇଁ ସୋସାଇଟି ବାସିନ୍ଦା ଅସୁରକ୍ଷିତ ମନେ କରୁଛନ୍ତି। ଏନେଇ ବହୁବାର ପୁଲିସ ପ୍ରଶାସନକୁ ଜଣାଇବା ପରେ ବି କୌଣସି ସମାଧାନ ହୋଇପାରି ନାହିଁ। ଏଣୁ ସୋସାଇଟିର ସୁରକ୍ଷା ତଥା ସମସ୍ୟାକୁ ନେଇ ଜିଲ୍ଲାପାଳ ବରଗଡ଼, ଏସ୍‌ପି, ଏସ୍‌ଡିପିଓ ବରଗଡ଼ଙ୍କୁ ଏକ ଲିଖିତ ଅଭିଯୋଗ ନେଇ ଭେଟିବାକୁ ହରି ଓମ୍ ସୋସାଇଟି ବାସିନ୍ଦା ଯାଇଥିଲେ। ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ, ଏସ୍‌ପି ରବୀନ୍ଦ୍ରନାଥ ଶତପଥୀ, ଏସ୍‌ଡିପିଓ ପଦାରବିନ୍ଦ ତ୍ରିପାଠୀଙ୍କୁ ଭେଟି କୋର୍ଟ ଅର୍ଡର ସହିତ ଦରଖାସ୍ତ ଦେଇ ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ପାଇଁ ଅନୁରୋଧ କରିଥିଲେ।

## ବନ୍ୟା ବିଭୀଷିକାରେ ବଳିପଡ଼ିଲା ମାନବିକତା

# ଭୋକିଲା ପେଟକୁ ରାଜନୀତିର ଛାଟ

ଦୋବଲ,୪।୮ (ସମିସ)



ଉଚ୍ଛୁଳା ବୈତରଣୀ ଓ ଗେଙ୍ଗୁଟି ନଦୀର କରାଳ ରୂପ ଯେତିକି ଭୟଙ୍କର ନ ଥିଲା, ତା'ଠୁ ଅଧିକ ହୃଦୟବିଦାରକ ଓ ନିନ୍ଦନୀୟ ଥିଲା ବନ୍ୟା ପରବର୍ତ୍ତୀ ପ୍ରଶାସନିକ ଅବହେଳା ଓ ଶାସକ ଦଳର ସଂକୀର୍ଣ୍ଣ ରାଜନୀତି। ଧାମନଗର ବ୍ଲକ୍ ସୋହଡ଼ା ପଞ୍ଚାୟତ ୮ ନମ୍ବର ୱାର୍ଡ ଅନ୍ତର୍ଗତ ପିତେଇପୁର ଜେନାସାହି ଆଜି ମାନବିକତା ଶୂନ୍ୟତାର ଏକ ଜ୍ୱଳନ୍ତ ଉଦାହରଣ ସାଜିଛି। ଏହି ଦଳିତ ସାହିର ୪୦ଟି ପରିବାରର ୩୦୦ରୁ ଊର୍ଦ୍ଧ୍ୱ ଅସହାୟ ଲୋକ ବନ୍ୟାର କରାଳ ଗ୍ରାସରେ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ସକାଳେ ମଜୁରୀ ଲାଗିଲେ ସନ୍ଧ୍ୟାରେ ଯାହାଙ୍କ ଚୁଲି ଜଳେ, ସେହି ଅଭାବୀ ଦିନମଜୁରିଆଙ୍କ ପାଖରେ ସଞ୍ଚିତ ଖାଦ୍ୟ ବୋଲି କିଛି ନ ଥିଲା। ଗତ ୨୮ ତାରିଖ ରାତିରେ ବ୍ଲକ୍ କାର୍ଯ୍ୟାଳୟରେ ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ସମୀକ୍ଷା ପରେ ପ୍ରଶାସନ ତତ୍ପର ହୋଇଥିଲା ସତ, କିନ୍ତୁ ସୂଚନା ମିଳିବା ବେଳକୁ ପାଣି ଦୁଆରମୁହଁରେ। ଛୁଆପିଲାଙ୍କ ପାଇଁ ମୁଠାଏ ଆହାର ଯୋଗାଡ଼ କରିବା ଆଗରୁ ଜଳ ଘେରିଯିବାରୁ ଲୋକେ ଆତଙ୍କିତ ହୋଇ ଆଶ୍ରୟସ୍ଥଳୀକୁ ଉଠିଯାଇଥିଲେ। ଏହି ୩ ଦିନ ଧରି କୋମଳମତି ଶିଶୁ, ଗର୍ଭବତୀ ମହିଳା ଓ ବୃଦ୍ଧବୃଦ୍ଧାମାନଙ୍କୁ ଧରି ଏହି ୩୦୦ ବିପନ୍ନ ଲୋକ ଭୋକଶୋଷରେ ଆଉଟୁପାଉଟୁ ହୋଇ ଛଟପଟ ହୋଇଛନ୍ତି। ସରକାରୀସ୍ତରରୁ ଚୁଡ଼ା, ଗୁଡ଼, ରନ୍ଧାଖାଦ୍ୟ କିମ୍ବା ଟୋପାଏ ପିଇବା ପାଣି ବି ଏହି ସାହିକୁ ମିଳିନାହିଁ। ଗାଁ ସ୍କୁଲରେ ସରକାରୀ ଅନୁଦାନରେ ଖାଦ୍ୟ ରୋଷେଇ ହୋଇ ଅନ୍ୟ ସାହିକୁ ବଣ୍ଟାଯାଉଥିବା ବେଳେ, କେବଳ ଭିନ୍ନ ରାଜନୈତିକ ମତଧାରା ପାଇଁ ଏହି ଦଳିତ ସାହିଟିକୁ ସମ୍ପୂର୍ଣ୍ଣ ଅବହେଳା କରାଗଲା।

ସାହିର ଲିସାରାଣୀ ଜେନା ଲୁହଭରା ଆଖିରେ କହିଛନ୍ତି, ଆମ ସାହିଟି ମୂଳରୁ ବିଜେଡି ସମର୍ଥକ ବୋଲି ଜାଣିଶୁଣି ଆମକୁ ରିଲିଫ୍‌ରୁ ବଞ୍ଚିତ କରାଗଲା। ସଙ୍କଟ ସମୟରେ ବି ପେଟକୁ ନେଇ ରାଜନୀତି କରାଗଲା। ସେହିପରି ସନାତନ ଜେନା କହିଛନ୍ତି ଯେ, ବନ୍ୟା ଛାଡ଼ିବା ପରେ ବି ପ୍ରଶାସନ ସେମାନଙ୍କ ଦୁଃଖ ବୁଝିନାହିଁ। ଘରଦ୍ୱାର ଭାଙ୍ଗି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ବେଳେ ଖୋଲା ଆକାଶ ତଳେ ପଡ଼ିରହିଥିବା ଏହି ପରିବାରଗୁଡ଼ିକୁ ପଲିଥିନ୍ ଖଣ୍ଡିଏ ସୁଦ୍ଧା ମିଳିନାହିଁ। ଗ୍ରାମବାସୀ ରତ୍ନାକର ଦାସ ସିଧାସଳଖ ଅଭିଯୋଗ କରିଛନ୍ତି ଯେ, ପଞ୍ଚାୟତର ଶାସକ ଦଳ ନେତାମାନଙ୍କ ଚକ୍ରାନ୍ତ ଯୋଗୁଁ ପ୍ରଶାସନ ବାଟବଣା ହୋଇଛି। ସୋଧ ରାଜସ୍ୱ ନିରୀକ୍ଷକ ବନ୍ୟାପାଣି ଯୋଗୁଁ ଯୋଗାଯୋଗ ବିଚ୍ଛିନ୍ନତାକୁ କାରଣ ଦର୍ଶାଇ ଖୁବ୍‌ଶୀଘ୍ର ପଲିଥିନ୍ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। କିନ୍ତୁ ଭୋକଶୋଷ ଓ ପକ୍ଷପାତିତାର ଶିକାର ହୋଇଥିବା ପିତେଇପୁର ଜେନାସାହିର ଅଭାବୀ ଲୋକଙ୍କ ଆଖିରୁ ଲୁହ ଏବେ ବି ଶୁଖିନାହିଁ।

# ତିହିଡ଼ି ବ୍ଲକ୍‌ରେ ସରକାରଙ୍କ ବନ୍ୟା ମୁକାବିଲା ବିଫଳ: ସଞ୍ଜୟ



ତିହିଡ଼ି,୪।୮ (ସମିସ): ତିହିଡ଼ି ବ୍ଲକ୍ ବିଜେଡି ପକ୍ଷରୁ ବିଜେଡି କାର୍ଯ୍ୟାଳୟରେ ମଙ୍ଗଳବାର ସନ୍ଧ୍ୟାରେ ବନ୍ୟା ମୁକାବିଲା ନେଇ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଧାମନଗର ନିର୍ବାଚନମଣ୍ଡଳୀ ନେତା ଡ. ସଞ୍ଜୟ କୁମାର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଓଡ଼ିଶାର ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା ଯୋଗଦେଇ କହିଥିଲେ ଯେ, ସରକାର ଚଳିତ ବର୍ଷ ବନ୍ୟାକୁ ମୁକାବିଲା କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି।

ସେ ମଙ୍ଗଳବାର ତିହିଡ଼ି ବ୍ଲକ୍‌ର ଶ୍ୟାମସୁନ୍ଦରପୁର ପଞ୍ଚାୟତ କାଁପଡ଼ା ପଞ୍ଚାୟତ ବୁଲି ଲୋକମାନଙ୍କ ପାଖରେ ପହଞ୍ଚିଥିଲେ। ବନ୍ୟା ପୀଡ଼ିତଙ୍କୁ ସରକାରଙ୍କ ପକ୍ଷରୁ ଯାହା ସାହାଯ୍ୟ ସହଯୋଗ ମିଳିବା କଥା ମିଳିନାହିଁ। ବହୁ ଅଞ୍ଚଳକୁ ରନ୍ଧା ଖାଦ୍ୟ ଦେଇନାହାନ୍ତି। ବିଭିନ୍ନ ପଞ୍ଚାୟତର ଲୋକ ପ୍ରତିନିଧିମାନଙ୍କୁ ନ ପଚାରି ମନମୁଖୀ ରିଲିଫ୍ କାର୍ଯ୍ୟ ଚଳାଇଛନ୍ତି। ୮୦ ଭାଗ ଶାରଦ ଧାନ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଡିଏପି ଧାନ ୧୩୦୦ରୁ ୨୧୦୦କୁ ବୃଦ୍ଧି ପାଇଛି। ଯାହା ଫଳରେ ଚାଷୀ ମୁଣ୍ଡରେ ହାତ ଦେଇଛି। ଏପର୍ଯ୍ୟନ୍ତ ବନ୍ୟାବିପନ୍ନଙ୍କ ପାଖରେ ପଲିଥିନ୍ ପହଞ୍ଚିପାରି ନାହିଁ। ଜଳସେଚନ, ପାନୀୟ ଜଳ, ରାସ୍ତା ଅବସ୍ଥା ପୂରା ବେହାଲ ହୋଇଯାଇଛି। ଗୋ-ଖାଦ୍ୟ ସମ୍ପୂର୍ଣ୍ଣ ଦେବାରେ ବିଫଳ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ଦାସ, ଅଧ୍ୟକ୍ଷା ଅବନ୍ତୀ ଦାସ, ପୂର୍ବତନ ଅଧ୍ୟକ୍ଷା ବିଦ୍ୟୁତ୍‌ଲତା ନାୟକ, ପୂର୍ବତନ ଧାମନଗର ଅଧ୍ୟକ୍ଷ ଅଶୋକ ନାୟକ, ବିଜେଡି ସଭାପତି ସୁରେନ୍ଦ୍ର କୁମାର ନାୟକ, ଜିଲ୍ଲା ପରିଷଦ ସଭ୍ୟ ଅମୂଲ୍ୟ କୁମାର ମାଝୀ, ସରପଞ୍ଚ ତାପସ ବେହେରା, ସମିତିସଭ୍ୟ ଜୟପ୍ରକାଶ ମଳିକ, ପ୍ରିୟବନ୍ଧୁ ମାଝୀ, ଭାଗିରଥି ମଳିକ, ପୂର୍ବତନ ସରପଞ୍ଚ କୀର୍ତ୍ତନ ଚନ୍ଦ୍ର ରାଉତ, ଶଶଧର ସାମଲ, ମାନସ କୁମାର ସାହୁ, ପ୍ରତାପ ଜେନା, ହରେକୃଷ୍ଣ ଜେନା, ବିପିନ ବେହେରା, ବିଷ୍ଣୁ କୁଅଁର, ବିଜେଡି ନେତା ସଂଗ୍ରାମ କେଶରୀ ଦାସ, କୈଳାଶ ରାଉଳ, ଅନିରୁଦ୍ଧ ବାରିକ, ନିତ୍ୟାନନ୍ଦ ବେହେରା, ଅଭୟ ମଳିକ, କମଳାକାନ୍ତ ଦାସ, ବିଷ୍ଣୁ ଜେନା, ଦେବକିଶୋର ପାଟଙ୍କ ସମେତ ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ।

■ ଜିଲ୍ଲା କଂଗ୍ରେସର ଦଳିତ ନେତାଙ୍କ ଅଭିଯୋଗ

# ବନ୍ୟା ପରିଚାଳନାରେ ସରକାର ବିଫଳ



ଭଦ୍ରକ,୪।୮ (ସମିସ): ବନ୍ୟା ପରିସ୍ଥିତି ଉତ୍କଟ ରୂପ ଧାରଣ କରିଥିବାବେଳେ ଏହାକୁ ମୁକାବିଲା କରିବାରେ ରାଜ୍ୟ ସରକାରଙ୍କ ସମେତ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ରାଜ୍ୟ କଂଗ୍ରେସର ଦଳିତ ନେତା ତଥା ଜିଲ୍ଲା କଂଗ୍ରେସ କମିଟିର ମୁଖପାତ୍ର ରାଜେନ୍ଦ୍ର ପ୍ରସାଦ ଜେନା ଅଭିଯୋଗ କରିଛନ୍ତି। ଦୀର୍ଘ ୫ ଦିନ ଧରି ଧାମନଗର ନିର୍ବାଚନମଣ୍ଡଳୀରେ କାସିମ୍‌ପୁର, ବୋଡ଼କ, ବିଲଣା ସମେତ ଚାନ୍ଦବାଲି, ଭଣ୍ଡାରିପୋଖରୀ, ତିହିଡ଼ି, ଭଦ୍ରକ, ବାସୁଦେବପୁର ବ୍ଲକ୍‌ର ବହୁ ତଳିଆ ଅଞ୍ଚଳର ହଜାର ହଜାର ଲୋକ ବନ୍ୟାଜଳ ଘେରରେ ଥାଇ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ ହେଁ ଅଦ୍ୟାବଧି ରାଜ୍ୟ ସରକାର କିମ୍ବା ଜିଲ୍ଲା ପ୍ରଶାସନ ବନ୍ୟାବିପନ୍ନଙ୍କ ପାଖରେ ପହଞ୍ଚି ପାରିନାହିଁ କି ସେମାନଙ୍କୁ ରିଲିଫ୍ ସାମଗ୍ରୀ ଯୋଗାଇ ଦେଇନାହିଁ। ଜିଲ୍ଲାର ବନ୍ୟାଞ୍ଚଳ ଗସ୍ତ କରି ବନ୍ୟାବିପନ୍ନମାନଙ୍କୁ ଭେଟିବା ସହ ସେମାନଙ୍କ ଦୁର୍ଦ୍ଦଶା ବଢ଼ିଯାଇଥିବାରୁ ଜିଲ୍ଲା ପ୍ରଶାସନର ବିଫଳତାକୁ ଦାୟୀ କରିଛନ୍ତି। ସେହିପରି ରାଜ୍ୟ ସରକାରଙ୍କ ଅପାରଗତା ପାଇଁ ଜିଲ୍ଲାର ଲକ୍ଷାଧିକ ବନ୍ୟା ବିପନ୍ନ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବାର କଂଗ୍ରେସ ଦଳିତ ନେତା ଶ୍ରୀ ଜେନା ଅଭିଯୋଗ କରିଛନ୍ତି। ତୁରନ୍ତ ବନ୍ୟାବିପନ୍ନଙ୍କୁ ରିଲିଫ୍ ସାମଗ୍ରୀ ଯୋଗାଇଦେବାକୁ ଦାବି କରିଛନ୍ତି।

## ସରକାରୀ ନିର୍ଦ୍ଦେଶକୁ ୯ ବର୍ଷ ପୂରିଲା

# ବନ୍ଦ ହେଉନି ଶିକ୍ଷାର ବ୍ୟାବସାୟୀକରଣ

ବନ୍ତ/ଆଗରପଡ଼ା,୪।୮ (ସମିସ)

ଶିକ୍ଷଓ ଶିକ୍ଷକ ମୁଦ୍ରାର ଦୁଇଟି ପାଶ୍ୱର୍ ସଦୃଶ। ଶିକ୍ଷାର ମାନବୃଦ୍ଧି କରିବା ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ପ୍ରଥମ ଦାୟିତ୍ୱ। କିନ୍ତୁ ଶିକ୍ଷକ/ଶିକ୍ଷୟିତ୍ରୀ ଏହି ଗୁରୁଦାୟିତ୍ୱକୁ ଭୁଲି ବର୍ତ୍ତମାନ ଧନ ଉପାର୍ଜନ କରିବା ପାଇଁ ବାଛି ନେଇଛନ୍ତି ସୁନ୍ଦର ଉପାୟ 'କୋଚିଂ ସେଣ୍ଟର'। ପ୍ରଶାସନିକ କଟକଣା ନ ଥିବାରୁ ଏବେ କୋଚିଂ ସେଣ୍ଟର ଏକ ବ୍ୟାବସାୟିକ ସଂସ୍ଥାରେ ପରିଣତ ହେଲାଣି। ସରକାରୀ ନିୟମ ଅନୁସାରେ, କୌଣସି ବେତନଭୋଗୀ ଅଧ୍ୟାପକ/ଅଧ୍ୟାପିକା, ଶିକ୍ଷକ/ଶିକ୍ଷୟିତ୍ରୀ ଛାତ୍ରଛାତ୍ରୀମାନଙ୍କୁ ଟ୍ୟୁସନ କରିପାରିବେ ନାହିଁ। ଏହା ପ୍ରମାଣ ମିଳିଲେ ଆର୍‌ଟିଇ ଆକ୍ଟ ସେକ୍ସନ୍ ୨୮ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ। ରାଜ୍ୟ ଶିକ୍ଷା ବିଭାଗ ନିର୍ଦ୍ଦେଶକଙ୍କ ଚିଠି ନଂ ୧୧୯୮୦ରେ ସରକାରୀ ଶିକ୍ଷକମାନେ ଟ୍ୟୁସନ ନ କରିବାକୁ ଉଲ୍ଲେଖ ଥିଲା। ପୁନଶ୍ଚ ୪୧୬୪/୩୧/୦୩/୨୦୧୭/ଆର୍‌ଟିଇରେ ତାଗିଦ୍ କରିଥିବାର ଜଣାପଡ଼ିଛି। କିନ୍ତୁ ଏହାକୁ କେହି ପାଳନ କରୁନାହାନ୍ତି। ବର୍ତ୍ତମାନ ସ୍କୁଲ, କଲେଜରେ ନୂତନ ବର୍ଷର ପାଠ୍ୟକ୍ରମ ଆରମ୍ଭ ହୋଇଯାଇଛି। ଏଣୁ ଅଭିଭାବକମାନେ ଭଲ ଶିକ୍ଷାନୁଷ୍ଠାନ କ'ଣ ଖୋଜିବେ, ଭଲ କୋଚିଂ ସେଣ୍ଟର ଖୋଜିବା ଏକ ବଡ଼ ବ୍ୟତିକ୍ରମ। ଯାହା ଦେଖିବାକୁ ମିଳୁଛି ଆଗରପଡ଼ା ଓ ଏହାର ଆଖପାଖ ଅଞ୍ଚଳରେ। ଶିକ୍ଷକ/ଶିକ୍ଷୟିତ୍ରୀମାନେ ଅଧିକ ରୋଜଗାର ଲକ୍ଷ୍ୟରେ ସ୍କୁଲ/କଲେଜଗୁଡ଼ିକରେ ହାଜିରା ପକେଇ କୋଚିଂ ସେଣ୍ଟରରେ କୋଚିଂ ଦେବାରେ ବ୍ୟସ୍ତ ରହୁଥିବାର ଦେଖିବାକୁ ମିଳୁଛି।

ଆଗରପଡ଼ାରେ ଦୁଇଟି ମହାବିଦ୍ୟାଳୟ ସମେତ ସରକାରୀ ଓ ବେସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ ସରସ୍ୱତୀ ଶିଶୁମନ୍ଦିର, ଇଂଲିଶ ମିଡିୟମ୍ ସ୍କୁଲ ଥିବା ହେତୁ ଏହି ଅଞ୍ଚଳରେ ଛତୁ ଫୁଟିବା ପରି କୋଚିଂ ସେଣ୍ଟର ଖୋଲିଛି। ବ୍ୟାବସାୟିକ ପ୍ରତିଷ୍ଠାନ ଗାଡ଼ି ପାର୍କିଂ ସ୍ଥାନଠାରୁ କୋଚିଂ ସେଣ୍ଟର ପାର୍କିଂ ସ୍ଥାନ ଅଧିକ ରହିଥିବାର ଦେଖିବାକୁ ମିଳୁଛି। ଏଣୁ ପ୍ରଶାସନିକ ସ୍ତରରେ ଏଥିପ୍ରତି ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ଶିକ୍ଷାର ମାନରେ ବଡ଼ ପରିବର୍ତ୍ତନ ଯେ ଦେଖା ନ ଦେବ ଏକଥା କିଏ କହିବ? ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

# ବନ୍ୟାରେ ସ୍କୁଲ ପାଠ୍ୟପୁସ୍ତକ ନଷ୍ଟ



ବାରିକପୁର,୪।୮ (ସମିସ): ଚଳିତ ବୈତରଣୀ ବନ୍ୟାରେ ଭଣ୍ଡାରିପୋଖରୀ ବ୍ଲକ୍‌ର ୫/୭ଟି ପଞ୍ଚାୟତ ବିଶେଷ ଭାବେ ପ୍ରଭାବିତ। ତନ୍ମଧ୍ୟରୁ କଣ୍ଟି ଏସ୍‌କେପ୍ ମୁହଁରେ ଥିବା ଷୋଳମପୁର ପଞ୍ଚାୟତ ଅଧିକ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ପଞ୍ଚାୟତ ଅଧୀନ ଦୁଇଟି ବିଦ୍ୟାଳୟରେ ବନ୍ୟାପାଣି ପଶିଯିବାରୁ ଅନେକ କିଛି ନଷ୍ଟଭ୍ରଷ୍ଟ ହୋଇଛି। ସୂଚନା ମୁତାବକ, ଷୋଳମପୁର ବିଦ୍ୟାଳୟ ସହିତ ବିରୋଳୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ବନ୍ୟାଜଳ ପ୍ରବେଶ କରିଥିଲା। ବିଦ୍ୟାଳୟ ଗୃହ ମଧ୍ୟରେ ପ୍ରାୟ ୫ ଫୁଟ୍ ପାଣି ପ୍ରବାହିତ ହୋଇଥିଲା। ଏଥିଯୋଗୁଁ ପାଠ୍ୟପୁସ୍ତକ ସହିତ ବିଦ୍ୟାଳୟର କିଛି ଦରକାରୀ କାଗଜପତ୍ର, ଖେଳ ସାମଗ୍ରୀ, ପିଲାଙ୍କ ଶିକ୍ଷଣୀୟ ଚିତ୍ରପଟ, ଅନ୍ୟାନ୍ୟ ପାଠ୍ୟ ସାମଗ୍ରୀ ନଷ୍ଟ ହୋଇଛି। ବନ୍ୟାପାଣି ଛାଡ଼ିବା ପରେ ଶିକ୍ଷକଶିକ୍ଷୟିତ୍ରୀମାନେ କାଗଜପତ୍ର ଓ ପାଠ୍ୟପୁସ୍ତକଗୁଡ଼ିକୁ ଖରାରେ ଶୁଖାଇଥିବା ଦେଖିବାକୁ ମିଳିଛି।

# ବାବା ଆଖଣ୍ଡଳମଣି ମନ୍ଦିରର ବରିଷ୍ଠ ସେବକଙ୍କ ଦେହାନ୍ତ



ଆରଡ଼ି,୪।୮ (ସମିସ): ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ବାବା ଆଖଣ୍ଡଳମଣି ମନ୍ଦିରର ବରିଷ୍ଠ ଗୋସେଇଁ ସେବକ ସୁରେନ୍ଦ୍ର ନାଥ କରଙ୍କର ସୋମବାର ରାତି ୮ଟାରେ ୮୩ ବର୍ଷ ବୟସରେ ଦେହାନ୍ତ ହୋଇଯାଇଛି। ଏହା ଆରଡ଼ି ଅଞ୍ଚଳ ପାଇଁ ବହୁତ ବଡ଼ ଦୁଃଖଦାୟକ ଖବର। ସେ ଜଣେ ମିଷ୍ଟଭାଷୀ, ସରଳ, ଅମାୟିକ ଲୋକ ଥିଲେ। ବାବା ଆଖଣ୍ଡଳମଣିଙ୍କ ମନ୍ଦିରରେ ଦୀର୍ଘ ୬୦ ବର୍ଷ ଧରି ସେ ସେବା ପୂଜା କରି ଆସୁଥିଲେ। ସେ ଉକ୍ତ ଅଞ୍ଚଳର ଜଣେ ବରିଷ୍ଠ କର୍ମକାଣ୍ଡ ବିଶାରଦ ଥିଲେ। ତାଙ୍କ ବିୟୋଗରେ ଆରଡ଼ି ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ତାଙ୍କ ବିୟୋଗ ଅଞ୍ଚଳ ପାଇଁ ଏକ ଅପୂରଣୀୟ କ୍ଷତି। ପହଣାସ୍ଥିତ ତାଙ୍କ ବାସଭବନରେ ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ, ୧ନଂ ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ପ୍ରିନ୍ସ ରାକେଶ ନାୟକ, ନାନ୍ଦପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ସରୋଜ ଦାସ, ନାଏବ ସରପଞ୍ଚ ବ୍ରଜମୋହନ ବାରିକ, ଉଗ୍ରେସନ ସାହୁ ପ୍ରମୁଖ ପହଞ୍ଚି ସ୍ୱର୍ଗତ କରଙ୍କ ଶେଷ ଦର୍ଶନ କରିବା ସହିତ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ୫ ପୁଅ-ବୋହୂ ସମେତ ନାତିନାତୁଣୀମାନେ ଉପସ୍ଥିତ ଥିଲେ।

# ସମାଜସେବୀଙ୍କ ପକ୍ଷରୁ ରିଲିଫ୍ ବଣ୍ଟନ



ବାରିକପୁର,୪।୮ (ସମିସ): ବୈତରଣୀ ନଦୀରେ ବଡ଼ଧରଣର ବନ୍ୟା ଆସିବା ଫଳରେ ଭଣ୍ଡାରିପୋଖରୀ ବ୍ଲକ୍‌ର ବିଭିନ୍ନ ଗାଁ ଗହଳିରେ ପାଣି ପ୍ରବେଶ କରି ସବୁ କିଛି ନଷ୍ଟ କରି ଦେଇଛି। ଚାଷଠାରୁ ଆରମ୍ଭ କରି ବାସଗୃହ ଯାଏଁ ସବୁ ବନ୍ୟା ପାଣିରେ ପ୍ରଭାବିତ ହୋଇଛି। ଏବେ ବନ୍ୟା ପାଣି ଛାଡ଼ିଯାଇଥିଲେ ମଧ୍ୟ ଲୋକଙ୍କ ଦୁର୍ଦ୍ଦଶା କମିନାହିଁ। ଏଭଳି ସ୍ଥିତିରେ ରହଣିଆ ଗ୍ରାମର ବନ୍ୟାବିପନ୍ନ ପରିବାରକୁ ସମାଜସେବୀ ପର୍ଶୁରାମ ମାଝୀ ଶୁଖିଲା ଖାଦ୍ୟ ସାମଗ୍ରୀ ବଣ୍ଟନ କରିଛନ୍ତି। ଗ୍ରାମର ୪ଟି ୱାର୍ଡରେ ସେ ପହଞ୍ଚି ଘରକୁ ଘର ବୁଲି ଲୋକଙ୍କ ସମସ୍ୟା ବୁଝିବା ସହିତ ରିଲିଫ୍ ପ୍ରଦାନ କରିଛନ୍ତି। ପ୍ରଶାସନିକସ୍ତରରେ ବନ୍ୟାବିପନ୍ନଙ୍କୁ ତୁରନ୍ତ ସହାୟତା ଯୋଗାଇଦେବାକୁ ଯୁବ ସମାଜସେବୀ ଦୃଢ଼ ଦାବି କରିଛନ୍ତି।

# ଚାଷ ପାଇଁ ସାର ଅଭାବ; ବଢୁଛି ଅସନ୍ତୋଷ

ବାରିକପୁର,୪।୮ (ସମିସ): ଭଣ୍ଡାରିପୋଖରୀ ବ୍ଲକ୍‌ର ବିଭିନ୍ନ ପ୍ରାଥମିକ କୃଷି ସମବାୟ ସମିତିଗୁଡ଼ିକୁ ପର୍ଯ୍ୟାପ୍ତ ପରିମାଣର ସାର ଆସୁନାହିଁ। ବିଶେଷ କରି ଆବଶ୍ୟକ ମୁତାବକ ଡିଏପି ସାର ଆସୁ ନ ଥିବା କାରଣରୁ ଚାଷୀ ଅସନ୍ତୋଷ ବଢ଼ିବାରେ ଲାଗିଛି। ସୂଚନା ମୁତାବକ, ନାରାୟଣପୁର ସମବାୟ ସମିତିଠାରେ ପ୍ରାୟ ୫୦୦ ଚାଷୀ ଡିଏପି ସାର ପାଇଁ ଅନେଇ ବସିଛନ୍ତି। ସେହିଭଳି ନେରଡାଠାରେ ୭୦୦, ତେସିଙ୍ଗା ସମିତିରେ ୨୫୦୦, ନାଆମୀ ସମିତିରେ ୧୦୦୦, ରହଣିଆ ସମିତିରେ ୯୦୦, ଜଳମଣ୍ଡୁଆ ସମିତିରେ ୮୫୦ ଜଣ ଚାଷୀ ଏପର୍ଯ୍ୟନ୍ତ ଆବଶ୍ୟକ ମୁତାବକ ଡିଏପି ସାର ପାଇନାହାନ୍ତି। ସମିତି ଗୋଟିକୁ ମାତ୍ର ୧୦୦ରୁ ୧୫୦ ଡିଏପି ପ୍ୟାକେଟ୍ ଆସିଛି। ଅନ୍ୟାନ୍ୟ ସାର ସହିତ ଆବଶ୍ୟକ ମୁତାବକ ଡିଏପି ମିଳୁ ନ ଥିବାରୁ ଚାଷୀମାନେ ଅନେକ ସମିତିରେ ହୋ-ହଲ୍ଲା କରୁଛନ୍ତି। ଏବେ କୃଷି କାର୍ଯ୍ୟ ପାଇଁ ରାସାୟନିକ ସାରର ଆବଶ୍ୟକତା ଥିବାବେଳେ ଚାଷ ପାଇଁ ଋଣ ନେଇଥିବା ଚାଷୀଙ୍କୁ ଆବଶ୍ୟକ ସାର ମିଳୁନାହିଁ। ଯାହାକୁ ନେଇ ବିଭିନ୍ନ ଅଞ୍ଚଳରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏନେଇ ସାର ଯୋଗାଣକାରୀ ସଂସ୍ଥା ମାର୍କଫେଡ୍ ଗୋଦାମ ଅଧିକାରୀ ରାଜକୁମାର ଦାସଙ୍କୁ ପଚାରିବାରୁ ଆବଶ୍ୟକ ପରିମାଣର ଡିଏପି ଆସୁ ନ ଥିବା କହିଛନ୍ତି। ଯାହା ଆସୁଛି ଜିଲ୍ଲାର ସମସ୍ତ ୧୦୮ଟି ସମିତିକୁ ବାଣ୍ଟି ଦିଆଯାଉଛି। ଧୀରେଧୀରେ ସମସ୍ୟାର ସମାଧାନ ହେବ ବୋଲି ସୂଚନା ଦେଇଛନ୍ତି।

# ନିମ୍ନମାନର କାର୍ଯ୍ୟ ଯୋଗୁଁ ନଷ୍ଟ ହେଉଛି ଜଳ ସଂରକ୍ଷଣ ପ୍ରକଳ୍ପ

ବାରିକପୁର,୪।୮ (ସମିସ): ଭଣ୍ଡାରିପୋଖରୀ ବ୍ଲକ୍‌ର ବିଭିନ୍ନ ସ୍ଥାନରେ ନିର୍ମାଣ ହୋଇଥିବା ଭୂତଳ ଜଳ ସଂରକ୍ଷଣ ପ୍ରକଳ୍ପଗୁଡ଼ିକ ନଷ୍ଟ ହେବାରେ ଲାଗିଛି। ଗତ ୫/୭ ବର୍ଷ ମଧ୍ୟରେ ରହଣିଆ, ପୁରୁଷୋତ୍ତମପୁର, ପୁରୀପଡ଼ା, ଡାହାଲା, ତେସିଙ୍ଗା, ରାଜେନ୍ଦ୍ରପୁର, ମଞ୍ଜୁରୀ, ମହାମାଲ୍ୟା ପ୍ରମୁଖ ସ୍ଥାନରେ ପ୍ରକଳ୍ପମାନ ନିର୍ମାଣ ହୋଇଛି। ଭୂତଳ ଜଳ ସଂରକ୍ଷଣ ବିଭାଗର କ୍ଷେତ୍ର କାର୍ଯ୍ୟାଳୟ ବାରିପଦାଠାରେ ଥିବାବେଳେ ଠିକାଦାରଙ୍କ ଜରିଆରେ ପ୍ରତ୍ୟେକ ବର୍ଷ ପ୍ରକଳ୍ପ କାର୍ଯ୍ୟମାନ ନିର୍ମିତ ହୋଇଥାଏ। କାମ ଆରମ୍ଭରୁ ବିଭାଗର କେହି ଜଣେ ଯନ୍ତ୍ରୀ କ୍ଷେତ୍ରକୁ ଆସି ମାପଚୁପ କରିଦେଇ ପଳାଇ ଯାଇଥା'ନ୍ତି। ପରେ ଠିକାଦାର ମନମୁଖୀ ଭାବେ ଲକ୍ଷ ଲକ୍ଷ ଟଙ୍କାର ପ୍ରକଳ୍ପ କାର୍ଯ୍ୟକୁ ନିର୍ମାଣ କରିଥାଏ। ପଞ୍ଚାୟତ ପୋଖରୀ ହୁଡ଼ାରେ ଏହି ପ୍ରକଳ୍ପମାନ ନିର୍ମାଣ ହୋଇଥିଲେ ସୁଦ୍ଧା ସ୍ଥାନୀୟ ଲୋକ ପ୍ରତିନିଧିମାନେ ଏ ବିଷୟରେ କିଛି ଜାଣିପାରନ୍ତି ନାହିଁ। ଏପରିକି ଏ ବିଷୟରେ ପଚାରିଲେ ସେମାନେ ଉତର ଦେବାକୁ ଅକ୍ଷମତା ପ୍ରକାଶ କରିଥା'ନ୍ତି। କାମକୁ କେହି ତଦାରଖ କରୁ ନ ଥିବାବେଳେ ଲକ୍ଷ ଲକ୍ଷ ଟଙ୍କାର କାର୍ଯ୍ୟ ମାତ୍ର ସପ୍ତାହେ ଭିତରେ ସମ୍ପୂର୍ଣ୍ଣ ହୋଇଯାଏ। ମାଟି ଖୋଳି ନନ୍ଦ ବସାଇବା ଓ ଉପରେ ଆବରଣ ତିଆରି କରିବା ବାବଦକୁ କେତେ ଟଙ୍କା ଖର୍ଚ୍ଚ ହୁଏ ତାହାର କୌଣସି ନାମଫଳକ ଲେଖାଯାଏ ନାହିଁ। ତେଣୁ ଉକ୍ତ କାର୍ଯ୍ୟରେ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ୍ ହୁଏ, ଏଥିରୁ ସ୍ପଷ୍ଟ ଅନୁମେୟ ହେଉଛି। ସବୁଠାରୁ ଦୁଃଖର କଥା ହେଲା କାମ ସମ୍ପୂର୍ଣ୍ଣ ହେବାର ଦିନ କେତୋଟା ମଧ୍ୟରେ ଏହାର ଭଗ୍ନ ଅବସ୍ଥା ସୃଷ୍ଟି ହୋଇଥାଏ। ଅତି ନିକୃଷ୍ଟ ମାନର ସାମଗ୍ରୀ ବ୍ୟବହାର ଓ ତ୍ରୁଟିପୂର୍ଣ୍ଣ ନିର୍ମାଣ କାର୍ଯ୍ୟ ଯୋଗୁଁ ପ୍ରକଳ୍ପଟି ଧୀରେ ଧୀରେ ନଷ୍ଟ ଆଡ଼କୁ ଚାଲିଯାଇଥାଏ। ନୂତନ ପ୍ରକଳ୍ପଗୁଡ଼ିକ ମାସେ ୨ ମାସ ମଧ୍ୟରେ ନଷ୍ଟ ହେଉଥିବାବେଳେ ପୂର୍ବ ନିର୍ମିତ ପ୍ରକଳ୍ପ ଜରାଜୀର୍ଣ୍ଣ ପାଲଟି ଯାଉଛି। ନିର୍ମାଣ ପରବର୍ତ୍ତୀ ମରାମତି କାର୍ଯ୍ୟ ହେଉ ନ ଥିବାରୁ ଯୋଜନାଟିର ସଫଳ ରୂପାୟଣ ହୋଇପାରୁ ନ ଥିବା ଜଣାପଡ଼ିଛି।



# ଚରମ୍ପା ମହାବିଦ୍ୟାଳୟରେ ଅନ୍ତର୍ଜାତୀୟ ବାଣିଜ୍ୟ ଦିବସ



ଭଦ୍ରକ,୪।୮ (ସମିସ)

ଭଦ୍ରକ ଚାରମ୍ପା ମହାବିଦ୍ୟାଳୟର ବାଣିଜ୍ୟ ବିଭାଗ ପକ୍ଷରୁ ଅନ୍ତର୍ଜାତୀୟ ବାଣିଜ୍ୟ ଦିବସ-୨୦୨୬ ଉପଲକ୍ଷେ 'ଡିଜିଟାଲ ଯୁଗରେ ବାଣିଜ୍ୟ: ସୁଯୋଗ ଓ ଆହ୍ୱାନ' ଶୀର୍ଷକ ଏକ ସେମିନାର ଆୟୋଜିତ ହୋଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷା ସଂଯୁକ୍ତା ବୋଷ କାର୍ଯ୍ୟକ୍ରମରେ ଯୋଗଦେଇ ଡିଜିଟାଲ ଯୁଗରେ ବାଣିଜ୍ୟ ଶିକ୍ଷାର ପ୍ରାସଙ୍ଗିକତା ଓ ଦକ୍ଷତା ବିକାଶର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ବାଣିଜ୍ୟ ବିଭାଗର ମୁଖ୍ୟ ଲେଫ୍ଟନାଣ୍ଟ ଡ. ପ୍ରବୀର କୁମାର ମହାପାତ୍ର, ଅଧ୍ୟାପକ ଗୋବିନ୍ଦ ଚନ୍ଦ୍ର ମଲ୍ଲିକ, ଅନୁରାଗ ସାହୁ ଏବଂ ଜିତେନ୍ଦ୍ର ସାହୁ ବାଣିଜ୍ୟ ଶିକ୍ଷାର ଉପକାରିତା, ଡିଜିଟାଲ ବାଣିଜ୍ୟର ବିସ୍ତାର, ନୂତନ ରୋଜଗାର ସୁଯୋଗ ଏବଂ ସାଇବର ସୁରକ୍ଷା, ପ୍ରଯୁକ୍ତିଗତ ପରିବର୍ତ୍ତନ ଭଳି ବିଭିନ୍ନ ଆହ୍ୱାନ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ବାଣିଜ୍ୟ ବିଭାଗର ଛାତ୍ରଛାତ୍ରୀମାନେ ଉତ୍ସାହର ସହ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ତୃତୀୟ ବର୍ଷ ବାଣିଜ୍ୟ ବିଭାଗର ଛାତ୍ରୀ ସୁନିତା ସିଂହ କୁଶୱାହା ମଞ୍ଚ ସଞ୍ଚାଳନ କରିଥିଲେ।

## ସମୟଚକ୍ରରେ ହଜିଗଲେଣି ଚାଷୀଙ୍କ ବନ୍ଧୁ

# ବିଲୁପ୍ତର ଦ୍ୱାରଦେଶରେ ବାଇଚଢ଼େଇ

ବନ୍ତ/ଆଗରପଡ଼ା,୪।୮ (ସମିସ)

ଆଧୁନିକତ୍ୱର ପରିଭାଷାରେ ହଜିଗଲାଣି ବହୁ ପୁରାତନ ସ୍ମୃତି। ସେଥିମଧ୍ୟରୁ ହଜିଗଲେଣି ଗାଁ ଗହଳିରେ ଦେଖାଯାଉଥିବା ପକ୍ଷୀ। ପୂର୍ବରୁ ଗାଁ ଗହଳିରେ ବିଭିନ୍ନ ପ୍ରକାରର ପକ୍ଷୀ ଦେଖାଯାଉଥିଲେ। ତାହା ଆଜି ଇତିହାସ ପାଲଟିଗଲାଣି। ବର୍ତ୍ତମାନ ସମୟରେ ପିଲାମାନଙ୍କୁ ସେ ସବୁ ପକ୍ଷୀମାନଙ୍କ ସମ୍ପର୍କରେ କହିଲେ ସେମାନେ ଆଶ୍ଚର୍ଯ୍ୟ ହେଉଛନ୍ତି। ଉକ୍ତ ପକ୍ଷୀମାନଙ୍କ ମଧ୍ୟରୁ ବାଇଚଢ଼େଇ ଅନ୍ୟତମ।

ଦିନ ଥିଲା ବିଲମାଳରେ ଥିବା ତାଳ ଓ ଖଜୁରୀ ଗଛରେ ବାଇଚଢ଼େଇ ବସାବାନ୍ଧି ଆଶ୍ରୟ ନେଉଥିଲେ। ଗଛରେ ଅତି ସୁନ୍ଦର ଭାବେ ନିଜର ବସାକୁ ଗଢ଼ି ତୋଳୁଥିଲେ। ସଞ୍ଜ ଓ ସକାଳେ ବାଇଚଢ଼େଇଙ୍କ କିଚିରିମିଚିରି ସ୍ୱର ପରିବେଶକୁ ବେଶ୍ ଆମୋଦିତ କରୁଥିଲା। ମାତ୍ର ଏବେ ତାଳ ଓ ଖଜୁରୀ ଗଛକୁ କାଟିଦିଆଯିବା ଦ୍ୱାରା ପ୍ରକୃତି କୋଳରେ ଜନ୍ମ ନେଇଥିବା ଏହି ବାଇଚଢ଼େଇ ଅସୁରକ୍ଷିତ ହୋଇ ପଡ଼ିଛନ୍ତି। ଆଉ ସେହି କିଚିରିମିଚିରି ସ୍ୱର ଶୁଣିବାକୁ ମିଳୁ ନ ଥିବାବେଳେ ପୂର୍ବ ଭଳି ବାଇଚଢ଼େଇଙ୍କ ସଂଖ୍ୟା ଆଉ ଦେଖିବାକୁ ମିଳୁନି। ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଏହି ଚଢ଼େଇ ଏବେ ବିଲୁପ୍ତ ହେବାକୁ ବସିଲେଣି। ବିଶେଷ କରି ଏହି ଟିକିଟିକି ଚଢ଼େଇଗୁଡ଼ିକ ମାସାଧିକ କାଳ ଗଛରେ ସୁନ୍ଦର ଭାବେ ବସା ନିର୍ମାଣ କରିଥା'ନ୍ତି। ମାଈ ବାଇଚଢ଼େଇଗୁଡ଼ିକ ଭିନ୍ନ ଶୈଳୀରେ ବସା ନିର୍ମାଣ କରିଥା'ନ୍ତି। ଅଣ୍ଡା ଓ ଛୁଆ ରହିବା ପାଇଁ ତଳ ଭାଗରେ ସ୍ୱତନ୍ତ୍ର ଶୈଳୀରେ ଥଳି ନିର୍ମାଣ କରିଥା'ନ୍ତି, ଯଦ୍ୱାରା ବାତ୍ୟା ଓ ପବନ ମାଡ଼ରେ ଏହି ବସାର କୌଣସି କ୍ଷତି ହୋଇ ନ ଥାଏ। ପୁରୁଣା ବସାରେ ଦ୍ୱିତୀୟ ଥର ଅଣ୍ଡା ଦେଉ ନ ଥିବା ହେତୁ ପ୍ରତିବର୍ଷ ବାଇଚଢ଼େଇ ତା'ର ବସାକୁ ନୂଆ କରି ତିଆରି କରିଥାଏ। ଗୋଟିଏ ବାଇଚଢ଼େଇ ବର୍ଷକୁ ୨ଟି ଅଣ୍ଡା ଦେଇଥାଏ। ଏହି ଅଣ୍ଡାକୁ ଫୁଟାଇ ଶାବକ ଜନ୍ମ ହେବା ପରେ ସେ ମୁକ୍ତାକାଶକୁ ଚାଲି ଯାଇଥାଏ। ମୌସୁମୀ ଆଗମନର କିଛି ଦିନ ପୂର୍ବରୁ ଏମାନେ ବସା ବାନ୍ଧିବା ଆରମ୍ଭ କରିଥା'ନ୍ତି। ବନ୍ତ ବ୍ଲକ୍ ଏକ କୃଷି ପ୍ରଧାନ ଅଞ୍ଚଳ ହୋଇଥିବାବେଳେ ଉକ୍ତ ବ୍ଲକ୍‌ର ବିଭିନ୍ନ ଅଞ୍ଚଳରେ ଅନେକ ତାଳଗଛରେ ବାଇଚଢ଼େଇ ବସା ଦେଖାଯାଉଥିବା ବେଳେ ସମୟଚକ୍ରରେ ଆଧୁନିକତ୍ୱର ପରିଭାଷାରେ ତାଳଗଛ ସଂଖ୍ୟା ହ୍ରାସ ପାଉଥିବାରୁ ବାଇଚଢ଼େଇ ସଂଖ୍ୟା ମଧ୍ୟ କମିବାରେ ଲାଗିଛି।



ଅନ୍ୟ ଏକ କିମ୍ବଦନ୍ତୀ ହେଉଛି, ବାଇଚଢ଼େଇ ବସାକୁ ଦେଖିଲେ ଚାଷୀ ଖୁସି ହୋଇଥାଏ। କାରଣ ଖରିଫ ଚାଷ ଆରମ୍ଭ ସହ ମୌସୁମୀର ଆଗମନ ହେବାର ସୂଚନା ବାଇଚଢ଼େଇ ବସା ଦେଇଥାଏ ବୋଲି ଚାଷୀ ମନରେ ଧାରଣାଥାଏ। ଚାଷ ଜମିରୁ ଅନିଷ୍ଟକାରୀ ପୋକଜୋକ ବାଇଚଢ଼େଇ ଖାଇଥାଏ। ତେଣୁ କୃଷକଙ୍କ ପାଇଁ ବାଇଚଢ଼େଇ ଏକ ବନ୍ଧୁ ଭାବେ ଜଣାଶୁଣା। ମାତ୍ର ଅଧିକ ଫସଲ ଅମଳ ପାଇଁ ଚାଷୀ ଜମିରେ ବହୁଳ ଭାବେ କୀଟନାଶକ ପ୍ରୟୋଗ କରୁଥିବାବେଳେ ଏହି ପକ୍ଷୀ ଲୋପ୍ ପାଇବାର ଆଉ ଏକ କାରଣ ବୋଲି କୁହାଯାଉଛି। ଗ୍ରାମାଞ୍ଚଳ ନିକଟବର୍ତ୍ତୀ ତାଳ ଓ ଖଜୁରୀ ଗଛ ଏମାନଙ୍କ ମୁଖ୍ୟ ଆଶ୍ରୟସ୍ଥଳୀ ପାଲଟିଥାଏ। ହେଲେ ଏବେ ଦିନକୁ ଦିନ ଗ୍ରାମାଞ୍ଚଳର ବିକାଶ ଘଟୁଥିବାରୁ ଚାଷ ଜମିଗୁଡ଼ିକ ହ୍ରାସ ପାଇବାରେ ଲାଗିଛି। ବେଆଇନ ଇଟାଭାଟି ନିର୍ମାଣ ପାଇଁ ତାଳ ଓ ଖଜୁରୀ ଗଛକୁ କାଟି ଦିଆଯାଉଥିବାରୁ ଉକ୍ତ ପକ୍ଷୀଙ୍କ ସଂଖ୍ୟା ହ୍ରାସ ପାଉଛି। ସେହିଭଳି ଏ ସବୁ ପକ୍ଷୀଙ୍କ ପାଇଁ ଏବେ ମୋବାଇଲ୍ ଟାୱାର ଏକ ବଡ଼ ସମସ୍ୟା ସୃଷ୍ଟି କରିଛି। ଟାୱାରଠାରୁ ଉଚ୍ଚ କ୍ଷମତା ସମ୍ପନ୍ନ ରଶ୍ମି ପକ୍ଷୀ ବଂଶକୁ ବିସ୍ତାର କରିବାରେ ପ୍ରତିବନ୍ଧକ ସୃଷ୍ଟି କରୁଥିବା ଅନେକ ପରିବେଶବିତ୍ ମତ ପ୍ରକାଶ କରିଛନ୍ତି। ବିଭିନ୍ନ କାରଣରୁ ସୁନ୍ଦର ପୃଥିବୀରେ ଏହି ପକ୍ଷୀଙ୍କ ବଂଶ ଲୋପ୍ ପାଇଯିବା ବାସ୍ତବିକ୍ ଦୁଃଖଦ ଘଟଣା। ତେଣୁ ପରିବେଶରେ ବ୍ୟାପକ ତାଳ ଓ ଖଜୁରୀ ଗଛ ଲଗାଇଲେ ବର୍ଷା ଓ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ଭଳି ସୂଚନା ପ୍ରଦାନକାରୀ ଏହି ପକ୍ଷୀଙ୍କ ବଂଶ ବୃଦ୍ଧି ପାଇପାରନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ପାଣି ଆସିଲା ପରେ ବି ସରିଲାନି କେନାଲ ସଫେଇ କାମ

# ଅଧା କାମ କରି ଠିକାଦାର ଛୁ, କେନାଲ ମୁହଁରେ ମାଟି

ପଞ୍ଚୁପାଣ୍ଡବ,୪।୮ (ସମିସ)



ରାଜ୍ୟ ସାରା ଚାଷ କରିବା ପାଇଁ ଚାଷୀ ତତ୍ପର ହେବା ସହ ବିଭିନ୍ନ କେନାଲରେ ପାଣି ଆସିଥିବା ଦେଖିବାକୁ ମିଳୁଛି। ପାଣି ଆସିବା ପୂର୍ବରୁ କେନାଲ ସଫେଇ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଥିବାବେଳେ କେତେକ ପ୍ରଶାସନିକ ଅଧିକାରୀ ଓ ଠିକାଦାରଙ୍କ ଅବହେଳା ପାଇଁ ଚାଷୀ ହନ୍ତସନ୍ତ ହେଉଥିବା ଅଭିଯୋଗ ହେଉଛି। ଏହା ଚଣ୍ଡିଖୋଲ-ପାରାଦୀପ ୫୩ନଂ ଜାତୀୟ ରାଜପଥ ପଞ୍ଚୁପାଣ୍ଡବ ଛକଠାରୁ ସଦାନନ୍ଦପୁର ୮ ନମ୍ବର କେନାଲ କ୍ଷେତ୍ରରେ ଦେଖିବାକୁ ମିଳୁଛି। କଟକ ଜିଲ୍ଲା ଅଧୀନରେ ଥିବା ଅଚ୍ୟୁତପୁର ସେକ୍ସନର କେନ୍ଦୁପାଟଣାଠାରୁ ଡେରାବିଶ ବ୍ଲକ ଛତା ସେକ୍ସନର ସଦାନନ୍ଦପୁର ପର୍ଯ୍ୟନ୍ତ ୮ ନମ୍ବର କେନାଲରେ ପ୍ରତିବର୍ଷ ନିମ୍ନମାନର କାମ କରାଯାଉଥିବାବେଳେ ଏବେ ଏହି କେନାଲରେ ଠିକାଦାର ମଞ୍ଜିରୁ କେନାଲ ସଫା କରୁଥିବାବେଳେ ସଦାନନ୍ଦପୁର ଦେଇଯାଇଥିବା କେନାଲକୁ ଠିକାଦାର ଅଧା ସଫେଇ କରି କେତେକ ଜାଗାରେ ଛାଡ଼ିଦେଇଥିବା ଅଭିଯୋଗ ହେଉଛି। ପଞ୍ଚୁପାଣ୍ଡବ ଛକ ନିକଟରେ ରାଜପଥ ବ୍ରିଜ ତଳେ ଯାଇଥିବା କେନାଲ ଭିତରେ ପ୍ରାୟ ଚାରି ଫୁଟ ଉଚ୍ଚର ମାଟି ଥିବାବେଳେ କେନାଲ ମୁହଁରୁ ବର୍ଷ କାଳ ହେବ ମାଟି ରହିଥିବା ଦେଖିବାକୁ ମିଳୁଛି। ରଜପଥ କାମ ପରେ ବ୍ରିଜ ନିର୍ମାଣ ହୋଇ ସରିଥିବାବେଳେ ଏ ପର୍ଯ୍ୟନ୍ତ କେନାଲ ଭିତରେ ଥିବା ମାଟି ଉଠିନାହିଁ। ଏହି କେନାଲରେ ମାଟି ପକାଇ କେତେକ ଲୋକ ଯାତାୟାତ କରୁଥିବାବେଳେ କେତେକ ଲୋକ ମନଇଚ୍ଛା ପୋଲ ନିର୍ମାଣ କରିଥିବାରୁ ପାଣି ଯିବା ପାଇଁ ସମସ୍ୟା ହେଉଥିବା ଅଭିଯୋଗ ହେଉଛି। ଏ ବିଷୟରେ ଜାତୀୟରାଜପଥକାର୍ଯ୍ୟକରୁଥିବା ଠିକାଦାର ଓ ଜଳ ସମ୍ପଦ ବିଭାଗକୁ ଅବଗତ କରିଥିଲେ ସୁଦ୍ଧା କେହି ସମସ୍ୟାର ସମାଧାନ କରୁନାହାନ୍ତି। ଜଳ ସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ନବୀନ ପାଣିଗ୍ରାହୀଙ୍କୁ ପଚାରିବାରୁ ସେ କହିଛନ୍ତି, ତଦନ୍ତ ପରେ ସମ୍ପୂର୍ଣ୍ଣ କାର୍ଯ୍ୟ କରିବା ସହ ସମସ୍ୟାର ସମାଧାନ କରାଯିବ। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଯେତେ ଶୀଘ୍ର ଅଧୁରା କେନାଲ ସଫେଇ କାମକୁ ସମ୍ପୂର୍ଣ୍ଣ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ବିଦ୍ୟାଳୟରରେ ଶିକ୍ଷକ ପଦବୀ ପୂରଣ ପାଇଁ ଦାବିପତ୍ର



ରାଜନଗର,୪।୮ (ସମିସ): ରାଜନଗର ସଦର ପଞ୍ଚାୟତର ପ୍ରାଥମିକ ବିଦ୍ୟାଳୟରେ ଶିଶୁ ବାଟିକାଠାରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ୭ଟି ଶ୍ରେଣୀରେ ୨୪୪ ଜଣ ଛାତ୍ରଛାତ୍ରୀ ପଢ଼ୁଛନ୍ତି। ସରକାରଙ୍କ ନିୟମ ଅନୁସାରେ ୩୦ ଜଣ ଛାତ୍ରଛାତ୍ରୀରେ ଜଣେ ଶିକ୍ଷକ ରହିବା କଥା। ତେବେ ଏହି ବିଦ୍ୟାଳୟରେ ମାତ୍ର ୪ ଜଣ ଶିକ୍ଷକଙ୍କୁ ନିଯୁକ୍ତ ଦିଆଯାଇଛି। ଯାହା ପିଲାଙ୍କୁ ପଢ଼ାଇବାରେ ଅସୁବିଧା ହେଉଛି। ୮ ଜଣ ଶିକ୍ଷକ ସ୍ଥାନରେ ୪ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଥିବାରୁ ଆଜି ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ତୁରନ୍ତ ଶିକ୍ଷକ ପଦବୀ ପୂରଣ ନିମନ୍ତେ ବ୍ଲକ ଶିକ୍ଷାଧିକାରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ସ୍କୁଲ ପରିଚାଳନା କମିଟି ସଭାପତି ମାନିନୀ ସେଠୀ, ପ୍ରତୀମା ସେଠୀ, ମମତା ସେଠୀ, ମନ୍ମଥ ମଲିକ, ବାସୁଦେବ ସାହୁ, ଉମେଶ ଦାସ, ସଙ୍ଗୀତା ସାହୁ, ପ୍ରଭାତ ମଲିକ, ପଦ୍ମିନୀ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

## ସରକାରୀ ଖାଉଟି କେନ୍ଦ୍ରରେ ଚାଉଳ ପାଇଁ ହିତାଧିକାରୀ ହନ୍ତସନ୍ତ

ପଞ୍ଚୁପାଣ୍ଡବ,୪।୮ (ସମିସ): ଡେରାବିଶ ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ଥିବା ସରକାରୀ ଖାଉଟି କେନ୍ଦ୍ରରେ ସରକାରୀ ଚାଉଳ ପାଇଁ ହିତାଧିକାରୀ ହନ୍ତସନ୍ତ ହେଉଥିବା ଅଭିଯୋଗ ହେଉଛି। ସରକାରଙ୍କ ପକ୍ଷରୁ ମାସକୁ ମୁଣ୍ଡପିଛା ପାଞ୍ଚ କେଜି ମାଗଣା ଚାଉଳ ମିଳୁଥିଲା। କିନ୍ତୁ ରାଜ୍ୟ ସରକାର ଆଉଏକ ଅନ୍ନପୂର୍ଣ୍ଣା ଯୋଜନାରେ ଆଉ ପାଞ୍ଚ କେଜି ମାଗଣା ଚାଉଳ ଦେବେ ବୋଲି କହିଛନ୍ତି। କିନ୍ତୁ ଦୁଇ ମାସର ଚାଉଳ ଦେଇ ଆଉ ଥରକୁ ଦେଲା ବେଳକୁ ଭତ୍ତା ପାଇଁ ହନ୍ତସନ୍ତ ଘଟଣା ଭଳି ଚାଉଳ ଦଶା ଖାଉଟିଙ୍କୁ ଭୋଗିବାକୁ ପଡ଼ିଛି। ଏବେ କିଛିଦିନ ତଳେ ଚାଉଳ ବଣ୍ଟନ କରାଯାଇଥିଲା। କିନ୍ତୁ ଜୁଲାଇ ଓ ଅଗଷ୍ଟ ମାସର ଚାଉଳ ବଣ୍ଟନ ପାଇଁ ଡିଲରମାନେ କିଛି ହିତାଧିକାରୀଙ୍କୁ ଦେଲା ବେଳକୁ ଅନ୍ୟ ଖାଉଟି ଫେରିଯାଇଥିଲେ। ବେଣୀପୁର, ଛୋଟି, ରଘୁଦେଇପୁର, ମଙ୍ଗଳପୁର ଓ ବିଭିନ୍ନ ପଞ୍ଚାୟତରେ ଥିବା ଖାଉଟି କେନ୍ଦ୍ରରୁ ଚାଉଳ ପାଇଁ ଫେରୁଥିବା ଦେଖିବାକୁ ମିଳୁଛି। ଏ ବିଷୟରେ ଡିଲରଙ୍କୁ ପଚାରିବାରୁ ସେ କହିଛନ୍ତି, ସଫ୍ଟୱେର କାମ ଚାଲୁଥିବାରୁ ଏବେ ଚାଉଳ ଦେଇ ହେବନାହିଁ। ଏବେ ଚାଉଳ ମିଳିବ କି ନାହିଁ ଲୋକେ ସରକାରଙ୍କ ପାରିବାପଣିଆକୁ ନେଇ ଆଲୋଚନା କରୁଛନ୍ତି। ଅନ୍ୟଜଣେ ଡିଲରଙ୍କୁ ପଚାରିବାରୁ ସେ କହିଛନ୍ତି, ଏହା କେବଳ ଡେରାବିଶ ବ୍ଲକର ସମସ୍ୟା ନୁହେଁ, ରାଜ୍ୟସାରା ଏହି ସମସ୍ୟା ହୋଇଥିବା କହିଛନ୍ତି।

## ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘର ସମୀକ୍ଷା ବୈଠକ



ପଟ୍ଟାମୁଣ୍ଡାଇ,୪।୮ (ସମିସ): ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘ କେନ୍ଦ୍ରାପଡ଼ା ଶାଖା ସଭାପତି ପଣ୍ଡିତ ପ୍ରମୋଦ କୁମାର ତ୍ରିପାଠୀଙ୍କ ପୌରୋହିତ୍ୟରେ କଷଣଅଣ୍ଡା ପଞ୍ଚାୟତ ହାଇସ୍କୁଲରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ରାପଡ଼ା ଜିଲ୍ଲାର ୯ଟି ମଣ୍ଡଳରୁ ଆସିଥିବା କର୍ମକର୍ତ୍ତା ଯୋଗଦେଇ ଗତବର୍ଷ ପାଳିତ ହୋଇଥିବା ସଂସ୍କୃତ ଦିବସର ସମୀକ୍ଷା କରିବା ସହିତ ଆୟବ୍ୟୟ ତାଲିକା ସମ୍ପାଦକ ପଣ୍ଡିତ ଭଗବାନ ସାହୁ ଉପସ୍ଥାପନ କରିବା ପରେ ସମସ୍ତଙ୍କ ସହମତିରେ ଗୃହୀତ ହୋଇଥିଲା। ଆଗାମୀ ଦିନରେ ମଣ୍ଡଳସ୍ତରୀୟ ବୈଠକ କରାଯାଇ ସଂଗଠନକୁ ସୁଦୃଢ କରିବାକୁ ସଭାପତି ମତ ଦେବା ସହିତ ବକେୟା ସଭ୍ୟ ଚାନ୍ଦା ଗ୍ରହଣ କରିବାକୁ ପ୍ରତ୍ୟେକ ମଣ୍ଡଳ ସମ୍ପାଦକଙ୍କୁ ପରାମର୍ଶ ଦେଇଥିଲେ। ଆଗାମୀ ସଂସ୍କୃତ ଦିବସ ପାଳନକୁ ସଫଳତାର ସହ ଆୟୋଜନ ପାଇଁ ଚଳିତ ବର୍ଷ ନୂତନ କର୍ମକର୍ତ୍ତା ଚୟନ ପାଇଁ ସ୍ଥିର କରାଯାଇଥିଲା। ଏହି ବୈଠକରେ ଜୟନ୍ତ ପଣ୍ଡା, ପ୍ୟାରୀମୋହନ ସ୍ୱାଇଁ, ଶିବପ୍ରସାଦ ରଥ, ଶ୍ରୀବାସ ତ୍ରିପାଠୀ, ଅମୀୟ କର, ସରୋଜ ସାହୁ, ରଞ୍ଜନ ଜେନା, ସରୋଜ ଦାଶ ପ୍ରମୁଖ ବହୁ ସଂସ୍କୃତ ଶିକ୍ଷକ/ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ପଣ୍ଡିତ ଶ୍ରୀନାଥ ମିଶ୍ର ବେଦ ପାଠ କରିଥିବାବେଳେ ହାଡ଼ିବନ୍ଧୁ ଭୂୟାଁ ଧନ୍ୟବାଦ ଦେଇଥିଲେ।

## ୭ଟି ପଞ୍ଚାୟତରେ ଧାନ ତଳି ନଷ୍ଟ ଆଶଙ୍କା

# ପାଣି ନିଷ୍କାସନ କରାନଗଲେ, ଆନ୍ଦୋଳନ କରିବେ ଚାଷୀ

ରାଜନଗର,୪।୮ (ସମିସ)

ରାଜନଗର ବ୍ଲକ୍ ଚାନ୍ଦିବାଉଁଶମୂଳ-ଗୁପ୍ତି କ୍ରିକ୍‌ର ଗୁପ୍ତି ନିକଟରେ ଚେକ୍‌ଡ୍ୟାମ୍ ନିର୍ମାଣ ସରିଥିଲେ ମଧ୍ୟ ଦୀର୍ଘ ୬ ବର୍ଷ ହେଲା କାର୍ଯ୍ୟକ୍ଷମ ହୋଇନି। ଫଳରେ ୭ଟି ପଞ୍ଚାୟତର ଚାଷୀଙ୍କ ଜମିରୁ ଜଳ ନିଷ୍କାସନ ହୋଇ ନ ପାରି ହା ହୁତାସରେ କାଳ କାଟୁଛନ୍ତି। ବନ୍ୟା ଓ ଲଗାଣ ବର୍ଷା ସମୟରେ ଧାନ ତଳି ପାଣିରେ ବୁଡ଼ି ରହିଛି। ରାଜନଗର-ଗୋପାଳପୁର ତଟବନ୍ଧ ରାସ୍ତାରେ ଥିବା ୨/୩ଟି ସ୍ଲୁଇସରେ ପାଣି ନିଷ୍କାସନ ହେଉଛି। ଯାହା ଯଥେଷ୍ଟ ନୁହେଁ। ଏବେ ମଧ୍ୟ ତଳି କ୍ଷେତ ଆଣ୍ଠୁଏରୁ ଅଧିକ ପାଣିରେ ବୁଡ଼ି ରହିଛି। ଏ ନେଇ ୭ଟି ପଞ୍ଚାୟତର ଚାଷୀ ରାଜନଗର ତହସିଲଦାରଙ୍କୁ ଜୁଲାଇ ୩୧ତାରିଖରେ ଭେଟି ଗୁପ୍ତି ଚେକ୍‌ଡ୍ୟାମ୍ ସମ୍ମୁଖରେ ଥିବା ଗ୍ରାମ୍ୟ ଉନ୍ନୟନ ବିଭାଗର ରାସ୍ତା କାଟି ଜଳ ନିଷ୍କାସନ ପଥ ପରିଷ୍କାର କରିବାକୁ ଦାବିପତ୍ର ପ୍ରଦାନ କରିଥିଲେ। ଡ୍ରେନେଜ୍ ଡିଭିଜନ ପକ୍ଷରୁ ଚେକଡ୍ୟାମ୍ ନିର୍ମାଣ ସହ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାକୁ ସଂଯୋଗ କରିବା ପାଇଁ ଆପ୍ରୋଚ୍ ରୋଡ ନିର୍ମାଣ ସରିଛି। ବନ୍ୟା ପାଣି ନିଷ୍କାସନ ହୋଇପାରୁ ନ ଥିବାରୁ ଗ୍ରାମ୍ୟ ଉନ୍ନୟନ ରାସ୍ତା କଟାଗଲେ ପାଣି ନିଷ୍କାସନ ହୋଇପାରିବା ସହ ଯାତାୟାତରେ କୌଣସି ଅସୁବିଧା ହେବନାହିଁ। ପ୍ରଶାସନ କୌଣସି ପଦକ୍ଷେପ ନ ନେବାରୁ ଗୁପ୍ତି, ଡେରା, କୁରୁଣ୍ଡି, ହାତିନା, ଭିତରଗଡ, କଣ୍ଡିରା, ଚାନ୍ଦି ବାଉଁଶମୂଳ ପଞ୍ଚାୟତର ହଜାର ହଜାର ହେକ୍ଟର ଚାଷ ପାଇଁ ତଳି ନଷ୍ଟ ହୋଇଯାଇଥିବା ଜଣାପଡ଼ିଛି। ଚେକ୍‌ଡ୍ୟାମ୍‌କୁ କାର୍ଯ୍ୟକ୍ଷମ କରିବା ପାଇଁ ଡେରା ପଞ୍ଚାୟତର ସରପଞ୍ଚ ନିରଞ୍ଜନ ରାଉତ, କଣ୍ଡିରା ସରପଞ୍ଚ ହେମଲତା ମାହୁଁନ୍ତ, ଗୁପ୍ତି ସରପଞ୍ଚ ଶାନ୍ତିଲତା ବିଶ୍ୱାଳ, ପ୍ରାକ୍ତନ ସରପଞ୍ଚ କାଳନ୍ଦୀଚରଣ ରାଉତରାୟ, ସମିତି ସଭ୍ୟା ପ୍ରତୀମା ସାହାଣୀ, ସମିତି ସଭ୍ୟ ଆର୍ତ୍ତବନ୍ଧୁ ମହାନ୍ତି, ପ୍ରାକ୍ତନ ସରପଞ୍ଚ ଗିରିଶ ନାୟକଙ୍କ ସମେତ ବହୁ ଚାଷୀ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି। ଚାଷୀଙ୍କ ଦାବିକୁ ପ୍ରଶାସନ ତୁରନ୍ତ କାର୍ଯ୍ୟକାରୀ ନ କଲେ, ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚାଷୀ

## ଭାମଣ୍ଡା-ବଟରପଡ଼ା ରାସ୍ତା ପାଲଟିଛି ମରଣଯନ୍ତା

ରାଜକନିକା,୪।୮ (ସମିସ)



ରାଜକନିକା ଗ୍ରାମ୍ୟ ନିର୍ମାଣ ଉପଖଣ୍ଡ ଅଧୀନ ଭାମଣ୍ଡା-ବଟରପଡ଼ା ରାସ୍ତା ମରଣଯନ୍ତା ପାଲଟିଛି। ଦୁଇ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟଅଟକଳରେ ନିର୍ମାଣ ସରିଥିବା ଏହି ରାସ୍ତା ଦୁଇବର୍ଷ ଭିତରେ ଖରାପ ହୋଇ ଗମନାଗମନ ବ୍ୟାହତ ହେବା ନେଇ ବିଭାଗର ନିର୍ମାଣ ନିଷ୍ଠାକୁ ପଦାରେ ପକାଇଛି। ରାସ୍ତାର ଦୁରବସ୍ଥା ନେଇ ଜନଅସନ୍ତୋଷ ବଢୁଥିବାବେଳେ ଆନ୍ଦୋଳନ ପାଇଁ ସଜବାଜ ହେଉଛନ୍ତି ଅଞ୍ଚଳବାସୀ। ରାଜକନିକାର ସିହୋପଡାଠାରୁ ହାଟସାହି ଭାୟା ବଟରପଡା ଦେଇ ଦୀର୍ଘ ୬ କିଲୋମିଟର ଏହି ରାସ୍ତା ଉପରେ ଦୈନନ୍ଦିନ ହଜାର ହଜାର ଲୋକ ନିର୍ଭର କରନ୍ତି। କେନ୍ଦ୍ରାପଡ଼ା ଜିଲ୍ଲାରୁ ଯାଜପୁର ଜିଲ୍ଲାକୁ ଏହି ରାସ୍ତା ସଂଯୋଗ କରୁଥିବାବେଳେ ଗତ ଦୁଇବର୍ଷ ପୂର୍ବରୁ ରାସ୍ତା ନିର୍ମାଣ ହୋଇଥିଲା। ଠିକାଦାର ଅତ୍ୟନ୍ତ ନିମ୍ନମାନର କାମ କରିଥିବାରୁ ଏବେ ଅନେକ ସ୍ଥାନରେ ଫାଟ ସୃଷ୍ଟି ହେବା ସହିତ ପିଚୁ ଉଠିଗଲାଣି। ଫଳରେ ଯାତ।ୟତରେ ବାଧା ସୃଷ୍ଟି ହେବା ସହିତ ଦୁର୍ଘଟଣା ଘଟି ଅନେକ ଧନଜୀବନ ହାନି ସହ ଗାଡ଼ି ଚାଳକ ହାତ ଗୋଡ଼ ଭାଙ୍ଗି ଘରେ ପଡ଼ିଥିବା ସୂଚନା ରହିଛି। ଏହି ରାସ୍ତା ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବାରୁ ନିୟମ ମୁତାବକ ପାଞ୍ଚବର୍ଷ ଯାଏ ସମ୍ପୃକ୍ତ ଠିକାଦାର ଏହାର ରକ୍ଷଣାବେକ୍ଷଣା ଦାୟିତ୍ୱ ନେବା କଥା। କିନ୍ତୁ ଠିକାଦାରଙ୍କ ମନମୁଖୀ କାମ ସହ ବିଭାଗର ଦାୟିତ୍ୱହୀନତା ଯୋଗୁ ହତାଶ ହେଉଛନ୍ତି ଅଞ୍ଚଳର ଲୋକ। ବାରମ୍ବାର ଅଭିଯୋଗ ପରେ ବି ରାସ୍ତା ମରାମତି କରିବାକୁ ଠିକାଦାର ଆଦୌ ଗୁରୁତ୍ୱ ନ ଦେବା ନେଇ ସାଧାରଣରେ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯାହାକୁ ନେଇ ଅଞ୍ଚଳର ଜନସାଧାରଣଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ସହ ଏକ ଜନଆନ୍ଦୋଳନ ପାଇଁ ପ୍ରସ୍ତୁତ ହେଉଥିବା ସୂଚନା ମିଳିଛି।

## ଚାନ୍ଦୋଳ ମହାବିଦ୍ୟାଳୟର ପ୍ରତିଷ୍ଠା ଉତ୍ସବ

ଡେରାବିଶ, ୪।୮ (ସମିସ): ଚାନ୍ଦୋଳସ୍ଥ ହୃଦୟାନନ୍ଦ ନାଏକ ସ୍ମାରକୀ ମହାବିଦ୍ୟାଳୟର ୪୮ତମ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ସଭାଗୃହରେ ଅଧ୍ୟକ୍ଷ ପ୍ରାଧ୍ୟାପକ ଅକ୍ଷୟ କୁମାର ବଳଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ଅଧ୍ୟକ୍ଷ ଦୟାନିଧି ପାଲ, ମୁଖ୍ୟବକ୍ତା ଭାବେ ପୂର୍ବତନ ପ୍ରାଧ୍ୟାପକ ଡକ୍ଟର ପୂର୍ଣ୍ଣଚନ୍ଦ୍ର ଓଝା, ସମ୍ମାନିତ ଅତିଥି ଭାବେ ପୂର୍ବତନ ଅଧ୍ୟକ୍ଷ ଡକ୍ଟର ବିଭୂତି ଭୂଷଣ ସାମଲ, ଶ୍ରୀନିବାସ ଭୂୟାଁ ଓ ଡକ୍ଟର ମିହିର କୁମାର ସାହୁ, ଶିକ୍ଷାବିତ୍ ଉର୍ମିଳା ରାଉତ ଯୋଗଦେଇ ମହାବିଦ୍ୟାଳୟର ଇତିହାସ ଓ ଏହି ଅନୁଷ୍ଠାନ ଗଠନରେ ଅବଦାନ ରଖିଥିବା ବ୍ୟକ୍ତିବିଶେଷଙ୍କ ସମ୍ପର୍କରେ ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ଗ୍ରନ୍ଥାଗାରିକ ସରୋଜ ଭଦ୍ର, ପୂର୍ବତନ ଅଧ୍ୟାପକ ସଞ୍ଜୟ ବରାଳ, ପୂର୍ବତନ କ୍ରୀଡ଼ା ପ୍ରଶିକ୍ଷକ ସରୋଜ କର, ପୂର୍ବତନ କର୍ମଚାରୀ ବାସୁଦେବ ପତି, ଦିବାକର ଲେଙ୍କା ପ୍ରମୁଖ ଯୋଗଦେଇ ସେମାନଙ୍କର ମହାବିଦ୍ୟାଳୟର ଅନୁଭୂତି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏ ଅବସରରେ +୨ ଓ +୩ କଳା, ବିଜ୍ଞାନ ଓ ଧନ୍ଦାମୂଳକ ଶିକ୍ଷାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ପରିଷଦର ସମ୍ପାଦିକା ଅଧ୍ୟାପିକା ସୁକନ୍ୟା ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିବା ସହିତ ଅତିଥି ପରିଚୟ ଓ ବାର୍ଷିକ ବିବରଣୀ ପାଠ କରିଥିଲେ। ଅଧ୍ୟାପକ ପ୍ରତାପ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରାଧ୍ୟାପକ ବିନୟ ଷଡ଼ଙ୍ଗୀ, ଅଧ୍ୟାପକ ଶଶୀଭୂଷଣ ଜେନା, ବରଦା ଜେନା, ପ୍ରଭାକର ଦାସ, ଦିବ୍ୟକୁମାର ଦାସ, ଅଧ୍ୟାପିକା ଶ୍ରୀମତୀ ଦାସ, ମିନାକ୍ଷୀ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।

## ଧସିବ ମନ୍ତପଡ଼ା କଲଭର୍ଟ, ଆଶଙ୍କାରେ ଲୋକେ

ରାଜକନିକା, ୪।୮ (ସମିସ): ବନ୍ୟାବନ୍ଧର କଲଭର୍ଟ ପାଖରେ ବିରାଟ ଗାତ। ଦିନକୁ ଦିନ ଏହି ଗାଡ଼ ବଢ଼ିବାରେ ଲାଗିଛି। କେତେବେଳେ ଯେ ଭୁଶୁଡି ପଡିବ, ତାହା କହିବା ମୁସ୍କିଲ। ବରାଡ଼ିଆ ଉପୁଳାଇ ବନ୍ୟାବନ୍ଧର ମନ୍ତପଡ଼ା ଗାଁ ପାଖ କଲଭର୍ଟ ଏମିତି ସଙ୍ଗୀନ ଅବସ୍ଥାରେ ରହିଛି। ବନ୍ୟାବନ୍ଧ ହୋଇଥିଲେ ବି ଏହି ବାଟ ଦେଇ ଦୈନିକ ବରାଡ଼ିଆ, ଜୟନଗର ପଞ୍ଚାୟତର ଲୋକେ ଯାତାୟତ କରୁଛନ୍ତି। ଏହି ରାସ୍ତା ଦେଇ ବହୁ ଭାରୀଯାନ ଚଳପ୍ରଚଳ କରୁଥିବାବେଳେ ପୂର୍ବ କନିକାର ତ୍ରୈଲୋକ୍ୟପୁର, ଆଖୁଲିପଡା, ଜୟନଗର, କୋଇଲିପୁର, କୋରନ୍ଦ ଆଦି ପଞ୍ଚାୟତର ଚାଷଜମିରୁ ବାହାରୁଥିବା ବଳକା ପାଣି ନଦୀକୁ ନିଷ୍କାସନ ହେବାକୁ ଏହି ବାଟ ଏକମାତ୍ର ଭରସା ଥିବାବେଳେ ଏହି କଲଭର୍ଟ ଦେଇ ବୈତରଣୀ ନଦୀକୁ ବାହାରିଯାଏ। ବର୍ଷସାରା ଚାଷଜମିକୁ ପାଣି ପଶିବା ହେଉ କି ବାହାରିବା ସବୁ ଏହି କଲଭର୍ଟ ଦେଇ ହେଉଥିବାବେଳେ ଏହାର କବାଟ ମଧ୍ୟ ଉଠାଇବା ପକାଇବା କରାଯାଇଥାଏ। ତେବେ ବର୍ଷ ବର୍ଷ ଧରି ଚାଷୀଙ୍କ ଭରସା ପାଲଟିଥିବା ମନ୍ତପଡାର ଏହି କଲଭର୍ଟ ମରାମତି ହେଉ ନ ଥିବାରୁ ଏହାର ରାସ୍ତା ପଟରୁ ମାଟି ଧସିବାରେ ଲାଗିଛି। ବଢ଼ି ଚାଲିଥିବା ଗାଡ଼ ପ୍ରତି ବାଟୋଇଙ୍କ ନଜର ପଡ଼ିବା ଲାଗି ଏହି ଗାଡ଼ରେ କେହି ସହୃଦୟ ବ୍ୟକ୍ତି କିଛି ଝଟା ପକାଇ ମହତ କାମ କରିଥିବାରୁ ଦୁର୍ଘଟଣାକୁ ଏଡାଇ ଦେଇ ହେଉଛି। ବର୍ଷାଦିନେ ଏହି କଲଭର୍ଟର ସ୍ଥିତି ଦୋହଲିବାକୁ ଯାଉଥିବାବେଳେ କନିକା ତଟବନ୍ଧ ଉପଖଣ୍ଡ ଏହାକୁ ତୁରନ୍ତ ମରାମତି କରିବାକୁ ଦାବି ହୋଇଛି।

## ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ବ୍ଲକସ୍ତରୀୟ ସମ୍ମିଳନୀ

ରାଜନଗର,୪।୮ (ସମିସ)



ରାଜନଗରବ୍ଲକଅନ୍ତର୍ଗତଶ୍ରୀନୀଳକଣ୍ଠେଶ୍ୱର ଉଚ୍ଚ ବିଦ୍ୟାଳୟ ପରିସରରେ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ଆନୁକୂଲ୍ୟରେ ବ୍ଲକସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମିତିର ବ୍ଲକ ସମ୍ପାଦକ ତଥା ଆବାହକ ସମିରଣ ମଣ୍ଡଳଙ୍କ ଆହ୍ୱାନକ୍ରମେ ଅନୁଷ୍ଠିତ ସମ୍ମିଳନୀରେ ବ୍ଲକ ସଭାପତି ମାନସ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଶିକ୍ଷକ ନେତା ମହେଶ୍ୱର ରାଉତ, ସର୍ବେଶ୍ୱର ମହାନ୍ତି, ବିଜୟ ଜେନା, ବିଜୟ ପାତ୍ର, ରାଜ୍ୟ ଓଷ୍ଟା ଉପସଭାପତି ସୁଶାନ୍ତ ପ୍ରଧାନ ଓ ବ୍ଲକ ସମ୍ପାଦକ ଚିତ୍ତରଞ୍ଜନ ସାହୁ ଯୋଗଦେଇ ଆଗାମୀ ବ୍ଲକସ୍ତରୀୟ ବିକ୍ଷୋଭ, ଜିଲ୍ଲାସ୍ତରୀୟ ବିକ୍ଷୋଭ ଓ ୧୬ ତାରିଖରେ ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ବିକ୍ଷୋଭରେ ସାମିଲ ହେଇ ସଫଳ କରିବାକୁ ଆହ୍ୱାନ ଦିଆଯାଇଥିଲା। ୧୯୯୪ ବିଦ୍ୟାଳୟକୁ ଅନୁଦାନ ପରିସରଭୁକ୍ତ କରିବା, ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କୁ ପୂର୍ଣ୍ଣ ପେନସନ ପ୍ରଦାନ, ୨୦୦୪ରୁ ୨୦୧୪ ଯାଏ ଏନପିଏସ ବର୍ଗର ଶିକ୍ଷକଙ୍କୁ ନ୍ୟାସନାଲ ଇନ୍‌କ୍ରିମେଣ୍ଟ ପ୍ରଦାନ କରିବା ସହିତ ସମସ୍ତଙ୍କ ପାଇଁ ଅବିକଳ ପୁରୁଣା ପେନସନ ପ୍ରଚଳନ ନିମନ୍ତେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅପୂର୍ବ ମିଳନ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଷ୍ଟଶମ୍ଭୁ ସଂସ୍କୃତ ମହାବିଦ୍ୟାଳୟରେ ଆତ୍ମସୁରକ୍ଷା ଶିବିର

ରାଜନଗର,୪।୮ (ସମିସ): ରାଜନଗର ବ୍ଲକ୍ ଅନ୍ତର୍ଗତ ଚନ୍ଦ୍ରଶିଖରଠାରେ ଥିବା ଅଷ୍ଟଶମ୍ଭୁ ସଂସ୍କୃତ ମହାବିଦ୍ୟାଳୟରେ ଶକ୍ତିଶ୍ରୀ ସଶକ୍ତୀକରଣ ସେଲ ଆନୁକୂଲ୍ୟରେ ବାଳିକା ଆତ୍ମସୁରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ସର୍ବେଶ୍ୱର ଲେଙ୍କା ଅଧ୍ୟକ୍ଷତା କରିବା ସହିତ ସାମ୍ପ୍ରତିକ ସମୟରେ ଅସାମାଜିକ ବ୍ୟକ୍ତିଙ୍କଠାରୁ ସୁରକ୍ଷା ପାଇବାକୁ ପ୍ରତ୍ୟେକ ନାରୀ ମାନସିକ, ଶାରୀରିକ ସ୍ତରରେ ସଶକ୍ତ ହେବା ଆବଶ୍ୟକ ବୋଲି କହିଥିଲେ। ଶକ୍ତିଶ୍ରୀ ସେଲ୍ ସଂଯୋଜିକା ଅଧ୍ୟାପିକା ଭଗବତୀ ରାଉତ କାର୍ଯ୍ୟକ୍ରମର ଆଭିମୁଖ୍ୟ, ଉଦ୍ଦେଶ୍ୟ, ଲକ୍ଷ୍ୟ ଓ ନାରୀ ସଶକ୍ତ ହେବାର ଆବଶ୍ୟକତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ପ୍ରଦୀପ ପାଲ, ସତୀଶ ମହାପାତ୍ର, ବୈକୁଣ୍ଠ ବଳ, ପ୍ରଫୁଲ୍ଲ ପ୍ରଧାନ, ରାଜକିଶୋର ପାଣି, ବିଶ୍ୱମ୍ଭର ତ୍ରିପାଠୀ ଉପସ୍ଥିତ ଛାତ୍ରୀଙ୍କୁ ନିଜ ସୁରକ୍ଷା ନିଜେ ନେବାକୁ ହେଲେ ଏହି ତାଲିମ ନେବାର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଶକ୍ତିଶ୍ରୀ ସାଥୀ ସ୍ମୃତିଝରା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ମାଷ୍ଟର ଟ୍ରେନର ପ୍ରୀତିପ୍ରଭା ରାଉତ ଛାତ୍ରୀଙ୍କୁ ପ୍ରଶିକ୍ଷଣ ଦେଇଥିବାବେଳେ ରାମାକାନ୍ତ ରାଉତ ଓ ନାରାୟଣ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

## ନିର୍ମାଣ ଶ୍ରମିକଙ୍କ ପରଲୋକରେ ଶୋକସଭା

ଡେରାବିଶ, ୪।୮ (ସମିସ): ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ଚାନ୍ଦୋଳସ୍ଥ ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଆଜି କେନ୍ଦ୍ରାପଡ଼ା ଜିଲ୍ଲା ଅନ୍ତର୍ଗତ ଆଳି ବ୍ଲକ ଅଞ୍ଚଳର ସଂଘର ଜଣେ ବରିଷ୍ଠ ସଦସ୍ୟ ତଥା ଶ୍ରମିକ ସଂଗଠକ ସତ୍ୟରଞ୍ଜନ ରାୟଙ୍କ ପରଲୋକରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସଂଘର ବରିଷ୍ଠ ସଦସ୍ୟ ନାରାୟଣ ସେଠୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଶୋକସଭାରେ ସ୍ୱର୍ଗତ ରାୟଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ସଭାରେ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ଅଶୋକ ତ୍ରିପାଠୀ, ଅକ୍ଷୟ ଲେଙ୍କା, ବାହାଲି ଟୁଡୁ, ନିତ୍ୟାନନ୍ଦ ସାମଲ, ପ୍ରଦୀପ୍ତ ସାମଲ, ମହେଶ୍ୱର ନାୟକ, କାର୍ତ୍ତିକ ବେହେରା, ମହେଶ୍ୱର ସାହୁ, ମନୋଜ ପରିଡ଼ା, ଅନିରୁଦ୍ଧ ପୃଷ୍ଟି, ଧୀରେନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା

ଡେରାବିଶ, ୪।୮ (ସମିସ): କାଉପଡ଼ା ପଞ୍ଚାୟତ ଅନ୍ତର୍ଗତ ବାଘିଲୋବାବନପୁର ମାରୁତି ଉଚ୍ଚ ବିଦ୍ୟାପୀଠରେ ଶିକ୍ଷକ ବିଚିତ୍ର ବିଶ୍ୱାଳ ଓ ଶିକ୍ଷୟିତ୍ରୀ ରେଣୁବାଳା ଜେନାଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଶିକ୍ଷାବିତ୍ ଗଙ୍ଗାଧର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମଣ୍ଡଳ ଶିକ୍ଷାଧିକାରୀ ମଦନ ମୋହନ କର ଓ ସମ୍ମାନିତ ଅତିଥି ଭାବେ ସହକାରୀ ଶିକ୍ଷାଧିକାରୀ ଖଗେଶ୍ୱର ନାୟକ, ଦେବଦତ୍ତ ଶତପଥୀ, ସଚ୍ଚିକାନ୍ତ ମିଶ୍ର, ସାଧନ କେନ୍ଦ୍ର ସଂଯୋଜକ ନିରଞ୍ଜନ ମଲିକ, ପ୍ରାକ୍ତନ ସାଧନ କର୍ମୀ ରାମଚନ୍ଦ୍ର ଆଚାର୍ଯ୍ୟ, ଶିକ୍ଷାବିତ ପ୍ରମୋଦ ବେହେରା ଓ ଏସଏମସି ସଭାପତି ମନୋରଞ୍ଜନ ରାଉତ ଯୋଗଦେଇ ଅବସର ଗ୍ରହଣ କରିଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କ କର୍ମମୟ ଜୀବନ ଓ ଛାତ୍ରବତ୍ସଳତା ସମ୍ପର୍କରେ ମତ ରଖିଥିଲେ। ଏ ଅବସରରେ ଶିକ୍ଷାବିତ୍ ଈଶ୍ୱର ପୃଷ୍ଟିଙ୍କ ସଂଯୋଜନାରେ ଆଞ୍ଚଳିକ ସାଧନ କେନ୍ଦ୍ର ପକ୍ଷରୁ ପ୍ରାକ୍ତନ ମଣ୍ଡଳ ଶିକ୍ଷାଧିକାରୀ ନାରାୟଣ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକଙ୍କ ପକ୍ଷରୁ ଅବସର ନେଇଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇ ସେମାନଙ୍କ ଦୀର୍ଘ ଓ ନିରାମୟ ଜୀବନ କାମନା କରାଯାଇଥିଲା। କାର୍ଯ୍ୟକ୍ରମକୁ ମନୋରଞ୍ଜନ ସାମଲ, ଅମରଜ୍ୟୋତି ବେହେରା, କ୍ଷେତ୍ରମୋହନ ସାହୁ, କରୁଣାକର ସ୍ୱାଇଁ, ନରହରି ନାଥଶର୍ମା, ହୃଷିକେଶ ସ୍ୱାଇଁ, ବୈକୁଣ୍ଠ ମହାନ୍ତି, ରେଖାଞ୍ଜଳି ବେହେରା ଓ ବାନାମ୍ବର ଜେନା ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନା କରିଥିଲେ।



## ରକ୍ଷଣାବେକ୍ଷଣ ଅଭାବ

# କାମରେ ଲାଗୁନି ଯାତ୍ରୀ ବିଶ୍ରାମଗାର

ରାଜକନିକା, ୪।୮ (ସମିସ)

କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ଗ୍ରାମ୍ୟ ଉନ୍ନୟନ ଉପଖଣ୍ଡ ଅଧୀନରେ ୨୦୧୫ରେ ଓଡ଼ିଶା ପ୍ରସିଦ୍ଧ ଶୈବ କ୍ଷେତ୍ର ଆଖଣ୍ଡଳମଣିଙ୍କ ଦର୍ଶନ ପାଇଁ ଯାଉଥିବା ହଜାର ହଜାର ଯାତ୍ରୀଙ୍କ ପାଇଁ ବୈତରଣୀ ନଦୀ ତୁଠର ଦୁଇଶହ ମିଟର ପୂର୍ବରୁ ଆରଡି ବିଭାଗ ଦ୍ୱାରା ଏକ ଯାତ୍ରୀ ନିବାସ ନିର୍ମାଣ ହୋଇଥିଲା। ନିର୍ମାଣ ପରେ ବିଭାଗ କିଛିଦିନ ଏହାର ରକ୍ଷଣାବେକ୍ଷଣ କରିଥିଲେ। ପ୍ରାୟ ଆଠବର୍ଷ ହେବ ଏହି ଗୁରୁତ୍ୱପୂର୍ଣ୍ଣ ଯାତ୍ରୀ ବିଶ୍ରାମ ସ୍ଥଳଟି ପରିତ୍ୟକ୍ତ ହୋଇପଡ଼ିଛି।

ଭଦ୍ରକ ଜିଲ୍ଲା ଆରଡିର ପ୍ରସିଦ୍ଧ ଶୈବକ୍ଷେତ୍ରକୁ ଦୈନିକ ହଜାର ହଜାର ଲୋକ ଏଠାରେ ଥିବା ନଦୀ ଘାଟ ପାର ହୋଇଯାଇଥା'ନ୍ତି। ବିଶେଷକରି ଦୂରଦୁରାନ୍ତରୁ ଶୈବ ଦର୍ଶନାଭିଳାଷୀ ରାଜକନିକା ସଦର ମହକୁମା ଦେଇ ପେଗରପଡ଼ା ମାନପୁର ରାସ୍ତା ଉପରେ ନିର୍ଭର କରନ୍ତି। ଡଙ୍ଗା ପାର ହେବାକୁ ପଡୁଥିବାରୁ ଯାତ୍ରୀ ଘଣ୍ଟା ଘଣ୍ଟା ଗଛ ମୂଳେ ଆଶ୍ରୟ ନେଇ ବହୁ ଅସୁବିଧାରେ ପଡୁଥିବା ଜଣାପଡିବା ପରେ ଆଳିର ପୂର୍ବତନ ବିଧାୟକ ଦୋଳଗୋବିନ୍ଦ ନାୟକଙ୍କ ଅନୁରୋଧ ପରେ ତତ୍କାଳୀନ ଆରଡିର ନିର୍ବାହୀ ଯନ୍ତ୍ରୀ ନଳିନୀ ସେନାପତି କନିକା ଉପଖଣ୍ଡକୁ ଏକ ରେଷ୍ଟସେଡ଼ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ଏହି ଘାଟରେ ଏକ ରେଷ୍ଟ ସେଡ ସମ୍ଭବ ହୋଇଥିଲା। ଏହା କିଛିବର୍ଷ ହେବ ବିଭାଗୀୟ ଦାୟିତ୍ୱହୀନତା ଓ ରାଜନୈତିକ ଅପାରଗତା ଯୋଗୁଁ ଏହି ବିଶ୍ରାମସ୍ଥଳୀଟି ବ୍ୟବହାର ଅନୁପଯୁକ୍ତ ହୋଇପଡ଼ିଛି। ଏବେ ଶ୍ରାବଣ ମାସ ଚାଲିଥିବାରୁ ରାଜ୍ୟବ୍ୟାପୀ ବୋଲବମ ଶ୍ରଦ୍ଧାଳୁ ଏହି ବାଟେ ଆରଡି ଶୈବପୀଠକୁ ଜଳଲାଗି କରିବାକୁ ଧାଇଁଛନ୍ତି। ଏବେ ଏହି ଘାଟ କୂଳରେ ଶହ ଶହ ସଂଖ୍ୟାରେ ବୋଲବମ ଶ୍ରଦ୍ଧାଳୁ ଆତଯାତ କରୁଥିବାବେଳେ ଏଠାରେ ଥିବା ରେଷ୍ଟ ସେଡ



ଭୂତକୋଠିରେ ପରିଣତ ହୋଇଛି। ଏହି ବିଶ୍ରାମଗୃହ ନିକଟରେ ସରକାରୀ ଜାଗା ଥିଲେ ବି ଏଠାରେ ନିହାତି ଗୋଟିଏ ଶୌଚାଳୟ କରିବାକୁ ଅନେକ ଥର ଦାବି ହୋଇଥିଲେ ବି ପ୍ରଶାସନ ଏହାକୁ ନଜର ଆନ୍ଦାଜ କରିଛି। ଭକ୍ତଙ୍କ ଶୌଚ ହେବାକୁ କୌଣସି ସାଧନ ନାହିଁ। ବର୍ତ୍ତମାନ ଗୁରୁତ୍ୱ ରଖୁଥିବା ଏହି ବିଶ୍ରାମ ଗୃହକୁ ସଫା କରି ଆଲୋକୀକରଣ ବ୍ୟବସ୍ଥା ସହ ଚୋରି ହୋଇଯାଇଥିବା ଗ୍ରିଲ ପୁନଶ୍ଚ ଲଗାଇବାକୁ ଦାବି ହେଉଛି। ଏହି ଗୃହକୁ ସ୍ଥାନୀୟ ପଞ୍ଚାୟତ ଅଧୀନକୁ ନିଆଯାଇ ଏହାର ଦେଖାଶୁଣା କରିବାକୁ କହିବା ସହ ସ୍ୱଚ୍ଛ ଭାରତ ଅଭିଯାନ ମାଧ୍ୟମରେ ସ୍ଥାନୀୟ ବ୍ଲକ ପ୍ରଶାସନ ଏଠାରେ ଶୌଚାଳୟ ନିର୍ମାଣ କରିବାକୁ ଦାବି ହେଉଛି।

# କମୁଛି ମାତୃମୃତ୍ୟୁ ହାର; ଚିନ୍ତା ବଢ଼ାଉଛି ଜିଲ୍ଲାର ଶିଶୁମୃତ୍ୟୁ

କେନ୍ଦୁଝର, ୪।୮ (ସମିସ)

କେନ୍ଦୁଝର ଜିଲ୍ଲା ଅନ୍ୟ କେତେକ ଉପକୂଳିଆ ଜିଲ୍ଲା ଭଳି ଉନ୍ନତ ଜିଲ୍ଲା ହେବାରେ ଅନେକ ବାଟ ବାକି ଅଛି। କେତେକ କ୍ଷେତ୍ରରେ ଏହି ଜିଲ୍ଲା ଅଗ୍ରଣୀ ଜିଲ୍ଲା ହୋଇଥିଲେ ମଧ୍ୟ ଆଉ କେତେକ କ୍ଷେତ୍ରରେ ଜିଲ୍ଲା ପଛରେ ପଡିଛି। ଶିଶୁ ମୃତ୍ୟୁ କ୍ଷେତ୍ରରେ ଏହି ଜିଲ୍ଲା ଅନ୍ୟ ଜିଲ୍ଲା ତୁଳନାରେ ଚିନ୍ତାଜନକ ଅବସ୍ଥାରେ ରହିଛି।

ଜିଲ୍ଲାରେ ଅର୍ଦ୍ଧାଧିକ ଲୋକ ଅନୁସୂଚିତ ଜାତି ଓ ଜନଜାତି ସମ୍ପ୍ରଦାୟର ଲୋକ ବସବାସ କରନ୍ତି। ଆଗରୁ ଅନ୍ଧବିଶ୍ୱାସ ଓ ସଚେତନତାର ଅଭାବରୁ ଡାକ୍ତରଖାନା ପ୍ରସବକୁ ଲୋକେ ଗୁରୁତ୍ୱ ଦେଉ ନଥିଲେ। ଏବେ କିନ୍ତୁ ଡାକ୍ତରଖାନା ପ୍ରସବ ସଂଖ୍ୟା ଅନ୍ୟ ଜିଲ୍ଲାଗୁଡିକ ଅପେକ୍ଷା ଅନେକ ଆଗରେ ରହିଛି। ଫଳରେ ମାତୃମୃତ୍ୟୁ ସଂଖ୍ୟା ଗତ ୫ ବର୍ଷ ହେଲା ହ୍ରାସପାଇ ଚାଲିଛି। ମାତ୍ର ଶିଶୁମୃତ୍ୟୁ ସଂଖ୍ୟା ଏବେବି ଚିନ୍ତାଜନକ ଅବସ୍ଥାରେ ରହିଛି।

**୫ ବର୍ଷରେ ମଲେଣି ୩୧୯୯ ଶିଶୁ**

**ଆଭ୍ୟନ୍ତରୀଣ ଅଞ୍ଚଳକୁ ପହଞ୍ଚୁନି କି ସ୍ୱାସ୍ଥ୍ୟସେବା ?**

ଆବଶ୍ୟକ ଜିଲ୍ଲାରୁ ଶିଶୁ ମୃତ୍ୟୁହାର କମେଇବା ଦିଗରେ ପ୍ରଶସନ ଅନେକଗୁଡିଏ ପଦକ୍ଷେପ ଗ୍ରହଣ କରିଛି; ତଥାପି ବିଗତ ୫ ବର୍ଷରେ ୩୧୯୯ଜଣ ଶିଶୁଙ୍କ ମୃତ୍ୟୁ ସମସ୍ତଙ୍କ ପାଇଁ ସତର୍କ ଘଣ୍ଟି ସାଜିଛି। ଉକ୍ତ ୫ ବର୍ଷରେ ୧୩୧ଟି ମାତୃ ମୃତ୍ୟୁ ହୋଇଥିବା ଜଣାପଡିଛି। ସୂଚନା ଅନୁସାରେ, ୨୦୨୧-୨୨ ବର୍ଷରେ ଜିଲ୍ଲାରେ ୧୮ଟି ମାତୃ ମୃତ୍ୟୁ ହୋଇଥିବାବେଳେ ୬୭୫ ଜଣ ଶିଶୁଙ୍କ ମୃତ୍ୟୁ ହୋଇଥିଲା। ୨୦୨୨-୨୩ ବର୍ଷରେ ୨୯ଟି ମାତୃମୃତ୍ୟୁ ଘଟଣା ସାମ୍ନାକୁ ଆସିଥିବାବେଳେ ସେବର୍ଷ ୬୮୭ଟି ଶିଶୁମୃତ୍ୟୁ ଗଣନା କରାଯାଇଥିଲା। ସେହିପରି ୨୦୨୩-୨୪ ବର୍ଷରେ ଜିଲ୍ଲାରେ ୩୯ଟି ମାତୃମୃତ୍ୟୁ ହୋଇଥିଲା ଏବଂ ୬୬୫ ଜଣ ଶିଶୁଙ୍କ ମଧ୍ୟ ମୃତ୍ୟୁ ହୋଇଥିବା ତଥ୍ୟ କହୁଛି।

ଅନ୍ୟପକ୍ଷରେ, ୨୦୨୪-୨୫ ବର୍ଷରେ ପୂର୍ବ ଦୁଇବର୍ଷ ଅପେକ୍ଷା ଉଭୟ ଶିଶୁ ଓ ମାତୃ ମୃତ୍ୟୁରେ ହ୍ରାସ ହୋଇଥିବା ଦେଖାଯାଇଥିଲା। ସେବର୍ଷ ଜିଲ୍ଲାରେ ୨୨ ଜଣ ମାତୃ ମୃତ୍ୟୁ ହୋଇଥିବାବେଳେ ୫୫୩ଟି ଶିଶୁମୃତ୍ୟୁ ହୋଇଥିଲା। ଏତଦବ୍ୟତୀତ ବିଗତ ୨୦୨୫-୨୬ ବର୍ଷରେ ୨୩ଟି ମାତୃ ମୃତ୍ୟୁ ହୋଇଥିବା ସୂଚନା ମିଳିଥିବାବେଳେ ପୂର୍ବ ତୁଳନାରେ ଏହାର ବୃଦ୍ଧି ଘଟି ଶିଶୁ ମୃତ୍ୟୁ ସଂଖ୍ୟା ୬୧୯ ଛୁଇଁଥିଲା। ବିଗତ ୫ ବର୍ଷରେ ୧୩୧ ମାତୃ ମୃତ୍ୟୁ ଏବଂ ୩୧୯୯ ଶିଶୁମୃତ୍ୟୁ ସ୍ୱାସ୍ଥ୍ୟ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଯୋଜନାଗୁଡିକୁ ଅଧିକ କ୍ରିୟାଶୀଳ କରେଇବାର ଆବଶ୍ୟକତାକୁ ଦର୍ଶଉଛି। ମାତୃ ଶିଶୁ ଟୀକାକରଣ ବୃଦ୍ଧିପାଇ ଚାଲିଛି। ଡାକ୍ତରଖାନା ପ୍ରସବ ୯୯.୮% ଛୁଇଁଲାଣି। ଏହା ଯୋଜନାଗୁଡିକର ସଫଳତାକୁ ଦର୍ଶଉଛି। ମାତ୍ର କେଉଁ କାରଣ ପାଇଁ ଜିଲ୍ଲାରେ ଶିଶୁ ମୃତ୍ୟୁହାର ଆଖିଦୃଶିଆ ହ୍ରାସ ହେଉନାହିଁ ତାହା ଚିନ୍ତା କରିବାର ବେଳ ଆସିଛି।

## ବଜ୍ରପାତରେ ମୋବାଇଲ ଫାଟି ଜଣେ ଗୁରୁତର



ଆନନ୍ଦପୁର, ୪।୮ (ସମିସ): ଆଜି ଅପରାହ୍ନରେ ବଜ୍ରପାତର ଶିକାର ହୋଇ ଜଣେ ବ୍ୟବସାୟୀ ଆନନ୍ଦପୁର ମେଡିକାଲରେ ଭର୍ତ୍ତି ହୋଇଥିବା ଜଣାଯାଇଛି। ପଶ୍ଚିମ ବଙ୍ଗର ଶେଖ ଫିରୋଜ ନାମକ ଯୁବକ ଶାଳପଡା ବାଇପାସ ନିକଟରେ କପଡା ବେପାର କରୁଥିବା ବେଳେ ଅଚାନକ ବଜ୍ରପାତ ହେବାରୁ ତାଙ୍କ ପକେଟରେ ଥିବା ମୋବାଇଲ ଫାଟି ଯାଇଥିଲା। ଫଳରେ ଦେହର କିଛି ଅଂଶ ପୋଡି ଯାଇଥିଲା। ତାଙ୍କୁ ତୁରନ୍ତ ଆନନ୍ଦପୁର ମେଡିକାଲରେ ଭର୍ତ୍ତି କରାଯାଇ ଚିକିତ୍ସା ଆରମ୍ଭ କରାଯାଇଛି।

## କାଞ୍ଜିପାଣି ଘାଟିରେ ଓଲଟିଲା ଘରୋଇ ବସ୍



**ଯାତ୍ରୀ ସୁରକ୍ଷିତ**

ତେଲକୋଇ, ୪।୮ (ସମିସ): ତେଲକୋଇ କାଞ୍ଜିପାଣି ପୂର୍ତ୍ତ ବିଭାଗ ରାସ୍ତା କାଞ୍ଜିପାଣି ଘାଟିରେ ମଙ୍ଗଳବାର ସକାଳେ ଏକ ଘରୋଇ ଯାତ୍ରୀବାହୀ ବସ୍ ଓଲଟି ପଡ଼ିଛି। ବସରେ ଯାତ୍ରା କରୁଥିବା ୨୦ରୁ ଅଧିକ ଯାତ୍ରୀ ସୁରକ୍ଷିତ ଥିବା ଜଣାପଡ଼ିଛି। ଘଟଣାକୁ ନେଇ କାଞ୍ଜିପାଣି ଥାନା ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଓଡ଼ି ୦୯ଡି ୭୫୫୫ ନମ୍ବର ବିଶିଷ୍ଟ ଦୁର୍ଗାମାଧବ ନାମକ ଘରୋଇ ବସ କାଳିଆହତାରୁ କେନ୍ଦୁଝର ଅଭିମୁଖେ ଯାଉଥିବା ବେଳେ କାଞ୍ଜିପାଣି ଘାଟିରେ ରାସ୍ତାକଡକୁ ଓଲଟି ପଡିଥିଲା। ବସଟି ଘାଟି ରାସ୍ତା ଚଢୁଥିବା ବେଳେ କୌଣସି କାରଣବଶତଃ ଆଗକୁ ନ ଯାଇ ପଛକୁ ଖସିଥିଲା। କିଛିବାଟ ତଳକୁ ଖସିବା ପରେ ରାସ୍ତାକଡ଼ରେ ଓଲଟି ପଡିଥିଲା। ସ୍ଥାନୀୟ ପଥଚାରୀ ଓ ତେଲକୋଇ ଅଗ୍ନିଶମ ବାହିନୀ ଲୋକଙ୍କୁ ଉଦ୍ଧାର କରିଥିଲେ। ଦୁର୍ଘଟଣା ପରେ ସମସ୍ତେ ନିଜ ନିଜ ଗନ୍ତବ୍ୟସ୍ଥଳକୁ ଯାତ୍ରା କରିଥିଲେ। ବସଟି ଆଉ ସାମାନ୍ୟ କିଛି ଦୂରକୁ ଖସିଥିଲେ ଘାଟି ତଳେ ପଡ଼ିବା ସହିତ ଏକ ବଡ଼ଧରଣର ଅଘଟଣ ଘଟିଥାଆନ୍ତା ବୋଲି କୁହାଯାଉଛି। ଗାଡ଼ିର ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଏହି ଦୁର୍ଘଟଣା ଘଟିଥିବା ଅଭିଯୋଗ ହୋଇଛି।

## ରାସ୍ତାକଡ଼ରେ ଛିଡ଼ା ଟ୍ରକ୍‌କୁ ଧକ୍କାଦେଇ ଓଲଟିଲା



ବଡ଼ବିଲ, ୪।୮ (ସମିସ): କେନ୍ଦୁଝର ଜିଲ୍ଲା ବଡ଼ବିଲ ଥାନା ଅନ୍ତର୍ଗତ ଝୁମ୍ପୁଡି ହୋଟେଲ ନିକଟସ୍ଥ ରାଜ୍ୟ ରାଜପଥର ଏକ ବୁଲାଣି ସ୍ଥାନରେ ସୋମବାର ରାତି ପ୍ରାୟ ୮ଟା ୩୦ ମିନିଟ୍ ସମୟରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ରାସ୍ତାର ଡାହାଣ ପାର୍ଶ୍ୱରେ ଛିଡ଼ା ହୋଇଥିବା ଓଡି–୦୯–ବି–୬୭୮୦ ନମ୍ବର ବିଶିଷ୍ଟ ଏକ ଟ୍ରକକୁ କଳିଙ୍ଗ ପଟୁ ଆସୁଥିବା ଓଡି–୦୯–କେ–୧୩୩୨ ନମ୍ବର ବିଶିଷ୍ଟ ଅନ୍ୟ ଏକ ଟ୍ରକ ଭାରସାମ୍ୟ ହରାଇ ଧକ୍କା ଦେଇଥିଲା।

ଧକ୍କାର ପ୍ରଭାବ ଏତେ ଜୋରଦାର ଥିଲା ଯେ ଧକ୍କା ଦେଇଥିବା ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡ଼ିଥିଲା। ଦୁର୍ଘଟଣାରେ ଉଭୟ ଟ୍ରକ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଚାଳକଙ୍କ ଆଘାତ ସମ୍ପର୍କରେ ସ୍ପଷ୍ଟ ସୂଚନା ମିଳିପାରିନାହିଁ। ଖବର ପାଇ ବଡ଼ବିଲ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିଗୁଡ଼ିକୁ ହଟାଇବା ସହ ଯାତାୟାତ ସ୍ୱାଭାବିକ କରିବାରେ ପଦକ୍ଷେପ ନେଇଥିବା ଜଣାପଡ଼ିଛି। ରାସ୍ତାର ଡାହାଣ ପଟେ ବେଆଇନ ଭାବେ ପାର୍କିଙ୍ଗ ଯୋଗୁ ଦୁର୍ଘଟଣା ଘଟିଥିବା ସାଧାରଣରେ ଅଭିଯୋଗ ହେଉଛି। ପୁଲିସ ଘଟଣାର ତଦନ୍ତ ଜାରି ରଖିଛି।

## ଗଣ୍ଡାନାଳ ସେତୁର ଆପ୍ରୋଚ୍ ରୋଡ୍ ତ୍ରୁଟିପୂର୍ଣ୍ଣ



ଆନନ୍ଦପୁର, ୪।୮ (ସମିସ): ପୂର୍ତ୍ତ ବିଭାଗର ତ୍ରୁଟିପୂର୍ଣ୍ଣ ପରିଚାଳନା ଯୋଗୁଁ ନିର୍ମାଣାଧୀନ ଗଣ୍ଡା ସେତୁର ଆପ୍ରୋଚ ରୋଡ ଓ ବାଡ଼ା ନଷ୍ଟ ହୋଇଯାଇଛି। ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀ ପରିସ୍ଥିତି ଅନୁଧ୍ୟାନ କରି ଆବଶ୍ୟକ ପଦକ୍ଷେପ ନେଇଥିବା ଜଣାଯାଇଛି। ଲଗାଣ ବର୍ଷାରେ ସେତୁର ବାଡା ଭୁଶୁଡ଼ି ପଡ଼ିଥିବା ଅନୁଧ୍ୟାନରୁ ଜଣାଯାଇଛି। ଏହାଦ୍ୱାରା ସାଧାରଣ ଲୋକଙ୍କ ଯାତାୟାତରେ ବ୍ୟାଘାତ ସୃଷ୍ଟି ହୋଇଛି। ଲଗାଣ ବର୍ଷାରେ ୨୦ ନମ୍ବର ଜାତୀୟ ରାଜପଥର ଜର୍ଦାରୁ ଦେଓଗାଁ ସଂଯୋଗକାରୀ ରାସ୍ତାର ଗଣ୍ଡା ନାଳରେ ନିର୍ମାଣାଧୀନ ସେତୁର ଆରସିସି ୱାଲ ରଡରେ ନିର୍ମାଣ କରିବା ପରିବର୍ତ୍ତେ କେବଳ କଂକ୍ରିଟ କରାଯାଇଥିବାରୁ ଆପ୍ରଚ ରୋଡ ଦବିଯାଇ ବିପଦ ସୃଷ୍ଟି କରିଛି। ସ୍ଥାନୀୟ ଅଞ୍ଚଳବାସୀଙ୍କ ସମେତ ଏହି ରାସ୍ତା ଉପରେ ନିର୍ଭର କରୁଥିବା ଅନେକ ଗ୍ରାମବାସୀ ବିଭିନ୍ନ ରାସ୍ତାରେ ଯାତାୟାତ କରି ଯଥେଷ୍ଟ ବିଳମ୍ବରେ ଗନ୍ତବ୍ୟସ୍ଥଳରେ ପହଞ୍ଚୁଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

**ଖଣି ବିଭାଗର ଚଢ଼ଉ**

## ୧୦ ମେଟ୍ରିକ୍ ଟନ୍ ଲୁହାପଥର ବୋଝେଇ ଗାଡ଼ି ଜବତ

ଯୋଡ଼ା, ୪।୮ (ସମିସ)

ଖଣିଜ ଚୋରା କାରବାର ବିରୋଧରେ ଚାଲିଥିବା ସ୍ୱତନ୍ତ୍ର ଯାଞ୍ଚ ଅଭିଯାନରେ ଖଣି ବିଭାଗ ପକ୍ଷରୁ ବଡ଼ଧରଣର ଚଢ଼ଉ କରାଯାଇଛି। ଆଜି ଭୋର ସମୟରେ ବାଂଶପାଣି ଅଞ୍ଚଳରୁ ପ୍ରାୟ ୧୦ ମେଟ୍ରିକ ଟନ୍ ଲୁହାପଥର ସହ ବୋଝେଇ ଗାଡ଼ି (ଏମ୍‌ପି ୧୦ଜେଡ୍‌ଏଲ୍ ୯୩୯୭)କୁ ଖଣି ବିଭାଗ ଜବତ କରିଛି। ଜବତ ହୋଇଥିବା ଗାଡ଼ିକୁ ପରବର୍ତ୍ତୀ ତଦନ୍ତ ଓ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଖଣି ବିଭାଗର କାର୍ଯ୍ୟାଳୟ ପରିସରକୁ ଅଣାଯାଇଛି। ଖଣି ବିଭାଗ ସୂତ୍ରରୁ ଜଣାପଡ଼ିଛି ଯେ ଗାଡ଼ିର ପରିବହନ ସମ୍ପର୍କିତ ଦସ୍ତାବିଜ ଓ ଖଣିଜ ପରିବହନର ବୈଧତାକୁ ନେଇ ତଦନ୍ତ ଜାରି ରହିଛି। ଯଦି କୌଣସି ନିୟମ ଉଲ୍ଲଙ୍ଘନ ହୋଇଥିବା ଜଣାପଡ଼େ, ତେବେ ଖଣି ଓ ଖଣିଜ (ବିକାଶ ଓ ନିୟନ୍ତ୍ରଣ) ଆଇନ ଅନୁଯାୟୀ କଠୋର ପଦକ୍ଷେପ ଗ୍ରହଣ କରାଯିବ।

## ଠାକୁରାଣୀ ସଂରକ୍ଷିତ ଜଙ୍ଗଲରେ ବେଆଇନ ଲୁହପଥର ଖନନ



**ଜେସିବି ଜବତ**

ବଡ଼ବିଲ, ୪।୮ (ସମିସ): କେନ୍ଦୁଝର ଜିଲ୍ଲା ବଡ଼ବିଲ ବନାଞ୍ଚଳ ଅଧୀନ ଠାକୁରାଣୀ ସଂରକ୍ଷିତ ଜଙ୍ଗଲରେ ବେଆଇନ ଭାବେ ଲୁହପଥର ଖନନ ଓ ପରିବହନ ଉଦ୍ୟମ ବେଳେ ବନ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ଏକ ଜେସିବି ମେସିନ୍ ଜବତ କରାଯାଇଛି। ଏହି ଘଟଣାରେ ବଡ଼ବିଲ ରେଞ୍ଜ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମିଳିଥିବା ସୂଚନା ଅନୁଯାୟୀ, ଗତ ୨ ଅଗଷ୍ଟ ରାତି ପ୍ରାୟ ୧୨.୩୦ଟା ସମୟରେ ନିୟମିତ ପାଟ୍ରୋଲିଂ ବେଳେ ବଡ଼ବିଲ ବନ ବିଭାଗକୁ ଏକ ନିର୍ଭରଯୋଗ୍ୟ ସୂତ୍ରରୁ ଫୋନ୍ ଯୋଗେ ଖବର ମିଳିଥିଲା ଯେ ଠାକୁରାଣୀ ସଂରକ୍ଷିତ ଜଙ୍ଗଲ ଭିତରେ ଏକ ଜେସିବି ସାହାଯ୍ୟରେ ବେଆଇନ ଭାବେ ଲୁହପଥର ଖନନ କରାଯାଇ ପରିବହନ ପାଇଁ ପ୍ରସ୍ତୁତି ଚାଲିଛି। ପରେ ବଡ଼ବିଲ ରେଞ୍ଜ କାର୍ଯ୍ୟାଳୟର ଏକ ସ୍ୱତନ୍ତ୍ର ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲା। ବନ ବିଭାଗର ଟିମ୍ ପହଞ୍ଚିବା ପୂର୍ବରୁ ଅଭିଯୁକ୍ତମାନେ ସେଠାରୁ ଫେରାର ହୋଇଯାଇଥିଲେ। ଘଟଣାସ୍ଥଳରୁ ଓଡି–୦୯–ଜି–୪୬୬୮ ନମ୍ବର ବିଶିଷ୍ଟ ଏକ ହଳଦିଆ ରଙ୍ଗର ଜେସିବି ଏବଂ ପ୍ରାୟ ୧୫ ମେଟ୍ରିକ ଟନ୍ ଲୁହପଥର ଜବତ କରାଯାଇଥିଲା। ବିଲେଇପଦା ସେକ୍ସନର ଫରେଷ୍ଟର କାର୍ତ୍ତିକ ଦାସ ଜବତ ପ୍ରକ୍ରିୟା ସମ୍ପନ୍ନ କରିଥିଲେ। ଏହି ଚଢ଼ଉ ବିଲେଇପଦା ସେକ୍ସନର ମୁର୍ଗା ବିଟ୍ ଅନ୍ତର୍ଗତ ଯୋଡ଼ା ଥାନା ଦେଓଝର ଗ୍ରାମ ନିକଟ ଠାକୁରାଣୀ ସଂରକ୍ଷିତ ଜଙ୍ଗଲରେ କରାଯାଇଥିଲା। ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିବା ସହ ବେଆଇନ ଖନନରେ ସମ୍ପୃକ୍ତ ଅନ୍ୟମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ବନ ବିଭାଗ ତଦନ୍ତ ଜାରି ରଖିଛି।

## ମଛାଳରେ ଆବାସ କେଳେଙ୍କାରୀ; ଯୋଗ୍ୟଙ୍କୁ ମିଳୁନି ଘର



ଆନନ୍ଦପୁର, ୪।୮ (ସମିସ): କେନ୍ଦୁଝର ଜିଲ୍ଲା ଘଷିପୁରା ବ୍ଲକ ମଛାଳ ପଞ୍ଚାୟତରେ ଆବାସ କେଳେଙ୍କାରୀକୁ ନେଇ ଗ୍ରାମବାସୀ ଆଣିଲେ ସଙ୍ଗିନୀ ଅଭିଯୋଗ। ଘଷିପୁରା ବ୍ଲକର ବିଭିନ୍ନ ପଞ୍ଚାୟତରୁ ଏଭଳି ଅନେକ ଅଭିଯୋଗ ଆସିଥିବା ବେଳେ ଆଜି ଘଷିପୁରା ବିଡ଼ିଓ ବିନିତା ବିଜୟିନୀ ମଛାଳ ପଞ୍ଚାୟତରେ ଆବାସ ତାଲିକାରେ ନାମ ଥିବା ହିତାଧିକାରୀଙ୍କ ଘର ତଦନ୍ତ କରିବା ପାଇଁ ଯାଇଥିଲେ। ବିଡ଼ିଓଙ୍କୁ ଅଭିଯୋଗ କରିଥିଲେ ଯେ ଯୋଗ୍ୟ ହିତାଧିକାରୀ ଆବାସ ପାଇବାରୁ ବଞ୍ଚିତ ଥିବାବେଳେ ବଡ଼ବଡିଆଙ୍କ ଘର ତଦନ୍ତ କାହିଁକି କରୁଛନ୍ତି। ବିଡ଼ିଓ ଲିଷ୍ଟ ଆସିଥିବା ଲୋକଙ୍କ ତଦନ୍ତ କରିବାକୁ କହି ପଳେଇ ଆସିଥିବା ବେଳେ ବିଡ଼ିଓ ଓ ମଛାଳ ସରପଞ୍ଚଙ୍କ ନାମରେ ଅଭିଯୋଗ ଆଣିଛନ୍ତି ଗ୍ରାମବାସୀ। କେନ୍ଦୁଝର ଜିଲ୍ଲାପାଳ ଯୋଗ୍ୟ ହିତାଧିକାରୀଙ୍କ ଘର ତଦନ୍ତ କରି ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ଦାବି କରିବା ସହିତ ଯଦି ଦାବି ପୂରଣ ନହୁଏ ତାହେଲେ ଆଗାମୀ ଦିନରେ ଜାତୀୟ ରାଜପଥ ଅବରୋଧ କରିବା ପାଇଁ ମଛାଳ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## କେନ୍ଦୁଝରଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ମାତୃ ସମ୍ମିଳନୀ



କେନ୍ଦୁଝର, ୪।୮ (ସମିସ): କେନ୍ଦୁଝରଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଶିଶୁବାଟିକା ଭାଗ-୧ର ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ଶିଶୁବାଟିକା ପ୍ରମୁଖ ପ୍ରଦୀପ କୁମାର ଦାସ ଅତିଥି ପରିଚୟ କରିବା ସହ ସମ୍ମିଳନୀର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ପରିଚାଳନା ସମିତିର ସଦସ୍ୟା ତଥା କେନ୍ଦୁଝରଗଡ ସରକାରୀ ଯାନ୍ତ୍ରୀକ ମହାବିଦ୍ୟାଳୟର ପ୍ରଧାପିକା ଭକ୍ତିଶ୍ରୀ ନାୟକ ଯୋଗ ଦେଇ ଶିଶୁ ଶିକ୍ଷାରେ ଭାରତୀୟତା ଓ ଶିଶୁ ଶିକ୍ଷାରେ ପରିବାରର ଭୂମିକା ସଂପର୍କରେ ମାର୍ଗଦର୍ଶନ କରିଥିଲେ। ଅନ୍ୟତମ ଅତିଥି ଭାବରେ ପରିଚାଳନା ସମିତି ସଦସ୍ୟା ତଥା ବ୍ୟାଙ୍କ ଅଧିକାରୀ ଦୁଲାରୀ କିସ୍କୁ ଉପସ୍ଥିତ ଥିଲେ। ୧୫୦ରୁ ଅଧିକ ମାଆ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ଶିଶୁବାଟିକା ବିଭାଗର ବିରଞ୍ଚି ନାରାୟଣ ମହାନ୍ତ, ପୁଷ୍ପାଞ୍ଜଳି ସାହୁ, ମନସ୍ୱିନୀ ଦାଶ, ସୁଜାତାରାଣୀ ମିଶ୍ର, ଜ୍ୟୋତିରାଣୀ ପଣ୍ଡା, ଆରତୀ ସାହୁ, ମୌସୁମୀ ରାଉତରାୟ, ଗାୟତ୍ରୀ ମହାନ୍ତ, ଲକ୍ଷ୍ମୀପ୍ରିୟା ମହାନ୍ତ, ମଧୁସ୍ମିତା ମହାନ୍ତ, କନକ ମଂଜରୀ ମହାନ୍ତ ଓ ପ୍ରଦୀପ୍ତା ମହାନ୍ତ ସହଯୋଗ କରିଥିଲେ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ତୁରୁମୁଙ୍ଗା, ୪।୮ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ସ୍ୱାମ ଖସାପିଟା ସାହିରେ ମଙ୍ଗଳବାର ଅପରାହ୍ନରେ ଘର ଭିତରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ କାହ୍ନୁ ମୁଣ୍ଡା (୩୪)। ପରିବାର ଲୋକେ ବିଲକୁ କାମ କରିବାକୁ ଯାଇଥିବା ସମୟରେ ସେ ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଛନ୍ତି। ଆତ୍ମହତ୍ୟାର କାରଣ ଜଣାପଡ଼ି ନଥିବା ବେଳେ ଘଟଣାସ୍ଥଳରେ ପାଟଣା ଥାନା ଏଏସ୍‌ଆଇ ଗୌରହରି ଗର୍ଡିଆ ପହଞ୍ଚି ମୃତ ଦେହ ଜବତ କରିଛନ୍ତି। ଏନେଇ ପାଟଣା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସନ୍ଧ୍ୟା ହୋଇ ଯାଇଥିବାରୁ ଶବ ବ୍ୟବଚ୍ଛେଦ ହୋଇ ପାରି ନାହିଁ।

## ବରିଷ୍ଠ ଶିକ୍ଷକ ଉମାକାନ୍ତ ଖିଲାରଙ୍କ ପରଲୋକ

ଚମ୍ପୁଆ, ୪।୮ (ସମିସ): ଚମ୍ପୁଆ ଅଞ୍ଚଳର ବରିଷ୍ଠ ଶିକ୍ଷକ ତଥା ଶିକ୍ଷାବିତ୍ ଉମାକାନ୍ତ ଖିଲାରଙ୍କ ୮୦ ବର୍ଷ ବୟସରେ ପରଲୋକ ଘଟିଛି। ମଙ୍ଗଳବାର ଦିନ ୧୨ଟା ୩୦ ମିନିଟ୍ ସମୟରେ ନିଜ ବାସଭବନ ବାଙ୍କ ଗ୍ରାମରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ଶିକ୍ଷାଦାନକୁ ନିଜ ଜୀବନର ଏକ ପବିତ୍ର କର୍ତ୍ତବ୍ୟ ଭାବେ ଗ୍ରହଣ କରିଥିବା ଉମାକାନ୍ତ ଖିଲାର ଅନେକ ଛାତ୍ରଛାତ୍ରୀଙ୍କ ଜୀବନକୁ ଜ୍ଞାନର ଆଲୋକରେ ଆଲୋକିତ କରିଥିଲେ। ସେ ଟିମିଲା ୟୁଜିଏମଇ ସ୍କୁଲ, କଳିଙ୍ଗା। ନୋଡାଲ ସ୍କୁଲ ୟୁଜିଏମଇ ସ୍କୁଲରେ ସହ କାର୍ଯ୍ୟ କରିଥିଲେ। ଏବଂ ଜାମଦଳକ ଶିକ୍ଷକ ଭାବେ ନିଷ୍ଠାର ୨୦୦୫ରେ ଅବସର ଗ୍ରହଣ କରିଥିଲେ। ଅନେକ ଛାତ୍ରଛାତ୍ରୀଙ୍କ ପାଇଁ ସେ ଥିଲେ ଜଣେ ଆଦର୍ଶ ଗୁରୁ, ମାର୍ଗଦର୍ଶକ ଓ ଅଭିଭାବକ। ତାଙ୍କଠାରୁ ଶିକ୍ଷା ଗ୍ରହଣ କରିଥିବା ଅନେକ ଛାତ୍ରଛାତ୍ରୀ ଆଜି ନିଜ ନିଜ କ୍ଷେତ୍ରରେ ପ୍ରତିଷ୍ଠିତ। ତାଙ୍କ ବିୟୋଗରେ ସେମାନଙ୍କ ମନରେ ଗଭୀର ଦୁଃଖ ଓ ଶୋକର ଛାୟା ଖେଳିଯାଇଛି। ଜୀବନର ଶେଷ ସମୟରେ ମଧ୍ୟ ପରିବାର ତାଙ୍କ ନିକଟରେ ଥିଲା। ତାଙ୍କ ବଡ଼ ପୁଅ ସତ୍ୟବାନ ଖିଲାର, ସାନ ପୁଅ ଶଶାଙ୍କ ଖିଲାରଙ୍କ ସମେତ ନାତିନାତୁଣୀ ଓ ପରିବାରବର୍ଗ ତାଙ୍କ ପାଖରେ ଉପସ୍ଥିତ ଥିଲେ। ପୂର୍ବତନ ସହକର୍ମୀ, ଶିକ୍ଷକ ସମାଜ, ପୂର୍ବତନ ଛାତ୍ରଛାତ୍ରୀ ଓ ଅଞ୍ଚଳବାସୀଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ଆତ୍ମାର ସଦ୍‌ଗତି କାମନା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଅଞ୍ଚଳବାସୀ ଗଭୀର ସମବେଦନା ଜଣାଇଛନ୍ତି।



## ବେଆଇନ ସ୍କ୍ରାପ୍ କାର୍‌ବାରରେ ଦୁଇ ଗିରଫ

ଯୋଡ଼ା, ୪।୮ (ସମିସ): ସୋମବାର ପୂର୍ବାହ୍ନରେ ଯୋଡ଼ା ସହରର ଲକ୍ଷ୍ମୀ ପଡ଼ିଆସ୍ଥିତ ଏକ ସ୍କ୍ରାପ (କବାଡ଼ି) ଗୋଦାମରେ ପୁଲିସ ଚଢ଼ଉରେ ଦୁଇ ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିବା ଜଣାପଡ଼ିଛି। ଯୋଡ଼ା ଥାନା ଏଏସଆଇ ଏ.ପି ମୁଣ୍ଡଙ୍କ ନେତୃତ୍ୱରେ ଏହି ଚଢ଼ଉ ପରେ ପୁଲିସ ସ୍କ୍ରାପ ବ୍ୟବସାୟୀ ଯୋଡ଼ାର ଲକ୍ଷ୍ମୀଧର ମହାନ୍ତି (୪୬) ଏବଂ ଟ୍ରକ ଚାଳକ ଝାରଖଣ୍ଡର ସୁନୀଲ ଗୁପ୍ତା (୩୮)କୁ ଗିରଫ କରିଛି। ଯୋଡ଼ା ଥାନାରେ ଏକ ମାମଲା ରୁଜୁ କରାଯାଇ ଉଭୟ ଅଭିଯୁକ୍ତଙ୍କୁ ଅଦାଲତକୁ ଚାଲାଣ କରାଯାଇଛି।

**ଚାଷୀକୁ ମିଳିଲାନି ଧାନ ବିକ୍ରି ଟଙ୍କା**

## ମରେଇଗାଁ ସମିତି ସମ୍ପାଦକଙ୍କ ନାଁରେ ଅଭିଯୋଗ

ଆନନ୍ଦପୁର,୪।୮ (ସମିସ):

ଦୀର୍ଘବର୍ଷ ବିତିଥିଲେ ସୁଦ୍ଧା ଚାଷୀକୁ ମିଳିଲାନି ଧାନ ବିକ୍ରି ଟଙ୍କା। ମରେଇଗାଁ ସେବା ସମବାୟ ସମିତି ଅଧୀନ ଡଙ୍କୁରୀ ଗ୍ରାମର ଜଣେ ଚାଷୀ ଆଜକୁ ଦୀର୍ଘ ୧୨ ବର୍ଷ ତଳର ଧାନ ବିକ୍ରି ଟଙ୍କା ଏହି ସେବା ସମବାୟ ସମିତି ପକ୍ଷରୁ ପାଇ ନଥିବା ଅଭିଯୋଗ ଆଣିଛନ୍ତି। ଟଙ୍କା ପାଇଁ ସମ୍ପାଦକଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ ସୁଦ୍ଧା ଟଙ୍କା ମିଳି ନଥିଲା। ପରେ ନୋଟାରୀରେ ଏକ ଚୁକ୍ତିନାମା ଅନୁସାରେ ସମ୍ପାଦକ ୨୦୨୬ ଫେବୃଆରୀ ମାସ ଶେଷ ସୁଦ୍ଧା ଉକ୍ତ ଚାଷୀକୁ ୫ଲକ୍ଷ ୩୬ହଜାର ଟଙ୍କା ଦେବେ ବୋଲି ଆଇନଜୀବୀ ମହେନ୍ଦ୍ର ରାମଙ୍କ ଜରିଆରେ ଏକ ଲିଖିତନାମା ହୋଇଥିଲା। ଅବଧି ଶେଷ ହୋଇଥିଲେ ସୁଦ୍ଧା ସମ୍ପାଦକ ଚାଷୀଙ୍କୁ ବକେୟା ଅର୍ଥ ନଦେବାରୁ ଉକ୍ତ ଚାଷୀ ଆଇନର ଆଶ୍ରୟ ନେଇଥିଲେ। ଆଇନ ଅନୁସାରେ ସୋସାଇଟି ସମ୍ପାଦକଙ୍କ ନିକଟକୁ ନୋଟିସ ଯାଇଥିଲେ ସୁଦ୍ଧା ସେ ଅନୁପସ୍ଥିତ ଥିବା ଓକିଲ ଶ୍ରୀ ରାମ କହିଛନ୍ତି। ସୋସାଇଟି ସମ୍ପାଦକ ବିଭିନ୍ନ ସ୍ଥାନରେ ପ୍ଲଟ କିଣିବା ଠାରୁ ଦାମୀ ଗାଡ଼ି ଚଢୁଥିବା ବେଳେ ଚାଷୀଙ୍କ ଅର୍ଥ ନଦେବା ଅତ୍ୟନ୍ତ ଦୁଃଖଦାୟକ କୁହାଯାଇଛି। ଚାଷୀଙ୍କ ଟଙ୍କା ହେରଫେର କରିବା ସହିତ ଅନେକ ଲୋକଙ୍କ ନାଁରେ ଆଦୌ ବିଲ୍ ନଥିବାବେଳେ ସେମାନଙ୍କ ନାଁକୁ ପଞ୍ଜୀକରଣ କରୁଥିବା ନେଇ ଅଭିଯୋଗକାରୀ ଚାଷୀ ଜଣକ କହିଛନ୍ତି। ଜିଲ୍ଲା ପ୍ରଶାସନିକ ଅଧିକାରୀଙ୍କ ଦ୍ୱାରା କଡ଼ା ଯାଞ୍ଚ ହେଲେ ଉକ୍ତ ସୋସାଇଟିରେ ହେଉଥିବା ହେରଫେରର କଳା ଚିଠା ପଦାକୁ ଆସିପାରନ୍ତା ବୋଲି ବିଭିନ୍ନ ମହଲରେ କୁହାଯାଉଛି।



**ଜାତୀୟ ରାଜପଥ ବିଭାଗର ମନମାନି**

## ଅଣ୍ଡର୍‌ପାସ୍ ବଢ଼ାଉଛି ସମସ୍ୟା; ଦହଗଞ୍ଜ ଲୋକେ






ଆନନ୍ଦପୁର,୪।୮ (ସମିସ): ଆନନ୍ଦପୁର ଅଞ୍ଚଳରେ ଜାତୀୟ ରାଜପଥ ବିଭାଗର ମନମାନି ଦେଖିବାକୁ ମିଳିଛି। ବିଶେଷକରି ପୌରାଞ୍ଚଳରେ ରହିଥିବା ତିନୋଟି ଅଣ୍ଡର ପାସ୍ ଲୋକମାନଙ୍କ ଯାତାୟାତରେ ଗୁରୁତର ସମସ୍ୟା ସୃଷ୍ଟି କରିଛି। ଶାଳପଡା, ଘସିପୁରା, ଶୈଳଙ୍ଗରେ ବର୍ଷାଦିନରେ ଲୋକମାନେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଏନେଇ ପୂର୍ବରୁ ରାଜପଥ ବିଭାଗର ଦୃଷ୍ଟି ଆକର୍ଷଣ କରାଯାଇଥିବାବେଳେ କୌଣସି ପଦକ୍ଷେପ ଗ୍ରହଣ କରା ନଯିବାରୁ ଲୋକମାନଙ୍କ ଅସନ୍ତୋଷ ବଢିବାରେ ଲାଗିଛି। ଶାଳପଡାରେ ଅସମ୍ପୂର୍ଣ୍ଣ ରାସ୍ତା ଶେଷ ହୋଇଥିବାବେଳେ ଗତ ତିନିମାସରୁ ଅଧିକ ସମୟ ହେଲା ୨୦ ନମ୍ବର ଜାତୀୟ ରାଜପଥରେ ଗାଡି ଚଳାଚଳ ସ୍ୱାଭାବିକ୍ ହୋଇଛି। ତେବେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଅଣ୍ଡରପାସ୍ ଗୁଡିକରେ ବର୍ଷାଜଳ ନିଷ୍କାସନ ବ୍ୟବସ୍ଥା କରି ନଥିବାରୁ ଗୁରୁତର ସମସ୍ୟା ସୃଷ୍ଟି ହୋଇଛି। ଶାଳପଡା ୧୨ ନମ୍ବର ୱାର୍ଡ଼ର ସମସ୍ତ ବର୍ଷାଜଳ ଅଣ୍ଡର ପାସ୍ ଦେଇ ଅତିକ୍ରମ କରୁଛି। ବର୍ଷା ସମୟରେ ଯାତାୟାତରେ ବାଧା ସୃଷ୍ଟି ହେଉଛି। ସାଇକଲ ଓ ବାଇକ୍ ଯାତାୟତ ସମ୍ଭବ ହେଉନାହିଁ। ୧୬ ନମ୍ବର ଶୈଳଙ୍ଗ ଅଣ୍ଡରପାସ୍ ରାସ୍ତା ଦେଓଗାଁ ପାର୍ଶ୍ୱକୁ ସଂଯୋଗ କରୁଛି। ଏହି ସ୍ଥାନରେ ମଧ୍ୟ ସମାନ ଅବସ୍ଥା ଦେଖିବାକୁ ମିଳିଥିବାବେଳେ ବର୍ଷାଜଳ ନିଷ୍କାସନ ହୋଇପାରୁନାହିଁ। ଗତ ଲଘୁଚାପଜନିତ ବର୍ଷାରେ ଅଣ୍ଡରପାସ୍ ତଳେ ୫ ଫୁଟରୁ ଅଧିକ ପାଣି ପ୍ରବାହିତ ହୋଇଥିଲା। ଗତ ୫ ତାରିଖ ଦିନତମାମ ପାଣି ପ୍ରବାହିତ ହେବାରୁ ବାଇକ୍, ସାଇକଲ ଯାତାୟାତ କରିବା ସମ୍ଭବ ହୋଇ ନଥିଲା। ୧୪ ନମ୍ବର ୱାର୍ଡ ଘସିପୁରା ଅଣ୍ଡରପାସ୍ ଏଠାକାର ଜନସାଧାରଣଙ୍କ ପାଇଁ ଦୁଃଖ ପାଲଟିଛି। ଏଠାରେ ବର୍ଷାଦିନ ସାରା ଚାରିମାସ ଧରି ପାଣି ଜମି ରହୁଥିବାରୁ ଗୋଟିଏ ପାର୍ଶ୍ୱରେ ଯାତାୟାତ ସମ୍ଭବ ହେଉନାହିଁ। ଅନେକ ଖାଲ ପାଣିରେ ପଡି ହଟହଟା ହେଉଥିବା ନେଇ ସ୍ଥାନୀୟ ବାସିନ୍ଦା ହରିହର ସାହୁ କହିଛନ୍ତି। ଏନେଇ ଜାତୀୟ ରାଜପଥ ବିଭାଗ ଓ ସ୍ଥାନୀୟ ପ୍ରଶାସନ ଅବଗତ ରହିଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରଯାଉ ନଥିବା ଅଭିଯୋଗ ହୋଇଛି। ତୁରନ୍ତ ଏନେଇ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

● ଯୁବକକୁ ଗଳାକାଟି ହତ୍ୟା ଘଟଣା

## ହତ୍ୟାକାରୀଙ୍କୁ ଆଜୀବନ କାରାଦଣ୍ଡ

ବିଷମକଟକ,୪।୮ (ସମିସ): ଗତ ୨୦୨୧ ମସିହାରେ ରାୟଗଡ଼ ଜିଲ୍ଲା ଅମ୍ବାଦଳା ଥାନା ଅନ୍ତର୍ଗତ ରଘୁବାରି ଗ୍ରାମରେ ମକାବାଡରୁ ମକା ଚୋରି କରିଥିବା ଘଟଣାକୁ ନେଇ ହୋଇଥିବା ହତ୍ୟାକାଣ୍ଡରେ ବିଷମ କଟକ ଅତିରିକ୍ତ ଜିଲ୍ଲା ଜଜ୍ ଅଭିଯୁକ୍ତ ବାରିକା ସାହୁ (୭୧)ଙ୍କୁ ଆଜୀବନ କାରାଦଣ୍ଡ ସାଙ୍ଗକୁ ୧୦ ହଜାର ଟଙ୍କାର ଅର୍ଥଦଣ୍ଡ ଶୁଣାଇଛନ୍ତି । ଅର୍ଥଦଣ୍ଡ ଅନାଦେୟ ଆଉ ଏକ ବର୍ଷ କାରାଦଣ୍ଡ ଭୋଗିବାକୁ ପଡିବ । ଉଲ୍ଲେଖଯୋଗ୍ୟ, ଅମ୍ବାଦଳା ଥାନା ରଘୁବାରି ଗ୍ରାମରେ ଜଣେ ୨୫ ବର୍ଷୀୟ ଯୁବକକୁ ଜଣେ ବୃଦ୍ଧ ଏକ ଧାରୁଆ ଅସ୍ତ୍ରରେ ଗଳାକାଟି ହତ୍ୟା କରିଥିଲେ । ହତ୍ୟାକାଣ୍ଡର ଶିକାର ହୋଇଥିବା ବ୍ୟକ୍ତି ଜଣକ ହେଲେ ଶିବ ଡଙ୍ଗୀରି (୨୫) । ଶିବ ଡଙ୍ଗରି ସେହି ଗ୍ରାମର ଏକ ଦୋକାନ ପିଣ୍ଡାରେ ଶୋଇଥିବା ବେଳେ ପଡୋଶୀ ପତରାପଡା ଗ୍ରାମର ବାରିକ ସାହୁ ଆସି ଏକ ଧାରୁଆ ଅସ୍ତ୍ରରେ ଶିବ ତାର ବେକ କାଟି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ଏନେଇ ଶିବ ଡଙ୍ଗରିର ପରିବାର ଲୋକେ ଅମ୍ବାଦୋଳା ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୁଲିସ୍ ମାମଲା ରୁଜୁ କରି ବାରିକା ସାହୁଙ୍କୁ ଗରିଫ କରି କୋର୍ଟ ଚାଲାଣ କରିଥିଲା । ଏ ମାମଲାର ୫ବର୍ଷ ପରେ ଆଜି ବିଷମ କଟକ ଅତିରିକ୍ତ ଜିଲ୍ଲାଜଜ୍ ମାମଲାର ଶୁଣାଣି କରିଥିଲେ । ସରକାରୀ ଓକିଲ ଶଙ୍କର୍ଷଣ ରଥ ମାମଲା ପରିଚାଳନା କରୁଥିଲେ ।

## ଏରୋନଟିକ୍ସ ମହାବିଦ୍ୟାଳୟ ଉପାଧ୍ୟକ୍ଷଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ସୁନାବେଡ଼ା, ୪।୮ (ସମିସ): ଏରୋନଟିକ୍ସ ମହାବିଦ୍ୟାଳୟର ଇଂରାଜୀ ବିଭାଗର ମୁଖ୍ୟ ତଥା ଉପାଧ୍ୟକ୍ଷ ଡକ୍ଟର ସଞ୍ଜୟ ପୁରୋହିତ ତିରିଶ ବର୍ଷରୁ ଅଧିକ ସମୟର ସଫଳ ଶିକ୍ଷାଦାନ ଓ ସେବା ନିର୍ବାହ କରିବା ପରେ ଜୁଲାଇ ୩୧ରେ ଅବସର ଗ୍ରହଣ କରିଛନ୍ତି । ଏହି ଉପଲକ୍ଷେ ମହାବିଦ୍ୟାଳୟ ପରିସରରେ ଏକ ଭାବପୂର୍ଣ୍ଣ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା ।



ମହାବିଦ୍ୟାଳୟର ଅଧ୍ୟକ୍ଷା ଅନସୂୟା ନନ୍ଦଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଇଂରାଜୀ ବିଭାଗର ବରିଷ୍ଠ ପ୍ରାଧ୍ୟାପକ ଡକ୍ଟର ରବିନାରାୟଣ ସାମନ୍ତରାୟ ସଭା ପରିଚାଳନା କରିଥିଲେ । ପ୍ରାରମ୍ଭରେ ଗଣିତ ବିଭାଗର ମୁଖ୍ୟ ଗୌରୀ ଶଙ୍କର ରଥ ଡକ୍ଟର ପୁରୋହିତଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ । ଏହି ଅବସରରେ ଏଚ.ଏ.ଏଲ୍. ଇଞ୍ଜିନ ପ୍ରଭାଗର ମହାପ୍ରବନ୍ଧକ ତଥା ଏ.ଇ.ଏସ୍. ର ପ୍ରଥମ ଉପସଭାପତି କଲ୍ଲୋଳ ଭଟ୍ଟାଚାର୍ଯ୍ୟ, ସୁଖୋଇ ପ୍ରଭାଗର ମହାପ୍ରବନ୍ଧକ ତଥା ଏ.ଇ.ଏସ୍. ର ଦ୍ୱିତୀୟ ଉପସଭାପତି ସରୋଜ କୁମାର ପଣ୍ଡା, ଉପ-ମହାପ୍ରବନ୍ଧକ (ଗୁଣବତ୍ତା) ତଥା ମହାବିଦ୍ୟାଳୟର ସାଧାରଣ ସମ୍ପାଦକ ଏନ୍. ରବିଶଙ୍କର ପଟ୍ଟନାୟକ, ସହକାରୀ ଉପ-ମହାପ୍ରବନ୍ଧକ (ଅର୍ଥ) ତଥା ଏ.ଇ.ଏସ୍. ର କୋଷାଧ୍ୟକ୍ଷ ଅନୁଜ କୁମାର ସିଂ ଚୌହାନ ଏବଂ ମୁଖ୍ୟ ପରିଚାଳକ (ପ୍ରକଳ୍ପ) ତଥା ମହାବିଦ୍ୟାଳୟର ସମ୍ପାଦକ ବିଶେଶ୍ୱର ସେନାପତି ଡକ୍ଟର ପୁରୋହିତଙ୍କୁ ଫୁଲଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ ।

## ନନ୍ଦ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ



ଜୟପୁର,୪।୮ (ସମିସ): ଜୟପୁର ଠାରେ ଆସନ୍ତା ନନ୍ଦ ଉତ୍ସବ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ କୋରାପୁଟ ଜିଲ୍ଲା ଷୋହଳ ଖଣ୍ଡ ଗୋପାଳ ସମାଜ ପକ୍ଷରୁ ଜୟପୁର ଟାଉନ ହଲ ପରିସରରେ ଆସନ୍ତା ସେପ୍ଟେମ୍ବର ୫ ତାରିଖରେ ଏହା ପାଳନ କରାଯିବ । ଏନେଇ ଜିଲ୍ଲା ସଭାପତି ପରମେଶ୍ୱର ପାତ୍ରଙ୍କ ଅଧ୍ୟକ୍ଷତାରେ ଆଜି ସ୍ଥାନୀୟ ଯାଦବ ଭବନ ପରିସରରେ ପ୍ରସ୍ତୁତି ବୈଠକରେ ସମ୍ପାଦକ ରାଜେନ୍ଦ୍ର ଗୌଡ଼ କହିଥିଲେ ଯେ, ଦୀର୍ଘ ୪୦ ବର୍ଷ ହେବ ସମାଜ ପକ୍ଷରୁ ଏଭଳି କାର୍ଯ୍ୟକ୍ରମ ପ୍ରତିବର୍ଷ ପାଳିତ ହେଉଛି । ସହରର ବିଭିନ୍ନ ସ୍ଥାନ ସମେତ କୋରାପୁଟ ଏବଂ ବୈପାରିଗୁଡ଼ାରେ ମଧ୍ୟ ପାଳିତ ହୋଇଥିଲା । ଚଳିତବର୍ଷ ପୂର୍ବ ବର୍ଷ ଅପେକ୍ଷା ଅଧିକ ଶୃଙ୍ଖଳିତ ଏବଂ ପାରମ୍ପରିକ ଭାବେ ପାଳନ କରାଯିବା ନେଇ ମତ ଦେଇଥିଲେ । ବୈଠକରେ ଉପଦେଷ୍ଟା ଡାକ୍ତର ସୁଦର୍ଶନ ଗୌଡ଼, ମୁଠା ସଭାପତି ଭାସ୍କର ଗୌଡ, ନରେଶ ମହାକୁଳ ସଂଯୋଜନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରବି ନାରାୟଣ ଗୌଡ଼, ଦଣ୍ଡାସୀ ଗୌଡ଼, ନାରାୟଣ ଗୌଡ଼, କୃଷ୍ଣଚନ୍ଦ୍ର ଗୌଡ଼, ମାଗୁଣୀ ଗୌଡ଼, ରାମଚନ୍ଦ୍ର ମହାଙ୍କୁଡ଼, ବିଜୟ ଗୌଡ଼, ରାଧେଶ୍ୟାମ ଗୌଡ ପ୍ରମୁଖ ଉପସ୍ଥିତ ଥିଲେ ।

## ବାଇସିଙ୍ଗିରେ ଆଦିବାସୀ ଗ୍ରାମ ସମ୍ମିଳନୀ



ରାୟଗଡ଼,୪।୮ (ସମିସ): ଆଦିବାସୀ ଯୁବଶକ୍ତି ସଂଗଠନ ପକ୍ଷରୁ ରାୟଗଡ ସଦର ବ୍ଲକ ଅନ୍ତର୍ଗତ ବାଇସିଙ୍ଗି ଗ୍ରାମ ପଞ୍ଚାୟତର ବାଇସିଙ୍ଗି ଗ୍ରାମରେ ଆଦିବାସୀ ଗ୍ରାମ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ସମ୍ମିଳନୀରେ ଗ୍ରାମର ଯୁବକମାନଙ୍କୁ ନେଇ ଆୟୂଷର ଗ୍ରାମ କମିଟି ଗଠନ କରାଯିବା ସହ ଗ୍ରାମର ୭ଟି ପ୍ରମୁଖ ସମସ୍ୟା ଚିହ୍ନଟ କରାଯାଇଥିଲା । ସମସ୍ୟାଗୁଡ଼ିକର ସମାଧାନ ପାଇଁ ସଂଗଠନ ପକ୍ଷରୁ ପର୍ଯ୍ୟାୟକ୍ରମେ କାର୍ଯ୍ୟ କରାଯିବ ବୋଲି ସୂଚନା ଦିଆଯାଇଛି । ସମ୍ମିଳନୀରେ ସଂଗଠନର ପ୍ରତିଷ୍ଠାତା ତଥା ସମାଜସେବୀ ବିଜୟ କୁମାର ମେଲାକା ସଭାପତିତ୍ୱ କରିଥିବା ବେଳେ ସହ-ପ୍ରତିଷ୍ଠାତା କାମେଶ୍ୱର ବିଡିକା ସହଯୋଗ କରିଥିଲେ । ଏହି ଅବସରେ ଯୋହନ ତାଡିଙ୍ଗି, ରାଙ୍ଗା ପାଲାକ, ଗୁରୁନାଥ ତାଡିଙ୍ଗି, ନରି ତାଡିଙ୍ଗି, ମଣିକଣ୍ଠ ତାଡିଙ୍ଗି, ଲୋକେଶ ତାଡିଙ୍ଗି, ବିକ୍ରମ ତାଡିଙ୍ଗି, ଗିରପା ତାଡିଙ୍ଗି, ଲଦା ସିରିକା ଏବଂ ଜାମା ତାଡିଙ୍ଗି ସ୍ୱେଚ୍ଛାକୃତ ଭାବେ ଆୟୁସର ଗ୍ରାମ କମିଟିର ସଦସ୍ୟତା ଗ୍ରହଣ କରିଥିଲେ । ସୂଚନାଯୋଗ୍ୟ ଯେ, ଆଦିବାସୀ ଯୁବଶକ୍ତି ସଂଗଠନ ୧ ମଇ ୨୦୨୬ ତାରିଖରେ ଆଭାସୀ ମାଧ୍ୟମରେ ଶୁଭାରମ୍ଭ ହୋଇଥିଲା । ବର୍ତ୍ତମାନ ସୁଦ୍ଧା ରାଜ୍ୟ କାର୍ଯ୍ୟକାରିଣୀ କମିଟିରେ ୩୦ ଜଣ ଆଜୀବନ ସଦସ୍ୟ ସାମିଲ ଥିବା ବେଳେ ଓଡ଼ିଶାରେ ଏକ ଲକ୍ଷ ସଦସ୍ୟ ସଂଗ୍ରହ କରିବାର ଲକ୍ଷ୍ୟ ରଖାଯାଇଛି । "ଗ୍ରାମରୁ ଏକତା, ଏକତାରୁ ବିକାଶ" ସ୍ଲୋଗାନକୁ ଆଧାର କରି ସଂଗଠନ ଗ୍ରାଉଣ୍ଡ ଜିରୋସ୍ତରରୁ କାର୍ଯ୍ୟ ଆରମ୍ଭ କରିଛି । ବର୍ତ୍ତମାନ ସୁଦ୍ଧା ଆୟୂଶ ପକ୍ଷରୁ ଓଡ଼ିଶାର ୧୦ଟି ଜିଲ୍ଲାରେ ଜିଲ୍ଲା ସଂଯୋଜକ ଚୟନ ସମ୍ପନ୍ନ ହୋଇଥିବା ବେଳେ ପର୍ଯ୍ୟାୟକ୍ରମେ ଓଡ଼ିଶାର ସମସ୍ତ ୩୦ଟି ଜିଲ୍ଲା ଏବଂ ଭାରତର ୨୮ଟି ରାଜ୍ୟ ସମେତ ୮ଟି କେନ୍ଦ୍ରଶାସିତ ଅଞ୍ଚଳରେ ସଂଗଠନକୁ ସକ୍ରିୟ କରିବାକୁ ଯୋଜନା କରାଯାଇଛି ।

ବାଇକ୍‌କୁ ଧକ୍କା ଦେଇ ଟଙ୍କା ଲୁଟ୍ ମାମଲା

# ୨ ନାବାଳକ ଅଟକ, ଜଣେ ଗିରଫ

ଜୟପୁର,୪।୮ (ସମିସ): କୋରାପୁଟ ଜିଲ୍ଲା ଜୟପୁର ଟାଉନଥାନାର ଇରିଗେସନ କଲୋନୀ ଅଞ୍ଚଳରେ ଗତ ୩୦ ତାରିଖ ସଂଧ୍ୟାରେ ପୁଲିସ ବାଇକ୍‌କୁ ଧକ୍କା ଦେଇ ଟଙ୍କା ଲୁଟ ମାମଲାରେ ୨ ଜଣ ନାବାଳକଙ୍କ ସମେତ ୩ ଜଣଙ୍କୁ ଗିରଫ କରିଛନ୍ତି । ଗିରଫ ଅଭିଯୁକ୍ତ ଗୋପବନ୍ଧୁ ନଗରର ଜେ. ତରୁଣ (୧୮)ଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଅନ୍ୟ ୨ ଜଣ ଅଭିଯୁକ୍ତଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରାଯାଇଛି । ଏହି ମାମଲାରେ



ଅନ୍ୟ ଜଣେ ଅଭିଯୁକ୍ତ ଫେରାର ରହିଛନ୍ତି । ଅଭିଯୁକ୍ତ ମାନଙ୍କ ଠାରୁ ଲୁଟରେ ବ୍ୟବହୃତ ଦୁଇ ସ୍କୁଟି ବାଇକ ଏବଂ ୨ ହଜାର ଟଙ୍କା ଜବତ କରାଯାଇଛି । ଟାଉନଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତଙ୍କ ସୂଚନା ଅନୁଯାୟୀ, ଗତ ଜୁଲାଇ ୩୦ ତାରିଖରେ ବୈପାରୀଗୁଡା ଅଞ୍ଚଳର ଦୁଇ ଭାଇ କୌଣସି କାର୍ଯ୍ୟରେ ଇରିଗେସନ କୋଲନୀ ନିଜ ସମ୍ପର୍କୀୟଙ୍କ ଘରକୁ ଆସି ସଂଧ୍ୟାରେ ବାଇକ୍ ଯୋଗେ ଫେରୁଥିବା ବେଳେ ଦୁଇଟି ବାଇକ୍‌ରେ ୪ଜଣ ଅଭିଯୁକ୍ତ ମାନେ ଆସି ବାଇକ୍‌ରେ ଯାଉଥିବା ବେଳେ ବାଇକକୁ ଧକ୍କା ଦେଇଥିଲେ ଏବଂ ଏହାପରେ ଦୁଇ ଭାଇଙ୍କୁ ମାରପିଟ କରିଥିଲେ । ସେମାନଙ୍କ ପକେଟ୍ ଜୋରଜବରଦସ୍ତ ଏକ ହଜାର ଟଙ୍କା ଏବଂ ଫୋନ୍ ପେ ମାଧ୍ୟମରେ ୨ ହଜାର ଟଙ୍କା ଲୁଟ କରିନେଇଥିଲେ । ଏଥିନେଇ ଅଭିଯୋଗକାରୀ ଟାଉନଥାନାରେ ଲିଖିତ ଅଭିଯୋଗ କ୍ରମେ ଏକ ମାମଲା ରୁଜୁ ହେବା ସହିତ ଏସଆଇ ଗୋବିନ୍ଦ ହାଁସଦା ତଦନ୍ତ କରିବା ସହିତ ଅଭିଯୁକ୍ତ ମାନଙ୍କ ଗିରଫ କରିଥିଲେ ।

● ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଓଡ଼ିଆ ସାମ୍ବାଦିକତା ଦିବସ

## 'ସାମ୍ବାଦିକମାନେ ସମାଜର ପରିବର୍ତ୍ତନର ବାହକ'

ସୁନାବେଡ଼ା,୪।୮ (ସମିସ): ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ (ସିୟୁଓ)ର ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗ ପକ୍ଷରୁ ଆୟୋଜିତ ତିନିଦିନିଆ ଜାତୀୟ ସେମିନାର ଓ କର୍ମଶାଳାର ଦ୍ୱିତୀୟ ଦିନରେ ଓଡ଼ିଆ ସାମ୍ବାଦିକତା ଦିବସ ପାଳନ କରାଯାଇଥିଲା । ଏହି ଅବସରରେ ନବରଙ୍ଗପୁର, ଜୟପୁର, କୋରାପୁଟ, ସୁନାବେଡ଼ା, ସେମିଳିଗୁଡ଼ା, ଦାମନଯୋଡ଼ି ଓ ଲକ୍ଷ୍ମୀପୁରର ସାମ୍ବାଦିକମାନେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ସହ ତୃଣମୂଳ ସାମ୍ବାଦିକତାର ଅନୁଭୂତି ଓ ଚ୍ୟାଲେଞ୍ଜ ଉପରେ ଆଲୋଚନା କରିଥିଲେ । ବିଭାଗୀୟ ମୁଖ୍ୟ ଡ. ସୌରଭ ଗୁପ୍ତା କହିଥିଲେ ଯେ, ତୃଣମୂଳ ସ୍ତରର ସାମ୍ବାଦିକତାକୁ ସୁଦୃଢ଼ କରିବା ସହ ବିଶ୍ୱବିଦ୍ୟାଳୟ ଓ କ୍ଷେତ୍ରସ୍ତରୀୟ ସାମ୍ବାଦିକଙ୍କ ମଧ୍ୟରେ ସମନ୍ୱୟ ସୃଷ୍ଟି କରିବା ବିଭାଗର ପ୍ରମୁଖ ଲକ୍ଷ୍ୟ । ବୈଷୟିକ ଅଧିବେଶନରେ ପ୍ରଫେସର ଗଣେଶ ସେଠୀ, ବରିଷ୍ଠ ସାମ୍ବାଦିକ ନୀଳାମ୍ବର ରଥ ଏବଂ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଜନସମ୍ପର୍କ ଅଧିକାରୀ ଅବିନାଶ ପାଣି ଯୋଗଦେଇ ସାମ୍ବାଦିକତାର ବର୍ତ୍ତମାନ ସ୍ଥିତି, ଏଆଇର ପ୍ରଭାବ ଓ ତୃଣମୂଳ ସାମ୍ବାଦିକଙ୍କ ଭୂମିକା ଉପରେ ମତ ରଖିଥିଲେ । ପ୍ରଫେସର ଗଣେଶ ସେଠୀ କହିଥିଲେ ଯେ, ସାମ୍ବାଦିକମାନେ ସମାଜର ପ୍ରକୃତ ପରିବର୍ତ୍ତନର ବାହକ ।




ଗ୍ରାମାଞ୍ଚଳର ସାମ୍ବାଦିକ ମାନେ ସାଧାରଣ ଲୋକଙ୍କ ସ୍ୱରକୁ ସମାଜ ସମ୍ମୁଖରେ ପହଞ୍ଚାଇ ଗଣତନ୍ତ୍ରକୁ ସୁଦୃଢ଼ କରୁଛନ୍ତି । ନୀଳାମ୍ବର ରଥ କହିଥିଲେ ଯେ, ପ୍ରଯୁକ୍ତିର ବିକାଶ ସତ୍ତ୍ୱେ ସତ୍ୟନିଷ୍ଠା ଓ ସାହସ ହିଁ ସାମ୍ବାଦିକତାର ପ୍ରକୃତ ପରିଚୟ। ଅବିନାଶ ପାଣି କହିଥିଲେ ଯେ, ଏଆଇ କେବେ ବି ସାମ୍ବାଦିକଙ୍କ ବିକଳ୍ପ ହୋଇପାରିବ ନାହିଁ। ବରିଷ୍ଠ ସହକାରୀ ଅଧ୍ୟାପକ ଡ. ପ୍ରଦୋଷ ରଥ ଆଞ୍ଚଳିକ ଭାଷାର ଗଣମାଧ୍ୟମର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡା କହିଥିଲେ ଯେ, ଏଭଳି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କୁ ବ୍ୟବହାରିକ ସାମ୍ବାଦିକତାର ଅନୁଭୂତି ପ୍ରଦାନ କରିବା ସହ ବିଶ୍ୱବିଦ୍ୟାଳୟ ଓ ଗଣମାଧ୍ୟମ ମଧ୍ୟରେ ସମ୍ପର୍କକୁ ଆହୁରି ଦୃଢ଼ କରିବ । କର୍ମଶାଳାର ବ୍ୟବହାରିକ ଅଧିବେଶନରେ ସ୍ନାତକୋତ୍ତର ଛାତ୍ରଛାତ୍ରୀମାନେ ରାଜାକୁଟ ଗ୍ରାମ ପରିଦର୍ଶନ କରି ଖବର ସଂଗ୍ରହ, ରିପୋର୍ଟିଂ ଓ ଖବର ଲେଖନର ପ୍ରାୟୋଗିକ ତାଲିମ ଗ୍ରହଣ କରିଥିଲେ । ଏଥିସହ ୨୬ ଜଣ ଗବେଷକ ଓ ଅଂଶଗ୍ରହଣକାରୀ ଗଣମାଧ୍ୟମ ଓ ନୂତନ ପ୍ରଯୁକ୍ତି ସମ୍ପର୍କିତ ବିଭିନ୍ନ ଗବେଷଣାପତ୍ର ଉପସ୍ଥାପନ କରିଥିଲେ ।

● ଷ୍ଟଲ୍ ନମିଳିଲେ ଆନ୍ଦୋଳନ ଚେତାବନୀ

## ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲା ଉତ୍କଳ ମଜଦୂର ସଂଘ

କୋରାପୁଟ,୪।୮ (ସମିସ): ଅମଲା କୁଟୀର ରୋଡ୍ ନିକଟ ମୁଖ୍ୟ ନାଳ ମରାମତି ପୂର୍ବରୁ ସେଠାରେ ଥିବା ବ୍ୟବସାୟୀଙ୍କ ଷ୍ଟଲ ଗୁଡ଼ିକ ଭଙ୍ଗା ଯାଇ ନୂତନ ଷ୍ଟଲ ନିର୍ମାଣ କରାଯାଉଛି । ପରବର୍ତ୍ତୀ ସମୟରେ ଷ୍ଟଲ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ମଧ୍ୟ ମିଳିଥିଲା । ତେବେ ବର୍ତ୍ତମାନ ଆବଣ୍ଟନ ପ୍ରକ୍ରିୟାରେ ଉତ୍କଳ ମଜଦୂର ସଂଘର ୨ଟି ଷ୍ଟଲକୁ ସାମିଲ କରାଯାଇ ନଥିବା ସଂଘ ସମ୍ପାଦକ ସୀମାଞ୍ଚଳ ପାଣିଗ୍ରାହୀ ଅଭିଯୋଗ କରିଛନ୍ତି । ଏନେଇ ସଂଘ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିବା ସହ ଷ୍ଟଲ ନମିଳିଲେ ବାଧ୍ୟ ହୋଇ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି । ଅନ୍ୟପଟେ, ପୌର ପରିଷଦ ନିର୍ବାହୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀଙ୍କ କହିବା ଅନୁଯାୟୀ, ଉତ୍କଳ ମଜଦୂର ସଂଘ ନାମରେ ପୂର୍ବରୁ ଏକ କମ୍ୟୁନିଟି ହଲ୍ ରହିଥିବାରୁ ସେମାନଙ୍କୁ ନୂଆ ଷ୍ଟଲ ଆବଣ୍ଟନ କରାଯାଇ ନାହିଁ। କଥାବାର୍ତ୍ତା ସମୟରେ ସରକାରୀ ଲିଜ୍ ସୂତ୍ରରେ ହଲ ନିର୍ମାଣ ହୋଇଥିବା କଥାକୁ ସଂଘ ଲୁଚାଇଥିବା ସେ କହିଛନ୍ତି । କୋରାପୁଟ ପୌର ପରିଷଦ ଭିତରେ ଜଣେ ବ୍ୟକ୍ତିଙ୍କୁ ଗୋଟିଏ ଥର ହିଁ ଯାଗା ଦେଉଛୁ । ତେଣୁ ତାଙ୍କ ସହ ଚୁକ୍ତିନାମା ବାତିଲ ହୋଇଥିବା ସେ କହିଛନ୍ତି । ସେହି ସ୍ଥାନରେ ଶୌଚାଳୟ କିମ୍ବା ପାର୍କିଂ ବ୍ୟବସ୍ଥା କରାଯିବ ବୋଲି ପୌର ପରିଷଦ ଅଧିକାରୀ ଶ୍ରୀ ତ୍ରିପାଠୀ କହିଛନ୍ତି ।

## 'ବରଗଛ ବନ୍ଧୁ ଅଭିଯାନ' କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସାମିଲ

ବୈପାରିଗୁଡ଼ା,୪।୮ (ସମିସ): ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ "ବରଗଛ ବନ୍ଧୁ ଅଭିଯାନ' ଅବସରରେ ବୈପାରିଗୁଡା ବନାଞ୍ଚଳ ଅଧୀନ କେବଡାଅଟାଳ ଗ୍ରାମରେ ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଜଙ୍ଗଲ ସୁରକ୍ଷା, ସବୁଜ ପରିବେଶର ସଂରକ୍ଷଣ ଓ ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ଜନସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଗତକାଲି କାର୍ଯ୍ୟକ୍ରମରେ କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାରାରୋପଣ କରିଥିଲେ । ସେ କହିଥିଲେ ଯେ, ପରିବେଶର ସନ୍ତୁଳନ ରକ୍ଷା, ଜଳବାୟୁ ପରିବର୍ତ୍ତନର ପ୍ରଭାବ ହ୍ରାସ ଏବଂ ଆଗାମୀ ପିଢ଼ି ପାଇଁ ସବୁଜ ପୃଥିବୀ ଗଢ଼ି ତୋଳିବାରେ ଚାରାରୋପଣର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କେବଳ ଗଛ ଲଗାଇଲେ ହେବ ନାହିଁ, ଏହାର ଯତ୍ନ ଓ ସୁରକ୍ଷା ମଧ୍ୟ ସମସ୍ତଙ୍କ ଦାୟିତ୍ୱ ବୋଲି ସେ କହିଥିଲେ । ଏହି ଅଭିଯାନରେ କୋରାପୁଟ ସିଡିଓ ବେଣୁଧର ଶବର, ଜୟପୁର ଡିଏଫଓ, ଏସିଏଫ ଜୟପୁର, ବୈପାରିଗୁଡା ବିଡିଓ ସୁବ୍ରତ ସାହୁ, ବୈପାରିଗୁଡା ବନାଞ୍ଚଳ ଅଧିକାରୀ ସନ୍ଦୀପ ପାଣିଗ୍ରାହୀ, ବନପାଳ ରଞ୍ଜିତା ନାୟକଙ୍କ ସମେତ ବନ ବିଭାଗର କର୍ମଚାରୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରଜାତିର ଚାରା ରୋପଣ କରାଯିବା ସହ ଜଙ୍ଗଲ ସୁରକ୍ଷା, ବନ୍ୟଜନ୍ତୁ ସଂରକ୍ଷଣ ଏବଂ ପ୍ରତ୍ୟେକ ବ୍ୟକ୍ତି ଅତି କମରେ




ଗୋଟିଏ ଗଛ ଲଗାଇ ତାହାର ଯତ୍ନ ନେବାକୁ ଆହ୍ୱାନ କରାଯାଇଥିଲା । ବରଗଛ ବନ୍ଧୁ ଅଭିଯାନ ମାଧ୍ୟମରେ ସବୁଜ ଓ ସୁସ୍ଥ ପରିବେଶ ଗଢ଼ି ତୋଳିବା ସହ ଜଳବାୟୁ ସନ୍ତୁଳନ ରକ୍ଷା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଉପସ୍ଥିତ ଅତିଥିମାନେ ମତ ପ୍ରକାଶ କରିଥିଲେ ।

## ଭୂମିହୀନ ପରିବାରଙ୍କୁ ଘରଡିହ ପଟ୍ଟା ବଣ୍ଟନ



ନନ୍ଦପୁର,୪।୮ (ସମିସ): ଭୂମିହୀନଙ୍କୁ ସ୍ଥାୟୀ ବସବାସର ସୁବିଧା ଯୋଗାଇବା ଉଦ୍ଦେଶ୍ୟରେ ବସୁନ୍ଧରା ଯୋଜନା ରେ ନନ୍ଦପୁର ତହସିଲ ପକ୍ଷରୁ ଘରଡିହ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ନନ୍ଦପୁର ବ୍ଲକ ଅଧିନସ୍ଥ ବାଲଡା ପଞ୍ଚାୟତ ଅନ୍ତର୍ଗତ ଚିଲମ ଗାଁର ୧୩ ଭୂମିହୀନ ପରିବାରକୁ ଚିହ୍ନଟ କରାଯାଇ ସେମାନଙ୍କୁ ଘରଡିହ ପଟ୍ଟା ପ୍ରଦାନ କରାଯାଇଛି ।

● ଚିଲମ ଗାଁର ୧୩ ହିତାଧିକାରୀ ଉପକୃତ

ତହସିଲଦାର ଦେବବ୍ରତ ମହାରଣାଙ୍କ ଉପସ୍ଥିତିରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ତହସିଲଦାର ମାଧବ ପାଙ୍ଗି, ରାଜସ୍ୱ ସୁପରଭାଇଜର ସୋମନାଥ ମୁଦୁଲି ଏବଂ ରାଜସ୍ୱ ନିରୀକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ । ସୂଚିତ ଯେ ଗତ ଜୁନ୍ ୪ ତାରିଖରେ ନନ୍ଦପୁର ତହସିଲ ତରଫରୁ ସାରିଆପୁଟର ୫୦ରୁ ଅଧିକ ହିତାଧିକାରୀଙ୍କୁ ନିଜସ୍ୱ ଜମି ପଟ୍ଟା ବଣ୍ଟନ କରାଯାଇଥିଲା । ଏହି ଅବସରରେ ତହସିଲଦାର ଶ୍ରୀ ମହାରଣା କହିଛନ୍ତି ଯେ, ନନ୍ଦପୁର ତହସିଲ ଅଞ୍ଚଳରେ ରହୁଥିବା ଅନ୍ୟ ଭୂମିହୀନ ପରିବାରମାନଙ୍କୁ ମଧ୍ୟ ପର୍ଯ୍ୟାୟକ୍ରମେ ଚିହ୍ନଟ କରାଯାଇ ସରକାରୀ ଯୋଜନା ଅନୁଯାୟୀ ଜମି ପ୍ରଦାନ କରାଯିବ । ଚିଲମ ଗ୍ରାମର ୱାର୍ଡ ସଭ୍ୟ ଓ ଗ୍ରାମ ବାସୀ ଏହି ପଦକ୍ଷେପକୁ ସ୍ୱାଗତ କରି ରାଜ୍ୟ ସରକାର ଓ ସ୍ଥାନୀୟ ପ୍ରଶାସନ ପ୍ରତି କୃତଜ୍ଞତା ଜଣାଇଛନ୍ତି । ପଟ୍ଟା ବଣ୍ଟନ ପରେ ହିତାଧିକାରୀମାନେ ମଧ୍ୟ ଖୁସି ବ୍ୟକ୍ତକରିଥିଲେ ।

## ବୃଦ୍ଧବୃଦ୍ଧାଙ୍କ ଘରେ ପହଞ୍ଚି ସେବା ଯୋଗାଇଲେ ବ୍ୟାଙ୍କ୍ କର୍ତ୍ତୃପକ୍ଷ



ଇନ୍ଦ୍ରାବତୀ,୪।୮ (ସମିସ): ବୃଦ୍ଧବୃଦ୍ଧାଙ୍କ ଘରେ ପହଞ୍ଚି ସେବା ଯୋଗାଇଲେ ବ୍ୟାଙ୍କ କର୍ତ୍ତୃପକ୍ଷ । ଇନ୍ଦ୍ରାବତୀ ପ୍ରକଳ୍ପ ଖାତିଗୁଡା କଲୋନୀରେ ରହୁଥିବା ଶିବ ମନ୍ଦିର ପୂର୍ବତନ ପୂଜକ ସୀମାଞ୍ଚଳ ପାଢ଼ୀ (୮୩) ଓ ସହଧର୍ମିଣୀ ପ୍ରେମଶିଳା ପାଢ଼ୀ (୭୬) ବୟସାଧିକ୍ୟ କାରଣରୁ ଶାରୀରିକ ଅକ୍ଷମ ହୋଇ ଘର ମଧ୍ୟରେ ବହୁକଷ୍ଟରେ ସମୟ ଅତିବାହିତ କରୁଛନ୍ତି । ଇତି ମଧ୍ୟରେ ସେମାନଙ୍କ ବାର୍ଦ୍ଧକ୍ୟ ଭତ୍ତା ଗତ ୩ ମାସର ମିଳିନଥିବାରୁ ଆଶା ଓ ଆଶଙ୍କା ମଧ୍ୟରେ ଭତ୍ତା ଟଙ୍କା ପାଇଁ ଅପେକ୍ଷା କରିଥିଲେ । ତେବେ ସେମାନଙ୍କ କେୱାଇସି ହୋଇ ନଥିବାରୁ ଭତ୍ତା ଟଙ୍କା ସେମାନଙ୍କ ବ୍ୟାଙ୍କ ଖାତାରେ ଜମା ହୋଇ ପାରୁ ନଥିଲା । ତେବେ ଭାରତୀୟ ଷ୍ଟେଟ ବ୍ୟାଙ୍କ ଖାତିଗୁଡା ଶାଖା ପରିଚାଳକ ସଞ୍ଜୀବ କୁମାର ବୁଡ଼ା ଓ କ୍ଷେତ୍ରାଧିକାରୀ ଜ୍ୟୋତି କୁମାର ହାଲଦାର୍ ଘଟଣା ସମ୍ପର୍କରେ ଅବଗତ ହୋଇ ତୁରନ୍ତ ଅଧିନସ୍ତ କର୍ମଚାରୀ ଉପେନ୍ଦ୍ର ବିଷୋୟୀଙ୍କୁ ପଠାଇ ବୃଦ୍ଧବୃଦ୍ଧାଙ୍କ ଘରେ ପହଞ୍ଚି ସେମାନଙ୍କୁ ବ୍ୟାଙ୍କ ସେବା ଯୋଗାଇ ଦେଇଥିଲେ । ଏଥିରେ ସମାଜସେବୀ ଦୀପକ ଚନ୍ଦ୍ର ରାଉତ ଓ ପୃଥିରାଜ ପାଇକରାୟ ସେମାନଙ୍କୁ ସହଯୋଗ କରିଥିଲେ । ଭାରତୀୟ ଷ୍ଟେଟ ବ୍ୟାଙ୍କର ସମୟୋପଯୋଗୀ ପଦକ୍ଷେପ ମାନବିକତା ସହଯୋଗ ପାଇଁ ପୂଜକ ଦମ୍ପତ୍ତି ସେମାନଙ୍କୁ ସାଧୁବାଦ ଜଣାଇଛନ୍ତି ।

## ମିଶନ ଶକ୍ତି ମହାସଂଘର ରେଡକ୍ରସ ପାଣ୍ଠିକୁ ସହାୟତା

କୋରାପୁଟ,୪।୮ (ସମିସ): କୋରାପୁଟ ଜିଲ୍ଲା ମିଶନ ଶକ୍ତି ମହାସଂଘ ପକ୍ଷରୁ ଜିଲ୍ଲା ରେଡକ୍ରସ ପାଣ୍ଠିକୁ ୫୧ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରା ଯାଇଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ ସମୟରେ ଗରିବ ଏବଂ ନିଃସହାୟ ଲୋକଙ୍କୁ ରେଡକ୍ରସ ପାଣ୍ଠିରୁ ସହାୟତା ଯୋଗାଇ ଦିଆଯାଇଥାଏ । ତେଣୁ ମିଶନ ଶକ୍ତି ଜିଲ୍ଲା ପ୍ରକଳ୍ପ ସଂଯୋଜକ ଅମ୍ରିତ କୁମାର ପାଢ଼ୀ ଓ ଆକାଉଣ୍ଟାଣ୍ଟ ଉମେଶ ଶବରଙ୍କ ପରାମର୍ଶରେ ମହାସଂଘ ପକ୍ଷରୁ ଏହି ନିଷ୍ପତ୍ତି ନିଆ ଯାଇଥିବା ଜିଲ୍ଲା ମିଶନ ଶକ୍ତି ମହାସଂଘ



ସଭାନେତ୍ରୀ ଜ୍ୟୋତି ରେଖା ଚେଟ୍ଟି ସୂଚନା ଦେଇଛନ୍ତି । ମଙ୍ଗଳବାର ଅପରାହ୍ନରେ ଶ୍ରୀମତୀ ଚେଟ୍ଟିଙ୍କ ସହ ସମ୍ପାଦିକା ଧନିତ୍ରୀ ଗଲରି, ସଦସ୍ୟା ସୁଜାତା ପାଣିଗ୍ରାହୀ, ମିଥିଳା ଶୀଷା ଜୟନ୍ତୀ ବିବାର, ବି ପୁନ୍ୟବତି, ଝୁମୁକି ପୂଜାରୀ, ରାଧା ପୂଜାରୀ, ସଞ୍ଜିତା ଗରଡା, ପଦ୍ମା ଡାକୁଆ ପ୍ରମୁଖ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କୁ ସାକ୍ଷାତ କରି ସହାୟତା ରାଶି ଚେକ ପ୍ରଦାନ କରିଥିଲେ । ମିଶନ ଶକ୍ତିର ଏଭଳି ମହତ କାର୍ଯ୍ୟକୁ ଜିଲ୍ଲାପାଳ ପ୍ରଶଂସା କରିଥିଲେ ।

ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ

# ମୁଖ୍ୟରାସ୍ତାରେ ହେବ ପତାକା ଉତ୍ତୋଳନ, ପ୍ୟାରେଡ

ଜୟପୁର, ୪।୮ (ସମିସ): କୋରାପୁଟ ଜିଲ୍ଲା ଜୟପୁର ଉପଖଣ୍ଡ ସ୍ତରୀୟ ୮୦ତମ ସ୍ୱାଧୀନତା ଦିବସ ପାଳନ ନେଇ ମଙ୍ଗଳବାର ଅପରାହ୍ନରେ ପ୍ରସ୍ତୁତି ବୈଠକ ସ୍ଥାନୀୟ ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି । ଉପଜିଲ୍ଲାପାଳ ଯଦୁମଣି ନାୟକଙ୍କ ଅଧ୍ୟକ୍ଷତାରେ ହେବାକୁ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମ ଦଶହରା ପଡିଆ ବଦଳରେ ସ୍ଥାନୀୟ ସହରର ସର୍ଦ୍ଦାର ବଲ୍ଲଭଭାଇ ପଟେଲ ମାଗରେ ଆୟୋଜିତ କରିବାକୁ ନିଷ୍ପତି ନିଆଯାଇଛି । ମୁଖ୍ୟଅତିଥି ଭାବେ ଉପଜିଲ୍ଲାପାଳ ଯୋଗଦେଇ ପତାକା ଉତ୍ତୋଳନ କରିବେ । ଭୋର ୫ଟା ଠାରୁ ଡାକବାଜି ଯନ୍ତ୍ର ଯୋଗେ ସହରରେ ରାମଧୂନ ପରିବେଷଣ ହେବ ଏବଂ ପୂର୍ବାହ୍ନ ୭ଟାରୁ ସାଢେ ୮ ମଧ୍ୟରେ ସମସ୍ତ ସରକରୀ ଓ ବେସରକାରୀ ଅନୁଷ୍ଠାନ ମାନଙ୍କରେ ପତାକା ଉତ୍ତୋଳନ କରାଯିବ । ମୁଖ୍ୟରାସ୍ତା ପ୍ୟାରେଡ ସ୍ଥଳରେ ଚଳିତ ବର୍ଷ ୪୨ଟି ଦଳ ପ୍ୟାରେଡରେ ଯୋଗଦେବେ । ପ୍ରତ୍ୟେକ ବର୍ଷ ଭଳି ଉତ୍କଳ ବାଲାଶ୍ରମ ନିବାସର ଅନ୍ତେବାସୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଶଯ୍ୟାଶାୟୀ ରୋଗୀ ଓ ସ୍ୱତନ୍ତ କାରାଗାର ଅନ୍ତେବାସୀଙ୍କୁ ମିଷ୍ଟାନ ଓ ଫଳ ବଣ୍ଟନ କରାଯିବ । ଏହି ଅବସରରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ଓଡିଆ ପ୍ରବନ୍ଧ, ବକ୍ତୃତା, ଦେଶାତ୍ମବୋଧକ ସଙ୍ଗୀତ, ଚିତ୍ରକଳା ପ୍ରତିଯୋଗିତା ଗୁଡିକ ଆୟୋଜିତ




ହେବା ସହିତ କୃତି ଛାତ୍ରଛାତ୍ରୀଙ୍କୁ ସ୍ୱାଧୀନତା ଦିବସ ଅବସରରେ ମଞ୍ଚ ଉପରେ ପୁରସ୍କୃତ କରାଯିବ ବୋଲି ନିଷ୍ପତି ହୋଇଥିଲା । ବୈଠକରେ ଏସ୍‌ଡିପିଓ ଅର୍ପିତା ମିତ୍ତଲ, ତହସିଲଦାର ସବ୍ୟସାଚୀ ଜେନା, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ପୂଜା ରାଉତ ଉପସ୍ଥିତ ଥିଲେ । ଏହି ବୈଠକକୁ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଯୋଶଦା ଗାଦବା ପରିଚାଳନା କରିଥିଲେ ଏବଂ ଅନ୍ୟମାନଙ୍କ ମଧ୍ୟରେ ଟାଉନ ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ, ବ୍ଲକ ଗୋଷ୍ଠି ଶିକ୍ଷା ଅଧିକାରୀ ଚନ୍ଦନ ନାୟକ, ସହକାରୀ ଯନ୍ତ୍ରୀ ରାସ୍ତା ଓ କୋଠାବାଡି ବିପ୍ଳବ କୁଅଁର, ବିଶ୍ୱବିଦ୍ୟାଳୟର ଏନସିସି ଅଧିକାରୀ ଡଃ. ଲକ୍ଷ୍ମଣ ପାତ୍ର, ଜନସ୍ୱାସ୍ଥ୍ୟ ବିଭାଗର ସହକାରୀ ଯନ୍ତ୍ରୀ ସୁବାଶ ସିଂ, ବିଭିନ୍ନ ବିଦ୍ୟାଳୟର କ୍ରୀଡା ଶିକ୍ଷକ ଏବଂ ଅନ୍ୟାନ୍ୟ ଶିକ୍ଷକ ମାନେ ଉପସ୍ଥିତ ଥିଲେ । ଏହିପରି ୧୧ ତାରିଖରୁ ୧୩ ତାରିଖ ପୂର୍ବାହ୍ନ ୬ଟ ଠାରୁ ୯ଟା ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାରେ ପ୍ୟାରେଡ ଅଭ୍ୟାସ କରାଯିବ । ସୂଚନା ଯୋଗ୍ୟ, ଗତ ୨୦୧୯ ମସିହାରେ ତତ୍କାଳୀନ ଉପଜିଲ୍ଲାପାଳ ସ୍ୱାଧିନତାତମ ଦିବସ ପାଳନ ମୁଖ୍ୟରାସ୍ତାରେ ଆୟୋଜନ କରିଥିଲେ । ଗତବର୍ଷ ପ୍ରବଳ ବର୍ଷା ଯୋଗୁଁ ଦଶହରାପଡିଆ ଠାରେ ଆୟୋଜିତ ପ୍ୟାରେଡରେ କାଦୁଅ ଏବଂ ପାଣି ଯୋଗୁଁ ପ୍ୟାରେଡ ଦଳ ନାନା ସମସ୍ୟାର ସମ୍ମୁଖିନ ହୋଇଥିଲେ ।

● ୬ ମାସ ହେଲା ଭତ୍ତା ବନ୍ଦ

# ଦୁର୍ଦ୍ଦିନରେ ଦିନ କାଟୁଛନ୍ତି ଶାନ୍ତି



ଖଡ଼ିଆଳ, ୪।୮ (ସମିସ): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଅଧୀନ ନେହେନା ଗ୍ରାମର ବିଧବା ବୃଦ୍ଧା ଶାନ୍ତି ସୁନାନୀ (୮୨)ଙ୍କୁ ଗତ ଛଅମାସ ଧରି ବିଧବା ଭତ୍ତା ମିଳୁ ନ ଥିବା ଅଭିଯୋଗ କରିଛନ୍ତି। ଏହି ୩୫୦୦ ଟଙ୍କା ଭତ୍ତାହିଁ ତାଙ୍କର ଜୀବନ ନିର୍ବାହର ମୁଖ୍ୟଆଧାର ହୋଇଥିବା ବେଳେ, ଦୀର୍ଘଛଅ ଧରି ଏହା ବନ୍ଦ ରହିବାରୁ ସେ ଆର୍ଥିକସଙ୍କଟ ମଧ୍ୟରେ ରହି ଦୁର୍ଦ୍ଦିନରେ ଜୀବନ କାଟୁଛନ୍ତି। ଶାନ୍ତି ସୁନାନୀ ଭତ୍ତା ପୁନଃଚାଲୁ କରିବା ପାଇଁ ସମ୍ପୃକ୍ତ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ସମସ୍ୟାର ସମାଧାନ ହୋଇ ନ ଥିବା ସେ ଅଭିଯୋଗ କରିଛନ୍ତି। ବୃଦ୍ଧାବସ୍ଥାରେ ଖାଦ୍ୟ, ଔଷଧ ଓ ଦୈନନ୍ଦିନ ଖର୍ଚ୍ଚ ବହନ କରିବା ତାଙ୍କ ପାଇଁ କଷ୍ଟସାଧ୍ୟ ହୋଇ ପଡ଼ିଛି। ତେଣୁ ପ୍ରଶାସନ ତୁରନ୍ତ ତାଙ୍କର ବକେୟା ଭତ୍ତା ପ୍ରଦାନ ସହ ନିୟମିତ ଭାବେ ଭତ୍ତା ଯୋଗାଇବାକୁ ସ୍ଥାନୀୟଲୋକେ ଦାବି କରିଛନ୍ତି।

# ମିଡିଆ କ୍ଲବ୍ ପକ୍ଷରୁ ଓଡ଼ିଆ ସାମ୍ବାଦିକ ଦିବସ



ଜୁନାଗଡ଼, ୪।୮ (ସମିସ): ଜୁନାଗଡ଼ ଆର୍‌ଏମ୍‌ସି କନ୍‌ଫରେନ୍ସ ହଲ୍‌ରେ ମିଡ଼ିଆ କ୍ଲବ୍ ପକ୍ଷରୁ ଓଡ଼ିଆ ସାମ୍ବାଦିକ ଦିବସ ପାଳିତ ହୋଇଛି। ସଂଘର ସଭାପତି ଆଦିତ୍ୟ ପ୍ରସାଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାମ୍ବାଦିକମାନଙ୍କ ବିଭିନ୍ନ ସମସ୍ୟା, ଅସୁବିଧା ଏବଂ ସାମ୍ବାଦିକତାର ବର୍ତ୍ତମାନ ସ୍ଥିତି ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ମୁକେଶ୍ ଅଗ୍ରୱାଲ୍ ଯୋଗଦେଇ ସାମ୍ବାଦିକମାନଙ୍କ ସମସ୍ୟାର ସମାଧାନ, ସାମ୍ବାଦିକତାର ନୈତିକତା ଓ ସାମାଜିକ ଦାୟିତ୍ୱ ସମ୍ପର୍କରେ ନିଜର ମତାମତ ବ୍ୟକ୍ତ କରିଥିଲେ। ଏହି ଅବସରରେ ସଂଘର ସମ୍ପାଦକ ବିନୟ ଭୂଷଣ ଦଣ୍ଡସେନା, ଉପସଭାପତି ପୂର୍ଣ୍ଣ ପାଣିଗ୍ରାହୀ, ସହ-ସମ୍ପାଦକ ବାଲେଶ୍ୱର ସୁନାନୀ, କୋଷାଧ୍ୟକ୍ଷ ସ୍ୱଚ୍ଛଦୀପ ଆଦିତ୍ୟଙ୍କ ସମେତ ଜିତେନ୍ଦ୍ର ମେହେର, ଲାବଣ୍ୟ ନାଏକ, ସପ୍ତସ୍ୱର ପାଢ଼ୀ, ସୁରେଶ ବାଗ, ଦୁଲେନ୍ଦ୍ର ମେହେର ଏବଂ କାଳିଆ କନ୍ଦପାନ ପ୍ରମୁଖ ଉପସ୍ଥିତ ଥିଲେ।

# ସୁନାବେଡ଼ା ରାସ୍ତାରେ ବାଘ

କୋମନା, ୪।୮ (ସମିସ): ନୂଆପଡ଼ା ଜିଲ୍ଲା ସୁନାବେଡ଼ା ଅଭୟାରଣ୍ୟ ସୁନାବେଡ଼ା-ଜାମଗାଁ ରାସ୍ତାରେ ସୋମବାର ସନ୍ଧ୍ୟାରେ କିଛିଲୋକ କୋମନାରୁ ସୁନାବେଡ଼ା ଯାଉଥିବାବେଳେ ଏକ କଲରପତରିଆ ବାଘ ଦେଖିବାକୁ ପାଇଥିଲେ। ପ୍ରତାକ୍ଷ୍ୟଦର୍ଶୀଙ୍କ କହିବା ଅନୁସାରେ



୨ଟି ବାଘ ଥିଲେ। ଗୋଟିଏ କ୍ୟାମେରାରେ କୈଦ ହୋଇ ଥିବା ବେଳେ ଅନ୍ୟ ଏକ ବାଘ ଅନ୍ଧାରରେ ରହି ଯାଇଥିଲା। ସୁନାବେଡ଼ା ଅଭୟାରଣ୍ୟରେ ତୃଣଭୋଜୀ ପ୍ରାଣୀଙ୍କ ସଂଖ୍ୟା ବଢୁଥିବାରୁ ସେହି ଅନୁପାତରେ ମାଂସାସୀ ବିଶେଷ କରି କଲରାପତରିଆ ବାଘ ସଂଖ୍ୟା ବୃଦ୍ଧି ପାଉଛି। ସୁନାବେଡ଼ା ଅଭୟାରଣ୍ୟର ଅନେକ ସମୟରେ ରାତିରେ ବାଘ ଦେଖାଯାଇ ଥାଏ। ବାଘର ଗତିବିଧି ବନ୍ୟଜନ୍ତୁ ବିଭାଗ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି। ସନ୍ଧ୍ୟା ସମୟରେ ସୁନାବେଡ଼ା ଅଭୟାରଣ୍ୟ ଭିତରକୁ ନ ଯିବାକୁ ବାରଣ କରାଯାଇଛି।

# ଅବସରକାଳୀନ ସମ୍ବର୍ଦ୍ଧନା ସମାରୋହ



ସିନାପାଲି, ୪। ୮ (ସମିସ): ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଅଧୀନ ଗୋର୍ଲା ପଞ୍ଚାୟତ ପତିଆଲପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା ସମାରୋହ ଶିକ୍ଷକ ଓ ଛାତ୍ରଛାତ୍ରୀ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ସମାରୋହରେ ପତିଆଲପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ଅଶୋକ କୁମାର ରାୟଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ ପ୍ରଦାନ କରାଗଲା। ପ୍ରଧାନଶିକ୍ଷକ ଧନେଶ୍ୱର ବଞ୍ଜାରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ମୁଖ୍ୟଅତିଥି ଭାବେ ସିନାପାଲି ଗୋଷ୍ଠୀ ଶିକ୍ଷାଧିକାରୀ କାହ୍ନୁଚରଣ ନାଏକ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ନୂଆପଡ଼ା ଜିଲ୍ଲା ପ୍ରାଥମିକ ସିଟି ଶିକ୍ଷକ ସଂଘ ସଭାପତି ପଞ୍ଚାନନ ଖମାରୀ, ସିନାପାଲି ମିଳିତ ଶିକ୍ଷକ ସଂଘ ସଭାପତି ପ୍ରଶନ୍ନ ମାଝୀ, ସମ୍ପାଦକ ବାଲାଜୀ ହରିଜନ, ପତିଆଲପଡ଼ା କ୍ଲଷ୍ଟର ସିଆରସିସି ଖଗେଶ୍ୱର ବାଗ, ମୁଖ୍ୟବକ୍ତା ଭାବେ ନିଲଜି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଲଳିତ କୁମାର ସୁନାରି, ବିଦାୟୀ ଶିକ୍ଷକ ଶ୍ରୀ ରାୟ, ଖୁପ୍ରିମାଲ ସ୍କୁଲପ୍ରଧାନ ଶିକ୍ଷକ ଶୋଭାରାମ ଜଗତ, ମାଲପଡ଼ା ସ୍କୁଲ ପ୍ରଧାନଶିକ୍ଷକ ବୈଦ୍ୟନାଥ ବିଶି ପ୍ରମୁଖ ମଞ୍ଚାସୀନ ଥିଲେ। ଶିକ୍ଷକ ଲୋମସ ସା ସଭା ପରିଚାଳନା କରିଥିଲେ।

ତୁର୍କେଲ ପୋଲ ନିର୍ମାଣ ପ୍ରସଙ୍ଗ

# ଶାସକ ଦଳର ଅହଙ୍କାରର ଜବାବ ଦେବେ ଜନତା : ବିଧାୟକ

ଭବାନୀପାଟଣା, ୪।୮ (ସମିସ)

ତୁର୍କେଲ ବ୍ରିଜ୍ ନିର୍ମାଣ ଦାବୀରେ କଳାହାଣ୍ଡି ଜିଲ୍ଲା କଂଗ୍ରେସ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଗଣଧାରଣା ୧୦୦ଦିନରେ ପହଞ୍ଚିଛି। ଅର୍ଥ ମଞ୍ଜୁର ସରିଛି କିନ୍ତୁ ଫାଇଲ ଘୁଞ୍ଚୁନାହିଁ। ଭବାନୀପାଟଣା ସଦରର ଯୁବ ବିଧାୟକ ସାଗର ଚରଣ ଦାସ ଆନ୍ଦୋଳନକୁ ଭିନ୍ନ ରୂପ ଦେଇଛନ୍ତି। ଶହଶହ କଂଗ୍ରେସ ନେତା ଓ କର୍ମୀ, ଛାତ୍ର ସମାଜ ଏବଂ କଂଗ୍ରେସ ସମର୍ଥିତ ସ୍ଥାନୀୟ ଜନସାଧାରଣଙ୍କ ଗହଣରେ ରହି ବିଧାୟକ ସାଗର ଦାସ ତୁର୍କେଲ ବ୍ରିଜ୍‌ଠାରୁ ୪୦ କିମି ଭବାନୀପାଟଣା ପର୍ଯ୍ୟନ୍ତ ପ୍ରତିରୋଧ ପଦଯାତ୍ରାରର ନେତୃତ୍ୱ ନେଇଥିଲେ। ସନ୍ଧ୍ୟାରେ ପଦଯାତ୍ରାରେ ଆସି ଜିଲ୍ଲାପାଳଙ୍କୁ ଦାବି ପତ୍ର ପ୍ରଦାନ କରିଛନ୍ତି। ପ୍ରାୟ ଏକବର୍ଷ ଧରି ଏହି ବ୍ରିଜ୍ ମରାମତି ପାଇଁ ବିଧାୟକ ଆନ୍ଦୋଳନ ଗାଲି କରି ପୂର୍ତ୍ତବିଭାଗ ତଥା ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଆସୁଥିବା ସତ୍ତ୍ୱେ ସମସ୍ତେ ନିରବିଯିବା ଆଶ୍ଚର୍ଯ୍ୟର ବିଷୟ ହୋଇଛି। ବିଧାୟକ କହିଛନ୍ତି ଯେ ଟେକ୍ନିକାଲ ଟେଣ୍ଡର ଚୂଡାନ୍ତ ହୋଇ ନ ପାରିବା କାରଣରୁ ଫାଇଲ ଅଟକି ଥିବା ଯାହା କୁହାଯାଉଛି ତା ପଛରେ ରାଜ୍ୟ ବିଜେପି ସରକାରର ଏକ ହୀନ ଉଦ୍ଦେଶ୍ୟ କେବଳ କାର୍ଯ୍ୟ କରୁଛି। କାରଣ ବ୍ରିଜର ଗୋଟିଏ ସ୍ଲାବ୍ ମରାମତି ପାଇଁ ୧୬କୋଟି ୭୫ଲକ୍ଷ ଟଙ୍କା ମଞ୍ଜୁର ହେବା ପରେ ଟେଣ୍ଡରକୁ ଆଳ କରି ନିର୍ମାଣ କାର୍ଯ୍ୟ ଅଗ୍ରଗତି ନହେବା ଦୁର୍ଭାଗ୍ୟଜନକ। ଗଣଧାରଣା ଠାରୁ ଆରମ୍ଭ କରି ପ୍ରଦିବାଦ ସଭାରେ କଂଗ୍ରେସ ବିଧାୟକ ନେତୃତ୍ୱ ନେଉଥିବାରୁ ବିଜେପିର ମୁଣ୍ଡ ବିଗିଡ଼ି ଯାଇଛି। କାଳେ କଂଗ୍ରେସ ସମସ୍ତ ଶ୍ରେୟ ନେଇଯିବା ଡର ସେମାନଙ୍କ ମନକୁ ଆନ୍ଦୋଳିତ କରୁଛି ବୋଲି ବିଧାୟକ ଦାସ କହିଛନ୍ତି। ଫାଇଲ ମୁଖ୍ୟ ଯନ୍ତ୍ରୀ (ଇଆଇସି)ଙ୍କ ଟେବୁଲରେ ପଡ଼ିରହିବାର ନିର୍ଦ୍ଦିଷ୍ଟ କାରଣ ଟେଣ୍ଡର ପ୍ରକ୍ରିୟା ନା ରାଜନୈତିକ ଷଡ଼ଯନ୍ତ୍ର ସେ ସମ୍ପର୍କରେ କେହି ମୁଁହ ଖୋଲୁ ନାହାନ୍ତି। ଫାଇଲଅଟକା ଯାଇଛିବୋଲି ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି। ଗତ ମେ'ମାସ ୧୨ତାରିଖରେ ସଦର ବିଧାୟକ ସାଗର ଦାସଙ୍କ ବାପା ତଥା ପିସିସି ସଭାପତି ଭକ୍ତଚରଣ ଦାସ ମଧ୍ୟ ଗଣଧାରଣାସ୍ଥଳକୁ ଯାଇଥିଲେ। ସରକାରଙ୍କୁ କଡା ସମାଲୋଚନା କରିଥିଲେ। ଆଗାମୀ ଦିନରେ ଏହି ବ୍ରିଜର ମରାମତିର ଦିନ ଗଡ଼ିଲେ ପୂର୍ତ୍ତ ବିଭାଗ ତଥା ସରକାରଙ୍କ ପାଇଁ ଅଡୁଆ ହୋଇପାରେ ବୋଲି କୁହାଯାଇଛି। ଭବାନୀପାଟଣା ସଦର ନିର୍ବାଚନ ମଣ୍ଡଳୀର ମିଲକି ଅଞ୍ଚଳ ସବୁବେଳେ ପ୍ରତି ନିର୍ବାଚନରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥାଏ। ଏହି ବ୍ରିଜ ଉପରେ ଯାନବାହାନ ଚଳାଚଳ ବନ୍ଦ ହେବା ଦ୍ୱାରା ବୋର୍ଡା ତଥା ମିଲକି ଅଞ୍ଚଳ ଭବାନୀପାଟଣା ଠାରୁ ବିଚ୍ଛିନ୍ନ ହୋଇପଡ଼ିଛି। ରାସ୍ତା ବନ୍ଦ ହେବାପରେ ଖରିଆର୍ ଏପରିକି ଛତିଶଗଡ଼ ରାଜ୍ୟକୁ ଯିବାପାଇଁ ଅଧିକା ୩୦ରୁ୪୦କି.ମି ବୁଲି ଯିବାକୁ ପଡୁଛି। ଚାଷୀ ଠାରୁ ଆରମ୍ଭ କରି ଛାତ୍ର ଛାତ୍ରୀଙ୍କ ଘୋର ଅସୁବିଧା ହେଉଛି। ଗୁରୁତର ରୋଗୀଙ୍କୁ ଭବାନୀପାଟଣା ଆଣିବା ଏବଂ ଭବାନୀପାଟଣାରୁ ଗୁରୁତରଙ୍କୁ ରାୟପୁର ନେବା କଷ୍ଟଦାୟକ ହୋଇଛି। ଶାସକ ଦଳର ଅହଙ୍କାରର ଜବାବ ଜନତା ଦେବେ ବୋଲି ବିଧାୟକ କହିଛନ୍ତି। ଆଜିର ପଦଯାତ୍ରା କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସ ସଭାପତି ଜଳନ୍ଧର ନାୟକ, ଯୁବ ସଭାପତି ମହମ୍ମଦ ସାହେବ୍, ବ୍ଲକ ସଭାପତି ସୁବାସ ବାବୁ ଏବଂ ଧନୁର୍ଦ୍ଧର ଗହିରଙ୍କ ସମେତ ବହୁ ନେତା ଓ କର୍ମୀ ଅଂଶଗ୍ରହଣ କରିଥିଲେ।



କଂଗ୍ରେସର ପଦଯାତ୍ରା ଓ ବିକ୍ଷୋଭ

# କଂଗ୍ରେସର କର୍ମୀ ସମ୍ମିଳନୀ ଓ ବିଏଲ୍‌ଏ-୨ ତାଲିମ୍ ଶିବିର



ଖଡ଼ିଆଳ, ୪।୮ (ସମିସ): ନୂଆପଡ଼ା ଜିଲ୍ଲା ଖଡ଼ିଆଳ କଲ୍ୟାଣ ମଣ୍ଡପ-୨ ଠାରେ ଖଡ଼ିଆଳ କଂଗ୍ରେସ ନିର୍ବାଚନ ମଣ୍ଡଳୀସ୍ତରୀୟ ସମ୍ମିଳନୀ ଓ ବିଏଲଏ-୨ଙ୍କ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ଉପଯୁକ୍ତ ଭୋଟର ତାଲିକା ପ୍ରସ୍ତୁତି ହିଁ ନିର୍ବାଚନୀ ଲଢ଼େଇର ମୁଖ୍ୟ ଆଧାରବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ। ନଗର ସଭାପତି ପ୍ରବୀଣ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ରାଜ୍ୟ ଯୁବ କଂଗ୍ରେସ ସଦସ୍ୟ ଅଙ୍କିତ ସିଘାଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ତୃଣମୂଳସ୍ତରରେ ସଂଗଠନକୁ ସୁଦୃଢ଼ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଖଡ଼ିଆଳ ବିଧାନସଭା ନିର୍ବାଚନମଣ୍ଡଳୀ କଂଗ୍ରେସ ବିଧାୟକ ପ୍ରାର୍ଥୀ କମଳ ଚରଣ ତାଣ୍ଡି, ଆଦିବାସୀ ନେତା ରତନ ମାଝୀ, ଦଳିତ ନେତା ବଂଶୀଧର ଜଗତ, ବ୍ଲକ ଯୁବ ସଭାପତି ପ୍ରଦୀପ ବେହେରା ଏବଂ ଖରିଆରରୋଡ ନଗର ସଭାପତି ପବନଶର୍ମା ପ୍ରମୁଖ ଯୋଗ ଦେଇଥିଲେ। ବକ୍ତାମାନେ ଭୋଟର ତାଲିକାରେ ଯୋଗ୍ୟ ମତଦାତାଙ୍କ ନାମ ସଠିକ୍ ଭାବେ ସାମିଲ କରିବା, ତ୍ରୁଟି ସଂଶୋଧନ ଏବଂ ସଚେତନତା ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହାସହ ସଂଗଠନକୁ ଆହୁରି ମଜଭୁତ କରି ଆଗାମୀ ପଞ୍ଚାୟତ ନିର୍ବାଚନରେ କଂଗ୍ରେସ ପାର୍ଟି ସମସ୍ତ ଜିଲ୍ଲା ପରିଷଦ ଓ ବ୍ଲକ ଅଧ୍ୟକ୍ଷ ପଦ ରଖିବା ତେଣୁ ଏବେଠାରୁ ଆମକୁ କଠିନ ପରିଶ୍ରମ କରିବାକୁ ପଡ଼ିବବୋଲି ସମସ୍ତ କର୍ମୀଙ୍କୁ ପ୍ରସ୍ତୁତ ରହିବାକୁ ଆହ୍ୱାନ ଦେଇଥିଲେ।

● ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ବିଭାଗର ମାସିକ ବୈଠକ

# ୧୫ ସୁଦ୍ଧା ୧୩୮ ପୋଖରୀର ଗ୍ରାସ୍ ଟର୍ଫିଂ କାମ ଶେଷ କରିବାକୁ ନିର୍ଦ୍ଦେଶ



ସିନାପାଲି, ୪।୮ (ସମିସ): ନୂଆପଡ଼ା ଜିଲ୍ଲାରମୃତ୍ତିକାସଂରକ୍ଷଣଓଜଳବିଭାଜିକା ଉନ୍ନୟନ ବିଭାଗର ମାସିକ ସମୀକ୍ଷା ବୈଠକ ଜିଲ୍ଲା ମୁଖ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକର ପ୍ରାରମ୍ଭରେ ପ୍ରକଳ୍ପ ନିର୍ଦ୍ଦେଶକ (ଜଳବିଭାଜିକା) ସନ୍ତୋଷ କୁମାର ରଥ ସ୍ୱାଗତ କରିଥିଲେ। ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାୟୀ ଯୋଜନା, ବୃଷ୍ଟିପୃଷ୍ଟ ଅଞ୍ଚଳ ବିକାଶ କାର୍ଯ୍ୟକ୍ରମ, ଜଳଧାରା ଯୋଜନା, ଭିବିଜି-ରାମଜୀ ଯୋଜନା ଓ କୃଷି ବନୀକରଣ ଯୋଜନା ଅଧୀନରେ ଚଳିତ ଆର୍ଥିକ ବର୍ଷରେ ୩୭ ହେକ୍ଟର ଅଞ୍ଚଳରେ ଚାରାରୋପଣ ସହ ଅଦ୍ୟାବଧି ହୋଇଥିବା କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସେ ଅବଗତ କରାଇଥିଲେ। ସମୀକ୍ଷା ବେଳେ ଜିଲ୍ଲାପାଳ ଜଳଧାରା ଯୋଜନା ଅଧୀନରେ ୧୩୮ଟି ପୋଖରୀର ଗ୍ରାସ୍ ଟର୍ଫିଂ କାର୍ଯ୍ୟକୁ ଚଳିତ ବର୍ଷ ଅଗଷ୍ଟ ୧୫ ସୁଦ୍ଧା ସମ୍ପୂର୍ଣ୍ଣ କରିବା ସହ ବକେୟା ରହିଥିବା ଚାରାରୋପଣ କାର୍ଯ୍ୟକୁ ଶୀଘ୍ର ଶେଷ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଭିବିଜି-ରାମଜୀ ଯୋଜନା ଅଧୀନରେ ନୂତନ ପ୍ରକଳ୍ପ ପ୍ରସ୍ତାବ ସୋମବାର ସୁଦ୍ଧା ଦାଖଲ କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ବୈଠକରେ ସହକାରୀ ନିର୍ଦ୍ଦେଶକ (ମୃତ୍ତିକା ସଂରକ୍ଷଣ) ଦେବବ୍ରତ ବିଶ୍ୱାଳ, ସହକାରୀ ନିର୍ଦ୍ଦେଶକ (ମୃତ୍ତିକା ସଂରକ୍ଷଣ) ସ୍ୱର୍ଣ୍ଣପ୍ରଭା ସିଂହ, ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ଦେବପ୍ରିୟ ପାଣିଗ୍ରାହୀ, ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ଦେବେନ୍ଦ୍ର କୁମାର ନାୟକଙ୍କ ସମେତ ବିଭାଗର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

# 'ଆରୁ କେଭେଁ' ପୁସ୍ତକ ଲୋକାର୍ପଣ



ଖଡ଼ିଆଳ, ୪।୮ (ସମିସ): ଆଦର୍ଶ ସ୍ନାତକ ମହାବିଦ୍ୟାଳୟର ନୂଆପଡ଼ା ଖଡ଼ିଆଳ ଅଧ୍ୟକ୍ଷ ଡ. ଅକ୍ଷୟ କୁମାର ସାହୁଙ୍କ ସଭାପତିତ୍ୱରେ ନାଟ୍ୟକାର ତଥା ଓଡ଼ିଆ ବିଭାଗର ସହକାରୀ ପ୍ରଫେସର ଡ. ଲିଙ୍ଗରାଜ ସାହୁଙ୍କ ରଚିତ ସମ୍ବଲପୁରୀ, କୋଶଳି ଭାଷାର ନାଟକ ସଂକଳନ ଆରୁ କେଭେଁର ଲୋକାର୍ପଣ ହୋଇଯାଇଛି। ସମୀକ୍ଷକ ଭାବରେ ନେପାଳ ଚନ୍ଦନ ଯୋଗଦେଇ ନାଟକର ଆଟିକ ଓ ଆଙ୍ଗିକ ଦିଗ ଉପରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବରେ ଇଂରାଜୀ ବିଭାଗର ମୁଖ୍ୟ ରାଜେଶ କୁମାର ପାତ୍ର ଓ ମାନବ ବିଜ୍ଞାନ ବିଭାଗର ବିଭାଗ ମୁଖ୍ୟ ଡ. ଶିବକୁମାର ଯୋଗଦେଇ ନାଟକ ପୁସ୍ତକରେ ନିହିତ ଥିବା ସାମାଜ ସଚେତନର ବାର୍ତ୍ତା ଉପରେ ଆଲୋକପାତ କରିଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ଜୟଶଙ୍କର ଭୋଇ ସାରସ୍ୱତ ସଭାର ଆଭିମୁଖ୍ୟ, ଅତିଥି ପରିଚୟ ପ୍ରଦାନ କରିବା ସହିତ ମଞ୍ଚ ପରିଚାଳନା କରିଥିଲେ। ଡ. ଉତ୍ତମ କୁମାର ମଣ୍ଡଳ, ଡ. ସୁବାସ ଚନ୍ଦ୍ର ବିଶ୍ୱାଳ, ପ୍ରହ୍ଲାଦ ମାଝୀ, ଡ. ପ୍ରଦୀପ କାମିଲା, ଆଧ୍ୟପକ ମାଧବ ପଣ୍ଡା ପ୍ରମୁଖ ପୁସ୍ତକର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଅଧ୍ୟାପିକା ସୋନାଲି ବେହୁରା ଧନ୍ୟବାଦ ଅର୍ପଣ କରିଥିଲେ।

ଧର୍ମଗଡ଼ରେ ବିଜେଡିର ଆଲୋଚନା ଚକ୍ର

# ଯୁବଗୋଷ୍ଠୀ ଏକତ୍ରିତ ହେବାକୁ ପୁଷ୍ପେନ୍ଦ୍ର ସିଂହଦେଓଙ୍କ ଆହ୍ୱାନ



ଧର୍ମଗଡ଼, ୪।୮ (ସମିସ): କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ସ୍ଥିତ ହୋଟେଲ ରୟାଲ ପ୍ୟାଲେସଠାରେ ବିଜୁ ଜନତା ଦଳ ପକ୍ଷରୁ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଯୁବ ଓ ଛାତ୍ର ବିଜୁ ଜନତା ଦଳ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂହଦେଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ନିଜ ଅଭିଭାଷଣରେ ଶ୍ରୀ ସିଂହଦେଓ ଯୁବ ଶକ୍ତି ଉପରେ ଗୁରୁତ୍ୱ ଦେଇ କହିଥିଲେ ଯେ, ବର୍ତ୍ତମାନ ଦେଶର ଯୁବଗୋଷ୍ଠୀ ସଚେତନ ହେଲେଣି। ସେମାନେ ଏକତ୍ରିତ ହୋଇ ବର୍ତ୍ତମାନର ସରକାରଙ୍କ ବିଫଳତା, ଦୁର୍ନୀତି ଓ ଏକତରଫା ନୀତି ବିରୋଧରେ ସଜାଗ ହେବା ସହ ଏହାକୁ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇବା ଆବଶ୍ୟକ। ଦିଲ୍ଲୀର ଜନ୍ତରମନ୍ତର ଆନ୍ଦୋଳନରୁ ଏହାର ପ୍ରତିଫଳନ ସ୍ପଷ୍ଟ ଦେଖାଯାଉଛି। ବର୍ତ୍ତମାନର ସରକାର ସବୁ କ୍ଷେତ୍ରରେ ସମ୍ପୂର୍ଣ୍ଣ ଫେଲ ମାରିଛନ୍ତି ଏବଂ ଦେଶକୁ ରସାତଳକୁ ନେଇଯାଇଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ସମ୍ମାନିତ ଅତିଥି ଭାବେ ବିଜେଡି ଜିଲ୍ଲା ଉପସଭାପତି ଥବିର ପ୍ରସାଦ ସାହୁ, ଧର୍ମଗଡ଼ ବ୍ଲକ ସଭାପତି ଡାକେ ଲହଜଳ, ସଭାନେତ୍ରୀ ମମତାରାଣି ଗୋପାଳ, ପୂର୍ବତନ ଏନଏସି ଅଧ୍ୟକ୍ଷା ହୀରା ବାଗ, କ୍ଷୀରୋଦ ବାଗ ଓ ଅଶୋକ ପଟ୍ଟଯୋଶୀ ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ବଳରାମ ପୁଝାରୀ, ଜିଲ୍ଲାପରିଷଦ ସଭ୍ୟ ଗୋପୀନାଥ ମହାନନ୍ଦ, ପ୍ରଣବ ପ୍ରକାଶ ଭଇଁସାଲ, ଶଙ୍କର ପ୍ରସାଦ ଜୁଏଡ଼, ହେମନ୍ତ ମାଝୀ, ସରପଞ୍ଚ ମନୋଜ କୁମାର ନାଏକ, ଜଗତରାମ ବାଗ, ରତନ ନାଏକ, ପ୍ରଶାନ୍ତ ତିୱାରୀ, ସନ୍ତୋଷ ପାଢ଼ୀ, ଏବଂ ଯୁବ ନେତା ଭବାନୀ ଶଙ୍କର ବଣିଆ, ସୁନୀଲ ଭଇଁସାଲ, ରାଜେନ୍ଦ୍ର ଭୋଇ, ଏନ୍‌ଏସି ସଭାପତି ଜୟନ୍ତ ନାଏକ, ଭବେଶ ଗଇଁତା ଓ ସରପଞ୍ଚ ଅର୍ଜୁନ ବାଗ ଉପସ୍ଥିତ ଥିଲେ। ଏହି ଅବସରରେ ଏକ ବିଶାଳ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ଥାନୀୟ ଅଞ୍ଚଳର ଅନେକ ଯୁବକ ବିଧିବଦ୍ଧ ଭାବେ ବିଜେଡିରେ ସାମିଲ ହୋଇ ଦଳୀୟ ସଦସ୍ୟତା ଗ୍ରହଣ କରିଛନ୍ତି। ଯୁବଗୋଷ୍ଠୀଙ୍କ ଏହି ଯୋଗଦାନ ଆଗାମୀ ଦିନରେ ଅଞ୍ଚଳରେ ଦଳୀୟ ସଂଗଠନକୁ ଆହୁରି ମଜବୁତ କରିବ ବୋଲି ନେତୃବୃନ୍ଦ ଆଶା ପ୍ରକଟ କରିଛନ୍ତି।

# ଶିକ୍ଷକ ଅଭାବ; ସ୍କୁଲ୍ ଗେଟ୍‌ରେ ତାଲା ପକାଇଲେ ଛାତ୍ରଛାତ୍ରୀ

ଗୋଲାମୁଣ୍ଡା, ୪।୮ (ସମିସ)





କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅଧୀନ କେଗାଁ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ ପ୍ରତିବାଦରେ ମଙ୍ଗଳବାର ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ଗେଟରେ ତାଲା ପକାଇ ଧାରଣାରେ ବସିଥିଲେ। ଏହି ସମୟରେ ସେହି ରାସ୍ତା ଦେଇ ଯାଉଥିବା ଧର୍ମଗଡ଼ ଉପଜିଲ୍ଲାପାଳ ପ୍ରେକ୍ଷା ଆଗ୍ରୱାଲ ଘଟଣାସ୍ଥଳରେ ପହଞ୍ଚି ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରି ସେମାନଙ୍କୁ ବୁଝାଇ ଗେଟ ଖୋଲାଇଥିଲେ। ଛାତ୍ରଛାତ୍ରୀଙ୍କ ଅଭିଯୋଗ ଅନୁସାରେ, ବିଦ୍ୟାଳୟରେ ଶିଶୁ ବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୧୮୮ ଜଣ ଛାତ୍ରଛାତ୍ରୀ ପାଠ ପଢୁଥିବା ବେଳେ ମାତ୍ର ୪ ଜଣ ଶିକ୍ଷକ-ଶିକ୍ଷୟିତ୍ରୀ ନିଯୁକ୍ତ ଅଛନ୍ତି। ସେଥିମଧ୍ୟରୁ ୨ ଜଣ ଜନଗଣନା କାର୍ଯ୍ୟରେ ନିୟୋଜିତ ଥିବାରୁ ବର୍ତ୍ତମାନ କେବଳ ୨ ଜଣ ଶିକ୍ଷକଙ୍କ ଉପରେ ସମସ୍ତ ଶ୍ରେଣୀର ଦାୟିତ୍ୱ ରହିଛି। ଫଳରେ ନିୟମିତ ପାଠପଢ଼ା ବ୍ୟାହତ ହେଉଥିବା ଅଭିଯୋଗ କରି ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ଗେଟରେ ତାଲାପକାଇ ପ୍ରତିବାଦ କରିଥିଲେ। ବିଦ୍ୟାଳୟର ଶିକ୍ଷକମାନେ ଛାତ୍ରଛାତ୍ରୀଙ୍କୁ ଗେଟ ଖୋଲି ବିଦ୍ୟାଳୟକୁ ପ୍ରବେଶ କରିବାକୁ ଅନୁରୋଧ କରିଥିଲେ ମଧ୍ୟ ସେମାନେ ପ୍ରାୟ ଏକ ଘଣ୍ଟା ଧରି ଗେଟ ସମ୍ମୁଖରେ ଅଡ଼ି ରହିଥିଲେ। ଏହି ସମୟରେ ଉପଜିଲ୍ଲାପାଳ ପ୍ରେକ୍ଷା ଆଗ୍ରୱାଲଙ୍କ ଗାଡ଼ି ସେଠାରେ ପହଞ୍ଚିବା ପରେ ଛାତ୍ରଛାତ୍ରୀମାନେ ତାଙ୍କୁ ଅଟକାଇ ନିଜ ସମସ୍ୟା ଜଣାଇଥିଲେ। ଉପଜିଲ୍ଲାପାଳ ପ୍ରାୟ ୩ ଘଣ୍ଟାରୁ ଅଧିକ ସମୟ ବିଦ୍ୟାଳୟରେ ରହି ଶିକ୍ଷକ ସମସ୍ୟା ସମ୍ପର୍କରେ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। କମ୍ ଦିନ ମଧ୍ୟରେ ଶିକ୍ଷକ ସମସ୍ୟାର ସମାଧାନ କରାଯିବ ବୋଲି ସେ ଛାତ୍ରଛାତ୍ରୀଙ୍କୁ ଆଶ୍ୱାସନ ଦେଇଥିଲେ। ଏହା ସହ ବିଦ୍ୟାଳୟରେ ଥିବା ପାନୀୟ ଜଳ ଓ ଅନ୍ୟାନ୍ୟ ଭିତ୍ତିଭୂମିଗତ ସମସ୍ୟାର ମଧ୍ୟ ସମୀକ୍ଷା କରିଥିଲେ। ଗୋଲାମୁଣ୍ଡା ବିଡିଓ ବିଶ୍ୱନାଥ ରାଉତଙ୍କ ସମେତ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଘଟଣାସ୍ଥଳକୁ ଡାକି ଯଥାଶୀଘ୍ର ସମସ୍ତ ସମସ୍ୟାର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପରେ ଉପଜିଲ୍ଲାପାଳ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ସହ ବସି ମଧ୍ୟାହ୍ନଭୋଜନ ଗ୍ରହଣ କରିଥିଲେ। ତାଙ୍କର ଏହି ପଦକ୍ଷେପକୁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା କରାଯାଇଛି।

# ନିଶାମୁକ୍ତି ଶପଥ ମହାଅଭିଯାନର ଜିଲ୍ଲାସ୍ତରୀୟ ଶୁଭାରମ୍ଭ


ସିନାପାଲି, ୪।୮ (ସମିସ): 'ନିଶାମୁକ୍ତ ଭାରତ ଅଭିଯାନ' ଓ 'ମିଶନ ସ୍ୱନ୍ଦନ' ଅନ୍ତର୍ଗତ '୧୦ କୋଟି ନିଶାମୁକ୍ତି ଶପଥ ମହାଅଭିଯାନ'ର ଜିଲ୍ଲାସ୍ତରୀୟ ଶୁଭାରମ୍ଭ ଆଜି ସ୍ଥାନୀୟ ସଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ରାଜଯୋଗ ଏଜୁକେସନ ଆଣ୍ଡ ରିସର୍ଚ୍ଚ ଫାଉଣ୍ଡେସନର ମେଡିକାଲ ୱିଙ୍ଗ ପକ୍ଷରୁ ଆୟୋଜିତ ଏହି ଅଭିଯାନର ଲକ୍ଷ୍ୟ ହେଉଛି ଦେଶର ୧୦ କୋଟି ନାଗରିକଙ୍କୁ ନିଶାମୁକ୍ତ ଜୀବନଶୈଳୀ ଗ୍ରହଣ ପାଇଁ ପ୍ରେରିତ କରିବା। ଜିଲ୍ଲାପାଳ ମଧୁସୂଦନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବ୍ରହ୍ମକୁମାରୀ ଅନୀତା ଓ ବ୍ରହ୍ମକୁମାରୀ ସୁମତୀ ନିଶା ସେବନର କୁପ୍ରଭାବ ସମ୍ପର୍କରେ ଆଲୋକପାତ କରିଥିଲେ। ନିୟମିତ ରାଜଯୋଗ ଧ୍ୟାନ ଓ ଯୋଗାଭ୍ୟାସ ମାଧ୍ୟମରେ ଆଧ୍ୟଶକ୍ତି ବୃଦ୍ଧି ସହ ନିଶା ଅଭ୍ୟାସରୁ ମୁକ୍ତି ମିଳିପାରିବ ବୋଲି ସେମାନେ କହିଥିଲେ। ଏହି ଅବସରରେ ନିଶାମୁକ୍ତ ଭାରତ ସମ୍ପର୍କିତ ଏକ ସଚେତନତା ପୋଷ୍ଟର ଉନ୍ମୋଚନ କରାଯାଇଥିଲା। ପରେ ଉପସ୍ଥିତ ସମସ୍ତେ ନିଶାମୁକ୍ତ ଭାରତ ଗଠନରେ ସକ୍ରିୟ ଭୂମିକା ନିର୍ବାହ କରିବା ସହ ନିଜ ପରିବାର, ସମାଜ ଓ କାର୍ଯ୍ୟକ୍ଷେତ୍ରରେ ନିଶା ବିରୋଧୀ ସଚେତନତା ସୃଷ୍ଟି କରିବାକୁ ଶପଥ ଗ୍ରହଣ କରିଥିଲେ। ଏଥିରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ନବନୀତା ଦାଶ, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ





ଡ଼ା. ଦ୍ୱାରିକାନାଥ ଶତପଥୀ, ବ୍ରହ୍ମକୁମାରୀ ଅନୀତା, ବ୍ରହ୍ମକୁମାରୀ ସୁମତୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡ୍ଢେଇ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମାକାନ୍ତ ବିଶ୍ୱାସଙ୍କ ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି ଓ ବହୁ ସଂଖ୍ୟକ ଅଂଶଗ୍ରହଣକାରୀ ଉପସ୍ଥିତ ଥିଲେ।

# କଟକ ସିଟି



## ୨୫ ବର୍ଷର ପୁରୁଣା ପାଇପ୍‌ରେ ଜଳଯୋଗାଣ

# ସହରବାସୀଙ୍କୁ ପୁଣି ଜଣ୍ଡିସ୍ ଭୟ

### କେଏମ୍‌ସି ଓ ଜିଲ୍ଲା ପ୍ରଶାସନର ନାହିଁ ବର୍ଷାଦିନିଆ ସତର୍କତା

କଟକ, ୪।୮ (ସମିସ)



ବର୍ଷା ଦିନେ ଶୁଦ୍ଧ ପାନୀୟଜଳ ଆବଣ୍ଟନକୁ ନେଇ ସହରବାସୀଙ୍କ ମଧ୍ୟରେ ଭୟ ସୃଷ୍ଟି ହେଲାଣି। ସାରା ସହରରେ ପାନୀୟଜଳ ଯୋଗାଣ ବ୍ୟବସ୍ଥାକୁ ନେଇ ଏବେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହେବା ସହିତ ଏହି ସମସ୍ୟାର ସମାଧାନ ହୋଇପାରୁନାହିଁ। ସହରର ପ୍ରମୁଖ ଅଞ୍ଚଳରେ ପ୍ରାୟ ୨୫ ବର୍ଷ ତଳେ ବିଛାଯାଇଥିବା ପୁରୁଣା ପାଇପଲାଇନ୍ ଜରିଆରେ ଏବେ ବି ସାଧାରଣ ଲୋକଙ୍କୁ ପାନୀୟ ଜଳ ଯୋଗାଇ ଦିଆଯାଉଛି। ପ୍ରାୟ ୪୫ କିଲୋମିଟର ଦୀର୍ଘ ଏହି ପୁରୁଣା ପାଇପଲାଇନ୍ ଯୋଗୁଁ ସହରବାସୀଙ୍କୁ ଶୁଦ୍ଧ ଓ ନିରାପଦ ପାଣି ମିଳୁଛି କି ନାହିଁ, ତାହାକୁ ନେଇ ଚିନ୍ତା ବୃଦ୍ଧି ପାଇବାରେ ଲାଗିଛି। କଟକ ସହରରେ ପ୍ରତିବର୍ଷ ବିଭିନ୍ନ ଋତୁରେ, ବିଶେଷ କରି ବର୍ଷା ଓ ଖରାଦିନେ, ଜଣ୍ଡିସ୍ (କାମଳ) ଏବଂ ଅନ୍ୟାନ୍ୟ ଜଳବାହିତ ରୋଗ ବ୍ୟାପିବା ଏକ ସାଧାରଣ ଘଟଣାରେ ପରିଣତ ହୋଇଛି। ଗତ ବର୍ଷ ସହରର ଛତ୍ରବଜାର ଅଞ୍ଚଳରେ ଅନେକ ଲୋକ ଜଣ୍ଡିସ୍‌ରେ ଆକ୍ରାନ୍ତ ହୋଇଥିଲା। ସେହିପରି ରେଭେନ୍ସା ହଷ୍ଟେଲରେ ଦୂଷିତ ପାଣି ପିଇବା ଯୋଗୁଁ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଅସୁସ୍ଥ ହୋଇ ପଡ଼ିଥିଲେ ଏବଂ ସେମାନଙ୍କୁ ମେଡିକାଲରେ ଭର୍ତ୍ତି କରିବାକୁ ପଡ଼ିଥିଲା। ପ୍ରତିବର୍ଷ ସହରର ବିଭିନ୍ନ ଅଞ୍ଚଳରେ ଦୂଷିତ ପାଣି ଯୋଗୁଁ ଲୋକମାନେ ଆକ୍ରାନ୍ତ ହେଉଥିବାରୁ, ଏହାର ମୂଳ କାରଣ ପୁରୁଣା ଓ ଭଙ୍ଗାରୁଜା ପାଇପଲାଇନ୍ ବୋଲି ଅଭିଯୋଗ ଉଠିଛି।

ମିଳିଥିବା ତଥ୍ୟ ଅନୁସାରେ, ପ୍ରାୟ ୧୦ ଲକ୍ଷ ଜନସଂଖ୍ୟା ବିଶିଷ୍ଟ କଟକ ସହରରେ ସାଧାରଣ ଲୋକଙ୍କୁ ପାନୀୟଜଳ ଯୋଗାଇ ଦେବା ପାଇଁ ମୋଟ ୧୨୫୭ କିଲୋମିଟର ଦୀର୍ଘ ପାଇପଲାଇନ୍ ବିଛାଯାଇଛି। ଏଥିମଧ୍ୟରୁ ପ୍ରାୟ ୧୨୫ କିଲୋମିଟର ଦୀର୍ଘ ପାଇପଲାଇନ୍‌କୁ ସମ୍ପୂର୍ଣ୍ଣ ଭାବେ ବଦଳାଯାଇ ନୂଆ ପାଇପ୍ ବସାଯାଇଛି। ମାତ୍ର ବାକି ରହିଯାଇଥିବା ପ୍ରାୟ ୪୫ କିଲୋମିଟର ଦୀର୍ଘ ପୁରୁଣା ପାଇପଲାଇନ୍‌ରେ କୌଣସି ପରିବର୍ତ୍ତନ କରାଯାଇ ନାହିଁ। ଏହି ୨୫ ବର୍ଷର ପୁରୁଣା ପାଇପ୍‌ଗୁଡ଼ିକ ଏବେ ସହରବାସୀଙ୍କ ପାଇଁ ବଡ଼ ବିପଦର କାରଣ ସାଜିଛି। ବିଭିନ୍ନ ସମୟରେ ସହରର ନାଳନର୍ଦ୍ଦମା ପାଖ ଦେଇ ଯାଇଥିବା ଏହି ପାଇପ୍‌ଗୁଡ଼ିକରେ ଲିକ୍ ସୃଷ୍ଟି ହୋଇ ଦୂଷିତ ପାଣି ମିଶିଯାଉଥିବା ନଜରକୁ ଆସିଛି। ଅନ୍ୟପଟେ ସହରରେ ଚାଲିଥିବା ବିଭିନ୍ନ ରାସ୍ତାଘାଟ ନିର୍ମାଣ, ଡ୍ରେନେଜ୍ କାମ ଏବଂ ଅନ୍ୟାନ୍ୟ ଉନ୍ନୟନମୂଳକ କାର୍ଯ୍ୟ ବେଳେ କାମ କରୁଥିବା ସଂସ୍ଥାଗୁଡ଼ିକ ବିଶେଷ ସତର୍କତା ଅବଲମ୍ବନ କରୁନାହାନ୍ତି। ଫଳରେ ରାସ୍ତା ଖୋଳାଯିବା ବେଳେ ମାଟି ତଳେ ଥିବା ପାନୀୟ ଜଳ ପାଇପ୍‌ଗୁଡ଼ିକ ଫାଟି ନଷ୍ଟ ହୋଇଯାଉଛି। ଏହି ଫାଟ ଦେଇ ଡ୍ରେନ୍‌ର ଦୂଷିତ ଓ ମଳିନ ପାଣି ପାନୀୟ ଜଳ ଭିତରକୁ ପଶିଯାଉଛି, ଯାହା ପରବର୍ତ୍ତୀ ସମୟରେ ଲୋକଙ୍କ ଘରର ଟ୍ୟାପ୍ ଦେଇ ବାହାରୁଛି। ଏହି ଦୂଷିତ ପାଣି ବ୍ୟବହାର କରିବା ଦ୍ୱାରା ହିଁ ସହରରେ ଜଣ୍ଡିସ୍ ଏବଂ ଝାଡ଼ାବାନ୍ତି ଭଳି ରୋଗ ବ୍ୟାପୁଥିବା ସ୍ଥାନୀୟ ଅଧିବାସୀମାନେ ପ୍ରକାଶ କରିଛନ୍ତି।

ପ୍ରଶାସନ ପକ୍ଷରୁ ସହରବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ୨୪ ଘଣ୍ଟିଆ ଯୋଗାଇ ଦେବା ପାଇଁ ଯୋଜନା କରାଯାଇଥିଲା। କିନ୍ତୁ ଆଜି ପର୍ଯ୍ୟନ୍ତ ଏହି ଯୋଜନା ସମ୍ପୂର୍ଣ୍ଣ ଭାବେ ସଫଳ ହୋଇପାରିନାହିଁ। କଟକ ସହରକୁ ମୋଟ ୫୯ଟି ଜୋନ୍‌ରେ ବିଭକ୍ତ କରାଯାଇ ପାଣି ଯୋଗାଣ ବ୍ୟବସ୍ଥା କରାଯାଇଛି। ମାତ୍ର ଏହି ୫୯ଟି ଜୋନ୍ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୪୫ଟି ଜୋନ୍‌ରେ ୨୪ ଘଣ୍ଟିଆ ପାଣି ଯୋଗାଣ ସମ୍ଭବ ହୋଇପାରିଛି। ବାକି ରହିଯାଇଥିବା ୧୪ଟି ଜୋନ୍‌ରେ ଏପର୍ଯ୍ୟନ୍ତ ୨୪ ଘଣ୍ଟିଆ ପାଣି ଯୋଗାଣ ସମ୍ଭବ ହୋଇପାରିନାହିଁ, ଯାହା ପ୍ରଶାସନିକ ଦୂରଦୃଷ୍ଟିର ଅଭାବକୁ ଦର୍ଶାଉଛି। ଏବେ ବର୍ଷା ଦିନ ଚାଲିଥିବା ବେଳେ ଶୁଦ୍ଧ ପାନୀୟ ଜଳ ଯୋଗାଣ ଉପରେ ଉଭୟ ଜିଲ୍ଲା ପ୍ରଶାସନ ଏବଂ କେଏମ୍‌ସି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ଉଠିଛି।

## ମହାନଗର ଶାନ୍ତି କମିଟିର କାର୍ଯ୍ୟକାରିଣୀ



**କଟକ, ୪।୮ (ସମିସ):** ଆଜି ମଙ୍ଗଳାବାଗ ପୂଜା କମିଟି ନିମନ୍ତ୍ରଣକ୍ରମେ କଟକ ମହାନଗର ଶାନ୍ତି କମିଟିର ପୂର୍ଣ୍ଣାଙ୍ଗ କାର୍ଯ୍ୟକାରିଣୀ ବୈଠକ ମଣ୍ଡପର କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। କମିଟିର ସଭାପତି ଦେବେନ୍ଦ୍ରନାଥ ସାହୁ ଅଧ୍ୟକ୍ଷତା କରିଥିଲେ। ସାଧାରଣ ସମ୍ପାଦକ ଭିକାରୀ ଦାସ ଆଗାମୀ ପର୍ବପର୍ବାଣୀ ସମ୍ପର୍କରେ ଆଲୋଚନା କରିବା ସହ ଆସନ୍ତା ଅଗଷ୍ଟ ୧୬ ତାରିଖ ରବିବାର ସନ୍ଧ୍ୟାରେ ଦରଘାବଜାରସ୍ଥିତ କଟକ ମହାନଗର ଶାନ୍ତି କମିଟିର ନବୀକରଣ କାର୍ଯ୍ୟାଳୟକୁ ଉଦଘାଟନ କରାଯିବ ବୋଲି ପ୍ରସ୍ତାବ ଆଗତ କରିଥିଲେ। ଏଥିରେ ପ୍ରତ୍ୟେକ ପୂଜା ମଣ୍ଡପର ସଭାପତି ସମ୍ପାଦକଙ୍କ ସହିତ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ଓ ପ୍ରଶାସନିକ ଅଧିକାରୀମାନଙ୍କୁ କମିଟି ପକ୍ଷରୁ ଯୋଗ ଦେବାକୁ ନିମନ୍ତ୍ରଣ କରାଯିବ ବୋଲି ସ୍ଥିର କରାଯାଇଛି। ଏହି ବୈଠକରେ କର୍ମକର୍ତ୍ତା ପ୍ରଦୀପ ସିହ୍ନା, ନୃସିଂହ ଚୌଧୁରୀ, ନରେଶ ସାହୁ, ଦେବାଶିଷ ରାୟ, ରବୀନ୍ଦ୍ର ବେହେରା, ଦେବେନ୍ଦ୍ର କାହାଳୀ, ମନୋରଞ୍ଜନ ସାହୁ, ଡ଼. ଦ୍ୱିପାୟନ ପଟ୍ଟନାୟକ, ରାକେଶ ସାହୁ, ପିଣ୍ଟୁ ମାହାରା, ଜୟଦେବ ଦାସ, ତରୁଣ ଦେ, ଉମେଶ ବାରିକ, ଶିବପ୍ରସାଦ ନାୟକ, ଭାନୁପ୍ରତାପ ସାହୁ, ରାମକୃଷ୍ଣ ହାତୀ, ବୀଚିତ୍ରାନନ୍ଦ ରାଉତରାୟ, ହେମନ୍ତକୁମାର ସେଠୀ, ବିଶ୍ୱନାଥ ଶତପଥୀ, ନିରଞ୍ଜନ ଖୁଣ୍ଟିଆ, କେଦାର ବେହେରା ଓ ସୁଦୀପ୍ତ ସ୍ୱାଇଁ ଅଂଶଗ୍ରହଣ କରିଥିଲେ। ମଙ୍ଗଳାବାଗ ପୂଜା କମିଟି ସଭାପତି ଗଣେଶ ଦାସ ଧନ୍ୟବାଦ ଦେଇଥିଲେ।

## ଜିଲ୍ଲାପାଳଙ୍କ ଦ୍ୱାରା 'ସୌର ରଥ'ର ଶୁଭାରମ୍ଭ




**କଟକ,୪।୮ (ସମିସ):** ସ୍ୱଚ୍ଛ ଓ ନବୀକରଣଯୋଗ୍ୟ ଶକ୍ତିର ବ୍ୟବହାରକୁ ଅଧିକ ପ୍ରୋତ୍ସାହିତ କରିବା ସହ ପିଏମ୍ ସୂର୍ଯ୍ୟ ଘର ମାଗଣା ବିଜୁଳି ଯୋଜନା ସମ୍ପର୍କରେ ସାଧାରଣ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଇବା ଉଦ୍ଦେଶ୍ୟରେ ଟିପିସିଓଡିଏଲ ପକ୍ଷରୁ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ 'ସୋଲାର ରଥ'ର ଶୁଭାରମ୍ଭ କରାଯାଇଛି। ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଏହି ସୋଲାର ରଥକୁ ଶୁଭାରମ୍ଭ କରିଥିଲେ। ଏହି ସଚେତନତା ରଥ ଜିଲ୍ଲାର ବିଭିନ୍ନ ବ୍ଲକ ଅଞ୍ଚଳ ପରିଦର୍ଶନ କରି ଘର ଛାତ ଉପରେ ସୌର ଶକ୍ତି ପ୍ରକଳ୍ପ ସ୍ଥାପନର ସୁବିଧା, ପିଏମ୍ ସୂର୍ଯ୍ୟ ଘର ଓ ମାଗଣା ବିଜୁଳି ଯୋଜନା ଅଧୀନରେ ମିଳୁଥିବା ସରକାରୀ ସହାୟତା ଏବଂ ସହଜ ସ୍ଥାପନ ପ୍ରକ୍ରିୟା ସମ୍ପର୍କରେ ଲୋକଙ୍କୁ ସଚେତନ କରିବ। ଅତିରିକ୍ତ ଜିଲ୍ଲାପାଳ (ଉନ୍ନୟନ) ଡଃ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଅଧୀକ୍ଷଣ ଯନ୍ତ୍ରୀ ଇଂ ଅମରଜିତ୍ ପଟ୍ଟନାୟକ ସୂଚନା ଦେବା ସହ ନିର୍ବାହୀ ଯନ୍ତ୍ରୀ ସଞ୍ଜୟ କୁମାର ମହାନ୍ତି, କର୍ପୋରେଟ ଯୋଗାଯୋଗ ମୁଖ୍ୟ ଗୌରୀ ମହାନ୍ତି, ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

## ନାବାଳିକା ଦୁଷ୍କର୍ମ ମାମଲାରେ ଅଭିଯୁକ୍ତ ଗିରଫ

**କଟକ,୪।୮ (ସମିସ):** ନାବାଳିକାକୁ ଦୁଷ୍କର୍ମ କରିବା ଘଟଣାରେ ମଧୁପାଟଣା ଥାନା ପୁଲିସ ଅଭିଯୁକ୍ତକୁ ଗିରଫ କରିଛି। ଅଭିଯୁକ୍ତର ଘର ଏହି ଥାନା ଅନ୍ତର୍ଗତ ପ୍ରେସ କଲୋନୀ ଅଞ୍ଚଳରେ ବୋଲି ଜଣାପଡିଛି। ସୋସିଆଲ ମିଡିଆରୁ ଅଭିଯୁକ୍ତ ସହିତ ନାବାଳିକାର ବନ୍ଧୁତ୍ୱ ହୋଇଥିଲା। ଏହାପରେ କଥାବାର୍ତ୍ତାରୁ ଉଭୟଙ୍କ ମଧ୍ୟରେ ପ୍ରେମ ସଂପର୍କ ଗଢ଼ି ଉଠିଥିଲା। ପରବର୍ତ୍ତୀ ସମୟରେ ଅଭିଯୁକ୍ତଜଣକ ବିବାହ କରିବାକୁ ପ୍ରତିଶ୍ରୁତି ଦେଇ ତାଙ୍କ ସହିତ ଶାରୀରିକ ସଂପର୍କ ରଖିବାରେ ଲାଗିଥିଲା। ପୀଡିତାଜଣକ ଅନ୍ତଃସ୍ୱତ୍ତା ଥିବା ଜାଣିବା ପରେ ବିବାହ ଲାଗି କହିଥିଲେ, ହେଲେ ଅଭିଯୁକ୍ତଜଣକ ତାଙ୍କ କଥାକୁ କର୍ଣ୍ଣପାତ କରି ନଥିଲା। ଦୁଇଦିନ ପୂର୍ବେ ପୀଡ଼ିତା ଜଣକ ଅଭିଯୁକ୍ତର ଘରକୁ ଆସି ବିବାହ ଲାଗି ଅଡ଼ି ବସିଥିଲା, ହେଲେ ଅଭିଯୁକ୍ତଜଣକ ତାଙ୍କ କଥାରେ ରାଜି ହେବା ତ ଦୂରର କଥା, ଚିହ୍ନି ନଥିବା କହିଥିଲା। ଏହି ସବୁ ବିଷୟ ପୀଡିତାର ପରିବାରଲୋକ ଜାଣିବା ପରେ ମଧୁପାଟଣା ଥାନାରେ ଏତଲା ଦେଇଥିଲେ। ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁକରିଥିଲା। ପୀଡିତାଙ୍କ ବୟାନ ରେକର୍ଡ ପରେ ପୁଲିସ ଘଟଣାର ତଦନ୍ତ ଚଳାଇ ଅଭିଯୁକ୍ତକୁ ଧରିଆଣିଛି। ଆଜି ଉଭୟ ପୀଡ଼ିତା ଓ ଅଭିଯୁକ୍ତକୁ ପରୀକ୍ଷାନିରୀକ୍ଷା ନିମନ୍ତେ ମେଡିକାଲ ପଠାଇଯାଇଥିଲା। ଆସନ୍ତାକାଲି ଅଭିଯୁକ୍ତକୁ କୋର୍ଟଚାଲାଣ କରାଯିବ ବୋଲି ଥାନା ଅଧିକାରୀ ଚିତ୍ତରଞ୍ଜନ ରାଉତ ସୂଚନା ଦେଇଛନ୍ତି।

### ରେଭେନ୍ସାରେ ରାଜନୈତିକ ହସ୍ତକ୍ଷେପକୁ ନିନ୍ଦା

## ହଷ୍ଟେଲ ୱାର୍ଡେନ୍‌ଙ୍କ ଇସ୍ତଫା




**କଟକ,୪।୮ (ସମିସ):** ରେଭେନ୍ସା ବିଶ୍ୱବିଦ୍ୟାଳୟର ଛାତ୍ରାବାସ ସମ୍ବନ୍ଧୀୟ ସମସ୍ୟାର ସମାଧାନ ପାଇଁ ଆୟୋଜିତ ଏକ ବୈଠକରେ କଟକ ସଦର ବିଧାୟକଙ୍କ ଅନାବଶ୍ୟକ ହସ୍ତକ୍ଷେପକୁ ରେଭେନ୍ସା ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଘ ଦୃଢ଼ ଭାବରେ ନିନ୍ଦା କରିଛି। ଏହାସହିତ ସମ୍ପୃକ୍ତ ବୈଠକରେ ମୁଖ୍ୟ ୱାର୍ଡେନ୍‌ଙ୍କ ପ୍ରତି ପ୍ରୟୋଗ କରାଯାଇଥିବା ଅସୌଜନ୍ୟମୂଳକ ଭାଷା ଓ ବ୍ୟବହାରକୁ ନେଇ ସଂଘ ଗଭୀର ଦୁଃଖ ପ୍ରକାଶ କରିଛି। ଶିକ୍ଷକମାନଙ୍କ ସ୍ୱାଭିମାନ, ମର୍ଯ୍ୟାଦା ଓ ସୁରକ୍ଷା ଦୃଷ୍ଟିରୁ ବିଶ୍ୱବିଦ୍ୟାଳୟର ସମସ୍ତ ଛାତ୍ରାବାସ ଓ ଛାତ୍ରୀନିବାସର ୱାର୍ଡେନ୍ ଏବଂ (ଅସିଷ୍ଟାଣ୍ଟ ୱାର୍ଡେନ୍ ନିଜ ନିଜ ପଦରୁ ଇସ୍ତଫା ଦେଇ କୁଳପତିଙ୍କୁ ଇସ୍ତଫାପତ୍ର ପ୍ରଦାନ କରିଛନ୍ତି। ସଂଘ ପକ୍ଷରୁ କୁହାଯାଇଛି ଯେ ବିଶ୍ୱବିଦ୍ୟାଳୟଗୁଡ଼ିକ ନିଜସ୍ୱ ବିଧି, ଅଧ୍ୟାଦେଶ, ନିୟମାବଳୀ ଓ ସ୍ୱାଧୀନ ପ୍ରଶାସନିକ ପ୍ରକ୍ରିୟା ଅନୁଯାୟୀ ପରିଚାଳିତ ହୋଇଥାନ୍ତି। ଛାତ୍ରାବାସ ପରିଚାଳନାର ଦାୟିତ୍ୱ ନିର୍ଦ୍ଦିଷ୍ଟ କର୍ତ୍ତୃପକ୍ଷଙ୍କ ଉପରେ ନ୍ୟସ୍ତ ଥାଏ, ଯେଉଁମାନେ ବିନା ବାହ୍ୟ ଚାପ କିମ୍ବା ହସ୍ତକ୍ଷେପରେ ସ୍ୱାଧୀନ ଭାବେ ନିଜ ଦାୟିତ୍ୱ ତୁଲାଇଥାନ୍ତି। ମାତ୍ର ବାହ୍ୟ ବ୍ୟକ୍ତି କିମ୍ବା ସଂସ୍ଥାର ଅନୁଚିତ ପ୍ରଭାବ ସୁସ୍ଥ ଶିକ୍ଷାଗତ ପରିବେଶ ଏବଂ ନିୟମଭିତ୍ତିକ ପ୍ରଶାସନିକ ବ୍ୟବସ୍ଥାକୁ କ୍ଷୁଣ୍ଣ କରୁଛି। ସମସ୍ତ ଜନପ୍ରତିନିଧି ଓ ଅଂଶୀଦାରଙ୍କୁ ବିଶ୍ୱବିଦ୍ୟାଳୟର ବୈଧାନିକ କର୍ତ୍ତୃପକ୍ଷଙ୍କୁ ବାହ୍ୟ ହସ୍ତକ୍ଷେପ ବିନା ନିଜ କାର୍ଯ୍ୟ କରିବାକୁ ସୁଯୋଗ ଦେବାକୁ ଆହ୍ୱାନ ଜଣାଇଛି। ଶିକ୍ଷକମାନଙ୍କ ସୁରକ୍ଷା ଓ ଶିକ୍ଷାନୁଷ୍ଠାନର ଗୌରବ ରକ୍ଷା ପାଇଁ ସଂଘ ସଦାସର୍ବଦା ଦୃଢ଼ ପରମ୍ପରା ବଜାୟ ରଖିବ ବୋଲି ପ୍ରକାଶ କରାଯାଇଛି।

## 'ସମ୍ମାନିତା' ପକ୍ଷରୁ ଗୋ-ମାତାଙ୍କୁ ଖାଦ୍ୟ ପରିବେଷଣ

**କଟକ,୪।୮ (ସମିସ):** ସାମାଜିକ ଅନୁଷ୍ଠାନ ସମ୍ମାନିତା ପକ୍ଷରୁ ବିଦିଶା କ୍ରାଫ୍ଟର ସହଯୋଗରେ ନୟାବଜାରସ୍ଥିତ ଗୋଶାଳା ପରିସରରେ ଗୋମାତାଙ୍କୁ ଖାଦ୍ୟ ପରିବେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ଅଭିନେତ୍ରୀ ତଥା ସମାଜସେବୀ ବର୍ଷା ପ୍ରିୟଦର୍ଶିନୀଙ୍କ ପ୍ରେରଣା ଏବଂ ସମ୍ମାନିତାର ସାମାଜିକ ଦାୟିତ୍ୱବୋଧର ଏକ ନିଆରା ପଦକ୍ଷେପ ସ୍ୱରୂପ ଆୟୋଜିତ ଏହି କାର୍ଯ୍ୟକ୍ରମ ସମାଜରେ ଜୀବଦୟା, କରୁଣା ଓ ସେବାଭାବର ବାର୍ତ୍ତା ପ୍ରସାର କରିବାର ଏକ ପ୍ରୟାସ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବର୍ଷା ପ୍ରିୟଦର୍ଶିନୀଙ୍କ ସହିତ ବିଶିଷ୍ଟ ଶିଳ୍ପପତି ବିଜୟ କାଣ୍ଡୋଇ, ବିଶିଷ୍ଟ ସମାଜସେବୀ ସଙ୍ଗୀତା କାଣ୍ଡୋଇ, ସମ୍ମାନିତାର ମାର୍ଗଦର୍ଶକ ଡ଼ଃ. ପ୍ରଶାନ୍ତ ପରିଡ଼ା ଏବଂ ବିଶିଷ୍ଟ ଗୋସେବକ ରାଧା ମାଧବ ଦାସ ଉପସ୍ଥିତ ରହି ଗୋମାତାଙ୍କୁ ଖାଦ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ଇଣ୍ଡିଆନ୍ ଆଇଡଲ୍ ପ୍ରତିଯୋଗୀ ଜ୍ୟୋତିର୍ମୟୀ ନାୟକ, ବିଶିଷ୍ଟ ସମାଜସେବୀ ବାବୁ ପ୍ରଧାନ, ଡିସ୍କୋ ରେଈ ଓ ଅନ୍ୟାନ୍ୟ ସମ୍ମାନିତ ଅତିଥିବୃନ୍ଦ ମଧ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଗରିମାମୟ କରିଥିଲେ। ଅତିଥିମାନେ ଗୋସେବାର ମହତ୍ତ୍ୱ ଓ ସମସ୍ତ ଜୀବଜଗତ ପ୍ରତି ଆମର ଦାୟିତ୍ୱ, କରୁଣା ଏବଂ ସେବାଭାବର ଆବଶ୍ୟକତା ଉପରେ ମତ ପ୍ରକାଶ କରିଥିଲେ। ଉପସ୍ଥିତ ସମସ୍ତେ ଗୋମାତାଙ୍କୁ ଖାଦ୍ୟ ପରିବେଷଣ କରିବା ସହ ଜୀବଦୟାର ବାର୍ତ୍ତା ପ୍ରସାର କରିବାର ସଂକଳ୍ପ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତାର ସଦସ୍ୟବୃନ୍ଦ, ସ୍ୱେଚ୍ଛାସେବୀ, ଶୁଭେଚ୍ଛୁ ଓ ସମାଜର ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ସକ୍ରିୟ ଭାବେ ସାମିଲ ହୋଇଥିଲେ। ଶେଷରେ ଆୟୋଜକ ପକ୍ଷରୁ ସମସ୍ତ ଅତିଥି, ସହଯୋଗୀ, ଗଣମାଧ୍ୟମ ପ୍ରତିନିଧି ଏବଂ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

## ଶିଶୁ ମନ୍ଦିର ପରିସରରେ ବୃକ୍ଷରୋପଣ

**କଟକ,୪।୮ (ସମିସ):** ବୃକ୍ଷ ନାହିଁ ତ ଜୀବନ ନାହିଁ। ଏହି ଉକ୍ତିକୁ ଦୃଷ୍ଟିରେ ରଖି କଟକ ଅଲିଶାବଜାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏକ ସଚେତନତା ସଭା ବିଦ୍ୟାଳୟର ପ୍ରତିଷ୍ଠାତା ବିଶିଷ୍ଟ ଶିକ୍ଷାବିତ୍ ଭାରତୀ ପ୍ରସାଦ ବାରିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା ବେଳେ କର୍ପୋରେଟର ଦୀପାଞ୍ଜଳି ସିଂ ମୁଖ୍ୟଅତିଥି ଭାବରେ ଯୋଗଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସୁଶ୍ରୀ ରୁବି ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାଳୟର ଗୁରୁଜୀ ଗୁରୁମା ଓ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।



## ଦହିବରା ଆଳୁଦମ୍ ବ୍ୟବସାୟୀ ସଙ୍ଘ ପକ୍ଷରୁ ଦହିବରା ବଣ୍ଟନ



**କଟକ,୪।୮ (ସମିସ):** କଟକ ଦହିବରା ଆଳୁଦମ ବ୍ୟବସାୟୀ ସଙ୍ଘ ସହଯୋଗରେ କଟକ ଗଡ଼ଗଡିଆ ଘାଟରେ କାଉଡ଼ିଆ ଭକ୍ତ ଓ ସାଧାରଣ ଲୋକଙ୍କ ପାଇଁ ବିନା ପିଆଜ ଓ ରସୁଣରେ ପ୍ରସ୍ତୁତ ସାତ୍ତ୍ୱିକ ଦହିବରା ଆଳୁଦମ ବଣ୍ଟନ କରାଯାଇଥିଲା। ସଙ୍ଘର ସଭାପତି ପ୍ରଦୀପ୍ତ କୁମାର ସାହୁ (ବାବୁଲା ଦହିବରା)ଙ୍କ ନେତୃତ୍ୱରେ ପ୍ରାୟ ଏକ ହଜାର ପୁଡ଼ିଆର ଦହିବରା ଆଳୁଦମ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇ ଶ୍ରଦ୍ଧାଳୁ ଓ ସାଧାରଣ ଲୋକଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା। ଏହି ସେବା କାର୍ଯ୍ୟକ୍ରମରେ ସଙ୍ଘର ସମ୍ପାଦକ, ଉପସଭାପତି, କୋଷାଧ୍ୟକ୍ଷ ଓ ଉପଦେଷ୍ଟାଙ୍କ ସମେତ ଅନ୍ୟାନ୍ୟ ବ୍ୟବସାୟୀ ସହଯୋଗ କରିଥିଲେ। ଉପସ୍ଥିତ ସମସ୍ତେ ଏହାକୁ ସେବା ଓ ସାମାଜିକ ସଦ୍ଭାବନାର ଏକ ଉତ୍କୃଷ୍ଟ ପଦକ୍ଷେପ ବୋଲି ମତ ପ୍ରକାଶ କରିଥିଲେ।

## ପଥପାର୍ଶ୍ୱ ଚାରାରୋପଣ ଯୋଜନା

# ୫ ବର୍ଷରେ ୭ କୋଟି ଖର୍ଚ୍ଚ; ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟ ହେଲା

କଟକ, ୪।୮ (ସମିସ)

କଟକ ବନଖଣ୍ଡ ସମେତ ବିଭିନ୍ନ ସରକାରୀ ବିଭାଗ ପକ୍ଷରୁ କଟକ ସହରରେ ପ୍ରତି ବର୍ଷ ଚାରାରୋପଣ କରାଯାଉଛି। ବର୍ଷା ଋତୁ ଆରମ୍ଭ ହେବା ପରେ ବନ ବିଭାଗ ପକ୍ଷରୁ ଚାରା ରୋପଣ ତଥା ବନୀକରଣ କରାଯାଇଥାଏ। ଏଥିପାଇଁ ବନ ବିଭାଗ ପକ୍ଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିଲେ ମଧ୍ୟ ଏହାର ସୁଫଳ ମିଳିବା ନେଇ ସନ୍ଦେହ ଉପୁଜିଛି। କଟକ ଜିଲ୍ଲାର ବିଭିନ୍ନ ବ୍ଲକ ସମେତ ପୌରାଞ୍ଚଳଗୁଡିକ ଦେଇ ଯାଇଥିବା ରାଜପଥ କଡ଼ରେ ଚାରା ଲଗାଯାଇଆସୁଛି; କିନ୍ତୁ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବ ସହ ଝଡ଼ବର୍ଷାରେ ପ୍ରତି ବର୍ଷ ଶତାଧିକ ଗଛ ଉପୁଡିପଡୁଛି। କେତେକ କ୍ଷେତ୍ରରେ ଚାରା ଚାରିପଟେ ଲଗାଯାଉଥିବା ସୁରକ୍ଷା ବାଡ ମଧ୍ୟ ଉଭାନ ହୋଇଯାଉଛି। ଏପରିକି ଗଛ ଲଗାଇ ଦାୟିତ୍ୱ ଶେଷ କରାଯାଉଛି କିନ୍ତୁ ଏଗୁଡିକର ରକ୍ଷଣାବେକ୍ଷଣ କରାଯାଉନି।

କଟକ ସହରରେ କେବଳ ଗତ ୨୦୨୧ରୁ ୨୦୨୫-୨୬ ଆର୍ଥିକ ବର୍ଷ ମଧ୍ୟରେ ପ୍ରାୟ ୭ କୋଟି ୨୨ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିବା ଜଣାପଡିଛି। ୫ ବର୍ଷ ଭିତରେ ରାସ୍ତା ପାର୍ଶ୍ୱ ବନୀକରଣ ଅଭିଯାନରେ ମୋଟ ୨୨ଲକ୍ଷ ୫୩ହଜାର ଚାରା ଲଗାଯାଇପାରିଛି। ସେହିପରି ୨ଲକ୍ଷରୁ ଅଧିକ ଚାରା ଲଗାଇବା ପାଇଁ କଟକ ସହରର ଲୋକଙ୍କୁ ବଣ୍ଟନ କରାଯାଇଛି। ୨୦୧୯-୨୦ରେ ୩୩ଲକ୍ଷ ୧୩ହଜାର, ୨୦୨୦-୨୧ରେ ୮ଲକ୍ଷ ୮୫ହଜାର, ୨୦୨୨-୨୩ରେ ୨କୋଟି ୬ଲକ୍ଷ, ୨୦୨୩-୨୪ରେ ୪କୋଟି ୭୩ଲକ୍ଷ ଟଙ୍କା ବିନିଯୋଗ ହୋଇଥିବା ବେଳେ ଗତ ଦୁଇ ବର୍ଷରେ ବି କୋଟିଏରୁ ଅଧିକ ଖର୍ଚ୍ଚ ହେଲାଣି। ତେବେ ଚାରା ବଞ୍ଚିବାର ହାର ୮୨ରୁ ୧୦୦ପ୍ରତିଶତ ଥିବା ବିଭାଗ ପକ୍ଷରୁ କୁହାଯାଇଛି। ୭ହେକ୍ଟର ପରିମିତ ତଥା ୫୦କିଲୋମିଟର ରାସ୍ତାରେ ଏହି ଚାରା ରୋପଣ ହୋଇଛି।

ବନ ବିଭାଗ ସୂତ୍ରରୁ ମିଳିଥିବା ସୂଚନାନୁସାରେ, ଅଧିକ ପବନ ସହୁଥିବା ଗଛ ଶିସୁ, ଅସନ, ଫାସୀ, କରଂଜ, ଅର୍ଜୁନ, ଲିମ୍ବ, ଜାମୁ ଆଦି ଗଛକୁ ପଥପାର୍ଶ୍ୱ ବନୀକରଣ କାର୍ଯ୍ୟକ୍ରମରେ ସାମିଲ କରାଯାଉଛି। ସହରର ରାସ୍ତା ଡିଭାଇଡର ଓ ରାସ୍ତା ପାର୍ଶ୍ୱ ଗଛ ଛୋଟ ଝଡପବନରେ ଉପୁଡିପଡୁଥିବା ବି ଦେଖିବାକୁ ମିଳୁଛି। ଏପରିକି ଅନେକ ସ୍ଥାନରେ ନୂତନ ଚାରାରୋପଣ କରାଯାଇ ପାରିନଥିବାର ଜଣାପଡିଛି। ରାସ୍ତା କଡକୁ ବାଦ ଦେଲେ କାଠଯୋଡି ଓ ମହାନଦୀ ପଠାରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ବ୍ୟାପକ କରାଯିବାର ଆଶବଶ୍ୟକତା ରହିଛି। ନଦୀପଠାରେ ବନୀକରଣ ଦ୍ୱାରା ବାତ୍ୟା ସମୟରେ ଏହା ସହରକୁ ବିପଦରୁ ରକ୍ଷା କରିବାରେ ସହାୟକ ହୋଇପାରିବ ବୋଲି ପରିବେଶବିତ କୁହନ୍ତି।

ବିବାଦ ଘେରରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସଂସ୍କୃତି ବିଭାଗ

# ମହୋତ୍ସବ ସରିବାର ୪ ମାସ ପରେ ବି ହେଉନି ସମୀକ୍ଷା ବୈଠକ

ଜଗତସିଂହପୁର,୪।୮ (ସମିସ)

ଜଗତସିଂହପୁର ଜିଲ୍ଲା ମହୋତ୍ସବ 'କଲ୍ଲୋଳ-୨୦୨୬' ସରିବାର ୪ ମାସ ବିତିଲାଣି। ହେଲେ ଏହି ମହୋତ୍ସବ ପାଳନ ବେଳେ ଦେଖା ଦେଇଥିବା ଅବ୍ୟବସ୍ଥା ଏବଂ ଭୁଲତ୍ରୁଟିର ସମୀକ୍ଷା ପାଇଁ କାହିଁକି ବୈଠକ ଡକାଯାଉ ନାହିଁ ତାକୁ ନେଇ ଉଠିଛି ପ୍ରଶ୍ନ। ସେପଟେ କିନ୍ତୁ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ସଂସ୍କୃତି ବିଭାଗ ପାଲଟିଛି ନିଦାବିଷ୍ଟୁ। ସେହିପରି ପାରାଦୀପ ବିଧାୟକ ତଥା ଶିଳ୍ପ ମନ୍ତ୍ରୀ ସଂପଦ କୁମାର ସ୍ୱାଇଁ, ସାଂସଦ ଡ. ବିଭୂ ପ୍ରସାଦ ତରାଇ, ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ତିର୍ତ୍ତୋଲ ବିଧାୟକ ଡ. ରମାକାନ୍ତ ଭୋଇ ଏବଂ ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ମଧ୍ୟ ନୀରବ ରହିବା ଜିଲ୍ଲାବାସୀଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି।

ଏଠାରେ ସୂଚନାଯୋଗ୍ୟ ଯେ, ଗତ ଏପ୍ରିଲ ତାରିଖରୁ ୫ ତାରିଖ ପର୍ଯ୍ୟନ୍ତ ଜଗତସିଂହପୁର ଜିଲ୍ଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମରେ ଆୟୋଜିତ ହୋଇଥିଲା ଜିଲ୍ଲା ଉତ୍ସବ 'କଲ୍ଲୋଳ-୨୦୨୬'। ଇତି ମଧ୍ୟରେ ଉତ୍ସବ ସରିବାର ୪ ମାସ ବିତିଯାଇଥିବା ବେଳେ ନାନା ବିବାଦ ଓ ଅବ୍ୟବସ୍ଥା ମଧ୍ୟରେ ଆୟୋଜିତ ଏହି ଉତ୍ସବର ସମୀକ୍ଷା ବୈଠକ କାହିଁକି ଡକାଯାଉନାହିଁ ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଶେଷକରି ଜିଲ୍ଲା ମହୋତ୍ସବ ଆୟୋଜନରେ ହୋଇଥିବା ଆୟ-ବ୍ୟୟ ସାର୍ବଜନୀନ କରିବାରେ ସଂସ୍କୃତି ବିଭାଗର ପଛଘୁଞ୍ଚାକୁ ସାଧାରଣରେ ନାପସନ୍ଦ କରାଯାଇଛି।

ଏଠାରେ ସୂଚନାଯୋଗ୍ୟ ଯେ, ଗତ ୨୦୨୫ ମସିହା ଜିଲ୍ଲା ମହୋତ୍ସବ ପରେ ମଧ୍ୟ ଉତ୍ସବର ଆୟବ୍ୟୟ ସାର୍ବଜନୀନ କରାଯାଇନଥିଲା। ଏହାକୁ ଦୃଷ୍ଟିରେ ରଖି ତୁରନ୍ତ ସମୀକ୍ଷା ବୈଠକ ଡାକିବାକୁ ସେହିବର୍ଷ ଜୁଲାଇ ୧୮ ତାରିଖରେ ଜିଲ୍ଲା ମହୋତ୍ସବ ଆୟୋଜନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଜଗତସିଂହପୁର ସଦର ବିଧାୟକ ଅମରେନ୍ଦ୍ର ଦାସ ଜିଲ୍ଲାପାଳଙ୍କୁ ଚିଠି ମାଧ୍ୟମରେ ଜଣାଇଥିଲେ। ହେଲେ ଜିଲ୍ଲାପାଳ ବିଧାୟକଙ୍କ ଚିଠିକୁ ଗୁରୁତ୍ୱ ଦେଲେନାହିଁ କିମ୍ବା ବୈଠକ ଡାକିଲେ ନାହିଁ। ପୁଣିଥରେ ୨୦୨୬ ଫେବୃଆରୀ ୨୦ ତାରିଖରେ କ୍ଷୋଭବ୍ୟକ୍ତ କରିବା ସହିତ ତୁରନ୍ତ ସମୀକ୍ଷା ବୈଠକ ଡାକିବାକୁ ଜିଲ୍ଲାପାଳଙ୍କୁ ବିଧାୟକ ଶ୍ରୀ ଦାସ ଚିଠି ଲେଖିଥିଲେ। ହେଲେ ଜିଲ୍ଲାପାଳ କିମ୍ବା ଜିଲ୍ଲା ସଂସ୍କୃତି ବିଭାଗ କୌଣସି ପଦକ୍ଷେପ ଗ୍ରହଣ କଲେନାହିଁ। ବାରମ୍ବାର ଏଭଳି ହେଉଥିବାରୁ ଜିଲ୍ଲା ସଂସ୍କୃତି ବିଭାଗର କାର୍ଯ୍ୟଧାରା ପ୍ରତି ଏହା ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଜିଲ୍ଲା ମହୋତ୍ସବ ସମୀକ୍ଷା ବୈଠକ ଡକାଯାଉ ନଥିବାରୁ ଜିଲ୍ଲା ମହୋତ୍ସବରେ ବ୍ୟାପକ ଅର୍ଥ ହେରଫେର ନେଇ ହେଉଥିବା ଅଭିଯୋଗ ସତ୍ୟ କି ବୋଲି ସାଧାରଣରେ ପ୍ରଶ୍ନ ଉଠିବା ସ୍ୱାଭାବିକ। ସେପଟେ ଗତବର୍ଷ ଭଳି ଜିଲ୍ଲା ସଂସ୍କୃତି ବିଭାଗ ବିନା ସମୀକ୍ଷାରେ ଉତ୍ସବର ଆୟ ବ୍ୟୟ ବିବରଣୀ ନୋଟିସ ବୋର୍ଡରେ ଝୁଲାଇ ଦେଇ କାମ ସାରିଦେବ ନା ଚଳିତବର୍ଷ ସମୀକ୍ଷା ବୈଠକ ଆୟୋଜନ କରିବ ତାହା ସ୍ପଷ୍ଟ ହୋଇନାହିଁ। ଏଠାରେ ସୂଚନାଯୋଗ୍ୟ ଯେ, ଗତବର୍ଷ ଭଳି ଚଳିତବର୍ଷ ମଧ୍ୟ ଜିଲ୍ଲା ମହୋତ୍ସବ ଆୟୋଜନରେ ଚରମ ବିଶୃଙ୍ଖଳା ଏବଂ ପ୍ରଶାସନିକ ଅଧିକାରୀ ମାନଙ୍କ ମନମାନୀ ପ୍ରତିଫଳିତ ହୋଇଥିବା ପରିଲକ୍ଷିତ ହୋଇଥିଲା। ଏହି ଉତ୍ସବ ପାଇଁ ଗଠିତ ବିଭିନ୍ନ ସବ୍-କମିଟିର ନିଷ୍ପତିକୁ ଉପେକ୍ଷା କରି ମନଇଚ୍ଛା କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଥିବା ଅଭିଯୋଗ ଉଠିଥିଲା। ସାଂସ୍କୃତିକ ସବ୍-କମିଟିରେ ଗ୍ରହଣ କରାଯାଇଥିବା ନିଷ୍ପତି ଅନୁସାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣର ପରମ୍ପରା ଚାଲି ଆସିଥିବା ବେଳେ ଗତବର୍ଷ ପରି ଚଳିତବର୍ଷ ମଧ୍ୟ ଏଥିରେ ଘୋର ବ୍ୟତିକ୍ରମ ପରିଲକ୍ଷିତ ହୋଇଥିଲା। ଏହାକୁ ନଜରରେ ରଖି ତୁରନ୍ତ ଜିଲ୍ଲା ଉତ୍ସବର ସମୀକ୍ଷା ବୈଠକ ଡକାଇ ସମସ୍ତ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ପାଇଁ ବିଭିନ୍ନ ମହଲରେ ଦାବି କରାଯାଇଛି।

■ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ

## ଦାବି ଓ ଆପତ୍ତି ଦାଖଲ ଅବଧି ୧୯ ଅଗଷ୍ଟ ପର୍ଯ୍ୟନ୍ତ ବୃଦ୍ଧି

ଜଗତସିଂହପୁର,୪।୮ (ସମିସ): ଓଡ଼ିଶାରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ ୨୦୨୬ କାର୍ଯ୍ୟକ୍ରମ ଅଧୀନରେ ଚିଠା ଭୋଟର ତାଲିକା ଉପରେ ଦାବି ଓ ଆପତ୍ତି ଦାଖଲ ପାଇଁ ସମୟସୀମାକୁ ଭାରତ ନିର୍ବାଚନ ଆୟୋଗ ୧୯ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଏ ସମ୍ପର୍କିତ ଆଧିକାରିକ ବିଜ୍ଞପ୍ତି ଗୃହ (ନିର୍ବାଚନ) ବିଭାଗ ପକ୍ଷରୁ ଓଡ଼ିଶା ଗେଜେଟ୍‌ରେ ପ୍ରକାଶ ପାଇଛି। ୧ ଜୁଲାଇ ୨୦୨୬କୁ ଯୋଗ୍ୟତା ତାରିଖ ଭାବେ ଧାର୍ଯ୍ୟ କରି ଚାଲିଥିବା ଏହି ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ପାଇଁ ଭାରତ ନିର୍ବାଚନ ଆୟୋଗ ସଂଶୋଧିତ କାର୍ଯ୍ୟସୂଚୀ ଜାରି କରିଛନ୍ତି। ଜିଲ୍ଲାରେ ଅଧିକରୁ ଅଧିକ ଯୋଗ୍ୟ ନାଗରିକଙ୍କୁ ଭୋଟର ତାଲିକାରେ ସାମିଲ କରିବା, ଯୋଗ୍ୟ ଭୋଟରଙ୍କୁ ପର୍ଯ୍ୟାପ୍ତ ସମୟ ଦେବା ଏବଂ ଦାବି ଓ ଆପତ୍ତି ପ୍ରକ୍ରିୟାକୁ ଅଧିକ ସୁବ୍ୟବସ୍ଥିତ ଓ ଅନ୍ତର୍ଭୁକ୍ତିମୂଳକ କରିବା ଉଦ୍ଦେଶ୍ୟରେ ଏହି ସମୟ ବୃଦ୍ଧି କରାଯାଇଛି। ଯେଉଁ ଯୋଗ୍ୟ ନାଗରିକଙ୍କ ନାମ ଚିଠା ଭୋଟର ତାଲିକାରେ ସାମିଲ ହୋଇନାହିଁ କିମ୍ବା ଭୋଟର ତାଲିକାରେ ଥିବା ତଥ୍ୟରେ କୌଣସି ତ୍ରୁଟି ରହିଛି, ସେମାନେ ୧୯ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଦାଖଲ କରିପାରିବେ। ଏହି ଅବଧି ମଧ୍ୟରେ ଫର୍ମ-୬ ମାଧ୍ୟମରେ ନୂତନ ଭୋଟର ଭାବେ ପଞ୍ଜୀକରଣ, ଫର୍ମ-୭ ମାଧ୍ୟମରେ ନାମ ବିଲୋପ ପାଇଁ ଆବେଦନ ଏବଂ ଫର୍ମ-୮ ମାଧ୍ୟମରେ ଭୋଟର ତାଲିକାରେ ଥିବା ତଥ୍ୟର ସଂଶୋଧନ ପାଇଁ ଆବେଦନ କରାଯାଇପାରିବ। ୦୧ ଜୁଲାଇ ୨୦୨୬ ସୁଦ୍ଧା ୧୮ ବର୍ଷ ବୟସ ପୂରଣ କରିଥିବା ସମସ୍ତ ଯୋଗ୍ୟ ନାଗରିକ ଏହି ସୁଯୋଗର ସଦ୍‌ବ୍ୟବହାର କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଉଛି। ସଂଶୋଧିତ କାର୍ଯ୍ୟସୂଚୀ ଅନୁଯାୟୀ, ନୋଟିସ ପ୍ରଦାନ, ଶୁଣାଣି ଓ ଦାବି-ଆପତ୍ତିର ନିଷ୍ପତ୍ତି ପ୍ରକ୍ରିୟା ୧୭ ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ଚାଲିବ। ଏହା ପରେ ୨୧ ସେପ୍ଟେମ୍ବର ୨୦୨୬ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ ବୋଲି ଡେପୁଟି କଲେକ୍ଟର ନିର୍ବାଚନ ସୂଚନା ଦେଇଛନ୍ତି।

## ଅଠରବା ।ମାର୍କେଟ ବ୍ୟବସାୟୀ ଦେହାନ୍ତ

ପାରାଦୀପ,୪।୮ (ସମିସ): ପାରାଦୀପ ଅଠରବାଙ୍କୀ ମାର୍କେଟର ବିଶିଷ୍ଟ ବ୍ୟବସାୟୀ ଧରଣୀଧର ପାତ୍ରଙ୍କର ୭୫ ବର୍ଷ ବୟସରେ ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ହଠାତ ନିଃଶ୍ୱାସ ନେବାରେ ବାଧା ସୃଷ୍ଟି ହେବାରୁ ତାଙ୍କୁ ଗତ ଶନିବାର ସ୍ଥାନୀୟ କେଏମ୍‌ଏସ୍ ମେଡ଼ିକାଲ ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ରବିବାର ରାତି ୧୧ଟାରେ ତାଙ୍କର ମୃତ୍ୟୁ ଘଟିଛି। ସେ ଦୀର୍ଘ



ଦିନ ହେବ ଅଠରବାଙ୍କୀ ମାର୍କେଟରେ ବ୍ୟବସାୟ କରି ଆସୁଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଅଠରବାଙ୍କୀ ବ୍ୟବସାୟୀ ସଂଘରେ ଏକ ପ୍ରକାର ଶୋକର ଛାୟା ଖେଳିଯାଇଥିଲା। ତାଙ୍କ ଶେଷ ଦର୍ଶନ ପାଇଁ ସେ ରହୁଥିବା ଲକ୍‌ପଡ଼ା ବାସଗୃହରେ ବ୍ୟବସାୟୀମାନଙ୍କର ସୁଅ ଛୁଟିଥିଲା। ପରେ ପରିବାର ପକ୍ଷରୁ ତାଙ୍କ ନିଜ ଗ୍ରାମ ଜଗତସିଂହପୁର ଜିଲ୍ଲାର କୁଜଙ୍ଗ ଥାନା ଅନ୍ତର୍ଗତ ଶିଙ୍ଗିପୁର ଗ୍ରାମକୁ ନିଆଯାଇ ଶେଷକୃତ୍ୟ ସମ୍ପର୍ଣ୍ଣ କରାଯାଇଥିଲା। ସ୍ୱର୍ଗତ ପାତ୍ରଙ୍କ ସହଧାର୍ମିଣୀଙ୍କର ପୂର୍ବରୁ ମୃତ୍ୟୁ ହୋଇଥିବା ବେଳେ ତାଙ୍କର ଗୋଟିଏ ଝିଅ ଓ ୫ ପୁଅ ଅଛନ୍ତି। ବଡ଼ ପୁଅ ମୁଖାଗ୍ନି ଦେଇଥିଲେ। ମୃତ ଶଯ୍ୟା ନିକଟରେ ତାଙ୍କର ୫ ପୁଅ ସମେତ ଏକମାତ୍ର ଝିଅ ଓ ପରିବାର ଲୋକେ ଉପସ୍ଥିତ ଥିଲେ। ଏନେଇ ଆଜି ସକାଳେ ଅଠରବାଙ୍କୀ ବ୍ୟବସାୟୀ ସଂଘ ପକ୍ଷରୁ ଏକ ସ୍ମୃତି ସଭା ଆୟୋଜନ କରାଯାଇ ମାର୍କେଟ ବନ୍ଦ ରହିଥିଲା। ତେବେ ଏହି ସ୍ମୃତି ସଭାରେ ବ୍ୟବସାୟୀ ସଂଘର ସଭାପତି ଚିତ୍ତରଞ୍ଜନ ମଲ୍ଲିକଙ୍କ ସମେତ ଉପସଭାପତି ଉମେଶ ଚନ୍ଦ୍ର ସ୍ୱାଇଁ, ପ୍ରଭାକର ସାହୁ, ଅକ୍ଷୟ ଭୂୟାଁ, ପ୍ରାଣକୃଷ୍ଣ ସାହୁ, ଅଧିର ବାରିକ ଓ ଚାନ୍ଦୁ ବାରୀଙ୍କ ସମେତ ସମସ୍ତ ବ୍ୟବସାୟୀ ଉପସ୍ଥିତଥିଲେ।

## ପାଲା ଗାୟକ ଜଗନ୍ନାଥ ବେହେରାଙ୍କ ସ୍ମୃତିଚାରଣ ସଭା



ଜଗତସିଂହପୁର,୪।୮ (ସମିସ): ଜଗତସିଂହପୁର ସହରର ଚାତ୍ରା ସ୍ଥିତ ଅଳକା ଆଶ୍ରମ ପରିସରରେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ବର୍ଷିଆନ ପାଲା ଗାୟକ ଜଗନ୍ନାଥ ବେହେରାଙ୍କ ବିୟୋଗରେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଅଧ୍ୟାପକ ଭଗବାନ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ଆଶ୍ରମର ସଭାପତି ଗୌରାଙ୍ଗ ଚରଣ ହୋତା, ଆବାହକ ଦେବେନ୍ଦ୍ର ରାଉତ, ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା ଏବଂ ପଣ୍ଡିତ ଚିତ୍ତରଞ୍ଜନ ମିଶ୍ର ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଜଗନ୍ନାଥ ବେହେରାଙ୍କ ସ୍ମୃତିଚାରଣ କରିବା ସହିତ ସେ ପାଲା ଜଗତର ଭୀଷ୍ମ ପିତାମହ ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ସ୍ୱର୍ଗତ ବେହେରା ଓଡ଼ିଶାର ପାରମ୍ପରିକ ଲୋକକଳା ପାଲାକୁ ରାଜ୍ୟ ତଥା ରାଜ୍ୟ ବାହାରେ ପ୍ରସାର ପ୍ରଚାର ଦିଗରେ ବଳିଷ୍ଠ ଭୂମିକା ଗ୍ରହଣ କରି ଆସୁଥିଲେ। ତାଙ୍କ ଜୀବନ କାଳ ମଧ୍ୟରେ ସ୍ୱର୍ଗତ ବେହେରା ଶହ ଶହ ସଂଖ୍ୟାରେ ପାଲା ଗାୟକ ସୃଷ୍ଟି କରିବା ସହିତ ଏହି ଲୋକକଳା କିପରି ବଞ୍ଚି ରହିବ ସେଥିପାଇଁ ଉଦ୍ୟମ ଜାରି ରଖିଥିଲେ ବୋଲି ସଭାରେ ମତପ୍ରକାଶ ପାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ଶୁଭକାନ୍ତ ପଡ଼ିହାରୀ, ପତଞ୍ଜଳି ଯୋଗ ସମିତିର ଚନ୍ଦ୍ରମଣି ସ୍ୱାଇଁ, ବିଶ୍ୱନାଥ ସ୍ୱାଇଁ, ବସନ୍ତ ସ୍ୱାଇଁ, ସେବାନିବୃତ ସେନାନୀ ସୋମନାଥ ମହାରଣା,ଶ୍ରୀମତୀ ପଙ୍କଜିନୀ ଏବଂ ସୋମନାଥ ପଣ୍ଡା ପ୍ରମୁଖ ଏଥିରେ ଯୋଗଦେଇ ସ୍ୱର୍ଗତ ଜଗନ୍ନାଥ ବେହେରାଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ସ୍ୱର୍ଗତ ଆତ୍ମାର ସଦଗତି ନିମିତ୍ତ ୧ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଶେଷରେ ଆଶ୍ରମର କୋଷାଧ୍ୟକ୍ଷ ବିଜୟ କୁମାର ରଥ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ବାବା ମାଧୁରୀ ପୀଠ ଦାନହୁଣ୍ଡିରୁ ଚୋରି



ବାଲିକୁଦା,୪।୮ (ସମିସ): ବାଲିକୁଦା ଥାନା ଅନ୍ତର୍ଗତ ଇଛାପୁର ପଞ୍ଚାୟତର ମାଧୁରୀ ବଜାର ନିକଟରେ ଥିବା ବାବା ମାଧୁରୀ ପୀଠରେ ଥିବା ଦାନହୁଣ୍ଡିରୁ ଚୋରି ହୋଇଥିବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଏନେଇ ଇଛାପୁର ଗ୍ରାମର ଅଶ୍ୱିନୀ କୁମାର ସାହୁ ବାଲିକୁଦା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଗତ ୨ ତାରିଖ ରାତି ପ୍ରାୟ ୧୧ଟା ପରେ କେହି ଦୁର୍ବୃତ୍ତ ମନ୍ଦିର ପରିସରରେ ଥିବା ଦାନହୁଣ୍ଡିକୁ ଚୋରି କରି ନେଇଥିଲେ। ଚୋରି ହୋଇଥିବା ହୁଣ୍ଡୀରେ ୩୫ ହଜାର ଟଙ୍କାରୁ ଅଧିକ ଅର୍ଥ ଥିବା ଅଭିଯୋଗରେ ଉଲ୍ଲେଖ କରାଯାଇଛି। ଘଟଣାର ତଦନ୍ତ କରି ଚୋରଙ୍କୁ ଧରିବା ସହ ଠାକୁରଙ୍କ ଦାନ ଅର୍ଥ ଫେରାଇ ଦେବାକୁ ଗ୍ରାମବାସୀ ମାନେ ପୁଲିସ ନିକଟରେ ଦାବି କରିଛନ୍ତି। ଏ ସମ୍ପର୍କରେ ବାଲିକୁଦା ଥାନା ଅଧିକାରୀ କାବୁଲି ବାରିକଙ୍କୁ ପଚାରିବାରୁ ସେ ବର୍ତ୍ତମାନ ଥାନା କାର୍ଯ୍ୟରେ କଟକରେ ଥିବାରୁ ଘଟଣା ସମ୍ପର୍କରେ ତୁରନ୍ତ ସୂଚନା ଦେଇପାରିବେ ନାହିଁ ବୋଲି କହିଥିଲେ। ଆସନ୍ତାକାଲି ଘଟଣାର ଅନୁଧ୍ୟାନ କରି ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ସେ ସୂଚନା ଦେଇଛନ୍ତି।

## ଗୋ ।ରେ ଜି । ରୀୟ ସ

ଏରସମା,୪।୮ (ସମିସ): ଏରସମା ବ୍ଲକ ଅନ୍ତର୍ଗତ ଗୋଡ଼ା ପଞ୍ଚାୟତର ଗୋଡ଼ା ଗ୍ରାମର ଧର୍ମପରାୟଣ ମହିଳା ତଥା ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଅନୁଗାମୀ ବାବାଜୀ ଚରଣ ପରିଡାଙ୍କ ସହଧର୍ମିଣୀ ଆଶାରାଣୀ ପରିଡାଙ୍କ ଚତୁର୍ଦ୍ଦଶାହ ଉପଲକ୍ଷେ ଏକ ଜିଲ୍ଲାସ୍ତରୀୟ ସତସଙ୍ଗ, ଆଧ୍ୟାତ୍ମିକ ଆଲୋଚନାଚକ୍ର ଓ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜଗତସିଂହପୁର ସତସଙ୍ଗ ବିହାରର ସପ୍ର ରତିକ୍ ଡ. ଶରତ ଚନ୍ଦ୍ର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଭୁବନେଶ୍ୱର ସତସଙ୍ଗ ବିହାରର ସପ୍ର ରତିକ୍ ଡ. ଅଭୟ କୁମାର ପରିଡା, ପୁରୀ ସତସଙ୍ଗ ବିହାରର ସପ୍ରର ସରୋଜ ଦାସ, ହରେକୃଷ୍ଣ ଦାସ, ନିରଞ୍ଜନ ପ୍ରଧାନ, ନିଖିଳେଶ୍ୱର ଗିରି, ନିରଞ୍ଜନ ଜେନା, ଇଂ. ବିଜୟ କୁମାର ମାଦେଳି, ସରୋଜ କୁମାର ପରିଡା, ଆଇନଜୀବୀ ଡ. ବୀର ନାରାୟଣ ପାତ୍ର, ସରୋଜ କୁମାର ପରିଡା, ମନୋରଞ୍ଜନ ପରିଡା, ନିଲୁରତ୍ନ ପରିଡା, ବୁଲବୁଲ ପରିଡା ପ୍ରମୁଖ ଯୋଗଦେଇଥିଲେ। ଏହି ସତ୍‌ସଙ୍ଗ ଉତ୍ସବରେ କଟକ, ପୁରୀ, ଭୁବନେଶ୍ୱର, ଜଗତସିଂହପୁର, କେନ୍ଦ୍ରାପଡ଼ା ପ୍ରଭୃତି ଅଞ୍ଚଳରୁ ଶତାଧିକ ଗୁରୁଭାଇ ମାନେ ଯୋଗଦେଇଥିଲେ। ପ୍ରାରମ୍ଭିକ ସୂଚନା ନିରଞ୍ଜନ ପ୍ରଧାନ ଦେଇଥିବା ବେଳେ, ଚେନ୍ନାଇ ସତସଙ୍ଗ ବିହାରର ସରୋଜ କୁମାର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

## ରୋଟାରୀ କ୍ଲବର ରଜତ ଜୟନ୍ତୀ ଓ ସ୍ଥାପନା ଉତ୍ସବ




ପାରାଦୀପ,୪।୮ (ସମିସ): ପାରାଦୀପ ରୋଟାରୀ କ୍ଲବର ୨୬ତମ ସ୍ଥାପନା ଦିବସ ତଥା ରଜତ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ରୋଟାରୀ ଜିଲ୍ଲା ୩୨୬୨ର ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ରୋଟାରୀ ଅନିଲ କୁମାର ସାମଲ ମୁଖ୍ୟଅତିଥି ଏବଂ ଆଇପିଡିଜି ମନୋଜ କୁମାର ତ୍ରିପାଠୀ ଓ ପ୍ରଥମ ମହିଳା ସୁବ୍ରତା ସାମଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଦାୟୀ ସଭାପତି ସୁସାନ୍ତ କୁମାର ବାଗ ନୂତନ ସଭାପତି ଅକ୍ଷୟ ଚନ୍ଦ୍ର ସୁତାରଙ୍କୁ ଏବଂ ସମ୍ପାଦକ ବିପ୍ଳବ କୁମାର ଜେନା ନୂତନ ସମ୍ପାଦକ ଇଂ. କାଳୀ ପ୍ରସାଦ ମିଶ୍ରଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। କ୍ଲବରେ ମୋଟ ୧୧ ଜଣ ନୂତନ ସଦସ୍ୟ ସାମିଲ ହୋଇଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ବନ୍ଦର ଅଧ୍ୟକ୍ଷ ପିଏଲ୍ ହରନାଦ, ସମ୍ମାନିତ ଅତିଥି ଭାବେ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା, ଅତିରିକ୍ତ ଏସ୍‌ପି ଆଜିଙ୍କ୍ୟ ବାବୁରାଓ ମାଣେ ଓ ପୌରାଧ୍ୟକ୍ଷ ବସନ୍ତ ବିସ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ କ୍ଲବର ସମସ୍ତ ପୂର୍ବତନ ସଭାପତିଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ରଜତ ଜୟନ୍ତୀ ସ୍ମାରକୀ "ପାରାଦୀପିକା' ଲୋକାର୍ପିତ ହୋଇଥିଲା। ଡା. ସୁରେନ୍ଦ୍ର ମୋହନ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଡା. ପ୍ରଶାନ୍ତ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଡା. ଦୁର୍ଗା ପ୍ରସାଦ ସେଠୀ, କ୍ୟାପ୍ଟେନ୍ ଅଲେଖ ଚନ୍ଦ୍ର ସାହୁ, କ୍ୟାପ୍ଟେନ୍ ସୁଶାନ୍ତ ବାଗ, ପ୍ରଫେସର ଅକ୍ଷୟ ଚନ୍ଦ୍ର ମିଶ୍ର, ବିପ୍ଳବ ଜେନା, ଦୀପକ କୁମାର ସାରଙ୍ଗୀ, ହରିହର ଦାଶ, ଡା. ଅଲୋକ ଲେଙ୍କା, ପ୍ରତାପ ଚନ୍ଦ୍ର ମଥାନ, ସୁଦର୍ଶନ ସ୍ୱାଇଁ ଏବଂ ଅନ୍ୟାନ୍ୟ ସଦସ୍ୟମାନଙ୍କ ସକ୍ରିୟ ସହଯୋଗରେ ସମସ୍ତ କାର୍ଯ୍ୟକ୍ରମ ସଫଳ ହୋଇଥିଲା।

## ଆରମ୍ଭ ହେଲା 'ସବୁଜ ସଂକଳ୍ପ' ଅଭିଯାନ

ବାଲିକୁଦା,୪।୮ (ସମିସ): ପ୍ରଥମା ଫାଉଣ୍ଡେସନ ପକ୍ଷରୁ ବିଶ୍ୱ ବନ୍ଧୁତ୍ୱ ଦିବସକୁ ନିଆରା ଢଙ୍ଗରେ ପାଳନ କରାଯାଇଛି। ଅନୁଷ୍ଠାନ ଦ୍ୱାରା ଆରମ୍ଭ ହୋଇଛି "ସବୁଜ ସଂକଳ୍ପ'ଅଭିଯାନ। ଏହିଅବସରରେ ବାଲିକୁଦା ବ୍ଲକର ମା' ବନ୍ଦରେଇଙ୍କ ପୀଠରେ ଫଳ ଗଛ




ରୋପଣ କରାଯାଇଛି। ଉପସ୍ଥିତ ବନ୍ଧୁମାନେ ପ୍ରତ୍ୟେକ ଗୋଟିଏ ଗୋଟିଏ ଗଛ ଲଗାଇ ତା ସହ ବନ୍ଧୁ ବାନ୍ଧିଛନ୍ତି। ଅନ୍ତତଃ ଗୋଟିଏ ଗଛକୁ ବନ୍ଧୁ ଭଳି ଯତ୍ନ ନେବାକୁ ସବୁଜ ସଂକଳ୍ପ ନେଇଛନ୍ତି। ସଦସ୍ୟାମାନେ ଅତି ଯତ୍ନର ସହ ଅଁଳା, ଆମ୍ବ, ସପେଟା, ଲେମ୍ବୁ, ବଉଳ ଗଛ ଲଗାଇ ଚାରି ପାଖରେ ସୁରକ୍ଷା ବାଡ଼ ଦେଇଛନ୍ତି। ପ୍ରଥମା ଫାଉଣ୍ଡେସନର ସଙ୍ଗଠନ ସମ୍ପାଦକ ସତ୍ୟବ୍ରତ ବିଶ୍ୱାଳ କହିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଥମା ଫାଉଣ୍ଡେସନର ଅଧ୍ୟକ୍ଷ ସୋମନାଥ ପରିଡା, ସମାଜସେବୀ ଗଙ୍ଗାଧର ନାୟକ, ପ୍ରଶାନ୍ତ ରାଉତରାୟ, ସୁବାସ ଚନ୍ଦ୍ର ନାୟକ, ପ୍ରାକ୍ତନ ଶିକ୍ଷାବିତ ପବିତ୍ର କୁମାର ସ୍ୱାଇଁ, ଯୁବ ସମାଜସେବୀ କିଶୋର ମହାନ୍ତି, ଶିକ୍ଷକ ସନ୍ତୋଷ କୁମାର ବିଶ୍ୱାଳ, ସାମ୍ବାଦିକ କମଳାକାନ୍ତ ବାରିକ, ସାମ୍ବାଦିକ ପ୍ରଣବ ପ୍ରଧାନ, ଶିକ୍ଷକ ତପନ କୁମାର ନାୟକ, ଶିକ୍ଷକ ସୁରେଶ କୁମାର ସ୍ୱାଇଁ, ସଂଜୀବ ବରାଳ, ସମାଜସେବୀ ଯୋଗେଶ କୁମାର ବେହେରା, ସଞ୍ଜୟ କୁମାର ବେହେରା, ବାବୁରାମ ନାୟକ ଓ କବି ରମେଶ ଚନ୍ଦ୍ର ବହିରା, ସୁଦୀପ୍ତ ପରିଡ଼ା ଉପସ୍ଥିତ ଥିଲେ।

## ପ । ।ସ୍ଥ୍ୟକେ କର୍ମଚାରୀ ଅବସରକା ।ନ ସମ ର୍ଦ୍ଧନା



ଜଗତସିଂହପୁର,୪।୮ (ସମିସ): ଜଗତସିଂହପୁର ଜିଲ୍ଲା ପଲ୍ଲୀ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀ ଅରୁଣ କୁମାର ରଥ (ଟୁନା ଭାଇନା)ଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ପଲ୍ଲୀ ସ୍ୱାସ୍ଥ୍ୟକେନ୍ଦ୍ରର ସହଯୋଗୀ ଅଧ୍ୟାପକ ଡା. ମଦନ ମୋହନ ମାଝୀ, ବିଭାଗୀୟ ପ୍ରଫେସର ଡା. ମହୁଆ ବିଶ୍ୱାସ ଅତିଥି ଭାବେ ଯୋଗଦେଇ ଶ୍ରୀରଥ ତାଙ୍କ କାର୍ଯ୍ୟାକାଳ ମଧ୍ୟରେ ଜଣେ ନିଷ୍ଠାପର, ସମୟାନୁବର୍ତ୍ତୀ, ମେଳାପୀ, ତଥା ମିଷ୍ଟଭାଷୀ ବ୍ୟକ୍ତି ଥିଲେ ବୋଲି କହିଥିଲେ।

ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ପଲ୍ଲୀ ସ୍ୱାସ୍ଥ୍ୟକେନ୍ଦ୍ରର ବରିଷ୍ଠ ସହାୟକ ଶିବଦତ୍ତ ଖଣ୍ଡୁଆଳ, କଇମ୍ ଉଦ୍ଦିନ, ଭେନସ୍ ନାୟକ, ଅଶ୍ୱିନୀ ରଥ, ସୁଶ୍ରୀ ସଂଗୀତା ଓଝା, ସୁଜାତା ବସ୍ତିଆ, ପରମାନନ୍ଦ ସାହୁ, କ୍ଷୀରୋଦ ସ୍ୱାଇଁ, ଜ୍ଞାନରଞ୍ଜନ ଜେନା, ପ୍ରକାଶ ମହାନ୍ତି, ସ୍ୱାଧୀନ ବେହେରା, ସଂଗ୍ରାମ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## କଇଁଛ ସଂରକ୍ଷଣରେ ଟେଡ୍‌ର ଗୁରୁତ୍ୱ ଦେବା ଉପରେ ସଚେତନତା

ପାରାଦୀପ,୪।୮ (ସମିସ)

ମତ୍ସ୍ୟଜୀବୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଆଇସିଏଆର-ସିଆଇଏଫଟି, ଏମ୍‌ପିଇଡିଏ-ନେଟଫିଶ ଦ୍ୱାରା ମିଳିତ ଭାବରେ ପାରାଦୀପ ମାଛଧରା ବନ୍ଦରରେ ଏକ କଇଁଛ ବାହକ ଉପକରଣ (ଟେଡ୍) ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମତ୍ସ୍ୟଜୀବୀ (ସାମୁଦ୍ରିକ) ଉପନିର୍ଦ୍ଦେଶକ, ମତ୍ସ୍ୟଜୀବୀ ବିଭାଗର ଅଧିକାରୀ, ଆଇସିଏଆର-ସିଆଇଏଫଟିର ବୈଜ୍ଞାନିକ ଏବଂ ବୈଷୟିକ ବିଶେଷଜ୍ଞ, ଏମପିଇଡିଏ-ନେଟଫିଶର ପ୍ରତିନିଧି, ଟ୍ରଲର ମାଲିକ, ମତ୍ସ୍ୟଜୀବୀ ଏବଂ ସାମୁଦ୍ରିକ ମତ୍ସ୍ୟଜୀବୀ କ୍ଷେତ୍ରର ଅନ୍ୟାନ୍ୟ ଅଂଶୀଦାରମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ସମୟରେ, ବିଶେଷଜ୍ଞମାନେ ବାଣିଜ୍ୟିକ ମାଛ ଏବଂ ଚିଙ୍ଗୁଡ଼ିର ପ୍ରଭାବଶାଳୀ ଧରାପଡ଼ିବା ସହିତ ସାମୁଦ୍ରିକ କଇଁଛଙ୍କ ଦୁର୍ଘଟଣାଜନିତ ଧରାପଡ଼ିବା ହ୍ରାସ କରିବାରେ କଇଁଛ ବାହକ ଉପକରଣର ଗୁରୁତ୍ୱ ବ୍ୟାଖ୍ୟା କରିଥିଲେ। ଟ୍ରଲର ମାଛଧରା କାର୍ଯ୍ୟରେ ଟେଡ୍




ଗ୍ରହଣ କରିବାର ପରିବେଶଗତ, ଆର୍ଥିକ ଏବଂ ଆଇନଗତ ଲାଭ ଉପରେ ବକ୍ତାମାନେ ଆଲୋକପାତ କରିଥିଲେ। ସେମାନେ ସାମୁଦ୍ରିକ ଜୈବ ବିବିଧତା ସଂରକ୍ଷଣ ଏବଂ ସାମୁଦ୍ରିକ ମତ୍ସ୍ୟଜୀବୀଙ୍କ ଦୀର୍ଘକାଳୀନ ସ୍ଥାୟୀତ୍ୱ ସୁନିଶ୍ଚିତ କରିବା ପାଇଁ ଦାୟିତ୍ୱପୂର୍ଣ୍ଣ ମାଛଧରା ଅଭ୍ୟାସର ଗୁରୁତ୍ୱ ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ। ଟେଡ୍ ସ୍ଥାପନ, ପରିଚାଳନା ଏବଂ ରକ୍ଷଣାବେକ୍ଷଣ ସମ୍ପର୍କରେ ମତ୍ସ୍ୟଜୀବୀ ଏବଂ ଟ୍ରଲର ମାଲିକମାନଙ୍କ ପ୍ରଶ୍ନର ସମାଧାନ ପାଇଁ ଏକ ପାରସ୍ପରିକ ବୈଷୟିକ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଅଂଶଗ୍ରହଣକାରୀମାନେ ବିଶେଷଜ୍ଞଙ୍କ ସହ ସକ୍ରିୟ ଭାବରେ ଆଲୋଚନା କରିଥିଲେ ଏବଂ ସ୍ଥାୟୀ ମାଛ ଧରିବା ପଦକ୍ଷେପକୁ ସମର୍ଥନ କରିବାକୁ ସେମାନଙ୍କର ଇଚ୍ଛା ପ୍ରକାଶ କରିଥିଲେ। ମ ସ୍ୟ ଜ । ବ । ମ । ନ ଙ୍କୁ ସ୍ୱେଚ୍ଛାକୃତ ଭାବରେ ଟେଡ ଗ୍ରହଣ କରିବାକୁ ଏବଂ ଦାୟିତ୍ୱପୂର୍ଣ୍ଣ ଏବଂ ସ୍ଥାୟୀ ମାଛ ଧରିବା ଅଭ୍ୟାସକୁ ପ୍ରୋତ୍ସାହିତ କରିବାରେ ମତ୍ସ୍ୟ ବିଭାଗ ସହିତ ସହଯୋଗ କରିବାକୁ ଉପସ୍ଥିତ ଅଧିକାରୀ ମାନେ ଉତ୍ସାହିତ କରିଥିଲେ। ମତ୍ସ୍ୟ ବିଭାଗ ଏବଂ ମତ୍ସ୍ୟଜୀବୀ ସମ୍ପ୍ରଦାୟର ସ୍ଥାୟୀ ମାଛ ଧରିବା, ବିଲୁପ୍ତପ୍ରାୟ ସାମୁଦ୍ରିକ କଇଁଛକୁ ସୁରକ୍ଷା ଦେବା ଏବଂ ଓଡ଼ିଶାରେ ଦାୟିତ୍ୱପୂର୍ଣ୍ଣ ସାମୁଦ୍ରିକ ମାଛ ଧରିବା ଅଭ୍ୟାସକୁ ସୁଦୃଢ଼ କରିବା ପାଇଁ ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦେଶ କରିଥିଲା।

## ଉପମୁଖ୍ୟମନ୍ତ୍ରୀଙ୍କ ଯାଜପୁର ଜିଲ୍ଲା ବନ୍ୟାଞ୍ଚଳ ଗସ୍ତ

# ରିଲିଫ୍ ଓ ପାଲ ପାଇଁ ଗାଡ଼ି ଅଟକାଇଲେ ବିପନ୍ନ




**ଯାଜପୁର/ବାଲିଚନ୍ଦ୍ରପୁର/ଦଶରଥପୁର,୪।୮ (ସମିସ)**

ଯାଜପୁର ଜିଲ୍ଲାରେ ଆସିଥିବା ବନ୍ୟା ଯୋଗୁଁ ବ୍ୟାପକ କ୍ଷୟକ୍ଷତି ହୋଇଥିବା ବେଳେ ଅଦ୍ୟାବଧି ସରକାରଙ୍କ ପକ୍ଷରୁ କୌଣସି ରିଲିଫ ବିପନ୍ନଙ୍କ ପାଖରେ ପହଞ୍ଚିନାହିଁ। ଏଭଳି ସ୍ଥଳେ ଆଜି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଜିଲ୍ଲାର ବିଭିନ୍ନ ବନ୍ୟାଞ୍ଚଳ ଗସ୍ତ କରିଥିଲେ। ପ୍ରଥମେ ବଡ଼ଚଣା ବ୍ଲକର ଗୋପାଳପୁର ଅଞ୍ଚଳକୁ ଯାଇ ସେଠାରେ ବନ୍ୟାଞ୍ଚଳ ପରିଦର୍ଶନ କରିଥିଲେ। ବଡ଼ଚଣାରେ ବିରୂପା ଓ ଗେଙ୍ଗୁଟିରେ ବନ୍ୟା ଆସି ୧୫ଟି ଗ୍ରାମ ଓ ପଡ଼ା ଗ୍ରାମର ୧୭ ହଜାରରୁ ଊର୍ଦ୍ଧ୍ୱ ବ୍ୟକ୍ତି ପ୍ରଭାବିତ ହୋଇଛନ୍ତି। ସେଥିମଧ୍ୟରୁ ବିରୂପା କୂଳରେ ଥିବା ବାଲିଚନ୍ଦ୍ରପୁର ପତରାଜପୁର, ଆମ୍ବସୌରୀ, ଚାରିନଙ୍ଗଳ, ବାହାଦୂରନଗର, କଳାଶ୍ରୀ-ଗୋପାଳପୁର, ଖଡ଼ଗପୁର, ମଝିପଡା, ଚଣ୍ଡିଆ ବନମାଳୀପୁର ପ୍ରଭୃତି ଗ୍ରାମର ବ୍ୟାପକ କ୍ଷୟକ୍ଷତି ହୋଇଛି। ଗୋସମ୍ପଦ ଅବସ୍ଥା ଅତ୍ୟନ୍ତ ଶୋଚନୀୟ। ହଜାର ହଜାର ଏକର ଚାଷ ଜମି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ହେଲେ ଆଜି ପର୍ଯ୍ୟନ୍ତ ସେଠାରେ କୌଣସି ରିଲିଫ ସାମଗ୍ରୀ ପହଞ୍ଚିପାରିନାହିଁ। ଆଜି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଗୋପାଳପୁର ଅଞ୍ଚଳକୁ ପରିଦର୍ଶନ କରିଥିଲେ। ଏହି ସମୟରେ ସ୍ଥାନୀୟ ଲୋକେ ଉପମୁଖ୍ୟମନ୍ତ୍ରୀଙ୍କ ଗାଡ଼ିକୁ ଅଟକାଇ, 'ଆମକୁ ପାଲ ଦିଅ, ପାଲ ଦିଅ' ବୋଲି ଚିତ୍କାର କରିଥିଲେ। ଏଥିସହିତ ଆଜି ପର୍ଯ୍ୟନ୍ତ ରିଲିଫ କାହିଁକି ମିଳିନାହିଁ ବୋଲି ପ୍ରଶ୍ନ କରିଥିଲେ। ରିଲିଫ ଓ ପାଲ ପାଇଁ ବନ୍ୟା ବିପନ୍ନଙ୍କ ମଧ୍ୟରେ ଥିବା ଆକ୍ରୋଶ ଏତେ ମାତ୍ରାରେ ଥିଲା ଯେ ବିପନ୍ନମାନଙ୍କ ପ୍ରଶ୍ନବାଣରେ ଉପମୁଖ୍ୟମନ୍ତ୍ରୀଙ୍କ ସହିତ ଥିବା ବିଜେପି ନେତାମାନେ ସେଠାରୁ ଛତ୍ରଭଙ୍ଗ ଦେଇଥିଲେ। ବନ୍ୟା ବିପନ୍ନ ମାନଙ୍କ ଆକ୍ରୋଶକୁ ଶାନ୍ତ କରିବା ପାଇଁ ସମସ୍ତ କ୍ଷତିଗ୍ରସ୍ତଙ୍କୁ ସରକାରୀ ସହାୟତା ମିଳିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ।

ସେହିପରି ସନ୍ଧ୍ୟାରେ ଦଶରଥପୁର ବ୍ଲକର ତରପଦା ପଞ୍ଚାୟତ ଡୋଭାବିଲ ପାଟଣା ଅଞ୍ଚଳରେ ସୃଷ୍ଟି ହୋଇଥିବା ଘାଇ ପରିଦର୍ଶନ କରିବାକୁ ଉପମୁଖ୍ୟନ୍ତ୍ରୀ ଆସିଥିବା ବେଳେ ସ୍ଥାନୀୟ ବିପନ୍ନମାନଙ୍କ ବିରୋଧର ମଧ୍ୟ ସମ୍ମୁଖୀନ ହୋଇଛନ୍ତି। ନିର୍ଦ୍ଧାରିତ ସମୟର ବହୁ ବିଳମ୍ବରେ ଉକ୍ତ ଘାଇ ନିକଟରେ ପହଞ୍ଚି ଟର୍ଚ୍ଚ ମାରି ଘାଇ ଦେଖି ଫେରୁଥିବା ସମୟରେ ବନ୍ୟା ବିପନ୍ନମାନେ କୌଣସି ସରକାରୀ ସହାୟତା କାହିଁକି ମିଳିନାହିଁ ବୋଲି ପ୍ରଶ୍ନ କରିଥିଲେ। ଶତାଧିକ ବିପନ୍ନ ଉପମୁଖ୍ୟମନ୍ତ୍ରୀଙ୍କ ଗାଡିକୁ ଅଟକାଇବା ସହିତ ସରକାରୀ ରିଲିଫ କେବେ ମିଳିବ ବୋଲି ପ୍ରଶ୍ନପଚାରିଥିଲେ। ପରିସ୍ଥିତି ଅଣାୟତ୍ତ ହେଉଥିବା ଦେଖି ସାଙ୍ଗରେ ଥିବା ସ୍ଥାନୀୟ ବିଜେପି

### ପୀଡ଼ିତଙ୍କ ପ୍ରଶ୍ନବାଣରେ ଶାସକ ଦଳର ନେତାଙ୍କ ଛତ୍ରଭଙ୍ଗ

ନେତା ମାନେ ଗାଡ଼ିରେ ବସି ପଳାଇଥିଲେ। ବିପନ୍ନମାନେ ଉପମୁଖ୍ୟମନ୍ତ୍ରୀଙ୍କ ଗାଡିକୁ ପିଛା କରି ହୋହାଲ୍ଲା କରିଥିବା ଦେଖିବାକୁ ମିଳିଥିଲା। ବଡ଼ଚଣାରେ ଉପମୁଖ୍ୟମନ୍ତ୍ରୀଙ୍କ ସହିତ ସ୍ଥାନୀୟ ବିଧାୟକ ଅମର କୁମାର ନାୟକ, ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର, ବଡ଼ଚଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବୀନ୍ଦ୍ର ପ୍ରଧାନ, ଦର୍ପଣ ତହସିଲଦାର ମାନସ କୁମାର ତ୍ରିପାଠୀ, ବ୍ଲକ ଅଧ୍ୟକ୍ଷା ମିନତୀ ସେନାପତି, ନିରଞ୍ଜନ ସେନାପତି, ଜିଲ୍ଲା ପରିଷଦ ଅରବିନ୍ଦ ସାମଲ, ସୁମନ୍ତ ସାମଲ ପ୍ରମୁଖ ସାମିଲ ହୋଇଥିଲା ବେଳେ ଦଶରଥପୁର ବ୍ଲକ ଗସ୍ତ ସମୟରେ ବିଜେପି ନେତା ଗୌତମ ରାୟଙ୍କ ସମେତ ଦଳୀୟ କର୍ମୀ ମାନେ ସାମିଲ ହୋଇଥିଲେ।

## ଚାଲିଛି କାଣୀ ନଦୀ ଘାଇ ମରାମତି କାର୍ଯ୍ୟ

# ୩୦ରୁ ଅଧିକ ଗ୍ରାମ ଏବେ ବି ଜଳବନ୍ଦୀ

**କୟାଁଗୋଲା,୪।୮ (ସମିସ):** ବୈତରଣୀ ନଦୀ ଓ ଏହାର ଶାଖା କାଣୀ ନଦୀରେ ଆସିଥିବା ପ୍ରଳୟଙ୍କରୀ ବନ୍ୟା ଯୋଗୁଁ ଡୋଭାବିଲପାଟଣା ନଦୀବନ୍ଧରେ ପ୍ରାୟ ୪୦୦ ଫୁଟ ବ୍ୟାପୀ ଦୁଇଟି ଘାଇ ସୃଷ୍ଟି ହୋଇଥିଲା। ଏହାର ପ୍ରଭାବରେ ଦଶରଥପୁର ବ୍ଲକର ୧୯ଟି ପଞ୍ଚାୟତର ୧୦୦ରୁ ଅଧିକ ଗ୍ରାମକୁ



ବନ୍ୟାଜଳ ପ୍ରବେଶ କରି ପ୍ରାୟ ୧ ଲକ୍ଷରୁ ଅଧିକ ଲୋକ ଏକ ସପ୍ତାହ ଧରି ଜଳବନ୍ଦୀ ଅବସ୍ଥାରେ ରହିଥିଲେ।

ବର୍ତ୍ତମାନ ବନ୍ୟାଜଳ କମିବା ପରେ ଯାଜପୁର ଜଳସମ୍ପଦ ବିଭାଗ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ଘାଇ ମରାମତି କାର୍ଯ୍ୟ ଆରମ୍ଭ ହୋଇଛି। ଜଳସମ୍ପଦ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ରତ୍ନାକର ଦଳାଇଙ୍କ ତଦାରଖରେ ସହକାରୀ ଯନ୍ତ୍ରୀ ଆନ୍ତର୍ଯ୍ୟାମୀ ମହାନ୍ତି ଓ କନିଷ୍ଠ ଯନ୍ତ୍ରୀ ଅରୁଣ ତ୍ରିପାଠୀ ରାତିଦିନ ଘାଇ ସ୍ଥଳରେ ରହି କାର୍ଯ୍ୟକୁ ତ୍ୱରାନ୍ୱିତ କରୁଛନ୍ତି। ଆସନ୍ତା ୩ରୁ ୪ ଦିନ ମଧ୍ୟରେ ଘାଇ ମରାମତି କାର୍ଯ୍ୟ ଶେଷ ହେବ ବୋଲି ବିଭାଗୀୟ ଅଧିକାରୀମାନେ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ, ବନ୍ୟାଜଳ କମିଥିଲେ ମଧ୍ୟ ଦଶରଥପୁର ବ୍ଲକର ୩୦ରୁ ଅଧିକ ଗ୍ରାମ ଏବେ ବି ଜଳବନ୍ଦୀ ରହିଛି। ସେଠାରେ ବ୍ଲକ ପ୍ରଶାସନ ପକ୍ଷରୁ ରିଲିଫ ଓ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ବ୍ଲକ ପ୍ରଶାସନ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ ବିରିପଟା, ଦତ୍ତପୁର, ଜାଫରପୁର, କମାଡ଼ିହି, କୟାଁ, ଖାନନଗର, ନିଜାମପୁର, ପାଲଟପୁର, ଥାଲକୁଡ଼ି, ଛଞ୍ଚିଣା, ଦୁଦୁରା-ଅଣ୍ଟା, ଜୟନ୍ତରା, କନିକାପଡ଼ା, କଷ୍ପା, କଟିକଟା, ମଲ୍ଲୀକାପୁର, ମଙ୍ଗଳପୁର, ଶୁଶୁଆ ଓ ତରପଦା ସମେତ ୧୯ଟି ପଞ୍ଚାୟତର ୫୯ଟି ରାଜସ୍ୱ ଗ୍ରାମ କ୍ଷତିଗ୍ରସ୍ତ ହୋଇଛି। ମୋଟ ୯୦,୮୬୪ ଜଣ ଲୋକ ବନ୍ୟା ପ୍ରଭାବିତ ହୋଇଥିବା ବେଳେ ୮୭ଟି ଆଶ୍ରୟସ୍ଥଳୀ ଖୋଲାଯାଇ ୪୩,୪୧୩ ଜଣଙ୍କୁ ସେଠାରେ ରଖାଯାଇଥିଲା। ବିପନ୍ନମାନଙ୍କୁ ପ୍ରଥମ ପର୍ଯ୍ୟାୟରେ ୩୮୨.୫ କ୍ୱିଣ୍ଟାଲ ଚୁଡ଼ା ଓ ୩୮.୨୫ କ୍ୱିଣ୍ଟାଲ ଗୁଡ଼ ବଣ୍ଟନ କରାଯାଇଥିବା ବେଳେ ତହସିଲ ପକ୍ଷରୁ ୧୧,୬୧୦ ଖଣ୍ଡ ପାଲ ଯୋଗାଇ ଦିଆଯାଇଛି। ଏଥିସହ ବନ୍ୟା ପ୍ରଭାବିତ ଅଞ୍ଚଳରେ ୧୩୨ ମେଟ୍ରିକ ଟନ ଗୋଖାଦ୍ୟ ବଣ୍ଟନ କରାଯାଇଛି। ବିଶୁଦ୍ଧ ପାନୀୟ ଜଳ ପାଇଁ ପ୍ରାୟ ୧ ଲକ୍ଷ ଟଙ୍କା ମୂଲ୍ୟର ପାଣି ବୋତଲ ବଣ୍ଟନ କରାଯାଇଥିବା ବେଳେ ଆଶ୍ରୟସ୍ଥଳୀରେ ରହୁଥିବା ବିପନ୍ନମାନଙ୍କୁ ବନ୍ୟା ଆରମ୍ଭ ହେବା ଦିନଠାରୁ ଲଗାତାର ୭ ଦିନ ଧରି ମାଗଣା ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଥିବା ବ୍ଲକ ପ୍ରଶାସନ ସୂତ୍ରରୁ ଜଣାପଡ଼ିଛି।






# ଉପମୁଖ୍ୟମନ୍ତ୍ରୀଙ୍କ ବନ୍ୟା କ୍ଷୟକ୍ଷତି ସମୀକ୍ଷା

**ଯାଜପୁର, ୪।୮ (ସମିସ):** ଯାଜପୁର ଜିଲ୍ଲାରେ ହୋଇଥିବା ବନ୍ୟା ଯୋଗୁଁ ୮ଟି ବ୍ଲକ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଏହାର ସମୀକ୍ଷା କରିବା ପାଇଁ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା ଦିନିକିଆ ଗସ୍ତରେ ଆସିଥିଲେ। ଜିଲ୍ଲାର ବିଭିନ୍ନ ବନ୍ୟାଞ୍ଚଳ ପରିଦର୍ଶନ କରିବା ପରେ ରାତ୍ରିରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସମୀକ୍ଷା କରିଥିଲେ। ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାର ବନ୍ୟା ପରିସ୍ଥିତି ସଂପର୍କରେ



ଅବଗତ କରାଯାଇଥିଲା। ଜିଲ୍ଲା ପ୍ରଶାସନ ପକ୍ଷରୁ ରିଲିଫ ଓ ଉଦ୍ଧାର କାର୍ଯ୍ୟ ସଂପର୍କରେ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସଂପର୍କରେ ମଧ୍ୟ ସୂଚନା ଦିଆଯାଇଥିଲା। ଏହି ବୈଠକରେ ବଡ଼ଚଣା ବିଧାୟକ ଅମର ନାୟକ ଏବଂ ଯାଜପୁର ବିଧାୟିକା ସୁଜାତା ସାହୁ ଯୋଗ ଦେଇ ନିଜ ଅଞ୍ଚଳରେ ହୋଇଥିବା ବନ୍ୟା ପରିସ୍ଥିତି ସଂପର୍କରେ ଅବଗତ କରିଥିଲେ। ବନ୍ୟା ବିପନ୍ନ ମାନଙ୍କ ବିଷୟରେ ସଠିକ୍ ସର୍ଭେ କରି ତୁରନ୍ତ କ୍ଷତିପୂରଣ ଦେବାକୁ ଦାବି କରାଯାଇଥିଲା। ଉପ ମୁଖ୍ୟମନ୍ତ୍ରୀ ସମସ୍ତ ସମସ୍ୟା ଶୁଣିବା ପରେ ବିପନ୍ନ ମାନଙ୍କୁ ସହାୟତା ପ୍ରଦାନ କରାଯିବ ବୋଲି ପ୍ରତିଶୃତି ଦେଇଥିଲେ। ଏହି ବୈଠକରେ ବିଭିନ୍ନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ସମୀକ୍ଷା ପାଇଁ ଜିଲ୍ଲାପାଳ ଓ ବିଧାୟକଙ୍କ ବୈଠକ

**ବଡ଼ଚଣା,୪।୮ (ସମିସ):** ବଡଚଣା ବ୍ଲକ୍‌ରେ ହେଇଥିବା ବନ୍ୟାର ପରବର୍ତ୍ତୀ ଏକ ପ୍ରଶାସନିକ ବୈଠକ ଯାଜପୁର ଜିଲ୍ଲାପାଳ ଅମ୍ବର୍ କୁମାର କର ଓ ବଡ଼ଚଣା ବିଧାୟକ ଅମର ନାୟକଙ୍କ ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ବନ୍ୟା ପରବର୍ତ୍ତୀ ସମୟରେ ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଜଳ ନିଷ୍କାସନ ଅବ୍ୟବସ୍ଥା ଯୋଗୁ ଚାଷ ଜମି ଜଳମଗ୍ନ ହେବା ଯୋଗୁ ବ୍ୟାପକ ଫସଲ ନଷ୍ଟ, ବନ୍ୟ।। ପ୍ରଭାବରେ ଅଙ୍ଗନବାଡ଼ି ଓ ସ୍କୁଲ ଗୃହ ଗୁଡ଼ିକ କ୍ଷତିଗ୍ରସ୍ତ ରିପୋର୍ଟ ପ୍ରସ୍ତୁତ କରିବା, ବ୍ଲିଚିଂ ପକାଇବା, ହାଲୋଜିନ ବଟିକା ବଣ୍ଟନ, ସ୍ୱାସ୍ଥ୍ୟ ସେବା ସୁଦୃଢ କରିବା, ବିଦ୍ୟୁତ୍ ସେବା ସ୍ୱାଭାବିକ କରିବା, ବନ୍ୟାରେ କ୍ଷୟ କ୍ଷତି ଫସଲ, ବନ୍ୟାରେ କ୍ଷତି ହୋଇଥିବା ମାଟି ଘର ସଠିକ୍ ସର୍ଭେ କରି କ୍ଷତି ଗ୍ରସ୍ତମାନଙ୍କୁ ତୁରନ୍ତ ସରକାରୀ ସାହଯ୍ୟ ଯୋଗାଇ ଦେବାକୁ ଏହି ବୈଠକର ଆଲୋଚନା କରାଯାଇଥିଲା। ଏହି ସମୀକ୍ଷା ବୈଠକରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତୀ ସେନାପତି, ଉପାଧ୍ୟକ୍ଷ ବିଭାଷ ଚନ୍ଦ୍ର ନନ୍ଦ, ଯାଜପୁର ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳ, ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ, ତହସିଲ୍‌ଦାର୍ ମାନସ ରଞ୍ଜନ ତ୍ରିପାଠୀ, ଜିଲ୍ଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।




# ବନ୍ୟାଞ୍ଚଳରେ ରିଲିଫଂ ବଣ୍ଟନ



**ସିଂହପୁର,୪।୮ (ସମିସ):** ଆମ ସେବା ପରିବାର ଟ୍ରଷ୍ଟ ପକ୍ଷରୁ କନପୁର ଗ୍ରାମରେ ଥିବା ବନ୍ୟା ପୀଡ଼ତଙ୍କୁ ରିଲିଫ ବଣ୍ଟନ କରାଯାଇଛି। ଏହି ବିପନ୍ନ ମାନେ ବନ୍ୟାରେ ଜଳବନ୍ଦୀ ହୋଇ ରହିଥିଲେ। ବିପନ୍ନଙ୍କୁ ବିସ୍କୁଟ, ସୁଜି, ପାଉଁରୁଟି ଓ ପାନୀୟ ଜଳ ବଣ୍ଟନ କରାଯାଇଥିଲା। ଟ୍ରଷ୍ଟର ସଦସ୍ୟ ଶିକ୍ଷକ ଅକ୍ଷୟ କୁମାର ସାମଲ, ସୁଧାଂଶୁ ଶେଖର ଧଳ, ଶ୍ରୀଧର ସାହୁ, ନରେନ୍ଦ୍ର ନାୟକ, ସୁଯୋଗ୍ୟ ପାତ୍ର, ଶୁଭ୍ରାଂଶୁ ବେଉରିଆ, ପ୍ରମୋଦ ଦାସ ପ୍ରମୁଖ ବିପନ୍ନଙ୍କୁ ରିଲିଫ ବଣ୍ଟନ କରିଥିଲେ।




# ଆରପାରିରେ ସିଆର୍‌ପିଏଫ୍ ଯବାନ

**ବାଲିଚନ୍ଦ୍ରପୁର୪।୮ (ସମିସ):** ବଡ଼ଚଣା ବ୍ଲକ ଅନ୍ତର୍ଗତ ନଳିପୁର ଗ୍ରାମର ସିଆର୍‌ପିଏଫ୍ ଯବାନ ଅକ୍ଷୟ କୁମାର ନାୟକ (୫୧)ଙ୍କ ଆଜି ସକାଳୁ ବିୟୋଗ ଘଟିଛି। ସ୍ୱର୍ଗତ ଅକ୍ଷୟ ନିକଟରେ ମଣିପୁରରୁ ସ୍ଥାନାନ୍ତରିତ ହୋଇ ନୂଆପଡା ଜିଲ୍ଲାର ସିଆରପିଏଫ କ୍ୟାମ୍ପରେ ଯୋଗ ଦେଇଥିଲେ। ତିନି ଦିନ ତଳେ କାର୍ଯ୍ୟରତ ଥାଇ ଏକ ଛୋଟ ଦୁର୍ଘଟଣାର ଶିକାର ହୋଇ ଭୁବନେଶ୍ୱରସ୍ଥିତ ଏକ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଆଜି ସକାଳ ୮. ୩୦ ମିନିଟ ସମୟରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ହୃଦ ଚିକିତ୍ସାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ମାନେ ତାଙ୍କୁ ମୃତ ଘୋଷିତ କରିଥିଲେ। ସନ୍ଧ୍ୟାରେ ତାଙ୍କର ମରଶରୀରକୁ ତାଙ୍କର ପୈତୃକ ଗ୍ରାମ ନଳିପୁର ଅଣାଯାଇ ଗ୍ରାମ ଶ୍ମଶାନରେ ଶେଷ କୃତ୍ୟ ସମ୍ପନ କରାଯାଇଥିଲା। ତାଙ୍କ ମରଶରୀରକୁ ଲଳିତଗିରି ଠାରୁ ଏକ ବିରାଟ ପଟୁଆରରେ ଅଣାଯିବା ସମୟରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଶ୍ମଶାନରେ ବିଭାଗୀୟ ଅଧିକାରୀମାନଙ୍କ ଦ୍ୱାରା ଗାର୍ଡ ଅଫ ଅନର ପ୍ରଧାନ କରାଯାଇଥିଲା। ତାଙ୍କର ସାନ ପୁଅ କ୍ଷିତୀଶ ମୁଖାଗ୍ନି ପ୍ରଦାନ କରଥିଲେ। ଶ୍ମଶାନରେ ବାଲିଚନ୍ଦ୍ରପୁର ଥାନା ଅଧିକାରୀ ଦିଲୀପ କୁମାର ମହାନ୍ତି, ବଡଭାଇ ନାରାୟଣ ନାୟକ, ଲଳିତଗିରି ସରପଞ୍ଚ ବଳରାମ ବେହେରା, ସରପଞ୍ଚ ସକ୍ ଗନୀ, ମନ୍ମଥ କେଶରୀ ସାହେବରାୟ, ବିଳାସ ଚନ୍ଦ୍ର ବାରିକ, ରଞ୍ଜନ କୁମାର ବଳ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଜୟନ୍ତ ପରିଡା, ପୁଷ୍ପଗିରି ପ୍ରେସ ଫୋରମର ସମ୍ପାଦକ ସାମ୍ବାଦିକ ରାକେଶ କୁମାର ବାରିକ, ଅମରେନ୍ଦ୍ର ସିଂହ, ଅକ୍ଷୟ କୁମାର ମହାନ୍ତି, ଅଧିକାରୀ କ୍ଷେତ୍ରମୋହନ ଦାସ, ବରିଷ୍ଠ ସାମ୍ବାଦିକ ଏକାଦଶୀ ସେଠୀ, ଲେଲିନ ବଳ ପ୍ରମୁଖ ଉପସ୍ଥିତ ଥିଲେ।



## ଏନ୍‌ଏଚ୍ ୫୩ରେ ନିର୍ମାଣଜନିତ ତ୍ରୁଟି

# ଅନ୍ଧାରରେ ସୁକିନ୍ଦା ଅଞ୍ଚଳ



**ସୁକିନ୍ଦା,୪।୮ (ସମିସ):** ୫୩ନଂ ଜାତୀୟ ରାଜପଥ ନିର୍ମାଣରେ ତ୍ରୁଟି ଯୋଗୁଁ ସମଗ୍ର ସୁକିନ୍ଦା ଅଞ୍ଚଳ ଅନ୍ଧାରରେ ରହୁଛି। ଘଟଣାରୁ ପ୍ରକାଶ ଯେ ୫୩ନଂ ଜାତୀୟ ରାଜପଥର ଡୁବୁରୀ ଛକରେ ଏକ ବାଇପାସ ରାସ୍ତା ନିର୍ମାଣ ହୋଇଛି। ଏହି ନିର୍ମାଣ ସମୟରେ ଜଳ ନିଷ୍କାସନକୁ ଗୁରୁତ୍ୱ ଦିଆଯାଇନାହିଁ। ଏହି ବାଇପାସ୍ ରାସ୍ତାର ଦକ୍ଷିଣ ପାଶ୍ୱର୍ରେ ଡୁବୁରୀ ବିଦ୍ୟୁତ ବିଭାଗର ସବଷ୍ଟେସନ ଅବସ୍ଥିତ। ଏହି ସବଷ୍ଟେସନର ଗୋଟିଏ ପଟେ ସୁକିନ୍ଦା ଓ ଅନ୍ୟ ପଟେ ଟମକା ଏବଂ ବ୍ରାହ୍ମଣୀପାଳକୁ ବିଦ୍ୟୁତ ସରବରାହ ହୋଇଥାଏ। ଗତ ସୋମବାର ଠାରୁ ଲଗାଣ ବର୍ଷା ଲାଗିରହିଥିବା ବେଳେ ଜଳ ନିଷ୍କାସନ ନହେବା କାରଣରୁ ଏହି ବିଦ୍ୟୁତ ସବଷ୍ଟେସନଟି ପାଣିରେ ବୁଡି ରହିଛି। ବାଇପାସ୍ ରାସ୍ତା ନିର୍ମାଣ ସମୟରେ ବିଦ୍ୟୁତ କାର୍ଯ୍ୟାଳୟରୁ ଜଳ ନିଷ୍କାସନ ବ୍ୟବସ୍ଥା ନଥିବା ଯୋଗୁଁ ବିଦ୍ୟୁତ୍ ସବଷ୍ଟେସନରୁ ବର୍ଷା ଜଳ ବାହାରି ପାରୁନାହିଁ। ସମଗ୍ର କାର୍ଯ୍ୟାଳୟ ଅଣ୍ଟାଏ ପାଣିରେ ବୁଡି ରହିଛି। ଫଳରେ ସମଗ୍ର ସୁକିନ୍ଦା ଅଞ୍ଚଳକୁ ବିଦ୍ୟୁତ ସରବରାହ ବନ୍ଦ ହୋଇ ଯାଇଥିଲା। ସକାଳୁ ଜଳବନ୍ଦୀ ଅବସ୍ଥା ଓ ବିଦ୍ୟୁତ ଯୋଗାଣ ଅଚଳ ଅବସ୍ଥା ସୃଷ୍ଟି ହୋଇଥିଲେ ହେଁ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ନିଦ ଭାଙ୍ଗୁନାହିଁ। ଫଳରେ ସୁକିନ୍ଦାର ଜନ ସାଧାରଣଙ୍କ ସମେତ ସମସ୍ତ ସରକାରୀ, ବେସରକାରୀ କାର୍ଯ୍ୟାଳୟ, ଶିକ୍ଷା ସଂସ୍ଥା ବିଦ୍ୟୁତ ଯୋଗାଣ ଅଭାବରୁ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବା ସହ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ବ୍ୟାସନଗରରେ ଗୋଷ୍ଠୀ ସଂଘର୍ଷ

**ଯାଜପୁର,୪।୮ (ସମିସ):** ବ୍ୟାସନଗର ସହର୍ ସାପଗଡିଆ ନିକଟରେ ମଙ୍ଗଳବାର ଧର୍ମଶାଳା ଅଞ୍ଚଳର ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। ୪ଟି ଗାଡ଼ିରେ ଉକ୍ତ ଯୁବକଙ୍କୁ ପିଛା କରି ମାଡ ମାରିବା ପାଇଁ ଗାଡ଼ି ଆଡା ପକାଉଥିବା ବେଳେ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ସଂଘବଦ୍ଧ ହୋଇଆସିଥିବା ଯୁବକମାନଙ୍କୁ ଆକ୍ରମଣ କରିଥିଲେ। ତେବେ ପ୍ରବଳ ମାଡ଼ରେ ସେମାନଙ୍କ ମଧ୍ୟରୁ ଜଣେ ଅଚେତ ହୋଇ ପଡିବା ପରେ ତୁରନ୍ତ ତାଙ୍କ ସହଯୋଗୀମାନେ ସାଙ୍ଗରେ ଆଣିଥିବା ଗାଡିରେ ନେଇ ଘଟଣାସ୍ଥଳରୁ ପଳାଇଥିଲେ। ତେବେ ଏନେଇ ଯାଜପୁର ରୋଡ୍ ଆଦର୍ଶ ଥାନା ପୁଲିସକୁ ଘଟଣା ସମ୍ପର୍କରେ ପଚାରିବାରୁ ସେଭଳି କିଛି ଅଭିଯୋଗ ନାହିଁ ଏବଂ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ସେଠାରେ କେହି ନଥିବା ଥାନା ଅଧିକାରୀ କହିଛନ୍ତି। ଅଭିଯୋଗ ସଂପର୍କରେ ଖବର ପାଇ ଯାଜପୁର ରୋଡ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି।

# ତାଉଁତରା-ସୟିଦପୁର ରାସ୍ତା ପାଲଟିଛି ମରଣଯନ୍ତା

**ବିଞ୍ଝାରପୁର,୪।୮ (ସମିସ):** ଯାଜପୁର-ବିଞ୍ଝାରପୁର ମୁଖ୍ୟ ରାସ୍ତାର ତାଉଁତରାରୁ ସୟିଦପୁର ପର୍ଯ୍ୟନ୍ତ ପ୍ରାୟ ୬ କିଲୋମିଟର ରାସ୍ତା ବର୍ତ୍ତମାନ ମରଣଯନ୍ତା ପାଲଟିଛି। ଦୁଇ ବର୍ଷ ପୂର୍ବରୁ ନିର୍ମାଣ ହୋଇଥିବା ଏହି ରାସ୍ତା କେବଳ ମରାମତି ନାମରେ ଅର୍ଥ ଖର୍ଚ୍ଚ ହେଉଥିବାରୁ ଏହାର ଅବସ୍ଥା ଦିନକୁ ଦିନ ଶୋଚନୀୟ ହେବାରେ ଲାଗିଛି। ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଖାଲ ସୃଷ୍ଟି ହୋଇଥିବାରୁ ପ୍ରାୟତଃ ଦୁର୍ଘଟଣା ଘଟୁଛି ଏବଂ ଅନେକ ମୂଲ୍ୟବାନ ଜୀବନ ମଧ୍ୟ ଅକାଳରେ ଝରିଯାଇଛି। ଲଘୁଚାପଜନିତ ଲଗାଣ ବର୍ଷା ପରେ ଅରେଇ ଛକ ନିକଟରେ ରାସ୍ତା ମଝିରେ ଏକ ବିରାଟ ଖାଲ ସୃଷ୍ଟି ହୋଇ ବର୍ଷାଜଳରେ ପୂର୍ଣ୍ଣ ହୋଇରହୁଛି। ଏହି ରାସ୍ତା ଦେଇ ପ୍ରତିଦିନ ଶହ ଶହ ଛୋଟ ଓ ବଡ଼ ଯାନବାହନ ଚଳାଚଳ କରୁଥିବାରୁ ଏହି ଖାଲ ଦୁର୍ଘଟଣାର ଆଶଙ୍କାକୁ ଅଧିକ ବଢ଼ାଇ ଦେଇଛି। ବିଞ୍ଝାରପୁର ଅଞ୍ଚଳର ହିରାଲାଲ ନାମକ ଜଣେ ବ୍ୟକ୍ତି ଉକ୍ତ ସ୍ଥାନରେ ଜମିଥିବା ବର୍ଷାଜଳ ମଧ୍ୟ ଦେଇ ଯିବା ବେଳେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସେ ନିଜ ଉଦ୍ୟମରେ ଖାଲରୁ ପାଣି ନିଷ୍କାସନ କରିବା ସହ ଅନ୍ୟ ଯାନଚାଳକଙ୍କୁ ସତର୍କ କରିବା ପାଇଁ ସେଠାରେ ଏକ ବୃକ୍ଷ ଡାଳ ପୋତି ଅସ୍ଥାୟୀ ସଙ୍କେତ ବ୍ୟବସ୍ଥା କରିଥିଲେ। ରାସ୍ତାର ବର୍ତ୍ତମାନ ସ୍ଥିତି ଏତେ ବିପଦପୂର୍ଣ୍ଣ ଯେ ବିଶେଷକରି ବାହାର ଅଞ୍ଚଳରୁ ଆସୁଥିବା ଯାନଚାଳକମାନେ ଅଜାଣତରେ ଦୁର୍ଘଟଣାର ଶିକାର ହେବାର ଆଶଙ୍କା ରହିଛି। ଏହା ଏକ ପ୍ରମୁଖ ସଡ଼କ ହୋଇଥିବାରୁ ତୁରନ୍ତ ରାସ୍ତାର ମରାମତି ଏବଂ ଖାଲଗୁଡ଼ିକର ସ୍ଥାୟୀ ସଂସ୍କାର କରିବାକୁ ଅଞ୍ଚଳବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି।




# ପ୍ରଧାନଶିକ୍ଷକଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ

**ଦଶରଥପୁର,୩।୮ (ସମିସ):** ଦଶରଥପୁର ବ୍ଲକ୍ ବିରଜାପୁର ପଞ୍ଚାୟତ ଅନ୍ତର୍ଗତ ବାମଦେବପୁର ଅଞ୍ଚଳରେ ଥିବା ଯଯାତି କେଶରୀ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଷ୍ଣୁ ଚରଣ ପଣ୍ଡାଙ୍କର ଆଜି ବିଦ୍ୟାଳୟ ପରିସରରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା ମହାସମାରୋହରେ ପାଳିତ ହୋଇଯାଇଛି। ଉକ୍ତ ସଭାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷାଧିକାରୀ ମହେଶ୍ୱର ସାହୁ, ମୁଖ୍ୟବକ୍ତା ଭାବରେ ଅବସର ପ୍ରାପ୍ତ ଅତିରିକ୍ତ ନିର୍ଦ୍ଦେଶକ କୃଷ୍ଣଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସୁରମା ମହାପାତ୍ର, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଆଲୋକ କୁମାର ବନ୍ଧ, ପୂର୍ବତନ ବିଇଓ ଅନ୍ନଦା ପ୍ରସାଦ ରଣା, ଏବିଓ ବରଦା ଭୂଷଣ ମହାପାତ୍ର, ବିରଜା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ମଲ୍ଲିକ, ପୂର୍ବତନ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଶମ୍ଭୁନାଥ ଦାଶ, ଡ. ବିଜୟ ମୋହନ ରାୟ, ଶିକ୍ଷାବିତ୍ ବସନ୍ତ କୁମାର ବଳ, ଅଧ୍ୟାପକ ଡ. ଦାମୋଦର ବେହେରା, ପ୍ରାକ୍ତନ ଶିକ୍ଷକ ବନମାଳୀ ପଣ୍ଡା ଏହି ସଭାରେ ଯୋଗଦାନ କରିଥିଲେ। ଓଡଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିରଞ୍ଜନ ସାମଲ, ରାମଲକ୍ଷ୍ମଣ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତୁଷାର କାନ୍ତି ମିଶ୍ର ଏବଂ ଯଯାତି କେଶରୀ ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ସତ୍ୟବ୍ରତ ଧଳ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ, ସିଆର୍‌ସିସି ଅମରେନ୍ଦ୍ର ବେହେରା, ଦଶରଥପୁର ବ୍ଲକ୍, ବିଞ୍ଝାରପୁର ବ୍ଲକ୍, ଯାଜପୁର ମ୍ୟୁନିସିପାଲଟି, ପାଣିକୋଇଲି, ସୁକିନ୍ଦା, ଦାନଗଦି, ବଡ଼ଚଣା ଏବଂ ଶିବ ପ୍ରସାଦ କ୍ଲଷ୍ଟରର ସମସ୍ତ ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ ଉପସ୍ଥିତିଥିଲେ।

### ଉପମୁଖ୍ୟମନ୍ତ୍ରୀଙ୍କ ବନ୍ୟା ପରିସ୍ଥିତିର ସମୀକ୍ଷା

# ରିଲିଫ୍ ବଣ୍ଟନ ଓ ପ୍ରକୃତ ପ୍ରଭାବିତଙ୍କୁ ନେଇ ବିଧାୟକଙ୍କ ପ୍ରଶ୍ନ

କେନ୍ଦ୍ରାପଡ଼ା, ୪।୮ (ସମିସ)

କେନ୍ଦ୍ରାପଡ଼ା ଜିଲ୍ଲାର ବନ୍ୟା ପରିସ୍ଥିତି ସମୀକ୍ଷା ପାଇଁ ମଙ୍ଗଳବାର ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତିମନ୍ତ୍ରୀ କେ.ଭି. ସିଂହଦେଓ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିବା ସହ କେନ୍ଦ୍ରାପଡ଼ା ସର୍କିଟ୍ ହାଉସ୍‌ରେ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ କରିଥିଲେ। ବୈଠକରେ ରିଲିଫ୍ ବଣ୍ଟନ, କ୍ଷୟକ୍ଷତି ଆକଳନ ଓ ବନ୍ୟା ପରିଚାଳନାକୁ ନେଇ ବିଜେଡି ବିଧାୟକ ଉଠାଇଥିବା ପ୍ରସଙ୍ଗ ଆଲୋଚନାର କେନ୍ଦ୍ରବିନ୍ଦୁ ପାଲଟିଥିଲା। ଉପମୁଖ୍ୟମନ୍ତ୍ରୀ ପଟ୍ଟାମୁଣ୍ଡାଇ ବ୍ଲକର ଦାଣ୍ଡିସାହି ଛକ, କୃଷ୍ଣଦାସପୁର (ସିଂହଗାଁ), ଅଣ୍ଡରା ପଞ୍ଚାୟତର ନଦୀକୂଳ ହରିଜନସାହି, ଅମୃତମଣୋହୀ ପଞ୍ଚାୟତର ଜଗନ୍ନାଥପୁର ଓ ଆଳି ବ୍ଲକର ଭୂଇଁପୁର, ମାନପୁର, ମଙ୍ଗରାଜପୁର, ଠାକୁରପାଟଣା ଓ ପେଟପଡ଼ା ଅଞ୍ଚଳ ବୁଲି ଲୋକଙ୍କ ସମସ୍ୟା ଶୁଣିଥିଲେ। ପରେ ସମୀକ୍ଷା ବୈଠକରେ ରିଲିଫ୍, ସ୍ୱାସ୍ଥ୍ୟସେବା, ପାନୀୟ ଜଳ, ଯୋଗାଯୋଗ ବ୍ୟବସ୍ଥା ଓ କ୍ଷୟକ୍ଷତି ଆକଳନ ସମ୍ପର୍କରେ ଅଧିକାରୀଙ୍କ ସହ ସମୀକ୍ଷା କରି ଆବଶ୍ୟକ ସହାୟତା ତ୍ୱରିତ ପହଞ୍ଚାଇବାକୁ ନିର୍ଦ୍ଦେଶ ଦେଇଥିଲେ। ସମୀକ୍ଷା ବୈଠକରେ ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ, ଆଳି ବିଧାୟକ ପ୍ରତାପ କେଶରୀ ଦେବ, ଜିଲ୍ଲାପାଳ ରଘୁରାମ ଆର୍. ଆୟର, ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କାଟାରିଆ ଓ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।



### ପୁନଃ ପ୍ରସ୍ତୁତ ହେବ ବନ୍ୟା କ୍ଷୟକ୍ଷତି ରିପୋର୍ଟ

**ରିପୋର୍ଟ ତ୍ରୁଟିପୂର୍ଣ୍ଣ, ପୁଣି ପ୍ରସ୍ତୁତ କରନ୍ତୁ:** ସମୀକ୍ଷା ବୈଠକରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା କହିଥିଲେ ଯେ, ବନ୍ୟା ଆଜିର ଘଟଣା ନୁହେଁ; ଜୁଲାଇ ୩୦ରୁ ବନ୍ୟା ଆରମ୍ଭ ହୋଇଛି। ତେଣୁ ଆଜିର ସ୍ଥିତିକୁ ଆଧାର କରି ନୁହେଁ, ବରଂ ୩୦ ଜୁଲାଇରୁ ଆଜି ପର୍ଯ୍ୟନ୍ତ ପ୍ରଭାବିତ ହୋଇଥିବା ସମସ୍ତ ପଞ୍ଚାୟତ, ଗାଁ ଓ ୱାର୍ଡକୁ ସାମିଲ କରି ପ୍ରକୃତ ପ୍ରଭାବିତ ଲୋକସଂଖ୍ୟା ଆଧାରରେ ନୂଆ ରିପୋର୍ଟ ପ୍ରସ୍ତୁତ କରାଯିବା ଆବଶ୍ୟକ। ଅନେକ ପ୍ରଭାବିତ ପରିବାରଙ୍କ ନାମ ରିପୋର୍ଟରୁ ବାଦ ପଡ଼ିଥିବା ନେଇ ସେ ଉଦବେଗ ପ୍ରକାଶ କରିଥିଲେ।

**ରିଲିଫ୍ ବଣ୍ଟନରେ ବିଳମ୍ବ ନେଇ ଅସନ୍ତୋଷ:** ଗଣେଶ୍ୱର ବେହେରା କହିଥିଲେ, ଗୋଖାଦ୍ୟ ଆରମ୍ଭରୁ ପହଞ୍ଚିବା କଥା ଥିଲେ ମଧ୍ୟ ବହୁ ବିଳମ୍ବରେ ପହଞ୍ଚିଛି। ଚୁଡ଼ା ଓ ଗୁଡ଼ର ପରିମାଣ ମଧ୍ୟ ଅତ୍ୟନ୍ତ କମ୍ ଥିବା ନେଇ ସେ କ୍ଷୋଭ ପ୍ରକାଶ କରି କହିଥିଲେ, ଚୁଡ଼ା-ଗୁଡ଼ କମିଗଲାଣି, ସରକାର କ'ଣ ଗରିବ ହୋଇଯାଇଛନ୍ତି କି?

**ସମୁଦ୍ରକୁ ଶଙ୍ଖେ ସଦୃଶ ରିଲିଫ୍:** ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ କହିଥିଲେ ଯେ, ବନ୍ୟା ପରିଚାଳନାରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ତାଙ୍କ ଦାବି ଅନୁଯାୟୀ, ଅନେକ ଗାଁକୁ ମାତ୍ର ଏକରୁ ଦୁଇ ବସ୍ତା ଚୁଡ଼ା ଦିଆଯାଇଛି। ଅନେକ ସ୍ଥାନରେ ରିଲିଫ୍ ଏପର୍ଯ୍ୟନ୍ତ ପହଞ୍ଚିନାହିଁ। ଏହା 'ସମୁଦ୍ରକୁ ଶଙ୍ଖେ' ସଦୃଶ ବୋଲି ସେ କହିଥିଲେ। ଗୋଖାଦ୍ୟ ମଧ୍ୟ ଅନେକ ଅଞ୍ଚଳରେ ପହଞ୍ଚିନଥିବା ପ୍ରସଙ୍ଗ ସେ ଉପମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟିକୁ ଆଣିଥିଲେ।

**ଆଗାମୀ ବିପଦ ପାଇଁ ସତର୍କତା:** ଧ୍ରୁବ ସାହୁ କହିଥିଲେ, ଅକ୍ଟୋବର ପର୍ଯ୍ୟନ୍ତ ପୁଣି ବନ୍ୟାର ଆଶଙ୍କା ଥିବାରୁ ସରକାର ଆଗୁଆ ପ୍ରସ୍ତୁତି କରିବା ଉଚିତ୍। ବନ୍ୟା ପରେ ପାନୀୟଜଳ ସଙ୍କଟ, ସ୍ୱାସ୍ଥ୍ୟ ସମସ୍ୟା ଓ କୃଷି କ୍ଷତିକୁ ଦୃଷ୍ଟିରେ ରଖି ଚାଷୀଙ୍କୁ ଶୀଘ୍ର ଇନପୁଟ୍ ସବସିଡି ପ୍ରଦାନ କରିବାକୁ ମଧ୍ୟ ସେ ଦାବି କରିଥିଲେ।

# ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳ ବୁଲି ଦେଖିଲେ ଉପମୁଖ୍ୟମନ୍ତ୍ରୀ



ବିପନ୍ନଙ୍କ ସହ ଆଲୋଚନା କରି ସ୍ଥିତି ପରଖିଲେ

ପଟ୍ଟାମୁଣ୍ଡାଇ, ୪।୮ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ନିର୍ଦ୍ଦେଶରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଆଜି କେନ୍ଦ୍ରାପଡ଼ା ଜିଲ୍ଲା ଗସ୍ତରେ ଆସି ବନ୍ୟା ବିପନ୍ନ ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳ ବୁଲି ଦେଖିବା ସହିତ ବିପନ୍ନ ଲୋକଙ୍କ ସହିତ ଆଲୋଚନା କରି ବନ୍ୟା ପରବର୍ତ୍ତୀ ସ୍ଥିତି ପରଖିଛନ୍ତି। ପଟ୍ଟାମୁଣ୍ଡାଇ ବ୍ଲକର ସବୁଠାରୁ କ୍ଷତିଗ୍ରସ୍ତ ସିଂହଗାଁ ପଞ୍ଚାୟତର କୃଷ୍ଣଦାସପୁରରେ ପହଞ୍ଚି ବିପନ୍ନଙ୍କ ସହିତ ଆଲୋଚନା କରି ବନ୍ୟା କ୍ଷୟକ୍ଷତି ଓ ବନ୍ୟା ପରବର୍ତ୍ତୀ ସ୍ଥିତି ସମ୍ପର୍କରେ ପଚାରି ବୁଝିଥିଲେ। ଫସଲ ହାନି, ଘରଦ୍ୱାର ଭାଙ୍ଗିବା, ରାସ୍ତା ଘାଟ ଧୋଇଯିବା ସହିତ ସ୍କୁଲ କଲେଜ ସ୍ୱାସ୍ଥ୍ୟକେନ୍ଦ୍ରଠାରୁ ଆରମ୍ଭ କରି ବିଭିନ୍ନ ସରକାରୀ ଅଫିସ ବନ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ନେଇ ବନ୍ୟା କ୍ଷୟକ୍ଷତି ସମ୍ପର୍କରେ ଉପମୁଖ୍ୟମନ୍ତ୍ରୀଙ୍କୁ ଜଣାଇ ଥିଲେ। ଉପମୁଖ୍ୟମନ୍ତ୍ରୀ ରିଲିଫ ଓ ଉଦ୍ଧାର କାର୍ଯ୍ୟ ସମ୍ପର୍କରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ, ଉପଜିଲ୍ଲାପାଳ, ବିଡିଓ ଓ ତହସିଲଦାରଙ୍କ ସହିତ ଆଲୋଚନା କରିଥିଲେ। ପରେ ଉପମୁଖ୍ୟମନ୍ତ୍ରୀ ପେଣ୍ଠପାଳ ପଞ୍ଚାୟତର ଦାଣ୍ଡିସାହି ଜୟଛିନ୍ଦ୍ର ହାଇସ୍କୁଲ ଯାଇ ବନ୍ୟା କ୍ଷୟକ୍ଷତି ଓ ବନ୍ୟାରେ ସ୍କୁଲ କଲେଜ କ୍ଷତିଗ୍ରସ୍ତ ହୋଇଥିବା ନେଇ ବନ୍ୟା ବିପନ୍ନ ଲୋକ ଓ ପ୍ରଶାସନିକ ଅଧିକାରୀଙ୍କ ଆଲୋଚନା କରିଥିଲେ। ଉପମୁଖ୍ୟମନ୍ତ୍ରୀ ଜଗନ୍ନାଥପୁର ଓ ସିଦ୍ଧବାଳି ଯାଇ ବିପନ୍ନ ଲୋକଙ୍କୁ ଭେଟିଥିଲେ। ସିଦ୍ଧବାଳିକୁ ରାଜସ୍ୱ ଗ୍ରାମ ଘୋଷଣା, ବନ୍ୟା ଜଳ ନିଷ୍କାସନ ବ୍ୟବସ୍ଥା, ବ୍ରାହ୍ମଣୀ ନଦୀ କୂଳରେ କୁଳସାହି ଶ୍ମଶାନ ଓ ଅଣ୍ଡରା ପର୍ଯ୍ୟନ୍ତ ପଥର ପ୍ୟାଙ୍କିଂ, ଦାଣ୍ଡିସାହିରେ ପରିବା ମଣ୍ଡି ଖୋଲିବା ଅଣ୍ଡରା, ନାହିଁଆଡିଆ, ଘାଗରାଡିଆ ବ୍ରାହ୍ମଣୀ ନଦୀ କୂଳରେ ଓଭାରଫ୍ଲୋ ସେଟର ପ୍ରକଳ୍ପ କାର୍ଯ୍ୟକାରୀ କରିବା, କୃଷ୍ଣଦାସପୁର-ସିଂହଗାଁ କାଣୀ ନଦୀ ସେତୁ ନିର୍ମାଣ ତ୍ୱରାନ୍ୱିତ କରିବାକୁ ସ୍ଥାନୀୟ ଲୋକ ଦାବି କରିଥିଲେ। ଉପମୁଖ୍ୟମନ୍ତ୍ରୀଙ୍କ ସହିତ ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ, ରାଜ୍ୟ ବିଜେପି ଉପସଭାପତି ବିଷ୍ଣୁ ଦାସ, କେନ୍ଦ୍ରାପଡ଼ା ବିଜେପି ବିଧାୟିକା ପ୍ରାର୍ଥୀ ଗୀତାଞ୍ଜଳି ସେଠୀ, ଜିଲ୍ଲାପାଳ ରଘୁରାମ ଆର ଆୟାର, ଏସପି ସିଦ୍ଧାର୍ଥ କଟାରିଆ, ଉପଜିଲ୍ଲାପାଳ ଅରୁଣ ନାୟକ, ପିଡି ଅଜୀତ ମହାନ୍ତି, ପଟ୍ଟାମୁଣ୍ଡାଇ ତହସିଲଦାର ପଞ୍ଚାନନ ନାୟକ, ବିଡିଓ ଶୀତଳ ଅଗ୍ରୱାଲ, ପଟ୍ଟାମୁଣ୍ଡାଇ ସବଡିଭିଜନ ହସ୍ପିଟାଲ ମେଡିକାଲ ଅଫିସର ଡା ନିରାକାର ପରିଡ଼ା, ପଟ୍ଟାମୁଣ୍ଡାଇ ଏସଡିପିଓ ସୁକାନ୍ତ ପାତ୍ର, ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ଲକ୍ ଅଧ୍ୟକ୍ଷଙ୍କ ଦାବିପତ୍ର ପ୍ରଦାନ



ପଟ୍ଟାମୁଣ୍ଡାଇ, ୪।୮ (ସମିସ): ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କୁ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ସର୍କିଟ ହାଉସରେ ସାକ୍ଷାତ କରି ବନ୍ୟାଞ୍ଚଳର ଗୃହପାଳିତ ପଶୁଙ୍କ ପାଇଁ ପର୍ଯ୍ୟାପ୍ତ ପରିମାଣ ଗୋଖାଦ୍ୟ ଯୋଗାଇ ଦେବା, ବନ୍ୟା ବିପନ୍ନ ଅଞ୍ଚଳରେ ସଂକ୍ରାମକ ରୋଗ ବ୍ୟାପୁଥିବାରୁ ପର୍ଯ୍ୟାପ୍ତ ଔଷଧ ସାଲାଇନ ସହ ଡାକ୍ତରୀ ଦଳ ପଠାଇବା, ବନ୍ୟାରେ ଧୋଇ ଯାଇଥିବା ରାସ୍ତା ଓ ପୋଲ ମରାମତି କରି ଗମନାଗମନ ସୁବିଧା କରିବା, ବନ୍ୟାଞ୍ଚଳ ରାସ୍ତାକୁ ସୁଉଚ୍ଚ କରି ବନ୍ୟା ସମୟରେ ଯାତାୟାତ ସୁବିଧା କରିବା ଆଦି ଦାବି ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ।

## ଆଳି ବ୍ଲକ୍‌ରେ ବନ୍ୟା ସ୍ଥିତି ଦେଖିଲେ ଉପମୁଖ୍ୟମନ୍ତ୍ରୀ



ଆଳି, ୪।୮ (ସମିସ): ଆଳି ବ୍ଲକରେ ବନ୍ୟା ଯୋଗୁଁ ୧୯ ପଞ୍ଚାୟତର ୭୦ ହଜାର ଲୋକେ ଜଳବନ୍ଦୀ ଜୀବନଯାପନ କରୁଛନ୍ତି। ଖରସ୍ରୋତା ଓ ଏହାର ଶାଖା ନଦୀ କାଣୀ, ବ୍ରାହ୍ମଣୀ ନଦୀରେ ବନ୍ୟା ଆସିବା ଫଳରେ ବହୁ ଗ୍ରାମ ପ୍ରଭାବିତ ହୋଇଛି। ଆଜି ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ବନ୍ୟାଞ୍ଚଳ ପରିଦର୍ଶନ କରିଛନ୍ତି। ପ୍ରଥମେ ସଂସିଧା ଓ ପରେ ପେଟପଡ଼ା ପଞ୍ଚାୟତ ବନ୍ୟାଞ୍ଚଳ ପରିଦର୍ଶନ କରିଥିଲେ। ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ, ବିଜେପି ସଭାପତି ଶଶାଙ୍କ ସେଠୀ, ଉପସଭାପତି କୃଷ୍ଣଚନ୍ଦ୍ର ପଣ୍ଡା, ଜିଲ୍ଲାପାଳ, ଉପଜିଲ୍ଲାପାଳ, ଆଳି ବିଡିଓ ଅବିନାଶ ବିଶ୍ୱଜିତ ସେଠୀ, ତହସିଲଦାର ସୁମନ ଘୋଷ ଉପସ୍ଥିତ ଥିଲେ।

## ବନ୍ୟା ବିପନ୍ନଙ୍କୁ କଳିଙ୍ଗ ଆବାସିକ ବିଦ୍ୟାଳୟ ପକ୍ଷରୁ ରନ୍ଧାଖାଦ୍ୟ ବଣ୍ଟନ



ଡେରାବିଶ, ୪।୮ (ସମିସ): ଦାନପୁର ପଞ୍ଚାୟତ ଅନ୍ତର୍ଗତ କେଶରପୁରସ୍ଥ କଳିଙ୍ଗ ଆବାସିକ ବିଦ୍ୟାଳୟ ପକ୍ଷରୁ ବନ୍ୟା ବିପନ୍ନଙ୍କୁ ରନ୍ଧାଖାଦ୍ୟ ବଣ୍ଟନ କରାଯାଇଛି। ବିଦ୍ୟାଳୟର ଚେୟାରମ୍ୟାନ୍ ମନୋଜ ପ୍ରଧାନଙ୍କ ନେତୃତ୍ୱରେ ବିଦ୍ୟାଳୟର ଶିକ୍ଷକ ଦୁର୍ଗାପ୍ରସାଦ ପଣ୍ଡା, ଶୁଭଙ୍କର ସିହ୍ନା ଓ ଅବିନାଶ ପଲେଇ ପ୍ରମୁଖ ଯାଜପୁର ଜିଲ୍ଲା ବିଞ୍ଝାରପୁର ବ୍ଲକ ଅଧୀନ ହଳଦିଆପାଟଣା ପଞ୍ଚାୟତର ଫଳପୁର ଗ୍ରାମର ବନ୍ୟା ବିପନ୍ନଙ୍କୁ ରନ୍ଧାଖାଦ୍ୟ ବଣ୍ଟନ କରିଛନ୍ତି। ଏହି କାର୍ଯ୍ୟକ୍ରମ ପରିଚାଳନାରେ କର୍ମଚାରୀ ସୁନୀଲ ଦାସ, ରଙ୍ଗାଧର ବାରିକ ଓ ପ୍ରକାଶ ଦାସ ପ୍ରମୁଖ ସହାୟତା କରିଥିଲେ।

## ବକ୍ତାରପୁର ବିଦ୍ୟାଳୟ ପୁରାତନ ଛାତ୍ରଙ୍କ ରିଲିଫ ଯୋଗାଣ



ପଟ୍ଟାମୁଣ୍ଡାଇ, ୪।୮ (ସମିସ): ଚଳିତ ବ୍ରାହ୍ମଣୀ ବନ୍ୟାରେ ପଟ୍ଟାମୁଣ୍ଡାଇ ବ୍ଲକର ୧୪ ପଞ୍ଚାୟତ ଓ ପୌରାଞ୍ଚଳର ୧୧ଟି ୱାର୍ଡ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛି। ବନ୍ୟାଞ୍ଚଳରେ ବକ୍ତାରପୁର ଉଚ୍ଚବିଦ୍ୟାଳୟର ପୁରାତନ ଛାତ୍ର ତଥା ଆଇନଜୀବୀ ମନୋଜ ନାୟକଙ୍କ ନେତୃତ୍ୱରେ ପୁରାତନ ଛାତ୍ରମାନେ ୭ ନଂ ୱାର୍ଡର କଷଣ ଅଣ୍ଟା, ବଳଦେବନଗର ଅଞ୍ଚଳର ବନ୍ୟା ବିପନ୍ନଙ୍କୁ ଶୁଖିଲା ଖାଦ୍ୟ ଯୋଗାଇ ଦେଇଛନ୍ତି। କାଉନସିଲର ମଳୟ ଓଝା, ସମାଜସେବୀ ଦିଲ୍ଲୀପ ମହାନ୍ତି, ଭାଗବତ ବେହେରା, ପୁରାତନ ଛାତ୍ର, ବିକ୍ରମ ପାତ୍ର, ତପନ କୁମାର ଦାଶ, ପତିତପାବନ ପ୍ରଧାନ, ମିର୍ଜା ସରିଫ ପ୍ରମୁଖ ଉପସ୍ଥିତ ଥିଲେ।

## ଆଲୋକ ଶିଖା ପକ୍ଷରୁ ରିଲିଫ ବଣ୍ଟନ

ଗୋବିନ୍ଦପୁର, ୪।୮ (ସମିସ): ଆଲୋକ ଶିଖା ଓ ନିଃଶୁଳ୍କ ଶିକ୍ଷାଦାନ ସହାୟତା କେନ୍ଦ୍ର ଚରପଡ଼ାର ଛାତ୍ରଛାତ୍ରୀ ବନ୍ୟା ପ୍ରଭାବିତ ପଦନିପାଳ, ଦଇତାରୀ, ଶାସନ, ପେଟପଡ଼ା,



ମଦନଗିରି, ଦେସାହି ଗ୍ରାମରେ ଶୁଖିଲା ଖାଦ୍ୟ ଓ ମେଡିସିନ ପ୍ରଦାନ କରିଛନ୍ତି। ଆଲୋକ ଶିଖା ପ୍ରତିଷ୍ଠାତା ଅଧ୍ୟାପକ ରତ୍ନାକର ସେଠୀ, ସମ୍ପାଦକ ସୁରେଶ ବିଶ୍ୱାଳ, ପରିଚାଳକ ଅକ୍ଷୟ ଓଝା, ଯୁଗ୍ମ ସଚିବ ଗୋପିନାଥ ତ୍ରିପାଠୀ, ରାଜ୍ୟ ସଂଯୋଜକ ବିଜ୍ଞାନ ବେଜ୍, ରାଜ୍ୟ ପର୍ଯ୍ୟବେକ୍ଷକ ପ୍ରବୀର ଦାସ, ସଂଯୋଜକ ସୁପ୍ରଭା, ଜିଲ୍ଲା ସଂଯୋଜକ ଆଦର୍ଶ ସ୍ୱାଇଁ, ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଅଫିସର ବିପ୍ଳବ ପଣ୍ଡା, କୋଷାଧ୍ୟକ୍ଷ ସମୀର ମଲ୍ଲିକ ପ୍ରମୁଖ ରିଲିଫ ବଣ୍ଟନରେ ସହଯୋଗ କରିଥିଲେ।

## ଘର ଭାଙ୍ଗିଲା, ନାହିଁ ସହାୟତା

ରାଜକନିକା, ୪।୮ (ସମିସ): ବରାଡିଆ ପଞ୍ଚାୟତ ଅଧୀନ ଶିଆଳିଆ ଗ୍ରାମର ରମାକାନ୍ତ ମଲିକଙ୍କ ଘର ଭାଙ୍ଗିଯାଇଛି। ରମାକାନ୍ତଙ୍କ ସହ ତାଙ୍କ ସ୍ତ୍ରୀ, ୩ ଝିଅ ଓ ପୁଅ ଖୋଲା ଆକାଶ ତଳେ ଦିନ କାଟୁଛନ୍ତି। ଲଘୁଚାପଜନିତ ଲଗାଣ ବର୍ଷାରେ ଗତ ସପ୍ତାହରେ ଏହି ଘଟଣା ଘଟିଥିଲେ ହେଁ ପଞ୍ଚାୟତ କିମ୍ବା ବ୍ଲକ ପ୍ରଶାସନ ପକ୍ଷରୁ କୌଣସି ସହାୟତା ମିଳିନାହିଁ। ତୁରନ୍ତ ଏହି ପରିବାରକୁ ଆବାସ ଯୋଜନାରେ ଏକ ଗୃହ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।



## ୯ ଶହ ଏକର ରୁଆ, ଧାନ ତଳି ନଷ୍ଟ



ରାଜକନିକା, ୪।୮ (ସମିସ): ବନ୍ୟା ଯୋଗୁଁ ରାଜକନିକା ବ୍ଲକରେ ୯ ଶହ ଏକର ରୁଆ ହୋଇଥିବା ଓ ଧାନ ତଳି ନଷ୍ଟ ହୋଇଛି। ଶୁକଦେଇପୁର, ଗୋପାଳପୁର, ପଙ୍କି ଓ ମାନପୁରର ଚାଷଜମିରେ ସପ୍ତାହେ ହେବ ୫ ଫୁଟର ବନ୍ୟା ପାଣି ରହିଛି। ଫଳରେ ଏହା ନଷ୍ଟ ହୋଇଛି ଓ ଚାଷୀ ମୁଣ୍ଡରେ ହାତ ଦେଇ ବସିଛି। ବର୍ଷକର ଭାତହାଣ୍ଡି ନଷ୍ଟ ହେବା ଦେଖି ଚାଷୀ କାହାକୁ କେମିତି ଅଭିଯୋଗ କରିବେ, କିମ୍ବା ଆରଆଇ କି କୃଷି ବିଭାଗ ପକ୍ଷରୁ ଫସଲ କ୍ଷତିର ଆକଳନ କରାଯିବାକୁ ନେଇ ଗାଇଡଲାଇନ ଆସିବା ଜରୁରୀ ହୋଇଛି।

## ଆଜି ୪ ଘଣ୍ଟା ବନ୍ଦ ରହିବ ବଳଦେବଜୀଉଙ୍କ ଦର୍ଶନ

କେନ୍ଦ୍ରାପଡ଼ା, ୪।୮ (ସମିସ): କେନ୍ଦ୍ରାପଡ଼ା ତୁଳସୀକ୍ଷେତ୍ରର ଆରାଧ୍ୟ ପ୍ରଭୁ ଶ୍ରୀବଳଦେବଜୀଉଙ୍କ ଶ୍ରୀମୁଖ ସିଂହାର ନିମନ୍ତେ ଚାରି ଘଣ୍ଟା ଧରି ଶ୍ରୀଜୀଉଙ୍କ ଦର୍ଶନ ବନ୍ଦ ରହିବ। ୫ ତାରିଖ ବୁଧବାର ମହାପ୍ରଭୁଙ୍କ ଶ୍ରୀମୁଖ ସିଂହାର ନୀତି ଅନୁଷ୍ଠିତ ହେବ। ଏହି କାର୍ଯ୍ୟ ଚିତ୍ରକର ସେବାୟତଙ୍କ ଦ୍ୱାରା ଅନୁଷ୍ଠିତ ହେବ। ଜୟମଙ୍ଗଳା ଆଳତି ପରେ ଚିତ୍ରକର ସେବାୟତ ରତ୍ନ ସିଂହାସନକୁ ଯାଇ ଏହି ସେବା କାର୍ଯ୍ୟ କରିବେ। ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ସେ ସମୟରେ ସର୍ବସାଧାରଣ ଦର୍ଶନ ସକାଳ ୭ଟାରୁ ୧୧ଟା ଚାରି ଘଣ୍ଟା ଧରି ବନ୍ଦ ରହିବ ବୋଲି ଦେବୋତ୍ତର ନ୍ୟାସର ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ ସୂଚନା ଦେଇଛନ୍ତି।

## କୁମ୍ଭୀର ଆକ୍ରମଣର ଶିକାର ମହିଳାଙ୍କ ମୃତଦେହ ଉଦ୍ଧାର

ପଟ୍ଟାମୁଣ୍ଡାଇ, ୪।୮ (ସମିସ): ଅଳପୁଆ ପଞ୍ଚାୟତ ଦାମୋଦରପାଟଣା ଗ୍ରାମର ସୁଚିତ୍ରା ଦାସ ଗତକାଲି ବ୍ରାହ୍ମଣୀ ନଦୀକୁ ଶୌଚ ହେବାକୁ ଯାଇ ଘରକୁ ନ ଫେରିବାରୁ ପରିବାର ଓ ଗ୍ରାମବାସୀ ନଦୀକୂଳରେ ଖୋଜାଖୋଜି କରି ନ ପାଇବାରୁ ପଟ୍ଟାମୁଣ୍ଡାଇ ଦମକଳ ବାହିନୀକୁ ଖବର ଦେଇଥିଲେ। ବୋଟ ସହାୟତାରେ ଖୋଜାଖୋଜି କରାଯାଇଥିଲା। ତେବେ ତାଙ୍କର କୌଣସି ପତ୍ତା ମିଳି ନ ଥିଲା। ଆଜି ପୁଣି ଅଗ୍ନିଶମ ବାହିନୀ ଖୋଜାଖୋଜି କରିବା ପରେ ଦିନ ୧.୧୫ ମିନିଟ ସମୟରେ ରାମନାହାକଡିଆ ଝାଡ଼ ମହାପୁରୁଷଙ୍କ ନିକଟରେ ମହିଳାଙ୍କ ମୃତଦେହ ମିଳିଥିଲା। ସୁଚିତ୍ରା କୁମ୍ଭୀର ଆକ୍ରମଣ ମୃତ୍ୟୁବରଣ କରିଥିବାବେଳେ ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

## ଦୁଇ ସାଙ୍ଗଙ୍କ ଆକ୍ରମଣରେ ଗୁରୁତର ଯୁବକଙ୍କ ମୃତ୍ୟୁ

ଡେରାବିଶ, ୪।୮ (ସମିସ): ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ଅନ୍ତର୍ଗତ ତରଜଙ୍ଗା ଗ୍ରାମର ଜଣେ ଯୁବକଙ୍କୁ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ଦୁଇଜଣ ଯୁବକ ଆକ୍ରମଣରେ ଗୁରୁତର ଯୁବକଙ୍କ ଆଜି ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତ ଯୁବକ ତରଜଙ୍ଗା ଗ୍ରାମର ଅମରଜ୍ୟୋତି କର। ତରଜଙ୍ଗା ଗ୍ରାମର ଉଷାରାଣୀ କର ଡେରାବିଶ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ତାଙ୍କ ପୁଅ ଅମରଜ୍ୟୋତିଙ୍କୁ ୨୯ ତାରିଖ ବୁଧବାର ଦିନ ମଦ କାଉଣ୍ଟରକୁ ଉପରୋକ୍ତ ଦୁଇ ଯୁବକ ବିଭିନ୍ନ ପ୍ରଲୋଭନ ଦେଖାଇ ଡାକିଥିଲେ। ସେଠାରେ ମଦ୍ୟପାନ କରି ନିଶାଶକ୍ତ ଅବସ୍ଥାରେ ଉଭୟ ସାଙ୍ଗ ଅମରଙ୍କୁ ଆକ୍ରମଣ କରିଥିଲେ। ସେ ଖବର ପାଇଥିଲେ ଯେ ତାଙ୍କ ପୁଅ ଅସୁସ୍ଥ ହୋଇ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛି। ସେଠାରେ ପୁଅର ଅବସ୍ଥା ଅଧିକ ଗୁରୁତର ହେବାରୁ କଟକ ମେଡ଼ିକାଲ୍ ନେଇଥିଲେ। ପରେ ଭୁବନେଶ୍ୱରର ଏକ ଘରୋଇ ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଅମରଙ୍କର ଆଜି ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଉଷାରାଣୀଙ୍କ ଅଭିଯୋଗ ଅନୁଯାୟୀ ଡେରାବିଶ ଥାନାରେ ମାମଲା ରୁଜୁ କରାଯିବା ସହିତ ଅମରଙ୍କ ଦୁଇ ସାଙ୍ଗଙ୍କୁ ପୁଲିସ୍ ଅଟକ ରଖି ପଚରାଉଚରା କରୁଛି।

## ଛାତ୍ରୀ ବନପ୍ରଭା ରାଉତଙ୍କ ଶୋକସଭା

ଡେରାବିଶ, ୪।୮ (ସମିସ): ଯଅଁରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଡେଲଟା କଲେଜର +୨ କଳା ଦ୍ୱିତୀୟ ବର୍ଷର ଛାତ୍ରୀ ବନପ୍ରଭା ରାଉତଙ୍କ ଅକାଳ ବିୟୋଗରେ ଡେଲଟା କଲେଜ ପରିସରରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡକ୍ଟର ବିବେକାନନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଛାତ୍ରୀଙ୍କ ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ଯୋଗଦେଇ ମୃତ ଛାତ୍ରୀ ଜଣେ ମେଧାବୀ ଓ ବନ୍ଧୁବତ୍ସଳ ଥିଲେ ବୋଲି ମତ ରଖିଥିଲେ। ପରେ ମୃତା ଛାତ୍ରୀଙ୍କ ପହଞ୍ଚି ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ବନପ୍ରଭାଙ୍କ ଗତକାଲି ବିଦ୍ୟୁତ୍ ଆଘାତରେ ମୃତ୍ୟୁ ହୋଇଥିଲା।

### ଜିଲ୍ଲାପାଳଙ୍କୁ ଛାତ୍ରଛାତ୍ରୀଙ୍କ ଗୁହାରି

## ରାସ୍ତା କରିଦିଅନ୍ତୁ, ସବୁଦିନ ସ୍କୁଲକୁ ଯିବୁ




ଗରଦପୁର, ୪।୮ (ସମିସ): ସାର୍ ଆମେ ପଢ଼ିବୁ, ଆମେ ଦେଶର ଭବିଷ୍ୟତ। ଆମ ବାପାମାଆ ବହୁତ ଗୁହାରି କଲେଣି। କେହି ଶୁଣୁନାହାନ୍ତି। ରାସ୍ତା ନ ଥିବା ହେତୁ ଅଧେଦିନ ପଢ଼ିବାକୁ ଯାଇପାରୁନୁ। ରାସ୍ତା ହୋଇଗଲେ, ସବୁଦିନେ ସ୍କୁଲ ଯିବୁ ଓ ପାଠ ପଢ଼ିବୁ। ସାର୍ ଆମ କଥା ଶୁଣନ୍ତୁ। କୁନି କୁନି ଛାତ୍ରଛାତ୍ରୀ ଜିଲ୍ଲାପାଳଙ୍କୁ ଗୁହାରି କରିଛନ୍ତି। ଏପରି ଏକ ଦୃଶ୍ୟ ଗରଦପୁର ବ୍ଲକ ପରିସରରେ ଦେଖିବାକୁ ମିଳିଥିଲା। ଏପରି ଗୁହାରି ଠିଆ ହୋଇ ଶୁଣୁଥିଲେ ଖୋଦ ଜିଲ୍ଲାପାଳ ରଘୁନାଥ ଆର ଆୟାର। ଉପଜିଲ୍ଲାପାଳ ଅରୁଣ ନାୟକ, ତହସିଲଦାର୍ ଅମିତ ହୋତା ଓ ବିଡିଓ ଆଲୋକ ସେଠୀଙ୍କ ସମେତ ଜିଲ୍ଲାର ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଗତ ସୋମବାର ଦିନ ଗରଦପୁର ବ୍ଲକରେ ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି ଶିବିର ଥିଲା। ଶିବିରରେ ବହୁ ଲୋକ ନିଜ ନିଜର ସମସ୍ୟା ନେଇ ଆସିଥିଲେ। ତେବେ କୁନି କୁନି ପିଲା ବିଦ୍ୟାଳୟକୁ ନ ଯାଇ ନିଜ ଗାଁକୁ ରାସ୍ତା କରିଦେବାକୁ ଜିଲ୍ଲାପାଳଙ୍କୁ ଗୁହାରି କରିବାକୁ ଆସିଥିଲେ। ଗୁହାରି ଶୁଣିବା ଗୃହକୁ ଯେଉଁ ବାଟେ ଜିଲ୍ଲାପାଳ ଯିବେ, ସେହି ବାଟରେ ତଳେ ଗୁହାରି ପତ୍ର ଧରି ଛାତ୍ରଛାତ୍ରୀ ବସି ରହିଥିଲେ। ମଧୁଶାସନ ପଞ୍ଚାୟତ ମଧୁଶାସନ ଗ୍ରାମ ଗୁଡିଆସାହିର ଛୋଟ ଛୋଟ ପିଲାଙ୍କ ଗୁହାରି ଶୁଣି ଜିଲ୍ଲାପାଳ ଛାତ୍ରଛାତ୍ରୀଙ୍କ ଅଭିଭାବକଙ୍କ ଉପରେ ବିରକ୍ତି ପ୍ରକାଶ କରିଥିଲେ। ପିଲାଙ୍କ ସ୍କୁଲ ବନ୍ଦ କରି ସେମାନଙ୍କୁ ଆଣିବା କ'ଣ ଠିକ୍ କରିଛ ବୋଲି କହିଥିଲେ। ବିରକ୍ତି ହେଲେ ସିନା, ପିଲାଙ୍କ ଶୁଖିଲା ମୁହଁକୁ ଦେଖି ହୃଦୟ ତରଳି ଗଲା। ସଙ୍ଗେ ସଙ୍ଗେ ଜିଲ୍ଲାପାଳ ଗ୍ରାମ୍ୟ ଉନ୍ନୟନ ଓ ପୂର୍ତ୍ତ ବିଭାଗକୁ ଡକାଇ ସରକାରୀ ବିଧି ବ୍ୟବସ୍ଥା ଭିତରେ କିଭଳି ଏହି ରାସ୍ତା ହୋଇପାରିବ ନିର୍ଦ୍ଦେଶ ଦେଇଥିଲେ। ଏହି ପଦକ କଥା ଶୁଣି ଅଭିଭାବକ ଓ ଛାତ୍ରଛାତ୍ରୀ ଖୁସି ହୋଇ ଘରକୁ ଫେରିଥିଲେ। ଏହି ରାସ୍ତା ପାଇଁ ଗ୍ରାମବାସୀ ମୁଖ୍ୟମନ୍ତ୍ରୀଙ୍କୁ ବି ଚିଠି ଲେଖିଥିଲେ। ମୁଖ୍ୟମନ୍ତ୍ରୀ ମୁଖ୍ୟ ଶାସନ ସଚିବଙ୍କୁ ସମସ୍ୟା ଅନୁଧ୍ୟାନ କରିବାକୁ କହିଥିଲେ। ମୁଖ୍ୟ ଶାସନ ସଚିବ ଜିଲ୍ଲାପାଳଙ୍କୁ ସମସ୍ୟା ସମାଧାନ ପାଇଁ କହିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଏହା ହୋଇପାରିନାହିଁ। ଫଳରେ ଛାତ୍ରଛାତ୍ରୀ ଜିଲ୍ଲାପାଳଙ୍କୁ ଗୁହାରି କରିବାକୁ ଆସିଥିଲେ।

## ଖେଳ ପଡ଼ିଆରୁ ପାଣି ନିଷ୍କାସନ କଲେ ଅଗ୍ନିଶମ କର୍ମଚାରୀ

ଗରଦପୁର, ୪।୮ (ସମିସ): ଜିଲ୍ଲାପାଳ ରଘୁନାଥ ଆର ଆୟାରଙ୍କ ନିର୍ଦ୍ଦେଶକ୍ରମେ ପାଟକୁରା ଉଚ୍ଚବିଦ୍ୟାଳୟ ଖେଳ ପଡ଼ିଆରେ ଜମିଥିବା ପାଣିକୁ ଗରଦପୁର ଅଗ୍ନିଶ୍ରମ ବାହିନୀଙ୍କ ଦ୍ୱାରା ନିଷ୍କାସନ କରାଯାଇଛି। ଲଘୁଚାପ ବର୍ଷା ଓ ଖେଳ ପଡ଼ିଆ ନିକଟରେ ଥିବା ଚିତ୍ରୋତ୍ପଳା ନଦୀ ବନ୍ଧ ପାର୍ଶ୍ୱରୁ ପାଣି ଝରି ପାଟକୁରା ଉଚ୍ଚ ବିଦ୍ୟାଳୟ ପଡ଼ିଆ ସହିତ ସ୍କୁଲ ପରିସର, ଶ୍ରେଣୀଗୃହ, ଅଫିସ, ରୋଷଶାଳା, ସାଇକଲ ଷ୍ଟାଣ୍ଡ ଚତୁପାର୍ଶ୍ୱରେ ଜଳ ଜମିରହି ଲହଡ଼ି ମାରୁଥିଲା। ଏହି ସମସ୍ୟାକୁ ନେଇ ଗତକାଲି ସ୍ଥାନୀୟ ସମିତିସଭ୍ୟ ରାକେଶ ମହାପାତ୍ର ଓ ସ୍କୁଲ କମିଟି ସଭାପତି ପ୍ରଶାନ୍ତ ମଲିକଙ୍କ ସମେତ ଛାତ୍ରଛାତ୍ରୀଙ୍କ ଅଭିଭାବକ ଗରଦପୁର ବ୍ଲକରେ ଚାଲିଥିବା ଜନଶୁଣାଣି ଶିବିରରେ ଜଳ ନିଷ୍କାସନର ସ୍ଥାୟୀ ସମାଧାନ ପାଇଁ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଜିଲ୍ଲାପାଳ ଡ୍ରେନେଜ ବିଭାଗର ସହକାରୀ ଯନ୍ତ୍ରୀ ଲିପକ ସ୍ୱାଇଁଙ୍କୁ ଏହି ସମସ୍ୟାର ଅନୁଧ୍ୟାନ ପାଇଁ ପାଟକୁରା ବିଦ୍ୟାଳୟକୁ ପଠାଇଥିଲେ। ସହକାରୀ ଯନ୍ତ୍ରୀ ଅନୁଧ୍ୟାନ କରି ଉକ୍ତ ସମସ୍ୟା ବିଷୟରେ ଜିଲ୍ଲାପାଳଙ୍କୁ ଅବଗତ କଲାପରେ ଜିଲ୍ଲାପାଳ ତୁରନ୍ତ ଖେଳ ପଡ଼ିଆରୁ ଜଳ ନିଷ୍କାସନ ପାଇଁ ଗରଦପୁର ଅଗ୍ନିଶମ ବିଭାଗକୁ ନିର୍ଦ୍ଦେଶ ଦେବାକୁ ବିଡିଓ ଆଲୋକ ସେଠୀଙ୍କୁ ଜଣାଇଥିଲେ। ବିଡିଓ ଗରଦପୁର ଅଗ୍ନିଶମ ଅଧିକାରୀ ସନ୍ତୋଷ ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ପାଣି ନିଷ୍କାସନ କରିଛି।

## ସମାଜସେବୀ ଧନେଶ୍ୱର ଷଣ୍ଢଙ୍କୁ ଶ୍ରଦ୍ଧାଞ୍ଜଳି



କେନ୍ଦ୍ରାପଡ଼ା, ୪।୮ (ସମିସ): ବିଶିଷ୍ଟ ସମାଜସେବୀ ଧନେଶ୍ୱର ଷଣ୍ଢଙ୍କ ଦ୍ୱାଦଶାହରେ ତାଙ୍କ ଜନ୍ମସ୍ଥାନ ପରିପାଙ୍ଗରା ଗ୍ରାମସ୍ଥ ବାସଭବନରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ପରିବାରବର୍ଗ, ଆତ୍ମୀୟସ୍ୱଜନ, ବନ୍ଧୁବର୍ଗ ଓ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତ ଷଣ୍ଢଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସ୍ମୃତିସଭାରେ ପବିତ୍ର ଷଣ୍ଢ, ଦେବେନ୍ଦ୍ର ଜେନା, ପରିପାଙ୍ଗରା ପଞ୍ଚାୟତର ସରପଞ୍ଚ ସମୀର ସେଠୀ, କାଳନ୍ଦୀ ବେହେରା, ଅନାଦି ଜେନା, ଶରତ ଷଣ୍ଢ, ଜାମିନୀକାନ୍ତ ସାହୁ, ସମାଜସେବୀ ନିରଞ୍ଜନ ପରିଡ଼ାଙ୍କ ସମେତ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ସ୍ୱର୍ଗତ ଧନେଶ୍ୱର ଷଣ୍ଢ ଜଣେ ନିଷ୍ଠାବାନ୍ ସମାଜସେବୀ, ପରୋପକାରୀ ଓ ସରଳ, ନମ୍ର ବ୍ୟକ୍ତିତ୍ୱର ଅଧିକାରୀ ଥିଲେ। ସମାଜର କଲ୍ୟାଣ, ଲୋକସେବା ଓ ମାନବିକ ମୂଲ୍ୟବୋଧ ପ୍ରତି ତାଙ୍କର ନିଷ୍ଠା ସମସ୍ତଙ୍କ ପାଇଁ ଅନୁକରଣୀୟ ଥିଲା। ତାଙ୍କ ଜୀବନଦର୍ଶନ, କର୍ମନିଷ୍ଠା ଓ ସମାଜ ପ୍ରତି ଅବଦାନ ଆଗାମୀ ପିଢ଼ିକୁ ସର୍ବଦା ପ୍ରେରଣା ଯୋଗାଇବ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ପରେ ଧନେଶ୍ୱର ଷଣ୍ଢଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା।

### ● ମହାକାଳପଡ଼ାରେ ସ୍ୱଚ୍ଛ ଭାରତ ଅଡିଟ୍ ଟିମ୍

## ବଜାର ଓ ମନ୍ଦିର ପରିସର ପରିବେଶ ଦେଖି ଅସନ୍ତୋଷ

ମହାକାଳପଡ଼ା, ୪।୮ (ସମିସ): ସ୍ୱଚ୍ଛ ଭାରତ ମିଶନର କାର୍ଯ୍ୟକାରିତାର ମୂଲ୍ୟାଙ୍କନ ପାଇଁ ଆସିଥିବା କେନ୍ଦ୍ରୀୟ ଅଡିଟ୍ ଟିମ୍ ମଙ୍ଗଳବାର ମହାକାଳପଡ଼ା ବ୍ଲକ ଅଧୀନ ରାମନଗର ପେରଛୋଲା ପଞ୍ଚାୟତର ବିଭିନ୍ନ ସ୍ଥାନ ପରିଦର୍ଶନ କରିଥିଲେ। ପରିଦର୍ଶନ ସମୟରେ ଟିମ୍ ସ୍ୱଚ୍ଛତା ବ୍ୟବସ୍ଥାର ସ୍ଥିତି ଯାଞ୍ଚ କରିବା ସହ ସ୍ଥାନୀୟ ପ୍ରଶାସନକୁ ଆବଶ୍ୟକ ପରାମର୍ଶ ଦେଇଛନ୍ତି। ଅଡିଟ୍ ଟିମ୍ ରାମନଗର ବଜାର, ରାମନଗର ଘାଟ, ମା' ରାମଚଣ୍ଡୀ ମନ୍ଦିର, ପିତାପାଟ ମାଣିକେଶ୍ୱର ମନ୍ଦିର, କମ୍ୟୁନିଟି ଶୌଚାଳୟ ଓ ବିଭିନ୍ନ ସ୍ଥାନରେ ସ୍ଥାପିତ ଡଷ୍ଟବିନ୍‌ର ସ୍ଥିତି ବୁଲି ଦେଖିଥିଲେ। ବଜାର ଓ ସାର୍ବଜନୀନ ସ୍ଥାନରେ ଅଳିଆ ପଡ଼ିରହିଥିବା ଦେଖି ଟିମ୍ ଅସନ୍ତୋଷ ପ୍ରକାଶ କରିଥିଲେ। ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ପ୍ରତ୍ୟେକ ସାର୍ବଜନୀନ ସ୍ଥାନରେ ପର୍ଯ୍ୟାପ୍ତ ଡଷ୍ଟବିନ୍ ସ୍ଥାପନ କରିବା, ଲୋକଙ୍କୁ ଡଷ୍ଟବିନ୍ ବ୍ୟବହାର ପାଇଁ ସଚେତନ କରିବା ଓ ଡ୍ରେନ୍‌କୁ ପ୍ରତି ତିନି ଦିନରେ ଥରେ ସଫା କରିବାକୁ ପରାମର୍ଶ ଦେଇଥିଲେ। ବିଶେଷକରି ବନ୍ୟା ସମୟରେ ପାଣି ଜମି ରୋଗ ବ୍ୟାପିବା ରୋକିବା ପାଇଁ ନିୟମିତ ସଫାସୁତୁରା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସ୍ୱଚ୍ଛ ଭାରତ ମିଶନର ଅଡିଟର ସୀତାରାମ ମାନା ଓ ବିମଳ ଶର୍ମା, ମହାକାଳପଡ଼ା ବ୍ଲକର କନିଷ୍ଠ ଯନ୍ତ୍ରୀ ଆଲୋକ ବେହେରା, ଦିଗ୍‌ବିଜୟ ଦାସ ଓ ପଞ୍ଚାୟତ ପିଇଓ ବିଜୟ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ନେମ୍ବ୍ରା ଗ୍ରାମ ବିକାଶ କମିଟିର ଶପଥ ପାଠ ଉତ୍ସବ

କେନ୍ଦ୍ରାପଡ଼ା, ୪।୮ (ସମିସ): ମାର୍ଶାଘାଇ ବ୍ଲକ କୁହୁଡ଼ି ଗ୍ରାମ ପଞ୍ଚାୟତର ନେମ୍ବ୍ରା ଗ୍ରାମ ବିକାଶ କମିଟିର ଶପଥ ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଐତିହ୍ୟ ସମୃଦ୍ଧ ଗ୍ରାମର ସର୍ବାଙ୍ଗୀନ ଉନ୍ନତି ଓ ଏହାର ବିକାଶ ପାଇଁ ଗ୍ରାମବାସୀ ଓ ଯୁବଗୋଷ୍ଠୀଙ୍କ ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଗ୍ରାମର ବୟଜ୍ୟେଷ୍ଠ ବ୍ୟକ୍ତିଙ୍କୁ ନେଇ ଉପଦେଷ୍ଟା କମିଟି ଗଠନ କରାଯାଇ ସେମାନଙ୍କ ପରାମର୍ଶକ୍ରମେ ଯୁବ ଗୋଷ୍ଠୀଙ୍କୁ ନେଇ ଗ୍ରାମ କମିଟି ଗଠନ କରାଯାଇଛି। ମଠ କମିଟି ଓ କ୍ଲବ୍ ମଧ୍ୟରେ ସମନ୍ୱୟ ରଖି ଗ୍ରାମ ବିକାଶ କମିଟି କିପରି କାର୍ଯ୍ୟ କରିବ, ସେ ବିଷୟରେ ଆଲୋଚନା ହୋଇଥିଲା। ଏହି ଶପଥ ପାଠ ଉତ୍ସବରେ ଅବସରପ୍ରାପ୍ତ ଶିକ୍ଷକ ଆଶ୍ରିତ କୁମାର ଦାସ ସଭାପତିତ୍ୱ କରିଥିଲେ। କମିଟି ସଦସ୍ୟଙ୍କୁ ସରପଞ୍ଚ ପ୍ରଭାତ ରଞ୍ଜନ ଦାସ ଶପଥ ପାଠ କରାଇଥିଲେ।



# ଶ୍ରୀଜଗନ୍ନାଥଙ୍କୁ ନେଇ ବ୍ୟଙ୍ଗ ଓ କାର୍ଟୁନ ସିନେମା ପ୍ରଦର୍ଶନକୁ ବିରୋଧ; ଆନ୍ଦୋଳନ ଚେତାବନୀ

ଅନୁଗୋଳ,୪।୮ (ସମିସ):



ଓଡ଼ିଆଙ୍କ ଅସ୍ମିତା, କୋଟି କୋଟି ଜନତାଙ୍କ ବିଶ୍ୱାସର ପ୍ରତୀକ ବଡ଼ ଠାକୁର ଶ୍ରୀଜଗନ୍ନାଥ ଭକ୍ତବୃନ୍ଦଙ୍କ ଧାର୍ମିକ ଭାବାବେଗକୁ ଅନର୍ଥ କରିବାକୁ ଚେଷ୍ଟା କରୁଥିବା କିଛି ସ୍ୱାର୍ଥାନ୍ୱେସୀଙ୍କ ପାଇଁ ଆଜି ପଲ୍ଲୀଠୁ ଦିଲ୍ଲୀ ଯାଏ ଜଗନ୍ନାଥ ସଂସ୍କୃତି ପ୍ରସଙ୍ଗ ଆଲୋଚନାର ପ୍ରସଙ୍ଗ ପାଲଟିଛି। ପରମ୍ପରା, ସଂସ୍କୃତି ଓ ଇତିହାସ ବିଷୟରେ ଅଜ୍ଞ କିଛି ବ୍ୟକ୍ତି ଠିକ ଭାବେ ବିଷୟ ବସ୍ତୁ ଉପରେ ଗବେଷଣା ନ କରି ସମାଜକୁ ପ୍ରଭାବିତ କରିଲା ଭଳି କାର୍ଯ୍ୟ ବିଦେଶୀଙ୍କ ପ୍ରରୋଚନାରେ କରୁଛନ୍ତି। ଓଡ଼ିଆର ପ୍ରାଣ, ଓଡ଼ିଆଙ୍କ ଆରାଧ୍ୟ ବଡ଼ ଠାକୁର ଅଜନ୍ମା ଜଗନ୍ନାଥଙ୍କ ସଂସ୍କୃତି ପ୍ରସାର ପ୍ରଚାର କରିବାରେ ଧର୍ମ ଶାସ୍ତ୍ର ବିରୋଧୀ ଓ ବ୍ୟଭିଚାରକୁ ଆଧାର କରି କାଳ୍ପନିକ ବ୍ୟଙ୍ଗ ଏବଂ କାର୍ଟୁନ ଚଳଚିତ୍ର ପ୍ରଦର୍ଶନକୁ ବିରୋଧ କରିବାକୁ ସନାତନୀଙ୍କୁ ଜାଗ୍ରତ ହେବାକୁ ବିଶ୍ୱ ହିନ୍ଦୁପରିଷଦ ରାଜ୍ୟ ସମ୍ପାଦକ ତଥା ପୁରୀ ଶ୍ରୀମନ୍ଦିର ପରିଚାଳନା ସମିତିର ସକ୍ରିୟ ସଦସ୍ୟ ପଣ୍ଡିତ ମହେଶ ଜୀ ଅନୁଗୋଳ ଶୈଳଶ୍ରୀକ୍ଷେତ୍ର ସଦ୍‌ଭାବନା ମଣ୍ଡପଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି।

ଶ୍ରୀଜଗନ୍ନାଥଙ୍କୁ ନେଇ ବ୍ୟଙ୍ଗ ଓ କାର୍ଟୁନ ସିନେମା ପ୍ରଦର୍ଶନ କରିବା ପ୍ରସଙ୍ଗରେ ଆଲୋକପାତ କରି ଜଗନ୍ନାଥ ସଂସ୍କୃତି ସୁରକ୍ଷା ଏବଂ ଉଲ୍ଲଂଘନକାରୀଙ୍କ ପାଇଁ ଦଣ୍ଡବିଧାନ ପ୍ରାବଧାନ ଦାବି କରିବା ସହ ସମ୍ପ୍ରତି ଘଟଣାକ୍ରମକୁ ବିସ୍ତୃତ ଭାବେ ଉପସ୍ଥାପନ କରିଥିଲେ। ସେ କହିଥିଲେ ଯେ ଶ୍ରୀଜଗନ୍ନାଥଙ୍କ ଉପରେ ଏକ ବ୍ୟଙ୍ଗ ଚଳଚ୍ଚିତ୍ର ନିର୍ମାଣ ହେଲା, ତାହାକୁ କେହି ଜାଣି ପାରିଲେ ନାହିଁ। ଜଗନ୍ନାଥଙ୍କ ସଂସ୍କୃତି ଉପରେ ଆଧାରିତ ସେହି କାଳ୍ପନିକ ବ୍ୟଙ୍ଗ ଓ କାର୍ଟୁନ ଚଳଚ୍ଚିତ୍ରକୁ ପ୍ରଦର୍ଶନ ପାଇଁ ଫିଲ୍ମ ସେନ୍ସର ବୋର୍ଡର ଅନୁମତି ବି ମିଳିଗଲା। ଫିଲ୍ମ ରିଲିଜ ହେବା ପୂର୍ବରୁ ତା'ର ପ୍ରାରମ୍ଭିକ କିଛି ଦୃଶ୍ୟ ପ୍ରସାର ହେବା ପରେ ଜଗନ୍ନାଥପ୍ରେମୀଙ୍କୁ ବିଚଳିତ କରିଥିଲା। ଧାର୍ମିକ ଭାବଧାରକୁ ହୀନ କରାଯିବା ସହିତ ଶସ୍ତା ମନୋଭାବ ପୋଷଣ ଆଲୋଡନ ସୃଷ୍ଟି କରିଥିଲା। ଓଡ଼ିଆ ସମେତ ହିନ୍ଦୀ, ତେଲଗୁ, କନ୍ନଡ଼ ଓ ମାଲାୟମ ଭାଷାରେ ଜଗନ୍ନାଥ ସଂସ୍କୃତି ପ୍ରତି ପିଲାଙ୍କୁ ଆକୃଷ୍ଟ କରିବାରେ ସହାୟକ ହେଲାଭଳି କାଳ୍ପନିକ ଚଳଚିତ୍ରରେ ବ୍ୟଙ୍ଗ ଓ କାର୍ଟୁନ ଚଳଚ୍ଚିତ୍ର ସ୍ଥାନିତ ହୋଇଛି, ଯାହାକି ଚଳଚ୍ଚିତ୍ର ପ୍ରଯୋଜକ ଉକ୍ତ ବୈଠକରେ ସ୍ୱୀକାର କରିଥିଲେ। ପୁରୀ ଶଙ୍କରାଚାର୍ଯ୍ୟ, ଚଳନ୍ତି ଗଜପତି, ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା ପ୍ରମୁଖ କର୍ମକର୍ତ୍ତା, ମଠ ମନ୍ଦିର ମହନ୍ତ ପ୍ରମୁଖଙ୍କ ଉପସ୍ଥିତିରେ ଆଲୋଚ୍ୟ ପ୍ରସଙ୍ଗରେ ପ୍ରଯୋଜକ ଉକ୍ତ କାଳ୍ପନିକ ସିନେମା ପ୍ରଦର୍ଶନର ରିଲିଜ ନ କରିବାକୁ ପ୍ରଯୋଜକ ସହମତି ପ୍ରକାଶ କରିଥିଲେ। ମାତ୍ର ପରେ ଚଞ୍ଚକତା କରି ବିବାଦୀୟ ସିନେମା ରିଲିଜ କରିବାକୁ ମସୁଧା ହୋଇଥିଲା। ଧର୍ମ, ଶାସ୍ତ୍ର, ସଂସ୍କୃତି ପରମ୍ପରା, ଏପରିକି ଇତିହାସ ବିରୋଧୀ କାଳ୍ପନିକ ସିନେମାକୁ ସେନ୍ସର ବୋର୍ଡ ଅନୁମୋଦିତ କରିଥିବା ଘଟଣାକୁ ନିନ୍ଦା କରିବା ସହିତ ପୁନଃ ସମୀକ୍ଷା ପାଇଁ କୋର୍ଟର ଦ୍ୱାରସ୍ଥ ହୋଇଛନ୍ତି ଶ୍ରୀ ଜଗନ୍ନାଥ ଭକ୍ତ ବୃନ୍ଦ। ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟକୁ ପୁନଃ ବିଚାର କରିବାକୁ ମଧ୍ୟ ଅପିଲ କରାଯିବ। ଏହି ପ୍ରସଙ୍ଗର ସ୍ଥାୟୀ ସମାଧାନ ପାଇଁ ସମଗ୍ର ଜଗନ୍ନାଥ ପ୍ରେମୀ ଭକ୍ତବୃନ୍ଦ ଜାଗ୍ରତ

## ସେନ୍ସର ବୋର୍ଡ ସାର୍ଟିଫିକେଟ ବାତିଲ ଦାବି

ହେବା ଜରୁରୀ ବୋଲି କହିଛନ୍ତି। ନଚେତ ଆନ୍ଦୋଳନର ପନ୍ଥା ଗ୍ରହଣ କରାଯିବ। ଏହି ସାମ୍ବାଦିକ ସମ୍ମିଳନୀରେ ଶୈଳଶ୍ରୀକ୍ଷେତ୍ର ମନ୍ଦିର ପରିଚାଳନା କମିଟିର ସମ୍ପାଦକ ହେମନ୍ତ କୁମାର ଦାସ, ଯୁଗ୍ମ ସମ୍ପାଦକ ଆନନ୍ଦ ଚନ୍ଦ୍ର ମହାପାତ୍ର, ବରିଷ୍ଠ ଆଇନ ଉପଦେଷ୍ଟା ପରମାନନ୍ଦ ମିଶ୍ର ପ୍ରମୁଖ ଯୋଗ ଦେଇ ବିବାଦୀୟ ଏବଂ କଳ୍ପନିକ ସିନେମା ପ୍ରଦର୍ଶନକୁ ନ୍ୟାୟିକ ଆଧାରରେ ବିରୋଧ କରିବା ସହିତ ନିନ୍ଦା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଦ୍ମ ଚରଣ ପ୍ରଧାନ, ଅଭୟ ତ୍ରିପାଠୀ, ସନ୍ତୋଷ ସାହୁ, ମାନସ ମିଶ୍ର, ଉଥାନ ମହାପାତ୍ର, ଲଳିତ ମୋହନ ଦାସ, ଜ୍ୟୋତିରଞ୍ଜନ ନନ୍ଦ, ବରଦାକାନ୍ତ ପାଳ ପ୍ରମୁଖ ଉପସ୍ଥିତ ଥିଲେ।

## ବଡ଼କେରଜାଙ୍ଗ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜ୍ଞାନବିଜ୍ଞାନ ମେଳା

ଅନୁଗୋଳ,୪।୮ (ସମିସ): ମଙ୍ଗଳବାର ବଡ଼କେରଜାଙ୍ଗ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସାନକେରଜାଙ୍ଗସ୍ଥିତ ମଲ୍ଲିକେଶ୍ୱର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିନୟ କୁମାର ସାହୁ ଯୋଗଦାନ କରି ଏହି ମେଳା ବିଜ୍ଞାନ କ୍ଷେତ୍ରରେ ଶିଶୁମାନଙ୍କ ଅନୁସନ୍ଧିତ୍ସୁ ମନୋଭାବ ବୃଦ୍ଧି ଓ ରାଷ୍ଟ୍ରର ଭବିଷ୍ୟତ ବୈଜ୍ଞାନିକ ପାଇଁ ପ୍ରେରଣା ପ୍ରଦାନ କରେ ବୋଲି କହିଥିଲେ।



ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା ସମିତିର ସମ୍ପାଦକ ବିଭୂତି ଭୂଷଣ ସାହୁ, ସଭାପତି ଅଶୋକ କୁମାର ସାହୁ, କୋଷାଧ୍ୟକ୍ଷ ବୀରବର ବେହେରା ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରୁଦ୍ର ମୋହନ ହୋତା ଅତିଥି ପରିଚୟ ପ୍ରଦାନ କରିବା ସହିତ ଆଭିମୁଖ୍ୟ କଥନ ପ୍ରଦାନ କରିଥିଲେ। ବିଜ୍ଞାନ ପ୍ରମୁଖ ସନ୍ତୋଷ କୁମାର ସିଂହ କାର୍ଯ୍ୟକ୍ରମର ପରିଚାଳନା କରିଥିବାବେଳେ ସମ୍ପାଦକ ଧନ୍ୟବାଦ ଅର୍ପଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅନୁଗୋଳ ଜିଲ୍ଲା ୨୫ନଂ ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ଦିଲ୍ଲୀପ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ପରୀକ୍ଷା ପ୍ରମୁଖ ଆଚାର୍ଯ୍ୟ ପଦ୍ମଲୋଚନ ସାହୁ ମଞ୍ଚ ପରିଚାଳନା କରିଥିଲେ। ବିଚାରକ ଭାବେ ଶିକ୍ଷକ ଦୁଃଶାସନ ବେହେରା, ବିଶ୍ୱଜିତ୍ ସାହୁ, ଅକ୍ଷୟ କୁମାର ପ୍ରଧାନ, ଅମିତ୍ କୁମାର ସାହୁ, ଦୀପକ କୁମାର ପ୍ରଧାନ ଉପସ୍ଥିତ ଥିଲେ। ୩୫ଟି ପ୍ରକଳ୍ପ ଓ ଅନ୍ୟାନ୍ୟ ପ୍ରତିଯୋଗିତାରେ ମୋଟ ୧୫୮ ଜଣ ଶିକ୍ଷାର୍ଥୀ ଅଂଶ ଗ୍ରହଣ କରିଥିଲେ।

## ୩ ଦିନ ପରେ ବି ମିଳୁନି ବ୍ରାହ୍ମଣୀରେ ନିଖୋଜ ଯୁବକଙ୍କ ପତ୍ତା

ତାଳଚେର,୪।୮ (ସମିସ): ବ୍ରାହ୍ମଣୀ ନଦୀରେ ତିନିଦିନ ପୂର୍ବରୁ ତାଳଚେର ବ୍ଲକ୍ କଙ୍କିଳି ପଞ୍ଚାୟତ କାକୁଡ଼ି ଗ୍ରାମର ପଛପାଖରେ ରହିଥିବା ନଦୀକୁ ୨ଜଣ ଯୁବକ ଗାଧୋଇ ଯାଇଥିଲେ। ସେମାନଙ୍କ ମଧ୍ୟରୁ ଜଣଙ୍କୁ ସିକ୍ୟୁରିଟି ଗାର୍ଡ ଓ ଲୋକଙ୍କ ସହାୟତରେ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଅନ୍ୟ ଜଣଙ୍କୁ ନପାଇବାରୁ ତାଳଚେର ପୁଲିସ ଏବଂ ଅଗ୍ନିଶମ ବାହିନୀ ସହ ଓଡ୍ରାଫ୍ ଟିମ ବହୁ ଖୋଜାଖୋଜି କରିବା ପରେ ମଧ୍ୟ ନିରାଶ ହୋଇଥିଲେ। ତିନିଦିନ ବିତିଯାଇଥିଲେ ହେଁ ଏଯାଏଁ ନିଖୋଜ ଯୁବକର ପତ୍ତା ମିଳିପାରି ନାହିଁ। ଏ ସମ୍ପର୍କରେ ଅଗ୍ନିଶମ ବାହିନୀର ଅଧିକାରୀଙ୍କୁ ପଚାରିବାରୁ ସେ କୁହନ୍ତି ଯେ ନଦୀର ସ୍ରୋତ ଅଧିକ ରହୁଥିବାରୁ ତାଙ୍କୁ ଖୋଜିବା ସମ୍ଭବପର ହୋଇପାରୁ ନାହିଁ। ଏହାକୁ ନେଇ ନିଖୋଜ ଥିବା ଯୁବକଙ୍କ ପରିବାରବର୍ଗ ଓ ଗ୍ରାମବାସୀ ଆଶା ଆଶଙ୍କାରେ ରହିଥିବା ବେଳେ ନିଖୋଜଙ୍କ ପରିବାର ଦୁଃଖରେ ଭାଙ୍ଗିପଡ଼ିଛନ୍ତି।



## ବ୍ରିଜ ଉପରୁ ୩୦ ଫୁଟ୍ ତଳକୁ ଖସିଲା ଟ୍ରକ୍; ଡ୍ରାଇଭର ଗୁରୁତର

କିଶୋରନଗର,୪।୮ (ସମିସ): ଆଠମଲ୍ଲିକ ଉପଖଣ୍ଡର କିଆକଟା-ବଇଣ୍ଡା ୬୨ ନମ୍ବର ରାଜ୍ୟ ରାଜପଥର ପୁରୁଣାମାଣତ୍ରୀ ବ୍ରିଜ୍ ଉପରେ ଦୁର୍ଘଟଣା ଘଟିଛି। ବ୍ରିଜ ଉପରେ ଯାଉଥିବା ଏକ ଟ୍ରକ୍ ହଠାତ୍ ଭାରସାମ୍ୟ ହରାଇ ବ୍ରିଜର ବ୍ୟାରିକେଡ୍ ଭାଙ୍ଗି ପ୍ରାୟ ୩୦ ଫୁଟ ତଳକୁ ଖସିପଡ଼ିଛି। ଦୁର୍ଘଟଣାରେ ଟ୍ରକ୍ ଡ୍ରାଇଭର ଗୁରୁତର ଆହତ ହୋଇଛନ୍ତି। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଡ୍ରାଇଭରଙ୍କୁ ଟ୍ରକ୍ ଭିତରୁ ଉଦ୍ଧାର କରିଥିଲେ। ପରେ ତାଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ହସ୍ପିଟାଲକୁ ପଠାଯାଇଛି। ଖବର ପାଇ ଘଟଣାସ୍ଥଳରେ ଆଠମଲ୍ଲିକ ପୁଲିସ ପହଞ୍ଚି ଦୁର୍ଘଟଣାର କାରଣ ନେଇ ତଦନ୍ତ ଆରମ୍ଭ କରିଛି।



## ତାଳଚେର ମ୍ୟୁନିସିପାଲିଟିରେ ବର୍ଷବର୍ଷ ଧରି ହେଉନି ବଦଳି

ତାଳଚେର ସହର,୪।୮ (ସମିସ): ତାଳଚେର ପୌର ପରିଷଦରେ ବର୍ଷ ବର୍ଷ ଧରି କର୍ମଚାରୀଙ୍କ ବଦଳି ହେଉନି। ଚାକିରି ଆରମ୍ଭରୁ ଆଜି ପର୍ଯ୍ୟନ୍ତ ପ୍ରାୟ ୧୮ ବର୍ଷ ଧରି ଗୋଟିଏ ସ୍ଥାନରେ ଚାକିରି କରିଥିବା ଭଳି କର୍ମଚାରୀ ରହିଛନ୍ତି। ପ୍ରଣତି ନନ୍ଦ ନାମକ ଯନ୍ତ୍ରୀ ଚାକିରି ଆରମ୍ଭ ଦିନଠାରୁ ଆଜି ପର୍ଯ୍ୟନ୍ତ ପୌର ପରିଷଦରେ ଚାକିରି କରିଥିବା ଦେଖିବାକୁ ମିଳିଛି। ପୂର୍ବରୁ ଏ ନେଇ ବିଭିନ୍ନ ମହଲରୁ ଅଭିଯୋଗ ହୋଇଥିଲା। ଆର୍‌ଟିଆଇରେ ଏ ସମ୍ପର୍କିତ ତଥ୍ୟବିଭିନ୍ନ ସାମାଜିକ ଗଣମାଧ୍ୟମ ଜରିଆରେ ଘୂରିବୁଲିଥିଲା। ଗଣମାଧ୍ୟମରେ ମଧ୍ୟ ଖବର ପ୍ରକାଶ ପାଇଥିଲା। କିନ୍ତୁ କୌଣସି ଫରକ୍ ପଡ଼ିନଥିଲା। ସେହିପରି ଆଉ ଜଣେ ହେଉଛନ୍ତି ବିଶ୍ୱଜିତ୍ ଦାସ। ସିନିୟର୍ ଆସିଷ୍ଟାଣ୍ଟ ପଦରେ ନିଯୁକ୍ତ ହୋଇଥିଲେ ବି ବହୁ ବର୍ଷ ତାଳଚେର ପୌର ପରିଷଦ କାର୍ଯ୍ୟାଳୟରେ କାର୍ଯ୍ୟ କରିବା ପରେ ତାଙ୍କୁ ଅନୁଗୁଳ ପୌର ପରିଷଦ କାର୍ଯ୍ୟାଳୟକୁ ବଦଳି କରାଯାଇଥିଲା। କିନ୍ତୁ ସେଠାରୁ ମଧ୍ୟ କର୍ମଚାରୀ ଅଭାବ



ଦର୍ଶାଇ ଡେପୁଟେସନରେ ତାଳଚେରକୁ ବଦଳି କରାଯାଇଛି। ସେହିପରି ଗୋଲକ ବିହାରୀ ସାହୁଙ୍କ ବଦଳି ଆର୍‌ଏମ୍‌ସି ରାଉରକେଲାକୁ ହୋଇଛି। ଯାହାର ଅର୍ଡର ଜୁଲାଇ ମାସ ୭ ତାରିଖରେ ହୋଇଥିଲା। କିନ୍ତୁ ତାଳଚେର ନିର୍ବାହୀ ଅଧିକାରୀ ଆଜକୁ ମାସେ ବିତିଯାଇଥିଲେ ମଧ୍ୟ ତାଙ୍କୁ ଏଠାରୁ ଛାଡ଼ିନାହାନ୍ତି। ତେଣୁ ଏଭଳି ଘଟଣାରୁ ସ୍ପଷ୍ଟ ଅନୁମେୟ କି ବିଭାଗୀୟ ଅର୍ଡରକୁ ଖାତିର କରୁ ନାହାନ୍ତି ନିର୍ବାହୀ ଅଧିକାରୀ। ତା'ପରେ ତାଳଚେର ପୌର ପରିଷଦରେ ଦୁର୍ନୀତି ହେଉଥିବା ନେଇ

- ବଦଳି ଅର୍ଡର ଆସିଲେ ବି ହେଉନି କାର୍ଯ୍ୟକାରୀ
- କାର୍ଯ୍ୟାଳୟରେ ବିଭିନ୍ନ ଦୁର୍ନୀତି ହେଉଥିବା ଅଭିଯୋଗ

ବାରମ୍ବାର ଅଭିଯୋଗ ହେଉଥିବା ବେଳେ ପୁରୁଣା କର୍ମଚାରୀଙ୍କ ପ୍ରତି କାର୍ଯ୍ୟାଳୟର ଏ ମୋହ ବୁଦ୍ଧିଜୀବୀଙ୍କ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ଆଉ କେତେ ବର୍ଷ ପରେ ପ୍ରଣତି ନନ୍ଦଙ୍କ ବଦଳି ହେଉଛି, ଗୋଲକ ସାହୁଙ୍କୁ କେବେ ତାଳଚେରରୁ ରାଉରକେଲା ଛଡ଼ାଯାଉଛି ଆଉ ବିଶ୍ୱଜିତ୍ ଦାସଙ୍କ ଡେପୁଟେସନ ଅବଧି କେବେ ସରୁଛି ତାହା ଦେଖିବାକୁ ବାକି ରହିଲା।

## ଗୋରୁଙ୍କ ବେକରେ ରେଡିୟମ୍ ବେଲ୍ଟ ବାନ୍ଧିଲା ଶ୍ରୀରାମ ନବମୀ କମିଟି



କିଶୋରନଗର,୩।୮ (ସମିସ): ସନ୍ଧ୍ୟା ହେଲେ ଆଠମଲ୍ଲିକ ଏନ୍‌ଏସି ଅଞ୍ଚଳର ରାସ୍ତାରେ ବୁଲା ଗାଈଗୋରୁଙ୍କ ଗୋଠ ପଡୁଛି। ଏଥିଯୋଗୁଁ ବଇଣ୍ଡା-କିଆକଟା ରାଜ୍ୟ ରାଜପଥ ସମେତ ସମସ୍ତ ସାହି ରାସ୍ତା ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେବା ସହ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି। ଏହାକୁ ଗମ୍ଭୀରତାର ସହିତ ନେଇ ଆଠମଲ୍ଲିକ ପ୍ରାଣୀ ସମ୍ପଦ ବିଭାଗ ସହଯୋଗରେ ଶ୍ରୀରାମ ନବମୀ କମିଟିର ସଦସ୍ୟମାନେ ବୁଲା ଗୋରୁଙ୍କ ବେକରେ ରେଡିୟମ୍ ବେଲ୍ଟ ବାନ୍ଧିଛନ୍ତି। ଫଳରେ ରାତିରେ ଆସୁଥିବା ଯାନର ଚାଳକ ସହଜରେ ଦେଖିପାରିବେ। ଫଳରେ ଦୁର୍ଘଟଣା କମିବ ବୋଲି ଆଶା କରାଯାଉଛି। କମିଟିର ସଦସ୍ୟ ଶିବାଶିଷ ରାଉତ, ସତ୍ୟବ୍ରତ ନାୟକ, ଯୁବରାଜ ବେହେରା, ସୂର୍ଯ୍ୟାଂଶୁ ଜ୍ୟୋତିଷରାୟ, ସ୍ମୃତିସଞ୍ଜୟ ଭୁକ୍ତା, ଜିତେନ୍ ନାଏକ, ରାହୁଲ ପ୍ରଧାନ, ସମ୍ବିତ୍ କୁମାର ମାହାର, ଅଂଶୁମାନ ବଘାର, ମନିସ୍ ହରିଚନ୍ଦନଙ୍କ ସମେତ ବହୁ ଯୁବକ ଉପସ୍ଥିତ ଥିଲେ।

## ଓସ୍କାପାଲ୍ଲୀ ପଞ୍ଚାୟତରେ ଜନଶୁଣାଣି

କିଶୋରନଗର,୪।୮ (ସମିସ): କିଶୋରନଗର ବ୍ଲକ୍ ଓସ୍କାପାଲ୍ଲୀ ପଞ୍ଚାୟତରେ ବ୍ଲକ୍ ପ୍ରଶାସନ ପକ୍ଷରୁ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ଶୁଭକାନ୍ତ ନାଏକ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିଥିଲେ। ଏଥିରେ ସ୍ଥାନୀୟ ସରପଞ୍ଚ ବିଜୟିନୀ ପ୍ରଧାନ, ବିଏସ୍‌ଏସ୍‌ଓ ଝସକେତନ ସାହୁ, ଆର୍‌ଡବ୍ଲୁଏସ୍‌ଏସ୍ କନିଷ୍ଠ ଯନ୍ତ୍ରୀ ମନୋରଞ୍ଜନ ପ୍ରଧାନ, ବିପିସି (ଆର୍‌ଏଚ୍) ସୌମ୍ୟରଞ୍ଜନ ପ୍ରଧାନ, ବିପିସି(ଏସ୍‌ବିଏମ୍) ଦିଲେଶ୍ୱର ଦେହୁରୀ ପ୍ରମୁଖ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ଉପସ୍ଥିତ ଥିଲେ।



## ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ଅନୁଗୋଳକୁ ୧ କୋଟି ଟଙ୍କା ଅନୁଦାନ

ଅନୁଗୋଳ,୪।୮ (ସମିସ): ଅନୁଗୋଳ ବିଧାୟକ ପ୍ରତାପ ପ୍ରଧାନଙ୍କ ପ୍ରଚେଷ୍ଟାରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ଅନୁଗୋଳ ମ୍ୟୁନିସିପାଲିଟିର ଦୁଇଟି ୱାର୍ଡ ପାଇଁ ରାଜ୍ୟ ସରକାର ୧ କୋଟି ଟଙ୍କାର ଆର୍ଥିକ ଅନୁଦାନ ମଞ୍ଜୁର କରିଛନ୍ତି। ଗତ ୨୯ ତାରିଖରେ ଜାରି ହୋଇଥିବା ଚିଠି ଅନୁଯାୟୀ, ୱାର୍ଡ ନଂ୧୫ର ଅମଲାପଡ଼ା ଏବଂ ୱାର୍ଡ ନଂ୧୬ର ହେମସୁରପଡ଼ା ଦୁର୍ଗା ପୂଜା ମଣ୍ଡପ ନିର୍ମାଣ ପାଇଁ ପ୍ରତ୍ୟେକଙ୍କୁ ୫୦ ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି। ଏହି ଅନୁଦାନ ମିଳିବା ପରେ ଉଭୟ ଅଞ୍ଚଳର ବାସିନ୍ଦା ଓ ପୂଜା କମିଟି ସଦସ୍ୟମାନେ ଖୁସି ବ୍ୟକ୍ତ କରିବା ସହ ବିଧାୟକ ଶ୍ରୀ ପ୍ରଧାନ ଏବଂ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ଅର୍ଥରେ ସ୍ଥାୟୀ ଓ ଆଧୁନିକ ଦୁର୍ଗା ପୂଜା ମଣ୍ଡପ ନିର୍ମାଣ ସହ ଭକ୍ତମାନଙ୍କ ସୁବିଧା ପାଇଁ ପାର୍କିଂ, ପାନୀୟ ଜଳର ବ୍ୟବସ୍ଥା କରାଯିବ ଏବଂ ଏହି କାର୍ଯ୍ୟ ଖୁବ ଶୀଘ୍ର ଆରମ୍ଭ ହେବ ବୋଲି ଅନୁଗୋଳ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀ ପ୍ରକାଶ କରିଛନ୍ତି।

- ୬୦ ଦିନର ଧାରଣାରେ ଯବନିକା

## ଆନ୍ଦୋଳନକାରୀଙ୍କ ଦାବି ଆଗରେ ନଇଁଲା ପ୍ରଶାସନ

ପାଲଲହଡ଼ା,୪।୮ (ସମିସ): ୬୦ ଦିନର ଧାରଣା ଏବଂ ଆନ୍ଦୋଳନ ପରେ ଆନ୍ଦୋଳନକାରୀଙ୍କ ଦାବି ଆଗରେ ଶେଷରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ମୁଣ୍ଡ ନୁଆଁଇଛି। ପାଲଲହଡ଼ା ବ୍ଲକ୍ ଜମରଡିହ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିଚାଳନା ଦାୟିତ୍ୱରୁ ହଟିଛି ଘରୋଇ ଏନ୍‌ଜିଓ। ଗତ ୩୧ ତାରିଖ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ପତ୍ର ସଂଖ୍ୟା ୨୨୧୮/୨୦୨୬ ଅନୁଯାୟୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ସମ୍ପତ୍ତିକୁ ବିପିଏଚ୍‌ଓ, ଖମାରକୁ ହସ୍ତାନ୍ତର କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଅନଗୋଳ ଜିଲ୍ଲା ପାଲଲହଡ଼ା ବ୍ଲକ୍‌ର ଉପାନ୍ତ ବନ୍ଧାଭୂଇଁ ପଞ୍ଚାୟତ ଅଧୀନ ଜମରଡିହ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରୁ ଏନ୍‌ଜିଓ ସଂସ୍ଥା "ପରିବର୍ତ୍ତନ' ନିଜ କାର୍ଯ୍ୟରୁ ଓହରିଯାଇଛି। ଫଳରେ ସ୍ଥାନୀୟ ଲୋକଙ୍କ ଦ୍ୱାରା ଦୀର୍ଘଦିନ ଧରି ଚାଲିଥିବା ଆନ୍ଦୋଳନକୁ ସଫଳତା ମିଳିଥିବା କୁହାଯାଇଛି। ଜମରଡିହ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଦୀର୍ଘ ୭ ଦଶନ୍ଧି ଧରି ଉପାନ୍ତ ଅଞ୍ଚଳବାସୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଆସୁଥିଲା। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଉପାନ୍ତ ଅଞ୍ଚଳର ପ୍ରାୟ ପାଞ୍ଚଟି ପଞ୍ଚାୟତର ୧୫ ହଜାରରୁ ଅଧିକ ଲୋକ ଏବଂ ତିନୋଟି ଆଦିବାସୀ ବିଦ୍ୟାଳୟର ପ୍ରାୟ ୧୫ ଶହ ଛାତ୍ରଛାତ୍ରୀ ନିର୍ଭର କରିଥାନ୍ତି। ତେବେ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତ ପରିଚାଳନା ଦର୍ଶାଇ ସ୍ୱାସ୍ଥ୍ୟ ବିଭାଗ ଗତ ଜୁନ୍ ୧ ତାରିଖରୁ ପିପିପି ମୋଡ୍‌ରେ "ପରିବର୍ତ୍ତନ' ନାମକ ଏକ ଘରୋଇ ଏନ୍‌ଜିଓ ସଂସ୍ଥାକୁ ଏହାର ପରିଚାଳନା ଦାୟିତ୍ୱ ହସ୍ତାନ୍ତର କରିଥିଲା। ଏନ୍‌ଜିଓ ପକ୍ଷରୁ ସ୍ୱାସ୍ଥ୍ୟକେନ୍ଦ୍ର ପରିଚାଳନା କରିବାକୁ ଉଦ୍ୟମ କରାଯାଇଥିଲେ ମଧ୍ୟ ପ୍ରଥମ ଦିନରୁ ଲୋକଙ୍କ ଆଶାନୁରୂପ ସ୍ୱାସ୍ଥ୍ୟସେବା ମିଳୁନଥିବା ଅଭିଯୋଗ ଉଠିଥିଲା। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଧୀରେଧୀରେ ତୀବ୍ର ହେବା ସହ ଆନ୍ଦୋଳନର ରୂପ ନେଇଥିଲା। ଶତାଧିକ ମହିଳା ଓ ପୁରୁଷ ଏକତ୍ରିତ ହୋଇ ଏନ୍‌ଜିଓକୁ ହଟାଇ ସ୍ୱାସ୍ଥ୍ୟକେନ୍ଦ୍ରରେ ସରକାରୀ ଡାକ୍ତର ନିଯୁକ୍ତି କରିବା ଦାବିରେ ଶାନ୍ତିପୂର୍ଣ୍ଣ ଧାରଣା ଆରମ୍ଭ କରିଥିଲେ। ପରେ ପାଲଲହଡା ପୂର୍ବତନ ବିଧାୟକଙ୍କ ନେତୃତ୍ୱରେ ବିଜେଡି ଆନ୍ଦୋଳନକୁ ସମର୍ଥନ ଜଣାଇଥିଲା ଏବଂ ଗତ

### ଜମରଡିହ ସ୍ୱାସ୍ଥ୍ୟକେନ୍ଦ୍ରରୁ ହଟିଲା ଏନ୍‌ଜିଓ

୨୨ ତାରିଖରେ ପୂର୍ବତନ ଏମ୍‌ପି ମହେଶ ସାହୁ ଏବଂ ପୂର୍ବତନ ବିଧାୟକ ମୁକେଶ ପାଳଙ୍କ ନେତୃତ୍ୱରେ ଶହ ଶହ ସଂଖ୍ୟାରେ ଆଦିବାସୀ ପୁରୁଷ ଏବଂ ମହିଳା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଦୀର୍ଘ ଦେଢ଼ ମାସ ଧରି ଧାରଣା ଚାଲିଥିଲା। ଏହିସମୟ ମଧ୍ୟରେ ତିନିଥର ଆଲୋଚନା ହୋଇଥିଲେ ମଧ୍ୟ ସମାଧାନର ବାଟ ବାହାରି ପାରିନଥିଲା। ଆନ୍ଦୋଳନକୁ ଦୁର୍ବଳ କରିବା ପାଇଁ ଉପଖଣ୍ଡ ପ୍ରଶାସନ ପକ୍ଷରୁ ଚାପ ପ୍ରୟୋଗ କରାଯାଇଥିଲା। ୧୨ ଜଣ ଆନ୍ଦୋଳନକାରୀ ଏବଂ ସାମ୍ବାଦିକଙ୍କ ବିରୋଧରେ ଶାନ୍ତିଭଙ୍ଗ ଅଭିଯୋଗରେ ମାମଲା ରୁଜୁ କରାଯାଇଥିଲା। ତେବେ ବିଭିନ୍ନ ଚାପ ସତ୍ତ୍ୱେ ଆନ୍ଦୋଳନକାରୀମାନେ ନିଜ ଦାବିରୁ ଓହରି ନ ଥିଲେ। ଫଳରେ ଆନ୍ଦୋଳନ ଜାରି ରହିଥିଲା। ଶେଷରେ ଅଗଷ୍ଟ ୧ ତାରିଖରେ "ପରିବର୍ତ୍ତନ' ସଂସ୍ଥା ସ୍ୱାସ୍ଥ୍ୟ ବିଭାଗକୁ ଏକ ପତ୍ର ମାଧ୍ୟମରେ ଜମରଡିହ ସ୍ୱାସ୍ଥ୍ୟକେନ୍ଦ୍ରର ପରିଚାଳନାରୁ ଓହରିଯାଇଥିବା ଜଣାପଡ଼ିଛି।

- ଉତ୍କଳ -ଇ କୋଲ୍ ବ୍ଲକ୍ କ୍ଷତିଗ୍ରସ୍ତ ପ୍ରଜାଙ୍କ ଆନ୍ଦୋଳନ

## କମ୍ପାନୀ, ପୁଲିସ ପ୍ରଶାସନ ଓ ଆନ୍ଦୋଳନକାରୀ ମୁହାଁମୁହିଁ





ଛେଣ୍ଡିପଦା,୪।୮ (ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ତହସିଲ ଅନ୍ତର୍ଗତ ନାଣ୍ଡୀ ଛୋଡ଼ ଓରଫ୍ ଗୋପିବଲ୍ଲପୁର ଗ୍ରାମଠାରେ କାର୍ଯ୍ୟକ୍ଷମ ଥିବା ଉତ୍କଳ ଇ-କୋଲ୍ ବ୍ଲକ୍ ଅଧୀନ କ୍ଷତିଗ୍ରସ୍ତ ତଥା ଜମିହରା ପ୍ରଜାମାନଙ୍କୁ ଅଦ୍ୟାବଧି ଉପଯୁକ୍ତ କ୍ଷତିପୂରଣ ରାଶି ପ୍ରଦାନ କରାଯାଇନାହିଁ। ଏହାସାଙ୍ଗକୁ ବିସ୍ଥାପିତ ପରିବାରଙ୍କୁ ଉପଯୁକ୍ତ ଥଇଥାନ ଏବଂ ସ୍ଥାୟୀ ନିଯୁକ୍ତି ପ୍ରଦାନ କରାଯାଉ ନଥିବା ଯୋଗୁଁ ଆଜକୁ ପ୍ରାୟ ୭ ମାସ ହେବ କମ୍ପାନୀ ମୁଖ୍ୟ ଫାଟକ ସମ୍ମୁଖରେ ଗଣଧାରଣା ଦେବା ସହ ଆନ୍ଦୋଳନ ଜାରି ରହିଥିଲା। ଏ ନେଇ ଆନ୍ଦୋଳନସ୍ଥଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ସହ ଉତ୍ତେଜନା ଦେଖାଦେଇଥିଲା। ଅନ୍ୟପକ୍ଷରେ କମ୍ପାନୀ ପ୍ରଶାସନ ପକ୍ଷରୁ କ୍ଷତିଗ୍ରସ୍ତ ପ୍ରଜାମାନଙ୍କ ଦାବି ଆପତ୍ତି ପ୍ରତି କୌଣସି ଦୃଷ୍ଟି ଦିଆନଯାଇ ଜୋର ଜବରଦସ୍ତ କୋଇଲା ଖନନ, ଉତ୍ତୋଳନ ଓ ପରିବହନ ଆଦି କାର୍ଯ୍ୟ ଚାଲୁରହିଛି। ଏହାକୁ କେତେକ କ୍ଷତିଗ୍ରସ୍ତ ପ୍ରଜା ତୀବ୍ର ବିରୋଧ କରି ଆସୁଛନ୍ତି। ଫଳରେ କମ୍ପାନୀ-ପୁଲିସ ପ୍ରଶାସନ ଓ କ୍ଷତିଗ୍ରସ୍ତ ପ୍ରଜାଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏପରିକି ଜିଲ୍ଲା ପ୍ରଶାସନ ପକ୍ଷରୁ ଏଥିପ୍ରତି କୌଣସି ସନ୍ତୋଷଜନକ ପଦକ୍ଷେପ ନିଆନଯାଇ କମ୍ପାନୀକୁ ସୁହାଇଲା ଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିବା ନେଇ ଆନ୍ଦୋଳନକାରୀ ଅଭିଯୋଗ କରିଛନ୍ତି। ସେହିପରି କମ୍ପାନୀ ମୁଖ୍ୟ ଫାଟକ ସମ୍ମୁଖରେ ଗଣଧାରଣା ଦେଇଥିବା ଆନ୍ଦୋଳନକାରୀଙ୍କୁ କମ୍ପାନୀ ପ୍ରଶାସନ ପକ୍ଷରୁ ପୁଲିସ ଫୋର୍ସ ମୁତୟନ କରିବା ତଥା ବଳ ପ୍ରୟୋଗ କରି ଆନ୍ଦୋଳନକାରୀଙ୍କୁ ଉଠାଇ ଦେଇଛନ୍ତି। ଉପରୋକ୍ତ ସ୍ଥାନରେ ଆନ୍ଦୋଳନ ନ କରିବା ପାଇଁ କଡ଼ା ଚେତାବନୀ ଦେଇଛନ୍ତି। ଆବଶ୍ୟକ ହେଲେ ଆନ୍ଦୋଳନକାରୀଙ୍କ ବିରୋଧରେ ମାମଲା ରୁଜୁ କରାଯିବ ବୋଲି କୁହାଯାଇଛି। ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସୂଚନା ଯୋଗ୍ୟ ଯେ, ଏହି କୋଲ୍ ବ୍ଲକ୍ ନାଲକୋ ଆଲୁମିନିୟମ କମ୍ପାନୀକୁ ସରକାରଙ୍କ ପକ୍ଷରୁ ଆବଣ୍ଟନ କରାଯାଇଛି। କୋଇଲା ଖଣି ମଧ୍ୟରୁ ଖନନ, ଉତ୍ତୋଳନ, ଉତ୍ପାଦନ, ପରିବହନ କାର୍ଯ୍ୟ ସକାଶେ ମୈତ୍ରୀ ଇନ୍‌ଫ୍ରା ପ୍ରାଇଭେଟ୍ ଲିମିଟେଡ୍ ନାମକ ଏକ ଘରୋଇ କମ୍ପାନୀକୁ ଦାୟିତ୍ୱ ପ୍ରଦାନ କରାଯାଇଛି। ତେବେ କ୍ଷତିଗ୍ରସ୍ତ ପ୍ରଜାଙ୍କ ଦାବି ପୂରଣ କରାଯିବା ଅତ୍ୟନ୍ତ ଜରୁରୀ ବୋଲି ଅଞ୍ଚଳବାସୀଙ୍କ ମଧ୍ୟରେ ମତପ୍ରକାଶ ପାଇଛି।

**କୋଇଲା ପରିବହନ ଜନିତ ପ୍ରଦୂଷଣ ସମସ୍ୟାର ସମାଧାନ ଦାବି**

# କଂଗ୍ରେସ ପକ୍ଷରୁ ୧୨ରେ ଅନୁଗୋଳ ବନ୍ଦ

ଅନୁଗୋଳ,୪।୮ (ସମିସ):

କୋଇଲା ପରିବହନ ଯୋଗୁଁ ସୃଷ୍ଟି ହେଉଥିବା ପ୍ରଦୂଷଣ ଓ ଜନସମସ୍ୟାର ସମାଧାନ ଏବଂ ଆଇନଗତ ପ୍ରକ୍ରିୟାରେ ଥିବା କୋଶଳା ପଞ୍ଚାୟତର ୫ ଜଣଙ୍କ ମିଥ୍ୟା ମାମଲାର ଶୀଘ୍ର ପ୍ରତ୍ୟାହାର ପାଇଁ ଦାବି ସମ୍ପର୍କିତ ଏକ ପତ୍ର ଜିଲ୍ଲା କଂଗ୍ରେସ ତରଫରୁ ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ଉକ୍ତ ଦାବିପତ୍ରରେ ଉଲେଖ କରାଯାଇଛି ଯେ କୋଇଲା ପରିବହନକୁ ନେଇ କୋଶଳା ପଞ୍ଚାୟତର ୫ ଜଣ ବ୍ୟକ୍ତି ଦୀର୍ଘ ୧୧୫ ଦିନ ଧରି ମିଛ ମାମଲାରେ ଜେଲରେ ଅଛନ୍ତି। ସେମାନଙ୍କ ମାମଲା ଆଇନଗତ ପ୍ରକ୍ରିୟାରେ ବିଚାରାଧୀନ ରହିଛି। ଅନ୍ୟପକ୍ଷରେ, ପ୍ରତିଦିନ ସନ୍ଧ୍ୟା ୯ଟାରୁ ସକାଳ ୬ଟା ପର୍ଯ୍ୟନ୍ତ ପ୍ରାୟ ୨ହଜାରରୁ ଊର୍ଦ୍ଧ୍ୱ କୋଇଲା ବୋଝେଇ ଟ୍ରକ୍ ଛେଣ୍ଡିପଦା, କୋଶଳା,



ଜରାଶିଙ୍ଗା, ଅନୁଗୋଳ ମ୍ୟୁନିସିପାଲିଟି, ତୁରଙ୍ଗ, ବଁଅରପାଳ ଦେଇ ନାଲ୍‌କୋ ଓ ଅନ୍ୟାନ୍ୟ କମ୍ପାନୀକୁ ଯାତାୟାତ କରୁଛି। ଏହା ଫଳରେ ଅଞ୍ଚଳବାସୀ ଧୂଳିଧୂଆଁ ପ୍ରଦୂଷଣ, ଶବ୍ଦ ପ୍ରଦୂଷଣ, ସଡ଼କ ଦୁର୍ଘଟଣା, ଯାତାୟାତ ସମସ୍ୟା ଏବଂ ସ୍ୱାସ୍ଥ୍ୟଗତ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଜିଲ୍ଲା ପ୍ରଶାସନ ଜରିଆରେ ସରକାରଙ୍କୁ ଏହି ସମସ୍ୟାର ସମାଧାନ ପାଇଁ ତୁରନ୍ତ ସମୀକ୍ଷା କରି ଉପଯୁକ୍ତ ସ୍ଥାୟୀ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରାଯାଇଛି। ସମ୍ପୃକ୍ତ ବିଭାଗ ସହ ଆଲୋଚନା କରି ଧୂଳି ନିୟନ୍ତ୍ରଣ, ସଡ଼କ ସୁରକ୍ଷା ଓ ସାଧାରଣ ଲୋକଙ୍କ ସୁବିଧା ପାଇଁ ଆବଶ୍ୟକ ବ୍ୟବସ୍ଥା କରାଯିବାକୁ ଦାବି ହୋଇଛି। ଆଇନ ଅନୁଯାୟୀ ମାମଲାର ଶୀଘ୍ର ଓ ନ୍ୟାୟସଙ୍ଗତ ସମାଧାନ ଦିଗରେ ଆବଶ୍ୟକ ପ୍ରଶାସନିକ ପଦକ୍ଷେପ ସହିତ ମିଥ୍ୟା ମାମଲାର ଶୀଘ୍ର ପ୍ରତ୍ୟାହାର କରାଯାଉ ବୋଲି ମଧ୍ୟ ଦାବି ହୋଇଛି। ଯଦି ଉପରୋକ୍ତ ସମସ୍ୟାର ଯଥାଶୀଘ୍ର ସମାଧାନ ନ ହୁଏ, ତେବେ ଆସନ୍ତା ୧୨ ତାରିଖରେ ସକାଳ ୬ଟାରୁ ସନ୍ଧ୍ୟା ୬ଟା ୬ଘଣ୍ଟିଆ ଅନୁଗୋଳ ଜିଲ୍ଲା ବନ୍ଦ ଡାକରା ଦେବା ପାଇଁ ଜିଲ୍ଲା କଂଗ୍ରେସ ବାଧ୍ୟ ହେବ ବୋଲି ଜିଲ୍ଲା କଂଗ୍ରେସ ସଭାପତି ସୁନୀଲ ପ୍ରଧାନ ପ୍ରକାଶ କରିବା ସହ ବନ୍ଦ ପାଇଁ ସୃଷ୍ଟି ହେବାକୁ ଥିବା ଯେ କୌଣସି ପରିସ୍ଥିତି ଲାଗି ସମ୍ପୂର୍ଣ୍ଣ ଭାବେ ଜିଲ୍ଲା ପ୍ରଶାସନ ଏବଂ ସରକାର ଦାୟୀ ରହିବେ ବୋଲି କହିଛନ୍ତି।

# ଭୁବନେଶ୍ୱର ସିଟି



## ଭୁବନେଶ୍ୱର ବିମାନବନ୍ଦରରେ ଅବତରଣ ଚିନ୍ତା

# ଉଚ୍ଚ ଅଟ୍ଟାଳିକା ପାଇଁ ଜାରିହେଲା 'ନୋଟାମ୍'

ଭୁବନେଶ୍ୱର, ୪।୮(ସମିସ): ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ବିମାନ ସୁରକ୍ଷାକୁ ନେଇ ଏକ ବିରାଟ ଆହ୍ୱାନ ସୃଷ୍ଟି ହୋଇଛି। ବିମାନବନ୍ଦରର ଅବତରଣ ପଥରେ ନିର୍ମାଣାଧୀନ ଏକ ବହୁତଳ କୋଠା ପାଇଁ ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ଚିନ୍ତା ବଢ଼ିଛି। ନିର୍ଦ୍ଧାରିତ ଉଚ୍ଚତା ସୀମା ଉଲ୍ଲଂଘନ ସହ ଏହି କୋଠା ଅଧିକ ଉଚ୍ଚତା ପର୍ଯ୍ୟନ୍ତ ନିର୍ମାଣ ହୋଇଥିବା ବିମାନବନ୍ଦର କର୍ତ୍ତୃପକ୍ଷ ଅବଗତ ହେବା ପରେ ନୋଟିସ୍ ଟୁ ଏୟାରମେନ୍ ବା 'ନୋଟାମ୍' ଜାରି ହୋଇଛି। ଏହା ଫଳରେ ଭୁବନେଶ୍ୱର ବିମାନବନ୍ଦରକୁ ଆସୁଥିବା ବିମାନଗୁଡ଼ିକୁ ଅବତରଣ ସମୟରେ ବିକଳ୍ପ ଆପ୍ରୋଚ୍ ପଥ ବ୍ୟବହାର କରିବାକୁ ପାଇଲଟମାନଙ୍କୁ ସୂଚନା ଦିଆଯାଇଛି।

ବିମାନବନ୍ଦର ସୂତ୍ର ଅନୁଯାୟୀ, ଡେଲ୍ଟା ଛକ ନିକଟରେ ଏକ ବହୁତଳ କୋଠା ନିର୍ମାଣ ହେଉଛି। ଉକ୍ତ ବହୁତଳ କୋଠାଟି ବିମାନ ଅବତରଣ ପଥରେ ବାଧା ସୃଷ୍ଟି କରିବାର ଆଶଙ୍କା ସୃଷ୍ଟି ହୋଇଛି। ବିଶେଷକରି ଖରାପ ପାଗ କିମ୍ବା କମ୍ ଦୃଶ୍ୟମାନତା ସମୟରେ ଏପରି ବାଧା ବିମାନ ଚଳାଚଳ ସୁରକ୍ଷା ଉପରେ ପ୍ରଭାବ ପକାଇପାରେ। ସେଥିପାଇଁ ସତର୍କତାମୂଳକ ବ୍ୟବସ୍ଥା ଭାବେ ବିମାବନ୍ଦର କର୍ତ୍ତୃପକ୍ଷ ନୋଟାମ୍ ଜାରି କରିଛନ୍ତି। ବିମାନ ଚଳାଚଳ ନିୟମ ଅନୁସାରେ ବିମାନବନ୍ଦରର୨୦କିଲୋମିଟରପରିଧିମଧ୍ୟରେକୌଣସି ଉଚ୍ଚ ଅଟ୍ଟାଳିକା, ଟାୱାର କିମ୍ବା ଅନ୍ୟ କୌଣସି ସ୍ଥାୟୀ ସଂରଚନା ନିର୍ମାଣ ପୂର୍ବରୁ ବିମାନବନ୍ଦର କର୍ତ୍ତୃପକ୍ଷଙ୍କଠାରୁ ଉଚ୍ଚତା ଅନୁମୋଦନ ବା ଏନ୍ଓସି ନେବା ବାଧ୍ୟତାମୂଳକ। ବିମାନ ଉଡ଼ାଣ ଓ ଅବତରଣ ସମୟରେ କୌଣସି ବାଧା ସୃଷ୍ଟି ନହେବା ଏହି ନିୟମର ପ୍ରମୁଖ ଉଦ୍ଦେଶ୍ୟ। ଘଟଣା ପରେ ସହରରେ ବିମାନବନ୍ଦର ନିକଟରେ ହେଉଥିବା ବହୁତଳ ନିର୍ମାଣକୁ ନେଇ ପ୍ରଶ୍ନ ଉଠିଛି।

ବିଶେଷଜ୍ଞମାନଙ୍କ କହିବା ଅନୁସାରେ, ଯଦି ନିର୍ମାଣ ଅନୁମତି ପ୍ରକ୍ରିୟାରେ ସମସ୍ତ ସଂସ୍ଥା ମଧ୍ୟରେ ସଠିକ୍ ସମନ୍ୱୟ ନ ରହେ, ତେବେ ଏଭଳି ପରିସ୍ଥିତି ପୁଣି ଦେଖାଦେଇପାରେ। ଅନ୍ୟପକ୍ଷରେ ବିମାନବନ୍ଦର କର୍ତ୍ତୃପକ୍ଷ ସ୍ପଷ୍ଟ କରିଛନ୍ତି ଯେ ଯାତ୍ରୀମାନଙ୍କ ପାଇଁ ଏବେ କୌଣସି ତତ୍କାଳ ବିପଦ ସ୍ଥିତି ନାହିଁ। ସମସ୍ତ ବିମାନ ନିରାପଦ ଭାବରେ ଚଳାଚଳ କରୁଛି ଏବଂ ପାଇଲଟମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶନା ଜାରି କରାଯାଇଛି। ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦେଇ ଏହି ପଦକ୍ଷେପ ନିଆଯାଇଛି। ବର୍ତ୍ତମାନ ଉଚ୍ଚତା ସୀମା ଉଲ୍ଲଂଘନ କରିଥିବା କୋଠା ସମ୍ପର୍କରେ ତଦନ୍ତ ଚାଲିଛି। ନିୟମ ଉଲ୍ଲଂଘନ ପ୍ରମାଣିତ ହେଲେ ଆବଶ୍ୟକ ଆଇନଗତ ଓ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ମିଳିଛି।

**ଅବତରଣ ପାଇଁ ବଦଳିଲା ବିମାନର ଆପ୍ରୋଚ୍ ପଥ**



## ଥଣ୍ଡା ବୋତଲ ଭୁସି ହତ୍ୟା ଉଦ୍ୟମ; ଜଣେ ଗିରଫ



ଭୁବନେଶ୍ୱର, ୪।୮(ସମିସ): ପୂର୍ବଶତ୍ରୁତାରୁ ଥଣ୍ଡା ବୋତଲ ଭୁସି ହତ୍ୟା ଉଦ୍ୟମ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଏୟାରଫିଲ୍ଡ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଜାମୁକୋଳିର ପ୍ରତାପ ବାରିକ (୨୮)। ପୁଲିସ ସୂଚନାନୁସାରେ, ଜାମୁକୋଳିର ଧରଣୀଧର ନାୟକ ଓ ପ୍ରତାପର ପରିବାର ମଧ୍ୟରେ ପୂର୍ବରୁ ଶତ୍ରୁତା ଲାଗି ରହିଥିଲା। ଗତ ମେ' ମାସ ୨୦ ତାରିଖ ରାତି ପ୍ରାୟ ୧୧ଟା ବେଳେ ଧରଣୀଧର କାର୍ ଯୋଗେ ମେଳନ ପଡ଼ିଆରୁ ଘରକୁ ଫେରୁଥିଲେ। ରାସ୍ତାରେ ଗୋଟିଏ ସ୍ଥାନରେ ଗାଡ଼ି ଅଟକାଇ ଜଣଙ୍କ ସହ କଥାବାର୍ତ୍ତା ହେଉଥିଲେ। ସେହି ସମୟରେ ପ୍ରତାପ ଓ ତାଙ୍କ ଭଉଣୀ ଏକ ବାଇକରେ ପହଞ୍ଚି ଧରଣୀଧରଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ପଳାଇଥିଲେ। କିଛି ସମୟ ପରେ ପ୍ରତାପ ନିଜ ଭଉଣୀଙ୍କୁ ଘରେ ଛାଡ଼ିଦେବା ସହ ଫେରିଆସି ଧରଣୀଧରଙ୍କୁ ଗାଳିଗୁଲଜ କରିଥିଲା। ଧରଣୀଧର ବିରୋଧ କରିବାରୁ ପ୍ରତାପ ପାଖ ଦୋକାନରୁ ଏକ ଥଣ୍ଡା କାଚ ବୋତଲ ଆଣି ଭାଙ୍ଗି ଦେଇଥିଲା। ଏହାପରେ ଭଙ୍ଗା କାଚ ବୋତଲରେ ଧରଣୀଧରଙ୍କ ପେଟକୁ ଭୁସି ହତ୍ୟା କରିବାକୁ ଉଦ୍ୟମ କରିଥିଲା। ନିଜକୁ ବଞ୍ଚାଇବାକୁ ଚେଷ୍ଟା କଲାବେଳେ ପ୍ରତାପ ଭଙ୍ଗା ବୋତଲରେ ତାଙ୍କ ମୁଣ୍ଡକୁ ବାରମ୍ବାର ଆକ୍ରମଣ କରି ରକ୍ତାକ୍ତ କରା ଦେଇଥିଲା। ଖବର ପାଇ ପିସିଆର ଟିମ୍ ଧରଣୀଧରଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ କ୍ୟାପିଟାଲ୍ ହସ୍ପିଟାଲରେ ଭର୍ତ୍ତି କରିଥିଲା। ଏନେଇ ଧରଣୀଧର ଏୟାରଫିଲ୍ଡ ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା।

## କୁଖ୍ୟାତ ଚୋର ବିଶ୍ୱଜିତ ପୁଣି ଗିରଫ

ଭୁବନେଶ୍ୱର, ୪।୮(ସମିସ): ତାଲା ଭାଙ୍ଗି ଚୋରି କରିଥିବା ଅଭିଯୋଗରେ କୁଖ୍ୟାତ ଚୋର ବିଶ୍ୱଜିତ ଓ ତାର ସହଯୋଗୀକୁ ପୁଣିଥରେ ଗିରଫ କରିଛି ତମାଣ୍ଡୋ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ସାଲିଆ ସାହିରେ ରହୁଥିବା ବାଙ୍କୀ ବୋତଲମାର ବିଶ୍ୱଜିତ ବେହେରା ଓରଫ୍ ବାପୁ (୩୨) ଓ ରେହମତ ନଗର କବାଡ଼ିଆ ବସ୍ତିର ହନ୍ନନ ନାୟକ (୨୪)। ପୁଲିସ ସୂଚନାନୁସାରେ, କଳିଙ୍ଗନଗର କେ୫ ଅଞ୍ଚଳର ସଂକଳ୍ପ ସୁହାଗ ଦାଶ ଓ ତାଙ୍କ ପରିବାର ଲୋକେ ଘର ତାଲା ପକାଇ ଶୁଦ୍ଧିକ୍ରିୟାରେ ଯୋଗ ଦେବାକୁ ଯାଇଥିଲେ। ଗତକାଲି ଅପରାହ୍ଣରେ ବିଶ୍ୱଜିତ ପାଚେରି ଡେଇଁ ଘର ଭିତରେ ପଶିଥିଲା। ଶାବଳ ଓ ଲୁହା ରଡ୍ ସାହାଯ୍ୟରେ ଗ୍ରିଲ୍ ଏବଂ କବାଟ ତାଲା ଭାଙ୍ଗି ଘର ଭିତରୁ ବହୁ ପିତ୍ତଳ/କଂସା ବାସନକୁସନ, ବାଥରୁମ୍ ଫିଟିଙ୍ଗ୍ସ ଓ ନଗଦ ଟଙ୍କା ଚୋରି କରିନେଇଥିଲା। ରାତିରେ ଘରକୁ ଫେରି କବାଟ ତାଲା ଭଙ୍ଗାଯାଇଥିବା ଓ ଆଲମିରା ଭଙ୍ଗାଯାଇ ଜିନିଷପତ୍ର ଖେଳାଇ ହୋଇପଡ଼ିଥିବା ଦେଖି ସଂକଳ୍ପ ତମାଣ୍ଡୋ ଥାନାରେ ଏତଲା ଦେଇଥିଲେ। ତମାଣ୍ଡୋ ଥାନା ପୁଲିସ ସିସିଟିଭି ଫୁଟେଜ୍ ଆଧାରରେ ବିଶ୍ୱଜିତକୁ କାବୁ କରିଥିଲା। ସେ ଚୋରି ସାମଗ୍ରୀଗୁଡ଼ିକୁ ରେହେମତ୍ ନଗରର କବାଡ଼ିଆ ଦୋକାନୀର ହନ୍ନନକୁ ବିକ୍ରି କରିଥିବା ମାନିଥିଲା। ପୁଲିସ ହନ୍ନନକୁ ଗିରଫ କରି ଚୋରି ହୋଇଥିବା ପିତ୍ତଳ/କଂସା ବାସନ, ପୂଜା ସାମଗ୍ରୀ, ୩୪ଟି ଷ୍ଟେନଲେସ୍ ଷ୍ଟିଲ୍ ପାଣି ଟ୍ୟାପ୍, ଗୋଟିଏ ୱାଟର ପମ୍ପ ମୋଟର, ନଗଦ ୯ ହଜାର ୯୭୦ ଟଙ୍କା, ଘର ଭାଙ୍ଗିବାରେ ବ୍ୟବହୃତ ଶାବଳ ଓ ରଡ୍ ଜବତ କରିଥିଲା। ବିଶ୍ୱଜିତ୍ ଜଣେ ପେସାଦାର ଅପରାଧୀ ହୋଇଥିବା ବେଳେ ପୂର୍ବରୁ ତା' ନାମରେ ବିଭିନ୍ନ ଥାନାରେ ୨୭ଟି ଚୋରି ଓ ସିନ୍ଧିଚୋରୀ ମାମଲା ରହିଥିବା ବେଳେ ରିସିଭର୍ ହନ୍ନନ୍ ନାମରେ ପୂର୍ବରୁ ତମାଣ୍ଡୋ ଥାନାରେ ୫ଟି ସଙ୍ଗିନ ଅପରାଧିକ ମାମଲା ରହିଛି।

## ନିଜ ଅଶ୍ଳୀଳ ଫଟୋ ପଠାଇ ଫେଭର୍ ମାଗିବା ମହଙ୍ଗା ପଡ଼ିଲା



ଭୁବନେଶ୍ୱର, ୪।୮(ସମିସ): ଜଣେ ଯୁବତୀଙ୍କୁ ନିଜର ଅଶ୍ଳୀଳ ଫଟୋ ପଠାଇ ଫେଭର୍ ମାଗିବା ମହଙ୍ଗା ପଡ଼ିଛି। କାରନାମା ପଦାକୁ ଆସିବା ପରେ ଅଭିଯୁକ୍ତ ଅଟୋ ଚାଳକକୁ ଗିରଫ କରିଛି ଏୟାରପୋର୍ଟ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ତମାଣ୍ଡୋ ଅଞ୍ଚଳରେ ରହୁଥିବା ଜଙ୍କିଆ ଥାନା ମୁଣ୍ଡାଆମ୍ବର ଅମୂଲ୍ୟ କୁମାର ଚମ୍ପତି (୫୧)। ପୁଲିସ ସୂଚନାନୁଯାୟୀ, ୟୁନିଟ୍ ୬ ଅଞ୍ଚଳର ଜଣେ ୨୫ ବର୍ଷୀୟା ଯୁବତୀ ଏକ ବେସରକାରୀ ସଂସ୍ଥାରେ ଚାକିରି କରିଛନ୍ତି। ସେ ବିଭିନ୍ନ ସମୟରେ ଅମୂଲ୍ୟ ଅଟୋକୁ ଭଡ଼ାରେ ନେଇ ଅଫିସ୍ ଓ ଅନ୍ୟାନ୍ୟ କାମରେ ଯାଆନ୍ତି। ବିଭିନ୍ନ ସ୍ଥାନକୁ ଯିବାଆସିବା କରିବା ସମୟରେ ଅମୂଲ୍ୟ ତାଙ୍କ ମୋବାଇଲ ନମ୍ବର ସଂଗ୍ରହ କରି ନେଇଥିଲା। ପରବର୍ତ୍ତୀ ସମୟରେ ଯୁବତୀଙ୍କୁ ମେସେଜ କରିଥିଲା। ନିଜ ଗୁପ୍ତାଙ୍ଗର ଫଟୋ ଉଠାଇ ଯୁବତୀଙ୍କ ହ୍ୱାଟ୍ସଆପକୁ ପଠାଇବା ସହ ଶାରୀରିକ ସମ୍ପର୍କ ରଖିବାକୁ ଫେଭର୍ ମାଗିଥିଲା। ଯୁବତୀ ଜଣକ ତା ନମ୍ବରକୁ ବ୍ଲକ କରିଦେବା ପରେ ଅମୂଲ୍ୟ ବିଭିନ୍ନ ଫୋନରୁ କଲ୍ ଓ ମେସେଜ କରିଥିଲା। ଏତିକିରେ ଅମୂଲ୍ୟର କାଣ୍ଡ କାରନାମା ସରିନଥିଲା। ଯୁବତୀ ଜଣକ ଦେହ ବ୍ୟବସାୟରେ ଲିପ୍ତ ଥିବା ତାଙ୍କ ବାପାଙ୍କୁ କହିଥିଲା। ସେ ତାଙ୍କ ଝିଅର ଅଶ୍ଳୀଳ ଫଟୋ ରଖିଛି ଓ ତା କଥାରେ ରାଜି ନହେଲେ ଫଟୋ ଗୁଡ଼ିକୁ ଭାଇରାଲ କରିଦେବ ବୋଲି ଧମକ ଦେଇଥିଲା। ଏନେଇ ଯୁବତୀ ଜଣକ ଏୟାରପୋର୍ଟ ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ଅମୂଲ୍ୟକୁ ଗିରଫ କରିବା ସହ ମୋବାଇଲ୍ ଫୋନ୍ ଓ ହ୍ୱାଟ୍ସଆପ ଚାଟ୍ ଜବତ କରିଥିଲା।

## ବାସି ଖାଦ୍ୟକୁ ବିରୋଧ କରିବାରୁ ସଂଘବଦ୍ଧ ଆକ୍ରମଣ



ଭୁବନେଶ୍ୱର, ୪।୮ (ସମିସ): ବାସି ଖାଦ୍ୟକୁ ବିରୋଧ କରିବାରୁ ଦୁଇ ବନ୍ଧୁ ସଙ୍ଘବଦ୍ଧ ଆକ୍ରମଣର ଶିକାର ହୋଇଛନ୍ତି। ଆଉ କେହି ନୁହେଁ, ଖୋଦ୍ ହୋଟେଲ ମାଲିକ ମିଶି ସଙ୍ଘବଦ୍ଧ ଆକ୍ରମଣ କରିଛନ୍ତି। ଘରୋଇ ଡାକ୍ତରଖାନା ନିକଟରେ ଏଭଳି ଘଟଣା ଘଟିଥିବା ବେଳେ ହୋଟେଲର ଦୁଇ ମାଲିକଙ୍କୁ ଗିରଫ କରିଛି ଭରତପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ଦୁର୍ଗାମାଧବ ନଗରରେ ରହୁଥିବା କାଳୀ କଲ୍ୟାଣ ବିଶ୍ୱ ପ୍ରକାଶ ସ୍ୱାଇଁ (୪୦) ଓ ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀର ଅମୀୟ ରଞ୍ଜନ ସାହୁ (୪୨)।

ପୁଲିସ ସୂଚନାନୁଯାୟୀ, ସୋମବାର ରାତିରେ ଧିରେନ୍ଦ୍ର କୁମାର ବେହେରା ଓ ତାଙ୍କ ସାଙ୍ଗ ଦିଲ୍ଲୀପ କୁମାର ବେହେରା ମିଶି କଳିଙ୍ଗନଗର ସ୍ଥିତ ଘରୋଇ ଡାକ୍ତରଖାନା ନିକଟରେ ଥିବା ଭେଜ୍ ଦୋସା ନାମକ ଏକ ହୋଟେଲକୁ ଖାଇବାକୁ ଯାଇଥିଲେ। ସେଠାରେ ହୋଟେଲ କର୍ମଚାରୀମାନେ ସେମାନଙ୍କୁ ବାସି ରୁଟି ଖାଇବାକୁ ଦେଇଥିଲେ। ଏନେଇ ଧିରେନ୍ଦ୍ର ହୋଟେଲ ମାଲିକ କାଳୀ ଓ ଅମିୟଙ୍କୁ ଅଭିଯୋଗ କରିଥିଲେ। ହେଲେ ଅଭିଯୋଗ ଶୁଣିବା ପରିବର୍ତ୍ତେ କାଳୀ, ଅମୀୟ ଓ ୫/୬ ଜଣ କର୍ମଚାରୀ ମିଶି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏହାପରେ ଅଭିଯୁକ୍ତମାନେ ସଂଘବଦ୍ଧ ଭାବେ ଧିରେନ୍ଦ୍ର ଓ ଦିଲ୍ଲୀପଙ୍କୁ ତଳେ ପକାଇ ଗୋଇଠା ଓ ବିଧା ମାରି ଅତି ନିର୍ମମ ଭାବେ ଆକ୍ରମଣ କରିଥିଲେ। ଖବର ପାଇ ଶ୍ୟାମପୁର ଓ ନୂଆଗାଁ ଅଞ୍ଚଳର ସ୍ଥାନୀୟ ଲୋକ ସେଠାରେ ପହଞ୍ଚିବାରୁ ଅଭିଯୁକ୍ତମାନେ ସେମାନଙ୍କୁ ମଧ୍ୟ ଦୁର୍ବ୍ୟବହାର କରିଥିଲେ। ପିସିଆର ଭ୍ୟାନ୍ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ହସ୍ପିଟାଲ୍ ପଠାଇଥିଲା ଓ ଉଭୟ ହୋଟେଲ ମାଲିକଙ୍କୁ କାବୁ କରି ଥାନାକୁ ଆଣିଥିଲା। ଧିରେନ୍ଦ୍ରଙ୍କ ଅଭିଯୋଗ କ୍ରମେ ଭରତପୁର ଥାନା ପୁଲିସ ଏକ ମାମଲା ରୁଜୁ କରିଥିଲା। ଆଜି କାଳୀ ଓ ଅମୀୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଅଭ୍ୟାସଗତ ଅପରାଧୀକୁ ଧରାଇଲା ଏଫ୍ଆରଏସ୍

ଭୁବନେଶ୍ୱର, ୪।୮(ସମିସ): ଫେସିଆଲ୍ ରେକଗନାଇଜେସନ୍ ସିଷ୍ଟମ୍ (ଏଫ୍ଆରଏସ୍) ମାଧ୍ୟମରେ ଅଭ୍ୟାସଗତ ଅପରାଧୀକୁ ଧରିଛି କ୍ୟାପିଟାଲ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ବାୟା ବାବା ବସ୍ତିର କାଳନ୍ଦୀ ଓରଫ୍ ତପନ ନାୟକ (୨୬)।



ପୁଲିସ ସୂଚନାନୁଯାୟୀ, ସୋମବାର ରାତିରେ କ୍ୟାପିଟାଲ ଥାନା ପୁଲିସ ମାଷ୍ଟର କ୍ୟାଣ୍ଟିନ ବସଷ୍ଟାଣ୍ଡରେ ପାଟ୍ରୋଲିଂ କରୁଥିବା ବେଳେ ଜଣେ ଯୁବକ ସନ୍ଦେହଜନକ ଅବସ୍ଥାରେ ବୁଲୁଥିଲା। ପୁଲିସ ଟିମ୍ ତାକୁ ଅଟକ ରଖି ଯାଞ୍ଚ କରିଥିଲା। ଫେସିଆଲ୍ ରେକଗନାଇଜେସନ୍ ସିଷ୍ଟମ୍ (ଏଫ୍ଆରଏସ୍) ଜରିଆରେ ତା'ର ଫଟୋ ଉଠାଇ ଯାଞ୍ଚ କରିଥିଲା। ଏହାପରେ ସମ୍ପୃକ୍ତ ଯୁବକର ଅପରାଧିକ କୁଣ୍ଡଳୀ ସାମ୍ନାକୁ ଆସିଥିଲା। ସେ ଅଭ୍ୟାସଗତ ଅପରାଧୀ ତପନ ହୋଇଥିବା ବେଳେ ୧୨ଟି ମାମଲାରେ ତା'ର ସମ୍ପୃକ୍ତି ରହିଥିବା ଏଫ୍ଆରଏସ୍ ମାଧ୍ୟମରେ ଜଣାପଡ଼ିଥିଲା। ଯାଞ୍ଚ ବେଳେ ତପନ ଠାରୁ ୨ଟି ଚୋରା ମୋବାଇଲ୍ ଫୋନ୍ ଜବତ କରିଥିଲା। ବିଳମ୍ବିତ ରାତିରେ ଘରକୁ ଫେରୁଥିବା ଲୋକଙ୍କୁ ଟାର୍ଗେଟ କରି ଲୁଟପାଟ କରିବାକୁ ଯୋଜନା କରିଥିବା ତପନ ପୁଲିସ ଆଗରେ ସ୍ୱୀକାର କରିଥିଲା। ନିକଟରେ ଖାରବେଳ ନଗର ଥାନାରେ ରୁଜୁ ହୋଇଥିବା ଏକ ମାମଲାରେ ତପନ ସମ୍ପୃକ୍ତି ଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। ଏମିତିକି ସେ ପୂର୍ବରୁ ଦୋଷୀ ସାବ୍ୟସ୍ତ ହୋଇଥିବା ମଧ୍ୟ ଜଣାପଡ଼ିଛି। ଏନେଇ କ୍ୟାପିଟାଲ ଥାନା ପୁଲିସ ଏକ ମାମଲା ରୁଜୁ କରି ତପନଙ୍କୁ କୋର୍ଟ ଚାଲାଣ କରିଛି।

## ସାଙ୍ଗ ଘରୁ ଗହଣା ଲୁଟ୍ — ୧୧ ଭରି ସୁନା ଜବତ, ସାଙ୍ଗ ଗିରଫ



ଭୁବନେଶ୍ୱର, ୪।୮(ସମିସ): ଇନ୍ଫୋସିଟି ଥାନା ଶିଖରଚଣ୍ଡୀ ନଗରରେ ହୋଇଥିବା ଏକ ବଡ଼ ଧରଣର ଚୋରି ମାମଲାର ପର୍ଦ୍ଦାଫାସ କରିଛି କମିସନରେଟ୍ ପୁଲିସ। ସାଙ୍ଗ ଘରୁ ଚୋରି କରିବା ଅଭିଯୋଗରେ ମୁଖ୍ୟ ଅଭିଯୁକ୍ତ କେ. ଭେଙ୍କେଟସ ରେ‡ୀକୁ ଗିରଫ କରିବା ସହ ତା' ଠାରୁ ୧୧୦ ଗ୍ରାମ୍‌ର ସୁନା ଜବତ ହୋଇଛି। ଚୋରିର ଗୋଟିଏ ଦିନ ମଧ୍ୟରେ ଜବତ ହୋଇଥିବା ଏହି ସୁନାର ପରିମାଣ ୨୦ ଲକ୍ଷ ଟଙ୍କା ହେବ ବୋଲି ଅନୁମାନ କରାଯାଇଛି। ଜବତ ସୁନା ମଧ୍ୟରେ ସୁନା ବ୍ରେସଲେଟ, ମୁଦି, କାନଫୁଲ ଓ ହାର ରହିଛି ବୋଲି ପୁଲିସ କମିସନର ଏସ୍. ଦେବଦତ୍ତ ସିଂ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

ପୁଲିସ ସୂଚନା ମୁତାବକ, ଶିଖରଚଣ୍ଡୀରେ ରହୁଥିବା କେ. ରାମାରାଓ ମାଛ ବ୍ୟବସାୟ କରନ୍ତି। ଭେଙ୍କେଟେସ୍ ତାଙ୍କର ସାଙ୍ଗ ହୋଇଥିବାରୁ ନିୟମିତ ଭାବେ ତାଙ୍କ ଘରକୁ ଯିବାଆସିବା କରନ୍ତି। ଗତ ୨ତାରିଖରେ ଦିନ ରାମାରାଓ ଓ ତାଙ୍କର ସ୍ତ୍ରୀ ବ୍ୟବସାୟିକ କାର୍ଯ୍ୟରେ ଭୋର ୩ଟା ସମୟରେ ବାହାରକୁ ଯାଇଥିଲେ। ଭେଙ୍କେଟେସ୍ କବାଟ ଭାଙ୍ଗି ତାଙ୍କ ଘରେ ପଶିଥିଲେ। ଏହାପରେ ଘରେ ଥିବା ଆଲମିରାରୁ ସୁନା ଏବଂ ନଗଦ ଟଙ୍କା ଚୋରି କରିଥିଲା। ଯେଉଁଥିରେ ରହିଥିଲା ୩ଟି ସୁନା ଚେନ୍, ଗୋଟିଏ ବ୍ରେସ୍‌ଲେଟ୍, ଗୋଟିଏ ମଙ୍ଗଳସୂତ୍ର ଏବଂ ନଗଦ ୧ଲକ୍ଷ ୬୧ ହଜାର ଟଙ୍କା।

ଏନେଇ ଥାନାରେ ଅଭିଯୋଗ ହେବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରେ ଜଣାପଡ଼ିଥିଲା ଚୋର କବାଟ ଭାଙ୍ଗିବା ପରେ ଆଉ କେଉଁଠି କିଛି ବି ଖୋଜାଖୋଜି କରି ନାହିଁ। ସିଧାସଳଖ ଆଲମିରା ଭାଙ୍ଗିଛି। ଘର ଅନ୍ୟ କୌଣସି ସାମଗ୍ରୀ ମଧ୍ୟ ଚୋରି ହୋଇ ନାହିଁ। ପୁଲିସ ଏହି ନିର୍ଯ୍ୟାସରେ ପହଞ୍ଚିଥିଲା ଯେ ନିୟମିତ ଭାବେ ଘରକୁ ଆସୁଥିବା ବ୍ୟକ୍ତି ହିଁ ଏହି କାଣ୍ଡ ଭିଆଇ ପାରିବ। ଏହାପରେ ଏକ ତାଲିକା ପ୍ରସ୍ତୁତ କରି ପଚରାଉଚରା କରିଥିଲା। ଶେଷରେ ଭେଙ୍କେଟେସ୍‌କୁ ପୁଲିସ ଧରିପକାଇଥିଲା। ତା'ଠାରୁ ପୁଲିସ ଚୋରି ସାମଗ୍ରୀ ଜବତ ହୋଇଥିଲା। ତେବେ ପୁଲିସ ପାଇଁ ଏହା ଏକ ବଡ଼ ସଫଳତା ବୋଲି ପୁଲିସ ଶ୍ରୀ ସିଂ କହିଛନ୍ତି।

## ଉପଭୋକ୍ତାଙ୍କୁ ବିଦ୍ୟୁତ୍ ଯନ୍ତ୍ରୀଙ୍କ ଦୁର୍ବ୍ୟବହାର ଅଭିଯୋଗ

ବାଲିପାଟଣା, ୪।୮(ସମିସ): ବାଲିପାଟଣା ବିଦ୍ୟୁତ୍ ବିଭାଗ ବିରୁଦ୍ଧରେ ଉପଭୋକ୍ତାଙ୍କୁ ବିଭାଗୀୟ ଯନ୍ତ୍ରୀ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ବାଲିପାଟଣା ବିଦ୍ୟୁତ୍ ଉପଭୋକ୍ତା ସଂଘ୍ ଏହି ଘଟଣାରେ ଉଦବେଗ ପ୍ରକାଶ ସହିତ ବାଲିପାଟଣା ଥାନାରେ ଲିଖିତ ଅଭିଯୋଗ କରି ଯନ୍ତ୍ରୀଙ୍କ ସହିତ ଅନ୍ୟାନ୍ୟ କର୍ମଚାରୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରିଛନ୍ତି।

## ଲକ୍ଷେ ଟଙ୍କାର ଆଲୁମିନିୟମ ସାମଗ୍ରୀ ଚୋରି; ଜଣେ ଗିରଫ

ଭୁବନେଶ୍ୱର, ୪।୮(ସମିସ): ଲକ୍ଷେ ଟଙ୍କାର ଆଲୁମିନିୟମ ଚୋରି କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି କ୍ୟାପିଟାଲ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ୟୁନିଟ୍ ୩ ଶାନ୍ତି ନଗରର ଏସକେ ହବିବୁଲ୍ଲା (୩୨)। ପୁଲିସ ସୂଚନାନୁଯାୟୀ, ୟୁନିଟ୍ ୨ ସ୍ଥିତ କେଶରୀ ମଲ୍ କମ୍ପ୍ଲେକ୍ସ ପରିସରରେ ପ୍ରାୟ ୧ ଲକ୍ଷ ଟଙ୍କା ମୂଲ୍ୟର ଆଲୁମିନିୟମ୍ କବାଟ ଓ ଝରକା ଚ୍ୟାନେଲ୍ ରଖା ଯାଇଥିଲା। ହବିବୁଲ୍ଲା ସୁଯୋଗ ଦେଖି ସେହି ଆଲୁମିନିୟମ ସାମଗ୍ରୀ ଚୋରି କରି ନେଇଥିଲା। ଏନେଇ ଅଦ୍ୱ?ତ କୁମାର ଦାସ କ୍ୟାପିଟାଲ ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା। ମଙ୍ଗଳବାର ଅଶୋକ ନଗରସ୍ଥିତ ଫାଲିକିଆ ବସ୍ତିରୁ ହବିବୁଲ୍ଲାକୁ ଗିରଫ କରିବା ସହ କଳା ପଲିଥିନରେ ଥିବା ୩୫ କେଜି ଚୋରା ଆଲୁମିନିୟମ୍ ଚ୍ୟାନେଲ୍ ଗୁଡ଼ିକୁ ଜବତ କରିଥିଲା। ସେକ୍ ହବିବୁଲ୍ଲା ଜଣେ ଅଭ୍ୟାସଗତ ଅପରାଧୀ ହୋଇଥିବା ବେଳେ ତା' ନାମରେ ପୂର୍ବରୁ କଟକ ଜିଆରପି ଓ ଖାରବେଳ ନଗର ଥାନାରେ ଚୋରି ଓ ଡକାୟତି ପ୍ରସ୍ତୁତି ଭଳି ସଙ୍ଗୀନ ମାମଲା ରହିଛି।

## କର୍ପୋରେଟରଙ୍କ ଘରେ ଖଣ୍ଡା ବୁଲାଇ ୨ ଗିରଫ

ଭୁବନେଶ୍ୱର, ୪।୮ (ସମିସ): ଅଭିଯୋଗକାରୀ ସମ୍ବିତ ମହାନ୍ତିଙ୍କ ଏତଲା ଆଧାରରେ ସହିଦ ନଗର ଥାନା ପୁଲିସ ମାମଲା ରୁଜୁ କରି ତଦନ୍ତ କରିବା ସହ ୨ ଅଭିଯୁକ୍ତ ଚିନ୍ମୟ ରଞ୍ଜନ ସେଠୀ ଓରଫ ଚିନ୍ (୨୬) ଓ ଅଜିତ୍ ବେହେରା ଓରଫ ରାହୁଲ (୨୦)କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ଗତ ୨୮ ତାରିଖ ରାତିରେ ଅଭିଯୁକ୍ତମାନେ ସଂଘବଦ୍ଧ ଭାବେ ଖଣ୍ଡା ଏବଂ ଲାଠି ଧରି ଭିଏସ୍ଏସ୍ ନଗରସ୍ଥିତ ଅଭିଯୋଗକାରୀଙ୍କ ଘର ହତା ଭିତରେ ପଶିଥିଲେ। ଅଭିଯୋଗକାରୀଙ୍କ ମା' ଜଣେ କର୍ପୋରେଟର ହୋଇଥିବାବେଳେ ରାଜନୈତିକ ଶତ୍ରୁତା କାରଣରୁ ଅଭିଯୁକ୍ତମାନେ ଏହି କାଣ୍ଡ କରିଥିଲେ। ସେମାନେ ସେଠାରେ ପାର୍କିଂ ହୋଇଥିବା ମହିନ୍ଦ୍ରା ଥାର୍ ଗାଡ଼ିକୁ ଭଙ୍ଗାରୁଜା କରିବା ସହ ଗାଡ଼ି ଭିତରେ ଥିବା ଏକ ବ୍ୟାଗ୍ ଚୋରି କରି ନେଇଯାଇଥିଲେ। ଯେଉଁଥିରେ ୨ ଲକ୍ଷ ଟଙ୍କା ଥିବା ଅଭିଯୋଗ ହୋଇଥିଲା। ସିସିଟିଭି ଫୁଟେଜ୍ ଏବଂ ଗୁଇନ୍ଦା ସୂଚନା ଆଧାରରେ ସହିଦ ନଗର ଥାନା ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଘଟଣାରେ ସମ୍ପୃକ୍ତ ଥିବା ମୁଖ୍ୟ ଅଭିଯୁକ୍ତ ଚିନ୍ମୟ ରଞ୍ଜନ ସେଠୀ ଏବଂ ଅଜିତ ବେହେରାକୁ କାବୁ କରିଛି। ଚିନ୍ମୟଙ୍କ ସୂଚନା କ୍ରମେ ପୋଲିସ ଅପରାଧରେ ବ୍ୟବହୃତ ଖଣ୍ଡା ଓ ଲାଠିକୁ ଉଦ୍ଧାର କରି ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ଜଣେ ନାବାଳକଙ୍କୁ ମଧ୍ୟ ଚିହ୍ନଟ କରାଯାଇଛି ଏବଂ ତା ବିରୋଧରେ ଆଇନ ଅନୁଯାୟୀ ସ୍ୱତନ୍ତ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି।

## ବାଲିଅନ୍ତା ସୌମ୍ୟ ଭିଡ଼ହତ୍ୟା ମାମଲା

# ଆଜି ଚାର୍ଜସିଟ୍ ଦାଖଲ କରିବ କ୍ରାଇମବ୍ରାଞ୍ଚ

ଭୁବନେଶ୍ୱର, ୪।୮(ସମିସ): ବାଲିଅନ୍ତା ଭିଡ଼ ହତ୍ୟା ମାମଲାରେ ବୁଧବାର ଚର୍ଜସିଟ୍ ଦାଖଲ ହେବ। ୯୦ ଦିନ ପୂର୍ବରୁ ଚାର୍ଜସିଟ୍ ଦାଖଲ କରିବ କ୍ରାଇମବ୍ରାଞ୍ଚ। ପ୍ରାୟ ୬୦୦ରୁ ଊର୍ଦ୍ଧ୍ୱ ଫର୍ଦ୍ଦର ଚାର୍ଜସିଟ୍ ଦାଖଲ ହେବା ଯାଉଛି ବୋଲି କ୍ରାଇମବ୍ରାଞ୍ଚର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଜିଆର୍‌ପି କନ୍‌ଷ୍ଟେବଲ୍ ସୌମ୍ୟ ରଞ୍ଜନ ସ୍ୱାଇଁଙ୍କ ହତ୍ୟା ମାମଲାରେ ୫ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ମୁଖ୍ୟ ଅଭିଯୁକ୍ତ ଭାବେ ଦର୍ଶାଯାଇଛି ବୋଲି ସୂଚନା ମିଳିଛି। ତେବେ ଚାର୍ଜସିଟ୍ ଦାଲଖ ହେବା ପରେ ତଦନ୍ତରୁ ସ୍ପଷ୍ଟ ହେବ ସୌମ୍ୟଙ୍କୁ କିଏ କାହିଁକି ଏବଂ କେଉଁଥିପାଇଁ ହତ୍ୟା କରିଥିଲେ। ହତ୍ୟାକାଣ୍ଡ ପଛର ମୂଳ କାରଣ କଣ ସ୍ପଷ୍ଟ ଭାବେ ଜଣାପଡ଼ିବ। ଏହାସହ ସୌମ୍ୟଙ୍କ ପରିବାର ଲୋକେ ଜାଣି ପାରିବେ ଘଟଣାଦିନ ଉପସ୍ଥିତ ଥିବା ସୌମ୍ୟଙ୍କ ସହଯୋଗୀ ଓମ୍‌ଙ୍କ ଏହି ମାମଲା ସହ ସମ୍ପୃକ୍ତି ରହିଛି କି ନାହିଁ। ମିଛ ଧରା ପରୀକ୍ଷା ସମୟରେ ଓମ୍ କଣ ସବୁ କହିଥିଲା। ସେଥିରେ କେତେ ସତ ଏବଂ କେତେ ମିଛ କହିଛି ସବୁ କିଛି ଏହି ରାର୍ଜସିଟ୍‌ରେ ତଦନ୍ତକାରୀ ଟିମ୍ ଉଲ୍ଲେଖ କରିଥିବା କୁହାଯାଉଛି। ତେବେ ଚାର୍ଜସିଟ୍‌ରେ ନିଲମ୍ବିତ ଆଇପିଏସ୍ ଅଧିକାରୀଙ୍କ ନାଆ ନଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

କେଉଁମାନେ ସୌମ୍ୟଙ୍କ ସମ୍ବେଦନଶୀଳ ସ୍ଥାନରେ ମାଡ଼ ମାରିବା ସହ ମୁଣ୍ଡକୁ ଆଘାତ କରିଥିଲେ। ଫଳରେ ଶରୀରର ଆଭ୍ୟନ୍ତରୀଣ ଅଙ୍ଗରେ ଆଘାତ ଲାଗିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ମାମଲାରେ ଗିରଫ ହୋଇଥିବା ସମସ୍ତ ୨୦ ଜଣ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜସିଟ ଦାଖଲ କରିବ। ତଦନ୍ତ ସମୟରେ କ୍ରାଇମବ୍ରାଞ୍ଚ ଅନେକ ସାକ୍ଷୀଙ୍କ ବୟାନ ରେକର୍ଡ କରିବା ସହ ଘଟଣାସ୍ଥଳରୁ ମିଳିଥିବା ପ୍ରମାଣ, ଫରେନସିକ ରିପୋର୍ଟ ଏବଂ ଡିଜିଟାଲ ସାକ୍ଷ୍ୟକୁ ମଧ୍ୟ ଯାଞ୍ଚ କରିଛି। ସେହିସବୁ ଆଧାରରେ ଚାର୍ଜସିଟ ପ୍ରସ୍ତୁତ କରାଯାଇଥିବା ସୂଚନା ମିଳିଛି।


ଗତ ମେ ମାସ ୭ ତାରିଖରେ ଜିଆର୍‌ପି କନ୍‌ଷ୍ଟେବଲ୍ ସୌମ୍ୟ ରଞ୍ଜନ ସ୍ୱାଇଁଙ୍କୁ ବାଲିଅନ୍ତା କାଜ ନିକଟରେ ପିଟି ପିଟି ହତ୍ୟା କରାଯାଇଥିଲା। ଏହି ଘଟଣାରେ ଦୁଇଟି ମାମଲା ରୁଜୁ କରାଯାଇଥିଲା। ସୌମ୍ୟ ହତ୍ୟା ମାମଲାରେ ମୋଟ୍ ୨୦ ଜଣଙ୍କୁ ଗିରଫ କରଯାଇଛି। ୫ରୁ ଊର୍ଦ୍ଧ୍ୱ ଏବେ ବି ଫେରାର୍ ଅଛନ୍ତି। ସୌମ୍ୟଙ୍କୁ ନିର୍ଯ୍ୟାତନା ମାମଲାରେ ରାଜ୍ୟର ଜଣେ ବରିଷ୍ଠ ଆଇପିଏସ୍ ଅଧିକାରୀଙ୍କୁ ନିଲମ୍ବନ କରାଯାଇଥିଲା ବେଳେ ଜଣେ ଏସ୍ଆଇ, ଜଣେ ଏଏସ୍ଆଇ, ୨ ଜବାନଙ୍କୁ ନିଲମ୍ବିତ କରାଯାଇଥିଲା। ବାଲିଅନ୍ତା ଥାନା ଅଧିକାରୀଙ୍କୁ ବଦଳି କରାଯାଇଥିଲା। ଅନ୍ୟପକ୍ଷରେ ୨ଯୁବତୀଙ୍କ ଅଭିଯୋଗକ୍ରମେ ଅନ୍ୟ ମାମଲା ରୁଜୁ କରାଯାଇଥିଲା। ଏହି ମାମଲାର ଚାର୍ଜସିଟ୍ କ୍ରାଇମବ୍ରାଞ୍ଚ ଦାଖଲ କରି ସାରିଛି।

# ଓୟୁଟିଆର ହଷ୍ଟେଲ ଡାଲିରୁ ବାହାରିଲା ପୋକ



ଭୁବନେଶ୍ୱର, ୪।୮ (ସମିସ): ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ (ଓୟୁଟିଆର୍) ଛାତ୍ରୀନିବାସରେ ନିମ୍ନମାନର ଖାଦ୍ୟ ଦିଆଯାଉଥିବା ଅଭିଯୋଗ କରି ଆଜି ଛାତ୍ରୀମାନେ ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ବିକ୍ଷୋଭ କରିବା ସହିତ କୁଳପତିଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି। ଖାଦ୍ୟରେ ପୋକ ବାହାରୁଥିବା ଦେଖାଇ ଦାୟିତ୍ୱରେ ଥିବା ଭେଣ୍ଡରକୁ ପରିବର୍ତ୍ତନ କରିବା ପାଇଁ ଦାବି କରିଛନ୍ତି। ଫଳରେ ବିଳମ୍ବିତ ରାତି ଯାଏଁ ଚାପା ଉତ୍ତେଜନା ଦେଖାଦେଇଛି।

**ଆନ୍ଦୋଳନକୁ ଓହ୍ଲାଇଲେ ଛାତ୍ରୀ**



ସୂଚନା ଅନୁଯାୟୀ ଖରା ଛୁଟି ସରିବା ପରେ ଗତ ଏକ ତାରିଖରେ ଛାତ୍ରୀ ନିବାସ ଖୋଲିଛି। ପ୍ରାୟ ୫ ଶହ ଛାତ୍ରୀ ହଷ୍ଟେଲରେ ରହୁଥିବା ବେଳେ ଗତ କିଛି ଦିନ ହେଲା ବାସି ଓ ନିମ୍ନମାନର ଖାଦ୍ୟ ଦେଉଥିବା ଅଭିଯୋଗ ହୋଇଛି। ଖାଦ୍ୟ ପଦାର୍ଥରୁ ପୋକ ବାହାରୁଥିବା ମଧ୍ୟ ଅଭିଯୋଗ କରିଛନ୍ତି। ଏନେଇ ପୂର୍ବରୁ ହଷ୍ଟେଲ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଆଜି ସନ୍ଧ୍ୟାରେ ଛାତ୍ରୀମାନଙ୍କୁ ଖାଇବାକୁ ଦେଲାବେଳେ ଡାଲିରୁ ପୋକ ବାହାରିବା ନେଇ ଉତ୍ତେଜନା ଆରମ୍ଭ ହୋଇଥିଲା ଓ କଲେଜ ମୁଖ୍ୟ ଫାଟକ ଆଗରେ ବିକ୍ଷୋଭ କରିଥିଲେ। ଉନ୍ନତ ମାନର ଖାଦ୍ୟ ସାଙ୍ଗକୁ ଭେଣ୍ଡରକୁ ପରିବର୍ତ୍ତନ କରିବା ଦାବିରେ ହୋହାଲ୍ଲା କରିଥିଲେ। ଶତାଧିକ ଛାତ୍ରୀ ବିଭିନ୍ନ ନାରାବାଜି କରି ପ୍ରାୟ ଏକ ଘଣ୍ଟା ବିରୋଧ ପ୍ରଦର୍ଶନ କରିଥିଲେ। କୁଳପତି ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳ ଆନ୍ଦୋଳନରତ ଛାତ୍ରୀଙ୍କ ସହିତ ଆଲୋଚନା କରି ଭେଣ୍ଡର ପରିବର୍ତ୍ତନ କରିବା ଏବଂ ଉନ୍ନତ ମାନର ଖାଦ୍ୟ ଦେବାକୁ ପ୍ରତିଶ୍ରୁତି ଦେବା ପରେ ଉତ୍ତ୍ୟକ୍ତ ଛାତ୍ରୀମାନେ ଆନ୍ଦୋଳନ ପ୍ରତ୍ୟାହାର କରିଥିଲେ।

### ନୂତନ ଅନୁଦାନପ୍ରାପ୍ତ ହାଇସ୍କୁଲ ପ୍ରତି ଅବହେଳା

# ନାହାନ୍ତି ଆବଶ୍ୟକ ଶିକ୍ଷକ, ପାଠପଢ଼ା ବାଧାପ୍ରାପ୍ତ

ବେତନଟୀ,୪।୮ (ସମିସ):

ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକରେ ସରକାରୀ ଶିକ୍ଷା ବ୍ୟବସ୍ଥାର ଏକ ନିରାଶାଜନକ ଚିତ୍ର ସାମ୍ନାକୁ ଆସିଛି। ଏହି ବ୍ଲକ୍‌ରେ ଥିବା ନୂତନ ଅନୁଦାନପ୍ରାପ୍ତ ହାଇସ୍କୁଲରେ ଆବଶ୍ୟକ ଶିକ୍ଷକ ନିଯୁକ୍ତି ଅଭାବରୁ ଶିକ୍ଷାଦାନ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଅଧିକାଂଶ ବିଦ୍ୟାଳୟରେ ମାତ୍ର ଜଣେ କିମ୍ବା ଦୁଇଜଣ ଶିକ୍ଷକଙ୍କ ଉପରେ ବିଦ୍ୟାଳୟ ପରିଚାଳନା ଭାର ରହିଥିବାବେଳେ କେତେକ ସ୍କୁଲରେ ଖେଳ ଶିକ୍ଷକ ହିଁ ପ୍ରଧାନଶିକ୍ଷକ ଦାୟିତ୍ୱ ତୁଲାଉଥିବା ଦେଖିବାକୁ ମିଳିଛି। ଏଥିଯୋଗୁଁ ଶହ ଶହ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧକାର ଆଡ଼କୁ ଠେଲି ହୋଇଯାଉଥିବାରୁ ଅଭିଭାବକ ଓ ସ୍ଥାନୀୟ



ବୁଦ୍ଧିଜୀବୀ ମହଲରେ ଗଭୀର ଚିନ୍ତାପ୍ରକଟ କରାଯାଇଛି।

ସୂଚନା ମୁତାବକ, ଏସ.ଏସ. ନହଣ୍ଡାଶୋଳ ପଞ୍ଚାୟତର ଧନପୁର ଗ୍ରାମରେ ଥିବା ହାଇସ୍କୁଲରେ ଚଳିତ ଅଗଷ୍ଟ ମାସରୁ ଜଣେ ମାତ୍ର ଶିକ୍ଷକ ବିଜୟ କୁମାର ମହାନ୍ତ ପ୍ରଧାନଶିକ୍ଷକ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଜଣେ ଖେଳ ଶିକ୍ଷକ। ଏହି ବିଦ୍ୟାଳୟରେ ନବମ ଶ୍ରେଣୀରେ ୮୦ ଜଣ ଓ ଦଶମ ଶ୍ରେଣୀରେ ୬୯ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ସେହିପରି ବେତନଟୀ ପଞ୍ଚାୟତ ଅନ୍ତର୍ଗତ ଆମ୍ବଯୋଡ଼ାସ୍ଥ ହୀରାଲାଲ ହାଇସ୍କୁଲରେ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଛି। ସେଠାରେ ଅଷ୍ଟମ ଶ୍ରେଣୀରେ ୧୧, ନବମରେ ୪୨ ଓ ଦଶମରେ ୩୨ ଜଣ ଛାତ୍ରଛାତ୍ରୀ ପଢୁଥିବାବେଳେ ମାତ୍ର ଜଣେ ଶିକ୍ଷକ ପ୍ରଦୀପ କୁମାର ମହାନ୍ତ (ଖେଳ ଶିକ୍ଷକ)ଙ୍କ ଦାୟିତ୍ୱରେ ପୂରା ସ୍କୁଲ ଚାଲିଛି। ବିଷୟଗତ ଶିକ୍ଷକଙ୍କ ଅଭାବ ଯୋଗୁଁ ପାଠପଢ଼ା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ବେତନଟୀ ବ୍ଲକରେ ୧୭ଟି ସରକାରୀ, ୧୭ଟି ନୂତନ ଅନୁଦାନପ୍ରାପ୍ତ, ଗୋଟିଏ ସଂସ୍କୃତ ଟୋଲ୍ ଓ ଅନ୍ୟାନ୍ୟ ହାଇସ୍କୁଲ ରହିଛି। ମାତ୍ର ନୂତନ ଅନୁଦାନପ୍ରାପ୍ତ ସ୍କୁଲକରେ ନିୟମିତ ନିଯୁକ୍ତି ହୋଇ ନ ଥିବାରୁ ଏଭଳି ସଙ୍କଟ ସୃଷ୍ଟି ହୋଇଛି। ସ୍ଥାନୀୟ ଲୋକେ ଶୀଘ୍ର ସ୍ଥାୟୀ ଶିକ୍ଷକ ନିଯୁକ୍ତି ପାଇଁ ଦାବି କରିଛନ୍ତି। ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟ, ବିଦ୍ୟାଳୟ ପରିଚାଳନା କମିଟି ଓ ଅବସରପ୍ରାପ୍ତ ଶିକ୍ଷକ ମଧ୍ୟ ସରକାରଙ୍କ ନିକଟରେ ନିବେଦନ କରିଛନ୍ତି ଯେ, ଗ୍ରାମାଞ୍ଚଳ ଶିକ୍ଷାର ବିକାଶ ପାଇଁ ଖୋଲାଯାଇଥିବା ଏହି ସ୍କୁଲଗୁଡ଼ିକୁ ବନ୍ଦ ହେବାରୁ ରକ୍ଷା କରାଯାଉ। ସରକାର ଯଦି ବେତନଟୀ ବ୍ଲକର ଏହି ନୂତନ ଅନୁଦାନପ୍ରାପ୍ତ ହାଇସ୍କୁଲରେ ତୁରନ୍ତ ବିଷୟଗତ ସ୍ଥାୟୀ ଶିକ୍ଷକ ନିଯୁକ୍ତ ନ କରନ୍ତି, ତେବେ ସମଗ୍ର ଅଞ୍ଚଳର ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ି ପଡ଼ିବା ନିଶ୍ଚିତ। ପିଲାଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ପ୍ରଶାସନ ଓ ଶିକ୍ଷା ବିଭାଗ ଶୀଘ୍ର ପଦକ୍ଷେପ ନେବା ଜରୁରୀ ବୋଲି ବୁଦ୍ଧିଜୀବୀ ମତବ୍ୟକ୍ତ କରିଛନ୍ତି।

# ନାଳରେ ବୁଡ଼ି ୨ ବର୍ଷର ଶିଶୁକନ୍ୟା ମୃତ

## ● ୨୦ ଘଣ୍ଟା ପରେ ମିଳିଲା ମୃତଦେହ



ବାରିପଦା,୪।୮ (ସମିସ): ବାଙ୍ଗିରିପୋଷି ବ୍ଲକ ବୁଢୀଖମାରୀ ପଞ୍ଚାୟତର ଅର୍ଜୁନ ମାରାଣ୍ଡିଙ୍କ ୨ ବର୍ଷର ଶିଶୁକନ୍ୟା ରୁପିମଣି ମାରାଣ୍ଡିର ଶଙ୍କରାୟ ନାଳରେ ବୁଡ଼ି ମୃତ୍ୟୁ ଘଟିଛି। ଶିଶୁକନ୍ୟା ସୋମବାର ନାଳପାଣିରେ ଭାସିଯିବା ଜଣାପଡ଼ିବା ପରେ ଅଗ୍ନିଶମ ବିଭାଗ ସହିତ ଗ୍ରାମବାସୀ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ମଙ୍ଗଳବାର ଅଗ୍ନିଶମ ବିଭାଗ ସହିତ ଓଡ୍ରାପ ଟିମ୍ ସହାୟତାରେ ପ୍ରାୟ ୨୦ ଘଣ୍ଟା ପରେ ଶିଶୁର ମୃତଦେହ ଶଙ୍କରାୟ ନାଳରୁ ଉଦ୍ଧାର କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା ପରେ ମୃତଦେହକୁ ବାରିପଦାକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ମୃତ ଶିଶୁର ପରିବାର ଗରିବ ହୋଇଥିବାରୁ ଶବ ବ୍ୟବଚ୍ଛେଦ ପାଇଁ ଗାଡ଼ି ଭଡ଼ା ୬ ହଜାର ଟଙ୍କା ବାଙ୍ଗିରିପୋଷି ଆଇଆଇସି ପଞ୍ଚାନନ ମହାନ୍ତି ପ୍ରଦାନ କରିଥିଲେ। ୨ ବର୍ଷର ଶିଶୁକୁ ହରାଇ ପରିବାର ଭାଙ୍ଗିପଡିଛନ୍ତି। ଶିଶୁକନ୍ୟା ନାଳ ଉପରେ ଠିଆ ହୋଇଥିବାବେଳେ ମା’ ଘରର ଅଇଁଠା ବାସନ ନାଳରେ ଧୋଇ ଫେରି ଦେଖିବା ବେଳକୁ ନିଖୋଜ ଥିଲା। ପର ମୁହୂର୍ତ୍ତରେ ପରିବାର ଲୋକ ଥାନାରେ ସୂଚନା ଦେଇଥିଲେ। ପରିବାରକୁ ରେଡକ୍ରସ ସହାୟତା ସହିତ ସରକାରଙ୍କ ପକ୍ଷରୁ ପାଣିରେ ବୁଡି ମୃତ୍ୟୁ ସହାୟତା ରାଶି ପ୍ରଦାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ● ନାଉପଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମଧ୍ୟାହ୍ନଭୋଜନ ଚୋରି

# ତଦନ୍ତରେ ଅଟକି ଯିବ କି କାର୍ଯ୍ୟାନୁଷ୍ଠାନ

ମୋରଡ଼ା,୪।୮ (ସମିସ): ଶୁଳିଆପଦା ବ୍ଲକରେ ଛାତ୍ରୀଛାତ୍ରଙ୍କ ମଧ୍ୟାହ୍ନଭୋଜନ ଚାଉଳ ଓ ଅଣ୍ଡା କାର୍ଯ୍ୟରତ ଶିକ୍ଷୟିତ୍ରୀ,ଶିକ୍ଷକ ଖାଉଛନ୍ତି। ଏ ନେଇ ଖୋଦ ପ୍ରଧାନଶିକ୍ଷକ ନିଜେ ମଧ୍ୟ



ସ୍ୱୀକାର କରିଛନ୍ତି। ନାଉପଦା ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଥିବାବେଳେ ୧୩୦ ପିଲା ପଢୁଛନ୍ତି। ୪୦ ଜଣ ପିଲା ହଷ୍ଟେଲରେ ରହୁଛନ୍ତି। ସୋନୁ ନାଏକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦାୟିତ୍ୱରେ ଥିବାବେଳେ ସାତଜଣ ଶିକ୍ଷକ ଅଛନ୍ତି। ତେବେ ଆଜି ୮୫ଜଣ ପିଲାଙ୍କ ଉପସ୍ଥାପନା ପଡ଼ିଥିବାବେଳେ ୧୦୦ ଜଣଙ୍କର ଖାଦ୍ୟ ରୋଷେଇ ହୋଇଛି। ପନ୍ଦରଟି ଅଧିକ ମିଲ ରୋଷେଇ ହୋଇଥିବା କଥା ସ୍ୱୀକାର କରିଛନ୍ତି ପ୍ରଧାନଶିକ୍ଷକ ଶ୍ରୀ ନାଏକ। ଶିକ୍ଷୟିତ୍ରୀ, ଶିକ୍ଷକମାନେ ଦୂରଦୁରାନ୍ତରୁ ଆସୁଥିବାରୁ ସେମାନେ ଭାତ, ଅଣ୍ଡା, ଡାଲି, ସୋୟାବିନ ଖାଉଛନ୍ତି ବୋଲି କହିଛନ୍ତି। ସେହିପରି ଗତକାଲି ୧୧୦ ଜଣ ପିଲା ବିଦ୍ୟାଳୟକୁ ଆସିଥିବାବେଳେ ୧୨୦ ଜଣ ପିଲାଙ୍କ ପାଇଁ ରୋଷେଇ ହୋଇଥିଲା। ଏମିତି ପ୍ରତିଦିନ ଅଧିକ ରୋଷେଇ ହୁଏ ବୋଲି କହିଛନ୍ତି ଶିକ୍ଷକ ନାଏକ। ତେବେ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ପାଇଁ ଉଦ୍ଦିଷ୍ଟ ମଧ୍ୟାହ୍ନଭୋଜନ ବ୍ୟବସ୍ଥାରେ ଶିକ୍ଷକମାନେ ଖାଦ୍ୟର ଗୁଣବତ୍ତା ଯାଞ୍ଚ କରିବା, ପିଲାଙ୍କ ସହ ବସି ଖାଇବା ଓ ସଚେତନତା ସୃଷ୍ଟି କରିବା ପାଇଁ ଏକାଠି ଭୋଜନ ଗ୍ରହଣ କରୁଥିବାର ଦୃଶ୍ୟ ଦେଖିବାକୁ ମିଳେ। କିନ୍ତୁ ଏହାର ସୁଯୋଗ ନେଇ ପିଲାଙ୍କ ଖାଦ୍ୟ ଉକ୍ତ ବିଦ୍ୟାଳୟରେ ବାଟମରଣା ହେଉଛି। ଯାହାର ଉପଯୁକ୍ତ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ। ଏ ନେଇ ଶୁଳିଆପଦା ବିଇଓ ରଶ୍ମିରଞ୍ଜନ ଗିରିଙ୍କୁ ପଚାରିବାରୁ ଉକ୍ତ ଘଟଣାର ଉପଯୁକ୍ତ ତଦନ୍ତ ହୋଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ● ଶିବୁ ସୋରେନଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ

# ଶ୍ରଦ୍ଧାଞ୍ଜଳି ରଥଯାତ୍ରା ଓ ବାଇକ୍ ରାଲି



ଉଦଳା, ୪।୮ (ସମିସ): ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚାର ସଂସ୍ଥାପକ ତଥା ଆଦିବାସୀ ସମାଜର ପ୍ରଖ୍ୟାତ ଜନନେତା ଦିଶମ ଗୁରୁ ଶିବୁ ସୋରେନଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆଜି ଉଦଳା ନିର୍ବାଚନମଣ୍ଡଳୀରେ ଶ୍ରଦ୍ଧାଞ୍ଜଳି ରଥଯାତ୍ରା ଓ ବାଇକ୍ ରାଲି ଅନୁଷ୍ଠିତ ହୋଇଯାଇଛି। ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା ମୟୂରଭଞ୍ଜ ଜିଲ୍ଲା ଉପସଭାପତି ରାଜା ହେମ୍ବ୍ରମଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶତାଧିକ ଦଳୀୟ କର୍ମୀ ଓ ସମର୍ଥକ ଉତ୍ସାହର ସହ ଅଂଶଗ୍ରହଣ କରି ଦିଶମ ଗୁରୁଙ୍କ ପ୍ରତି ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏ ଅବସରରେ ବଡଖମଣ ସରପଞ୍ଚ ଠୁମ୍ପୁ ମୁର୍ମୁ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଶିରୀଶ ଟୁଡୁ, ବିଜୟ ମୁର୍ମୁ, ଦୁର୍ଗା ମୁର୍ମୁ, ମିଥୁନ ସିଂ, ସିଙ୍ଗରାୟ ଟୁଡୁଙ୍କ ସମେତ ବହୁ ବରିଷ୍ଠ ନେତା ଓ କର୍ମୀ ଯୋଗ ଦେଇଥିଲେ। ଶ୍ରଦ୍ଧାଞ୍ଜଳି ରଥକୁ ଅନୁସରଣ କରି ଶତାଧିକ ବାଇକ୍ ଆରୋହୀଙ୍କୁ ନେଇ ବିରାଟ ରାଲି ଉଦଳା ଅଞ୍ଚଳର ବିଭିନ୍ନ ମୁଖ୍ୟ ସଡ଼କ ପରିକ୍ରମା କରିଥିଲା। ରାଲି ସମୟରେ ଦିଶମ ଗୁରୁ ଶିବୁ ସୋରେନଙ୍କ ଜଳ, ଜଙ୍ଗଲ, ଜମିର ସୁରକ୍ଷା, ଆଦିବାସୀ ସମାଜର ସାମ୍ବିଧାନିକ ଅଧିକାର, ସାମାଜିକ ନ୍ୟାୟ ଓ ଶୋଷିତ, ନିଷ୍ପେସିତ ବର୍ଗଙ୍କ ଉନ୍ନତି ପାଇଁ ତାଙ୍କ ଦୀର୍ଘ ସଂଘର୍ଷକୁ ସ୍ମରଣ କରାଯାଇଥିଲା। ଅତିଥିମାନେ କହିଥିଲେ ଯେ, ଦିଶମ ଗୁରୁଙ୍କ ଆଦର୍ଶ ଓ ସଂଘର୍ଷ ଆଗାମୀ ପିଢ଼ି ପାଇଁ ସଦା ପ୍ରେରଣାର ଉତ୍ସ ହୋଇ ରହିବ। ଶେଷରେ ସମସ୍ତେ ଦିଶମ ଗୁରୁଙ୍କ ଆଦର୍ଶକୁ ଅନୁସରଣ କରି ସମାଜର ଉନ୍ନତି, ଆଦିବାସୀଙ୍କ ଅଧିକାର ସୁରକ୍ଷା ଓ ଲୋକସେବାରେ ନିଜକୁ ସମର୍ପିତ କରିବାକୁ ସଂକଳ୍ପ ନେଇଥିଲେ। ଶୃଙ୍ଖଳିତ ଓ ଶାନ୍ତିପୂର୍ଣ୍ଣ ଭାବେ ଆୟୋଜିତ ଏହି ଶ୍ରଦ୍ଧାଞ୍ଜଳି ରଥଯାତ୍ରା ଓ ବାଇକ୍ ରାଲି ଉଦଳା ଅଞ୍ଚଳରେ ବ୍ୟାପକ ଚର୍ଚ୍ଚାର ବିଷୟ ପାଲଟିଥିଲା।


# କଂଗ୍ରେସ ନେତାଙ୍କ ଶୋକସଭା



ବଡ଼ସାହି,୪।୮ (ସମିସ): ଜନ୍ମ ଅଛି ତ ମୃତ୍ୟୁ ଅଛି। ଜୀବନ ନଈର ଗୋଟିଏ କୂଳରେ ଜନ୍ମ ବେଳର କୁଆଁକୁଆଁ ମଧୁର ସଂଗୀତ ତ ଅନ୍ୟ କୂଳରେ ମୃତ୍ୟୁ ସମୟର ବିରହ ସଙ୍ଗୀତ । ଏହି ଜୀବନ କାଳ ମଧ୍ୟରେ କିଛି ପାଇବା ଓ କିଛି ହରାଇବା ଭିତରେ ଯାହା କିଛି ଅବଶିଷ୍ଟାଂଶ ରହିଯାଏ ତାହା ହେଉଛି ସ୍ମୃତି। ମୃତ୍ୟୁ ପରେ ଜଣେ ମଣିଷର ମଣିଷପଣିଆ, କର୍ତ୍ତବ୍ୟନିଷ୍ଠା, ଆଦର୍ଶ, ସମାଜ ତଥା ପରିବାର ପ୍ରତି ତାଙ୍କ ଅବଦାନ ଓ କର୍ମ ସେତେବେଳେ ତାଙ୍କ ଜୀବନକାଳର ମାପକାଠି ହୋଇ ସ୍ମୃତି ପାଲଟି ଯାଏ। ଯାହାକୁ ନେଇ ମୃତ୍ୟୁ ପରେ ମଧ୍ୟ ମଣିଷ ବଞ୍ଚିପାରେ ବୋଲି କଂଗ୍ରେସର ବରିଷ୍ଠ ନେତା ସୁଶାନ୍ତ କୁମାର ବିଶ୍ୱାଳଙ୍କ ଏକାଦଶାହରେ ଅନୁଷ୍ଠିତ ସ୍ମୃତିସଭାରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ବଡ଼ସାହି ବ୍ଲକ୍ କଂଗ୍ରେସ ପକ୍ଷରୁ ଅନୁଷ୍ଠିତ ଏହି ସ୍ମୃତିସଭାରେ ବ୍ଲକ୍ ସଭାପତି ଶଶାଙ୍କଶେଖର କର ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ତାଙ୍କ ଅମର ଆତ୍ମାର ସଦଗତି ପାଇଁ ୨ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ପ୍ରକାଶ କରମହାପାତ୍ର, ବରିଷ୍ଠ ସାମ୍ବାଦିକ ହରିଶ୍ଚନ୍ଦ୍ର ନନ୍ଦଗୋସ୍ୱାମୀ, ଯୁବ ନେତା ସିଦ୍ଧାର୍ଥ ଅଗ୍ରୱାଲା, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ମନୋରଂଜନ ବଳା, ପୂର୍ବତନ ସଭାପତି ପୂର୍ଣ୍ଣଚନ୍ଦ୍ର ହାଁସଦା, ବିଧାୟକ ପ୍ରାର୍ଥୀ କ୍ଷୀରୋଦ ପାତ୍ର, ନିର୍ବାଚନମଣ୍ଡଳୀ ଯୁବ ସଭାପତି ଦୀପ୍ତିଭାନୁ ସେନାପତି, ଜିଲ୍ଲା ସମ୍ପାଦକ ବିନୋଦ ବିହାରୀ ବେହେରା, ବେତନଟୀ ବ୍ଲକ୍ ମହିଳା ସଭାପତି ବାସନ୍ତୀ ସାହୁ, ମଙ୍ଗଳ ସିଂ, ସଦାଶିବ ବେହେରା, ନୃସିଂହ ଚରଣ ହାତୀ, ଶିକ୍ଷାବିତ ମନୋରଂଜନ ଲେଙ୍କା, ଆନନ୍ଦଶଙ୍କର ପାତ୍ର, ରବିନାରାୟଣ ମହାନ୍ତ, ଖଗେଶ୍ୱର ନାୟକ ଓ ନଟବର ମହାନ୍ତ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତଃ ଶ୍ରୀ ବିଶ୍ୱାଳ ଜଣେ ଟାଣୁଆ ସଂଗଠନ ପ୍ରେମୀ ନେତା ଥିବାବେଳେ ଯୁବଛାତ୍ରଙ୍କ ପାଇଁ ଆଦର୍ଶ ଓ ପ୍ରେରଣାର ଉତ୍ସ ଥିଲେ। ତାଙ୍କର ଅକାଳ ମୃତ୍ୟୁ କେବଳ ଦଳ ପାଇଁ ନୁହେଁ, ଏ ଅଞ୍ଚଳ ପାଇଁ ଏକ ଅପୂରଣୀୟ କ୍ଷତି କହିଲେ ଅତ୍ୟୁକ୍ତି ହେବନାହିଁ ବୋଲି ବ୍ଲକ୍ ସଭାପତି ଶ୍ରୀ କର ପ୍ରକାଶ କରିଥିଲେ।

# ପୁରୁଣା ବରଗଛ ଉପୁଡ଼ି ଭାଙ୍ଗିଲା ଘର, ବର୍ତ୍ତିଲେ ପରିବାର ଲୋକ

ରାସଗୋବିନ୍ଦପୁର,୪।୮ (ସମିସ): ରାସଗୋବିନ୍ଦପୁର ବ୍ଲକ୍ ଅନ୍ତର୍ଗତ ଭଦୁଆସୋଲ ଗ୍ରାମରେ ସୋମବାର ପ୍ରାୟ ୨୦୦ ବର୍ଷ ପୁରୁଣା ବିରାଟ ବରଗଛ ହଠାତ୍ ଉପୁଡ଼ି ପଡ଼ିବାରୁ ଏକ ବଡ଼ଧରଣର ଅଘଟଣ ଘଟିବାରୁ ଅଳ୍ପକେ ରକ୍ଷା ମିଳିଛି। ଉପୁଡ଼ି ପଡ଼ିଥିବା ଗଛଟି ଭଦୁଆସୋଲ ଗ୍ରାମର ଜୟଦେବ ମହାନ୍ତଙ୍କ ବାସଗୃହ ଉପରେ ପଡ଼ିବା ଫଳରେ ଘରଟି



ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ଯାଇଛି। ଏ ସମୟରେ ଘର ଭିତରେ ପରିବାରର ସଦସ୍ୟ ଉପସ୍ଥିତ ଥିଲେ। ତେବେ ଭାଗ୍ୟବଶତଃ ସେମାନେ ଅଳ୍ପକେ ବର୍ତ୍ତିଯାଇଥିବାରୁ ଏକ ବଡ଼ ଦୁର୍ଘଟଣା ଟଳିଯାଇଛି। ଗଛ ପଡ଼ିବାରୁ ଘରର ଆସବାବପତ୍ର ଓ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀର ବ୍ୟାପକ କ୍ଷତି ହୋଇଥିବା ଜଣାପଡ଼ିଛି। ଖବର ପାଇ ରାସଗୋବିନ୍ଦପୁର ଅଗ୍ନିଶମ ବିଭାଗ କର୍ମଚାରୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଗଛ କାଟିବା ସହ ଉଦ୍ଧାର କାର୍ଯ୍ୟ ଚଳାଇଥିଲେ। ସ୍ଥାନୀୟ ଗ୍ରାମବାସୀ ମଧ୍ୟ ଉଦ୍ଧାର କାର୍ଯ୍ୟରେ ସକ୍ରିୟ ସହଯୋଗ କରିଥିଲେ। ଏହି ଘଟଣାରେ କୌଣସି ଜୀବନହାନି ଘଟି ନ ଥିବାବେଳେ ପରିବାରଟି ବର୍ତ୍ତମାନ ଖୋଲା ଆକାଶ ତଳେ ରହିବାକୁ ବାଧ୍ୟ ହୋଇଛି। କ୍ଷତିଗ୍ରସ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ଲୋକ ପ୍ରଶାସନ ନିକଟରେ ଦାବି କରିଛନ୍ତି।

### କାର୍ ଭିତରୁ ପୁଲିସ କନଷ୍ଟେବଲଙ୍କ ମୃତଦେହ ଉଦ୍ଧାର ଘଟଣା

# ହତ୍ୟା ଅଭିଯୋଗ ଆଣିଲେ ପରିବାର



ବାରିପଦା, ୪।୮ (ସମିସ): ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ନିକଟ ୧୮ ନଂ ରାଜପଥର ପଦ୍ମନାଭପୁର ଟୋଲଗେଟ ପାଖରେ ଛିଡ଼ା ହୋଇଥିବା କାର୍ ଭିତରୁ କନଷ୍ଟେବଲ ବସନ୍ତ ମହାନ୍ତଙ୍କ ସନ୍ଦେହଜନକ ମୃତଦେହ ଉଦ୍ଧାର ଘଟଣା ସୋମବାର ଭିନ୍ନ ମୋଡ ନେଇଛି। ଶରୀରରେ ଗଭୀର କ୍ଷତଚିହ୍ନ ଥିବାବେଳେ ମୃତକଙ୍କ ବଡ଼ଭାଇ ହତ୍ୟା ଅଭିଯୋଗ ଆଣିଛନ୍ତି। ରବିବାର ବୈଶିଙ୍ଗା ପୁଲିସ ହୃଦଘାତ୍ ସନ୍ଦେହରେ ମୃତ୍ୟୁ ବୋଲି କହି ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ମୃତ କନଷ୍ଟେବଲ ଜଣକ ହେଉଛନ୍ତି ୨୦୦୨ ବ୍ୟାଚ୍‌ର ବସନ୍ତ ମହାନ୍ତ।

ସୋମବାର ସକାଳ ୧୧ଟାରୁ ରାସ୍ତା କଡ଼ରେ ତାଙ୍କର କାର୍ ଦୀର୍ଘ ସମୟ ଛିଡ଼ା ହୋଇରହିଥିଲା। ଅପରାହ୍ନ ପର୍ଯ୍ୟନ୍ତ କାର୍ ଅଚଳ ରହିବାରୁ ସ୍ଥାନୀୟ ଲୋକଙ୍କ ସନ୍ଦେହ ହୋଇଥିଲା। କାର୍ ନିକଟକୁ ଯାଇ ଦେଖିବା ବେଳକୁ ଚାଳକ ଆସନରେ ବସନ୍ତ ମୃତ ଅବସ୍ଥାରେ ପଡ଼ିଥିଲେ। ଖବର ପାଇ ବୈଶିଙ୍ଗା ପୁଲିସ ପହଞ୍ଚି ମୃତଦେହ ଉଦ୍ଧାର କରି ବୈଶିଙ୍ଗା ଡାକ୍ତରଖାନାକୁ ନେଇଥିଲା। ପୁଲିସ ପକ୍ଷରୁ ପ୍ରଥମେ ଏହାକୁ ହୃଦଘାତଜନିତ ମୃତ୍ୟୁ ବୋଲି କୁହାଯାଇଥିଲା। ତେବେ ବସନ୍ତଙ୍କ ଶରୀରରେ, ବିଶେଷକରି ବେକରେ ଦଉଡି ଦାଗ ଓ ନଖ ଚିହ୍ନ ଥିବାବେଳେ ହାତରେ ଗରମ ଚେଙ୍କ ଚିହ୍ନ ଓ ଛାତି ନିକଟରେ ଗଭୀର କ୍ଷତଚିହ୍ନ ଥିବା ଦେଖି ଏହାକୁ ଏକ ଷଡ଼ଯନ୍ତ୍ରଜନିତ କିମ୍ବା ଆକ୍ରମଣଜନିତ ହତ୍ୟାକାଣ୍ଡ ବୋଲି ମୃତକଙ୍କ ବଡ଼ଭାଇ ମନୋଜ ମହାନ୍ତ ଅଭିଯୋଗ କରିବା ସହିତ ପୁଲିସର ନିରପେକ୍ଷ ତଦନ୍ତ ଓ ନ୍ୟାୟ ଦାବି କରିଛନ୍ତି। ଅନ୍ୟପକ୍ଷରେ ଘଟଣାକୁ ନେଇ ବୈଶିଙ୍ଗା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୁଲିସ ତଦନ୍ତ ଜାରି ରଖିଥିବାବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହିଁ ମୃତ୍ୟୁର ଅସଲ କାରଣ ସ୍ପଷ୍ଟ ହେବ। ତଦନୁଯାୟୀ ପରବର୍ତ୍ତୀ ପଦକ୍ଷେପ ଆମେ ଗ୍ରହଣ କରିବୁ ବୋଲି ଏସପି ବରୁଣ ଗୁଣ୍ଟୁପାଲ୍ଲୀ କହିଛନ୍ତି। କନଷ୍ଟେବଲଙ୍କ ଅଳ୍ପ ବୟସରେ ମୃତ୍ୟୁ ସମସ୍ତଙ୍କୁ ଗଭୀର ମର୍ମାହତ କରିଛି। ଆମେ ପରିବାର ସହିତ

**● ଦେହରେ ରହିଛି ଚେଙ୍କ, ନଖ ଓ ଦଉଡ଼ି ଦାଗ**

**● ତଦନ୍ତ ଚାଲିଛି: ଏସ୍‌ପି**

ଅଛୁ, ସବୁ ଫାଇନାନ୍ସିଆଲ୍ ପ୍ରୋସେସିଂ ଶୀଘ୍ର କରାଯିବ ବୋଲି ସେ କହିଛନ୍ତି। ମଙ୍ଗଳବାର କନଷ୍ଟେବଲଙ୍କୁ ଶେଷ ସମ୍ମାନ ଦେବା ପାଇଁ ମରଶରୀରକୁ ଜିଲ୍ଲା ପୁଲିସ ରିଜର୍ଭ କାର୍ଯ୍ୟାଳୟକୁ ନିଆଯାଇଥିଲା। ଏସ୍‌ପିଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଓ ପୁଲିସ କନଷ୍ଟେବଲ ସଂଘ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ସଂଘର ସମ୍ପାଦକ ସୂରଜ କୁମାର ରାଜଙ୍କ ଦ୍ୱାରା ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ବାରିପଦା,୪।୮ (ସମିସ): ବାଙ୍ଗିରିପୋଷି ଥାନା ଶ୍ୟାମସୁନ୍ଦର ପୁର ପଞ୍ଚାୟତ ଚଢେଇପାହାଡି ଗ୍ରାମର ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ପୁଲିସ ଉଦ୍ଧାର କରିଛି। ରଙ୍ଗାମାଟିଆ ଗ୍ରାମର ସାଲହ ମାରାଣ୍ଡି ଜଳଡିହା ଗ୍ରାମର ହରିଟୁଡୁକୁ ବିବାହ କରିଥିଲେ। କିଛିବର୍ଷ ହେଲା ସ୍ୱାମୀଙ୍କୁ ଛାଡି ଏକା ଚଢେଇ ପାହାଡିରେ ରହୁଥିଲେ। ତେବେ ଏକ ଲୁଙ୍ଗି ସାହାଯ୍ୟରେ ଘରେ ଫାସି ଲଗାଥାଇ ତାଙ୍କ ମୃତଦେହ ଝୁଲୁଥିବା ଖବର ପାଇ ପୁଲିସ ଉଦ୍ଧାର କରିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ସତ ଜଣାପଡିବ ବୋଲି ପୁଲିସ କହିଛି। ମହିଳାଙ୍କ କକା କାନଗୋଇ ମାରାଣ୍ଡିଙ୍କ ଅଭିଯୋଗ ଆଧାରରେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି ବୋଲି ଆଇଆଇସି ପଞ୍ଚାନନ ମହାନ୍ତି କହିଛନ୍ତି।

# ଫୁଲ ତୋଳିବା ବେଳେ ମରଣାନ୍ତକ ଆକ୍ରମଣ ଅଭିଯୋଗ



ବାରିପଦା, ୪।୮ (ସମିସ): ବାରିପଦା ଟାଉନ ଥାନା ଅଞ୍ଚଳରେ ଜଣେ ବ୍ୟକ୍ତି ସକାଳେ ଫୁଲ ତୋଳିବା ବେଳେ ତାଙ୍କୁ ସଙ୍ଗବଦ୍ଧ ଆକ୍ରମଣ ହୋଇଛି। ଏ ନେଇ ବାରିପଦା ଟାଉନ୍ ଥାନାରେ ଅଭିଯୋଗ ହୋଇଛି। ପାଳବଣୀ ଛକ ନିକଟରେ ସକାଳ ସମୟରେ ଉତ୍ତମ କୁମାର ଜ୍ୟୋତିଷୀ ଫୁଲ ତୋଳୁଥିଲେ। ଏ ସମୟରେ ତାଙ୍କୁ ଏକୁଟିଆ ପାଇ କିଛି ବ୍ୟକ୍ତି ଆସି ତାଙ୍କ ସହ ପାଟିତୁଣ୍ଡ କରିଥିଲେ। ପରେ ଉତ୍‌କ୍ଷିପ୍ତ ହୋଇ ସଙ୍ଗବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ କରିଥିଲେ। ଆକ୍ରମଣ କରିଥିବା ବ୍ୟକ୍ତିଙ୍କ ମାଆଙ୍କ ସହିତ ଅନ୍ୟ କେହି ବ୍ୟକ୍ତି ଝଗଡ଼ା କରିଥିଲେ। ଶ୍ରୀ ଜ୍ୟୋତିଷୀଙ୍କୁ ଉକ୍ତ ବ୍ୟକ୍ତି ଭ୍ରମବଶତଃ ଚିହ୍ନିତ କରିଥିଲେ। ପରିଚୟ ନିଶ୍ଚିତ ନ କରି ସେମାନେ ତାଙ୍କୁ ଆକ୍ରମଣ କରିଛନ୍ତି। ଫଳରେ ସେ ଗୁରୁତର ଭାବେ ଆହତ ହୋଇ ବାରିପଦା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ଏହି ଘଟଣା ସମ୍ପର୍କରେ ତାଙ୍କ ପରିବାର ଲୋକେ ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ବାରିପଦା ଟାଉନ ଥାନା ଅନ୍ତର୍ଗତ ପ୍ରଫୁଲ୍ଲ ନଗର ଅଞ୍ଚଳର ବିଷ୍ଣୁ ଭଗତ, ସୁମନ ଭଗତ ଓ ବିନୋଦ ଭଗତ ବୋଲି ଜଣାପଡ଼ିଛି। ଅପରପକ୍ଷରେ ଅଭିଯୁକ୍ତଙ୍କ ପକ୍ଷରୁ ମଧ୍ୟ ଉତ୍ତମଙ୍କ ବିରୋଧରେ ପ୍ରତି ଅଭିଯୋଗ ହୋଇଛି। ପୁଲିସ ଉଭୟ ମାମଲାର ତଦନ୍ତ ଜାରି ରଖିଛି।

# ୭୦ ଲିଟର ମଦ ଓ ବାଇକ୍ ଜବତ, ୪ ଗିରଫ


କୁଆମରା,୪।୮ (ସମିସ): ବେଆଇନ ମଦ କାରବାର ଅଭିଯୋଗରେ ଖୁଣ୍ଟା ଅବକାରୀ ଥାନା ପକ୍ଷରୁ ପୃଥକ୍ ସ୍ଥାନରେ ଚଢ଼ଉ କରାଯାଇ ୭୦ ଲିଟର ଦେଶୀମଦ ଜବତ ହୋଇଥିବାବେଳେ ଜଣେ ମହିଳାଙ୍କ ସମେତ ୪ ଜଣଙ୍କୁ ଗିରଫ କରାଯାଇ ପୃଥକ ମାମଲା ରୁଜୁ ହୋଇଛି। ଏଥିସହ ଏକ ବାଇକ୍ ଜବତ ହୋଇଛି। ଖୁଣ୍ଟା ଥାନା ଅନ୍ତର୍ଗତ କୁଶଗଡ଼ିଆ ଗ୍ରାମର ମାୟାବତୀ ହେମ୍ବ୍ରମ (୩୧)ଙ୍କଠାରୁ ୨୦ ଲିଟର, ପୁରୁଣାପାଣି ଗ୍ରାମର ରାକେଶ କୁମାର କିସ୍କୁ (୨୬)ଙ୍କଠାରୁ ୧୫ ଲିଟର, ବଡ଼ସାହି ଥାନା ଅନ୍ତର୍ଗତ ଯଦୁନାଥପୁର ଗ୍ରାମର ଦୁର୍ଗା ସିଂ (୩୨)ଙ୍କଠାରୁ ୨୦ ଲିଟର ଓ ମିଥୁନ ସିଂ (୨୨)ଙ୍କଠାରୁ ୧୫ ଲିଟର ଦେଶୀ ମଦ ଜବତ ହୋଇଛି। ଜବତ ହୋଇଥିବା ସମ୍ପୃକ୍ତ ବାଇକଟି ଅଭିଯୁକ୍ତ ଦୁର୍ଗା ସିଂଙ୍କର ବୋଲି ପୁଲିସ କହିଛି। ଖୁଣ୍ଟା ଅବକାରୀ ଥାନା ଓଆଇସି ଅଞ୍ଜନ କୁମାର ଜେନା, ଏଏସଆଇ କୃଷ୍ଣସୁନ୍ଦର ସେଠୀ, ପାର୍ବତୀ ମାରାଣ୍ଡି, ନିରଞ୍ଜନ ମହାନ୍ତ, କିଶୋର ସୋରେନ ପ୍ରମୁଖ ଚଢ଼ଉରେ ସାମିଲ ଥିଲେ।

# ମୟୂରଭଞ୍ଜର ଆଦିବାସୀ ଛାତ୍ରଛାତ୍ରୀଙ୍କ ବଡ଼ ସଫଳତା

ବାରିପଦା,୪।୮ (ସମିସ):

ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲ୍ଲାର ଶିକ୍ଷା କ୍ଷେତ୍ରରେ ଏକ ବଡ଼ ସଫଳତା ମିଳିଛି। ଜିଲ୍ଲା ପ୍ରଶାସନର ଉଦ୍ୟମ ଫଳରେ ପ୍ରାୟ ୪୦ ଜଣ ଆଦିବାସୀ ଛାତ୍ରଛାତ୍ରୀ ଇଞ୍ଜିନିୟରିଂ କଲେଜରେ ଆସନ ନିଶ୍ଚିତ କରିଛନ୍ତି। ଏଥିମଧ୍ୟରୁ ଦୁଇଜଣ ଜାତୀୟ ପ୍ରଯୁକ୍ତି ସଂସ୍ଥାନ (ଏନଆଇଟି)ରେ ସ୍ଥାନ ପାଇଥିବାରୁ ଶିକ୍ଷା କ୍ଷେତ୍ରରେ ଏକ ବଡ ସଫଳତା ହାସଲ ହୋଇଛି।

ସୂଚନା ମୁତାବକ, ଜିଲ୍ଲା ପ୍ରଶାସନର ଶିକ୍ଷା କାର୍ଯ୍ୟକ୍ରମ "ମେଧାବୀ ମୟୂରଭଞ୍ଜ' ଅଧୀନରେ ଏହି ଉଦ୍ୟମ ଜିଲ୍ଲାପାଳ ଆରମ୍ଭ କରିଥିଲେ। ଏହା ପ୍ରାଥମିକ ଶିକ୍ଷାରୁ ଉଚ୍ଚମାଧ୍ୟମିକ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାର ମାନ ଓ ସାକ୍ଷରତା ସ୍ତର ଉନ୍ନତ କରିବା ପାଇଁ ଲକ୍ଷ୍ୟ ରଖିଛି। ଏହି କାର୍ଯ୍ୟକ୍ରମ ଅଧୀନରେ "ଆଚିଭର୍ସ' ନାମକ ଏକ ବିଶେଷ ପଦକ୍ଷେପ ଆରମ୍ଭ କରାଯାଇଥିଲା, ଯଦ୍ୱାରା ଆଦିବାସୀ ଛାତ୍ରୀଛାତ୍ରଙ୍କୁ ଇଞ୍ଜିନିୟରିଂ ଓ ମେଡିକାଲ୍ ଭଳି ବୃତ୍ତିଗତ ପାଠ୍ୟକ୍ରମର ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ କରାଯାଉଛି। ଏ ନେଇ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏ କହିଛନ୍ତି, ଆଦିବାସୀ ଛାତ୍ରଛାତ୍ରୀଙ୍କୁ ଭଲ ସୁଯୋଗ ଦେବା ପାଇଁ କେନ୍ଦ୍ରୀୟ କୋଚିଂ ଓ ଶିକ୍ଷା ସହାୟତା ମାଧ୍ୟମରେ ଏହି ପଦକ୍ଷେପ ଆରମ୍ଭ



କରାଯାଇଥିଲା। 'ମେଧାବୀ ମୟୂରଭଞ୍ଜ' ଅଧୀନରେ ଆମେ "ଆଚିଭର୍ସ' ନାମକ ଆଉଏକ ପଦକ୍ଷେପ ଆରମ୍ଭ କରିଥିଲୁ । ଗତବର୍ଷ ଆରମ୍ଭ କରିଥିବାରୁ ପ୍ରାୟ ୧୬ରୁ ୧୭ ଜଣ ଛାତ୍ର ଇଞ୍ଜିନିୟରିଂ କଲେଜରେ ଭର୍ତ୍ତି ହୋଇଥିଲେ। ଏବର୍ଷ ଆମେ ଏହାକୁ ଜାରି ରଖିଛୁ ଓ ଚୟନ ପ୍ରକ୍ରିୟାକୁ ଅଧିକ ମଜବୁତ କରିଛୁ ବୋଲି କହିଛନ୍ତି। ଏଥିରେ ବାଙ୍ଗିରିପୋଷିରେ ଏକଲବ୍ୟ ମଡେଲ ରେସିଡେନ୍ସିଆଲ୍ ସ୍କୁଲ୍ (ଇଏମଆରଏସ୍) ଓ ଏସଏସଡି ବିଭାଗ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପାଇଁ କୋଚିଂ ସୁବିଧା ଯୋଗାଇ ଦିଆଯାଇଥିଲା। ପ୍ରବେଶିକା ପରୀକ୍ଷା ମାଧ୍ୟମରେ ଛାତ୍ର ଚୟନ କରାଯାଇଥିଲା। ପ୍ରାୟ ୪୦ରୁ ୫୦ ଜଣଙ୍କୁ ମେଡିକାଲ୍ ଓ ଇଞ୍ଜିନିୟରିଂ ପ୍ରବେଶିକା ପରୀକ୍ଷା ପାଇଁ ମାଗଣା ଖାଦ୍ୟ ଓ କୋଚିଂ ସୁବିଧା ଦିଆଯାଇଥିଲା। କାଉନସେଲିଂ ମାଧ୍ୟମରେ ଏ ପର୍ଯ୍ୟନ୍ତ ପ୍ରାୟ ୪୦ ଜଣ ଛାତ୍ର ସିଭିଲ୍ ଇଞ୍ଜିନିୟରିଂ, ମେକାନିକାଲ୍ ଇଞ୍ଜିନିୟରିଂ ଓ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂ ଭଳି ଶାଖାରେ

**● ୪୦ ଜଣଙ୍କ ଇଞ୍ଜିନିୟରିଂ କଲେଜରେ ଆସନ ନିଶ୍ଚିତ**

**● ଦୁଇଜଣ ଏନ୍‌ଆଇଟିରେ ସ୍ଥାନ ପାଇଲେ**

ଇଞ୍ଜିନିୟରିଂ କଲେଜରେ ଭର୍ତ୍ତି ପାଇଁ ଚୟନ ହୋଇଛନ୍ତି। ଏଥିମଧ୍ୟରୁ ଦୁଇଜଣ ଏନଆଇଟିରେ ସ୍ଥାନ ପାଇଛନ୍ତି। ଅନ୍ୟମାନେ ରାଜ୍ୟ ଇଞ୍ଜିନିୟରିଂ କଲେଜରେ ଚୟନ ହୋଇଛନ୍ତି। ଅଦ୍ୟାବଧି କାଉନସେଲିଂ ଚାଲିଛି ଓ ଆହୁରି ଅଧିକ ଚୟନ ହେବ ବୋଲି ଆଶା କରାଯାଉଛି।

ଗତବର୍ଷ ପ୍ରାୟ ୧୬-୧୭ ଜଣ ଛାତ୍ର ଆସନ ନିଶ୍ଚିତ କରିଥିବାବେଳେ ଏବର୍ଷ ସଂଖ୍ୟା ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି। ଏନଆଇଟି ଜାମସେଦପୁରରେ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂରେ ଆସନ ପାଇଥିବା ଜଣେ ଛାତ୍ର ଏକ କୃଷକ ପରିବାରର ଅଟନ୍ତି। ଗ୍ରାମୀଣ ଓ ଆର୍ଥିକ ଦୁର୍ବଳ ପୃଷ୍ଠଭୂମିରୁ ଆସିଥିବା ଛାତ୍ରୀଛାତ୍ରଙ୍କ ପାଇଁ ଏହା ଏକ ବଡ଼ ମାଇଲଖୁଣ୍ଟ ବୋଲି ଜିଲ୍ଲାପାଳ କହିଛନ୍ତି। ପରବର୍ତ୍ତୀ ସମୟରେ ଆମେ ଏନଆଇଟି ଚୟନ ସଂଖ୍ୟା ବଢ଼ାଇବାକୁ ଚେଷ୍ଟା କରିବୁ। ଏନଆଇଟିରେ ସ୍ଥାନ ପାଇବା ସେମାନଙ୍କ ପାଇଁ ଏକ ବିଶାଳ ସଫଳତା। ଏହା ତାଙ୍କ ଭବିଷ୍ୟତ ସୁରକ୍ଷିତ କରେ, ପରବର୍ତ୍ତୀ ପିଢ଼ିର ଜୀବନଧାରଣ ସ୍ତର ଉନ୍ନତ କରେ ଓ ସମାଜକୁ ମୁଖ୍ୟଧାରାରେ ଆଣିବାରେ ସାହାଯ୍ୟ କରିବ ବୋଲି ଆଶା କରିଛନ୍ତି। ଜିଲା ପ୍ରଶାସନ ପିଏମ-ଜନମାନ୍ ଓ ଆଦି କର୍ମଯୋଗୀ ଅଭିଯାନ ଭଳି କେନ୍ଦ୍ରୀୟ ଯୋଜନା ମାଧ୍ୟମରେ ଆଦିବାସୀ ଶିକ୍ଷା ଭିତ୍ତିଭୂମି ଉନ୍ନତ କରିବା ଦିଗରେ ମଧ୍ୟ କାର୍ଯ୍ୟ କରୁଛି। ଏହି ଛାତ୍ରୀଛାତ୍ରଙ୍କ ସଫଳତା ମୟୂରଭଞ୍ଜର ଗାଁଗୁଡ଼ିକର ଅନ୍ୟ ପିଲାମାନଙ୍କୁ ଉଚ୍ଚ ଶିକ୍ଷା ଓ ବୃତ୍ତିଗତ କ୍ୟାରିୟର୍ ଆଡ଼କୁ ଆଗେଇବା ପାଇଁ ପ୍ରେରଣା ଦେଉଛି। ପ୍ରଶାସନ ମେଡିକାଲ୍ ପ୍ରବେଶିକା ପ୍ରସ୍ତୁତି ଉପରେ ମଧ୍ୟ ଧ୍ୟାନ ଦେଉଛି, ଯାହା ଦ୍ୱାରା ଆଗାମୀ ବର୍ଷଗୁଡ଼ିକରେ ଏହି ଅଞ୍ଚଳର ଛାତ୍ରୀଛାତ୍ର ସରକାରୀ ମେଡିକାଲ୍ କଲେଜରେ ଆସନ ନିଶ୍ଚିତ କରିପାରିବେ।



# ଭୁବନେଶ୍ୱର ସିଟି

# ରାସ୍ତାକଡ଼ର ଆକର୍ଷଣ: ପୁରୁଣା ଟାୟାର କଳାକୃତି

ଭୁବନେଶ୍ୱର, ୪।୮ (ସମିସ): କେଉଁ ଛକରେ ବାଜା ଧରିଥିବା ବିଶାଳ ଭାଲୁର ମଡେଲ ତ କେଉଁ ଛକରେ ଚିଲ ଏବଂ ମାଙ୍କଡ ତ ଆଉ କେଉଁଠି ଶମ୍ବର ମଡେଲ ଲଗାଯାଇଛି। ଯାହା ସେହି ବାଟ ଦେଇ ଯାତାୟତ କରୁଥିବା ଲୋକଙ୍କୁ ବେଶ୍ ଆକର୍ଷିତ କରୁଛି। କେବଳ ସେତିକି ନୁହଁ ବରଂ ସେଲ୍ଫି ନେବାକୁ ମଧ୍ୟ ଘଡିଏ ଅଟକି ଯାଉଛନ୍ତି। ସବୁଠୁ ବଡ କଥା ହେଲା ଏହିସବୁ ମଡେଲ ଅନାବଶ୍ୟକ ତଥା ଖରାପ ଟାୟାରରୁ ତିଆରି ହୋଇଥିବା ଜଣାପଡିଛି।



## ପଶୁପକ୍ଷୀଙ୍କ ମଡେଲ ସହ ସେଲ୍ଫି ନେବାକୁ ଭିଡ଼

ନିକଟ କିଛି ମାସ ତଳେ ରାଜଧାନୀର ପ୍ରମୁଖ ସ୍ଥାନ ତଥା ବରମୁଣ୍ଡା ବସଷ୍ଟାରୁ ଖଣ୍ଡଗିରି ଆଡେ ଗଲେ ଦେଖିବାକୁ ମିଳୁଛି ଏହିସବୁ ଆକର୍ଷଣୀୟ ମଡେଲ। ଯାହା ଏବେ ଲୋକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ବିଏମ୍‌ସି ଦ୍ୱାରା କିଛି ପ୍ରମୁଖ ସ୍ଥାନ ଗୁଡିକରେ ଆକର୍ଷିତ କଳାଭଳି ଉପକରଣ ଲଗାଯାଇଛି। ହେଲେ ସେସବୁ ଉପକରଣ କେଉଁଥିରୁ ତିଆରି ହୋଇଛି ଏବଂ କିଏ ତିଆରି କରିଛି ହୁଏତ କିଏ ଜାଣିଥିବେ। ଏହି ମଡେଲଗୁଡିକ ଅଦରକାରୀ ତଥା ପୁରୁଣା ଟାୟାରରେ ହିଁ ନିର୍ମିତ ହୋଇଛି। ଯାହା ଶୁଣିଲେ ଟିକେ ଆଶ୍ଚର୍ଯ୍ୟ ଲାଗୁଥାଇପାରେ ହେଲେ ଏପରି ନିଆରା ପ୍ରୟାସ କରିଛନ୍ତି ପ୍ରିୟରଞ୍ଜନ ବରାଳ। ଏହା ତାଙ୍କ ପାଇଁ କୌଣସି ନୂଆ ନୁହଁ କାରଣ ଦୀର୍ଘ ବର୍ଷ ହେବ ସେ ଏଭଳି କଳାକୃତି କରୁଛନ୍ତି। ଯାହାର ଉଦାହରଣ ରାଜଧାନୀର ବରମୁଣ୍ଡାରେ ଲାଗିଥିବା ଭାଲୁ, ଚିଲ ଏବଂ ମାଙ୍କଡ ମଡେଲ, ମଧୁସୂଦନ ପାର୍କ ପରିସରରେ ଏହିଭଳି ଦୁଇଟି ମଡେଲ ଏବଂ ଜନପଥସ୍ଥିତ ଏକ ସ୍କୁଲ ନିକଟରେ ପୁସ୍ତକ ପଢୁଥିବା ଏକ ପିଲାର ମଡେଲ ସେ ତିଆରି କରିଛନ୍ତି। ଏହି ସମସ୍ତ ମଡେଲକୁ ସେ ଟାୟାରରେ ହିଁ ତିଆରି କରିଛନ୍ତି। ପ୍ରତି ମଡେଲ ପିଛା ତାଙ୍କୁ ୧୫ ଦିନ ସମୟଲାଗିଥିବାବେଳେ ମୋଟ ୬ଟି ମଡେଲ ସେ ତିଆରି କରିଛନ୍ତି। ଏହିସବୁ ମଡେଲ ତିଆରି ପାଇଁ ପାଖାପାଖି ୮ ଟ୍ରିପ୍ ଟାୟାର ବ୍ୟବହାର ହୋଇଛି। ଯାହା ବିଏମସି ପକ୍ଷରୁ ସଂଗ୍ରହକରି ତାଙ୍କୁ ପ୍ରଦାନ କରାଯାଇଥିଲା। ଏହିସବୁ ମଡେଲ ସେ ତମାଣ୍ଡୋ ସ୍ଥିତ ତାଙ୍କ ୱାର୍କସପରେ ତିଆରି କରିଥାନ୍ତି। ସଂଗ୍ରହ କରିବା ପରେ, ଆଇରନ ଫ୍ରେମକରି



ସେଥିରେ ଟାୟାରର କଟ୍‌ପିସ୍‌କୁ ନଟ୍ ସାହାଯ୍ୟରେ ଏହାକୁ ପ୍ରସ୍ତୁତ କରାଯାଇଥିବା ସେ କହିଛନ୍ତି। ଏହା ବ୍ୟତୀତ ସେ ବିଭିନ୍ନ ଜିଲ୍ଲାକୁ ମଧ୍ୟ ତାଙ୍କ ତିଆରି ମଡେଲ ଅର୍ଡର ମୁତାବିକ ପଠାଇଥାନ୍ତି। ଯାହା ବିଭିନ୍ନ ପାର୍କରେ ସୌନ୍ଦର୍ଯ୍ୟୀକରଣ କାମରେ ବ୍ୟବହାର ହୋଇଥାଏ।

# ପୁଣ୍ୟତିଥିରେ ନନ୍ଦିନୀଙ୍କୁ ବିଜେଡିର ଶ୍ରଦ୍ଧାଞ୍ଜଳି




ଭୁବନେଶ୍ୱର, ୪।୮ (ସମିସ): ପ୍ରଶାସନିକ ଏବଂ ସାଂଗଠନିକ କ୍ଷେତ୍ରରେ ଅନେକ ଐତିହାସିକ ସଂସ୍କାର ଆଣିଥିଲେ ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ। ସେ ଥିଲେ ଓଡ଼ିଶାର ପ୍ରଥମ ଓ ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀ। ସେ ଏକ ସଂଘର୍ଷପୂର୍ଣ୍ଣ ରାଜନୈତିକ ଜୀବନ ଅତିବାହିତ କରି ମଧ୍ୟ ସେ ଜଣେ ଉଚ୍ଚମାନର ସାହିତ୍ୟିକ ଓ ସାରସ୍ୱତ ସାଧିକା ଭାବେ ନିଜକୁ ଜନସାଧାରଣଙ୍କ ମଧ୍ୟରେ ବେଶ ପ୍ରତିଷ୍ଠିତ କରିପାରିଥିଲେ ବୋଲି ମଙ୍ଗଳବାର ତାଙ୍କର ପୁଣ୍ୟତିଥିରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ରାଜଭବନ ଛକଠାରେ ଅବସ୍ଥିତ ତାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥଳରେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ଦ୍ୱାରା ତାଙ୍କର ପୁଣ୍ୟତିଥି ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଆହ୍ୱାନ କରିଥିଲେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି। ଅନ୍ୟମାନଙ୍କ ମଧ୍ୟରେ ପୃଥ୍ୱୀରାଜ କିଶୋର ପ୍ରତାପ ସିଂ, ପଣ୍ଡିତ ଗିରିଜା ଶଙ୍କର ମହାପାତ୍ର, ଅଶୋକ ମହାନ୍ତି, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତ୍ରଙ୍କ ସଂ, ସୁରଜିତ ପରିଡ଼ା, ମିହିର କୁମାର ରଥ ଶର୍ମା, ସଂଯୁକ୍ତା ପାଣିଗ୍ରାହୀ, ଅମିତ୍ ପାତାଳ ସିଂ ପ୍ରମୁଖ ଯୋଗଦେଇ ଜନନେତ୍ରୀଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

# ସ୍ୱଭାବ କବିଙ୍କ ପୌତ୍ରବଧୂ ପ୍ରେମଶୀଳା ମେହେରଙ୍କ ସ୍ମୃତିସଭା

● କବି ପରିବାରର ଐତିହ୍ୟ ଓ ସଂସ୍କୃତିର ସୁରକ୍ଷା ପ୍ରେମଶୀଳାଙ୍କ ଶ୍ରେଷ୍ଠ ଅବଦାନ



ଭୁବନେଶ୍ୱର, ୪।୮ (ସମିସ): ସ୍ୱଭାବ କବିଙ୍କ ପୌତ୍ରବଧୂ ପ୍ରେମଶୀଳା ମେହେରଙ୍କ ଏକାଦଶାହ ଅବସରରେ ଗଜପତି ନଗର ପ୍ରେସ୍ ଛକସ୍ଥିତ ମା' ଦକ୍ଷିଣ କାଳୀ ମନ୍ଦିର ପରିସରରେ ମଙ୍ଗଳବାର ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଡ. ସୁଶୀଲ କୁମାର ବାଗଙ୍କ ସଂଯୋଜନରେ ଅନୁଷ୍ଠିତ ସ୍ମୃତିସଭାରେ ପ୍ରଫେସର ଆଦିକନ୍ଦ ସାହୁ, ବରପାଲି କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ବିନୋଦାନନ୍ଦ ସାହୁ, ପୂର୍ବତନ ପ୍ରଶାସକ ଗଙ୍ଗାଧର ମହାନନ୍ଦ, ବାଦ୍ଧଶିଳ୍ପୀ ସୁରେନ୍ଦ୍ର ମେହେର ପ୍ରମୁଖ ସ୍ୱର୍ଗତା ମେହେରଙ୍କ ଜୀବନ ଓ ବ୍ୟକ୍ତିତ୍ୱର ମହନୀୟ ଦିଗ ଉପରେ ଆଲୋକପାତ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ 'ସ୍ୱୟଂସିଦ୍ଧା ଫାଉଣ୍ଡେସନ୍' ପକ୍ଷରୁ ପ୍ରକାଶିତ ସ୍ମରଣିକା 'ତପସ୍ୱିନୀ ପ୍ରେମଶୀଳା'କୁ ଅତିଥି ଓ କବି ପରିବାରର ସଦସ୍ୟମାନେ ଉନ୍ମୋଚନ କରିଥିଲେ। ଶେଷରେ କବିଙ୍କ ପ୍ରପୌତ୍ର ମହେନ୍ଦ୍ର କୁମାର ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସ୍ମୃତିସଭାରେ ଅନ୍ୟମାନଙ୍କ ମଧ୍ୟରେ କବିଙ୍କ ପ୍ରପୌତ୍ର ତଥା ସ୍ୱର୍ଗତା ମେହେରଙ୍କ ସୁପୁତ୍ର ପ୍ରଫେସର ମଣୀନ୍ଦ୍ର କୁମାର ମେହେର, ଗାଳ୍ପିକା ଜୟନ୍ତୀ ରଥ, ଗାଳ୍ପିକ ଅରବିନ୍ଦ ରାୟ, ସ୍ତମ୍ଭକାର ପ୍ରୀତିଶ ଆଚାର୍ଯ୍ୟଙ୍କ ସମେତ ବହୁ ସାହିତ୍ୟିକ, ଗବେଷକ, ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ।

# ପରିବେଶ ସୁରକ୍ଷା ପାଇଁ ଓଡ଼ିଆ ଝିଅଙ୍କୁ 'ପ୍ରାଇଡ୍ ଅଫ୍ ଇଣ୍ଡିଆ'

ଭୁବନେଶ୍ୱର, ୪।୮ (ସମିସ): ଗ୍ରୀନ୍ ଉଦ୍ୟୋଗ ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ନିଜର ଅସାଧାରଣ ଯୋଗଦାନ ପାଇଁ ୧୩ବର୍ଷୀୟା ଜଳବାୟୁ କର୍ମୀ ମୋକ୍ଷା ଧୃତି ପାଣିଗ୍ରାହୀଙ୍କୁ 'ପ୍ରାଇଡ୍ ଅଫ୍ ଇଣ୍ଡିଆ-୨୦୨୬' ସମ୍ମାନରେ ସମ୍ମାନୀତ କରାଯାଇଛି। ଗ୍ରୀନ୍ ଷ୍ଟାର୍ଟଅପ୍ ବର୍ଗରେ ତାଙ୍କୁ ଏହି ସମ୍ମାନ ମିଳିଛି। ନୂଆଦିଲ୍ଲୀଠାରେ ଆୟୋଜିତ 'ପ୍ରାଇଡ୍ ଅଫ୍ ଭାରତ ଲିଡରସିପ୍ ସମିଟ୍-୨୦୨୬' ଅବସରରେ କେନ୍ଦ୍ର ଏମଏସଏମ୍ଇ ମନ୍ତ୍ରୀ ଜିତନ୍ ରାମ ମାଞ୍ଝୀ, ସାଂସଦ ଏବଂ ସେସେଲ୍‌ସର ହାଇକମିଶନରଙ୍କ ଉପସ୍ଥିତିରେ ମୋକ୍ଷାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ସୂଚନା ଅନୁସାରେ, ମୋକ୍ଷା ହେଉଛନ୍ତି ଗଜପତି ଜିଲ୍ଲା ପାରଳାଖେମୁଣ୍ଡିର ବିଧାୟକ ରୂପେଶ କୁମାର ପାଣିଗ୍ରାହୀ ଏବଂ ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ ନିର୍ଦ୍ଦେଶିକା ଏବଂ ଟ୍ରଷ୍ଟି ମଧୁମିତା ତ୍ରିପାଠୀଙ୍କ ଜ୍ୟେଷ୍ଠ କନ୍ୟା। ବର୍ତ୍ତମାନ ସେ 'ଅର୍ଥ ଆଗେନ୍ ମୁଭମେଣ୍ଟ', 'ଦି ଚାଇଲ୍ଡ ମୁଭମେଣ୍ଟ' ଏବଂ 'ସିଟିବିଟିଓ ୟୁଥ୍ ଗ୍ରୁପ୍' ର ଜଣେ ସକ୍ରିୟ ସଦସ୍ୟା ଭାବେ କାର୍ଯ୍ୟ କରି ସାରା ଦେଶରେ ପରିବେଶ ସଚେତନତାରେ ବିଶାଳ ପରିବର୍ତ୍ତନ ଆଣିଛନ୍ତି। ମୋକ୍ଷାଙ୍କର ଏହି ଜାତୀୟସ୍ତରର ସମଗ୍ର ଓଡ଼ିଶା ପାଇଁ ଗୌରବ ଆଣିଦେବା ସହ




ଏକ ସୁସ୍ଥ, ସବୁଜ ଓ ସ୍ଥାୟୀ ଭବିଷ୍ୟତ ଗଠନ ଦିଗରେ ଯୁବପିଢ଼ୀଙ୍କୁ ନିଶ୍ଚିତ ଭାବେ ପ୍ରେରଣା ଯୋଗାଇବ ବୋଲି ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ ଓ ମ୍ୟାନେଜିଂ ଟ୍ରଷ୍ଟି ସୁରେଶ ପାଣିଗ୍ରାହୀ, ନିର୍ଦ୍ଦେଶକ ଡାକ୍ତର ପାଣିଗ୍ରାହୀ କହିଛନ୍ତି।

# ଅଢ଼େଇ ବର୍ଷ ହେଲା ଗଠନ ହୋଇପାରୁନି ପଛୁଆବର୍ଗ କମିସନ

## ମୁଖ୍ୟ ସଚିବଙ୍କୁ ଭେଟିଲା ଓବିସି ଫୋରମ୍

ଭୁବନେଶ୍ୱର, ୪।୮ (ସମିସ): ରାଜ୍ୟରେ ପଛୁଆବର୍ଗ କମିଶନ ପୁନଃ ଗଠନ, ପଛୁଆବର୍ଗଙ୍କୁ ଶିକ୍ଷା, ନିଯୁକ୍ତିରେ ୨୭ ପ୍ରତିଶତ ସଂରକ୍ଷଣ ଓ ଆସନ୍ତା ତ୍ରିସ୍ତରୀୟ ପଞ୍ଚାୟତ ଓ ମ୍ୟୁନିସିପାଲ ନିର୍ବାଚନରେ ଓବିସିଙ୍କୁ ୨୭ ପ୍ରତିଶତ ସଂରକ୍ଷଣ ଦାବି କରି ଓବିସି ଫୋରମ ରାଜ୍ୟ କମିଟି ପକ୍ଷରୁ ମଙ୍ଗଳବାର ମୁଖ୍ୟଶାସନ ସଚିବଙ୍କ ଜରିଆରେ ରାଜ୍ୟ ସରକାରଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ଫୋରମର ରାଜ୍ୟ ଅଧ୍ୟକ୍ଷ ରବି ବେହେରା ଓ ସମ୍ପାଦକ ନାରାୟଣ ଡ଼ାଲୁଆ ମୁଖ୍ୟ ସଚିବ ଅନୁ ଗର୍ଗଙ୍କୁ ଲୋକସେବା ଭବନ କାର୍ଯ୍ୟାଳୟରେ ଭେଟି ଏହି ସ୍ମାରକପତ୍ର ଦେବା ସହ ଆଲୋଚନା କରିଛନ୍ତି। ରାଜ୍ୟରେ ୧୯୯୩ ମସିହାରେ ପ୍ରଥମ ପଛୁଆ ବର୍ଗ କମିଶନ ଗଠନ ହୋଇଥିଲା। ଗତ ପଛୁଆବର୍ଗ କମିଶନଙ୍କ କାର୍ଯ୍ୟକାଳ ଆଜିକୁ ଅଢେଇ ବର୍ଷ ହେଲାଣି ସରିଲାଣି। ହେଲେ ଏଯାଏଁ ରାଜ୍ୟରେ ପଛୁଆବର୍ଗ କମିଶନ ଗଠନ ହୋଇନାହିଁ। ପଛୁଆବର୍ଗ କମିଶନ ଗଠନ ନେଇ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଏକ ଜନସ୍ୱାର୍ଥ ମାମଲା ଏପ୍ରିଲ ମାସରୁ ଦାଏର ହୋଇଥିବା ସତ୍ତ୍ୱେ ସରକାର ନିଦାବିଷ୍ଟୁ ସାଜିଛନ୍ତି। ତାରିଖ ପରେ ତାରିଖ ଗଡ଼ିଚାଲିଛି, ଫଳରେ ରାଜ୍ୟର ୫୨ଭାଗ ପଛୁଆ ବର୍ଗ ଲୋକେ ସେମାନଙ୍କ ସାମ୍ବିଧାନିକ ଅଧିକାରରୁ ବଞ୍ଚିତ ହେଉଛନ୍ତି। ତେଣୁ ସରକାର ତୁରନ୍ତ ରାଜ୍ୟରେ ପଛୁଆବର୍ଗ କମିଶନ ପୁନଃ ଗଠନ କରିବାକୁ ଓବିସି ଫୋରମ ପକ୍ଷରୁ ମୁଖ୍ୟ ସଚିବଙ୍କ ପାଖରେ ଦାବି କରାଯାଇଛି। ସେହିଭଳି ରାଜ୍ୟରେ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ପଛୁଆ ବର୍ଗଙ୍କୁ ମାତ୍ର ୧୧.୨୫ ପ୍ରତିଶତ ସଂରକ୍ଷଣ ଦିଆଯାଉଛି। କିନ୍ତୁ କେନ୍ଦ୍ର ସରକାର ଓବିସିମାନଙ୍କୁ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ୨୭ ପ୍ରତିଶତ ସଂରକ୍ଷଣ ଦେଉଛନ୍ତି। ମୁଖ୍ୟ ସଚିବ ସ୍ମାରକପତ୍ର ଗ୍ରହଣ କରି ଏ ଦିଗରେ ଆଇନ୍ ଅନୁଯାୟୀ ପଦକ୍ଷେପ ନେବେ ବୋଲି ପ୍ରତିନିଧିମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

# ଏସ୍‌ସିବିରେ ଅଙ୍ଗଦାନ ସଚେତନତା




ଭୁବନେଶ୍ୱର, ୪।୮ (ସମିସ): ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲର ୟୁରୋଲୋଜି ଓ ରେନାଲ ଟ୍ରାନ୍ସପ୍ଲାଣ୍ଟ ବିଭାଗ ପକ୍ଷରୁ ନେଫ୍ରୋଲୋଜି ବିଭାଗ ଏବଂ ସୋଟୋ ଓଡ଼ିଶାର ସହଯୋଗରେ ନୂତନ ଅଡିଟୋରିୟମରେ ଜାତୀୟ ଅଙ୍ଗଦାନ ଦିବସ ପାଳିତ ହୋଇଯାଇଛି। ଡିଏମ୍ଇଟି ପ୍ରଫେସର ଦୁର୍ଗାମାଧବ ଶତପଥୀ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଯୁଗ୍ମ ଡିଏମ୍ଇଟି ପ୍ରଫେସର ଅନିଲ ସାହୁ, ଡିନ୍ ଓ ପ୍ରିନ୍ସିପାଲ ପ୍ରଫେସର ପ୍ରତିଭା ପଣ୍ଡା, ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଜ୍ୟୋତିଶ ଚୌଧୁରୀ, ନେଫ୍ରୋଲୋଜି ବିଭାଗର ଭାରପ୍ରାପ୍ତ ମୁଖ୍ୟ ପ୍ରଫେସର ଜୟନ୍ତ ପଣ୍ଡା ଏବଂ ୟୁରୋଲୋଜି ଓ ରେନାଲ ଟ୍ରାନ୍ସପ୍ଲାଣ୍ଟ ବିଭାଗର ମୁଖ୍ୟ ପ୍ରଫେସର ସମୀର ସ୍ୱାଇଁ ଉପସ୍ଥିତ ଥିଲେ। ଏହି ଅବସରରେ ଅଙ୍ଗଦାନ ଉପରେ ଏକ ସିମ୍ପୋଜିୟମ୍ ଆୟୋଜିତ ହୋଇଥିଲା। ସାମାଜିକ ସଂଗଠନ, ସ୍ୱେଚ୍ଛାସେବୀ ସଂସ୍ଥା, ଗଣମାଧ୍ୟମ ଓ ସିନେ ଜଗତର ବ୍ୟକ୍ତିତ୍ୱମାନଙ୍କ ଭୂମିକା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ସମାଜସେବୀ କୈଳାଶ ପଣ୍ଡା, ହରିହର ମହାପାତ୍ର ମଧ୍ୟ ଯୋଗଦେଇ ଅଙ୍ଗଦାନର ମହତ୍ତ୍ୱ ଉପରେ ମତ ରଖିଥିଲେ। ଉଦ୍‌ଘାଟନୀ ଅଧିବେଶନରେ ଅଙ୍ଗଦାତାଙ୍କ ପରିବାର ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଡା. ସଞ୍ଜୟ ଚୌଧୁରୀ ଓ ୟୁରୋଲୋଜି ବିଭାଗର ଟିମ୍ ପରିଚାଳନା କରିଥିଲେ। ୪୦୦ ଜଣ ଡାକ୍ତର, ନର୍ସିଂ କର୍ମଚାରୀ, ଫାର୍ମାସିଷ୍ଟ, ଟେକ୍ନିସିଆନ୍ ଓ ଅନ୍ୟାନ୍ୟ ପାରାମେଡିକାଲ କର୍ମଚାରୀ ଏଥିରେ ଯୋଗଦେଇଥିଲେ।

# ନ୍ୟାସ୍‌ନାଲ୍ ଗ୍ରୀନ୍ ୟୁନିଭର୍‌ସିଟି ରାଙ୍କିଙ୍ଗ୍; ତୃତୀୟ ସ୍ଥାନରେ କିସ୍

ଭୁବନେଶ୍ୱର, ୪।୮ (ସମିସ): ନ୍ୟାସ୍‌ନାଲ୍ ଗ୍ରୀନ୍ ୟୁନିଭର୍‌ସିଟି ରାଙ୍କିଙ୍ଗ୍ ୨୦୨୬ରେ କିସ୍ ବିଶ୍ୱବିଦ୍ୟାଳୟ ସମଗ୍ର ଭାରତରେ ତୃତୀୟ ସ୍ଥାନ ଅଧିକାର କରିଛି। ଆମେରିକା ଓ ଭାରତରେ ପଞ୍ଜୀକୃତ ବିଶ୍ୱସ୍ତରୀୟ ଗ୍ରୀନିଂ ଏଜୁକେସନ୍ ସଂଗଠନ 'ଗ୍ରୀନ୍ ମେଣ୍ଟର୍ସ' ପକ୍ଷରୁ ପ୍ରସ୍ତୁତ ଓ ପ୍ରକାଶିତ ଏହି ରାଙ୍କିଙ୍ଗ୍‌ରେ ଭାରତର ବିଭିନ୍ନ ବିଶ୍ୱବିଦ୍ୟାଳୟଗୁଡିକୁ ସେମାନଙ୍କର ସ୍ଥାୟୀ ବିକାଶ ଓ ପରିବେଶ-ଅନୁକୂଳ କାର୍ଯ୍ୟକ୍ରମ ଆଧାରରେ ମୂଲ୍ୟାୟନ କରାଯାଇଛି। ଏଥିରେ ସବୁଜ ଭିତ୍ତିଭୂମି, ବର୍ଜ୍ୟବସ୍ତୁ ପରିଚାଳନା, ଶକ୍ତି ସଂରକ୍ଷଣ, ବର୍ଷାଜଳ ସଂରକ୍ଷଣ ଏବଂ ପରିବେଶ ଶିକ୍ଷାକୁ ପାଠ୍ୟକ୍ରମରେ ସାମିଲ କରିବା ଭଳି ବିଭିନ୍ନ ମାନଦଣ୍ଡକୁ ବିଚାରକୁ ନିଆଯାଇଛି। 'ଗ୍ରୀନ୍ ମେଣ୍ଟର୍ସ'କୁ ଜାତିସଂଘର ଆର୍ଥିକ ଓ ସାମାଜିକ ପରିଷଦ ପକ୍ଷରୁ ସ୍ପେଶାଲ୍ କନସଲଟେଟିଭ୍ ଷ୍ଟାଟସ୍ ପ୍ରଦାନ କରାଯିବା ସହ ମିଳିତ ଜାତିସଂଘର ଗ୍ରୀନିଂ ଏଜୁକେସନ୍ ପାର୍ଟନରସିପର ସହଭାଗୀ ଏବଂ ଜାତିସଂଘର ଆର୍ଥିକ ଓ ସାମାଜିକ ବ୍ୟାପାର ବିଭାଗ ଅଧୀନରେ ଥିବା ହାୟର ଏଜୁକେସନ୍ ସଷ୍ଟେନେବିଲିଟି ଇନିସିଏଟିଭ୍‌ର ମଧ୍ୟ ସଦସ୍ୟ ରହିଛି। ଏହି ସଫଳତାରେ ଖୁସି ବ୍ୟକ୍ତ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି, ପ୍ରାରମ୍ଭରୁ କିଟ୍ ଓ କିସ୍ ପରିବେଶ ସୁରକ୍ଷା ଏବଂ ସବୁଜ ପଦକ୍ଷେପକୁ ସର୍ବୋଚ୍ଚ ପ୍ରାଥମିକତା ଦେଇଆସୁଛି। ଏହି କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ କିସ୍ ଦେଶ-ବିଦେଶର ବିଭିନ୍ନ ସଂସ୍ଥା ପକ୍ଷରୁ ସମ୍ମାନିତ ହୋଇଛି ବୋଲି ଶ୍ରୀ ସାମନ୍ତ କହିଛନ୍ତି।

# ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ପକ୍ଷରୁ ପୁସ୍ତକ ଲୋକାର୍ପିତ

ଭୁବନେଶ୍ୱର, ୪।୮ (ସମିସ): ଲେଖକର ବକ୍ତବ୍ୟ ତା ଲେଖାରେ ପ୍ରତିଫଳିତ ହୋଇଥାଏ। ପ୍ରତି ଲେଖା ଭିନ୍ନ ଭିନ୍ନ ଭାବରେ ପାଠକଙ୍କ ଦ୍ୱାରା ବିଚାର କରାଯାଏ ବୋଲି ଅତିଥିମାନେ ମତ ଦେଇଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ଗୀତଗୋବିନ୍ଦ ସଦନରେ ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାହିତ୍ୟକ ନନ୍ଦ କିଶୋର ସିଂହଙ୍କ ଲିଖିତ 'ଓଡ଼ିଆ ମୁଁ ଓଡ଼ିଆ' ଓ ଡ଼. ଅଶୋକ କୁମାର ସିଂହଙ୍କ ଲିଖିତ 'ଦି ଗ୍ରାମାର ଅଫ୍ ଡିକେ' ଲୋକାର୍ପିତ ହୋଇଛି। କାର୍ଯ୍ୟକ୍ରମରେ ପ୍ର. ଯତୀନ ନାୟକ ଅତିଥି ଭାବରେ ଯୋଗଦେଇ ଡିକେ ବା କ୍ଷୟ ମଧ୍ୟ ଆମ ଜୀବନର ଅଂଶ ଓ ଏହା ଚେତନାକୁ ଅଧିକ ରସାଣିତ କରିବାରେ ସାହାଯ୍ୟ କରିଥାଏ ବୋଲି ଉଲ୍ଲେଖ କରିଥିଲେ। ଅତିଥି ଡ଼. ନନ୍ଦ କିଶୋର ବିଶ୍ୱାଳ, ଶଙ୍କର ନାରାୟଣ ମଲ୍ଲିକ, ଲକ୍ଷ୍ମୀକାନ୍ତ ଖୁଣ୍ଟିଆ ଓ ପୁସ୍ତକଦୁଇଟି ସମ୍ପର୍କରେ ଆଲୋଚନା କରିଥିଲେ। ଡ଼. ଆଦ୍ୟାଶା ଦାସ ଓ ଅଶୋକ ସିଂହଙ୍କ ମଧ୍ୟରେ ବାର୍ତ୍ତାଳାପ ହେବା ସହ ଲେଖକଦ୍ୱୟ ସେମାନଙ୍କ ଅଭିମତ ଉପସ୍ଥାପନ କରିଥିଲେ। ଅନୁଷ୍ଠାନର ସଭାପତି ସୂର୍ଯ୍ୟ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ବହୁ କବି ଓ ଲେଖକଙ୍କ ସମେତ ଉଭୟ ପୁସ୍ତକର ପ୍ରକାଶକ ଓ ସାହିତ୍ୟପ୍ରେମୀ ଉପସ୍ଥିତ ରହିଥିଲେ। ଶେଷରେ କାର୍ଯ୍ୟକାରୀ ସଭାପତି ରକ୍ଷକ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଷ୍ଟ୍ରପତିଙ୍କୁ ଓଡ଼ିଶାର ହସ୍ତତନ୍ତ ଓ ହସ୍ତଶିଳ୍ପର କଳାକୃତି ଉପହାର ପ୍ରଦାନ କଲେ ରାଜ୍ୟପାଳ

ଭୁବନେଶ୍ୱର, ୪।୮ (ସମିସ): ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତିନି ଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ପରିପ୍ରେକ୍ଷୀରେ ମଙ୍ଗଳବାର ଦିନ ଲୋକଭବନରେ ଓଡ଼ିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ରାଷ୍ଟ୍ରପତିଙ୍କୁ ଓଡ଼ିଶାର ସମୃଦ୍ଧ ହସ୍ତତନ୍ତ ଓ ହସ୍ତଶିଳ୍ପ ପରମ୍ପରାକୁ ପ୍ରତିଫଳିତ କରୁଥିବା ସ୍ୱତନ୍ତ୍ର ଉପହାର ପ୍ରଦାନ କରିଥିଲେ। ମହାମହିମ ରାଷ୍ଟ୍ରପତିଙ୍କ ବ୍ରହ୍ମପୁର ଅଭିମୁଖେ ଗସ୍ତ ପୂର୍ବରୁ ଏହି ଉପହାର ପ୍ରଦାନ କରାଯାଇଥିଲା। ଏହି ଅବସରର ରାଜ୍ୟର ପ୍ରଥମ ମହିଳା ଡ. ଜୟଶ୍ରୀ କମ୍ଭମପାଟି ମଧ୍ୟ ଉପସ୍ଥିତ ଥିଲେ। ଉପହାରରେ ଜାତୀୟ ହସ୍ତତନ୍ତ ପୁରସ୍କାରପ୍ରାପ୍ତ ତଥା ଜିଆଇ ଟ୍ୟାଗ ସ୍ୱୀକୃତିପ୍ରାପ୍ତ ସମ୍ବଲପୁରୀ ବାନ୍ଧ ଶାଢୀ, ପିପିଲିର ପାରମ୍ପରିକ ଚାନ୍ଦୁଆ ଭେଲଭେଟ ଉତ୍ତରୀୟ ଏବଂ କଟକର ସୂକ୍ଷ୍ମ ରୂପା ତାରକସି କଳାରେ ନିର୍ମିତ ଭଗବାନ ଗଣେଶଙ୍କ ଏକ ପ୍ରତିମୂର୍ତ୍ତି ଥିଲା। ଏହି କଳାକୃତିଗୁଡିକ ଓଡ଼ିଶାର ଅତୁଳନୀୟ କାରିଗରୀ ଦକ୍ଷତା, ସମୃଦ୍ଧ ପରମ୍ପରା ଓ କଳାତ୍ମକ ଉତ୍କର୍ଷତାର ପରିଚୟ ବହନ କରିବା ସହ ରାଜ୍ୟର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ପ୍ରତିଫଳିତ କରୁଛି।

# ଚୋରି ଅଭିଯୋଗରେ ଜଣେ ଗିରଫ

ଧଉଳି, ୪।୮ (ସମିସ): ମନ୍ଦିର ଚୋରି ମାମଲାରେ ଶିଶୁପାଳଗଡ଼ ଅଞ୍ଚଳର ସୁଧାଂଶୁ ନାୟକ (୨୩) ଓରଫ ଗଦାଙ୍କୁ ଗିରଫ କରିଛି ଧଉଳି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି। ଗତ ସୋମବାର ଅପରାହ୍ନରେ ଶିଶୁପାଳଗଡ଼ସ୍ଥିତ ମା' ଯଦୁମଲ୍ଲୀ ମନ୍ଦିରର ହୁଣ୍ଡିରୁ ଟଙ୍କା ଚୋରି କରି ଜଣେ ଯୁବକ ଖସି ପଳାଇବାକୁ ଉଦ୍ୟମ କରୁଥିଲେ। ଏହି ସମୟରେ ମନ୍ଦିର ଟ୍ରଷ୍ଟର ସଦସ୍ୟମାନେ ତାଙ୍କୁ କାବୁ କରିନେଇଥିଲେ ଏବଂ ତାଙ୍କ ନିକଟରୁ ଏକ ଲୁହା ରଡ୍ ଉଦ୍ଧାର କରିଥିଲେ। ପରେ ସେମାନେ ଅଭିଯୁକ୍ତକୁ ଧଉଳି ଥାନା ପୋଲିସକୁ ହସ୍ତାନ୍ତର କରିଥିଲେ।

# ଅଧ୍ୟାପିକା ସ୍ମିତାଶ୍ରୀ ଘଡ଼ାଇଙ୍କ ବିୟୋଗରେ ସ୍ମୃତି ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୪।୮ (ସମିସ): କମଳା ନେହରୁ ମହିଳା ମହାବିଦ୍ୟାଳୟର ଇତିହାସ ବିଭାଗର ପ୍ରାଧ୍ୟାପିକା ପ୍ରଫେସର ସ୍ମିତାଶ୍ରୀ ଘଡ଼ାଇଙ୍କର ଆକସ୍ମିକ ବିୟୋଗରେ ଲୋହିଆ ଏକାଡେମୀ ପରିସରରେ ବିଭିନ୍ନ ମହାବିଦ୍ୟାଳୟ ଓ ବ୍ୟକ୍ତିବିଶେଷଙ୍କ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଗବେଷକ ତଥା ଇତିହାସବିତ୍ ପ୍ରଫେସର ନିରଞ୍ଜନ ଶତପଥୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଓ ଶିକ୍ଷାବିତ୍ ପ୍ରଫେସର ଶଶାଙ୍କ ଚୂଡ଼ାମଣି, ସମ୍ମାନିତ ବକ୍ତା ଭାବରେ ଯୋଗଦେଇ କମଳା ନେହରୁ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ର. ବିବାସିନୀ ରଥ ସ୍ୱର୍ଗତା ଘଡେଇଙ୍କର ଗୁଣାବଳୀର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ର. ସଂଧ୍ୟା ଦାସ, ପ୍ର. ସୁଲେଖା ସାମନ୍ତରାୟ, ଡ. ରମାକାନ୍ତ ମହାପାତ୍ର, ଡ. ଗିରିଧାରୀ ଦାସ ପ୍ରମୁଖ ଚର୍ଚ୍ଚା ଓ ଆଲୋଚନା କରିଥିଲେ। ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁଙ୍କ ଆବାହକତ୍ୱରେ ଓ ପ୍ରଫେସର ଦେବାଶିଷ ମହାପାତ୍ର ସଂଯୋଜନା କରିଥିଲେ। ଏହି ଶ୍ରଦ୍ଧାଞ୍ଜଳି ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ସ୍ମିତାଶ୍ରୀଙ୍କର କନ୍ୟା ଦିଶା ରାୟ, ଈଶା ରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ସମୀକ୍ଷା

# ବନ୍ୟାଞ୍ଚଳ ଦରଦାମ ନିୟନ୍ତ୍ରଣ ଉପରେ ଗୁରୁତ୍ୱାରୋପ

ଭୁବନେଶ୍ୱର, ୪।୮ (ସମିସ): ରାଜ୍ୟର ବନ୍ୟା ପ୍ରଭାବିତ ଜିଲ୍ଲାଗୁଡିକରେ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ଶୃଙ୍ଖଳ ବଜାୟ ରଖିବା ଓ ଏହାର ସହଜ ଉପଲବ୍ଧତା ଉପରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ସମୀକ୍ଷା ବୈଠକ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହଙ୍କ ଅଧ୍ୟକ୍ଷତାରେ ବିଭାଗର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ବିଭାଗୀୟ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ରଙ୍କ ପରାମର୍ଶ କ୍ରମେ ଅନୁଷ୍ଠିତ ଉକ୍ତ ବୈଠକରେ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ସବିଶେଷ ଆଲୋଚନା ହୋଇଛି। ବୈଠକରେ ରାଜ୍ୟ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ବିଭାଗୀୟ ପ୍ରମୁଖ ଅଧିକାରୀଙ୍କ ସମେତ ଭିଡିଓ କନଫରେନସିଂ ମାଧ୍ୟମରେ ସମସ୍ତ ଜିଲ୍ଲାର ଯୋଗାଣ ଅଧିକାରୀ ମାନେ ଯୋଗ ଦେଇଥିଲେ।

# ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୪।୮ (ସମିସ): ଭୁବନେଶ୍ୱରସ୍ଥିତ ଭୀମଭୋଇ ଦୃଷ୍ଟିହୀନ ବିଦ୍ୟାଳୟରେ ଜାତୀୟ ପୁରସ୍କାରପ୍ରାପ୍ତ ବିଶିଷ୍ଟ ସ୍ୱତନ୍ତ୍ର ଶିକ୍ଷାବିତ୍ ତାପସ କୁମାର ମହାନ୍ତିଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଶ୍ରୀ ମହାନ୍ତି ଦୃଷ୍ଟିବାଧିତ ଶିଶୁମାନଙ୍କ ପାଇଁ ବ୍ରେଲ୍ ୱାର୍ଡ଼ ବୁକ୍ ଭାଗ ୧ ଓ ୨, ଲର୍ଣ୍ଣିଂ ବ୍ରେଲ ଭାଗ ୧ ଓ ୨, ଅଡ଼ିଓ ଶିକ୍ଷା ସାମଗ୍ରୀ ପ୍ରସ୍ତୁତ କରି ବିଶେଷ ପରିଚିତି ଲାଭ କରିଛନ୍ତି। ତାଙ୍କ ପ୍ରଣୀତ ପୁସ୍ତକ ଏବଂ ମାଟ୍ରିକ୍ ପରୀକ୍ଷା ପାଇଁ ଅଡିଓ ଟେଷ୍ଟ ପେପର ଆଜି ମଧ୍ୟ ଦୃଷ୍ଟିବାଧିତ ଶିକ୍ଷାର୍ଥୀଙ୍କ ପାଇଁ ଉପଯୋଗୀ ହୋଇପାରିଛି। ୨୦୨୦ ମସିହାରେ ସେ ରାଷ୍ଟ୍ରପତିଙ୍କ ଠାରୁ ଜାତୀୟ ଶିକ୍ଷକ ପୁରସ୍କାର ପାଇଥିବାବେଳେ ରାଜ୍ୟ ଶିକ୍ଷକ ପୁରସ୍କାର, ଗୁରୁଶ୍ରୀ ପୁରସ୍କାର, ଏବିଲିଟି ଆୱାର୍ଡ ଓ ଦ୍ରୋଣାଚାର୍ଯ୍ୟ ରାଜ୍ୟ ପୁରସ୍କାର ସମେତ ଅନେକ ସମ୍ମାନରେ ସମ୍ମାନିତ ହୋଇଛନ୍ତି।

# ଓଡ଼ିଶା ପୁଲିସ ଏନ୍‌ଏଫ୍‌ଏସ୍‌ୟୁ ମଧ୍ୟରେ ୫ବର୍ଷିଆ ବୁଝାମଣା



ଭୁବନେଶ୍ୱର, ୪।୮ (ସମିସ): ସାଇବର ଅପରାଧର ସଠିକ ମୁକାବିଲା, ଡିଜିଟାଲ ଫରେନ୍ସିକ୍‌ରେ ଦକ୍ଷତା ବୃଦ୍ଧି ଏବଂ ବୈଜ୍ଞାନିକ ତଦନ୍ତ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ଓଡ଼ିଶା ପୁଲିସର ସିଆଇଡିକ୍ରାଇମବ୍ରାଞ୍ଚ ଏବଂ ରାଷ୍ଟ୍ରୀୟ ଫରେନ୍ସିକ ବିଜ୍ଞାନ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର ମଧ୍ୟରେ ଆଜି ଏକ ୫ ବର୍ଷିଆ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। ଓଡ଼ିଶା ପୁଲିସର ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ଉପସ୍ଥିତିରେ ଡିଜିପି, କ୍ରାଇମବ୍ରାଞ୍ଚ ବିନୟତୋଷ ମିଶ୍ର ଓ ଏନ୍‌ଏଫ୍‌ଏସ୍‌ୟୁ କ୍ୟାମ୍ପସ ନିର୍ଦ୍ଦେଶିକା, ଡ଼ଃ ପୁରବୀ ପୋଖରିୟାଲ ଏମ୍‌ଓୟୁ ସ୍ୱାକ୍ଷର କରିଥିଲେ। ପରେ ଡିଜିପି ଶ୍ରୀ ଖୁରାନିଆ "ସାଇବର ଅପରାଧ ତଦନ୍ତ ଏବଂ ଡିଜିଟାଲ ଫରେନ୍ସିକ ଶୀର୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ।

ସାଇବର ଅପରାଧ ଚ୍ୟାଲେଞ୍ଜର ମୁକାବିଲା ପାଇଁ ରାଜ୍ୟରେ ୨୦ଟି ନୂତନ ସାଇବର ଅପରାଧ ଓ ଅର୍ଥନୈତିକ ଥାନା ସ୍ଥାପନ କରାଯାଇଥିବାବେଳେ ସମସ୍ତ ଥାନାକୁ ପ୍ରାୟ ୧୫ କୋଟି ଟଙ୍କା ମୂଲ୍ୟର ଆଧୁନିକ ହାର୍ଡୱେର ଓ ସଫ୍ଟୱେର ଯୋଗାଇ ଦିଆଯାଇଛି। ଏହି ଉପକରଣଗୁଡ଼ିକର ବ୍ୟବହାର ପାଇଁ ଉନ୍ନତମାନର ପ୍ରଶିକ୍ଷଣ ଅପରିହାର୍ଯ୍ୟ ବୋଲି ସେ କହିଥିଲେ।

ଆଜିର ଏହି କାର୍ଯ୍ୟକ୍ରମରେ ନିର୍ଦ୍ଦେଶିକା ଏସଏଫଏଲ, ଡ଼. ସନ୍ତୋଷ ବାଲା, ଏନ୍‌ଏଫ୍‌ଏସ୍‌ୟୁ କ୍ୟାମ୍ପସ ନିର୍ଦ୍ଦେଶିକା, ଡ଼ଃ ପୁରବୀ ପୋଖରିୟାଲ, ଆଇଜି (କ୍ରାଇମବ୍ରାଞ୍ଚ) ଡ଼ଃ ସାର୍ଥକ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ଏନ୍‌ଏଫ୍‌ଏସ୍‌ୟୁ ଆସୋସିଏଟ ପ୍ରଫେସର, ଡ଼ଃ ବିଶ୍ୱକଲ୍ୟାଣ ଦାଶ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର, ୪।୮ (ସମିସ): ଆଶାକିରଣ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁଟ୍‌ରେ ସତ୍ୟନଗର ଲେଡିଜ୍ ଫୋରମ ଓ ମଣିପାଲ୍ ହସ୍ପିଟାଲ୍‌ର ସହଯୋଗରେ ଏକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ପ୍ରାୟ ଦୁଇଶହ ନର୍ସିଂ ଛାତ୍ରୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ମଣିପାଲ୍ ହସ୍ପିଟାଲ୍‌ର ଗାଇନୋଲୋଜିଷ୍ଟ ଡ. ଭାରତ ଭୂଷଣ ଉପସ୍ଥିତ ରହି ଛାତ୍ରୀମାନଙ୍କୁ




ହେପାଟାଇଟିସ୍ ରୋଗ ବିଷୟରେ ବିଶଦ ଭାବରେ ବୁଝାଇଥିଲେ। ଛାତ୍ରୀମାନଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ମଧ୍ୟ ଡ. ଭାରତ ଭୂଷଣ ସୁନ୍ଦର ଭାବରେ ଦେଇଥିଲେ। ଏହି ଅବସରରେ ସତ୍ୟନଗର ଲେଡିଜ୍ ଫୋରମ୍‌ର ସଦସ୍ୟା ଦୀପ୍ତି ବେହେରା, କିରଣ ବାଳା ମିଶ୍ର ଏବଂ ଶର୍ମିଷ୍ଠା କର ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ଆଶାକିରଣ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁଟ୍‌ର ଡାଏରେକ୍ଟର କମ୍ ସେକ୍ରେଟାରୀ, ପ୍ରିନ୍ସିପାଲ୍ ଓ ଡାଏରେକ୍ଟର ସହଯୋଗର ହାତ ବଢ଼ାଇଥିଲେ ବୋଲି ସତ୍ୟନଗର ଲେଡିଜ୍

# ଆର୍‌ଏସ୍‌ପି ଏଚ୍‌ଏସ୍‌ଏମ୍‌ରେ ନୂତନ ମାସିକ ରୋଲିଂ ରେକର୍ଡ

ରାଉରକେଲା, ୪।୮ (ସମିସ)



ରାଉରକେଲା ଇସ୍ପାତ କାରଖାନାର ହଟ୍ ଷ୍ଟ୍ରିପ୍ ମିଲ୍-୨ ସଦ୍ୟ ସମାପ୍ତ ଜୁଲାଇ ମାସରେ ୨,୪୮,୫୯୮ ଟନ୍ କଏଲ୍ ଓଜନର ସର୍ବାଧିକ ମାସିକ ରୋଲିଂ ରେକର୍ଡ କରି ଆଉ ଏକ ମାଇଲଖୁଣ୍ଟ ଅତିକ୍ରମ କରିଛି। ଏହା ପୂର୍ବରୁ ମାର୍ଚ୍ଚ ୨୦୨୬ ରେ ହାସଲ କରାଯାଇଥିବା ୨,୪୭,୯୯୪ ଟନର ଶ୍ରେଷ୍ଠ ରେକର୍ଡକୁ ଅତିକ୍ରମ କରିଛି।

ଅନ୍ୟ ଏକ ଉଲ୍ଲେଖନୀୟ ସଫଳତା ସ୍ୱରୂପ, ସିଟ୍ ସିଅରିଂ ଲାଇନ୍ ମଧ୍ୟ ଉକ୍ତ ଜୁଲାଇ ମାସରେ ରେ ୩୨,୯୮୯ ଟନ୍ କଏଲ୍ ଓଜନ ସିଅରିଂ କରି ଏକ ରେକର୍ଡ ସୃଷ୍ଟି କରିଛି, ଯାହା ଜୁଲାଇ ୨୦୨୫ ରେ ହାସଲ କରାଯାଇଥିବା ୨୯,୯୧୭ ଟନର ପୂର୍ବ ରେକର୍ଡକୁ ଟପିଯାଇଛି। ଆର.ଏସ.ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ଅଗଷ୍ଟ ୩ ତାରିଖରେ ମିଲ୍ କମ୍ପ୍ଲେକ୍ସ ପରିଦର୍ଶନ କରି ଏହି ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ସମଗ୍ର ଏଚ.ଏସ.ଏମ -୨ ଦଳକୁ ଶୁଭେଚ୍ଛା ଜଣାଇଥିଲେ। ପରିଦର୍ଶନ ସମୟରେ ନିର୍ବାହୀ ନିର୍ଦ୍ଦେଶକ (ମାନବ ସମ୍ବଳ) ତରୁଣ ମିଶ୍ର, ନିର୍ବାହୀ ନିର୍ଦ୍ଦେଶକ (କାର୍ଯ୍ୟ) ବିଶ୍ୱ ରଞ୍ଜନ ପାଲାଇ, ନିର୍ବାହୀ ନିର୍ଦ୍ଦେଶକ (ସାମଗ୍ରୀ ପ୍ରବନ୍ଧନ) ଅନିଲ କୁମାର, ନିର୍ବାହୀ ନିର୍ଦ୍ଦେଶକ (ଖଣି) ଏମ୍. ପି. ସିଂ, ନିର୍ବାହୀ ନିର୍ଦ୍ଦେଶକ (ପ୍ରକଳ୍ପ) ସୁଦୀପ ପାଲଚୌଧୁରୀ, ମୁଖ୍ୟ ମହାପ୍ରବନ୍ଧକ (ଅର୍ଥ ଓ ବିତ୍ତ) ରାଜେଶ ଦାସଗୁପ୍ତା ଏବଂ ଅନ୍ୟାନ୍ୟ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ଏସ୍‌ଏମ୍‌ଏସ୍-୨ ଦ୍ୱାରା କନଭର୍ଟରରୁ ଅଶୋଧିତ ଇସ୍ପାତ ଉତ୍ପାଦନର ସର୍ବକାଳୀନ ରେକର୍ଡ




ରାଉରକେଲା,୪।୮ (ସମିସ): ରାଉରକେଲା ଇସ୍ପାତ କାରଖାନାର ଷ୍ଟିଲ ମେଲ୍ଟିଂ ସପ୍-୨ (ଏସଏମଏସ-୨) କନଭର୍ଟରରୁ ୮୨ଟି ବ୍ଲୋ ଏବଂ ୧୨,୯୯୪ ଟନ୍ ଅଶୋଧିତ ଇସ୍ପାତ ଉତ୍ପାଦନ କରି ଉତ୍ପାଦନ କ୍ଷେତ୍ରରେ ଏକ ଅସାଧାରଣ ମାଇଲଖୁଣ୍ଟ ସ୍ଥାପନ କରିବା ସହ ଏକ ପ୍ରମୁଖ ରେକର୍ଡ ସୃଷ୍ଟି କରିଛି। ସେଲ୍, ରାଉରକେଲା ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ଏସଏମଏସ-୨ ପରିସର ଗସ୍ତ କରିବା ସମୟରେ ଏହି ଐତିହାସିକ ପ୍ରଦର୍ଶନ ସହିତ ଜଡ଼ିତ ପ୍ରତ୍ୟେକ ବିଭାଗ ଏବଂ ବ୍ୟକ୍ତିବିଶେଷଙ୍କୁ ଆନ୍ତରିକ ପ୍ରଶଂସା ଜଣାଇବା ସହ ସୁରକ୍ଷା, ଗୁଣବତ୍ତା ଏବଂ କାର୍ଯ୍ୟଗତ ଶୃଙ୍ଖଳାର ସର୍ବୋଚ୍ଚ ମାନ ବଜାୟ ରଖି ନୂତନ ମାନଦଣ୍ଡ ସ୍ଥାପନ କରିବାକୁ ଆହ୍ୱାନ ଦେଇଥିଲେ।

ଏହି ଗସ୍ତ ସମୟରେ ନିର୍ବାହୀ ନିର୍ଦ୍ଦେଶକ (ମାନବ ସମ୍ବଳ) ତରୁଣ ମିଶ୍ର, ନିର୍ବାହୀ ନିର୍ଦ୍ଦେଶକ(କାର୍ଯ୍ୟ) ବିଶ୍ୱ ରଞ୍ଜନ ପାଲାଇ, ନିର୍ବାହୀ ନିର୍ଦ୍ଦେଶକ (ସାମଗ୍ରୀ ପରିଚାଳନା) ଅନିଲ କୁମାର, ନିର୍ବାହୀ ନିର୍ଦ୍ଦେଶକ (ଖଣି) ଏମ. ପି. ସିଂ, ନିର୍ବାହୀ ନିର୍ଦ୍ଦେଶକ (ପ୍ରକଳ୍ପ) ସୁଦୀପ ପାଲଚୌଧୁରୀ, ମୁଖ୍ୟ ମହାପ୍ରବନ୍ଧକ (ଅର୍ଥ ଓ ବିତ୍ତ) ରାଜେଶ ଦାସଗୁପ୍ତା ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସମସ୍ତ ବରିଷ୍ଠ ଅଧିକାରୀ ନିଜର ବିଚାର ବ୍ୟକ୍ତ କରିବା ସହ ଏହି ଅସାଧାରଣ ସଫଳତା ପାଇଁ ବିଭାଗ ଏବଂ ସହଯୋଗୀ ବିଭାଗଗୁଡ଼ିକୁ ଶୁଭେଚ୍ଛା ଜଣାଇଥିଲେ।

# ସାର୍ଗୁକିଶାନ ଉଚ୍ଚ ବିଦ୍ୟାଳୟରେ 'କ୍ୟାଚ ଦ ରେନ୍' ଅଭିଯାନ




କୁତ୍ରା, ୪।୮ (ସମିସ): ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ତୁନମୁରାଠାରେ ଥିବା ସାର୍ଗୁକିଶାନ ସରକାରୀ ଉଚ୍ଚ ବିଦ୍ୟାଳୟରେ ଇକୋକ୍ଲବ ଓ ଏନର୍ଜି କ୍ଲବ ଆନୁକୁଲ୍ୟରେ ଭାରତ ସରକାରଙ୍କ ଜଳଶକ୍ତି ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ଜାତୀୟ ଦଳ ମିଶନର "କ୍ୟାଚ ଦ ରେନ୍' ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏହି ଅଭିଯାନରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ପ୍ରଧାନଶିକ୍ଷକ ଡଃ ଅମରେଶ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ "ବର୍ଷାଜଳ ଯେଉଁଠି ପଡ଼େ, ଯେତେବେଳେ ପଡ଼େ ତାକୁ ସେଇଠି ସଂରକ୍ଷିତ କରନ୍ତୁ' ବାର୍ତ୍ତା ଉପରେ ବିଶେଷ ଆଲୋକପାତ କରାଯାଇଥିଲା। ଇକୋକ୍ଲବ ଇନଚାର୍ଜ ଶିକ୍ଷୟତ୍ରୀ ପ୍ରିୟଦର୍ଶିନୀ ପାଢ଼ୀ ଓ ଏନର୍ଜି କ୍ଲବର ଶିକ୍ଷକ ହରେକୃଷ୍ଣ ସାହୁଙ୍କ ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଛାତ୍ରଛାତ୍ରୀମାନେ ମିଳିତ ଭାବେ ଜଳର ଅପଚୟ ରୋକିବା ଓ ବର୍ଷା ଜଳ ସଞ୍ଚୟ ପାଇଁ ଶପଥ ପାଠ କରିଥିଲେ। ଛାତ୍ରଛାତ୍ରୀମାନେ ପ୍ଲାକାର୍ଡ ଧରି ସ୍ଥାନୀୟ ଅଞ୍ଚଳରେ ଏକ ସଚେତନତା ଶୋଭାଯାତ୍ରା କରିଥିଲେ। ଏହା ସହିତ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ରେନ ୱାଟର ହାର୍ଭେଷ୍ଟିଂ ମଡେଲ ପ୍ରଦର୍ଶନୀ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥିଲା। କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ମନଭାଙ୍ଗୀ ନାଏକ, ବିକାଶ ଟପ୍ପୋ, ଅଞ୍ଜଳି ତିଗ୍ଗା, ସାନିକା ଖାଲଖୋ, ଉର୍ବିଲ ମାଝୀ, ରୋଶାନ ମିଞ୍ଜ ପ୍ରମୁଖ ସହଯୋଗ କରିଥିଲେ।

# 'ଏକତ୍ର' ଆୟୋଜିତ ଏକକ ଅଭିନୟ ଉତ୍ସବ ଉଦ୍‌ଯାପିତ

ରାଉରକେଲା, ୪।୮ (ସମିସ): ସହରର ୨୭ଗୋଟି ନାଟ୍ୟାନୁଷ୍ଠାନକୁ ନେଇ ଗଠିତ 'ଏକତ୍ର' ରାଉରକେଲା ପକ୍ଷରୁ ଆୟୋଜିତ ଦୁଇ ଦିବସୀୟ ଏକକ ଅଭିନୟ ଉତ୍ସବ ସ୍ଥାନୀୟ ସିଭିକ୍ ସେଣ୍ଟରଠାରେ ସୋମବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟର କାର୍ଯ୍ୟକ୍ରମକୁ ଅପରାହ୍ନରେ ଦୀପିକା ମହିଳା ସଦନର ଅଧ୍ୟକ୍ଷା ନମ୍ରତା ବର୍ମା ମୁଖ୍ୟ ଅତିଥି ଏବଂ ଛେଣ୍ଡସ୍ଥିତ ଚିନ୍ମୟ ବିଦ୍ୟାଳୟର ଅଧ୍ୟକ୍ଷା ଶର୍ମିଷ୍ଠା କବିଶତପଥୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ବିଭିନ୍ନ ନାଟ୍ୟାନୁଷ୍ଠାନର ପ୍ରାୟ ୪୦ ଜଣ ଅଭିଜ୍ଞ ଅଭିନେତା ଓ ଅଭିନେତ୍ରୀ ଏକକ ଅଭିନୟ ପ୍ରଦର୍ଶନ କରିଥିଲେ। ପ୍ରଥମ ପର୍ଯ୍ୟାୟରେ "ଏକତ୍ର'ର ସାଧାରଣ ସମ୍ପାଦକ ବିଜୟ ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଉପ ସଭାପତି ରମେଶ ମହାନ୍ତି ଏକତ୍ର କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ। ସମ୍ପାଦକ ପ୍ରସନ୍ନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ସନ୍ଧ୍ୟାରେ ପୁରସ୍କାର ବିତରଣ ଉତ୍ସବରେ ସଭାପତି ରାଜୀବ ପାଣି ଅଧ୍ୟକ୍ଷତା କରିଥିଲେ। ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି ଏବଂ ରାଉରକେଲା ଇସ୍ପାତ କାରଖାନାର ଲୋକ ସଂପର୍କ ବିଭାଗର ମହାପ୍ରବନ୍ଧକ ଅର୍ଚ୍ଚନା ଶତପଥୀ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଏକତ୍ରର




ଏତାଦୃଶ୍ୟ କାର୍ଯ୍ୟକ୍ରମର ଉଚ୍ଚ ପ୍ରଶଂସା କରିଥିଲେ। ରବିବାର ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କମାନଙ୍କ ଦ୍ୱାରା ପ୍ରଦର୍ଶିତ ଏକକ ଅଭିନୟ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀ ଯଥାକ୍ରମେ ଦିପ୍ତୀମୟୀ ତ୍ରିପାଠୀ, ଇସିକା ମହନ୍ତ ଏବଂ ସାଇସିଦ୍ଧାନ୍ତ ଦାସଙ୍କ ସମେତ ଶ୍ରେଷ୍ଠ ୧୦ ଜଣଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯିବା ସହ ଅନ୍ୟ ସମସ୍ତ ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ଓ ସ୍ମୃତି ଫଳକ ପ୍ରଦାନ କରାଯାଇଥିଲା। ସାଧାରଣ ସଂପାଦକ ବିଜୟ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଉଦ୍‌ଘୋଷିକା ଝିଲିମା ମହାନ୍ତି ସଂଯୋଜନା କରିଥିଲେ। ଏକତ୍ରର ଅନ୍ୟତମ ଉପଦେଷ୍ଟା ଡାକ୍ତର କୃପାସିନ୍ଧୁ ନାୟକ, ପ୍ରଫେସର ସମର ମୁଦାଲିଙ୍କ ବ୍ୟତିରେକେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। ଏହି ଅବସରରେ ଏକତ୍ର ପକ୍ଷରୁ ପ୍ରତିଯୋଗିତାର ବିଚାରକ ମଣ୍ଡଳୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ "ଏକତ୍ର' ପକ୍ଷରୁ ଆଲୋକ ବୋଷ, ସୁଦେଶ ନାୟକ, ପ୍ରଦୀପ ନାୟକ, ପ୍ରବିର ଜେନା, ପ୍ରଳୟ ଶତପଥୀ, ଚିନ୍ମୟ ତ୍ରିପାଠୀ, ଜନ୍ମେଜୟ ମହାନ୍ତି, ପ୍ରଜ୍ଞାନନ୍ଦ ମହାନ୍ତି, କନକ ଲତା ଦାସ, ସଂଧ୍ୟା ପଟ୍ଟନାୟକ, କଲ୍ୟାଣୀ ଦାସ, ରୁନୁ ବେଗ୍ ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଏକତ୍ରର ସହ ଅନୁବନ୍ଧିତ ନାଟ୍ୟାନୁଷ୍ଠାନର କର୍ମକର୍ତ୍ତା, ସଦସ୍ୟମାନଙ୍କ ବ୍ୟତିରେକେ ବିଭିନ୍ନ ସାହିତ୍ୟ ଓ ସାମାଜିକ ଅନୁଷ୍ଠାନର ବ୍ୟକ୍ତିବିଶେଷ ଏବଂ କଳାନୁରାଗୀମାନେ ଯୋଗ ଦେଇଥିଲେ।

# ବାଲି ବୋଝେଇ ୧୦ ହାଇୱା ଜବତ



ରାଉରକେଲା, ୪।୮ (ସମିସ): ଖଣି ଏବଂ ରାଜସ୍ୱ ବିଭାଗ ପକ୍ଷରୁ ବାଲି ଚୋରା ଚାଲାଣ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯାଇ ବୀରମିତ୍ରପୁର ଅଞ୍ଚଳରେ ଚୋରା ବାଲି ବୋଝେଇ ୧୦ଟି ହାଇୱାକୁ ଜବତ କରାଯାଇଛି। ସରକାରୀ ସୂତ୍ର ଅନୁଯାୟୀ, ଖଣି ଓ ରାଜସ୍ୱ ବିଭାଗ ଦ୍ୱାରା କିଛିଦିନ ପୂର୍ବରୁ ସଲଙ୍ଗାବାହାଲରୁ ବିପୁଳ ପରିମାଣର ବେଆଇନ ଗଚ୍ଛିତ ବାଲି ଜବତ କରାଯାଇଥିଲା। ସୋମବାର ରାତିରେ, ଜବତ ବାଲିକୁ ଏକ ସନ୍ଦିଗ୍ଧ ବାଲି ମାଫିଆଙ୍କ ସଦସ୍ୟମାନେ ଉଠାଇ ଅନ୍ୟ ସ୍ଥାନକୁ ଚାଲାଣ କରୁଥିବା ଅଭିଯୋଗ ପରେ ଏହାର ସୂଚନା ପାଇ ରାଏବୋଗା ପୁଲିସ ସହିତ ଖଣି ଏବଂ ରାଜସ୍ୱ ବିଭାଗର ଅଧିକାରୀମାନଙ୍କୁ ନେଇ ଗଠିତ ଏକ ମିଳିତ ଦଳ ଚଢ଼ଉ କରି ଟ୍ରକଗୁଡ଼ିକୁ ଅଟକାଇଥିଲେ। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ବାଲି ବଣାଇଁ ଅଞ୍ଚଳକୁ ପରିବହନ କରାଯାଉଥିଲା। ସମ୍ପୃକ୍ତ ଲୋକଙ୍କୁ ଚିହ୍ନଟ କରିବାକୁ କର୍ତ୍ତୃପକ୍ଷ ତନାଘନା ଆରମ୍ଭ କରିଛନ୍ତି।

# ସତ୍ୟସାଇ ପ୍ରେମ ପ୍ରବାହିନୀ ରଥର ଶୁଭାଗମନ

ରାଉରକେଲା,୪।୮ (ସମିସ): ପବିତ୍ର ଗୁରୁ ପୂର୍ଣ୍ଣିମା ଅବସରରେ ଶ୍ରୀ ସତ୍ୟସାଇ ପ୍ରେମ ପ୍ରବାହିନୀ ରଥ ଯାହା ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ଜନ୍ମସ୍ଥାନ ପୁଟ୍ଟପର୍ତ୍ତି ସ୍ଥିତ ପ୍ରଶାନ୍ତି ନିଳୟମ ଆଶ୍ରମରୁ ଗତବର୍ଷ ବାହାରି ସମଗ୍ର ଭାରତ ବର୍ଷ ଭ୍ରମଣ କରିବା ପରିପ୍ରେକ୍ଷୀରେ ଅନେକ ରାଜ୍ୟ ପରିକ୍ରମା କରି ରାଉରକେଲା ଠାରେ ଆସି ପହଞ୍ଚିଛନ୍ତି। ରାଉରକେଲା ଆଗମନ ଅବସରରେ ଅନେକ ଶ୍ରଦ୍ଧାଳୁ, ସାଇ ଆଶ୍ରିତ ତଥା ଭକ୍ତ ବୃନ୍ଦ ଉଦିତନଗର ପ୍ରଶାନ୍ତି ବିହାର ମନ୍ଦିର ପରିସରରେ ଆଡ଼ମ୍ବର ସହକାରେ ସ୍ୱାଗତ କରିଥିବା ବେଳେ ୨୯ ତାରିଖ ସକାଳେ ଓଁକାର, ସୁପ୍ରଭାତ, ନଗର ସଂକୀର୍ତ୍ତନ ସହିତ କାର୍ଯ୍ୟକ୍ରମ ଆରମ୍ଭ ହେବା ପରେ ଷୋଡ଼ଶ ଉପଚାର ପୂଜା, ରାଜ୍ୟ ଆଧ୍ୟାତ୍ମିକ ସଂଯୋଜକ ରମାବଲ୍ଲଭ ମହାପାତ୍ରଙ୍କ



ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯଜ୍ଞ, ରଥ ମାର୍ଜନା, ରଥ ପ୍ରତିଷ୍ଠା ସହ ଉଦିତନଗର ମୁଖ୍ୟ ମାର୍ଗରେ ଭଜନ, କୀର୍ତ୍ତନ ସହିତ ପରିକ୍ରମା କରିଥିଲେ। ମନ୍ଦିର ପ୍ରାଙ୍ଗଣରେ ଭଜନ ଓ ରାଜ୍ୟ ଆଧ୍ୟାତ୍ମିକ ସଂଯୋଜିକା ଡାକ୍ତର ପୁଷ୍ପାମିତ୍ରା ମହାନ୍ତିଙ୍କ ଦ୍ୱାରା ସତସଙ୍ଗ, ମଙ୍ଗଳା ଆରତୀ ପରେ ପ୍ରସାଦ ସେବନର ଆୟୋଜନ କରାଯାଇଥିଲା। ସନ୍ଧ୍ୟା ବେଳେ ବାଳବିକାଶ ଛାତ୍ର ଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ କାର୍ଯ୍ୟକ୍ରମ ସହିତ ରାଜ୍ୟ ସାଇ ସିମ୍ଫୋନି ଗ୍ରୁପ୍ ଦ୍ୱାରା ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ପରିଶେଷରେ ରାଜ୍ୟ ଉପସଭାପତି ପ୍ରତାପ ଚନ୍ଦ୍ର ମହାନ୍ତି, ଜିଲ୍ଲା ସଭାପତି ନୀଳାମ୍ବର ମିଶ୍ର ତଥା ସମିତି ଆବାହକ ବିଜୟ କୁମାର ମହାପାତ୍ର ସମସ୍ତଙ୍କୁ ସମ୍ବର୍ଦ୍ଧନା କରିବା ସହିତ ଧନ୍ୟବାଦ ଅର୍ପଣ କରିବା ପରେ ମଙ୍ଗଳ ଆରତୀ ଓ ପ୍ରସାଦ ସେବନ ସହିତ କାର୍ଯ୍ୟକ୍ରମର ପରିସମାପ୍ତି ଘଟେ ଥିଲା।

# କୁକୁର ମୁହଁରୁ କୁଟୁରା ଉଦ୍ଧାର

କୋଇଡା,୪।୮ (ସମିସ): ସମସ୍ତ ସଂରକ୍ଷିତ ଜଙ୍ଗଲ କାଟି ଖଣି ଖୋଲାଯିବା ଫଳରେ ବହୁ ବନ୍ୟପ୍ରାଣୀ ବାରମ୍ବାର ରାସ୍ତା ଓ ଗ୍ରାମମୁହାଁ ହୋଇ ବିବଦରେ ପଡୁଥିବା ଦେଖିବାକୁ ମିଳୁଛି। କୋଇଡା ବନାଞ୍ଚଳ ରାଣିଶାଳ ବିଟ୍ ଅନ୍ତର୍ଗତ ବଲଡିହି ସ୍ଥିତ ନୂତନ ଭାବେ ଖୋଲିଥିବା ନେତ୍ରବନ୍ଧ



ଖଣି ସମ୍ମୁଖ ରାସ୍ତାରୁ ମଙ୍ଗଳବାର ଏକ କୁଟୁରାକୁ କୁକୁରମାନେ ଝୁଣି ଖାଇବାକୁ ଉଦ୍ୟମ କରୁଥିବା ବେଳେ ଉଦ୍ଧାର କରିଛି ବନ ବିଭାଗ। କୁଟୁରାଟିକୁ କୁକୁର ପଲ ଗୋଡ଼ାଉଥିବାବେଳେ ସ୍ଥାନୀୟ ଲୋକେ ଦେଖି ବନ ବିଭାକକୁ ସୂଚନା ଦେଇଥିଲେ। ସୂଚନା ପାଇ ରାଣିଶାଳ ଫରେଷ୍ଟର ଓ ଟିମ୍ ପହଞ୍ଚି ଆହତ କୁଟୁରାକୁ ଉଦ୍ଧାର କରିଥିଲେ। ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ଚିକିତ୍ସା କରାଯାଇଥିବାବେଳେ ସୁସ୍ଥ ହେବା ପର୍ଯ୍ୟନ୍ତ ବନ ବିଭାଗ ନିଜ ଅଧିନରେ ରଖିଛି। ସୁସ୍ଥ ହେଲା ପରେ ଜଙ୍ଗଲରେ ଛଡ଼ାଯିବ ବୋଲି ବନବିଭାଗ ଅଧିକାରୀ କହିଛନ୍ତି।

# ଜୁନିଅର ରେଡକ୍ରସ ପରାମର୍ଶଦାତାଙ୍କ ତାଲିମ ଉଦ୍‌ଘାଟିତ

ବଲାଙ୍ଗିର,୪।୮ (ସମିସ): ସ୍ଥାନୀୟ ପିଏମ ଶ୍ରୀ ପୃଥ୍ୱୀରାଜ ଉଚ୍ଚ ବିଦ୍ୟାଳୟରେ ଭାରତୀୟ ରେଡ଼କ୍ରସ ସୋସାଇଟିର ଓଡିଶା ରାଜ୍ୟ ଶାଖା ତରଫରୁ ଜୁନିଅର ରେଡକ୍ରସ ପରାମର୍ଶଦାତାଙ୍କ ପାଇଁ ୩ଦିନିଆ ତାଲିମ ଶିବିର ଆରମ୍ଭ ହୋଇଛି। ୬ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ତାଲିମ ଶିବିରରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର ଅଣତାଲିମପ୍ରାପ୍ତ




ପରାମର୍ଶଦାତା ଅଂଶଗ୍ରହଣ କରିଛନ୍ତି। ଏହି ତାଲିମ ଶିବିରକୁ ଅତିରିକ୍ତ ଜିଲ୍ଲାପାଳ ଡ. ବିଜୟାନନ୍ଦ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ନିଜ ବକ୍ତବ୍ୟରେ ସେ ଜୁନିଅର ରେଡକ୍ରସର ମାନବିକ ସେବା, ସାମାଜିକ ଦାୟିତ୍ୱବୋଧ ଏବଂ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସେବା, ଶୃଙ୍ଖଳା ଓ ସହଯୋଗର ମନୋଭାବ ବିକାଶରେ ପରାମର୍ଶଦାତାଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ସେ ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ଏହି ତାଲିମରୁ ଅଧିକରୁ ଅଧିକ ଜ୍ଞାନ ଆହରଣ କରି ବିଦ୍ୟାଳୟସ୍ତରରେ ତାହାର ସଫଳ ପ୍ରୟୋଗ କରିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ଡେପୁଟି କଲେକ୍ଟର ସୌମ୍ୟରଞ୍ଜନ ବେହେରା ଯୋଗଦେଇ ଜୁନିଅର ରେଡକ୍ରସର ଉଦ୍ଦେଶ୍ୟ, ସେବା ଭାବନା ଏବଂ ଯୁବପିଢ଼ି ମଧ୍ୟରେ ସାମାଜିକ ମୂଲ୍ୟବୋଧ ଗଠନରେ ଏହିପରି ତାଲିମ ଶିବିରର ଆବଶ୍ୟକତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରବୀର ପଣ୍ଡା ନିଜ ବକ୍ତବ୍ୟରେ ଜୁନିଅର ରେଡ଼କ୍ରସ କେବଳ ଏକ ସଂଗଠନ ନୁହେଁ; ବରଂ ଏହା ମାନବସେବା, ମାନବିକତା, ସହାନୁଭୂତି ଓ ସାମାଜିକ ଦାୟିତ୍ୱବୋଧର ଏକ ଜୀବନ ଦର୍ଶନ ବୋଲି କହଥିଲେ। ବିଦ୍ୟାଳୟ ସ୍ତରରେ ପରାମର୍ଶଦାତାମାନେ ହିଁ ଜୁନିଅର ରେଡକ୍ରସର ପ୍ରକୃତ ମାର୍ଗଦର୍ଶକ ବୋଲି କହିଥିଲେ। ଜିଲ୍ଲା ଜୁନିଅର ରେଡ଼କ୍ରସ ସମ୍ପାଦକ ତଥା ଜିଲ୍ଲା କ୍ରୀଡା ଶିକ୍ଷା ଅଧିକାରୀ ପ୍ରଦୀପ ପାତ୍ର ଯୋଗଦେଇ ଏହି ଶିବିର ପରାମର୍ଶଦାତାଙ୍କ ଦକ୍ଷତା ବୃଦ୍ଧି ସହ ଜୁନିଅର ରେଡ଼କ୍ରସ କାର୍ଯ୍ୟକ୍ରମକୁ ଅଧିକ ସକ୍ରୀୟ ଓ ପ୍ରଭାବଶାଳୀ କରିବାରେ ସହାୟକ ହେବ ବୋଲି ନିଜ ବକ୍ତବ୍ୟରେ କହିଥିଲେ। ଜିଲ୍ଲା ଜୁନିଅର ରେଡକ୍ରସ ଅଫିସର ବିକାଶ ରଞ୍ଜନ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଏହି ତାଲିମ ମାଧ୍ୟମରେ ପରାମର୍ଶଦାତାମାନେ ନୂତନ ଜ୍ଞାନ ଓ ଦକ୍ଷତା ହାସଲ କରି ବିଦ୍ୟାଳୟରେ ଜୁନିଅର ରେଡକ୍ରସ କାର୍ଯ୍ୟକ୍ରମକୁ ଅଧିକ ସଫଳ ଭାବେ ପରିଚାଳନା କରିପାରିବେ ବୋଲି କହିଥିଲେ। ଅବସରପ୍ରାପ୍ତ ବଲାଙ୍ଗୀର ବ୍ଲକ ଶିକ୍ଷା ଅଧିକାରୀ ନୀଳମଣି ପଟେଲ, ପିଏମ ଶ୍ରୀ ପୃଥ୍ୱିରାଜ ହାଇସ୍କୁଲର ପ୍ରଧାନ ଶିକ୍ଷକ ସନ୍ତୋଷିନୀ ସେଠୀ, ପୂର୍ବତନ ଜିଲ୍ଲା କ୍ରୀଡା ନିରୀକ୍ଷକ ଅନ୍ତର୍ଯ୍ୟାମୀ ବିଶ୍ୱାଳ ମଞ୍ଚାସୀନ ଥିଲେ। ୩ଦିନ ଧରି ଆୟୋଜିତ ଏହି ତାଲିମ ଶିବିରରେ ଜୁନିଅର ରେଡ଼କ୍ରସର ଆଦର୍ଶ, ସେବା କାର୍ଯ୍ୟକ୍ରମ, ନେତୃତ୍ୱ ବିକାଶ, ପ୍ରାଥମିକ ଚିକିତ୍ସା, ଦୁର୍ବିପାକ ପରିଚାଳନା ଏବଂ ବିଦ୍ୟାଳୟସ୍ତରରେ ବିଭିନ୍ନ ସେବାମୂଳକ କାର୍ଯ୍ୟକ୍ରମର ସଫଳ ପରିଚାଳନା ସମ୍ପର୍କରେ ସାଧନକର୍ମୀ ରବୀନ୍ଦ୍ର ଠେଟୁଆଳ, ଚିତ୍ତରଞ୍ଜନ ପଣ୍ଡା, ରାମନାରାୟଣ ଦାଶ, ରଶ୍ମିରାଣୀ ଦାଶ, ପ୍ରଭାକର ଛନ୍ଦ, ଅରବିନ୍ଦ କୁମ୍ଭାର, ହେମନ୍ତ ବେମାଲ, ଘନଶ୍ୟାମ ମେହେର, ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ଜ୍ୟୋତିଷ ମେହେର ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି। ଏହି କାର୍ଯ୍ୟକ୍ରମରେ ୬୫ଜଣ ଜୁନିଅର ରେଡ଼କ୍ରସ ପରାମର୍ଶଦାତା ଅଂଶଗ୍ରହଣ କରିଛନ୍ତି। ହେମନ୍ତ ପ୍ରଧାନ କାର୍ଯ୍ୟକ୍ରମର ସଂଯୋଜନା କରିଥିବାବେଳେ ସାଧନକର୍ମୀ ହେମନ୍ତ ବେମାଲ ଧନ୍ୟବାଦ ଦେଇଥିଲେ।

**● ନାହିଁ ଜନ୍ମ ପ୍ରମାଣପତ୍ର ଓ ଆଧାର କାର୍ଡ**

# ବିଦ୍ୟାଳୟରେ ନାମଲେଖା ପାଇଁ ହଇରାଣ ହେଉଛନ୍ତି ଶିଶୁ

ବଣାଇଁଗଡ଼,୪।୮ (ସମିସ): ବଣାଇଁ ଉପଖଣ୍ଡ ଏକ ଆଦିବାସୀ ବହୁଳ ଅଞ୍ଚଳ ହୋଇଥିବାରୁ ଅନେକ ଦୁର୍ଗମ ଗ୍ରାମରେ ଏବେ ମଧ୍ୟ ଜନ୍ମ ପଞ୍ଜୀକରଣ ଓ ଆଧାର କାର୍ଡ ସମ୍ପର୍କରେ ପର୍ଯ୍ୟାପ୍ତ ସଚେତନତାର ଅଭାବ ଦେଖାଯାଉଛି। ଫଳସ୍ୱରୂପ ଅନେକ ଶିଶୁଙ୍କ ଜନ୍ମ ପ୍ରମାଣପତ୍ର ଏବଂ ଆଧାର କାର୍ଡ ନଥିବାରୁ ବିଦ୍ୟାଳୟରେ ନାମଲେଖା ସମୟରେ ହଇରାଣ ହେଉଛନ୍ତି। ଅଭିଭାବକମାନେ ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ଏଥିପାଇଁ ବାରମ୍ବାର ଦୌଡୁଥିବାବେଳେ ଶିଶୁମାନଙ୍କ ନାମଲେଖାରେ ବିଳମ୍ବ ଘଟୁଛି। ବିଶେଷକରି ଦୁର୍ଗମ ଅଞ୍ଚଳର ପରିବାରମାନେ ଏହି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟ ବୁଦ୍ଧିଜୀବୀମାନଙ୍କ ମତରେ, ପଞ୍ଚାୟତ ସ୍ତରରେ ସଚେତନତା ଶିବିର, ଗ୍ରାମସଭା ଏବଂ ଅଙ୍ଗନବାଡ଼ି କେନ୍ଦ୍ର ମାଧ୍ୟମରେ ଜନ୍ମ ପଞ୍ଜୀକରଣ ଓ ଆଧାର କାର୍ଡର ଗୁରୁତ୍ୱ ସମ୍ପର୍କରେ ବ୍ୟାପକ ପ୍ରଚାର କରାଗଲେ ଏହି ସମସ୍ୟାର ସମାଧାନ ସମ୍ଭବ। ପ୍ରଶାସନ ଏବଂ ସମ୍ପୃକ୍ତ ବିଭାଗ ଏହା ଉପରେ ଅଧିକ ଗୁରୁତ୍ୱ ଦେବାକୁ ସାଧାରଣରେ ଦାବି ହେଉଛି।

# ବଣାଇଗଡ଼ ମହାବିଦ୍ୟାଳୟରେ ପ୍ରବେଶ ପରିଚୟ କାର୍ଯ୍ୟକ୍ରମ




ବଣାଇଗଡ଼,୪।୮ (ସମିସ): ବଣାଇଗଡ଼ ମହାବିଦ୍ୟାଳୟରେ ଚଳିତ ଶିକ୍ଷାବର୍ଷ ପାଇଁ ଯୁକ୍ତ ଦୁଇ ପ୍ରଥମ ବର୍ଷ କଳା, ବିଜ୍ଞାନ ଓ ଧନ୍ଦାମୂଳକ ବିଭାଗରେ ନୂତନ ଭାବେ ପ୍ରବେଶ କରିଥିବା ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ପ୍ରବେଶ ପରିଚୟ (ଇଣ୍ଡକ୍ସନ) କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କଳା ଓ ଧନ୍ଦାମୂଳକ ବିଭାଗର କାର୍ଯ୍ୟକ୍ରମକୁ ଏମ୍. ବ୍ରହ୍ମା, ଜି. ଦାଶ, ବି. କରକରିଆ, ଏଲ୍. କୁଜୁର, ଏସ୍. ବିଲୁଙ୍ଗ ଏବଂ ଏଚ୍. ବାଆ ତୁଲାଇଥିଲେ। ବିଜ୍ଞାନ ବିଭାଗର କାର୍ଯ୍ୟକ୍ରମ ଏଲ୍. ପ୍ରଧାନ, ଡଃ ପି.ଏସ୍. ମହାନ୍ତ, ଏସ୍.ଏସ୍. ଦାସ, ଡି.ଏ. ଲାକ୍ରା, ଡଃ ପି.ଏସ୍. ନାୟକ ଏବଂ ଏସ୍. ଛ. ପଟେଲ ତୁଲାଇଥିଲେ। ନବାଗତ ଛାତ୍ରଛାତ୍ରୀଙ୍କୁ ମହାବିଦ୍ୟାଳୟର ପାଠ୍ୟକ୍ରମ, ଶୃଙ୍ଖଳା, ଉପସ୍ଥାନ ନିୟମ, ପୁସ୍ତକାଳୟ, ବିଜ୍ଞାନ ପରୀକ୍ଷାଗାର, ଛାତ୍ରବୃତ୍ତି ଆଦି ସମ୍ପର୍କରେ ଅବଗତ କରାଯାଇଥିଲା।

# ବିଭିନ୍ନ ଶୈବପୀଠରେ କାଉଡ଼ିଆଙ୍କ ଜଳାଭିଷେକ





ରାଉରକେଲା,୪।୮ (ସମିସ)

ଶ୍ରାବଣ ମାସର ପ୍ରଥମ ସୋମବାର ରାଉରକେଲା ସମେତ ସୁନ୍ଦରଗଡ ଜିଲ୍ଲାର ବିଭିନ୍ନ ଶୈବପୀଠରେ ଲକ୍ଷାଧିକ କାଉଡ଼ିଆ ଜଳାଭିଷେକ କରିଛନ୍ତି। ସୁନ୍ଦରଗଡ଼ ଜିଲ୍ଲାର ବେଦବ୍ୟାସ, ଘୋଘଡ଼, ବାବା ବାଣେଶ୍ୱର, ତରକେରା ପରି ଶୈବପୀଠରେ କାଉଡ଼ିଆମାନଙ୍କ ପ୍ରବଳ ସମାଗମ ହୋଇଥିଲା। ପ୍ରତ୍ୟେକ ଶୈବପୀଠରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା। ହଜାର ହଜାର କାଉଡ଼ିଆ ବ୍ରାହ୍ମଣୀ ନଦୀରୁ ଜଳଭାର ଧରି କାଂଶବାହାଲ ସ୍ଥିତ ପ୍ରସିଦ୍ଧ ଶୈବପୀଠ ଘୋଘଡ଼କୁ ଯାତ୍ରା କରିଥିଲେ। ସେଠାରେ ଧାଡ଼ିରେ ରହି ଜଳାଭିଷେକ କରିଛନ୍ତି। ରାସ୍ତାରେ ସ୍ୱେଚ୍ଛାସେବୀ ସଂଗଠନମାନଙ୍କ ପକ୍ଷରୁ ବିଭିନ୍ନ ସ୍ଥାନରେ ଚା, ଜଳଖିଆ ବ୍ୟବସ୍ଥା ହୋଇଥିଲା।

ସେହିପରି ବେଦବ୍ୟାସ ଶୈବପୀଠ ସ୍ଥିତ ବାଲୁଙ୍କେଶ୍ୱର ଓ ବାବା ଚନ୍ଦ୍ରଶେଖରଙ୍କୁ ମଧ୍ୟ ହଜାର ହଜାର କାଉଡ଼ିଆ ଜଳାଭିଷେକ କରିଛନ୍ତି। ତରକେରା ସ୍ଥିତ ଧବଳେଶ୍ୱର ପୀଠ, ବଣାଇଁ ସ୍ଥିତ ବାଣେଶ୍ୱର ଶୈବପୀଠ ଆଦିରେ ମଧ୍ୟ ପ୍ରବଳ ଜଳଲାଗି କରିଥିଲେ ବହୁ କାଉଡ଼ିଆ।

ବଣାଇଁ: ବଣାଇଁ ଉପଖଣ୍ଡର ବିଭିନ୍ନ ଶିବାଳୟରେ କାଉଡ଼ିଆ ଜଳଲାଗି କରିଛନ୍ତି। ବ୍ରାହ୍ମଣୀ କୂଳରେ ଅବସ୍ଥିତ ବଣାଇଁର ପ୍ରସିଦ୍ଧ ଶୈବପୀଠ ବାବା ବାଣେଶ୍ୱର ମନ୍ଦିରରେ ହଜାର ହଜାର କାଉଡ଼ିଆ ଜଳାଭିଷେକ କରିଛନ୍ତି। ସେହିପରି ଭାବେ ମହୁଲଡିହାର ଲଙ୍କେଶ୍ୱର, କେନାଭେଟାର କରଡ଼େଶ୍ୱର, ତଳିତାର ମହେଶ୍ୱର, ଗୋଗୁଆ ଧବଳେଶ୍ୱର, ଟେଣ୍ଡରାର ଝାଡେଶ୍ୱର, ଜକେଇକଳାର ବାବା ଯୋଗେଶ୍ୱରଙ୍କ ପୀଠରେ ଶତାଧିକ କାଉଡ଼ିଆ ଜଳଲାଗି କରିଛନ୍ତି। ବୋଲ୍‌ବମ୍ ଧ୍ୱନିରେ ଶୈବପୀଠ ଚଳଚଞ୍ଚଳ ହୋଇଉଠିଥିଲା। ସ୍ଥାନୀୟ ପ୍ରଶାସନ ଓ ମନ୍ଦିର ଉନ୍ନୟନ କମିଟି ପକ୍ଷରୁ ଜଳଲାଗି ପାଇଁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା।

● ସତ କହିବାରୁ ଘରୁ ଟେକିନେଇ ମାଡ଼

# ବନବିଭାଗ କର୍ମଚାରୀଙ୍କ ବିରୋଧରେ ଅଭିଯୋଗ

କୁଚିଣ୍ଡା,୪। ୮(ସମିସ): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଅଞ୍ଚଳର ବଡ଼ମୁଣ୍ଡାଲୋଇ ଗ୍ରାମରେ ଏକ ଅତ୍ୟନ୍ତ ସମ୍ବେଦନଶୀଳ ଓ ନିନ୍ଦନୀୟ ଘଟଣା ସାମ୍ନାକୁ ଆସିଛି। ଜଙ୍ଗଲରୁ କାଠ ଚୋରି ଘଟଣାରେ ସତ କହିଦେବାରୁ ପୀୟୂଷ ଡୁଙ୍ଗଡୁଙ୍ଗ(୬୫) ନାମକ ଜଣେ ଗ୍ରାମବାସୀଙ୍କୁ ବନ ବିଭାଗର କର୍ମଚାରୀମାନେ ଘରୁ ଉଠାଇ ନେଇ ନିର୍ଦ୍ଦୟ ଭାବେ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ଗ୍ରାମ ନିକଟସ୍ଥ ଜଙ୍ଗଲରୁ ବନ ବିଭାଗର ଜଣେ କର୍ମଚାରୀ (ୱାଚର) ବେଆଇନ ଭାବେ ପ୍ରାୟ ୩୦ ଖଣ୍ଡ କାଠ କାଟି ନିଜ ଗ୍ରାମରେ ରଖି ବିକ୍ରି କରୁଥିଲେ। ଏ ନେଇ ଗ୍ରାମବାସୀ ବନ ବିଭାଗକୁ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ପରବର୍ତ୍ତୀ ସମୟରେ ଗଣମାଧ୍ୟମ ପ୍ରତିନିଧିମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସମୟରେ, ପୀୟୂଷ ଡୁଙ୍ଗଡୁଙ୍ଗ ସତ କଥା ପ୍ରକାଶ କରିଦେଇଥିଲେ। ସତ ପ୍ରକାଶ ପାଇବା ପରେ, ବନ ବିଭାଗର ରେଞ୍ଜର ଓ ଅନ୍ୟ କର୍ମଚାରୀମାନେ ଉତ୍ତ୍ୟକ୍ତ ହୋଇ



ପୀୟୂଷଙ୍କୁ ତାଙ୍କ ଘରୁ ଉଠାଇ କାର୍ଯ୍ୟାଳୟକୁ ନେଇଯାଇଥିଲେ। ସେଠାରେ ସିସିଟିଭି କ୍ୟାମେରା ବନ୍ଦ କରି, ତାଙ୍କ ଦେହରୁ କପଡ଼ା ଖୋଲି ନିର୍ଯାତନା ଦିଆଯାଇଥିବା ପୀୟୂଷ ଓ ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ପୀୟୂଷଙ୍କ ପିଠି, ଗୋଡ଼ ଓ ଦେହର ବିଭିନ୍ନ ସ୍ଥାନରେ ଗୁରୁତର କ୍ଷତ ଏବଂ ମାଡ଼ର ଚିହ୍ନ ସ୍ପଷ୍ଟ ଦେଖାଯାଉଛି। ଏହି ନିର୍ଯାତନା ପରେ ଗୁରୁତର ଅବସ୍ଥାରେ ପୀୟୂଷଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଗ୍ରାମବାସୀ ଓ ପୀୟୂଷଙ୍କ ପରିବାର ପକ୍ଷରୁ ମହୁଲପାଲି ଥାନାରେ ଏତଲା ଦିଆଯିବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଗ୍ରାମବାସୀ ଦୋଷୀ ବନ କର୍ମଚାରୀ ଓ ରେଞ୍ଜରଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଏବଂ ଉଚିତ ନ୍ୟାୟ ପ୍ରଦାନ ପାଇଁ ଦାବି କରିଛନ୍ତି। ଏନେଇ କୁଚିଣ୍ଡା ରେଞ୍ଜର ଲେଖାଶ୍ରୀ ମହାନନ୍ଦଙ୍କୁ ଯୋଗା ଯୋଗ ପାଇଁ ଚେଷ୍ଟା କରିଥିବା ବେଳେ ତାଙ୍କ ମୋବାଇଲ ବନ୍ଦ ରହିଥିଲା।

# ଅଜଣା ବ୍ୟକ୍ତିଙ୍କୁ ଉଦ୍ଧାର କଲା ଗୋବିନ୍ଦପୁର ପୁଲିସ

କୁଚିଣ୍ଡା,୪। ୮(ସମିସ): ମାନବିକତା ଓ ସେବାଭାବର ଏକ ପ୍ରଶଂସନୀୟ ଉଦାହରଣ ସୃଷ୍ଟି କରିଛି ଗୋବିନ୍ଦପୁର ପୁଲିସ। ବାମରା ବସ୍‌ଷ୍ଟାଣ୍ଡ ନିକଟରେ ଜଣେ ଅଜଣା ବ୍ୟକ୍ତି ଉଦ୍ଦେଶ୍ୟହୀନ ଭାବେ ବୁଲୁଥିବା ନେଇ ସ୍ଥାନୀୟ ଲୋକଙ୍କଠାରୁ ସୂଚନା ପାଇବାବ ପରେ ଗୋବିନ୍ଦପୁର ଥାନା ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲା। ପରେ ତାଙ୍କୁ ଗୋବିନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସିଏଚ୍‌ସି)ରେ ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା କରାଯାଇଥିଲା। ଯୁବକ ଜଣକ ନିଜ ପରିଚୟ ସଠିକ୍ ଭାବେ ଦେଇପାରୁ ନଥିବାରୁ ସେ ମାନସିକ ଅନଗ୍ରସର ଥିବା ଅନୁମାନ କରାଯାଉଛି। ଏହାପରେ ତାଙ୍କର ସୁରକ୍ଷା, ଯତ୍ନ ଓ ପୁନର୍ବାସକୁ ଦୃଷ୍ଟିରେ ରଖି ଝାରସୁଗୁଡ଼ାସ୍ଥିତ ମିଶନ ଆଶାଲୋକ ଆଶ୍ରମରେ ତାଙ୍କୁ ଆଶ୍ରୟ ଦିଆଯାଇଥିଲା। ଗୋବିନ୍ଦପୁର ପୁଲିସର ଏହି ମାନବିକ ପଦକ୍ଷେପକୁ ସ୍ଥାନୀୟ ଅଞ୍ଚଳରେ ବେଶ୍ ପ୍ରଶଂସା କରାଯାଉଛି। ଏନେଇ ଗୋବିନ୍ଦପୁର ଥାନା ଅଧିକାରୀ ପଦ୍ମାଳୟା ସାହୁ କହିଛନ୍ତି ଯେ, ପୁଲିସ କେବଳ ଆଇନଶୃଙ୍ଖଳା ରକ୍ଷାରେ ସୀମିତ ନୁହେଁ, ବରଂ ଅସହାୟ ଓ ନିରାଶ୍ରୟ ବ୍ୟକ୍ତିଙ୍କ ସହାୟତା ଓ ପୁନର୍ବାସ ପାଇଁ ମଧ୍ୟ ସଦା ପ୍ରତିବଦ୍ଧ।

# କେନ୍ଦ୍ରୀୟ ବିଦ୍ୟାଳୟର ଭୂମିପୂଜନ ପ୍ରସ୍ତୁତି ବୈଠକ



ରେଢ଼ାଖୋଲ,୪।୮(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଅଞ୍ଚଳବାସୀଙ୍କ ବହୁ ପ୍ରତୀକ୍ଷିତ କେନ୍ଦ୍ରୀୟ ବିଦ୍ୟାଳୟ ଘୋଷଣା ହେବା ପରେ ବର୍ତ୍ତମାନ ନାମ ଲେଖା ପ୍ରକ୍ରିୟା ଜାରି ରହିଛି। ଆସନ୍ତା ୧୭ ତାରିଖ ଠାରୁ କେନ୍ଦ୍ରୀୟ ବିଦ୍ୟାଳୟ ପାଠ ପଢ଼ା ଆରମ୍ଭ ହେବ। ଏହି ଅବସରରେ ଆସନ୍ତା ୮ ତାରିଖ ଦିନ ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ରେଢ଼ାଖୋଲ ଗସ୍ତକରି ପ୍ରଥମେ ସକାଳ ୮ ଟା ସମୟରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଠାରେ ଚାରାରୋପଣ କରିବା ସହ ୯ରେ ଭୀମଭୋଇଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରି ୯.୩୦ ଘଟିକା ରେ କେନ୍ଦ୍ରୀୟ ବିଦ୍ୟାଳୟ ପାଇଁ ଜମି ଚିହ୍ନଟ ହୋଇଥିବା ସ୍ଥାୟୀ ଜାଗାରେ ଭୂମି ପୂଜନ କରିବେ ଏବଂ ଭୀମ ଭୋଇ ମହାବିଦ୍ୟାଳୟର ପୁରୁଣା ବ୍ଲକଠାରେ ଅସ୍ଥାୟୀ କ୍ୟାମ୍ପସ ଉଦ୍‌ଘାଟନ କରିବା ସହ ଏକ ସଭାରେ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବେନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ରାଜବାଟୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲା ଉପସଭାପତି ବିଚିତ୍ରାନନ୍ଦ ସାହୁ, ପ୍ରମୋଦ ସାହୁ, ନଗର ସଭାପତି ସୁଷମା ମୁଣ୍ଡା, ନାକଟିଦେଉଳ ସଭାପତି ଦିଲୀପ ପ୍ରଧାନ, ଭୀମଭୋଇ ମଣ୍ଡଳ ସଭାପତି ଶାନ୍ତନୁ ବାରିକ, ଚାରମାଲ ମଣ୍ଡଳ ସଭାପତି ଧରଣୀଧର ସାହୁ, ମହିଳା ମୋର୍ଚ୍ଚା ସଭାପତି ଗୀତାଞ୍ଜଳି ପାଣିଗ୍ରାହୀ, ଆଇନଜୀବୀ ରାଜେନ୍ଦ୍ର ପ୍ରସାଦ ବୈଠରୁ, ଅନୁସୟା ଭୋଇ, ତୁଷାରକାନ୍ତ କର, ଦିଲୀପ ପ୍ରଧାନ, ନଗର ସାଧାରଣ ସମ୍ପାଦକ ଅନୀଲ ପୃଷ୍ଟି, ସୁରେଶ ଭିତିରିଆ, ଜିଲ୍ଲା ଯୁବ ମୋର୍ଚ୍ଚା ଉପସଭାପତି ଉଦୟ ପ୍ରତାପ ସିଂ ଦେଓ ପ୍ରମୁଖଙ୍କ ସହ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।

ସମ୍ବଲପୁର ଜିଲ୍ଲା

# ୭ ମାସରେ ସଡ଼କ ଦୁର୍ଘଟଣାରେ ୧୩୮ ମୃତ

ସମ୍ବଲପୁର, ୪।୮ (ସମିସ)

ସମ୍ବଲପୁର ଜିଲ୍ଲାରେ ଗତବର୍ଷ ତୁଳନାରେ ଚଳିତବର୍ଷର ୭ ମାସ ମଧ୍ୟରେ ସଡ଼କ ଦୁର୍ଘଟଣା ସାମାନ୍ୟ ବୃଦ୍ଧି ପାଇଥିବା ଜଣାପଡ଼ିଛି। ଗତବର୍ଷ ଜାନୁଆରୀରୁ ଜୁଲାଇ ମାସ ମଧ୍ୟରେ ୨୪୧ ଦୁର୍ଘଟଣାରେ ୧୧୧ ଜଣ ମୃତ୍ୟୁବରଣ କରିଥିବାବେଳେ ଚଳିତବର୍ଷ ସେହି ସମୟ ମଧ୍ୟରେ ୨୫୧ ଦୁର୍ଘଟଣାରେ ୧୩୮ ଜଣ ମୃତ୍ୟୁବରଣ କରିଛନ୍ତି। ସଡ଼କ ଗୁଡ଼ିକର ଶୋଚନୀୟ ସ୍ଥିତି ଏବଂ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟାକୁ ନେଇ ସଚେତନ ମହଲରେ ଉଦ୍‌ବେଗ ପ୍ରକାଶ ପାଉଛି।

ମିଳିଥିବା ତଥ୍ୟ ଅନୁସାରେ ୨୦୨୫ ମସିହା (ଜାନୁଆରୀ-ଜୁଲାଇ) ରେ ମୋଟ ୨୪୧ଟି ଦୁର୍ଘଟଣା ଘଟିଥିଲା, ଯେଉଁଥିରେ ୧୧୧ ଜଣ ମୃତ୍ୟୁବରଣ କରିଥିବାବେଳେ ୮୭ ଜଣ ଗୁରୁତର ଆହତ ହୋଇଥିଲେ। ୨୦୨୬ ମସିହାରେ ସେହି ୭ ମାସ ମଧ୍ୟରେ ୨୫୧ଟି ଦୁର୍ଘଟଣା ହୋଇଛି, ଯେଉଁଥିରେ ୧୩୮ ଜଣ ମୃତ୍ୟୁବରଣ କରିଥିବାବେଳେ ୭୨ ଜଣ ଗୁରୁତର ଆହତ ହୋଇଛନ୍ତି। ଉପରୋକ୍ତ ତଥ୍ୟ ଅନୁସାରେ ଗତବର୍ଷ ତୁଳନାରେ ଚଳିତବର୍ଷ ଦୁର୍ଘଟଣା ସଂଖ୍ୟାରେ ମାତ୍ର ୪.୧୭% ବୃଦ୍ଧି ହୋଇଛି। ଜିଲ୍ଲା ପ୍ରଶାସନ ଏବଂ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ବିଭିନ୍ନ କ୍ଷେତ୍ରରେ ଏନ୍‌ଫୋର୍ସମେଣ୍ଟ କଡ଼ାକଡ଼ି କରାଯିବା ପରେ ସ୍ଥିତିରେ ଉନ୍ନତି ଘଟିଥିବା ଜଣାପଡ଼ିଛି। ପୂର୍ବବର୍ଷ ମାନଙ୍କରେ ଦୁର୍ଘଟଣା ସଂଖ୍ୟା ଅଧିକ ରହିବାସହ ମୃତାହତ ଅଧିକ ହେଉଥିଲେ।

ସେହିପରି ଗତ ଜାନୁଆରୀରୁ ଜୁଲାଇ ପର୍ଯ୍ୟନ୍ତ ସମ୍ବଲପୁର ଜିଲ୍ଲାରେ ମଦପିଇ ଗାଡ଼ିଚାଳନା ପାଇଁ ୮୧୯ ଜଣଙ୍କଠାରୁ ଜୋରିମାନା ଆଦାୟ କରାଯାଇଥିବାବେଳେ ଦ୍ରୁତଗତିରେ ଗାଡ଼ିଚାଳନା ପାଇଁ ୫୩୦୭ ଜଣ, ବିନା ସିଟବେଲ୍ଟରେ ଗାଡ଼ିଚାଳନା ପାଇଁ ୮୦୪ ଜଣ, ହେଲମେଟ ପାଇଁ ୭୯୦୯ ଜଣ, ଦି'ଚକିଆରେ ଦୁଇରୁ ଅଧିକ ବସିବା ପାଇଁ ୬୩୬ ଜଣ, ଗାଡ଼ିଚାଳନା ସମୟରେ ମୋବାଇଲ ଫୋନ ବ୍ୟବହାର ପାଇଁ ୪୨୪ ଜଣ, ମାଲଗାଡ଼ିରେ ଯାତ୍ରୀ ପରିବହନ ପାଇଁ ୩୨୮ ଗାଡ଼ି, ଓଭରଲୋଡ଼ିଂ ପାଇଁ ୨୭୩ ଗାଡ଼ି, ସ୍ୱାଭାବିକ ଟ୍ରାଫିକର ଅପରପାଶ୍ୱର୍ରେ ଗାଡ଼ି ଚଳାଇବା ପାଇଁ ୩୯୮ ଜଣ, ନାବାଳକ ଅପରାଧ ପାଇଁ ୩ ଜଣ, ସ୍ୱାଭାବିକ ଟ୍ରାଫିକ ଅବରୋଧ କରି ରାସ୍ତାରେ ଗାଡ଼ି ରହିଥିବାରୁ ୨୨୧୧ଟି ଗାଡ଼ି, ପଛ ଲାଇଟ୍ କାମ କରୁ ନଥିବା ୧୦୪ ଗାଡ଼ି, ଅସୁରକ୍ଷିତ ଅବସ୍ଥାରେ ଯାନବାହନ ବ୍ୟବହାର କରିବା ୧୮୮ ଗାଡ଼ି ଏବଂ ଅନ୍ୟ ମାମଲାରେ ୨୧୫୯ ଆଦି ବିଭିନ୍ନ ନିୟମ ଉଲ୍ଲଂଘନକାରୀଙ୍କଠାରୁ ଜୋରିମାନା ଆଦାୟ କରାଯାଇଛି। ଗତ ୭ ମାସ ମଧ୍ୟରେ ଏଥିପାଇଁ ମୋଟ ୨୧୫୬୩ଟି ଚଲାନ କଟାଯାଇଥିବା ଆଞ୍ଚଳିକ ପରିବହନ ବିଭାଗ ସୂତ୍ରରୁ ପ୍ରକାଶ।

ଆଞ୍ଚଳିକ ପରିବହନ ଅଧିକାରୀ ରାମଦାସ ଟୁଡୁ କହିଛନ୍ତି, ବିଭିନ୍ନ ସମୟରେ ସଡ଼କ ସୁରକ୍ଷା ଅଭିଯାନ କରି ଚଢ଼ଉ କରିବାସହ ମଦପିଇ ଗାଡ଼ିଚାଳନା, ଦ୍ରୁତ ଗାଡ଼ିଚାଳନା ଏବଂ ଅନ୍ୟ ନିୟମ ଉଲ୍ଲଂଘନକାରୀଙ୍କ ନିୟମାନୁଯାୟୀ ଲାଇସେନ୍ସ ରଦ୍ଦ ଏବଂ ଆର୍ଥିକ ଜୋରିମାନା କରାଯାଉଛି। ବିଭାଗ ପକ୍ଷରୁ ସମ୍ବେଦନଶୀଳ ସ୍ଥାନ ମାନଙ୍କରେ ନିୟମିତ ପାଟ୍ରୋଲିଂ ମଧ୍ୟ କରାଯାଉଛି। ସର୍ବସାଧାରଣ ଗାଡ଼ି ଚଳାଇବା ସମୟରେ ନିୟମ ମାନିବାସହ ନିଜ ଏବଂ ଅନ୍ୟ ଚାଳକଙ୍କ ସୁରକ୍ଷା ଦିଗରେ ଯତ୍ନବାନ ହେବାକୁ ଶ୍ରୀ ଟୁଡୁ ଆହ୍ୱାନ ଦେଇଛନ୍ତି।

| ସମ୍ବଲପୁର ଜିଲ୍ଲା : ଜାନୁଆରୀରୁ ଜୁଲାଇ | | | |
|---|---|---|---|
| ମାସ | ଦୁର୍ଘଟଣା | ମୃତ | ଗୁରୁତର |
| ଜାନୁଆରୀ | ୪୧ | ୨୮ | ୧୧ |
| ଫେବୃଆରୀ | ୩୯ | ୨୦ | ୧୪ |
| ମାର୍ଚ୍ଚ | ୩୪ | ୧୯ | ୦୯ |
| ଏପ୍ରିଲ | ୨୬ | ୧୭ | ୦୫ |
| ମେ | ୩୯ | ୨୦ | ୧୩ |
| ଜୁନ | ୩୭ | ୨୧ | ୦୯ |
| ଜୁଲାଇ | ୩୫ | ୧୩ | ୧୧ |
| ମୋଟ | ୨୫୧ | ୧୩୮ | ୭୨ |

# ବିଜୁ ଜନତା ଦଳର ସମ୍ବଲପୁର ଜିଲ୍ଲା କମିଟି ଗଠିତ

ସମ୍ବଲପୁର, ୪।୮ (ସମିସ) : ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ସମ୍ବଲପୁର ଜିଲ୍ଲା ବିଜୁ ଜନତା ଦଳର ନୂତନ ଟିମ୍ ଘୋଷଣା କରାଯାଇଛି। ପତ୍ର ସଂଖ୍ୟା ୫୯/ପିଆର୍‌ଏସ୍/ଓଆର୍‌ଜି/ବିଜେଡି/୨୦୨୬ ତା. ୩/୮/୨୦୨୬ ଅନୁଯାୟୀ ଜିଲ୍ଲାରେ ମୋଟ ୪୯ ଜଣଙ୍କ ନାମ ଘୋଷଣା କରାଯାଇଛି। ଜିଲ୍ଲା ଉପସଭାପତି ୧୩ ଜଣ, ଜିଲ୍ଲା ସାଧାରଣ ସମ୍ପାଦକ ୧୬ ଜଣ, ଜିଲ୍ଲା ସମ୍ପାଦକ ୧୯ ଜଣ ଏବଂ ଜଣେ ଜିଲ୍ଲା କୋଷାଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଛି। ଏହି ଅବସରରେ ଦଳର ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ଇଂ ରୋହିତ ପୂଜାରୀ ବିଜୁ ଜନତା ଦଳ, ସମ୍ବଲପୁର ଜିଲ୍ଲାର ନବଗଠିତ ଜିଲ୍ଲା କମିଟିରେ ମନୋନୀତ ସମସ୍ତ ପଦାଧିକାରୀମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି। ଏହାସହ ସେ ଦଳର ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ଘୋଷଣା ଅନୁଯାୟୀ, ଜିଲ୍ଲା ଉପସଭାପତି ଭାବରେ ୧୩ଜଣଙ୍କ ମଧ୍ୟରେ ସମ୍ବଲପୁର ନିର୍ବାଚନମଣ୍ଡଳୀର ଆନନ୍ଦ ବଡ଼ଗୟାଁ, ସୁରୁବାବୁ ମେହେର, ପ୍ରଫୁଲ୍ଲ କୁମାର ଦାଶ ଓ ସତ୍ୟେନ୍ଦ୍ର କୁମାର ଦାଶ ଥିବାବେଳେ ରେଢ଼ାଖୋଲର ଆନନ୍ଦି ଚରଣ ସାହୁ, ପ୍ରଫୁଲ୍ଲ ମଗର, ଗୋବିନ୍ଦ ଚନ୍ଦ୍ର ପଟ୍ଟନାୟକ ଓ ରାଜୀବ ଲୋଚନ ପ୍ରଧାନ, ରେଙ୍ଗାଲିର ଜୀତେନ୍ଦ୍ର କୁମାର ପଣ୍ଡା, ଏମ୍‌ବି ସତ୍ୟେନ, ତିଲକ ବାଗ ଓ ଗୋପୀରଞ୍ଜନ ବେହେରା ଏବଂ କୁଚିଣ୍ଡାର ଗଣେଶ ଅଗ୍ରୱାଲ ରହିଛନ୍ତି। ସେହିପରି ଜିଲ୍ଲା ସାଧାରଣ ସମ୍ପାଦକ ଭାବରେ ୧୬ ଜଣଙ୍କ ମଧ୍ୟରେ ସମ୍ବଲପୁର ନିର୍ବାଚନମଣ୍ଡଳୀର ରାଜେଶ କୁମାର ମିଶ୍ର, ମହମ୍ମଦ ସନାଉଲ୍ଲା, ପ୍ରଶାନ୍ତ ଥାପା, ବିଭିଷଣ ଭିସାର, ଆର୍‌ଏ ଶିବ କୁମାର, ପ୍ରଦୀପ କୁମାର ମିଶ୍ର, ଶାନ୍ତନୁ ବଡ଼ପଣ୍ଡା, ସନତ ପଟ୍ଟନାୟକ (କୁଟୁ) ଓ ସୁଶାନ୍ତ ପାଣିଗ୍ରାହୀ (ବୁଲୁ) ଥିବାବେଳେ ରେଢ଼ାଖୋଲର ସୁନୀଲ କୁମାର ପ୍ରଧାନ, ଇସମାଇଲ ଆଜାଦ ବଢ଼େଇ ଓ ଟେଙ୍କମଣି ପ୍ରଧାନ, କୁଚିଣ୍ଡାର ଅମୂଲ୍ୟ କୁମାର ମିଶ୍ର, ଦିଲ୍ଲୀପ ଚୌଧୁରୀ ଓ ଚୂଡ଼ାମଣି ପଟେଲ ଏବଂ ରେଙ୍ଗାଲିର ଜଗନ୍ନାଥ ନାଥ (ଜଗୁ) ନିଯୁକ୍ତ ହୋଇଛନ୍ତି। ଜିଲ୍ଲା କୋଷାଧ୍ୟକ୍ଷ ଭାବେ ରାଜୁ ସଂଖଲିଆଙ୍କୁ ନିଯୁକ୍ତ କରାଯାଇଛି। ଏହାସହ ଜିଲ୍ଲା ସମ୍ପାଦକ ଭାବେ ଜିଲ୍ଲାର ୪ଟି ନିର୍ବାଚନମଣ୍ଡଳୀରେ ୧୯ ଜଣଙ୍କୁ ନିଯୁକ୍ତ କରାଯାଇଛି। ଏହି ନିର୍ଦ୍ଦେଶନାମା ତୁରନ୍ତ କାର୍ଯ୍ୟକାରୀ ହେବ ବୋଲି ପତ୍ରରେ ଉଲ୍ଲେଖ କରାଯାଇଛି। ବିଜେଡି ଜିଲ୍ଲା ସଭାପତି ଇଂ ପୂଜାରୀ ଦୃଢ଼ ବିଶ୍ୱାସ କରି କହିଛନ୍ତି ଯେ, ସମସ୍ତ ପଦାଧିକାରୀ ଓ କର୍ମକର୍ତ୍ତାମାନେ ଏକତା, ନିଷ୍ଠା ଓ ସମର୍ପଣର ସହ କାର୍ଯ୍ୟକରି ସମ୍ବଲପୁର ଜିଲ୍ଲାରେ ବିଜୁ ଜନତା ଦଳକୁ ଆହୁରି ସୁଦୃଢ଼ କରିବା ସହ ଜନସେବାରେ ନିଜକୁ ସମର୍ପିତ କରିବେ।

# ମୋବାଇଲ ଟାୱାର ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦାବିପତ୍ର

ରେଢ଼ାଖୋଲ,୪।୮(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଉପଖଣ୍ଡ ଅଧୀନ ନାକଟିଦେଉଳ ବ୍ଲକ ପାଣିମୋରା ଗ୍ରାମ ପଞ୍ଚାୟତ ଅଧୀନ ଡାଙ୍ଗଟେକା, ସାହାନବାହାଲ



ଗ୍ରାମବାସୀ ଗ୍ରାମରେ ମୋବାଇଲ ନେଟ୍ ୱର୍କ ପାଇଁ ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମୀ ରଞ୍ଜନ ମହନ୍ତଙ୍କୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଉଲ୍ଲେଖ କରିଛନ୍ତି ଯେ ଗ୍ରାମରେ ମୋବାଇଲ ନେଟୱର୍କ ନ ଥିବାରୁ ରୋଗୀମାନଙ୍କୁ ଚିକିତ୍ସା ପାଇଁ ଚିକିତ୍ସାଳୟକୁ ନେବା ପାଇଁ ଆମ୍ବୁଲାନ୍ସ ସେବା ପାଇଁ ବହୁ ଅସୁବିଧା ସମ୍ମୁଖୀନ ହେବାକୁ ପଡୁଛି। ତା ସହିତ ଛାତ୍ରଛାତ୍ରୀ ମାନଙ୍କ ଅନ୍‌ଲାଇନ୍ ପାଠ ପଢା ପାଇଁ ହୋଇ ପାରୁନାହିଁ। ଏହି ଆଧୁନିକ ଯୁଗରେ ଗ୍ରାମରେ ମୋବାଇଲ ସେବା ନ ପାଇବା ବଡ଼ ଦୁଃଖର ବିଷୟ ପାଲଟିଛି। ଏଥିରେ ବାରମ୍ବାର ଅଭିଯୋଗ କଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ସୁଫଳ ମିଳି ପାରିନାହିଁ। ତେଣୁ ଯଥାଶୀଘ୍ର ଉକ୍ତ ସମସ୍ୟା ସମାଧାନ ନ ହେଲେ ଗ୍ରାମବାସୀ ମାନେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବା ପାଇଁ ଚେତାବନୀ ଦେଇଛନ୍ତି। ଏହି ଦାବୀପତ୍ର ପ୍ରଦାନବେଳେ ଗ୍ରାମର ମହିଳା, ପୁରୁଷ ମାନେ ସାମିଲ ରହିଥିଲେ।

# ମୁଦିପଡ଼ାରେ ଡ୍ରେନ୍ ଉପରେ ଜବରଦଖଲ ଉଚ୍ଛେଦ



ସମ୍ବଲପୁର, ୪।୮ (ସମିସ) : ସମ୍ବଲପୁର ସହରର ମୁଦିପଡ଼ାସ୍ଥିତ ଦୁର୍ଗାମନ୍ଦିର ନିକଟରେ ଡ୍ରେନ୍ ଉପରେ ହୋଇଥିବା ବେଆଇନ ଜବରଦଖଲ ଆଜି ମହାନଗର ନିଗମ ପକ୍ଷରୁ ଉଚ୍ଛେଦ କରାଯାଇଛି। ସହରର ଜଳନିଷ୍କାସନ ବ୍ୟବସ୍ଥାକୁ ସୁଚାରୁ ରୂପେ ପରିଚାଳିତ କରିବା ଉଦ୍ଦେଶ୍ୟରେ ଏହି ମିଳିତ ଅଭିଯାନ କରାଯାଉଛି। ସମ୍ବଲପୁର ମହାନଗର ନିଗମର ନିର୍ଦ୍ଦେଶରେ ଆୟୋଜିତ ସ୍ୱତନ୍ତ୍ର ଅଭିଯାନରେ ସମ୍ବଲପୁର ମହାନଗର ନିଗମର ସ୍ୱଚ୍ଛତା ଟିମ୍ "ନିର୍ମଳ', ଟାଟା ପାୱାର, ୱାଟ୍‌କୋ ଏବଂ ସ୍ଥାନୀୟ କେବୁଲ୍ ଅପରେଟରମାନେ ସାମିଲ ହୋଇଥିଲେ। ଏହି ଅଭିଯାନ ସମୟରେ ଡ୍ରେନ୍‌ର ସ୍ୱାଭାବିକ ଜଳ ପ୍ରବାହରେ ବାଧା ସୃଷ୍ଟି କରୁଥିବା ବିଭିନ୍ନ ଅସ୍ଥାୟୀ ନିର୍ମାଣ ଓ ବେଆଇନ ଜବରଦଖଲଗୁଡ଼ିକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରାଯିବା ସହ ସଫେଇ କରାଯାଇଥିଲା। ସମ୍ବଲପୁର ମହାନଗର ନିଗମର "ନିର୍ମଳ' ଟିମ୍ ଡ୍ରେନ୍ ଭିତରେ ଜମା ହୋଇରହିଥିବା ଆବର୍ଜନା, ପ୍ଲାଷ୍ଟିକ୍ ପରିତ୍ୟକ୍ତ ଓ ପଙ୍କ ସଫାକରି ବର୍ଷାଜଳ ପ୍ରବାହ ସୁନିଶ୍ଚିତ କରିଛନ୍ତି। ଏହାସହିତ ରାସ୍ତାଘାଟରେ ସାଧାରଣ ନାଗରିକଙ୍କ ଯାତାୟାତରେ ବାଧା ସୃଷ୍ଟି କରୁଥିବା ଅନାବଶ୍ୟକ ତଥା ବିପଜ୍ଜନକ ବିଦ୍ୟୁତ ଖୁଣ୍ଟ, ଟେଲିଫୋନ୍ ଓ କେବୁଲ ତାର ଏବଂ ପାନୀୟଜଳ ପାଇପ୍‌ଗୁଡ଼ିକୁ ସମ୍ପୃକ୍ତ ବିଭାଗୀୟ ସମନ୍ୱୟରେ ତୁରନ୍ତ ସ୍ଥାନାନ୍ତର ଓ ଅପସାରଣ କରାଯାଇଛି। ସହରରେ ବର୍ଷାଜଳ ନିଷ୍କାସନ ବ୍ୟବସ୍ଥା, ପରିମଳ ପରିଚାଳନା ଏବଂ ସ୍ୱଚ୍ଛ ପରିବେଶ ପ୍ରଦାନ ପାଇଁ ପ୍ରଶାସନ ପକ୍ଷରୁ ଏହି ଅଭିଯାନ ଆଗାମୀ ଦିନରେ ଜାରି ରହିବ ବୋଲି ଡେପୁଟି କମିଶନର ତଥା ଏନ୍‌ଫୋର୍ସମେଣ୍ଟ ଅଫିସର ସୁଶାନ୍ତ ସାହୁ ସୂଚନା ଦେଇଛନ୍ତି। ଅତିରିକ୍ତ ତହସିଲଦାର ପ୍ରତାପ ଶଙ୍କର ଦାସଙ୍କ ସହ ରାଜସ୍ୱ, ମହାନଗର ନିଗମ ଓ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବାଲକିଶନ ପଟୱାରୀ ଜୟନ୍ତୀ ଉପଲକ୍ଷେ ସର୍ଭିକାଲ କର୍କଟ ଯାଞ୍ଚ ଶିବିର

ସମ୍ବଲପୁର, ୪।୮ (ସମିସ) : ବାଲକିଶନ ପଟୱାରୀ ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ଆଜି ବାଲକିଶନ ପଟୱାରୀଙ୍କ ୮୧ତମ ଜନ୍ମବାର୍ଷିକୀ ଅବସରରେ, ସମ୍ବଲପୁରସ୍ଥିତ ବୈଦ୍ୟ ବିକାଶ ହସ୍ପିଟାଲ୍‌ରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ତନ୍ମଧ୍ୟରେ ମାଗଣା ସର୍ଭିକାଲ୍ କ୍ୟାନସର (ଗର୍ଭାଶୟ ମୁଖ କର୍କଟ) ଯାଞ୍ଚ ଓ ଟିକାକରଣ, ରକ୍ତଦାନ ଶିବିର ଏବଂ ୨୫ଟି ସିଲେଇ ମେସିନ୍ ବଣ୍ଟନ ଅନ୍ତର୍ଭୁକ୍ତ ଥିଲା। ସର୍ଭିକାଲ କ୍ୟାନସର ଯାଞ୍ଚ ଓ ଟିକାକରଣ ଶିବିର ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ଚାଲିବ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ମହାନଗର ନିଗମ ଆୟୁକ୍ତ ରେହାନ ଖତ୍ରୀ, ପ୍ରଫେସର ବିପିନ ବିହାରୀ ନନ୍ଦ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀ ଡଃ ସତ୍ୟନାରାୟଣ ନନ୍ଦ, ସମାଜସେବୀ ଶତ୍ରୁଘନଲାଲ ଶାହା ପ୍ରମୁଖ ଯୋଗ ଦେଇଥିଲେ। ଟ୍ରଷ୍ଟର ସଦସ୍ୟ ଅରୁଣ




ପଟୱାରୀ, ଶାନ୍ତା ପଟୱାରୀ, ପୂଜା ପଟୱାରୀ ଏବଂ କୁଶାଗ୍ର ପଟୱାରୀ ଆୟୋଜନରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ଏହି ଅବସରରେ ଟ୍ରଷ୍ଟ ସମସ୍ତ ଡାକ୍ତର, ରକ୍ତଦାତା, ସହଯୋଗୀ ମାନଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିବା ସହ ସାମାଜିକ ସ୍ୱାସ୍ଥ୍ୟ, ମହିଳା ସଶକ୍ତୀକରଣ ଏବଂ ମାନବୀୟ ସେବା ପ୍ରତି ନିଜର ପ୍ରତିବଦ୍ଧତାକୁ ଦୋହରାଇଥିଲା। କାର୍ଯ୍ୟକ୍ରମରେ ସହଯୋଗ ପାଇଁ ବାଲକିଶନ ପାଟୱାରୀ ଟ୍ରଷ୍ଟ ତରଫରୁ 'ବୈଦ୍ୟ ବିକାଶ ହସ୍ପିଟାଲ୍'ର ଅଧ୍ୟକ୍ଷ ଭାସ୍କର ରାଓଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଥିଲା। ଟ୍ରଷ୍ଟ ସଦସ୍ୟ ଅରୁଣ ପଟୱାରୀ କହିଛନ୍ତି, ବିକାଶ ହସ୍ପିଟାଲ ସହ ମିଶି ଗତ ୬ ବର୍ଷ ଧରି ବାପାଙ୍କ ଜୟନ୍ତୀ ଅବସରରେ ଏହି ସେବା କାର୍ଯ୍ୟ କରିଆସୁଛନ୍ତି। ଟ୍ରଷ୍ଟ ପକ୍ଷରୁ ମୁଖ୍ୟତଃ ଶିକ୍ଷା ଓ ସ୍ୱାସ୍ଥ୍ୟ ଦିଗରେ ସହାୟତା ପ୍ରଦାନ କରାଯାଉଛି। ଚଳିତବର୍ଷ ନୂତନ ଭାବେ ସର୍ଭିକାଲ କ୍ୟାନସର ଯାଞ୍ଚ ଓ ଟିକାକରଣ ମାଗଣା ଶିବିର କରାଯାଉଛି, ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ସୁବିଧାକୁ ସମ୍ବଲପୁରବାସୀ ଉପଯୋଗ କରିବା ପାଇଁ ଶ୍ରୀ ପଟୱାରୀ ଅନୁରୋଧ କରିଛନ୍ତି।

# 'ସମ୍ବଲ' ପକ୍ଷରୁ ୨ ଅଜଣା ଶବ ସତ୍କାର

ସମ୍ବଲପୁର, ୪।୮ (ସମିସ) : ଆଜି ପୁଣି ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସମ୍ବଲ' ପକ୍ଷରୁ ଦୁଇଟି ଅଜଣା ଶବ ସତ୍କାର କରାଯାଇଛି। ଅନୁଷ୍ଠାନକୁ ରେଳବାଇ ପୁଲିସ ତରଫରୁ ଜଣେ ୪୦ ରୁ ୪୫ ବର୍ଷ ବୟସ୍କା ମହିଳାଙ୍କ ଶବ ଏବଂ ବୁର୍ଲା ମେଡିକାଲ ଫାଣ୍ଡି ତରଫରୁ ଜଣେ ୬୫ ବର୍ଷ ବୟସ୍କଙ୍କ ଶବ ହସ୍ତାନ୍ତର କରାଯାଇଥିଲା। ଉଭୟଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ୯୬ ଘଣ୍ଟା ଫ୍ରିଜର୍‌ରେ ରଖିଲା ପରେ ମଧ୍ୟ କେହି ଆତ୍ମୀୟସ୍ୱଜନ ନ ଆସିବାରୁ 'ସମ୍ବଲ' ପରିବାରକୁ ଶବ ସତ୍କାର ପାଇଁ ଲିଖିତ ଭାବେ ଅନୁରୋଧ କରାଯାଇଥିଲା। ଖବରପାଇ 'ସମ୍ବଲ'ର ଆନନ୍ଦ ଅଜାଡ଼ିୱାଲ ଏବଂ ରାମଦାସ ପଣ୍ଡା ମନ୍ଦଲିଆସ୍ଥିତ ରାଜଘାଟରେ ସମ୍ମାନର ସହ ଶବ ସତ୍କାର କରିଥିଲେ।

# ବନ୍ୟାଜନିତ ମୃତ୍ୟୁ ଓ କ୍ଷୟକ୍ଷତିର ତଥ୍ୟକୁ ଲୁଚାଯାଉଛି: ବିଜେଡି ସାଧାରଣ ସମ୍ପାଦକ

ସମ୍ବଲପୁର, ୪।୮ (ସମିସ)

ବର୍ତ୍ତମାନ ଲଘୁଚାପ ଓ ଲଗାଣ ବର୍ଷା ଯୋଗୁଁ ସମ୍ବଲପୁର ଜିଲ୍ଲାରେ ବ୍ୟାପକ ଧନଜୀବନ କ୍ଷୟକ୍ଷତି ଘଟିଥିବା ବେଳେ ଜିଲ୍ଲା ପ୍ରଶାସନ ପ୍ରକୃତ ବନ୍ୟାଜନିତ ମୃତ୍ୟୁ ଓ କ୍ଷୟକ୍ଷତିର ତଥ୍ୟକୁ ଚାପି ଦେବାକୁ ଉଦ୍ଦେଶ୍ୟମୂଳକ ପ୍ରୟାସ କରୁଥିବା ଅଭିଯୋଗ କରିଛନ୍ତି ବିଜୁ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ସଞ୍ଜିତ ମହାନ୍ତି। ଏହି ପ୍ରସଙ୍ଗରେ ଶ୍ରୀ ମହାନ୍ତି ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କୁ ଏକ ବିସ୍ତୃତ ଦାବିପତ୍ର ପ୍ରଦାନ କରିଥିବାବେଳେ ଏହାର ନକଲ ରାଜସ୍ୱ ବିଭାଗର ପ୍ରମୁଖ ସଚିବ, ଏସ୍‌ଆର୍‌ସି ଏବଂ ସମ୍ବଲପୁର ଜିଲ୍ଲାପାଳଙ୍କୁ ମଧ୍ୟ ପଠାଇଛନ୍ତି। ଦାବିପତ୍ରରେ ସେ ଦର୍ଶାଇଛନ୍ତି ଯେ ରେଙ୍ଗାଲି ବ୍ଲକ ଅନ୍ତର୍ଗତ ସାଲଡ଼ ଗ୍ରାମର ୬୪ ବର୍ଷୀୟା ବୁଦୁନୀ ମୁଣ୍ଡାଙ୍କର ଗତ ୨୯ ଜୁଲାଇରେ ଲଗାଣ ବର୍ଷା ସମୟରେ ଘରର କାନ୍ଥ ଭୁଶୁଡ଼ି ପଡ଼ିବାରୁ ମୃତ୍ୟୁ ଘଟିଥିଲା। କିନ୍ତୁ ଶବ ବ୍ୟବଚ୍ଛେଦ ରିପୋର୍ଟକୁ ଆଳ କରି ଏହି ମୃତ୍ୟୁକୁ ବନ୍ୟାଜନିତ ମୃତ୍ୟୁଭାବେ ସ୍ୱୀକୃତି ଦିଆଯାଇନଥିବାରୁ ତାଙ୍କ ପରିବାର ସରକାରୀ ଆର୍ଥିକ ସହାୟତାରୁ ବଞ୍ଚିତ ହୋଇଛନ୍ତି। ଏହି ଘଟଣାରେ ମନ୍ତ୍ରୀ ବ୍ୟକ୍ତିଗତ ହସ୍ତକ୍ଷେପ କରି ତୁରନ୍ତ ସହାୟତା ପ୍ରଦାନ କରିବାକୁ ସେ ଦାବି କରିଛନ୍ତି।

ଶ୍ରୀ ମହାନ୍ତି ଆହୁରି କହିଛନ୍ତି ଯେ ଜିଲ୍ଲା ପ୍ରଶାସନ କେବଳ ପଟ୍ଟାଧାରୀଙ୍କ ଘରର କ୍ଷୟକ୍ଷତି ଆକଳନ କରି ୬୭ଟି ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ଘରର ରିପୋର୍ଟ ଏସ୍‌ଆର୍‌ସିଙ୍କ ନିକଟକୁ ପଠାଇଛି। ଅଥଚ ପଟ୍ଟାବିହୀନ ଗରିବ ପରିବାର ଓ ବସ୍ତି ଅଞ୍ଚଳର ଅନେକ ଲୋକଙ୍କ ଘର ଭୁଶୁଡ଼ି ପଡ଼ିଥିଲେ ମଧ୍ୟ ସେମାନଙ୍କ କ୍ଷତିକୁ ସରକାରୀ ତଥ୍ୟରେ ସାମିଲ କରାଯାଇନାହିଁ। ଫଳରେ ପ୍ରକୃତ କ୍ଷୟକ୍ଷତି ସରକାରୀ ରିପୋର୍ଟଠାରୁ ବହୁ ଅଧିକ ଥିବା ସନ୍ଦେହ ସୃଷ୍ଟି ହେଉଛି। ସେ ପ୍ରଶ୍ନ କରିଛନ୍ତି ଯେ, ସରକାର ବାରମ୍ବାର ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କା ଘର ଯୋଗାଇ ଦିଆଯାଇଥିବା ଦାବି କରୁଥିବାବେଳେ ଏତେ ସଂଖ୍ୟାରେ ଦୁର୍ବଳ ଓ କଚ୍ଚା ଘର କେଉଁଠୁ ଆସିଲା ଏବଂ ବର୍ଷାରେ କିପରି ଭୁଶୁଡ଼ି ପଡ଼ିଲା? ଏହା ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟକାରିତା ଓ ହିତାଧିକାରୀ ଚୟନ ପ୍ରକ୍ରିୟା ଉପରେ ବଡ଼ ପ୍ରଶ୍ନ ସୃଷ୍ଟି କରୁଛି। ସମ୍ବଲପୁର ରାଜସ୍ୱ ମନ୍ତ୍ରୀଙ୍କ ନିଜ ଜିଲ୍ଲା ହୋଇଥିବାରୁ ସେ ଏଠାକାର ବାସ୍ତବ ସ୍ଥିତି ସମ୍ପର୍କରେ ସମ୍ପୂର୍ଣ୍ଣ ଅବଗତ ଅଛନ୍ତି। ତେଣୁ ସେ ବ୍ୟକ୍ତିଗତ ଭାବେ ଏହି ସମସ୍ତ ପ୍ରସଙ୍ଗର ତଦାରଖ କରି ପ୍ରକୃତ ବନ୍ୟାଜନିତ ମୃତ୍ୟୁ ଓ କ୍ଷୟକ୍ଷତିର ସଠିକ୍ ଆକଳନ ସହ ସମସ୍ତ ପ୍ରକୃତ କ୍ଷତିଗ୍ରସ୍ତଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଶ୍ରୀ ମହାନ୍ତି ଦାବି କରିଛନ୍ତି।

ଏଥିସହ ସେ ବୁଦୁନୀ ମୁଣ୍ଡାଙ୍କ ମୃତ୍ୟୁକୁ ବନ୍ୟାଜନିତ ମୃତ୍ୟୁ ଭାବେ ସ୍ୱୀକୃତି ଦେଇ ତୁରନ୍ତ ଆର୍ଥିକ ସହାୟତା ପ୍ରଦାନ, ସମ୍ବଲପୁରରେ ବନ୍ୟାଜନିତ ମୃତ୍ୟୁ ଓ ଘର କ୍ଷୟକ୍ଷତିର ନିରପେକ୍ଷ ତଦନ୍ତ ଏବଂ ପଟ୍ଟାବିହୀନ ପରିବାରଙ୍କୁ ମଧ୍ୟ ସରକାରୀ ସହାୟତାରେ ସାମିଲ କରିବା ପାଇଁ ନିୟମ କୋହଳ କିମ୍ବା ସଂଶୋଧନ କରିବାକୁ ଦାବି କରିଛନ୍ତି। ଶ୍ରୀ ମହାନ୍ତି କହିଛନ୍ତି ଯେ, ପଟ୍ଟା ନଥିବାରୁ ପ୍ରକୃତ କ୍ଷତିଗ୍ରସ୍ତ ପରିବାରମାନେ ସରକାରୀ ସହାୟତାରୁ ବଞ୍ଚିତ ହେଉଥିବା ସମସ୍ୟା କେବଳ ସମ୍ବଲପୁରରେ ସୀମିତ ନୁହେଁ, ବରଂ ସମଗ୍ର ରାଜ୍ୟର ଏକ ଗୁରୁତର ସମସ୍ୟା। ତେଣୁ ସରକାର ତୁରନ୍ତ ଏହି ନିୟମର ପୁନଃ ସମୀକ୍ଷା କରି ଆବଶ୍ୟକ ସଂଶୋଧନ ଆଣିବା ଉଚିତ, ଯାହାଫଳରେ କେବଳ ପଟ୍ଟା ନଥିବା କାରଣରୁ କୌଣସି ପ୍ରକୃତ ବିପର୍ଯ୍ୟସ୍ତ ପରିବାର ସରକାରୀ ସହାୟତାରୁ ବଞ୍ଚିତ ନ ହୁଅନ୍ତୁ। ଏହାସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ହିତାଧିକାରୀ ଚୟନ ବ୍ୟବସ୍ଥାର ପୁନଃସମୀକ୍ଷା କରି ପ୍ରକୃତ ଯୋଗ୍ୟ ପରିବାରଙ୍କୁ ପକ୍କା ଘର ଯୋଗାଇବାକୁ ମଧ୍ୟ ସେ ଦାବି କରିଛନ୍ତି।


**ରାଜସ୍ୱ ମନ୍ତ୍ରୀ ନିଜ ଜିଲ୍ଲାର ବନ୍ୟାସ୍ଥିତି ଉପରେ ଆଇନ ସହିତ ମାନବିକତା ଦୃଷ୍ଟିରୁ ସମୀକ୍ଷା କରିବାକୁ ଦାବି**

# ବାହାର ରାଜ୍ୟର ଫେରିବାଲା ଓ ମିସ୍ତ୍ରିଙ୍କୁ ଚିହ୍ନଟ କରାଯାଉ

ରେଢ଼ାଖୋଲ,୪।୮(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଅଞ୍ଚଳରେ ବାହାର ରାଜ୍ୟର ଠିକାଦାର ଓ ମିସ୍ତ୍ରୀ ଦିନକୁ ଦିନ ବଢୁଛନ୍ତି। ଫଳରେ ସେମାନଙ୍କ ଗୁଣ୍ଡାଗର୍ଦ୍ଦି ବୃଦ୍ଧି ପାଉଛି। ତେଣୁ ଏମାନଙ୍କୁ ଚିହ୍ନଟ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ସୂଚନା ଅନୁସାରେ, ଗତଶନିବାର ରାତିରେ ସଂଘବଦ୍ଧ ଭାବରେ ବଙ୍ଗାଳୀ ମିସ୍ତ୍ରୀ ମାନେ ଜେଣେ ସ୍ଥାନୀୟ ଶ୍ରମିକଙ୍କ ତଣ୍ଟି କାଟିଦେଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଉକ୍ତ ଶ୍ରମିକଙ୍କ ନାମ ଟୁନା ମହାର। ଏମାନେ ଝାରଖଣ୍ଡ ଓ ବାଂଲାଦେଶରୁ ଆସି ସ୍ଥାନୀୟ ଅଞ୍ଚଳର ଜଙ୍ଗଲ ସଫାକରି ରହି ଏଠାରେ ନିଜ କାୟା ବିସ୍ତାର କରିବାରେ ଲାଗିଛନ୍ତି। କେତେକ ଫେରିବାଲା, ରାଜମିସ୍ତ୍ରୀ କାମକରି ରାତିହେଲେ ଚୋରି କରୁଛନ୍ତି। ରାଜମିସ୍ତ୍ରୀ ପାଖରେ ଶ୍ରମିକ ଭାବରେ କାମ କରୁଥିବା ସ୍ଥାନୀୟ ମହିଳା ଓ ଝିଅଙ୍କୁ ପ୍ରେମ ଜାଲରେ ଫସାଉଛନ୍ତି। ଏବଂ ତାଙ୍କ ଠାରୁ ସନ୍ତାନ ଜନ୍ମ ହେଲା ପରେ ଛାଡ଼ି ଚାଲିଯାଉଛନ୍ତି। ଏହା ଅତ୍ୟନ୍ତ ଚିନ୍ତାଜନକ ବିଷୟ। ତେଣୁ ସେମାନଙ୍କୁ ଚିହ୍ନଟ କରି ତଡ଼ିପାର କରାଯାଉ ବୋଲି ଦାବି କରାଯାଇଛି। ରେଢ଼ାଖୋଲ ଉପଖଣ୍ଡ ଓ ସହରରେ ବାହାର ଲୋକଙ୍କୁ ଘରଭଡା ଦେଉଥିବା ଘର ମାଲିକଙ୍କଠାରୁ ସମ୍ପୂର୍ଣ୍ଣ ସୂଚନା ଗ୍ରହଣ କରାଯାଉ ବୋଲି ଆଜି ଏକ ପ୍ରେସ୍ ବିବୃତିରେ ବିଜେପି ବିଧାନସଭା ଗଣମାଧ୍ୟମ ସଂଯୋଜକ ଅନିଲ ପୃଷ୍ଟି ପ୍ରଶାସନ ପାଖରେ ଦାବି କରିଛନ୍ତି।

# ‘ମୁକେଶ’ ବିରୁଦ୍ଧରେ ଲାଗିଲା ଆଉ ଏକ ମାମଲା

ବ୍ରହ୍ମପୁର,୪।୮ (ସମିସ)





ଗତ ମେ ୧୮ ତାରିଖ ରାତିରେ ଟାଉନ ଥାନା ଅନ୍ତର୍ଗତ ଗିରିରୋଡରେ ଉମେଶ ରଥ ଓ ତାଙ୍କ ବାନ୍ଧବୀଙ୍କୁ ବିଚ ରାସ୍ତାରେ ସର୍ବସମ୍ମୁଖରେ ହୋଇଥିଲା ମରଣାନ୍ତକ ଆକ୍ରମଣ। ଏଥିରେ ଗୁରୁତର ଆହତ ହୋଇ ଉମେଶ ବର୍ତ୍ତମାନ ସୁଦ୍ଧା ରାଜ୍ୟ ବାହାରେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଜଣାପଡିଛି। ଏହି ମାମଲାରେ ପୁଲିସ ୪ଜଣଙ୍କୁ ଗିରଫ କରିଥିବା ବେଳେ ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ସନ୍ଦୀପ ସାହୁ ଓରଫ୍ ‘ମୋଗଲୀ’ ବର୍ତ୍ତମାନ ସୁଦ୍ଧା ଫେରାର ରହିଛି। ଏହି ମାମଲାରେ ପୁଲିସ ଦୁଇ ଭାଇ ଆଶିଷ ସାହୁ, ମୁକେଶ ସାହୁ, ରାଜ ମାନତ୍ରା ଓ ଦିନେଶ ପଣ୍ଡା ସମେତ ମୋଟ ୫ଜଣଙ୍କୁ ଇତି ମଧ୍ୟରେ ଗିରଫ କରିସାରିଛି। ଗିରଫଦାରୀକୁ ଏଡ଼ାଇବାକୁ ଯାଇ ଫେରାର ମୋଗଲୀ ହାଇକୋର୍ଟରେ ଆଗୁଆ ଜାମୀନ ଆବେଦନ କରିଥିବା ବେଳେ ଇତି ମଧ୍ୟରେ ତାହାକୁ ନିଜଆଡୁ ପ୍ରତ୍ୟାହାର କରିନେଇଥିବା ସୂଚନା ମିଳିଛି। ଫଳରେ ଖୁବ୍‌ଶୀଘ୍ର ମୋଗଲୀ ମଧ୍ୟ ଥାନାରେ ଆତ୍ମସମର୍ପଣ କରିବାର ଯଥେଷ୍ଟ ସମ୍ଭାବନା ସୃଷ୍ଟି ହୋଇଛି। ସେହିଭଳି ଘଟଣା ପରେ ପୁଲିସ ଏନକାଉଣ୍ଟରର ଶିକାର ହୋଇଥିବା ମୁକ୍ତେଶ ସାହୁ ଓରଫ୍ ମୁକେଶ ମେଡିକାଲରୁ ଡିସଚାର୍ଜ ହେବାପରେ ପୁଲିସ ଗିରଫ କରି କୋର୍ଟରେ ହାଜର କରିଥିଲା। ମୁକେଶ ନାମରେ ପୂର୍ବରୁ ଏକାଧିକ ସଙ୍ଗୀନ ମାମଲା ରହିଥିବା ବେଳେ ପରବର୍ତ୍ତି ସମୟରେ ଉମେଶ ରଥଙ୍କ ଉପରେ ଆକ୍ରମଣ ଓ ପରେ ପୁଲିସ ଉପରକୁ ଆକ୍ରମଣ ଭଳି ଦୁଇଟି ମାମଲା ଲାଗିଥିଲା। ବର୍ତ୍ତମାନ ପୁଣି ମୁକେଶ ନାମରେ ଆଉଏକ ମାମଲା ଲାଗିଥିବା ଜଣାପଡିଛି। ଗୋଷାଣୀନୂଆଗାଁ ଥାନା ପକ୍ଷରୁ ମୁକେଶ ନାମରେ ଏହି ମାମଲା ରୁଜୁ ହୋଇଥିବା ବେଳେ ଆଜି ଆହତ ମୁକେଶକୁ ଜେଲରୁ କଡା ସୁରକ୍ଷା ମଧ୍ୟରେ ସ୍ଥାନୀୟ ଏସଡିଜେଏମଙ୍କ କୋର୍ଟକୁ ଅଣାଯାଇଥିଲା। ଏବଂ ଏହି ମାମଲାରେ ମୁକେଶକୁ ରିମାଣ୍ଡ ଦିଆଯାଇଥିଲା। ପ୍ରକାଶ ଯୋଗ୍ୟ ଯେ’ ଗତ ୨୨ଏପ୍ରିଲରେ ରାତି ପ୍ରାୟ ୧୧ଟା ସମୟରେ ବିଜିପୁର ବଡସାହିର ଅରୁଣ ମହାରଣା (୪୫) ହିଲପାଟଣା ସ୍ଥିତ ନିଜ ମୋବାଇଲ ଦୋକାନ ବନ୍ଦ କରି ଦୁଇ ବନ୍ଧୁ ଗୌରୀ ଓ କାଳିଆଙ୍କ ସହ ଘରକୁ ଫେରିବାକୁ ପ୍ରସ୍ତୁତ ହେଉଥିବା ବେଳେ ଅଚାନକ ମୁକ୍ତେଶ ଓରଫ ମୁକେଶ ଦୋକାନ ନିକଟକୁ ଆସି ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ବନ୍ଧୁ ଗୌରୀଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲା। ଯେଉଁଥିରେ ଗୌରୀଙ୍କ ବାମ ହାତରେ ଗଭୀର ଆଘାତ ଲାଗି ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଆକ୍ରମଣକୁ ପ୍ରତିବାଦ କରିବାରୁ ତାଙ୍କୁ ମଧ୍ୟ ଏକ ଲୁହା ରଡରେ ଆକ୍ରମଣ କରି ହତ୍ୟା ଉଦ୍ୟମ କରିଥିଲା। ଆକ୍ରମଣରେ ଅରୁଣଙ୍କ ମୁଣ୍ଡ ଓ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ହୋଇଥିଲା। ପରେ ସମସ୍ତଙ୍କୁ ସେ ହତ୍ୟା ଧମକ ମଧ୍ୟ ଦେଇଥିବା ନେଇ ଅରୁଣ ଥାନାରେ ଦେଇଥିବା ଏତଲାରେ ଉଲ୍ଲେଖ କରିଛନ୍ତି। ଅରୁଣଙ୍କ ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଏହି ମାମଲାରେ ମୁକେଶକୁ ଆଜି କୋର୍ଟରେ ହାଜର କରି ରିମାଣ୍ଡ ଦିଆଯାଇଥିବା ଜଣାପଡିଛି।

- ଉମେଶ ରଥ ଓ ବାନ୍ଧବୀଙ୍କୁ ବିଚ୍ ରାସ୍ତାରେ ଆକ୍ରମଣ ମାମଲାରେ ଗିରଫ ଅଭିଯୁକ୍ତ ‘ମୁକେଶ’
- ଏନ୍‌କାଉଣ୍ଟରରେ ଆହତ ମୁକେଶକୁ ଜେଲ୍‌ରୁ ଏସଡିଜେଏମଙ୍କ କୋର୍ଟରେ ହାଜର କଲା ପୁଲିସ
- ହାଇକୋର୍ଟରେ ଆଗୁଆ ଜାମିନ ଆବେଦନକୁ ନିଜଆଡୁ ପ୍ରତ୍ୟାହାର କଲା ଫେରାର ‘ମୋଗଲୀ’

## ୧୦ କେଜି ଗଞ୍ଜେଇ ଜବତ; ରୋରା ଚାଲାଣକାରୀ ଗିରଫ



ବ୍ରହ୍ମପୁର,୪।୮ (ସମିସ): ଅବକାରୀ ଗୁଇନ୍ଦା ପକ୍ଷରୁ ମଙ୍ଗଳବାର ଆଙ୍କୁଶପୁର ସ୍ଥିତ ଏସ୍‌ଏମ୍‌ଆଇଟି କଲେଜ ନିକଟରେ ଏକ ସନ୍ଦିଗ୍ଧ ମୋଟରସାଇକେଲକୁ ଅଟକାଇ ଯାଞ୍ଚ କରାଯାଇଥିଲା। ଯାଞ୍ଚ ବେଳେ ଅବକାରୀ ଗୁଇନ୍ଦା ୧୦ କେଜି ଗଞ୍ଜେଇ ଜବତ କରିଛି। ଏଥିସହ ଏକ ମୋଟରସାଇକେଲ ଓ ଏକ ମୋବାଇଲ ଫୋନ୍ ମଧ୍ୟ ଜବତ କରାଯାଇଛି। ଜବତ ସାମଗ୍ରୀର ଆନୁମାନିକ ମୂଲ୍ୟ ପ୍ରାୟ ୧.୮ ଲକ୍ଷ ଟଙ୍କା ବୋଲି ଅବକାରୀ ବିଭାଗ ସୂଚନା ଦେଇଛି। ଏହି ଘଟଣାରେ ପୁରୀ ଜିଲ୍ଲା ବାଲଙ୍ଗା ଥାନା ଅଧୀନ ଛନାନଘରା ଗ୍ରାମର ବବୁଲ ବାଛି (୨୪)ଙ୍କୁ ଗିରଫ କରାଯାଇଛି। ତାଙ୍କ ବିରୋଧରେ ଏନ୍‌ଡିପିଏସ୍ ଆଇନର ସମ୍ପୃକ୍ତ ଧାରାରେ ମାମଲା ରୁଜୁ କରି କୋର୍ଟକୁ ଚାଲାଣ କରାଯାଇଛି। ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ବେଳେ ଏହି ଚାଲାଣ ପଛରେ ଆଉ କିଏ କିଏ ସମ୍ପୃକ୍ତ ଅଛନ୍ତି ସେନେଇ ଖୋଳତାଡ଼ ଚାଲିଛି। ଅଭିଯୁକ୍ତ ଜଣକ ଗଞ୍ଜେଇ ଗଜପତି ଜିଲ୍ଲାରୁ ପୁରୀକୁ ଚାଲାଣ କରୁଥିବା ଅବକାରୀ ଗୁଇନ୍ଦା ପକ୍ଷରୁ କୁହାଯାଇଛି। ଚଢ଼ାଉରେ ଅବକାରୀ ବିଭାଗର ଏସଆଇ ନମ୍ରତା ନାହାକ, କୁମୁଦ ପ୍ରଧାନ, କପିଳାଶ ଭାତ୍ରା, ପ୍ରବୀର ସାମଲ, ପରେଶ ବେହେରା ଓ ସୀତା ମୁର୍ମୁ ସାମିଲ ଥିଲେ। ରାଷ୍ଟ୍ରପତିଙ୍କ ଗଞ୍ଜାମ ଗସ୍ତ ଅବସରରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ଥିବା ସତ୍ତ୍ୱେ ଗଞ୍ଜେଇ ଚାଲାଣକାରୀ ସକ୍ରିୟ ଥିବା ଘଟଣା ପୁଣିଥରେ ନିଶା କାରବାରର ବାସ୍ତବ ଚିତ୍ରକୁ ସାମ୍ନାକୁ ଆସିଛି।

## ଗଞ୍ଜାମ ଜିଲ୍ଲା କ୍ରିକେଟ ସଂଘର କର୍ମକର୍ତ୍ତା ନିର୍ବାଚନ



ବ୍ରହ୍ମପୁର,୪।୮ (ସମିସ): ଓଡିଶା କ୍ରିକେଟ ଆସୋସିଏସନ ଦ୍ୱାରା ଅନୁବନ୍ଧିତ ଗଞ୍ଜାମ ଜିଲ୍ଲା କ୍ରିକେଟ ସଂଘର କର୍ମକର୍ତ୍ତା ନିର୍ବାଚନ ପାଇଁ ଜାରି ହୋଇଛି ବିଜ୍ଞପ୍ତି। ଆଜି ସ୍ଥାନୀୟ ନେହେରୁ ନଗର ସ୍ଥିତ ସଂଘର କାର୍ଯ୍ୟାଳୟରେ ପୂର୍ବାହ୍ନ ୧୦ଟା ଠାରୁ ଅପରାହ୍ନ ୧ଘଣ୍ଟା ପର୍ଯ୍ୟନ୍ତ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଜାରି ରହିଥିଲା। ନିର୍ବାଚନ ଅଧିକାରୀ ଭାବେ ନିଯୁକ୍ତ ଡଃ ସତ୍ୟବ୍ରତ ପାତ୍ର ଏହି ନିର୍ବାଚନ ପରିଚାଳନା କରୁଛନ୍ତି। ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ସଂଘର ମୋଟ ସଦସ୍ୟ ତଥା ୨୫ଜଣ ଭୋଟରଙ୍କ ତାଲିକା ପ୍ରକାଶ କରିବା ସହିତ ୧୧ଟି ପଦବୀ ପାଇଁ ନାମାଙ୍କନ ପତ୍ର ଗ୍ରହଣ କରିଛନ୍ତି। ତେବେ ନିର୍ଦ୍ଧାରିତ ସମୟ ମଧ୍ୟରେ ୧୧ଟି ପଦବୀ ପାଇଁ ନିର୍ବାଚନ ହେବାକୁ ଥିବାବେଳେ ମାତ୍ର ୭ଟି ପଦବୀ ପାଇଁ ନାମାଙ୍କନ ପତ୍ର ଦାଖଲ ହୋଇଥିବା ଜଣାପଡିଛି। ଆସନ୍ତା ୫ତାରିଖରେ ପ୍ରାର୍ଥୀପତ୍ର ଯାଞ୍ଚ କରାଯିବାକୁ ଥିବା ବେଳେ ୬ରେ ନାମାଙ୍କନ ପତ୍ର ପ୍ରତ୍ୟାହାର, ୭ରେ ଯୋଗ୍ୟ ପ୍ରାର୍ଥୀଙ୍କ ଚୂଡାନ୍ତ ତାଲିକା ପ୍ରକାଶନ ଏବଂ ଆସନ୍ତା ୯ତାରିଖରେ ଆବଶ୍ୟକ ସ୍ଥଳେ ନିର୍ବାଚନ ହେବ। ନିର୍ବାଚନ ପାଇଁ ଗଞ୍ଜାମ ଜିଲ୍ଲା କ୍ରିକେଟ ସଂଘର ସଭାପତି ଅଶୋକ କୁମାର ସାହୁ ଓ ସାଧାରଣ ସମ୍ପାଦକ ତାରିଣୀ ଚରଣ ସାମନ୍ତରାୟଙ୍କ ସ୍ୱାକ୍ଷରରେ ଗତ ଜୁଲାଇ ୧୮ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ବିଜ୍ଞପ୍ତିରେ ସଂଘର କର୍ମକର୍ତ୍ତା ନିର୍ବାଚନ ତୁରନ୍ତ କରିବାକୁ ଗତ ୨୦୨୫ମସିହା ନଭେମ୍ବର ୧୧ତାରିଖରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ରହିଥିବା ଦର୍ଶାଯାଇଥିବା ବେଳେ ଏହାକୁ ନେଇ ଆପତ୍ତି ଉଠାଇଛନ୍ତି ଖୋଦ୍ ସଂଘର ପୂର୍ବତନ ଉପ ସଭାପତି ବିଜୟ କୁମାର ପଟ୍ଟନାୟକ ଓ କୋଷାଧ୍ୟକ୍ଷ ରମଣୀ ରଂଜନ ମହାନ୍ତି। ସଂଘର ନିର୍ବାଚନ ସଂକ୍ରାନ୍ତରେ ହାଇକୋର୍ଟ କୌଣସି ଟିପ୍ପଣୀ ଦେଇନଥିବା ଅଭିଯୋଗ କରି ଉଭୟେ ଘଟଣା ସମ୍ପର୍କରେ ଜିଲ୍ଲାପାଳଙ୍କୁ ଓ ଓଡିଶା କ୍ରିକେଟ ସଂଘ ସମ୍ପାଦକଙ୍କୁ ଚିଠି ଲେଖି ଅଭିଯୋଗ କରିଥିବା ଜଣାପଡିଛି। ସେପଟେ ଏହାକୁ ନେଇ ୨୦୨୨ମସିହା କମିଟିର ଯୁଗ୍ମ ସମ୍ପାଦକ ବିଜୟ ଭାସ୍କର ସିଂ ସାମନ୍ତ ମଧ୍ୟ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିବା ଜଣାପଡିଛି। ଏଭଳି ସ୍ଥିତିରେ ବିବାଦରେ ଛନ୍ଦି ହୋଇପଡିଥିବା ଗଞ୍ଜାମ ଜିଲ୍ଲା କ୍ରିକେଟ ସଂଘର କର୍ମକର୍ତ୍ତା ନିର୍ବାଚନ ହେବ କି ନାହିଁ ତାକୁ ନେଇ ମଧ୍ୟ କଳ୍ପନାଜଳ୍ପନା ଲାଗି ରହିଛି।

- ୧୧ଟି ପଦବୀ ପାଇଁ ନାମାଙ୍କନ ଭରିଲେ ୭ଜଣ ପ୍ରାର୍ଥୀ, ଆଜି ନାମାଙ୍କନ ପତ୍ର ଯାଞ୍ଚ
- ଅଗଷ୍ଟ ୯ରେ ନିର୍ବାଚନ; ‘ଜିଡିସିଏ’ର ନିର୍ବାଚନକୁ ନେଇ ଟଳିନି ବିପଦ
- ନିର୍ବାଚନକୁ ଆପତ୍ତି ଉଠାଇ ସଭାପତି ଓ ସମ୍ପାଦକଙ୍କୁ ନୋଟିସ କରିଛନ୍ତି ପୂର୍ବ କର୍ମକର୍ତ୍ତା

## ସିଆଇଏସ୍‌ଇ ୧୭ ବର୍ଷରୁ କମ୍ ରାଜ୍ୟସ୍ତରୀୟ କ୍ରିକେଟ୍



ବ୍ରହ୍ମପୁର,୪।୮ (ସମିସ): ସ୍ଥାନୀୟ ମହାତ୍ମା ଗାନ୍ଧୀ ଷ୍ଟାଡିୟମ୍‌ରେ ଏମଏଭି ସ୍କୁଲ୍ ଆନୁକୂଲ୍ୟରେ ଚାଲିଥିବା ‘ସିଆଇଏସଇ’ର ୧୭ବର୍ଷରୁ କମ୍ ରାଜ୍ୟସ୍ତରୀୟ କ୍ରିକେଟ୍ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ କଟକ-ଭୂବନେଶ୍ୱର ବନାମ ବ୍ରହ୍ମପୁର ଜୋନ ମଧ୍ୟରେ ଖେଳାଯାଇଥିଲା। କଟକ-ଭୂବନେଶ୍ୱର ଜୋନ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ଓଭରରେ ୧୧୫ରନ ସଂଗ୍ରହ କରିଥିଲେ। ପ୍ରତ୍ୟୁତ୍ତରରେ ବ୍ରହ୍ମପୁର ଜୋନ ଦଳ ମାତ୍ର ୭୫ରନ ସଂଗ୍ରହ କରି ପରାଜୟ ସ୍ୱୀକାର କରିଥିଲା। ପ୍ରତିଯୋଗିତାରେ ରାଜ୍ୟର ୬ଟି ଜୋନ ଅଂଶଗ୍ରହଣ କରିଥିବା ବେଳେ କଟକ-ଭୂବନେଶ୍ୱର ଜୋନ ଚାମ୍ପିଆନ ଓ ବ୍ରହ୍ମପୁର ଜୋନ ରନର୍ସ ଅପ ହୋଇଥିଲା। ସେହିଭଳି ତୃତୀୟ ସ୍ଥାନ ପାଇଁ ଝାରସୁଗୁଡା ଓ ବାଲେଶ୍ୱର ଜୋନ ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ଝାରସୁଗୁଡା ଜୋନ ବିଜୟୀ ହୋଇଥିଲା। ଉଦ୍‌ଯାପନୀ ତଥା ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ଏମ.ଏ.ଭି. ସ୍କୁଲର ସମ୍ପାଦକ କୁମୁଦ ରଂଜନ ପାଢୀ, ଅଧ୍ୟକ୍ଷ ଦ୍ୱାରିକାନାଥ ପଣ୍ଡା, ସିଦ୍ଧାର୍ଥ ଗଙ୍ଗଦେଓ, ଧନଞ୍ଜୟ ରେଡ୍ଡୀ, ଯୁବନେତା ଅଜୟ ମହାରଣା ଓ ଦେବବ୍ରତ ଦେଓ ପ୍ରମୁଖ ଉପସ୍ଥିତ ରହି ଉଭୟ ବିଜେତା ଓ ଉପ ବିଜେତା ଦଳକୁ ଟ୍ରଫି ପ୍ରଦାନ କରି ଉତ୍ସାହିତ କରିଥିଲେ। ମ୍ୟାଚ ଗୁଡିକୁ ସମୀର ସାହୁ, ଅଭିନାଶ ମେଡି ଓ ସୁରଜ ପାହନ ଅମ୍ପାୟର ଭାବେ ଏବଂ ବିଦ୍ୟାଳୟର କ୍ରୀଡାଶିକ୍ଷକ ସୁରେଶ ଚନ୍ଦ୍ର ପାଢିଙ୍କୁ ହରିଶଙ୍କର ପରିଡା ଓ ଦୀପକ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଆସନ୍ତା କାଲି ଠାରୁ ୧୪ବର୍ଷରୁ କମ୍ ବର୍ଗରେ କ୍ରିକେଟ ଆରମ୍ଭ ହେବାକୁ ଥିବା ବେଳେ ଏଥିରେ ମଧ୍ୟ ୬ଟି ଜୋନରୁ ଦଳ ଅଂଶଗ୍ରହଣ କରିବେ। ଏହି ଟୁର୍ଣ୍ଣାମେଣ୍ଟକୁ ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି।

**ବ୍ରହ୍ମପୁରକୁ ପରାସ୍ତ କରି କଟକ-ଭୁବନେଶ୍ୱର ଜୋନ୍ ଚାମ୍ପିଅନ**

## ୧୨ରେ ପୀତବାସ ପଣ୍ଡା ହତ୍ୟା ମାମଲାର ପରବର୍ତ୍ତୀ ଶୁଣାଣି

ବ୍ରହ୍ମପୁର,୪।୮ (ସମିସ)

ପିତବାସ ପଣ୍ଡା ହତ୍ୟା ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୧୨ତାରିଖକୁ ଧାର୍ଯ୍ୟ ହୋଇଛି। ସ୍ଥାନୀୟ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ (ତୃତୀୟ) ବିବସ୍ୱତ ଗୌତମଙ୍କ କୋର୍ଟରେ ଏହି ମାମଲାର ଶୁଣାଣି ଜାରି ରହିଛି। ମାମଲାରେ ଗିରଫ ୧୬ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ୧୪ଜଣଙ୍କ ଡିସଚାର୍ଜ ପିଟିସନ ଉପରେ ଶୁଣାଣି ଶେଷ ହୋଇସାରିଥିବା ବେଳେ ଆଜି ମଦନ ଦଳେଇ ଓ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ପିଟିସନ ଉପରେ ଶୁଣାଣି ହେବାକୁ ଥିଲା। ତେବେ ବିକ୍ରମଙ୍କ ଓକିଲଙ୍କ ଅନୁପସ୍ଥିତି ଓ ଅନ୍ୟାନ୍ୟ କାରଣରୁ ଏହି ଶୁଣାଣି ସମ୍ଭପର ହୋଇନଥିଲା। ଏଣୁ ଆସନ୍ତା ୧୨ତାରିଖରେ ମାମଲାର ଶୁଣାଣି କରିବାକୁ କୋର୍ଟ ଦିନ ଧାର୍ଯ୍ୟ କରିଛନ୍ତି। ସେପଟେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା କୁରୁପତି ଭୂୟାଁଙ୍କ ପାଇଁ କପିଳେଶ୍ୱର ପଟ୍ଟନାୟକ ନୂତନ କରି ଓକାଲତନାମା ସ୍ୱାକ୍ଷର କରିଥିବାରୁ କୁରୁପତିଙ୍କ ଡିସଚାର୍ଜ ପିଟିସନ ଉପରେ ସେ ନିଜର ପକ୍ଷ ରଖିବାକୁ କୋର୍ଟରେ ନିବେଦନ କରିଥିଲେ। ଅନ୍ୟପକ୍ଷରେ ଏହି ମାମଲାରେ ଗିରଫ ହୋଇ ଫୁଲବାଣୀ ଜେଲରେ ଥିବା ବ୍ରହ୍ମପୁରର ପୂର୍ବତନ ମେୟର ଶିବଶଙ୍କର ଦାଶ ଓରଫ୍ ପିଣ୍ଟୁଙ୍କ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ତାଙ୍କୁ ଏମକେସିଜି ମେଡିକାଲରେ ଚିକିତ୍ସା ପାଇଁ ସ୍ଥାନାନ୍ତର କରିବାକୁ କୋର୍ଟରେ ପିଣ୍ଟୁଙ୍କ ଓକିଲ କୃଷ୍ଣପ୍ରସାଦ ପଟ୍ଟନାୟକ ଏକ ଆବେଦନ କରିଛନ୍ତି। ଆବେଦନର ଶୁଣାଣି କରି କୋର୍ଟ ଜେଲ କର୍ତ୍ତୃପକ୍ଷଙ୍କ ଠାରୁ ପିଣ୍ଟୁଙ୍କ ସ୍ୱାସ୍ଥ୍ୟଗତ ରିପୋର୍ଟ ତଲବ କରିଥିବା ଓକିଲ କୃଷ୍ଣ ପଟ୍ଟନାୟକ ସୂଚନା ଦେଇଛନ୍ତି। ସେହିଭଳି ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ହୋଇଥିବା କର୍ପୋରେଟର ମଳୟ ବିଶୋୟୀଙ୍କ ପକ୍ଷରୁ ହୋଇଥିବା ସର୍ତ୍ତମୂଳକ ତଥା ଆନ୍ତରୀଣ ଜାମୀନ ଆବେଦନକୁ କୋର୍ଟ ଖାରଜ କରିଛନ୍ତି। ଆସନ୍ତା ୧୨ତାରିଖରେ ଅଭିଯୁକ୍ତଙ୍କ ଡିସଚାର୍ଜ ପିଟିସନ ଉପରେ ଶେଷ ଶୁଣାଣି ହେବ ଏବଂ ତାହାପରେ ଏନେଇ କୋର୍ଟ ରାୟ ପ୍ରକାଶ କରିବାର ସମ୍ଭାବନା ରହିଛି।

**‘ମଳୟ’ଙ୍କ ଜାମିନ ଆବେଦନ ଖାରଜ, ଚିକିତ୍ସା ପାଇଁ ଏମ୍‌କେସିଜିକୁ ସ୍ଥାନାନ୍ତର ପାଇଁ ‘ପିଣ୍ଟୁ’ଙ୍କ ଆବେଦନ**

## ଏମ୍‌କେସିଜି ମେଡିକାଲରେ ୪ଦିନିଆ ପ୍ରଶିକ୍ଷଣ ଶିବିର



ବ୍ରହ୍ମପୁର,୪।୮ (ସମିସ): ଏମକେସିଜି ମେଡ଼ିକାଲ କଲେଜ ଓ ହସ୍ପିଟାଲରେ ଲାବୋରେଟୋରୀ ମେନେଜମେଣ୍ଟ ସିଷ୍ଟମ ଏବଂ ଇଣ୍ଟରନାଲ ଅଡିଟକୁ ନେଇ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମେଡ଼ିକାଲର ବାୟୋକେମିଷ୍ଟ୍ରି ବିଭାଗ ମୁଖ୍ୟ ପ୍ରଫେସର ଡ଼ା. ନିରୁପମା ଦେବୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଏମକେସିଜି ମେଡ଼ିକାଲ କଲେଜ ଓ ହସ୍ପିଟାଲ ଡ଼ିନ ପ୍ରଫେସର ଡ଼ା. ହରିକ୍ରିଷ୍ଣା ଦଳେଇ ଓ ଅଧୀକ୍ଷକ ପ୍ରଫେସର ଡ଼ା. ସୁଦୀପା ଦାଶ ଯୋଗଦେଇ ଶିବିରକୁ ଶୁଭାରମ୍ଭ କରିଥିଲେ। ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲର ବାୟୋକେମିଷ୍ଟ୍ରି ବିଭାଗ ଓ ଦିଲ୍ଲୀସ୍ଥିତ ମେଡିକାଲ ଏଡୁକେସନ ଆଣ୍ଡ ଲର୍ଣ୍ଣିଂ ପଏଣ୍ଟ ସହଯୋଗରେ ଉକ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଉକ୍ତ ପ୍ରଶିକ୍ଷଣ ଶିବିର ଚଳିତ ମାସ ୪ ଠାରୁ ୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଶିବିରରେ ମେଡିକାଲ ଏଡୁକେସନ ଆଣ୍ଡ ଲର୍ଣ୍ଣିଂ ପଏଣ୍ଟର ସଭାପତି ଡ଼ା. ନିରଜ ଜୈନ୍ ଉପସ୍ଥିତ ରହି ଲାବରେଟରୀ ପରିଚାଳନା ବ୍ୟବସ୍ଥା, ଗୁଣାସକ ମାନ ନିୟନ୍ତ୍ରଣ, ଆଭ୍ୟନ୍ତରୀଣ ଅଡିଟ୍ ପ୍ରକ୍ରିୟା, ଆନ୍ତର୍ଜାତୀୟ ମାନଦଣ୍ଡ ପାଳନ ଓ ରୋଗ ନିର୍ଣ୍ଣୟସେବାର ଗୁଣବତ୍ତା ବୃଦ୍ଧି ସମ୍ପର୍କିତ ବିଭିନ୍ନ ବିଷୟ ଉପରେ ବିଶେଷଜ୍ଞମାନେ ଆଲୋଚନା କରିବେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ମେଡିକାଲ କଲେଜର ଲାବରେଟରୀ ସେବାକୁ ଆଇଏସଓ ମାନଦଣ୍ଡ ଅନୁଯାୟୀ ଅଧିକ ସୁଦୃଢ଼ ଓ ରୋଗୀକେନ୍ଦ୍ରିକ କରିବା ସହ ଲାବରେଟରୀ କର୍ମଚାରୀ ଓ ସମ୍ପୃକ୍ତ ଅଧିକାରୀଙ୍କ ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱାରୋପ କରାଯିବ। ଅନ୍ୟମାନଙ୍କ ମଧ୍ୟରେ ମେଡ଼ିକାଲ ପାଥୋଲୋଜି ବିଭାଗର ମୁଖ୍ୟ ପ୍ରଫେସର ଡ଼ା. ସୁଲତା ଚୌଧୁରୀ, ଆଇକ୍ରୋବାୟୋଲୋଜି ବିଭାର ମୁଖ୍ୟ ପ୍ରଫେସର ଡ଼ା. ସଂଘମିତ୍ରା ପାଢ଼ୀଙ୍କ ସମେତ ରାଜ୍ୟର ବିଭିନ୍ନ ମେଡ଼ିକାଲ କଲେଜ ଓ ହସ୍ପିଟାଲର ଡ଼ାକ୍ତର ଉପସ୍ଥିତ ଥିଲେ।

■ ଅଲ୍ ଓଡ଼ିଶା ମେଡିକାଲ୍ ପିଜି ପରୀକ୍ଷା ପେପର୍ ଲିକ୍ ଘଟଣା

## ଆଜି ଏମ୍‌କେସିଜି ଗସ୍ତରେ ଆସିବ ଉଚ୍ଚସ୍ତରୀୟ କମିଟି

ବ୍ରହ୍ମପୁର,୪।୮ (ସମିସ): ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧିନରେ ଥିବା ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ(ଓୟୁଏଚଏସ) ଦ୍ୱାରା ପରିଚାଳିତ ଅଲ୍ ଓଡ଼ିଶାରେ ମେଡ଼ିକାଲ ପିଜି ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ଘଟଣାର ୩ଟି ପୃଥକ ପୃଥକ ତଦନ୍ତ ଜାରି ରହିଛି। ରାଜ୍ୟ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଏକ ୩ଜଣିଆ ଉଚ୍ଚସ୍ତରୀୟ କମିଟି ଗଠିତ ହୋଇଥିବା ବେଳେ ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ନିର୍ଦ୍ଦେଶରେ ଏମକେସିଜି ମେଡିକାଲ କଲେଜ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏକ ୫ଜଣିଆ ତଦନ୍ତ କମିଟି ଗଠିତ ହୋଇଥିଲା। ସେହିଭଳି ଘଟଣାରେ କ୍ରାଇମ ବ୍ରାଞ୍ଚ ତଦନ୍ତ କରିବ ବୋଲି ଜଣାପଡିଛି। ଇତି ମଧ୍ୟରେ ଏମକେସିଜି ଦ୍ୱାରା ଗଠିତ କମିଟି ନିଜର ତଦନ୍ତ ରିପୋର୍ଟ ଡିନଙ୍କ ଜରିଆରେ ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ପଠାଇ ସାରିଛି। ଆସନ୍ତା ବୁଧବାର ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ ୩ଜଣିଆ ଉଚ୍ଚସ୍ତରୀୟ କମିଟି ଏମକେସିଜି ମେଡ଼ିକାଲ ଆସିବାର କାର୍ଯ୍ୟକ୍ରମ ରହିଛି। କମିଟିର ଅଧ୍ୟକ୍ଷ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ସଚିବ ବିଜୟ କୁମାର ଦାଶ ଥିବାବେଳେ ବିଭାଗର ସ୍ୱତନ୍ତ୍ର ସଚିବ ଡ଼ା. ବିଜୟ କୁମାର ମିଶ୍ର ଓ ଯୁଗ୍ମ ଡ଼ିଏମଇଟି ଡ଼ା. ଅନିଲ କୁମାର ସାହୁ ସଦସ୍ୟ ରହିଛନ୍ତି।

## ସଂସ୍କୃତ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବ୍ରହ୍ମପୁର,୪।୮ (ସମିସ): ସ୍ଥାନୀୟ ସିଟି ହାଇସ୍କୁଲରେ ଏକ ଅବସରକାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋପାଳ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରରେ ସଂସ୍କୃତ ଶିକ୍ଷକ ପଣ୍ଡିତ ସୀମାଞ୍ଚଳ ତ୍ରିପାଠୀ ଅବସର ଗ୍ରହଣ କରିଥିବା ବେଳେ ବିଦ୍ୟାଳୟ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶ୍ରୀ ତ୍ରିପାଠୀ ଦୀର୍ଘ ୩୭ ବର୍ଷ ଧରି ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକତା କରିଆସୁଥିବା ୨୦୦୧ ମସିହାରେ ସିଟି ହାଇସ୍କୁଲରେ



ଯୋଗ ଦେଇଥିଲେ। ସେ ଜଣେ ପରୋପକାରୀ, ବିଦ୍ୟାର୍ଥୀ ପ୍ରିୟ ଶିକ୍ଷକ ରୂପେ ସ୍ୱତନ୍ତ୍ର ପରିଚୟ ହାସଲ କରିଛନ୍ତି। ବେଦବ୍ୟାସ ସହ ସଂସ୍କୃତ ଶିକ୍ଷାଦାନ, ସମୟାନୁବର୍ତ୍ତିତା ପାଇଁ ପିଲାଙ୍କର ପ୍ରିୟ ହୋଇପାରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ଉପସ୍ଥିତ ଥିଲେ।

**ଗୋଳନ୍ଥରା ଘରୋଇ କଲେଜରେ ଛାତ୍ରୀଙ୍କ ସନ୍ଦେହଜନକ ଆତ୍ମହତ୍ୟା ଘଟଣା**

## ବାରମ୍ବାର କୋର୍ଟ ନୋଟିସ ପରେ ବି ପୁଲିସ ଦାଖଲ କରୁନି ‘ସିଡି’

ବ୍ରହ୍ମପୁର,୪।୮ (ସମିସ)

ଗୋଳନ୍ଥରା ସ୍ଥିତ ଏକ ଘରୋଇ କଲେଜରେ ଛାତ୍ରୀଙ୍କ ସନ୍ଦେହଜନକ ଆତ୍ମହତ୍ୟା ଘଟଣାରେ କୋର୍ଟରୁ ବାରମ୍ବାର ନୋଟିସ ସତ୍ତ୍ୱେ ପୁଲିସ ଅପଡେଟ ‘ସିଡି’ ବା କେସ ଡାଏରୀ ଦାଖଲ କରୁନଥିବା ଜଣାପଡିଛି। ଇତି ମଧ୍ୟରେ କୋର୍ଟରୁ ଗତ ୧୭ ଏବଂ ୨୩ତାରିଖରେ ଦୁଇ ଦୁଇଥର ନୋଟିସ ଜାରି ହୋଇସାରିଥିଲେ ହେଁ ଏପର୍ଯ୍ୟନ୍ତ ତାହାକୁ ଦାଖଲ କରାଯାଇନଥିବା ଜଣାପଡିଛି। ଫଳରେ ଆଜି ଜିଲ୍ଲା ଓ ଦୌରାଜଜ୍‌ଙ୍କ କୋର୍ଟରେ ଗିରଫ ଅଭିଯୁକ୍ତ ବିଶ୍ୱଜିତ ଜେନାଙ୍କ ଜାମୀନ ଆବେଦନ ଉପରେ ହେବାକୁ ଥିବା ଶୁଣାଣି ସମ୍ପୂର୍ଣ୍ଣ ହୋଇପାରିଲା ନାହିଁ। ଜିଲ୍ଲା ଓ ଦୌରାଜଜ୍‌ଙ୍କ ଅନୁପସ୍ଥିତିରେ ଏହି ମାମଲାର ବିଚାରଣା ଆଜି ସ୍ୱତନ୍ତ୍ର ବିଚାରପତି (ଭିଜିଲାନ୍ସ) ଜ୍ଞାନେନ୍ଦ୍ର କୁମାର ବାରିକଙ୍କ କୋର୍ଟରେ ହୋଇଥିଲା। ତେବେ ଅପଡେଟ ସିଡି ଆସିନଥିବାରୁ ଶୁଣାଣିକୁ ଆସନ୍ତା ୬ତାରିଖକୁ ରଖିବାକୁ କୋର୍ଟ ଦିନ ଧାର୍ଯ୍ୟ କରିଛନ୍ତି। ମାମଲାରେ ଗିରଫ ଅଭିଯୁକ୍ତ ବିଶ୍ୱଜିତ ଜେନା ଖଣି ମନ୍ତ୍ରୀ ବିଭୂତି ଜେନାଙ୍କ ପୁତୁରା ହୋଇଥିବାରୁ ପୁଲିସ ଚାପରେ ଥିବା ନେଇ ଆଲୋଚନା ହେଉଛି। ଯଦ୍ୱାରା କୋର୍ଟରୁ ବାରମ୍ବାର ନୋଟିସ ସତ୍ତ୍ୱେ ପୁଲିସ ବିଭିନ୍ନ ଆଳରେ କେସ ଡାଏରୀ ଦାଖଲ କରୁନଥିବା ଅଭିଯୋଗ ହୋଇଛି। ନିର୍ଦ୍ଧାରିତ ସମୟରେ ସିଡି ଦାଖଲ ନହେଲେ ଅଭିଯୁକ୍ତକୁ ଜାମୀନ ମିଳିବାରେ ସୁବିଧା ହେବ ଏବଂ ଚାପରେ ଥିବା ଏଥିରେ ଅବହେଳା ପ୍ରଦର୍ଶନ କରୁଥିବା ନେଇ ସାଧାରଣରେ ଆଲୋଚନା ହେଉଛି। ଏହି ମାମଲାରେ ପୁଲିସ ପୂର୍ବରୁ ମଧ୍ୟ ଅଭିଯୁକ୍ତ ବିଶ୍ୱଜିତ ଜେନାଙ୍କ ଫଟୋକୁ ଅନ୍ୟ ମାମଲାର ଅଭିଯୁକ୍ତଙ୍କ ଭଳି ସାର୍ବଜନୀନ କରିନଥିଲା। ଏଣୁ ପୁଲିସ ଚାପରେ ରହି ଏଭଳି କରୁଥିବା ନେଇ ସନ୍ଦେହ ଦୃଢିଭୂତ ହୋଇଛି। ଏବେ ଦେଖିବାକୁ ରହିଲା ଆସନ୍ତା ୬ତାରିଖ ସୁଦ୍ଧା ପୁଲିସ କୋର୍ଟରେ ସିଡି ଦାଖଲ କରୁଛି ଅଥବା ନାହିଁ।

- ■ ଖଣି ମନ୍ତ୍ରୀଙ୍କ ପୁତୁରା ‘ବିଶ୍ୱଜିତ୍’ଙ୍କୁ ଜାମିନ ପ୍ରଦାନରେ ପରୋକ୍ଷରେ ସହଯୋଗ କରୁଛି କି ପୁଲିସ?
- ■ ‘କେସ ଡାଏରୀ’ ଦାଖଲ ନହେବାରୁ ବିଚାରଣାରେ ସୃଷ୍ଟି ହୋଇଛି ବାଧା, ପରବର୍ତ୍ତୀ ଶୁଣାଣି ୬ରେ

